# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୧୭/୨୦୧୯ (୨୦ପୃଷ୍ଠା) Sambalpur, Tuesday, December 17 / 2019 ★★

୧୬ଶ ଭାଗ ୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ସୁବ୍ରତଙ୍କୁ ଟାଇଟଲ**

ବିହାରର ପାଟଣାରେ ଅନୁଷ୍ଠିତ ଇଷ୍ଟ ଇଣ୍ଡିଆ ଓପନ ସ୍ନୁକର ପ୍ରତିଯୋଗିତାରେ ଟାଇଟଲ ହାସଲ କରିଛନ୍ତି ଓଡ଼ିଶା କ୍ୟୁସ୍ପୋର୍ଟ୍ସ ତାରକା ସୁବ୍ରତ ଦାସ।

୧୮

୧୪

**'କବୀର ସିଂ'କୁ ନେଇ କିୟାରାଙ୍କ ପ୍ରତିକ୍ରିୟା**

ଶାହାଦ୍ କପୁର ଏବଂ କିୟାରା ଆଡ୍‌ଭାନୀ ଅଭିନୀତ ବଲିଉଡ୍ ଫିଲ୍ମ 'କବୀର ସିଂ' ବିବାଦରେ ରହିଥିଲା। କିୟାରା ନିଜେ ମଧ ଫିଲ୍ମର କିଛି ଦୃଶ୍ୟକୁ ନେଇ ଠିକ୍ ଅନୁଭବ କରି ନ ଥିବା କହିଛନ୍ତି।



**ଆଜିର ସମ୍ପାଦକୀୟ**

**ପ୍ଲାଷ୍ଟିକ ଦିଅ, ଭାତ ଖାଅ**

**ଆଜିର ମନ୍ତବ୍ୟ**

"ଗଣ ଧ୍ରୁବୀକରଣ ଲାଗି ନାଗରିକତ୍ୱ ଆଇନ, ଏନ୍‌ଆର୍‌ସି ଭାରତରେ ଫାସିବାଦୀଙ୍କ ଅସ୍ତ୍ର।

–ରାହୁଲ ଗାନ୍ଧୀ, କଂଗ୍ରେସ ନେତା





Vencobb FRESH CHICKEN

16.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 87 | 141 | 151 |
| CTC | 87 | 141 | 151 |
| DKL | 88 | 142 | 152 |
| BDK | 83 | 136 | 146 |
| BLS | 83 | 136 | 146 |
| ANG | 89 | 144 | 154 |
| BHM | 90 | 145 | 155 |

*Conditions Apply

Issued in the Interest of Consumers


## ■ ଲଘୁ ଖଣିଜ ସମ୍ପଦ ରୋକିବାକୁ ପ୍ରୟାସ

# ଚୋରି ଜଗିବେ ଖଣି ଅଧିକାରୀ

**ଭୁବନେଶ୍ୱର,୧୬।୧୨ (ବ୍ୟୁରୋ)**

କେବଳ ଲୁହାପଥର, ମାଙ୍ଗାନିଜ୍, କ୍ରୋମାଇଟ ଭଳି ବୃହତ୍ ଖଣିଜ ସମ୍ପଦ ଚୋରି ହେଉ ନାହିଁ। ରାଜ୍ୟର ବିଭିନ୍ନ ଜିଲାରେ ଥିବା ବାଲି, ମୋରମ, ମାଙ୍କଡ଼ା ପଥର, ମୁଗୁନି ପଥର, ମାଟି, ଚୂନପଥର ଭଳି ଅନେକ ଲଘୁଖଣିଜ ପଦାର୍ଥ ମଧ ଅତିମାତ୍ରାରେ ଲୁଟ୍ ହେଉଛି। ବିଭିନ୍ନ ନଦୀର ବାଲିଘାଟକୁ ମାଫିଆମାନେ ନିଜ କବ୍‌ଜାକୁ ନେଇ ରାଜ୍ୟ ବାହାରକୁ ଚୋରା ଚାଲାଣ କରୁଛନ୍ତି। ଏଥିଯୋଗୁ ରାଜକୋଷକୁ ବହୁ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡୁଛି। ଏହାକୁ ନେଇ ଅନେକ ସମୟରେ ବିରୋଧୀ ଦଳ ସଦସ୍ୟମାନେ ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରି ଆସୁଛନ୍ତି। ରାଜ୍ୟ ସରକାର ଲଘୁ ଖଣିଜ ପଦାର୍ଥ ଚୋରିକୁ ପୂର୍ବରୁ ସେତେଟା ଗୁରୁତ୍ୱ ଦେଉ ନ ଥିଲେ। ଏଣିକି ବାଲି, ଗୋଡ଼ି, ମୋରମ, ପଥର ଭଳି ଖଣିଜ ପଦାର୍ଥର ଚୋରା ଚାଲାଣକାରୀଙ୍କ ବିରୋଧରେ ହେବ କଠୋର କାର୍ଯ୍ୟାନୁଷ୍ଠାନ। ଚୋରି ରୋକିବା ପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଓଡିଶା ଲଘୁ ଖଣିଜ ଚୋରି ଓ ଚୋରା ଚାଲଣ ରୁଲ- ୨୦୧୯(ଓଏମଏମପିଟିସି) ଆଣିବାକୁ

- ■ **ଗଠନ ହେବ ଲଘୁ ଖଣିଜ ନିର୍ଦ୍ଦେଶାଳୟ**
- ■ **୩୦ ଜିଲା ପାଇଁ ୧୫ ଅଧିକାରୀ ନେବେ ଦାୟିତ୍ୱ**
- ■ **ଲୁଟ୍ ରୋକିବାକୁ ଆସିବ ନୂଆ ନିୟମ ଓଏମ୍‌ଏମ୍‌ପିଟିଏସ୍**

ଯାଉଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ନେଇ ଚିଠା(ଡ୍ରାଫ୍ଟ) ରୁଲ ପ୍ରସ୍ତୁତ ହୋଇଛି। ଏଥିରେ ଚୋରି ରୋକିବାକୁ ତହସିଲ ସ୍ତରରେ ଏନଫୋର୍ସମେଣ୍ଟ ସେଲ କାର୍ଯ୍ୟକାରୀ ହେବ। ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଏନଫୋର୍ସମେଣ୍ଟ ସେଲ କାର୍ଯ୍ୟ କରିବ। ବୃହତ୍ ଖଣିଜ ପଦାର୍ଥ ଭଳି ରାଜ୍ୟର ସମସ୍ତ ଲଘୁ ଖଣିଜ ପଦାର୍ଥ ପାଇଁ ପ୍ରତ୍ୟେକ ଜିଲା ଅନୁଯାୟୀ ଯୋଜନା ପ୍ରସ୍ତୁତ ହେବ। ଏ ନେଇ ସମସ୍ତ ଜିଲାପାଳଙ୍କୁ ମଧ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ କେଉଁ ଜିଲାରେ କେତେ ଲଘୁଖଣିଜ ସମ୍ପଦ ରହିଛି ସେସବୁର ଜିଲାସ୍ତରୀୟ ସର୍ଭେ ହେବ । କ୍ଷେତ୍ର ସର୍ଭେ ସହ ଡିଜିପିଏସ ସର୍ଭେ କରାଯିବ। ବ୍ଲକ, ତହସିଲ ଏବଂ ବାଲି ଗୋଡି ଉଠାଣ ହେଉଥିବା ସ୍ଥାନରେ ୱେ ବ୍ରିଜ ସ୍ଥାପନ କରାଯାଇ ଚୋରା ଚାଲାଣ ଉପରେ ନଜର ରଖାଯିବ। ସବ୍‌ଡିଭିଜନ, ତହସିଲ, ଜିଲା ଓ ରାଜ୍ୟସ୍ତରରେ ଚୋରି ରୋକିବାକୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଏବଂ ଫ୍ଲାଇଂ ସ୍କ୍ୱାଡ ଗଠନ କରାଯିବ। ଖଣିଜ ପଦାର୍ଥ ଉତ୍ତୋଳନ ପରିବହନରେ ସ୍ୱଚ୍ଛତା ଆଣିବା ପାଇଁ ସିସିଟିଭି ଏବଂ ଡିଜିପିଏସର ବ୍ୟବହାର କରାଯିବ। ରାଜସ୍ୱ ନିରୀକ୍ଷକ ଏବଂ ଅମିନ ଏନଫୋର୍ସମେଣ୍ଟ କାର୍ଯ୍ୟକୁ ତଦାରଖ କରିବେ। ଚୋରା କିମ୍ବା ବେଆଇନ ଭାବେ ଖଣିଜ ପଦାର୍ଥ ଚାଲାଣ କରୁଥିବା ବ୍ୟକ୍ତିଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯିବ। ଏପରି କି ଉଭୟ ଜରିମାନା ଓ ଜେଲ ଦଣ୍ଡରେ ଦଣ୍ଡିତ କରାଯିବ। ଅଧିକ ଲଘୁ ଖଣିଜ ପଦାର୍ଥ ଚୋରି ହେଉଥିବା ସ୍ଥାନଗୁଡ଼ିକୁ ଚିହ୍ନଟ କରାଯିବ। ଜିଲାପାଳ ଜିଲାର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ଚିହ୍ନଟ କରି ଜଣାଇବେ । ଲଘୁ ଖଣିଜ ପଦାର୍ଥ ପାଇଁ ସ୍ୱତନ୍ତ୍ର କୌଣସି ବ୍ୟବସ୍ଥା ନ ଥିଲା। ଆବଶ୍ୟକ କର୍ମଚାରୀ ନ ଥିବାରୁ ଏହି ଖଣିଜ ସମ୍ପଦର ସୁରକ୍ଷା କରାଯାଇ ପାରୁ ନ ଥିଲା। ଲଘୁଖଣିଜ ପାଇଁ ଖଣି ନିର୍ଦ୍ଦେଶାଳୟ ଭଳି ଏକ ଲଘୁ ଖଣିଜ ନିର୍ଦ୍ଦେଶାଳୟ ଗଠନ କରାଯିବ। ସଚିବାଳୟରେ ଏହି ଖଣି ନିର୍ଦ୍ଦେଶାଳୟ କାର୍ଯ୍ୟ କରିବ। ଲଘୁଖଣିଜ ପଦାର୍ଥ ଚୋରି ରୋକିବା ପାଇଁ ୧୫ ଜଣ ପୂର୍ବତନ ଖଣି ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ସେମାନେ ୩୦ଟି ଜିଲା ଦାୟିତ୍ୱରେ ରହିବେ। ଅବସର ନେଇ ଥିବା ଖଣି ଅଧିକାରୀମାନଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯିବ। ସେମାନେ ନିୟମିତ ଜିଲା ପରିଦର୍ଶନ କରି ଲଘୁ ଖଣିଜ ପଦାର୍ଥ ନିଲାମ ଓ ଚୋରି ଉପରେ ନଜର ରଖିବେ। ଏଥିସହିତ ଖଣି ବିଶେଷଜ୍ଞମାନଙ୍କୁ ମଧ ନିଯୁକ୍ତି ଦିଆଯିବ। ଲଘୁ ଖଣିଜ ପଦାର୍ଥ ଚୋରିକୁ ରୋକିବା ପାଇଁ ଖଣି ଓ ଇସ୍ପାତ ବିଭାଗ ଏବଂ ରାଜସ୍ୱ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ। ଖଣି ଓ ଇସ୍ପାତ ସଚିବ ଏହାକୁ ନିୟମିତ ମନିଟରିଂ କରିବେ। ଲଘୁ ଖଣିଜ ପଦାର୍ଥ ତାଲିକାରେ ୩୧ଟି ଖଣିଜ ପଦାର୍ଥ ରହିଛି। ଓଡ଼ିଶାରେ ବାଲି, ମାଟି, ମୋରମ ଭଳି ୧୦ ପ୍ରକାରର ଲଘୁ ଖଣିଜ ପଦାର୍ଥ ଉପଲବ୍ଧ ହେଉଛି। ଖଣିଜ ପଦାର୍ଥ ଲିଜ୍ ନେବାକୁ ☞ ପୃଷ୍ଠା–୪

## ଥମୁନି ସିଏଏ, ଏନ୍‌ଆର୍‌ସି ତାତି



ଛାତ୍ରୀଛାତ୍ରଙ୍କୁ ସମର୍ଥନ ଜଣାଇ ପ୍ରିୟଙ୍କା ଗାନ୍ଧୀ ଧାରଣାରେ ବସିଛନ୍ତି।

**ନୂଆଦିଲ୍ଲୀ/କୋଲକାତା, ୧୬।୧୨(ପି.ଟି.)**

ଦେଶରେ ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ବିରୋଧୀ ଆନ୍ଦୋଳନ ଥମିବାର ନାଁ ନେଉନି। ଉତ୍ତରପୂର୍ବାଞ୍ଚଳ ପରେ ଏହି ଆନ୍ଦୋଳନ ପଶ୍ଚିମବଙ୍ଗ, ଦିଲ୍ଲୀ ପ୍ରଭୃତିରେ ଉଗ୍ର ରୂପ ନେଇଥିବାବେଳେ ଅନ୍ୟ କେତେକ ରାଜ୍ୟକୁ ମଧ ବ୍ୟାପିଲାଣି। ବଞ୍ଚିଥିବା ଯାଏ ପଶ୍ଚିମବଙ୍ଗରେ ସିଏଏ ଏବଂ ଏନ୍‌ଆର୍‌ସି ଲାଗୁ କରାଇଦେବେନି ବୋଲି କୋଲକାତାରେ ଆୟୋଜିତ ବିଶାଳ ରାଲିରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରତିଜ୍ଞା କରିଛନ୍ତି। ସାହସ ଥିଲେ ତାଙ୍କ ସରକାରକୁ ଭାଙ୍ଗିଦେବା

- ■ **ଜାମିଆରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ବିରୋଧ**
- ■ **କୋଲକାତାରେ ମମତାଙ୍କ ବିଶାଳ ରାଲି**
- ■ **ଧାରଣାରେ ବସିଲେ ପ୍ରିୟଙ୍କା**

ପାଇଁ ମମତା କେନ୍ଦ୍ରକୁ ଆହ୍ୱାନ ଦେଇଛନ୍ତି। ଅପରପକ୍ଷରେ ସିଏଏ ବିରୋଧରେ ଆନ୍ଦୋଳନ ଚଳାଇଥିବା ଜାମିଆ ମିଲିଆ ଇସ୍‌ଲାମିଆ ସମେତ ଅନ୍ୟ କେତେକ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସମର୍ଥନ ଜଣାଇ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନେତୃତ୍ୱରେ ଦଳୀୟ ନେତାମାନେ ☞ ପୃଷ୍ଠା–୪






“ନରେନ୍ଦ୍ର ମୋଦି ସରକାରଙ୍କ ଭୁଲ ନୀତି ଯୋଗୁ ଏବେ ଦେଶ ଜଳୁଛି। ସେ ଚାହିଁଲେ ବି ଭାରତକୁ କେବେହେଲେ ହିନ୍ଦୁ ରାଷ୍ଟ୍ର ପରିପାରିବେ ନାହିଁ।
- ପିନାରାୟୀ ବିଜୟନ, କେରଳ ମୁଖ୍ୟମନ୍ତ୍ରୀ

# ବିଭିନ୍ନ ଶିକ୍ଷାନୁଷ୍ଠାନକୁ ବ୍ୟାପିଲା ଛାତ୍ର ଆନ୍ଦୋଳନ

## ଏଏମ୍ୟୁର ୨୧ ଛାତ୍ର ଗିରଫ

ନୂଆଦିଲ୍ଲୀ,୧୬।୧୨(ପି.ଟି.)

ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ଏବଂ ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟ (ଏଏମ୍ୟୁ) ପରିସରରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସୋମବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅଧିକାଂଶ ପିଲା ସୋମବାର ପରୀକ୍ଷା ବର୍ଜନ କରିବା ସହ ଆନ୍ଦୋଳନରେ ସାମିଲ ହୋଇଥିଲେ। ଇଂରାଜୀ ବିଭାଗ ଛାତ୍ରୀଛାତ୍ର ରବିବାର ରାତିରେ ସେମାନଙ୍କ ପ୍ରଫେସରଙ୍କୁ ପତ୍ର ଲେଖି ପରୀକ୍ଷା ସ୍ଥଗିତ ରଖିବା ପାଇଁ ଅନୁରୋଧ କରିଥିଲେ। ସେମାନଙ୍କ ଅନୁରୋଧକୁ କର୍ତ୍ତୃପକ୍ଷ ଗ୍ରହଣ ନ କରିବାରୁ ଛାତ୍ରୀଛାତ୍ର ପରୀକ୍ଷା ବର୍ଜନ କରିଛନ୍ତି। ସେହିପରି ଅହମଦାବାଦ ଆଇଆଇଟିରେ ଛାତ୍ରୀଛାତ୍ର ମଧ୍ୟ ଜାମିଆ ଏବଂ ଏଏମ୍ୟୁର ଛାତ୍ରୀଛାତ୍ରଙ୍କୁ ସମର୍ଥନ କରି ସୋମବାର ଶୋଭାଯାତ୍ରା ବାହାର କରିଥିଲେ। କେବଳ ଅହମଦାବାଦ ନୁହେଁ, ବମ୍ବେ ଆଇଆଇଟି, ମାଡ୍ରାସ ଆଇଆଇଟି ଏବଂ କାନପୁର ଆଇଆଇଟିର ଛାତ୍ର ସଂଗଠନ ମଧ୍ୟ ଜାମିଆ ଏବଂ ଆଲିଗଡ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମର୍ଥନରେ ବାହାରିଥିଲେ। ଇସଲାମିକ ସେମିନାରୀ ନଦ୍ୱାତୁଲ ଉଲାମାର ପିଲାମାନେ କ୍ୟାମ୍ପସରେ ଆନ୍ଦୋଳନ କରିବା ସହ ଢେଲାମାଡ଼ କରିଥିଲେ। ପୋଲିସ ସେମାନଙ୍କୁ କ୍ୟାମ୍ପସ ବାହାରକୁ ଆସିବାକୁ ଦେଇ ନ ଥିଲା। ଢେଲାମାଡ଼ରେ ଜଣେ ଆହତ ହୋଇଥିବା ପୋଲିସ କହିଛି।



ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ଦୋଳନରତ ଜଣେ ଛାତ୍ରଙ୍କୁ ପୋଲିସ ଉଠାଇନେଉଛି।

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ବିରୋଧରେ ଏଏମ୍ୟୁ ଛାତ୍ରୀଛାତ୍ର ଆନ୍ଦୋଳନ ଚଳାଇଥିବାବେଳେ ପୋଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ପୋଲିସ ୨୧ ଛାତ୍ରଙ୍କୁ ଗିରଫ କରିଛି। ବିଶ୍ୱବିଦ୍ୟାଳୟର ସବୁ ହଷ୍ଟେଲକୁ ଖାଲି କରିବା ପାଇଁ ପୋଲିସ ନିର୍ଦ୍ଦେଶ ଦେଇଛି। ମୋଟ ୫୬ ଛାତ୍ରୀଛାତ୍ର ଓ କେତେଜଣ ଅଜଣା ବ୍ୟକ୍ତିଙ୍କ ନାଁରେ ଏତଲା ଦାଏର ହୋଇଥିବା ଆଲିଗଡ଼ ଏସ୍‌ଏସ୍‌ପି ଆକାଶ କୁଲ୍‌ହାରି କହିଛନ୍ତି। ହଷ୍ଟେଲ ଖାଲି କରିବା ପାଇଁ ୪୦ଟି ବସ୍‌କୁ ନିୟୋଜିତ କରାଯାଇଛି। ଦୂରଦୂରାନ୍ତ ପିଲାଙ୍କ ପାଇଁ ଟ୍ରେନ ବ୍ୟବସ୍ଥା ହୋଇଛି। ଆଲିଗଡ଼, ସାହାରନପୁର ଏବଂ ମୀରଟରେ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି।

ସିଏଏ ବିରୋଧରେ ରବିବାର ରାତିରେ ଆନ୍ଦୋଳନ ଚାଲିଥିବାବେଳେ ଛାତ୍ରୀଛାତ୍ରଙ୍କ ସହ ପୋଲିସର ସଂଘର୍ଷ ହୋଇଥିଲା। ଏଥିରେ ୨୦ ପୋଲିସ, ଛାତ୍ରଙ୍କ ସମେତ ପ୍ରାୟ ୭୦ ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ ଆଲିଗଡ ଡିଆଇଜି ପରମିନ୍ଦର ସିଂ ଏବଂ ଏସ୍‌ପି ଅଭିଷେକ ରହିଛନ୍ତି। କର୍ତ୍ତୃପକ୍ଷ ଜାନୁୟାରୀ ୫ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟକୁ ଛୁଟି ଘୋଷଣା କରିଛନ୍ତି। ଏହା ପୂର୍ବରୁ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟରେ ପୋଲିସ ପ୍ରବେଶ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ୫୦ରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ପୋଲିସ ଅଟକ ରଖିଥିଲା। ପୋଲିସ ମୁଖ୍ୟାଳୟ ଆଗରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ ପରେ ସେମାନଙ୍କୁ ଛାଡ଼ିଦିଆଯାଇଥିଲା। ଏହା ସତ୍ତ୍ୱେ ଜାମିଆରେ ଉତ୍ତେଜନା ଜାରି ରହିଛି।

ସୋମବାର ଜାମିଆ ମିଲିଆ ଇସ୍‌ଲାମିଆ ମେଟ୍ରୋ ଷ୍ଟେଶନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭକାରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ସେମାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

ପୋଲିସ କାର୍ଯ୍ୟାନୁଷ୍ଠାନକୁ ଯୁଦ୍ଧଭଳି ସ୍ଥିତି ବୋଲି ଜାମିଆ କର୍ତ୍ତୃପକ୍ଷ କହିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛନ୍ତି।

## ପୋଲିସ କାର୍ଯ୍ୟାନୁଷ୍ଠାନ: ସୁପ୍ରିମକୋର୍ଟରେ ଶୁଣାଣି ଆଜି

- ଦିଲ୍ଲୀ ହାଇକୋର୍ଟରେ ପିଟିଶନ
- ବିଚାର ବିଭାଗୀୟ ତଦନ୍ତ ଦାବି
- ବିକ୍ଷୋଭ ନାଁରେ ହିଂସାକୁ ବରଦାସ୍ତ କରାଯିବନି: ସିଜେଆଇ

ନୂଆଦିଲ୍ଲୀ,୧୬।୧୨(ପି.ଟି.)

ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ପରିସରରେ ପୋଲିସ ପ୍ରବେଶ କରି ଛାତ୍ରୀଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି। ଏହାର ବିଚାର ବିଭାଗୀୟ ତଦନ୍ତ ପାଇଁ ବିଭିନ୍ନ ଦଳ ପକ୍ଷରୁ ଦାବି ହୋଇଛି। ଜାମିଆ ଛାତ୍ରୀଛାତ୍ରଙ୍କ ସମର୍ଥନରେ ବିଭିନ୍ନ ଶିକ୍ଷାନୁଷ୍ଠାନର ପିଲାମାନେ ରାସ୍ତାକୁ ଓହ୍ଲାଇଛନ୍ତି। ତେବେ ସଂଶୋଧିତ ନାଗରିକତ୍ୱ ଆଇନ ବିରୋଧରେ ଆନ୍ଦୋଳନ ନାଁରେ ହିଂସାକାଣ୍ଡ ଓ ସର୍ବସାଧାରଣ ସମ୍ପତ୍ତି ନଷ୍ଟକୁ ସୁପ୍ରିମକୋର୍ଟ ଗୁରୁତର ସହ ନେଇଛନ୍ତି। ଏହା ତୁରନ୍ତ ବନ୍ଦ ହେବା ଦରକାର ବୋଲି ଅଦାଲତ ମତ ଦେଇଛନ୍ତି।

ଜାମିଆ ଏବଂ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟରେ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ଉପରେ ପୋଲିସର ଅତ୍ୟାଚାର ବିରୋଧରେ ହୋଇଥିବା ଆବେଦନର ବିଚାର ମଙ୍ଗଳବାର କରିବାକୁ ସୁପ୍ରିମକୋର୍ଟ ରାଜି ହୋଇଛନ୍ତି। ଆମେ କେବଳ ହିଂସା ବନ୍ଦ ହେବା ଚାହୁଁ। ଆନ୍ଦୋଳନ ନାଁରେ ହିଂସାକୁ ବରଦାସ୍ତ କରାଯିବନି। ଯଦି ହିଂସାକାଣ୍ଡ ଓ ସାଧାରଣ ସମ୍ପତ୍ତି ଭଙ୍ଗାରୁଜା ଜାରି ରହେ ତେବେ ମାମଲାର ଶୁଣାଣି କରାଯିବନି ବୋଲି ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେ କହିଛନ୍ତି। ଉକ୍ତ ଖଣ୍ଡପୀଠରେ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତ ରହିଛନ୍ତି। ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ସର୍ବୋଚ୍ଚ ଅଦାଲତ ନିଜ ଆଡୁ ମାମଲା ଭାବେ ଗ୍ରହଣ କରିବାକୁ ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ ଏବଂ କୋଲିନ ଗୋନ୍‌ସାଲଭେସ୍‌ଙ୍କ ନେତୃତ୍ୱରେ ଓକିଲମାନଙ୍କ ଏକ ଗୋଷ୍ଠୀ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ହିଂସାର ବାତାବରଣକୁ ବରଦାସ୍ତ କରାଯିବନି। ସର୍ବସାଧାରଣ ସମ୍ପତ୍ତି ଧ୍ୱଂସ କରିବା ବସ୍ ପୋଡ଼ିଦେବାର ମାନେ କ'ଣ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

ଶାନ୍ତିପୂର୍ଣ୍ଣ ବିକ୍ଷୋଭକୁ କେହି ବାଧା ଦେଇପାରିବେ ନାହିଁ। ଆମେ ହିଂସା ଚାହୁଁନାହୁଁ, ଛାତ୍ରୀଛାତ୍ରଙ୍କ ବିରୋଧରେ ହିଂସାର ଷଡ଼ଯନ୍ତ୍ର ହୋଇଥିବା ଜୟସିଂ କୋର୍ଟଙ୍କୁ କହିଥିଲେ। ପୂର୍ବତନ ବିଚାରପତିମାନଙ୍କ ଏକ କମିଟି ଆଲିଗଡ଼ ବିଶ୍ୱବିଦ୍ୟାଳୟ ଯାଇ ସ୍ଥିତି ଅନୁଧ୍ୟାନ କରିବାକୁ ଆଇନଜୀବୀ ଗୋନସାଲଭେସ୍ ଅଦାଲତଙ୍କୁ ଅନୁରୋଧ କରିଥିଲେ।

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ବିରୋଧରେ ରବିବାର ଦିଲ୍ଲୀର ଜାମିଆ ନଗରଠାରେ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକେ ବିକ୍ଷୋଭ ଚଳାଇଥିଲେ। ବିକ୍ଷୋଭକାରୀ ୪ଟି ବସ୍ ଓ ଦୁଇଟି ପୋଲିସ ଗାଡି ପୋଡିଦେଇଥିଲେ। ଦକ୍ଷିଣ ଦିଲ୍ଲୀର ନ୍ୟୁ ଫ୍ରେଣ୍ଡସ୍ କଲୋନିରେ ପୋଲିସ ସହ ବିକ୍ଷୋଭକାରୀଙ୍କ ସଂଘର୍ଷ ଘଟିଥିଲା। ଉତ୍ତ୍ୟକ୍ତ ଆନ୍ଦୋଳନକାରୀଙ୍କୁ ତଡିବା ଲାଗି ପୋଲିସ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। କେତେଜଣ ଆନ୍ଦୋଳନକାରୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ରହିଥିବା ସନ୍ଦେହରେ ପୋଲିସ ଜାମିଆ କ୍ୟାମ୍ପସରେ ପ୍ରବେଶ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

ଛାତ୍ରୀଛାତ୍ରଙ୍କ ବିରୋଧରେ ପୋଲିସର ବର୍ବରତା ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆବେଦନ ଏତେ ଜରୁରୀ ହୋଇ ନ ଥିବାରୁ ସୋମବାର ଏହା ଉପରେ ଶୁଣାଣି କରିବାକୁ ମୁଖ୍ୟ ବିଚାରପତି ଡି.ଏନ୍. ପଟେଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମନା କରିଦେଇଥିଲେ। ଆଇନଜୀବୀ ରିଜୱାନ୍ ଏବଂ ଜାମିଆ ନଗରର ଜଣେ ବାସିନ୍ଦା ଏହି ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି।

## ସଂକ୍ଷେପରେ

### ଜେଲ୍ ଗଲେ ଅଭିନେତ୍ରୀ ପାୟଲ



**କୋଟା(ରାଜସ୍ଥାନ),୧୬।୧୨:** ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଗାନ୍ଧୀ ପରିବାରର ଅନ୍ୟ ସଦସ୍ୟଙ୍କ ବିରୋଧରେ ସୋସିଆଲ ମିଡିଆରେ ବିବାଦୀୟ ମନ୍ତବ୍ୟ ଦେଇଥିବା ବଲିଉଡ୍ ଅଭିନେତ୍ରୀ ପାୟଲ ରୋହତଗୀଙ୍କୁ ସୋମବାର ଗିରଫ କରାଯାଇ କୋର୍ଟରେ ହାଜର କରାଯାଇଛି। ତାଙ୍କୁ ୮ ଦିନ ପୋଲିସ ରିମାଣ୍ଡରେ ରଖାଯିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ଥାନର ବୁନ୍ଦିର ସଦର ଥାନାରେ ଏନେଇ ଏକ ମାମଲା ଦାଏର ହୋଇଥିଲା। ମୋତିଲାଲ ନେହେରୁଙ୍କ ଉପରେ ଏକ ଭିଡ଼ିଓ ପ୍ରସ୍ତୁତ କରୁଥିବାବେଳେ ପାୟଲ ବିବାଦୀୟ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଚର୍ମେଶ ଶର୍ମା ଏନେଇ ଏକ ମାମଲା ଦାଏର କରିଥଲେ। ପାୟଲଙ୍କୁ ଅହମ୍ମଦାବାଦରୁ ଗିରଫ କରି ବୁନ୍ଦି କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କ ଜାମିନ ଆବେଦନ ନାମଞ୍ଜୁର କରିବା ସହିତ ପୋଲିସ ରିମାଣ୍ଡରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଆଜମ୍ ଖାଁଙ୍କୁ ଝଟକା
### ପୁଅଙ୍କ ବିଧାୟକ ପଦ ରଦ୍ଦକଲେ ହାଇକୋର୍ଟ

**ଆଲ୍ଲାହାବାଦ,୧୬।୧୨(ପି.ଟି.):** ସମାଜବାଦୀ ପାର୍ଟି ନେତା ଆଜମ୍ ଖାନ୍‌ଙ୍କୁ ଝଟକା ଲାଗିଛି। ଆଲ୍ଲାହାବାଦ ହାଇକୋର୍ଟ ସୋମବାର ତାଙ୍କ ପୁଅ ଅବ୍‌ଦୁଲ୍ଲା ଆଜମ୍ ଖାନ୍‌ଙ୍କ ବିଧାୟକ ପଦ ରଦ୍ଦ କରିଛନ୍ତି। ୨୦୧୭ରେ ନିର୍ବାଚନ ଲଢ଼ିବା ଲାଗି ତାଙ୍କୁ ବୟସ ହୋଇ ନ ଥିବାରୁ ହାଇକୋର୍ଟ ଏଭଳି ନିଷ୍ପତ୍ତି ନେଇଛନ୍ତି। ବିଚାରପତି ଜଷ୍ଟିସ ଏସ୍.ପି. କେସରୱାନି ସୁଆର୍ ବିଧାନସଭାରୁ ନିର୍ବାଚିତ ହୋଇଥିବା ଜୁନିୟର ଖାନ୍‌ଙ୍କ ବିଜୟକୁ ରଦ୍ଦ କରିଛନ୍ତି। ବିଏସ୍‌ପି ପ୍ରାର୍ଥୀ ନୱାବ୍ କାଜିମ୍ ଅଲି ଖାନ୍ ଏନେଇ ଅପିଲ କରିଥିଲେ। ନିର୍ବାଚନ ଲଢ଼ିବା ଲାଗି ୨୫ ବର୍ଷ ବୟସ ହୋଇ ନ ଥିବାବେଳେ ବିଧାୟକ କିଭଳି ହେଲେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅବ୍‌ଦୁଲ୍ଲା ଆଜମ୍ ଖାନ୍ ସତ୍ୟପାଠରେ ଲେଖିଥିବା ବୟସ ୧୯୯୦ ସେପ୍ଟେମ୍ବର ୩୦ ଠିକ୍ ନୁହେଁ ବରଂ ୧୯୯୩ ଜାନୁୟାରୀ ୧ ଠିକ୍ ବୋଲି କାଜିମ୍ ଦର୍ଶାଇଥିଲେ।

### ଇତିହାସର ଆଇନାରେ
### ଡିସେମ୍ବର ୧୭ର ପ୍ରମୁଖ ଘଟଣା

୧୯୬୦ ଡିସେମ୍ବର ୧୭ରେ ଆମେରିକା ପରିଚାଳିତ ବାୟୁସେନାର ଏକ ବିମାନ ଦୁର୍ଘଟଣାର ଶିକାର ହେବାରୁ ଏଥିରେ ଥିବା ୨୦ ଯାତ୍ରୀଙ୍କୁ ମିଶାଇ ୫୪ଜଣ ପ୍ରାଣ ହରାଇଥିଲେ। ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।

୧୯୭୩ ଡିସେମ୍ବର ୧୭ରେ ରୋମର ଲିଓନାର୍ଡୋ ଡା ଭିନ୍ସି ବିମାନବନ୍ଦରରେ ପାଲେଷ୍ଟାଇନର ଆତଙ୍କବାଦୀମାନେ ଆକ୍ରମଣ କରିବା ଫଳରେ ୩୪ ଯାତ୍ରୀ ପ୍ରାଣ ହରାଇଥିଲେ। ସେମାନେ ଅପହରଣ ଲାଗି ଉଦ୍ୟମ କରିବା ପରେ ବୋମାମାଡ଼ କରିଥିଲେ। ଫଳରେ ବିମାନରେ ନିଆଁ ଲାଗିଯାଇଥିଲା।

## ଭାରତୀୟ ନାଗରିକତ୍ୱ ସ୍ୱତଃ ମିଳିଯିବ ନାହିଁ

ନୂଆଦିଲ୍ଲୀ,୧୬।୧୨(ପି.ଟି.)

ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ଶିକାର ହୋଇ ଭାରତରେ ଶରଣ ନେଇଥିବା ହିନ୍ଦୁ, ବୌଦ୍ଧ, ଶିଖ୍, ପାର୍ସୀ, ଜୈନ ଓ ଖ୍ରୀଷ୍ଟିଆନମାନଙ୍କୁ ଆପଣାଛାଏଁ ଭାରତୀୟ ନାଗରିକତ୍ୱ ମିଳିଯିବ ନାହିଁ। ଏଥିପାଇଁ ସେମାନଙ୍କୁ କେତେଗୁଡ଼ିଏ ଜରୁରୀ ଆବଶ୍ୟକତା ପୂରଣ କରିବାକୁ ପଡିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସଂଶୋଧିତ ନାଗରିକତ୍ୱ ଆଇନକୁ ବିରୋଧ କରି ଦେଶର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଜାରି ରହିଥିବାବେଳେ ସରକାରଙ୍କ ପକ୍ଷରୁ ଏଭଳି ସ୍ପଷ୍ଟୀକରଣ ଦିଆଯାଇଛି। ନୂଆ ଆଇନ ଆସିଯିବା ମାନେ ନୁହେଁ ବେଆଇନ ଭାବେ ରହିଥିବା ଅଣମୁସଲମାନମାନଙ୍କୁ ସ୍ୱତଃ ଭାରତୀୟ ନାଗରିକତ୍ୱ ମିଳିଯିବ। ଏଥିପାଇଁ ଉପଯୁକ୍ତ ଅଧିକାରୀଙ୍କ ପାଖରେ ଆବେଦନ କରିବା ସହ କେତେକ ପ୍ରକ୍ରିୟା ମଧ୍ୟଦେଇ ଯିବାକୁ ପଡିବ ବୋଲି ଅଧିକାରୀ ଜଣକ ସ୍ପଷ୍ଟ କରିଦେଇଛନ୍ତି।

## ହିଂସା ରୋକିବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ରର ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୬।୧୨(ପି.ଟି.)

ହିଂସା ରୋକିବା ଏବଂ ଧନଜୀବନର ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେବା ନିମନ୍ତେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ଆଡଭାଇଜରିରେ ସୋସିଆଲ ମିଡିଆରେ ମିଛ ଖବର ଓ ଗୁଜବ ପ୍ରସାରଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପରାମର୍ଶ ଦିଆଯାଇଛି। ସଂଶୋଧିତ ନାଗରିକତ୍ୱ ଆଇନକୁ ବିରୋଧ କରି ବିଭିନ୍ନ ସ୍ଥାନରେ ଆନ୍ଦୋଳନ ହିଂସାର ରୂପ ନେବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି ନିର୍ଦ୍ଦେଶ ଦିଆଯାଇଛି।

## ଝାଡ଼ଖଣ୍ଡ: ୪ର୍ଥ ପର୍ଯ୍ୟାୟରେ ୬୨% ମତଦାନ



ରାଞ୍ଚି,୧୬।୧୨(ଆଇଏଏନ୍‌ଏସ୍)

ଝାଡ଼ଖଣ୍ଡରେ ସୋମବାର ଅନୁଷ୍ଠିତ ଚତୁର୍ଥ ପର୍ଯ୍ୟାୟ ଭୋଟରେ ୬୨.୪୬ ପ୍ରତିଶତ ମତଦାନ ହୋଇଛି। ଏହି ପର୍ଯ୍ୟାୟରେ ଦେଓଘର, ଗିରିଡିହ, ବୋକାରୋ ଏବଂ ଧାନବାଦ ଜିଲାର ୧୫ ଆସନ ଲାଗି ଭୋଟଗ୍ରହଣ ହୋଇଥିଲା। ପ୍ରବଳ ଥଣ୍ଡା ସାଙ୍ଗକୁ ମାଓବାଦୀମାନଙ୍କ ଭୋଟ ବର୍ଜନ ଆହ୍ୱାନ ସତ୍ତ୍ୱେ ବହୁସଂଖ୍ୟାରେ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିଛନ୍ତି। ଏହି ପର୍ଯ୍ୟାୟରେ ୨୩ ମହିଳାଙ୍କ ସମେତ ୨୨୧ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ମୋଟ ୪୭,୮୧,୪୨୨ ଭୋଟର ୬୧୦୧ଟି ଭୋଟକେନ୍ଦ୍ରରେ ମତଦାନ ସାବ୍ୟସ୍ତ କରିଥିଲେ। ସେଥିରୁ ମାଓ ପ୍ରଭାବିତ ଅଞ୍ଚଳର ୫୮୭ଟି ବୁଥ୍ ଅତି ସମ୍ବେଦନଶୀଳ ଓ ୪୦୫ଟି ସମ୍ବେଦନଶୀଳ ଥିବାବେଳେ ଅଣମାଓବାଦୀ ଅଞ୍ଚଳରେ ୫୪୬ଟି ବୁଥ୍ ଅତି ସମ୍ବେଦନଶୀଳ ଚିହ୍ନଟ କରାଯାଇ ସେଠାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୯ଟି ଆସନରେ ଭାଜପା ସହ କଂଗ୍ରେସ-ଜେଏମ୍‌ଏମ୍-ଆର୍‌ଜେଡି ମେଣ୍ଟର ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ଅନ୍ୟ ୬ଟିରେ ତ୍ରିମୁଖୀ ଲଢ଼େଇ ହୋଇଥିଲା।

## ‘ବଞ୍ଚିଥିବା ଯାଏ ସିଏଏ ଲାଗୁ କରାଇଦେବିନି’

କୋଲକାତା,୧୬।୧୨(ପି.ଟି.)

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ବିରୋଧରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ କୋଲକାତାରେ ବିଶାଳ ରାଲି ଅନୁଷ୍ଠିତ ହୋଇଯାଇଛି। ବଞ୍ଚିଥିବା ଯାଏ ପଶ୍ଚିମବଙ୍ଗରେ ସିଏଏ ଏବଂ ଏନ୍‌ଆର୍‌ସି ଲାଗୁ କରାଇଦେବେନି ବୋଲି ରାଲିରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। କେବଳ ତାଙ୍କ ମରଶରୀର ଉପରେ ଏହା ଲାଗୁ ହୋଇପାରେ। ସାହସ ଥିଲେ କେନ୍ଦ୍ର ତାଙ୍କ ସରକାରକୁ ଭାଙ୍ଗିଦେଉ କିମ୍ବା ତାଙ୍କୁ ଜେଲ୍‌ରେ ଭର୍ତ୍ତି କରୁ ବୋଲି ମମତା ଆହ୍ୱାନ ଦେଇଛନ୍ତି।

ରାଜ୍ୟରେ ହିଂସା ସୃଷ୍ଟି ଲାଗି ଭାଜପା କିଛି ଲୋକଙ୍କୁ ଟଙ୍କା ଦେଉଛି। ରାଜ୍ୟ ବାହାରର କେତେକ ଶକ୍ତି ନିଜକୁ ମୁସଲମାନ ସମ୍ପ୍ରଦାୟର ବନ୍ଧୁ ବୋଲି ପରିଚୟ ଦେଇ ଭଙ୍ଗାରୁଜା



ପୋଡ଼ାଜଳାରେ ସାମିଲ ହୋଇଥିବା ମମତା ଅଭିଯୋଗ କରିଛନ୍ତି। ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସିଙ୍କୁ ଲକ୍ଷ୍ୟ କରି ସେ ଏଭଳି କହିଥିଲେ। ଟିଏମ୍‌ସି ଅଧ୍ୟକ୍ଷାଙ୍କ ନେତୃତ୍ୱରେ ରେଡ୍ ରୋଡରୁ ଜୋରାସାଙ୍କୋ ଠାକୁରବାଡ଼ି ପର୍ଯ୍ୟନ୍ତ ବିଶାଳ ରାଲିରେ ହଜାର ହଜାର ସମର୍ଥକ ସାମିଲ ହୋଇଥିଲେ। ସିଏଏ ରଦ୍ଦ ନ ହେବା ପର୍ଯ୍ୟନ୍ତ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ ଜାରି ରହିବ। ଯଦି ଭାଜପା ଭାବୁଥାଏ ବଳ ପ୍ରୟୋଗ କରି ଆଇନକୁ କାର୍ଯ୍ୟକାରୀ କରିବ, ତେବେ ତା'ର ପରିଣତି ଭୟାବହ ହେବ ବୋଲି ଟିଏମ୍‌ସି ନେତ୍ରୀ କହିଛନ୍ତି।। ପଶ୍ଚିମବଙ୍ଗରୁ ଜଣେ ହେଲେ ବାହାରିବେ ନାହିଁ। ରାଜ୍ୟବାସୀ ସବୁ ଜାତି, ଧର୍ମ ସମ୍ପ୍ରଦାୟ ସହ ଏକତ୍ର ବସବାସରେ ବିଶ୍ୱାସ କରନ୍ତି। ଆନ୍ଦୋଳନକାରୀ ଭଙ୍ଗାରୁଜା ଓ ପୋଡ଼ାଜଳାରେ ସାମିଲ ନହେବାକୁ ମମତା ପରାମର୍ଶ ଦେଇଥିଲେ।

ସିଏଏକୁ ବିରୋଧ କରି ପଶ୍ଚିମବଙ୍ଗର ବିଭିନ୍ନ ଜିଲାରେ ୪ ଦିନ ହେଲା ଆନ୍ଦୋଳନ ଜାରି ରହିଛି। କେତେକ ସ୍ଥାନରେ ଏହା ହିଂସାର ରୂପ ନେଇଥିଲା। ଆନ୍ଦୋଳନକାରୀ ଟ୍ରେନ, ବସ୍ ପୋଡିବା ସହ ରେଳଷ୍ଟେଶନ ଓ ଦୋକାନ ଜାଳିଦେଇଥିଲେ। ଫଳରେ ପଶ୍ଚିମବଙ୍ଗରୁ ବିଭିନ୍ନ ରାଜ୍ୟକୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି।





ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ



# ଚର୍ଚ୍ଚାରେ ୨୦୦୦ ଟଙ୍କିଆ ନୋଟ୍



ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)

୮ ନଭେମ୍ବର ୨୦୧୬ରେ କେନ୍ଦ୍ର ସରକାର ବିମୁଦ୍ରୀକରଣ ଲାଗୁ କରିବା ପରେ ୧୦୦୦ ଓ ୫୦୦ ଟଙ୍କିଆ ବଡ଼ ନୋଟ୍ ରାତାରାତି ଅଚଳ ହୋଇଯାଇଥିଲା। ଦେଶବ୍ୟାପୀ ଏହାକୁ ନେଇ ଚହଳ ପଡ଼ିଯିବା ପରେ ଜନସାଧାରଣ ନିଜ ପାଖରେ ରଖିଥିବା ଏହିସବୁ ନୋଟକୁ ଧରି ବ୍ୟାଙ୍କକୁ ଦୌଡ଼ିଥିଲେ। ସେତେବେଳର ସେହି ବଡ଼ ନୋଟ୍‌ର ବିକଳ୍ପ ଭାବେ ଆସିଲା ଗୋଲାପୀ ରଙ୍ଗର ୨୦୦୦ ଟଙ୍କିଆ କାଗଜ ଟଙ୍କା। ଏହି କିଛି ମାସ ହେବ ବିଭିନ୍ନ ସୋସିଆଲ ମିଡିଆରେ ଏହି ୨୦୦୦ ଟଙ୍କିଆ ନୋଟ୍‌ର ଭବିଷ୍ୟତ ନେଇ ଆଶଙ୍କା ପ୍ରକାଶ ପାଇଚାଲିଛି। କୁହାଯାଉଛି, ଖୁବ୍‌ଶୀଘ୍ର ଏହି ଟଙ୍କାକୁ ବନ୍ଦ କରିଦିଆଯିବ। ଏଟିଏମ୍‌ରେ ଏହା ଉପଲବ୍ଧ ହେବ ନାହିଁ। ଏହା ବଦଳରେ ପୁଣି ନୂଆ ୧୦୦୦ ଟଙ୍କିଆ ନୋଟ୍ ବଜାରକୁ ଆସିବ। ଚାରିଆଡ଼େ ୨୦୦୦ ଟଙ୍କିଆ ନୋଟ୍‌କୁ ନେଇ ଚର୍ଚ୍ଚା ଜୋର ଧରୁଥିବାରୁ ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିବା ସ୍ୱାଭାବିକ।

ଫେସ୍‌ବୁକ୍, ହ୍ୱାଟ୍‌ସଆପ୍ ଓ ୟୁଟ୍ୟୁବ୍‌ରେ ଏ ବିଷୟ ଘୂରି ବୁଲୁଥିବାରୁ ଏହାର ସତ୍ୟତା ନେଇ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ଠାରୁ ଆର୍‌ଟିଆଇ ମାଧ୍ୟମରେ ତଥ୍ୟ ଲୋଡ଼ାଯାଇଥିଲା। ଶୀର୍ଷ ବ୍ୟାଙ୍କ କହିଥିଲେ ଯେ, ସେଭଳି କିଛି ନିଷ୍ପତ୍ତି ନିଆଯାଇ ନାହିଁ। ଏହା ଏକ ଗୁଜବ। ବରଂ ୨୦୦୦ ଟଙ୍କିଆ ନୋଟ୍ ପ୍ରିଣ୍ଟିଂ ବନ୍ଦ ରହିଛି। ତେଣୁ ଏଭଳି ଖବରକୁ ନେଇ ଲୋକେ ଭୟଭୀତ ନ ହୁଅନ୍ତୁ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି। ବିଶେଷଜ୍ଞଙ୍କ ମତରେ ଲୋକେ ଏ ବିଷୟକୁ ନେଇ ଡରିଯାଉଛନ୍ତି । କାରଣ ଜନସାଧାରଣ ବିମୁଦ୍ରୀକରଣ ବେଳେ ଟଙ୍କା ବଦଳାଇବା ପାଇଁ ଭୋଗିଥିବା ଯନ୍ତ୍ରଣାକୁ ଭୁଲିପାରି ନାହାନ୍ତି। ବର୍ତ୍ତମାନ ଦେଶର ଆର୍ଥିକ ପରିସ୍ଥିତି ଭଲ ନ ଥିବା ବେଳେ ଏଭଳି ବିଷୟ ଯେକେହି ଶୁଣିଲେ ଶଙ୍କା ଜାତ ହୋଇଯାଉଛି। କେତେକେ କହୁଛନ୍ତି ଯେ, ୨୦୦୦ ଟଙ୍କିଆ ନୋଟ୍‌କୁ ନେଇ ଗୁଜବ ହେଉଥିଲେ ମଧ୍ୟ ଭିତରେ କିଛି କଠୋର ଆର୍ଥିକ ନିଷ୍ପତ୍ତି ନିଆଯାଉଥାଇପାରେ। ନ ହେଲେ ବାରମ୍ବାର କାହିଁକି ଏପରି ଖବର ଶୁଣିବାକୁ ମିଳୁଛି।

■କୁନ୍ଦୁଲି ଗଣବଳାତ୍କାର, ଆତ୍ମହତ୍ୟା ମାମଲା

# ହାଇକୋର୍ଟରେ ଏସ୍‌ଆଇଟିର ଷ୍ଟାଟସ୍ ରିପୋର୍ଟ ଦାଖଲ

କଟକ ଅଫିସ, ୧୬।୧୨

କୁନ୍ଦୁଲି ନାବାଳିକା ଗଣବଳାତ୍କାର ଓ ଆତ୍ମହତ୍ୟା ମାମଲାର ତଦନ୍ତ କରୁଥିବା ୩ ଜଣିଆ ଏସ୍‌ଆଇଟି (ସ୍ପେଶାଲ ଇନଭେଷ୍ଟିଗେଶନ ଟିମ୍)ର ଷ୍ଟାଟସ୍ ରିପୋର୍ଟ ସୋମବାର ହାଇକୋର୍ଟରେ ଦାଖଲ କରାଯାଇଛି। ବନ୍ଦ ଲଫାପା ମଧ୍ୟରେ ଏସ୍‌ଆଇଟି ପକ୍ଷରୁ ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଏହି ରିପୋର୍ଟ ଦାଖଲ କରିଛନ୍ତି। ଆଉ ୧ ସପ୍ତାହ ମଧ୍ୟରେ ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରାଯିବ ବୋଲି କୁହାଯାଇଛି। ତେବେ ଆସନ୍ତା ୨୩ ତାରିଖ ସୁଦ୍ଧା ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି।

ସୂଚନାଥାଉ କି, କୁନ୍ଦୁଲି ଗଣବଳାତ୍କାର ଘଟଣାର ତଦନ୍ତ ନିମନ୍ତେ ହାଇକୋର୍ଟ ଏସ୍‌ଆଇଟି ଗଠନ କରିଥିଲେ। ବ୍ରହ୍ମପୁର, ସମ୍ବଲପୁର ଓ କୋରାପୁଟ ପୋଲିସ ରେଞ୍ଜର ଡିଆଇଜିଙ୍କୁ ନେଇ ଏହି ଟିମ୍ ଗଠନ କରାଯାଇଥିଲା। ଉକ୍ତ ମାମଲାର ସିବିଆଇ ତଦନ୍ତ ଦାବି କରି ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ଓ ମୃତା ପୀଡ଼ିତାଙ୍କ ମା' ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। କିନ୍ତୁ ସିବିଆଇ ତଦନ୍ତ ଆବେଦନକୁ ହାଇକୋର୍ଟ ଖାରଜ କରିବା ସହିତ ଗତ ନଭେମ୍ବର ୧୯ ତାରିଖରେ ଏସ୍‌ଆଇଟି ଗଠନ ପାଇଁ ଆଦେଶ ଦେଇଥିଲେ। ପୂର୍ବରୁ ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ଓ ଜଣିକିଆ କମିଶନ ଦ୍ୱାରା କରାଯାଇଛି। ମାତ୍ର ପୀଡ଼ିତାଙ୍କୁ ଗଣବଳାତ୍କାର କରାଯାଇଛି କି ନାହିଁ ତାହା ସାବ୍ୟସ୍ତ ହୋଇପାରି ନାହିଁ। ପୀଡ଼ିତାଙ୍କୁ ଗଣବଳାତ୍କାର କରାଯାଇଛି କି ନାହିଁ ଓ କେଉଁ କାରଣ ପାଇଁ ସେ ଆତ୍ମହତ୍ୟା କଲେ ତାହାର ତଦନ୍ତ ଏବେ ଏସଆଇଟି କରୁଛି। ଇତିମଧ୍ୟରେ ଏସ୍‌ଆଇଟିର ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ବୈଠକରେ ଘଟଣାର ତଦନ୍ତକାରୀ ଅଧିକାରୀମାନଙ୍କ ସହିତ ପୀଡ଼ିତାଙ୍କ ଚିକିତ୍ସା ଓ ପୋଷ୍ଟମର୍ଟମ କରିଥିବା ଡାକ୍ତରମାନେ ମଧ୍ୟ ଏସଆଇଟି ନିକଟରେ ହାଜର ହୋଇ ନିଜର ବୟାନ ଦେଇଛନ୍ତି। ସୂଚନାଥାଉ କି, କୋରାପୁଟ ଜିଲା ପଟାଙ୍ଗୀ ଥାନା କୁନ୍ଦୁଲି ନିକଟ ଜଙ୍ଗଲରେ ଜଣେ ନାବାଳିକାଙ୍କୁ ୨୦୧୭ ଅକ୍ଟୋବର ୧୦ରେ ଗଣବଳାତ୍କାର କରାଯାଇଥିଲା। ନବମ ଶ୍ରେଣୀରେ ପଢୁଥିବା ଏହି ନାବାଳିକାଙ୍କୁ ଯବାନ ଡ୍ରେସ୍ ପିନ୍ଧିଥିବା ୪ ଜଣ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ରାଜ୍ୟ ସରକାର ୨୦୧୭ ଡିସେମ୍ବର ୨୬ରେ ନ୍ୟାୟିକ ତଦନ୍ତ ପାଇଁ ଆଦେଶ ଦେଇଥିଲେ। ମାତ୍ର ୨୦୧୮ ଜାନୁୟାରୀ ୨୨ରେ ନାବାଳିକା ଜଣକ ଆତ୍ମହତ୍ୟା କରିଥିଲେ। ମାମଲାର ତଦନ୍ତ କରୁଥିବା ନ୍ୟାୟିକ କମିଶନ ୨୦୧୮ ସେପ୍ଟେମ୍ବର ୨୦ରେ ୧୪୧ ପୃଷ୍ଠା ସମ୍ବଳିତ ତଦନ୍ତ ରିପୋର୍ଟ ସରକାରଙ୍କୁ ଦେଇଥିଲେ। ଉକ୍ତ ରିପୋର୍ଟକୁ ସରକାର ଗତ ଅଗଷ୍ଟ ୩ ତାରିଖରେ ବିଧାନସଭାରେ ଉପସ୍ଥାପନ କରିଥିଲେ।

## ପୂର୍ଣ୍ଣାଙ୍ଗ ରିପୋର୍ଟ ପାଇଁ ସମୟ ମଗାଗଲା






ମାଲକାନଗିରି ଜିଲାରେ ପୁଷ୍ଟିହୀନତା ସମସ୍ୟା

# ପ୍ରତି ଜିଲାରେ ନିଯୁକ୍ତ ହେବେ ସ୍ୱତନ୍ତ୍ର ଅଧିକାରୀ

କଟକ ଅଫିସ, ୧୬।୧୨

ଅପପୁଷ୍ଟିକୁ ରୋକିବା ପାଇଁ ସରକାର ବହୁବିଧ ଯୋଜନା କରିଛନ୍ତି। ମାତ୍ର ଏହାର ପ୍ରଭାବ ମାଲକାନଗିରି ଜିଲାରେ ପଡୁନାହିଁ। ଉକ୍ତ ଜିଲାରେ ବହୁ ସଂଖ୍ୟକ ଶିଶୁ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ଏପରି କି ଏହି ରୋଗର ଶିକାର ହୋଇ ଅନେକ ଶିଶୁଙ୍କ ମୃତ୍ୟୁ ଘଟୁଛି। ଏହାର ପ୍ରତିକାର ନିମନ୍ତେ ଆଡଭୋକେଟ ପ୍ରବୀର ଦାସ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ରାଜ୍ୟ ଆଇନସେବା ପ୍ରାଧିକରଣ ଉକ୍ତ ମାମଲାରେ ନିଜ ଆଡୁ ପକ୍ଷଭୁକ୍ତ ହୋଇଥିଲା। ହାଇକୋର୍ଟରେ ଏହି ମାମଲାର ଶୁଣାଣି ସୋମବାର ହୋଇଥିଲା। ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ରାଜ୍ୟରେ ପୁଷ୍ଟିହୀନତା ସ୍ଥିତି କିପରି ରହିଛି ତାହାର ବାସ୍ତବତା ଜାଣିବା ପାଇଁ ପ୍ରତି ଜିଲାରେ ଜଣେ ଲେଖାଏ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତି କରିବାକୁ ହାଇକୋର୍ଟ ସରକାରଙ୍କୁ ଆଦେଶ ଦେଇଛନ୍ତି। ଉକ୍ତ ଅଧିକାରୀ ପୁଷ୍ଟିହୀନତାକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ଏ ସମ୍ପର୍କରେ ମଧ୍ୟ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ଜବାବ ମାଗିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏବଂ ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି। ଆସନ୍ତା ୨୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

# ହୀରାକୁଦ ନିଷିଦ୍ଧାଞ୍ଚଳରେ ମନ୍ତ୍ରୀଙ୍କ ଝିଅ,୩ ଅଭିନେତ୍ରୀ

ସମ୍ବଲପୁର,୧୬।୧୨(ବ୍ୟୁରୋ)

**ଭିଡିଓ ଭାଇରାଲ**
- ଫଟୋ ଉଠାଇଲେ, ଭିଡିଓ ଭାଇରାଲ କଲେ
- ବିଭିନ୍ନ ମହଲରେ କାର୍ଯ୍ୟାନୁଷ୍ଠାନ ଦାବି
- ପୋଲିସ, ଓଆଇଏସ୍‌ଏଫ୍ ପକ୍ଷରୁ ତଦନ୍ତ ଆରମ୍ଭ

ସମ୍ବଲପୁର ହୀରାକୁଦ ଡ୍ୟାମ୍‌ର ନିଷିଦ୍ଧାଞ୍ଚଳରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ଝିଅ ଓ ୩ ଅଭିନେତ୍ରୀ ଉଠାଇଥିବା ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ଏହାକୁ ବିଭିନ୍ନ ମହଲରେ ସମାଲୋଚନା କରାଯିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି । ଜିଲା ପୋଲିସ ଓ ହୀରାକୁଦ ଡ୍ୟାମ୍ ସୁରକ୍ଷା ଦାୟିତ୍ୱରେ ଥିବା ଓଡିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ଓଆଇଏସ୍‌ଏଫ୍) ଏହାକୁ ଗୁରୁତର ସହ ନେଇଛି। ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସମ୍ବଲପୁର ଏସ୍‌ପି କନୱର ବିଶାଲ ସିଂ ଉକ୍ତ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ହୀରାକୁଦ ଏସ୍‌ଡିପିଓ ଶିଶୁ ରଞ୍ଜନ ମହାପାତ୍ର ଏହି ଘଟଣାର ତଦନ୍ତ କରୁଛନ୍ତି । ଡ୍ୟାମ୍‌ର କେଉଁ ସ୍ଥାନ ନିଷିଦ୍ଧାଞ୍ଚଳ ପରିସୀମାରେ ଯାଉଛି, ସେଠାରେ କିଏ ଫଟୋ, ଭିଡିଓ ଉତ୍ତୋଳନ କଲେ । ସେହି ଫଟୋ ଓ ଭିଡିଓକୁ କିଏ ଭାଇରାଲ କଲେ ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି। ସୁରକ୍ଷା ଦାୟିତ୍ୱରେ ଥିବା ଓଆଇଏସ୍‌ଏଫ ପକ୍ଷରୁ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି। ୩ ଓଡିଆ ଅଭିନେତ୍ରୀ ପ୍ରକୃତି ମିଶ୍ର, ଏଲିନା ସାମନ୍ତରାୟ ଓ ଲୋଭିନା ନାୟକ ଶନିବାର ସମ୍ବଲପୁରକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ। ଏହି ଅବସରରେ ସେମାନେ ହୀରାକୁଦ ଡ୍ୟାମ୍ ବୁଲିବାକୁ ଯାଇଥିଲେ। ଏଥିପାଇଁ ସେମାନେ ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ଅନୁମତି ମଧ୍ୟ ନେଇଥିଲେ । ହେଲେ ହୀରାକୁଦରୁ ବୁର୍ଲାକୁ ଯାଇଥିବା ସମୟରେ ସେମାନେ ଡ୍ୟାମ୍ ମଝିରେ ଅଟକି ଭିଡିଓ ଓ ଫଟୋ ଉତ୍ତୋଳନ କରିଥିଲେ। ଏହି ଭିଡିଓ ଓ ଫଟୋକୁ ପ୍ରକୃତି ମିଶ୍ର ନିଜ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ। ଯାହା ପରେ ଭାଇରାଲ ହୋଇ ବିବାଦୀୟ ହୋଇଥିଲା। ଏ କଥା ଜାଣିବା ପରେ ପ୍ରକୃତି ଏହି ଭିଡିଓକୁ ହଟାଇ ଦେଇଛନ୍ତି। ଭିଡିଓରେ ପ୍ରକୃତି, ଏଲିନା ଓ ଲୋଭିନାଙ୍କୁ ଦେଖିବାକୁ ମିଳିଛି । ତାଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଝିଅ ଦୀପାଳି ଦାସ ମଧ୍ୟ ଅଛନ୍ତି। ଭିଡିଓରେ ଦୀପାଳି 'ଇମାଜିନ! ଏହା ମୋର ସୁନ୍ଦର ସମ୍ବଲପୁର' ବୋଲି କହୁଛନ୍ତି । ପ୍ରକୃତି ମଧ୍ୟ 'ଇମାଜିନ! ସୁନ୍ଦର' ବୋଲି କହିଥିବା ବେଳେ ଏଲିନା ଦୁଇ ଅଙ୍ଗୁଳି ଦେଖାଇ ଖୁସି ଜାହିର କରୁଛନ୍ତି। ତେବେ ଏ ସମ୍ପର୍କରେ ଏଲିନା ଗଣମାଧ୍ୟମକୁ କହିଛନ୍ତି, ଭିଡିଓ ସେ ଉତ୍ତୋଳନ କରି ନାହାନ୍ତି କିମ୍ବା ଭିଡିଓ ଭାଇରାଲ କରି ନାହାନ୍ତି। ସେ କେବଳ ଭିଡିଓରେ ରହିଛନ୍ତି । ସେଠାକୁ ଯିବାକୁ ସେମାନଙ୍କ ପାଖରେ ଅନୁମତି ଥିଲା ବୋଲି ସେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ଏସ୍‌ପି ସିଂ କହିଛନ୍ତି, ଏ ନେଇ ତଦନ୍ତ କରାଯାଉଛି। ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଛନ୍ତି, ମୋ ଝିଅ ବଡ଼ ହୋଇସାରିଛି । ଯଦି ଆଇନ ଅନୁସାରେ ସେ କିଛି ଭୁଲ କରିଥିବ ଦଣ୍ଡିତ ହେବ । ଏଥିରେ ମୋର କିଛି କହିବାର ନାହିଁ ବୋଲି ସେ ଗଣମାଧ୍ୟମକୁ ସ୍ପଷ୍ଟ କରିଛନ୍ତି ।

■ଯୁବକଙ୍କୁ ଆକ୍ରମଣ ମାମଲା

# ଆକ୍ରମଣକାରୀଙ୍କୁ ଅଢେଇ ବର୍ଷ ଜେଲ

ଜୁନାଗଡ,୧୬।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ଲବଣୀପୁର ଗ୍ରାମ ନିକଟରେ ଥିବା ଏକ ଚାଷ ଜମିରେ ପାଣି ମଡାଇବାକୁ କେନ୍ଦ୍ର କରି ଘଟିଥିବା ମରଣାତ୍ମକ ଆକ୍ରମଣ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଜୁନାଗଡ ଜେଏମ୍‌ଏଫସି କୋର୍ଟ ବିଚାରପତି ଦେଶପ୍ରିୟ ବାରିକ ୯ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଏହି ଘଟଣାରେ ଅଭିଯୁକ୍ତ ବେଲାରସନ ନିଆଲଙ୍କୁ ଦୋଷୀ ସାବ୍ୟସ୍ତ କରି ଅଢେଇ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ହଜାରେ ଟଙ୍କା ଜରିମାନା କରିଛନ୍ତି। ଜାରିମାନା ଅନାଦେୟ ଅଧିକ ୧୫ ଦିନ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟର ନିର୍ଦ୍ଦେଶ ରହିଛି। ପ୍ରକାଶ ଯେ, ଗତ ୫।୪।୨୦୧୪ରେ ଜୁନାଗଡ ବ୍ଲକ ଲବଣୀପୁର ଗ୍ରାମ ନିକଟରେ ଥିବା ଏକ ଚାଷ ଜମିରେ ପାଣି ମଡାଇବାକୁ କେନ୍ଦ୍ର କରି ଜଗନ୍ନାଥ କୁମ୍ଭାରଙ୍କୁ ବେଲାରସନ ନିଆଲ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏ ନେଇ ଜଗନ୍ନାଥଙ୍କ ଭାଇ କରୁଣା ବେଲାରସନଙ୍କ ନାମରେ ଜୁନାଗଡ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ପରେ ଜୁନାଗଡ ଥାନାରେ ଏକ ମାମଲା (ନଂ.ସିଟି ୭୮/୧୪) ରୁଜୁ କରାଯାଇଥିଲା। ପରେ ଏହି ମାମଲା ଥାନାରୁ କୋର୍ଟକୁ ଆସିଥିଲା। ଜେଏମ୍‌ସି କୋର୍ଟ ୯ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଭିଯୁକ୍ତ ବେଲାରସନଙ୍କୁ ଦୋଷୀ ସାବ୍ୟସ୍ତ କରି ଆଇପିସି ୩୨୩ ଦଫାରେ ୬ ମାସ ଜେଲ ଦଣ୍ଡାଦେଶ ଓ ୩୨୪ ଦଫାରେ ୨ ବର୍ଷ ଜେଲ ଦଣ୍ଡାଦେଶ ମୋଟ ଅଢେଇ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହାସହ ଉକ୍ତ ୨ ଦଫା ପାଇଁ ହଜାରେ ଟଙ୍କା ମଧ୍ୟ ଜରିମାନା କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଯୁବ ଆଇନଜୀବୀ ଅଶୋକ କୁମାର ନାୟକ ଓ ଦିଗାମ୍ବର ନାଏକ ପରିଚାଳନା କରିଥିଲେ।

# ଲୋକଙ୍କ ବିଶ୍ୱାସ ଜିତିଛି ଛାପା ଗଣମାଧ୍ୟମ



ଆଲୋଚନାଚକ୍ରରେ ଉପସ୍ଥିତ ନ୍ୟୁଜ୍‌କ୍ଲିକ୍‌ର ସମ୍ପାଦକ ପ୍ରବୀର ପୁରକାୟସ୍ଥ, ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଓ ଅଧିକାରର ସମ୍ପାଦକ ଜନାର୍ଦ୍ଦନ ପତି।

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ଗଣମାଧ୍ୟମ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ନୁହେଁ। ଆମ ଦେଶର ଗଣତନ୍ତ୍ର ୩ଟି ସ୍ତମ୍ଭ ଉପରେ ଛିଡ଼ାହୋଇଛି। ହେଲେ ଦେଶର ଏବେକାର ପରିସ୍ଥିତିରେ ଗଣମାଧ୍ୟମର ଭୂମିକା ବଢ଼ିଯାଇଛି। ଯେଉଁଠି ଖୋଦ୍ ସରକାର ଇଣ୍ଟରନେଟ୍ ସେବା ବନ୍ଦ କରି କଶ୍ମୀର ଓ ଆସାମ ଭଳି ଦେଶର ବିଭିନ୍ନ ଅଙ୍ଗକୁ ମୂଳଭୂମିଠାରୁ ବିଚ୍ଛିନ୍ନ କରିଦେଉଛନ୍ତି, ସେଭଳିସ୍ଥଳେ ନିରପେକ୍ଷ ଗଣମାଧ୍ୟମର ଦାୟିତ୍ୱ ବଢିଯାଇଛି ବୋଲି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। 'ମୁଖ୍ୟଧାରାର ଗଣମାଧ୍ୟମ ବନାମ ସାମାଜିକ ଗଣମାଧ୍ୟମ' ଶୀର୍ଷକକୁ ନେଇ ଅନୁଷ୍ଠିତ ଆଲୋଚନାଚକ୍ରରେ ବକ୍ତାଭାବେ ଯୋଗଦେଇ ସତପଥୀ କହିଥିଲେ, ଭାରତ ସହ ସମସ୍ତ ଏସୀୟ ରାଷ୍ଟ୍ରରେ ଆଜି ବି ଛାପା ଗଣମାଧ୍ୟମର ଚାହିଦା ରହିଛି। ଆଗାମୀ ଏକ ଦଶନ୍ଧି ପର୍ଯ୍ୟନ୍ତ ଲୋକେ ଛାପା ଗଣମାଧ୍ୟମକୁ ଭରସା କରିବେ। ଦେଶର ଅର୍ଥନୀତି ଓ ରାଜନୈତିକ ପରିସ୍ଥିତିରେ ଏବେ ବଡ଼ ସଂକଟ ଦେଖାଦେଇଛି। ଏଭଳି ଘଡ଼ିସନ୍ଧି ସମୟରେ ବୈଦ୍ୟୁତିକ ଗଣମାଧ୍ୟମ ଉପରୁ ଲୋକଙ୍କ ଭରସା ଉଠିଯାଇଥିବାବେଳେ ଛାପା ଗଣମାଧ୍ୟମକୁ ଲୋକେ ପୁଣିଥରେ ବିଶ୍ୱାସ କରିଛନ୍ତି। ସାମାଜିକ ଗଣମାଧ୍ୟମ ଧୀରେ ଧୀରେ ବୈଦ୍ୟୁତିକ ଗଣମାଧ୍ୟମର ଶୂନ୍ୟସ୍ଥାନକୁ ପୂରଣ କରୁଥିବା ବେଳେ ଆଗାମୀ ଭବିଷ୍ୟତରେ ପରସ୍ପରର ସହଯୋଗ ମାଧ୍ୟମରେ ଛାପା ଓ ସାମାଜିକ ଗଣମାଧ୍ୟମ ତିଷ୍ଠି ରହିବେ ବୋଲି ସେ କହିଥିଲେ।

ମାସିକ ପତ୍ରିକା 'ଅଧିକାର' ପକ୍ଷରୁ ସୋମବାର ଜୟଦେବ ବିହାରସ୍ଥିତ ଉତ୍କଳମଣି ହଲ୍‌ରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଅନ୍ୟତମ ବକ୍ତାଭାବେ ଯୋଗଦେଇ ନ୍ୟୁଜ୍‌କ୍ଲିକ୍‌ର ସମ୍ପାଦକ ପ୍ରବୀର ପୁରକାୟସ୍ଥ ମିଥ୍ୟା ଖବର ବର୍ତ୍ତମାନ ସାମାଜିକ ଗଣମାଧ୍ୟମର ସବୁଠାରୁ ବଡ଼ ସମସ୍ୟା ବୋଲି କହିଥିଲେ। କମ୍ ସମୟ ମଧ୍ୟରେ ଅଧିକ କ୍ଲିକ୍ ହେଉଥିବା ଖବର ଅଧିକ ଲାଭ ଦେଉଥିବାରୁ ଜାଣିଶୁଣି ମିଥ୍ୟା ଖବରର ପ୍ରସାରଣ କରାଯାଏ। ଉଭୟ ଗଣମାଧ୍ୟମ ଓ ଗଣତନ୍ତ୍ର ପାଇଁ ଏହା ଏକ ବଡ଼ ବିପଦ ହୋଇଥିବାରୁ ଲୋକେ ଏହାକୁ ବିରୋଧ କରିବା ଉଚିତ ବୋଲି ସେ କହିଥିଲେ। ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି କରି ଭାଜପା ତାକୁ ନିର୍ବାଚନୀ ଫାଇଦା ପାଇଁ ବ୍ୟବହାର କରିବା ସହ ଉକ୍ତ ତଥ୍ୟକୁ ବିକ୍ରି ଏବଂ ନିଲାମ କରାଯାଉଛି। ଇଲେକ୍ସନ ବଣ୍ଡ୍ ଜରିଆରେ ଭାଜପା ସର୍ବାଧିକ ଲାଭବାନ୍ ହୋଇଥିବାବେଳେ ନିଜ ଆଇଟି ସେଲ୍‌ର ଦୁରୁପଯୋଗ କରି ସୋସିଆଲ ମିଡିଆରେ ବିଷ ବାଣ୍ଟୁଛି ବୋଲି ସେ କହିଥିଲେ। ଆଲୋଚନାଚକ୍ରରେ ଈପ୍‌ସିତା ପତି ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ 'ଅଧିକାର'ର ସମ୍ପାଦକ ଜନାର୍ଦ୍ଦନ ପତି ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମ ମଧ୍ୟରେ ରହିଥିବା ତଫାତ୍ ସମ୍ପର୍କରେ ଆଲୋଚନା କରିଥିଲେ।

# ପୁଣି ବଢ଼ିଲା ପିଆଜ ଦର



ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)

ରାଜ୍ୟରେ ପୁଣି ପିଆଜ ଦର ବଢ଼ିଲା। ପାଖାପାଖି ଦୁଇମାସ ଧରି ପିଆଜ ଦର ଆକାଶଛୁଆଁ ରହିଥିବାବେଳେ କିଛିଦିନ ହେବ ଦର ହ୍ରାସ ପାଇଥିଲା। ଅଳ୍ପ ଦିନର ସାମାନ୍ୟ ଆଶ୍ୱସ୍ତି ପରେ ଏବେ ପୁଣିଥରେ ଦର ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇଦେଇଛି। ଅନିୟମିତ ବର୍ଷା ଓ ନାଗରିକତ୍ୱ ସଂଶୋଧନ ଆଇନ ଯୋଗୁ ଯୋଗାଣ ବାଧାପ୍ରାପ୍ତ ହୋଇ ପିଆଜ ଦର ବୃଦ୍ଧି ପାଇଥିବା ଓଡ଼ିଶା ବ୍ୟବସାୟ ମହାସଂଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି। ସୋମବାର ପିଆଜ ୮୦ରୁ ୧୦୦ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଛି। ଯେତିକି ପରିମାଣର ପିଆଜ ରାଜ୍ୟକୁ ଆସିବା କଥା, ସେତିକି ପରିମାଣର ଆସିନାହିଁ। ସେପଟେ ଦୁଇ-ତିନିଦିନ ହେବ ବର୍ଷା ମଧ୍ୟ ଲାଗି ରହିଥିଲା। ତେଣୁ ଅମଳ ବାଧାପ୍ରାପ୍ତ ହୋଇଥିଲା। ଏହାସହ ନାଗରିକତ୍ୱ ସଂଶୋଧନ ଆଇନ ବିରୋଧରେ ସବୁ ସ୍ଥାନରେ ପ୍ରତିବାଦ ହେଉଛି, ଯାହା ଫଳରେ ଆବଶ୍ୟକ ସଂଖ୍ୟକ ଗାଡ଼ି ଯୋଗାଡ଼ ହୋଇପାରୁ ନାହିଁ। ଯେଉଁ ଗାଡ଼ି ବି ଆସୁଛି ତା'ର ଭଡ଼ା ଅଧିକ ହୋଇଯାଇଛି। ପୂର୍ବରୁ ପ୍ରତିଦିନ ୧୨-୧୩ ଗାଡ଼ିରେ ପ୍ରାୟ ୪୦୦ ଟନ୍ ପିଆଜ ଆସୁଥିଲା। ହେଲେ ଗତ ଶୁକ୍ରବାର ଦୁଇଟି ଗାଡ଼ି ଆସିଥିବାବେଳେ ଶନିବାର ମାତ୍ର ଗୋଟିଏ ପିଆଜ ଗାଡ଼ି ଆସିଥିଲା। ଏହାଛଡ଼ା ଏହି ସମୟରେ ପିଆଜର ଅଧିକ ଡିମାଣ୍ଡ ମଧ୍ୟ ରହିଛି। କାରଣ ପିକ୍‌ନିକ୍ ଋତୁ ସହ ଖ୍ରୀଷ୍ଟମାସ୍ ଓ ନୂଆବର୍ଷ ପାଇଁ ଲୋକେ ଅଧିକ ପରିମାଣରେ ପିଆଜ ନେବାକୁ ଚାହୁଁଛନ୍ତି। ଏହି ସବୁ ସମସ୍ୟା ଲାଗି ପିଆଜ ଦର ଅସ୍ଥାୟୀ ଭାବେ ବୃଦ୍ଧି ପାଇଛି। ତେବେ ଆସନ୍ତା ତିନି-ଚାରିଦିନ ଭିତରେ ପିଆଜ ଦର ପୁଣି ଖସି ଆସିବ। ତେଣୁ ସାଧାରଣ ଖାଉଟି ବ୍ୟସ୍ତ ବିବ୍ରତ ନ ହେବାକୁ ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଗତ ଅକ୍ଟୋବର ମାସରେ ଅନିୟମିତ ବର୍ଷା ଫଳରେ ଦେଶରେ ପିଆଜ ଉତ୍ପାଦନ ପ୍ରଭାବିତ ହୋଇଥିଲା। ତେଣୁ ବଜାରରେ ପିଆଜର ଅଭାବ ସୃଷ୍ଟି ହୋଇଥିଲା। ବେଙ୍ଗାଲୁରୁ, ମହାରାଷ୍ଟ୍ରର ନାସିକ, ଆନ୍ଧ୍ରର କର୍ନୁଲରୁ ଓଡ଼ିଶାକୁ ମୁଖ୍ୟତଃ ପିଆଜ ଆସିଥାଏ। ତେଣୁ ଏହି ସମୟରେ ପିଆଜ ଦର ୧୬୦ ଟଙ୍କା ପର୍ଯ୍ୟନ୍ତ ବଢ଼ିଯାଇଥିଲା।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଐଶ୍ୱର୍ଯ୍ୟ ରଞ୍ଜନ ମହାନ୍ତି



ଭକ୍ତି ପ୍ରତିମା



ପ୍ରିୟଙ୍କା ଶର୍ମା



ଭରତ ବେହେରା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର



ଅର୍ଥ ବଳରେ ଯେଉଁଠାରେ ନ୍ୟାୟ୍ କିଣାଯାଏ,
ସତ୍ୟ ସେଠାରେ ଆତ୍ମଗୋପନ କରେ।
- ମହର୍ଷି ମହେଶ ଯୋଗୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସ୍ମୃତିରେଖା
ପରିବାରବର୍ଗ



ଅନୁଷ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନକଲି ଅଟା କାରଖାନା ଉପରେ ଚଢ଼ାଉ

- ମେଶିନ ଜବତ, ଅଭିଯୁକ୍ତ ଅଟକ
- ଆଶୀର୍ବାଦ, ପରିବାର ବ୍ରାଣ୍ଡରେ ବିକ୍ରି ହେଉଥିଲା ଅଟା

**ଯାଜପୁର ଅଫିସ,୧୬।୧୨**

ଯାଜପୁର ଟାଉନ ପୋଲିସ ପକ୍ଷରୁ ସୋମବାର ଏକ ନକଲି ଅଟା କାରଖାନା ଉପରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ବିଭିନ୍ନ ବ୍ରାଣ୍ଡର ନକଲି ଅଟା ଜବତ କରାଯାଇଛି। ଏ ନେଇ ନକଲି ଅଟା କାରଖାନା ମାଲିକ କେଶବଚନ୍ଦ୍ର ପାଣିଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଯାଜପୁର ଟାଉନ ଥାନାରେ ୪୨୦,୪୮୩ ଆଇପିସି(କେସ ନମ୍ବର ୩୯୭) ଏବଂ ୬୩ କପିରାଇଟ ଆକ୍ଟ-୧୯୫୭ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ପରିବାର ଅଟା କମ୍ପାନୀର ଡିଟେକ୍ଟିଭ



ସ୍କ୍ୱାଡ ଓ ଯାଜପୁର ଥାନା ପୋଲିସ ଦେବୀଦ୍ୱାର ଗ୍ରାମର କେଶବ ଚନ୍ଦ୍ର ପାଣିଙ୍କ ଅଟାକଳ ଉପରେ ଚଢାଉ କରିଥିଲେ। ଚଢାଉରେ ପରିବାର କମ୍ପାନୀ ସମେତ ଆଶୀର୍ବାଦ ଅଟାର ପ୍ୟାକେଟ ମଧ୍ୟ ଠାବ କରାଯାଇଥିଲା। ପୋଲିସ ଖୋର୍ଦ୍ଧାର ଜାଆଁଳାଠାରେ ଥିବା ଉକ୍ତ ଅଟା କମ୍ପାନୀର ୨୭୦ଟି ବିଭିନ୍ନ ସାଇଜର ଅଟା ପ୍ୟାକେଟ ଜବତ କରିଥିବାବେଳେ ଆଶୀର୍ବାଦ ଅଟା କମ୍ପାନୀର ୨୮୦ ପ୍ୟାକେଟ ୧ କିଲୋ ବିଶିଷ୍ଟ ନକଲି ଅଟା ଓ ୬୫ ପ୍ୟାକେଟ ୫ କିଲୋ ବିଶିଷ୍ଟ ଅଟାକୁ ମଧ୍ୟ ଜବତ କରିଥିଲା। ଏଥିସହିତ ଅଟା ପ୍ରସ୍ତୁତ ହେଉଥିବା ମେଶିନକୁ ପୋଲିସ ଜବତ କରିବା ସହିତ ଅଟାକଳ ମାଲିକ କେଶବଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି। ଚଢାଉରେ ଯାଜପୁର ଥାନାଧିକାରୀ ଆଶିଷ କୁମାର ସାହୁଙ୍କ ସମେତ କଳ୍ପତରୁ ସାହୁ, ଅଟା କମ୍ପାନୀ ସ୍କ୍ୱାଡର ସଭ୍ୟ ଶଙ୍କର କୁମାର ଦାସ ଓ ରାଜେଶ ଭାରତୀ ସାମିଲ ଥିଲେ।

# ହାଓ୍ୱଡାକୁ ସ୍ୱାଭାବିକ ହେଉଛି ଟ୍ରେନ୍ ସେବା

- ବିଶାଖାପାଟଣାରୁ ଭାୟା ଭୁବନେଶ୍ୱର ଦେଇ ଯିବେ ଯାତ୍ରୀ
- ଷ୍ଟେଶନରେ ଅଟକିଥିବା ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା
- ଆସାମରେ ସ୍ଥିତି ସୁଧୁରୁନି, ସମସ୍ତ ଟ୍ରେନ୍ ବାତିଲ ରହିଛି

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ବିରୋଧ କରି ଦେଶରେ ଆନ୍ଦୋଳନ ଓ ହିଂସା ଜାରି ରହିଥିବାରୁ ଟ୍ରେନ୍ ସେବା ଗୁରୁତର ପ୍ରଭାବିତ ହୋଇଛି। ତେବେ ଆସାମ ସ୍ଥିତିରେ ସେପରି ସୁଧାର ଆସି ନ ଥିବାବେଳେ ପଶ୍ଚିମବଙ୍ଗରେ କ୍ରମଶଃ ସ୍ୱାଭାବିକ ହେଉଛି ଟ୍ରେନ୍ ଚଳାଚଳ। ହାଓଡ଼ା-ଖଡ଼ଗପୁର ରେଳ ସେକ୍ସନରେ ସୋମବାର ହାଓଡ଼ାକୁ ରେଳ ଚଳାଚଳ କରିଛି। କିନ୍ତୁ ସଂଲଗ୍ନ ଟ୍ରେନ୍‌ଗୁଡ଼ିକ ଫେରି ନ ଥିବାରୁ ପୂର୍ବଦିନ ଭଳି ବାତିଲ୍ କରାଯାଇଛି। ଆନ୍ଦୋଳନର ସ୍ଥିତିକୁ ଅନୁଧ୍ୟାନ କରାଯାଉଛି। ବିଭିନ୍ନ ଷ୍ଟେଶନରେ ଅଟକିଥିବା ଯାତ୍ରୀଙ୍କୁ ଅନ୍ୟ ଟ୍ରେନଗୁଡ଼ିକରେ ଯିବାର ବ୍ୟବସ୍ଥା କରାଯାଉଛି। ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଯାତ୍ରୀଙ୍କୁ ଭାୟା ଷ୍ଟେଶନଗୁଡ଼ିକରେ ଛଡ଼ାଯାଉଛି। ସେଠାରୁ ପୁଣି ଅନ୍ୟ ଟ୍ରେନ୍ କିମ୍ବା ସ୍ପେଶାଲ ଟ୍ରେନ୍ କରି ପଠାଇବାକୁ ଯୋଜନା କରାଯାଉଛି। ବିଶାଖାପାଟଣା ଷ୍ଟେଶନରେ ଗୁଆହାଟୀ ଯିବାକୁ ଅଟକି ଥିବା ୩୦୦ ଯାତ୍ରୀଙ୍କୁ ପ୍ରଶାନ୍ତି ଏକ୍ସପ୍ରେସ ଓ ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସରେ ଭୁବନେଶ୍ୱର ଅଣାଯିବା ପରେ ଏଠାରୁ ସେମାନଙ୍କୁ ପୁଣି ରାତିରେ ପୁରୀ-ହାଓଡ଼ା ଏକ୍ସପ୍ରେସ ଓ ଜଗନ୍ନାଥ ଏକ୍ସପ୍ରେସରେ ହାଓଡ଼ାକୁ ପଠାଯାଇଛି। ଏହା ଆଗକୁ ରହିଥିବା ଅଞ୍ଚଳରେ ବିରୋଧ ଓ ପ୍ରତିବାଦ ସହ ରେଳରୋକୋ ଜାରି ରହିଛି। ଯେଉଁସବୁ ସ୍ଥାନରେ ଟ୍ରେନ୍ ଚଳାଚଳ ବନ୍ଦ ରଖାଯାଇଛି, ସେଠାରେ ୨୪ ଘଣ୍ଟିଆ ସ୍ଥିତି ଅନୁଧ୍ୟାନ କରାଯାଉଛି। ସ୍ଥିତିରେ ସୁଧାର ଆସିଲେ ପ୍ରାଥମିକତା ଭାବେ ଷ୍ଟେଶନରେ ଅଟକି ରହିଥିବା ଯାତ୍ରୀଙ୍କୁ ପ୍ରଥମେ ନିୟମିତ ଟ୍ରେନରେ ଛଡ଼ାଯିବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

ଗତ ୧୩ ଓ ୧୪ ତାରିଖରୁ ଦେଶର ଟ୍ରେନ୍ ସେବା ସ୍ୱାଭାବିକ ହୋଇପାରୁନି। ବିଶେଷକରି ଆସାମରେ ବିରୋଧ ଥମି ନ ଥିବାରୁ ସମସ୍ତ ଟ୍ରେନ୍ ବାତିଲ୍ ରହିଛି। ସୋମବାର ରାତିରେ ପୁରୀ-କାମାକ୍ଷା ଏକ୍ସପ୍ରେସକୁ ମଧ୍ୟ ବାତିଲ୍ କରାଯାଇଛି। ସେହିପରି ମଙ୍ଗଳବାର ପାଇଁ ଏର୍ନାକୁଲମ-ହାଓଡ଼ା ଏକ୍ସପ୍ରେସ, ଗୁଆହାଟୀ-ବେଙ୍ଗାଲୁରୁ କ୍ୟାଣ୍ଟ ଏକ୍ସପ୍ରେସ, ଅଗରତାଲା-ବେଙ୍ଗାଲୁରୁ କ୍ୟାଣ୍ଟ ଏକ୍ସପ୍ରେସ ଓ ଗୁରୁବାର ଗୁଆହାଟୀ-ସିକନ୍ଦରାବାଦ ଏକ୍ସପ୍ରେସ ବାତିଲ୍ କରାଯାଇଛି।

## ସାତକୋଶିଆରେ ବ୍ୟାଘ୍ର ଆକଳନ ଆରମ୍ଭ

**ଗଣିଆ,୧୬।୧୨(ଡି.ଏନ.ଏ.)**

ସାତକୋଶିଆ ବ୍ୟାଘ୍ର ସଂରକ୍ଷଣାଞ୍ଚଳ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ୪ ବନାଞ୍ଚଳରେ ସୋମବାରଠାରୁ ବ୍ୟାଘ୍ର ଆକଳନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୪ ବନାଞ୍ଚଳର ସମସ୍ତ ବନ କର୍ମଚାରୀ ନିଜ ବିଟ୍ ଅଞ୍ଚଳରେ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ଚଳିତ ମାସ ୧୬, ୧୭,୧୮ ତାରିଖରେ ମାଂସାସୀ ପ୍ରାଣୀ ଓ ୧୯,୨୦,୨୧ ତାରିଖରେ ତୃଣଭୋଜି ପ୍ରାଣୀମାନଙ୍କର ଆକଳନ କରାଯିବ। ଅଭୟାରଣ୍ୟ ମଧ୍ୟରେ ପଗ୍ ଇମ୍ପ୍ରେଶନ ପ୍ୟାଡ(ପିଆଇପି), ଟ୍ରାଞ୍ଜିଟ୍ ଲାଇନ, ମୋବାଇଲ ଆପ୍ , କ୍ୟାମେରା ଟ୍ରାପ, ପ୍ରତ୍ୟକ୍ଷ ଦେଖିବା , ମଳ, ଗର୍ଜନ, ରାମ୍ପୁଡାଦାଗକୁ ଅନୁମାନ କରାଯାଇ ଆକଳନ କରାଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି । ଛାମୁଣ୍ଡିଆ ଓ କୁଶଙ୍ଗ ବନାଞ୍ଚଳରେ ବନାଞ୍ଚଳ ଅଧିକାରୀ ଅଶୋକ ଦାସ, ବାଣିଗୋଛା ପୂର୍ବ ବନାଞ୍ଚଳରେ ବନାଞ୍ଚଳ ଅଧିକାରୀ ସଂସାର ବର୍ଗିଆ ଓ ବାଣିଗୋଛା ପଶ୍ଚିମ ବନାଞ୍ଚଳର ବନାଞ୍ଚଳ ଅଧିକାରୀ ରୁକ୍ମଣ ବରିହାଙ୍କ ତତ୍ତ୍ୱାବଧାନରେ ସମସ୍ତ ବନପାଳ, ବନରକ୍ଷୀ ଓ ଅସ୍ଥାୟୀ ବନ କର୍ମଚାରୀମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଚାଲୁରହିଛି।

## ଗଜପତିଙ୍କ ମନ୍ତବ୍ୟକୁ କଂଗ୍ରେସର ନିନ୍ଦା

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ)**

ପୁରୀ ଗଜପତି ମହାରାଜାଙ୍କ ପ୍ରତି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାରତ ବର୍ଷର ସମସ୍ତ ଜନସାଧାରଣଙ୍କ ସମ୍ମାନ ରହିଛି। ତାଙ୍କ ସ୍ଥାନ ସ୍ୱତନ୍ତ୍ର ଏବଂ ବହୁ ଉଚ୍ଚରେ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି। ମାତ୍ର ପୁରୀର ବିକାଶ କେବଳ ନବୀନ ପଟ୍ଟନାୟକ ସରକାର କରିଛି ଏବଂ ଜାନକୀ ପଟ୍ଟନାୟକ ସରକାର କରିନାହାନ୍ତି ବୋଲି ଗଜପତି ମହାରାଜା ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ନିନ୍ଦନୀୟ। ରାଉତରାୟ ଏଠାରେ ଉଲ୍ଲେଖ କରିଛନ୍ତି ଯେ, ଜାନକୀ ପଟ୍ଟନାୟକ ସରକାର ସମୟରେ ପୁରୀର ବଡ଼ଦାଣ୍ଡ ପ୍ରଶସ୍ତୀକରଣ ପାଇଁ ଜବରଦଖଲ ଉଚ୍ଛେଦ କରାଯିବା ସହ ଗମନାଗମନର ସୁବିଧା ପାଇଁ ବସଷ୍ଟାଣ୍ଡ ଓ ନୂତନ ବସ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ଓ ବିଦ୍ୟୁତ ଲାଇଟ ବ୍ୟବସ୍ଥା କରାଯାଇଥିଲା। ସେହିପରି ପୁରୀରୁ କୋଣାର୍କ ପର୍ଯ୍ୟନ୍ତ ସୁନ୍ଦର ମେରାଇନ୍ ରାସ୍ତା ମଧ୍ୟ ହୋଇଥିଲା। ନବୀନ ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କେତେଗୁଡ଼ିଏ ମଠ ଭାଙ୍ଗିବା, କିଛି ରାସ୍ତା ନିର୍ମାଣ ଛଡ଼ା ଆଉ କିଛି କରିନାହାନ୍ତି ବୋଲି ସୁର କହିଛନ୍ତି।

## ଇଡ୍‌କୋ ଉଦ୍ୟୋଗ ସଂଶୋଧନ ଯୋଜନାର ସମୀକ୍ଷା କଲେ ଶିଳ୍ପମନ୍ତ୍ରୀ

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ)**

ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସୋମବାର ପୂର୍ବାହ୍ନରେ ଇଡ୍‌କୋଠାରେ ଉଦ୍ୟୋଗ ସଂଶୋଧନ ଯୋଜନା(ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଂ)ର ସମୀକ୍ଷା କରିଛନ୍ତି । ରାଜ୍ୟରେ ଶିଳ୍ପ ଉନ୍ନୟନ ସଂସ୍ଥା(ଇଡ୍‌କୋ) ଦ୍ୱାରା ଆରମ୍ଭ କରାଯାଇଥିବା ଆଇଟି ଗୋ-ଆଇ ପାସ୍ ସମ୍ପର୍କରେ ଉଦ୍ୟୋଗୀମାନଙ୍କ ଆବେଦନର ଆବଣ୍ଟନ ବିଷୟରେ ଅବଗତ ହେବା ନିମିତ୍ତ ଆରମ୍ଭ ହୋଇଥିବା ପ୍ରକ୍ରିୟା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଇଡ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଂଜୟ କୁମାର ସିଂ ଏହି ପ୍ରକ୍ରିୟା ସମ୍ପର୍କରେ ସବିଶେଷ ତଥ୍ୟ ମନ୍ତ୍ରୀ ମିଶ୍ରଙ୍କୁ ଅବଗତ କରାଇଛନ୍ତି। ଏହା ବ୍ୟତୀତ ଓଡ଼ିଶାରେ ଶିଳ୍ପ ବିକାଶ କ୍ଷେତ୍ରରେ ତ୍ୱରାନ୍ୱିତ କରାଯାଉଥିବା ଭିତ୍ତି ସଂରଚନା କାର୍ଯ୍ୟ ପ୍ରଣାଳୀ ବେଳେ ସରକାରଙ୍କ ଦ୍ୱାରା କରାଯାଇଥିବା ୫-'ଟି'ର ଆଭିମୁଖ୍ୟ ପ୍ରତି ପାଳନ ସମ୍ପର୍କରେ ସମୀକ୍ଷା କରିଛନ୍ତି।

## ଥମୁନି ସିଏଏ...

ପ୍ରଥମ ପୃଷ୍ଠାରୁ...

ସୋମବାର ଇଣ୍ଡିଆ ଗେଟ୍ ନିକଟରେ ଧାରଣାରେ ବସିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଅହମଦ ପଟେଲ, ଏ.କେ. ଆଣ୍ଟୋନି, ଗୁଲାମ ନବୀ ଆଜାଦ, ରଣଦୀପ ସୁର୍ଜେଓ୍ୱାଲା ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଜାମିଆ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ପ୍ରିୟଙ୍କା ନିନ୍ଦା କରିବା ସହ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ସମାଲୋଚନା କରିଥିଲେ। ଦେଶର ପରିବେଶ ଖରାପ ହୋଇଗଲାଣି। ବିଶ୍ୱବିଦ୍ୟାଳୟ ପରିସରରେ ପୋଲିସ ପଶି ଛାତ୍ରୀଛାତ୍ରଙ୍କୁ ମାଡ଼ ମାରୁଛି। ସରକାର ସମ୍ବିଧାନକୁ ବଦଳାଇବାକୁ ଉଦ୍ୟମ କରୁଛନ୍ତି। କଂଗ୍ରେସ ଏହା ହେବାକୁ ଦେବନି। ଜାମିଆରେ ପୋଲିସ କାର୍ଯ୍ୟାନୁଷ୍ଠାନ ଭାରତର ଆତ୍ମା ଉପରେ ଆକ୍ରମଣ ବୋଲି ପ୍ରିୟଙ୍କା କହିଥିଲେ।

ବିଶ୍ୱବିଦ୍ୟାଳୟ ନିକଟରେ ନାଗରିକତ୍ୱ ସଂଶୋଧନ ଆଇନ ବିରୋଧୀ ଆନ୍ଦୋଳନ ଚାଲିଥିବାବେଳେ ତାହା ହିଂସାତ୍ମକ ରୂପ ନେଇଥିଲା। ଏଥିରେ ଜାମିଆ ପିଲାଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ରବିବାର ପୋଲିସ ଜାମିଆ କ୍ୟାମ୍ପସ୍‌ରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ତଡ଼ିବା ପାଇଁ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଏହାର ତଦନ୍ତ ଦାବିରେ ସାରା ଦେଶରୁ ହଜାର ହଜାର ଛାତ୍ରୀଛାତ୍ର ରାଜରାସ୍ତାକୁ ଓହ୍ଲାଇଛନ୍ତି। ଛାତ୍ରୀଛାତ୍ରଙ୍କ ପ୍ରତି ପୋଲିସର ବର୍ବରତାକୁ କଂଗ୍ରେସ ସମେତ ବିଭିନ୍ନ ଦଳ ପକ୍ଷରୁ ନିନ୍ଦା କରାଯିବା ସହ ଏହାର ବିଚାର ବିଭାଗୀୟ ତଦନ୍ତ ପାଇଁ ଦାବି ହୋଇଛି। କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ପୋଲିସ କିପରି ବିଶ୍ୱବିଦ୍ୟାଳୟରେ ପ୍ରବେଶ କରି ଏଭଳି କାଣ୍ଡ ଭିଆଇଲା ବୋଲି ଆଜାଦ ପ୍ରଶ୍ନ କରିଛନ୍ତି। ଜାମିଆ ଛାତ୍ରଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ କଂଗ୍ରେସ ନେତା ଆଜାଦ, କପିଲ ଶିବଲ, ସିପିଏମ୍ ନେତା ସୀତାରାମ ୟେଚୁରୀ, ସିପିଆଇର ଡି. ରାଜା, ଆର୍‌ଜେଡି ନେତା ମନୋଜ ଝା, ସମାଜବାଦୀ ପାର୍ଟିର ଜାଭେଦ ଅଲି ଖାନ ଏବଂ ଶରଦ ଯାଦବ ଏକ ଖବରଦାତା ସମ୍ମିଳନୀରେ ନିନ୍ଦା କରିଥିଲେ। ହିଂସା ପଛରେ କଂଗ୍ରେସର ହାତ ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିଯୋଗ କରିଥିବାବେଳେ ଆଜାଦ ତାହାକୁ ଖଣ୍ଡନ କରିଛନ୍ତି। ସୁପ୍ରିମକୋର୍ଟର ଜଣେ ବିଚାରପତିଙ୍କ ଦ୍ୱାରା ଘଟଣାର ତଦନ୍ତ ଲାଗି ୟେଚୁରୀ ଦାବି କରିଛନ୍ତି।

## ଚୋରି ଜଗିବେ

ସରକାରୀ ଉଦ୍ୟୋଗ ଗୁଡ଼ିକୁ କୁହାଯାଇଛି। ଏହାଦ୍ୱାରା ଜନସାଧାରଣଙ୍କୁ ଲଘୁଖଣିଜ ପଦାର୍ଥ ସହଜରେ ମିଳି ପାରିବ । ଲଘୁ ଖଣିଜ ପଦାର୍ଥ ଚୋରିକୁ ଯେପରି ସମ୍ପୂର୍ଣ୍ଣ ପ୍ରତିହତ କରାଯାଇ ପାରିବ ସେ ନେଇ ନୂତନ ନିୟମରେ ବ୍ୟବସ୍ଥା କରିବା ରହିଛି। ଖୁବ୍‌ଶୀଘ୍ର ଏହି ନୂତନ ନିୟମକୁ କାର୍ଯ୍ୟକାରୀ କରାଯିବ ବୋଲି ରାଜସ୍ୱ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଶୁକ୍ର କର୍ମସ୍ଥାନସ୍ଥ ଯୋଗୁ ଆପଣ ମଧୁର ବାକ୍ୟାଳାପ ଦ୍ୱାରା ଅନ୍ୟକୁ ଆପଣାର କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ଆସିବା ବାଟକୁ ଅପେକ୍ଷା କରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ବିବାଦୀୟ ଘଟଣାରେ କୌଣସି ପକ୍ଷ ସମର୍ଥନ କରିବା ଠିକ୍ ହେବ ନାହିଁ। ଚଳଚ୍ଚିତ୍ର, ସାହିତ୍ୟ, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ କହେବେ।

**ବୃଷ** ରାହୁଙ୍କ କୁପ୍ରଭାବରେ ଛୋଟ ଛୋଟ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା କାରଣରୁ କଳହ ଲାଗିବ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଧାର କରିବାକୁ ପଡ଼ିପାରେ। ଅଯଥା ପରକଥାରେ ମନଦେଇ ନିଜ କାମକୁ ଅବହେଳା କରି ସମାଲୋଚିତ ହେବେ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** ଆକସ୍ମିକ ଭାବେ ସହକର୍ମୀଙ୍କ ସହ ଟଙ୍କା ପଇସାକୁ କେନ୍ଦ୍ର କରି କଳହ ଘଟିପାରେ। ବନ୍ଧୁ ଗହଣରେ ବେଶି ସମୟ କଟିଲେ ମଧ୍ୟ ଘରର ଅଶାନ୍ତି ମନକୁ ଭାରାକ୍ରାନ୍ତ କରି ରଖିବ। ପୁନର୍ବସୁ ନକ୍ଷତ୍ରର ସମ୍ପର୍କୀୟ ବ୍ୟକ୍ତିମାନଙ୍କ ସକାଶେ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ହେବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ କୌଣସି ସମସ୍ୟା ରହିବ ନାହିଁ।

**କର୍କଟ** ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ଯୋଗୁ ପରିସ୍ଥିତି ଆପଣଙ୍କ ଚିନ୍ତାଧାରାକୁ ବିଗାଡ଼ି ଦେବା ଫଳରେ ବନ୍ଧୁମାନେ ସାହାଯ୍ୟ କରିବାକୁ ଆଗେଇ ଆସିବା ବଦଳରେ ସ୍ୱାର୍ଥହାନି ଆଶଙ୍କାରେ ଦୂରେଇଯିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ।

**ସିଂହ** ଦ୍ୱାଦଶସ୍ଥ ରାହୁ ଯୋଗୁ କାର୍ଯ୍ୟରେ ପ୍ରତିବନ୍ଧକ ଓ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ କେନ୍ଦ୍ରକରି ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ବ୍ୟବସାୟରେ ମନମୁତାବକ ସୁଫଳ ପାଇବେ।

**କନ୍ୟା** ଅଷ୍ଟମାଧିପତି ଧନସ୍ଥାନସ୍ଥ ଯୋଗୁ ଆର୍ଥିକ ଅଭାବ ସାଙ୍ଗକୁ ପ୍ରତ୍ୟେକ କାମ ବହୁ ବିଳମ୍ବରେ ହେଉଥିବାରୁ ବ୍ୟସ୍ତତା ବଢ଼ିଯିବ। ବନ୍ଧୁ କିମ୍ବା ଆତ୍ମୀୟଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଟଣାଓଟରା ଲାଗିଯିବ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବେ। ବ୍ୟବସାୟ, ନିର୍ମାଣ ଓ ଆଇନ ଅଦାଲତରେ କାମର ଚାପ ବିଶେଷ ପରିମାଣରେ ବୃଦ୍ଧି ପାଇବ।

**ତୁଳା** ସ୍ୱଗୃହକୁ ଶନିଙ୍କ ଦୃଷ୍ଟିରୁ ଆପଣ ପରିସ୍ଥିତିବଶତଃ ଆଲୋଚନା କ୍ଷେତ୍ରରେ ଠିକ୍ କଥା କହିପାରିବେ ନାହିଁ। ପୁନଶ୍ଚ କେତେକ କ୍ଷେତ୍ରରେ ଅପ୍ରିୟ ସତ ପ୍ରକାଶ କରି ସମସ୍ୟାକୁ ନିମନ୍ତ୍ରଣ କରିବେ। ବ୍ୟୟଭାର କ୍ରମଶଃ କମି କମି ଆସିବ ଏବଂ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା** ରାଶିରେ ବୁଧଙ୍କ ପ୍ରଭାବ ହେତୁ କାମର ଚାପ ବୃଦ୍ଧି ପାଇବା କାରଣରୁ କିଛିଟା ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହେବ। ଅବଶ୍ୟ ଆଜି ଯାହା ଯେମିତି ଚାହୁଁଛନ୍ତି କିମ୍ବା ଭାବୁଛନ୍ତି ଠିକ୍ ସେପରି ଫଳ ହାତେ ହାତେ ପାଇପାରିବେ। ବହୁତ ଦିନ ହେଲା ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବିବାଦୀୟ ଘଟଣାରେ ବିଜୟ ଲାଭର ଆଶା ଗୌଣ ମନେ ହେବ।

**ଧନୁ** ଆଜି ଚାରୋଟି ଗ୍ରହ ରାଶିରେ ଅବସ୍ଥାନ କରୁଥିବାରୁ ପୁରାତନ ରୋଗପୀଡ଼ା ଓ ପୂର୍ବ ଶତ୍ରୁତାକୁ ନେଇ ମନ ବିଶେଷ ଭଲ ରହିବ ନାହିଁ। କୌଣସି କାର୍ଯ୍ୟ ସକାଶେ ଅର୍ଥର ଆବଶ୍ୟକତାକୁ ନେଇ ଦୂର ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ରାଜନୀତି, କଳା, ସାହିତ୍ୟ, ପ୍ରଶାସନିକ ସ୍ତର ତଥା ସଭାସମିତି କାମରେ ବ୍ୟସ୍ତତା ବୃଦ୍ଧି ପାଇବ।

**ମକର** ମନ ପ୍ରଫୁଲ୍ଲ ରହିବା ସାଙ୍ଗକୁ ପ୍ରତ୍ୟେକ କାମ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ସାମାନ୍ୟ ବିଳମ୍ବିତ ସମୟରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଆନୁଷ୍ଠାନିକ, ସାଙ୍ଗଠନିକ ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହୋଇଯିବ। ମାଲିମକଦ୍ଦମାରେ ସଫଳତା ହାସଲ କରିବେ ଏବଂ ଆର୍ଥିକ ପରିସ୍ଥିତି ପ୍ରାୟତଃ ମନ୍ଦ ହେବନି।

**କୁମ୍ଭ** କୋଣଭାବସ୍ଥ ରାହୁ ହେତୁ ଏକ ସାଧାରଣ ଆଲୋଚନା ମଧ୍ୟରେ ଭୁଲ୍ ବୁଝାମଣା କାରଣରୁ ବନ୍ଧୁମାନଙ୍କ ସହ କଳହ ଘଟିପାରେ। ତଥାପି ଜମିଜମା କାରବାର, ସରକାରୀ ସୂତ୍ରରୁ ଅର୍ଥ, ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। କିନ୍ତୁ ବାଣିଜ୍ୟ, ବ୍ୟବସାୟ, ପରିବହନକୁ କେନ୍ଦ୍ରକରି ବାଦବିବାଦରେ ଆପୋସ ସମାଧାନ ଘଟିବାର ଆଶା ରହିଛି।

**ମୀନ** ଆଜି ଯାହା ଓ ଯେମିତି ଭାବୁଛନ୍ତି, ଠିକ୍ ସେହିପରି ହିଁ ପାଇବେ । କିନ୍ତୁ କର୍ମକ୍ଷେତ୍ରରେ ଅପରାହ୍ନରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କ୍ରୀଡ଼ା, କଳା ଓ ଚଳଚ୍ଚିତ୍ର କ୍ଷେତ୍ରରେ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବାର ଆଶଙ୍କା ରହିଛି। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇପାରନ୍ତି।

ଆଜି ପୌଷ କୃଷ୍ଣ ଷଷ୍ଠୀ ମଙ୍ଗଳବାର, ଡିସେମ୍ବର ୧୭ ତାରିଖ, ରାଶି ନକ୍ଷତ୍ର-ମଘା/ସିଂହ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମକର ରାଶିର ଘାତବାର, ସକାଳ ଘ.୭।୦୨ମି. ମଧ୍ୟେ ଘ.୭।୪୪ମି. ଗତେ, ଘ.୧୧।୨୧ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦।୨୨ମି. ଗତେ ଘ.୧୧।୪୨ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୨।୨୪ମି. ଗତେ ଘ.୩।୪୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate
SALE

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

ନଖରା ତ୍ରିନାଥବଜାରଠାରେ SC Plot 1200sqft. 4,44,000/-, ଘରବାରୀ ପାଚେରୀ ଥାଇ outrightରେ ମିଳୁଅଛି- 9348817649, 6371569855. D-68443

3BHK at Damana Chhak near Club town. Price- 85/90 lakh. Contact: 8249083968, 7978414100. D-15592

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର Tamandoରେ yellozone plot 30ft ରାସ୍ତାଥାଇ କିଣନ୍ତୁ, ବାଲିଅନ୍ତାରେ ready to move Duplex, 9348767829. D-68441

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68927

Bhubaneswar ପିତାପଲ୍ଲୀଛକରେ NHକୁ ଲାଗିକି plot ମିଳୁଅଛି। 9090963952. D-68451

2BHK simplex 2600000 finishing Hanspal low cost plot available. 7853930213 D-68629

Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851. D-68445

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68913

Outright plot sale Chhatabar Bypass roadside 3000sqft. 15,00,000/-, in front of Apartment, 9437306208. D-68447

11000sqft. single plot near C.V. Raman college, Janla Sqft. 800/- 9438400633. D-68448

ଭୁବନେଶ୍ୱର ପାହାଳ (ବଙ୍ଗୁଆରୀ) ଓ ନଖରାରେ ସଙ୍ଗେ ସଙ୍ଗେ ଘରକଲା ଭଳି plot 30' ରାସ୍ତାଥାଇ ବିକ୍ରି ହେଉଅଛି। 9692712917, 8249728525. D-68449

Ready to move 2/3 BHK flat in landmark PH-2, Sundarpada, Big Society, clubhouse, park available. Contact: 9938569014, 9861433014. D-15661

Yellowzone ready to move plot near NH, Pitapalli, Khordha. 9437827966, 7978441564. D-15729

construction

Construct your building as per your terms and condition. Contact: 9937064680. D-27284

healthcare

Rejuvenate and ayurvedic full body massage by smart therapist. 9114402304. D-68904

Refresh your mind and soul with best therapy at Orchid Salon/Spa. 9937287222. D-68722

Ayurvadic full body massage Ladies & gents. Contact: 9861064981. D-68721

Newly open full body massage by ladies, gents therapist. 8018656899 D-60858

Ayurvedic full body massage by ladies, gents therapist. 7008773793 D-60859

Sai herbal spa refresh your body with smart, expert therapist. 7608062524. D-68923

Ayurvedic full body massage ladies/ gents smart experts therapist: 8480939300. D-68726

Take full body therapy. Just call 7852986810. D-68528

Ayurvedic full body massage ladies & gents smart therapist, 9668814589. D-68723

Monalisa Massage Club: All types body massage with hiprofile smart lady rooms service available- 9708545108. D-15762

Full body herbal massage with refreshment expert therapist. 7381239385, 06 742540855. D-68929

Experience full body massage with us (expert). Call: 7377048581, 06742597822. D-68930

Herbal full body massage by smart / expert therapist. Contact: 8338067247. D-68931

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68932

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

business

Caterer/ gharka khana/ Tiffin system north indian Lunch & Dinner weekly three days Nonveg with home delivery @ 3500/- per month. Bhubaneswar, for details Contact: 9668732935. D-67267

AFFIDAVIT

By virtue of an affidavit on 09.09.2010 before Executive Magistrate, Bargarh I, Tinu Agrawala, aged 24 years, W/o Amit Kumar Gupta D/o Shyamsunder Agrawala resident of Bargarh presently residing in inlaws house in Kantabanji (Odisha ) change my maiden name and assume name Pooja Gupta. Henceforth I will be known as my new changed name Pooja Gupta for all official and practical purposes. D-15767

# ଶୀତଦିନେ ଶିଶୁର ଯତ୍ନ

ଅନ୍ୟଦିନ ଅପେକ୍ଷା ଶିତଦିନେ ଥଣ୍ଡା ପାଗ ଯୋଗୁ ବିଭିନ୍ନ ରୋଗର ଆଶଙ୍କା ଅଧିକ ଥାଏ। ତେଣୁ ଏଦିନେ ଶିଶୁର ଯତ୍ନ ପ୍ରତି ବିଶେଷ ଗୁରୁତ୍ୱ ଦେବାକୁ ପଡ଼ିଥାଏ...





ଡା. ସରୋଜିନୀ ଷଡଙ୍ଗୀ

ଯେଉଁ ଶିଶୁ ଜନ୍ମବେଳେ ଠିକ୍ ଓଜନର ହେବା ସହ ଭଲ ଭାବେ କାନ୍ଦିଥାଏ ଆମେ ତାକୁ ସୁସ୍ଥ ଶିଶୁ ବୋଲି କହିଥାଉ। ତଥାପି ଜନ୍ମପରେ ପରେ ଶିଶୁର ଚିକିତ୍ସା ଆବଶ୍ୟକ। ଏହା ମଧ୍ୟ ବାହାର ଉତ୍ତାପ ଉପରେ ନିର୍ଭର କରିଥାଏ। ଗ୍ରୀଷ୍ମ ଓ ଶୀତଋତୁରେ ଶିଶୁର ଚିକିତ୍ସା ଭିନ୍ନ ଭିନ୍ନ ହୋଇଥାଏ। ସାଧାରଣତଃ ଜନ୍ମ ପରେ ଶିଶୁକୁ ଶୁଖିଲା ଓ ପତଳା କନାରେ ପୋଛିଦେଇ ସମ୍ପୂର୍ଣ୍ଣ ଭାବେ ଘୋଡ଼ାଇଦେବା ଉଚିତ। ବିଶେଷକରି ଶୀତଦିନେ ବାହାର ତାପମାତ୍ରା କମ୍ ଥିବାରୁ ଶିଶୁକୁ ଘୋଡ଼ାଇଦେଇ ବେବି ୱାର୍ମରରେ ଶୁଆଇ ଦିଆଯାଏ। ମା' ଗର୍ଭରେ ଥିବାବେଳେ ସେ ଯେତିକି ଉଷୁମ ରହୁଥିଲା ବେବି ୱାର୍ମରରେ ମଧ୍ୟ ସେତିକି ଉତ୍ତାପ ରହିବା ଆବଶ୍ୟକ। ଦ୍ୱିତୀୟ କଥା ହେଉଛି ଶ୍ୱାସକ୍ରିୟା ଠିକ୍ ହେଉଛି ନା ନାହିଁ ଦୃଷ୍ଟି ଦେବା ଦରକାର।

ଏହା ପରର ମୁଖ୍ୟ ଜିନିଷ ହେଉଛି ଶିଶୁର ଖାଦ୍ୟ। ଜନ୍ମହେବା ମାତ୍ରେ ଶିଶୁକୁ ମା' କ୍ଷୀର ଖୁଆଇବା ଆବଶ୍ୟକ। ସେ ସମୟରେ ମା' ତାକୁ ଭଲଭାବେ କୋଳେଇ ନେବା ଦ୍ୱାରା ମା'ର ହାତ ଓ ପିନ୍ଧିବା ବସ୍ତ୍ର ତାକୁ ଉଷୁମ ରଖିବାରେ ସାହାଯ୍ୟ କରିଥାଏ। ଏହାଛଡ଼ା ଖାଇବା ପରେ ମଧ୍ୟ ମା'ର ଉଷୁମ କୋଳ ତାକୁ ଗରମ ରଖିଥାଏ, ଏହାକୁ ରୁମିଂ ଇନ୍ ବା ବେଡିଂ ଇନ୍ କୁହାଯାଏ। ଏହା ମା' ଓ ଶିଶୁ ମଧ୍ୟରେ ଏକ ସୁଦୃଢ଼ ବନ୍ଧନ ରଖିବା ସହ ଶିଶୁକୁ ସୁରକ୍ଷା ଦେଇଥାଏ। ଶୀତଦିନେ ପ୍ରାୟ ପ୍ରତ୍ୟେକ ହସ୍ପିଟାଲରେ ଶିଶୁକୁ ଗରମ ରଖିବା ଲାଗି ମା' ନିଜ ଶାଢ଼ି ବା ଗାଉନ ଭିତରେ ଘୋଡ଼ାଇ ରଖି କ୍ଷୀର ଖୁଆଇବାକୁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି, ଯାହାକୁ କଙ୍ଗାରୁ କେୟାର କୁହାଯାଇଥାଏ।

ଶୀତଦିନେ ଜନ୍ମହେବା ପରେ ପରେ ଶିଶୁକୁ ଗାଧୋଇଦେବା ଉଚିତ୍ ନୁହେଁ। ସେଥିପାଇଁ ଆଜିକାଲି ଶିଶୁକୁ ଅଏଲ୍ ବାଥ୍ ଦିଆଯାଉଛି କିମ୍ବା କେବଳ ମଳ ପୋଛି ବେବି ୱାର୍ମରରେ ଶୁଆଇ ଦିଆଯାଉଛି। ଅନ୍ୟଦିନ ଅପେକ୍ଷା ଏଦିନେ ଶିଶୁର ଅଧିକ ଯତ୍ନ ନେବାକୁ ପଡ଼ିଥାଏ। ବାହାରର ଥଣ୍ଡା ପବନରୁ ରକ୍ଷା ପାଇବା ପାଇଁ କବାଟ ଝରକା ବନ୍ଦ କରି ଉଷୁମ ତେଲ ମାଲିସ୍ କରିବା ଆବଶ୍ୟକ। ନଡ଼ିଆ ତେଲ, ରାଶି ତେଲ, ଅଲିଭ୍ ତେଲ କିମ୍ବା ଯେକୌଣସି ବେବି ଅଏଲ୍‌କୁ ନଖଉଷୁମ କରି ମାଲିସ୍ କରିବା ଭଲ। ତେଲ ମାଲିସ୍ ଆଗରୁ ହାତକୁ ସାମାନ୍ୟ ଗରମ କରିବା ଦରକାର। ଏହାପରେ ସଙ୍ଗେସଙ୍ଗେ ଶିଶୁକୁ ଘୋଡ଼ାଇ ଦେଇ ଖୁଆଇବା ଆବଶ୍ୟକ। ଦିନକୁ ଦୁଇଥର ତେଲ ମାଲିସ୍ କଲେ ଶିଶୁ ଦେହରେ ରକ୍ତ ସଞ୍ଚାଳନ ଭଲ ହେବା ସହ ଶରୀରକୁ ସଶକ୍ତ ହେବାରେ ସାହାଯ୍ୟ କରିଥାଏ। ମାଲିସ୍ ପରେ ଶିଶୁକୁ ଗାଧୋଇବା ପୂର୍ବରୁ କୋଠରିକୁ ରୁମ୍ ହିଟର ଲଗାଇ ଉଷୁମ କରିବା ସହ ଉଷୁମ ପାଣିରେ ଗାଧୋଇବା ଦରକାର। ପ୍ରଥମେ ପ୍ରଥମେ ଶିଶୁକୁ ଅଧିକ ନ ଗାଧେଇ ଉଷୁମ ପାଣିରେ କପଡ଼ା ବୁଡ଼ାଇ ଚିପୁଡ଼ି ଭଲଭାବେ ପୋଛିବା(ସ୍ପଞ୍ଜିଂ) ଆବଶ୍ୟକ।

ଶୀତଦିନେ ଶିଶୁକୁ ନରମ ଉଲେନ ପୋଷାକ ପିନ୍ଧାଇବା ଆବଶ୍ୟକ। ଏଥିସହ ହାତ ଓ ଗୋଡ଼ ମୋଜା, ଟୋପି ପିନ୍ଧାନ୍ତୁ। ସୂତା କମ୍ବଳ ବା ନରମ ଉଲେନ କମ୍ବଳ ଘୋଡ଼ାଇବା ଦରକାର। କିନ୍ତୁ ବେଳେବେଳେ ବେଶି ଗରମ ଡ୍ରେସ୍ ପିନ୍ଧାଇଲେ ଶିଶୁର ଝାଳ ବାହାରି ଡିହାଇଡ୍ରେଶନ୍ ହୋଇଯାଏ। ଏଥିପାଇଁ ଶିଶୁ ଘନ ଘନ ନିଃଶ୍ୱାସ ନିଏ।

ଏହି ଦିନେ ଥଣ୍ଡା, କାଶ, ଜ୍ୱର, ଫ୍ଲୁ ବା ଏନ୍‌ଫ୍ଲୁଏଞ୍ଜା ଓ କିଛି ଭୂତାଣୁଜନିତ ରୋଗ ହୋଇଥାଏ। ଶିଶୁର ରୋଗ ପ୍ରତିରୋଧକକାରୀ ଶକ୍ତି ବଢ଼ାଇବା ପାଇଁ ଶିଶୁକୁ ନିୟମିତ ସ୍ତନ୍ୟପାନ କରାନ୍ତୁ। ଶିଶୁକୁ ଧରିବା ଆଗରୁ ହାତକୁ ସାବୁନରେ ଭଲଭାବେ ଧୁଅନ୍ତୁ। ଶୀତଦିନେ ଥଣ୍ଡା, ଜ୍ୱର, କାଶ, କଫ, ଛିଙ୍କ ଆଦି ବ୍ୟାପୁଥିବାରୁ ଯେଉଁମାନଙ୍କୁ ଏହା ହୋଇଥାଏ ସେମାନଙ୍କଠାରୁ ଶିଶୁକୁ ଦୂରେଇ ରଖନ୍ତୁ। ଶିଶୁକୁ ଉପଯୁକ୍ତ ସମୟରେ ଟିକା ଦିଅନ୍ତୁ। କାରଣ ଏହା କେତେଗୁଡ଼ିଏ ବିପଜ୍ଜନକ ରୋଗରୁ ରକ୍ଷା କରିଥାଏ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଫ୍ଲୁ ଭ୍ୟାକ୍ସିନ୍ ଦିଅନ୍ତୁ। ପରିବାର ସଦସ୍ୟଙ୍କୁ ଧୂମପାନ କରିବାରୁ ବିରତ କରାନ୍ତୁ। କାରଣ ଏହାଦ୍ୱାରା ଶିଶୁ(ନିଷ୍କ୍ରିୟ ଧୂମପାନ ବା ପାସିଭ୍ ସ୍ମୋକିଂ) ବେଶି ପରିମାଣରେ କାଶ, କଫ ଓ ଭୂତାଣୁଜନିତ ସଂକ୍ରମଣ ଭୋଗିଥାନ୍ତି। ଶିଶୁଙ୍କୁ ଥଣ୍ଡା, ଜ୍ୱର, କାଶ ବା ଫ୍ଲୁ ହେଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ କାଳ ବିଳମ୍ବ ନ କରି ଔଷଧ ଦିଅନ୍ତୁ। କାରଣ ଏହା ବେଳେବେଳେ ନିମୋନିଆ ଭଳି ମାରାତ୍ମକ ଶ୍ୱାସଜନିତ ସଂକ୍ରମଣ କରାଏ। ଏହାଦ୍ୱାରା ଶିଶୁକୁ ଶ୍ୱାସରୋଗ ମଧ୍ୟ ହୋଇଥାଏ। ଯଦି ଶିଶୁର ୧୦୦-୧୦୨ ଡିଗ୍ରୀ ଟେମ୍ପରେଚର ରହୁଛି ତେବେ ସଙ୍ଗେସଙ୍ଗେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଶୀତଦିନେ ଥଣ୍ଡା ବାତାବରଣ ଯୋଗୁ ଶିଶୁମାନେ ରୋଗରେ ପଡ଼ିବା ସ୍ୱାଭାବିକ। ତେଣୁ ଏହି ଋତୁରେ ଖୁବ୍ ଯତ୍ନବାନ୍ ହୁଅନ୍ତୁ ଏବଂ ନିଜ ଶିଶୁକୁ ସୁସ୍ଥ ରଖନ୍ତୁ।

- ଲିଙ୍କ୍‌ରୋଡ୍, କଟକ ୧୨
ମୋ- ୯୪୩୭୦୫୫୦୦୭

ଖାଦ୍ୟ ରୁଚି

## ଆମ୍ବଳା ମୁରବ୍ବା



**ଆବଶ୍ୟକ ସାମଗ୍ରୀ:** ଅଁଳା ୧ କିଗ୍ରା,ଫିଟିକିରି- ୫ଗ୍ରାମ୍, ଚିନି ୧ କିଗ୍ରା, ପାଣି।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଁଳାକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏକ ଫର୍କ ବା କଣ୍ଟା ଚାମଚ ସାହାଯ୍ୟରେ ଅଁଳାଗୁଡିକ ଉପରୁ କଣା କରିଦିଅନ୍ତୁ। ଏକ ବଡ ପାତ୍ରରେ ପାଣି ନେଇ ସେଥିରେ ୫ଗ୍ରାମ୍ ଫିଟିକିରି ମିଶାନ୍ତୁ। ସେଥିରେ ଏହି ଅଁଳା ପକାଇ ରଖିଦିଅନ୍ତୁ। ସେହିପରି ୮-୧୦ ଘଣ୍ଟା ରହିବା ପରେ ଅଁଳାକୁ କାଢି ସାଧା ପାଣିରେ ୩-୪ ଥର ଭଲ ଭାବେ ଧୋଇ ଦିଅନ୍ତୁ। ଏହାକୁ ଏକ ପାତ୍ରରେ ରଖି ଚିନି ଏବଂ ଏକ କପ୍ ପାଣି ଦିଅନ୍ତୁ। ଏହାକୁ ଭଲ ଭାବେ ଗୋଳାଇ ୨୦ ମିନିଟ୍ ଛାଡି ଦିଅନ୍ତୁ। ପରେ ଏହାକୁ ଗ୍ୟାସ୍ ଚୁଲାରେ ବସାଇ ଅଳ୍ପ ଆଞ୍ଚରେ ଧିରେ ଧିରେ ଘାଣ୍ଟନ୍ତୁ। ଅଁଳାର ରଙ୍ଗ ବଦଳିବା ସହ ଚିନି ଗାଢ ହୋଇଗଲେ ଚୁଲା ବନ୍ଦ କରିଦିଅନ୍ତୁ। ଏହାକୁ ଘୋଡାଇ ୧୨ ଘଣ୍ଟା ଛାଡିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଅଁଳା ମୁରବା, ଏହାକୁ ଖାଇବାର ଆନ୍ଦ ନିଅନ୍ତୁ।

ସୌନ୍ଦର୍ଯ୍ୟ

## ଷ୍ଟ୍ରେଚ୍‌ମାର୍କରୁ ମୁକ୍ତି

ଶିଶୁ ଜନ୍ମ ପରେ ଅଧିକାଂଶ ମା'ଙ୍କ ପେଟ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଷ୍ଟ୍ରେଚ୍‌ମାର୍କ ହୋଇଯାଏ, ଯାହା ସୌନ୍ଦର୍ଯ୍ୟ ନଷ୍ଟ କରିଦିଏ ବୋଲି ଅନେକେ ବ୍ୟସ୍ତ ହୋଇଥାନ୍ତି। ହେଲେ ଏଥିପାଇଁ ବ୍ୟସ୍ତ ନ ହୋଇ କେତୋଟି ସହଜ ଉପାୟ ଆପଣାଇଲେ ଧୀରେ ଧୀରେ ଷ୍ଟ୍ରେଚ୍‌ମାର୍କ ଦୂରେଇ ପାରିବେ...

**ଅଏଲ୍ ମସାଜ୍:** ପେଟ ଏବଂ ଅନ୍ୟ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନରେ ଅଏଲ୍ ମସାଜ୍ କରିବା ଦ୍ୱାରା ତାହା ନରମ ହେବା ସହ ଧୀରେ ଧୀରେ ମାର୍କ ଦୂର ହେବାରେ ସାହାଯ୍ୟ କରିଥାଏ। ତେବେ ଏହାକୁ ଲଗାଇବାର ସବୁଠୁ ଭଲ ଉପାୟ ହେଉଛି ଉଷୁମ ପାଣିରେ ଗାଧୋଇବା ପରେ ଧୀରେ ଧୀରେ ପ୍ରାୟ ୨ ମିନିଟ୍ ପର୍ଯ୍ୟନ୍ତ ମାର୍କ ହୋଇଥିବା ସ୍ଥାନରେ ତେଲ ଘଷନ୍ତୁ। ଏଥିପାଇଁ ବାୟୋ ଅଏଲ୍ କିମ୍ବା ନଡ଼ିଆ ତେଲ ସବୁଠୁ ଭଲ।

**କ୍ରିମ୍:** ଷ୍ଟ୍ରେଚ୍‌ମାର୍କ ଦୂର କରିବା ଲାଗି ବର୍ତ୍ତମାନ ବିଭିନ୍ନ ପ୍ରକାର କ୍ରିମ୍ ମାର୍କେଟ୍‌ରେ ଉପଲବ୍ଧ। ଡାକ୍ତରଙ୍କ ପରାମର୍ଶକ୍ରମେ କୌଣସି ଏକ ଭଲ ସ୍ପେଶିଆଲାଇଜ୍‌ଡ କ୍ରିମ୍, ଷ୍ଟ୍ରେଚ୍‌ମାର୍କ ରିକଭରି ସିରମ୍, ବଡି ଫର୍ମିଙ୍ଗ୍ ଜେଲ୍ ଆଦି ସକାଳେ ଏବଂ ସଂଧ୍ୟାରେ ଲଗାନ୍ତୁ ଉପକୃତ ହେବେ।

**ପାଣି:** ଷ୍ଟ୍ରେଚ୍‌ମାର୍କ କମିବା ଲାଗି କେବଳ ତେଲ, କ୍ରିମ୍ ଆଦି ମସାଜ୍ ଯଥେଷ୍ଟ ନୁହେଁ। ଏଥିପାଇଁ ଶରୀରର ଜଳୀୟାଂଶ ଠିକ୍ ରହିବା ଦରକାର। ତେଣୁ ଦିନକୁ ଅତି କମ୍‌ରେ ୩-୪ ଲିଟର ପାଣି ପିଅନ୍ତୁ।

**ଏକ୍ସରସାଇଜ୍:** ଏହା ଶରୀରକୁ ଫିଟ୍ ରଖିବା ସହ ଶୀଘ୍ର ସ୍କିନ୍ ରିପେୟାର କରିବାରେ ସାହାଯ୍ୟ କରିଥାଏ, ଯାହା ଗର୍ଭଧାରଣ ଯୋଗୁ ଫୁଲିଯାଇଥିବା ଏବଂ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନକୁ ଧୀରେ ଧୀରେ ରିପେୟାର କରି ପୂର୍ବଭଳି ସୁନ୍ଦର କରିଥାଏ।

**ଘିକୁଆଁରୀ:** ଚାମଚରେ ଘିକୁଆଁରୀ ଭିତରୁ ଜେଲ୍ ବାହାର କରିଦିଅନ୍ତୁ। ଏହାକୁ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନ ଉପରେ ଧୀରେ ଧୀରେ ଘଷନ୍ତୁ। ୧୫ ମିନିଟ୍ ରଖିବା ପରେ ଅଳ୍ପ ଉଷୁମ ପାଣିରେ ଧୋଇଦିଅନ୍ତୁ।

**ଲେମ୍ବୁ:** ଲେମ୍ବୁରସକୁ ଏକ କଟନ ସାହାଯ୍ୟରେ ନେଇ ଷ୍ଟ୍ରେଚ୍‌ମାର୍କ ଥିବା ସ୍ଥାନରେ ଲଗାଇ ଦଶ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ନଖଉଷୁମ ପାଣିରେ ଗାଧୋଇ ପଡ଼ନ୍ତୁ। ଲେମ୍ବୁରେ ଥିବା ପ୍ରାକୃତିକ ଏସିଡ୍ ମାର୍କ ଦୂର କରିବାରେ ସାହାଯ୍ୟ କରିବ।





କେବଳ ବାହ୍ୟ ରୂପକୁ ଦେଖି କୌଣସି ଘଟଣାର ବିଚାର କରନାହିଁ। ସେଗୁଡିକ ଅନବରତ ଅନ୍ୟ କିଛିକୁ ପ୍ରକାଶ କରିବା ନିମିତ୍ତ ଏକ ଏକ ଅପାରଗ ପ୍ରଚେଷ୍ଟା ମାତ୍ର, କିନ୍ତୁ ତାହା ଭିତରେ ଯେଉଁ ପ୍ରକୃତ ସତ୍ୟ ଥାଏ– ତାହା ତୁମର ଅଗଭୀର ବିଚାର ବୁଦ୍ଧିର ସଂପୂର୍ଣ୍ଣ ଅଗମ୍ୟ।

–ଶ୍ରୀମା

# ପ୍ଲାଷ୍ଟିକ୍ ଦିଅ, ଭାତ ଖାଅ

ପ୍ଲାଷ୍ଟିକ୍ ବା ପଲିଥିନ୍‌ଜାତୀୟ ପଦାର୍ଥ ପରିବେଶକୁ ପ୍ରଦୂଷିତ କରିଚାଲିଛି। ଏହାର କୁପରିଣାମ ବିଷୟରେ ଦେଶସାରା ଢେର ଆଲୋଚନା ହେଲାଣି। ବହୁ ରାଜ୍ୟ ସରକାର ଏହାର ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଓଡ଼ିଶାରେ ମଧ୍ୟ ଏ ସଂକ୍ରାନ୍ତରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ବ୍ୟବସ୍ଥା କରାଯାଇଛି। ନିକଟରେ ଭୁବନେଶ୍ୱରରେ ୫୦ ଲକ୍ଷ ଟଙ୍କାର ପଲିଥିନ୍ ଜବତ ହୋଇଥିଲା। ହେଲେ ଲୁଚାଛପାରେ ଏହାର ବ୍ୟବହାର ବଢୁଥିବାରୁ ତାହାକୁ ରୋକିବା ସକାଶେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୧୬ ଡିସେମ୍ବରରେ ଏକ ଅଭିନବ ପଦକ୍ଷେପ ନେଇଛି। ଯେଉଁମାନେ ୫୦୦ ଗ୍ରାମ୍‌ର ବ୍ୟବହୃତ ପଲିଥିନ୍ ଆଣି ଆହାର କେନ୍ଦ୍ର ନିକଟରେ ଥିବା ଡଷ୍ଟବିନ୍ ନିକଟରେ ପହଞ୍ଚାଇବେ, ସେମାନେ ଆହାର କେନ୍ଦ୍ରରେ ଭୋଜନ କରିପାରିବେ। ଅର୍ଥାତ୍ ପ୍ଲାଷ୍ଟିକ୍ ପଦାର୍ଥ ଏଣେତେଣେ ବିକ୍ଷିପ୍ତ ହୋଇ ପଡ଼ିବା ଯୋଗୁ ସୃଷ୍ଟି ହେଉଥିବା ପ୍ରଦୂଷଣକୁ ରୋକାଯାଇପାରିବ। ପ୍ରତିବଦଳରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆହାର କେନ୍ଦ୍ରରେ ଖାଇବାର ସୁଯୋଗ ମିଳିପାରିବ। ସାଧାରଣତଃ ଗରିବ ତଥା ରାସ୍ତାକଡ଼ରେ ଜୀବନ ବିତାଉଥିବା ଲୋକେ ଏଥିରେ ସାମିଲ ହେଲେ ସେମାନଙ୍କୁ ଖାଦ୍ୟ ମିଳିପାରିବ। ଉଲ୍ଲେଖଯୋଗ୍ୟ, ସଂଗୃହୀତ ପ୍ଲାଷ୍ଟିକ୍‌କୁ ମ୍ୟାଟେରିଆଲ ରିକଭରି ସେଣ୍ଟର (ଏମ୍‌ଆର୍‌ସି)ରେ ପକାଯାଇ ସେଥିରୁ ଏକ ପ୍ରକାର ତେଲ ପ୍ରସ୍ତୁତ କରାଯାଇପାରିବ। ଉକ୍ତ ତେଲ ଗାଡ଼ିମୋଟର ଶିଳ୍ପରେ ବ୍ୟବହୃତ ଗ୍ରିଜ୍‌ର ବିକଳ୍ପ ଭାବେ ବ୍ୟବହୃତ ହୋଇପାରିବ ବୋଲି କୁହାଯାଉଛି।

ବିଏମ୍‌ସିର ଯୋଜନା କେତେଦୂର କାର୍ଯ୍ୟକାରୀ ହୋଇପାରିବ, ତାହା ଏବେଠାରୁ ଆକଳନ କରିବା ସମ୍ଭବପର ନୁହେଁ। କାରଣ ଅତୀତରେ ବିଏମ୍‌ସି ତରଫରୁ ଏହିଭଳି ଆବର୍ଜନା ପରିଚାଳନା ବ୍ୟବସ୍ଥା ଅନେକ ଥର କରାଯାଇଥିଲେ ମଧ୍ୟ ତାହାର ସୁଫଳ ଜନସାଧାରଣଙ୍କୁ ମିଳିନାହିଁ। ଏପରିକି ଆବର୍ଜନା ସୃଷ୍ଟି କରୁଥିବା ହୋଟେଲ, ରେଷ୍ଟୁରାଣ୍ଟ, କ୍ଲିନିକ୍, ଡାକ୍ତରଖାନା ଏବଂ ବିରାଟକାୟ ମଲ୍ ସମ୍ମୁଖରେ ଅଳିଆ ପକାଇ ସେମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବିଏମ୍‌ସିର ପ୍ରୟାସ ହୋଇଥିଲା। ଦୀର୍ଘମିଆଦୀ ସୁଫଳ ମିଳିବା ପୂର୍ବରୁ ବିଏମ୍‌ସି ବାଟବଣା ହୋଇଗଲା। ସେତିକିରେ ଦଣ୍ଡବିଧାନ ଶେଷ ହେଲା ଏବଂ ସେତେବେଳେ ପରିସ୍ଥିତି ଯେମିତି ଥିଲା ଆଜି ମଧ୍ୟ ସେମିତି ରହିଛି। ଏହାବ୍ୟତୀତ ରାଜ୍ୟକୁ ପଲିଥିନ୍ ପ୍ରବେଶ ନିଷେଧ କରା ନ ଯିବା ପର୍ଯ୍ୟନ୍ତ କୌଣସି ଲକ୍ଷ୍ୟ ପୂରଣ ହେବା କଷ୍ଟକର। ଅସରନ୍ତି ପ୍ଲାଷ୍ଟିକ୍ ସାମଗ୍ରୀ ଟ୍ରକ୍ ମାଧ୍ୟମରେ ଖୋଲାଖୋଲି ଭାବେ ବିଭିନ୍ନ ସ୍ଥାନକୁ ଆସୁଥିବା ବିଷୟ ସମସ୍ତେ ଜାଣନ୍ତି। କିନ୍ତୁ ତାହାକୁ ବନ୍ଦ କରାଯାଉ ନାହିଁ। ଅନ୍ୟପଟେ ଭୁବନେଶ୍ୱରରେ ଭିକାରି ମାନସିକତା ସୃଷ୍ଟି କରାଯିବା ଦିଗରେ ୫୦୦ ଗ୍ରାମ୍ ପଲିଥିନ୍ ଗୋଟାଇବା ଏହି ପଦକ୍ଷେପର ପରିଣାମ ହୋଇପାରେ। ତେଣୁ ଭିକାରି ସୃଷ୍ଟି କରିବା ପରିବର୍ତ୍ତେ ଥରେ ବ୍ୟବହୃତ ହୋଇପାରୁଥିବା ପଲିଥିନ୍ ବ୍ୟାଗ୍‌ର ରାଜ୍ୟକୁ ଆମଦାନୀ ବନ୍ଦ କରାଯିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି। ପ୍ରତ୍ୟେକ ଦିନ ଅନେକ ହଜାର ଗଛ କାଟୁଥିବା ବିଏମ୍‌ସି ଭଲ ଭାବେ ଜାଣିଛି ଯେ ମୂଳରୁ କାଟିଲେ ଯିବ ସରି। ସେଥିପାଇଁ ଜଙ୍ଗଲ ଧ୍ୱଂସ କଲା ଭଳି ପ୍ଲାଷ୍ଟିକ୍ ଧ୍ୱଂସ କରିବାକୁ ହେଲେ ମୂଳରୁ ମାରିବାକୁ ପଡ଼ିବ।

ଏଥିସହିତ ସରକାର ନିଜ କାର୍ଯ୍ୟରେ ମଧ୍ୟ ଉଦାହରଣ ସୃଷ୍ଟି କରିବା ଆବଶ୍ୟକ। ଏଠାରେ ଓମ୍‌ଫେଡ୍‌ର ଦୃଷ୍ଟାନ୍ତ ଦିଆଯାଇପାରିବ। ରାଜ୍ୟ ସରକାରଙ୍କ ଏକ ସଫଳ ଉଦ୍ୟୋଗ ଭାବେ ଏହି ସଂସ୍ଥା ପରିଚିତ। ଅନେକ ଦୁଗ୍ଧ ଚାଷୀଙ୍କ ସକାଶେ ଏହା ସଫଳତା ଆଣିଦେଇଛି। କିନ୍ତୁ ଅନ୍ତିମ ପାଦରେ ସେହି ସଂସ୍ଥା ତରଫରୁ ଗ୍ରାହକଙ୍କୁ ପ୍ଲାଷ୍ଟିକ୍ ପାଉଚ୍ ମାଧ୍ୟମରେ ଦୁଗ୍ଧ ଓ ଦହି ଯୋଗାଇ ଦିଆଯାଉଛି। ସେଭଳି କ୍ଷେତ୍ରରେ ବିକଳ୍ପ ଭାବେ ଅପରେଶନ ଫ୍ଲଡ୍‌ର ଦୃଷ୍ଟାନ୍ତକୁ ଆପଣାଯାଇପାରେ।

ଦେଖିବାକୁ ଗଲେ ଭାରତୀୟମାନେ ଜୀବନର ପ୍ରତି ପଦକ୍ଷେପରେ ପଚାରୁଛନ୍ତି– ‘ଏହା କଲେ ଆମକୁ କ’ଣ ଲାଭ ମିଳିବ’। ଏପରି କି ନିଜ ଜୀବନ ଓ ପରିବେଶକୁ ସୁରକ୍ଷିତ ରଖିବା ଲାଗି ବାଟ ଦେଖାଇ ଦିଆଗଲେ ମଧ୍ୟ ତାଙ୍କ ପାଇଁ ଅନ୍ୟ କେହି କରିଦେଉ ବୋଲି ଆଶା ରଖୁଛନ୍ତି। ଅଧିକାର ବିଷୟରେ ସର୍ବଦା ଯୁକ୍ତି ବାଢୁଥିବା ଲୋକ ନିଜର କର୍ତ୍ତବ୍ୟକୁ ଭୁଲି ଯାଉଛନ୍ତି। ଏବେ ବିଏମ୍‌ସି ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ ସହ ପରିବେଶକୁ ସୁସ୍ଥ ରଖିବା ଉଦ୍ଦେଶ୍ୟରେ ଯେଉଁ ଅଭିନବ ପ୍ରୟାସ ନେଇ ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରିଛି, ତାହାର ହିତାଧିକାରୀ ସାଧାରଣତଃ ଜରିଗୋଟାଳି ଓ ଗରିବ ଶ୍ରେଣୀର ଲୋକ ହୋଇପାରିବେ। ସମସ୍ତେ ଦେଖିଥିବେ ସହରାଞ୍ଚଳର ବସ୍ତି ଅଞ୍ଚଳରେ ଅଧିକ ପ୍ଲାଷ୍ଟିକ୍ ଜିନିଷ ବିକ୍ଷିପ୍ତ ଭାବେ ପଡ଼ି ରହିଥାଏ। ଯେତେବେଳେ ଅଳିଆ ଗୋଟାଳିଙ୍କୁ ଖାଇବାର ସୁଯୋଗ ମିଳିଯିବ, ସେତେବେଳେ ସେମାନେ ତତ୍ପର ହୋଇ ଉଠିପାରନ୍ତି। ଅନ୍ୟପକ୍ଷରେ ସହରରେ ବାସ କରୁଥିବା ଶିକ୍ଷିତ ବ୍ୟକ୍ତିଙ୍କ କଥା ଦେଖିଲେ ତାଜୁବ ହେବାକୁ ପଡୁଛି। ପଲିଥିନ୍ ନେଇ ସରକାରୀ କଟକଣା କରାଯାଇଥିଲେ ମଧ୍ୟ ହାତରେ ଖଣ୍ଡେ ବ୍ୟାଗ୍ ଧରି ବଜାର ଯିବାକୁ ଅନେକେ ନାପସନ୍ଦ କରୁଛନ୍ତି। ଫଳରେ ଜିନିଷ ଆଣିବା ବେଳେ ଦୋକାନୀଙ୍କୁ ତାହା ମାଗୁଛନ୍ତି। ସଚେତନ ନାଗରିକଙ୍କ ମାନସିକତା ଯେତେବେଳେ ଏଭଳି ରହୁଛି, ସେତେବେଳେ ପରିବର୍ତ୍ତନ ଆସିବା କଷ୍ଟକର ହୋଇପଡ଼ିବ। ଏଥିରୁ ବୁଝିବାକୁ ହେବ ଯେ ଲୋକେ ନିଜର ମଙ୍ଗଳ ପାଇଁ ମଧ୍ୟ କିଛି ଛାଡ଼ିବାକୁ ଚାହୁଁ ନାହାନ୍ତି।

## ଚିରନ୍ତନୀ

ସେହି ସେ ଆଘାତ ତତାଇ ଦିଅଇ ଲହୁ,
‘ଏକ’ ଯେଉଁଠାରେ ମିଳାଇ ହୋଇଛି ‘ବହୁ’।
ଚାଲିଅଛି ବେଗେ ନ ମାନି ଆଘାତ ବାଣ
ଦୁନିଆ ଭିତରେ ତୁମେଟି ଚାଲିବା ଜାଣ।

(ତୁମେଟି ଚାଲିବା ଜାଣ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 5 | | | 1 | | | | | | | | | |
| C | 0 | | 5 | | 2 | 8 | 1 | 3 | | E | | | | 4 |
| | | | | | | | A | 0 | | 2 | | 6 | | |
| | | A | E | | 7 | | | 6 | 8 | | 9 | | | |
| | | 9 | | | A | | 4 | 7 | | | | 3 | | |
| 6 | | 7 | | B | 8 | D | | | E | C | | | | |
| | | | | | | 4 | | | 2 | | 3 | | | |
| | | | | 7 | E | | 6 | | 1 | | | | | 5 |
| | | B | | | | | | 9 | | | D | | 6 | C |
| E | | 0 | | | 4 | | | | 6 | A | | D | 1 | |
| | | | 4 | | | B | 8 | 2 | 9 | | 6 | 5 | | D |
| 9 | 2 | | | | D | | C | 4 | | | | | A | |
| | 7 | 1 | | A | | | 9 | D | | 8 | C | | | |
| | B | E | | | | | | | | 7 | | | | 0 |
| 4 | | | 1 | C | 6 | | 3 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | B | 1 | A | 7 | D | C | 2 | 8 | E | 6 | 0 | 4 | 9 | 3 |
| C | 0 | A | 2 | 6 | E | 5 | 1 | 7 | 4 | 3 | 9 | B | 8 | D |
| 4 | 8 | D | 3 | 9 | 1 | B | 6 | E | 5 | C | 7 | 0 | 2 | A |
| 7 | 6 | 9 | 8 | 0 | B | 3 | D | 4 | 2 | A | 1 | 5 | C | E |
| E | 3 | 2 | C | 4 | 5 | 9 | A | 0 | 8 | D | B | 7 | 6 | 1 |
| 2 | 4 | E | 1 | C | 8 | 6 | B | 5 | 3 | 9 | A | D | 7 | 0 |
| B | A | 7 | 9 | 3 | 0 | D | 8 | 2 | C | 1 | 5 | 6 | E | 4 |
| 8 | C | 5 | 7 | 2 | 4 | 0 | E | A | 6 | B | D | 3 | 1 | 9 |
| 0 | D | 3 | B | E | 6 | 1 | 4 | 9 | 7 | 8 | 2 | A | 5 | C |
| 9 | 1 | 6 | 5 | D | A | 7 | 3 | C | 0 | 4 | E | 2 | B | 8 |
| 3 | 5 | 0 | 6 | 8 | 7 | 4 | 9 | B | A | E | C | 1 | D | 2 |
| 6 | E | B | 4 | A | 2 | 8 | C | D | 1 | 7 | 3 | 9 | 0 | 5 |
| A | 7 | 8 | D | B | C | 2 | 5 | 1 | 9 | 0 | 4 | E | 3 | 6 |
| 1 | 9 | 4 | 0 | 5 | 3 | E | 7 | 6 | D | 2 | 8 | C | A | B |
| D | 2 | C | E | 1 | 9 | A | 0 | 3 | B | 5 | 6 | 8 | 4 | 7 |

ଗତକାଲିର ଉତ୍ତର

# ସାର୍ବଜନିକ ଭାଷା ସଂସ୍କୃତ



ବୈକୁଣ୍ଠନାଥ ମିଶ୍ର

ଆଧୁନା ଭାରତର ଶିକ୍ଷା କ୍ଷେତ୍ରରେ ଧାର୍ମିକ ଅସଙ୍ଗତି ଭୀଷଣ ଭାବେ ପରିଲକ୍ଷିତ ହେଉଛି। ଏହା ଧାର୍ମିକ ସହାବସ୍ଥାନ ପାଇଁ ଏକ ଆହ୍ୱାନ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଡ. ଫିରୋଜ ଖାନ୍‌ଙ୍କ ସଂସ୍କୃତ ଅଧ୍ୟାପକ ରୂପେ ନିଯୁକ୍ତିକୁ କେନ୍ଦ୍ରକରି ଶିକ୍ଷା କ୍ଷେତ୍ରରେ ଏକ ଝଡ଼ ସୃଷ୍ଟି ହୋଇଛି। ବିଶ୍ୱବିଦ୍ୟାଳୟର ଏକ ଛାତ୍ରଗୋଷ୍ଠୀ ଆନ୍ଦୋଳନ କରି ଶିକ୍ଷାକ୍ଷେତ୍ରରେ ଅଚଳାବସ୍ଥା ସୃଷ୍ଟି କରିଛନ୍ତି। ଏହି ଛାତ୍ରଗୋଷ୍ଠୀର ଅଭିଯୋଗ ହେଲା ସଂସ୍କୃତ ଶିକ୍ଷା ଲାଭ କରିବା ଓ ଶିକ୍ଷାଦାନ କରିବା ହିନ୍ଦୁମାନଙ୍କର ଏକାନ୍ତ ଅଧିକାର। ଏଥିରେ ମୁସଲମାନ ଓ ଅନ୍ୟ ଅଣହିନ୍ଦୁଙ୍କର ଯୋଗଦାନ ଗ୍ରହଣୀୟ ନୁହେଁ। ସେମାନଙ୍କର ଯୁକ୍ତି ହେଲା ସଂସ୍କୃତରେ ହିନ୍ଦୁ ଦେବଦେବୀଙ୍କ ଉପରେ ଅନେକ ବିଷୟ ରହିଛି, ଯାହା ଅଣହିନ୍ଦୁଙ୍କର ବିଶ୍ୱାସର ପରିପନ୍ଥୀ। ଏହି ଗ୍ରନ୍ଥଗୁଡ଼ିକୁ ଜଣେ ମୁସଲମାନ ଶିକ୍ଷକ କିପରି ସମୁଚିତ ଭାବେ ଶିକ୍ଷାଦାନ କରିପାରିବେ। ସେଥିରେ ଦିଆଯାଇଥିବା ହିନ୍ଦୁ ବିଶ୍ୱାସ ଓ ପରମ୍ପରାକୁ ସେମାନେ କେତେ ଦକ୍ଷତାର ସହ ପରିଚାଳନା କରିପାରିବେ। ସେହି ଛାତ୍ରଗୋଷ୍ଠୀକୁ ବିରୋଧ କରି ଆଉ ଏକ ଛାତ୍ରଗୋଷ୍ଠୀ ଡ. ଖାନ୍‌ଙ୍କ ସପକ୍ଷରେ ସମାନ୍ତରାଳ ଆନ୍ଦୋଳନ ଚଳାଇଥିବାର ଜଣାଯାଏ। ସେମାନଙ୍କ ଯୁକ୍ତି ହେଲା ଶିକ୍ଷା ସାର୍ବଜନୀନ ଏବଂ ଏଥିରେ ଧର୍ମ ଓ ସମ୍ପ୍ରଦାୟର ଭେଦଭାବ ନ ରହିବା ଉଚିତ। ଯଦି ଜଣେ ଉଚ୍ଚତର ଜ୍ଞାନ ବଳରେ ସଂସ୍କୃତ ଶାସ୍ତ୍ରକୁ ଉତ୍ତମ ଉପସ୍ଥାପନା ମାଧ୍ୟମରେ ବୋଧଗମ୍ୟ କରାଇପାରିଲେ ତେବେ ଅସୁବିଧା କେଉଁଠି?

ଏଠାରେ ସ୍ମରଣ କରାଯାଇପାରେ ଯେ ଭାରତ ଦୀର୍ଘଦିନ ଧରି ମୁସଲମାନ ଶାସନାଧୀନ ଥିଲା। ସେହି ଶାସକମାନଙ୍କ ମଧ୍ୟରୁ ଅନେକଙ୍କ ରାଜସଭାରେ ପାର୍ସୀ ଓ ଉର୍ଦ୍ଦୁ ପଣ୍ଡିତଙ୍କ ମଧ୍ୟରେ ହିନ୍ଦୁ ପଣ୍ଡିତମାନଙ୍କୁ ମଧ୍ୟ ସମାଦର କରାଯାଉଥିଲା। ମୋଗଲ ସମ୍ରାଟ ଆକବରଙ୍କ ରାଜସଭାରେ ବିଜ୍ଞ ହିନ୍ଦୁ ପଣ୍ଡିତ ଓ ବିଦୁଷକଙ୍କୁ ନିଯୁକ୍ତ କରାଯାଇଥିଲା। ସେମାନଙ୍କ ପରାମର୍ଶକ୍ରମେ ସର୍ବଧର୍ମ ସମନ୍ୱୟରେ ସମ୍ରାଟ ଆକବର ଦୀନ-ଇ-ଲାହୀ ନାମକ ଏକ ନୂତନ ଧର୍ମ ପ୍ରଚାର କରିଥିଲେ। ସେହିପରି ସମ୍ରାଟ ଶାହାଜାହାନଙ୍କ ଜ୍ୟେଷ୍ଠପୁତ୍ର ଦାରାସିକୋ କଶ୍ମୀର ଉପତ୍ୟକାରେ ବହୁ ସଂସ୍କୃତ ଓ ଉର୍ଦ୍ଦୁ ପଣ୍ଡିତଙ୍କ ଗହଣରେ ଉପନିଷଦକୁ ପାର୍ସୀ ଭାଷାରେ ଅନୁବାଦ କରିଥିଲେ। ଆଜି ମଧ୍ୟ ବହୁ ମୁସଲମାନ ବିଜ୍ଞ ବ୍ୟକ୍ତି ଅଛନ୍ତି, ଯେଉଁମାନେ ରାମାୟଣ, ମହାଭାରତ ଓ ଭାଗବତ ଆଲୋଚନା କରି ସାରଗର୍ଭକ ପ୍ରବଚନ ଦେଇଥାନ୍ତି। ଆମ ଗ୍ରାମ ନିକଟରେ ଥିବା ଏକ ମୁସଲମାନ ବସ୍ତିର ଶେକ୍ ଆବିରୁଦ୍ଦିନ ନାମକ ଜଣେ ଜ୍ଞାନୀ, ଗୁଣୀ ବ୍ୟକ୍ତି ଯେତେବେଳେ ରାମାୟଣ, ମହାଭାରତକୁ ଆଲୋଚନା, ପର୍ଯ୍ୟାଲୋଚନା ଓ ସମୀକ୍ଷା କରି ସାରଗର୍ଭକ ଭାଷଣ ଦିଅନ୍ତି, ତାହା କୌଣସି ହିନ୍ଦୁ ପଣ୍ଡିତଙ୍କ ଯେ ସମକକ୍ଷ ଏହା ଅନସ୍ୱୀକାର୍ଯ୍ୟ। ପୂର୍ବତନ ମନ୍ତ୍ରୀ ଶେକ୍ ମତଲୁବ ଅଲ୍ଲୀଙ୍କର ଏପରି ଜ୍ଞାନ ତ ସର୍ବଜନବିଦିତ।

ଖ୍ରୀଷ୍ଟିଆନ ସୋସାଇଟିରେ ମଧ୍ୟ ସଂସ୍କୃତର ଆଦର କୌଣସି ଗୁଣରେ କମ୍ ନୁହେଁ। ଡ. ଶ୍ରୀରାମଚନ୍ଦ୍ର ଦାଶ ବର୍ଲିନରେ ଡକ୍ଟରେଟ କରୁଥିବା ସମୟରେ ତାଙ୍କୁ କୁହାଗଲା ଯେ ପୃଥିବୀର ଏକ ଶାସ୍ତ୍ରୀୟ ଭାଷାରେ ତାଙ୍କର ଦକ୍ଷତା ଥିବା ଆବଶ୍ୟକ। ସେ ସଂସ୍କୃତରେ ଥିବା ତାଙ୍କ ଦକ୍ଷତାର ପ୍ରମାଣପତ୍ର ଦାଖଲ କଲେ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସଂସ୍କୃତ ଏକ ଶାସ୍ତ୍ରୀୟ ଭାଷା ରୂପେ ଗୃହୀତ ହୋଇଥିଲା। ସମ୍ପ୍ରତି ଏସିଆଟିକ ସୋସାଇଟିର ପ୍ରତିଷ୍ଠାତା ଉଇଲିୟମ ଜୋନସ ମତବ୍ୟକ୍ତ କରନ୍ତି ଯେ, ସଂସ୍କୃତ ଗ୍ରୀକ ଓ ଲାଟିନ୍‌ଠାରୁ ଅଧିକ ବହୁଳ ପ୍ରସାରିତ ଭାଷା। ଏହାର ପବିତ୍ର ଦର୍ଶନ ଉପନିଷଦ୍‌ରେ ପ୍ରତିଫଳିତ। ଏହି ଭାଷା ଜାତିଧର୍ମ ନିର୍ବିଶେଷରେ ସମସ୍ତଙ୍କ ହୃଦୟରେ ଏକ ପବିତ୍ର ତଥା ସ୍ୱର୍ଗୀୟ ଭାବନା ସୃଷ୍ଟି କରେ। ତେଣୁ ଏହା କୌଣସି ନିର୍ଦ୍ଦିଷ୍ଟ ଧର୍ମ ବା ସମ୍ପ୍ରଦାୟ ମଧ୍ୟରେ ସୀମିତ ରହିପାରିବ ନାହିଁ। ଆଜି ମଧ୍ୟ ବହୁ ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ଶିକ୍ଷା ପାଠ୍ୟକ୍ରମରେ ସ୍ଥାନ ପାଇଛି। ଏହାର କାରଣ ସର୍ବେଷାଂ ଜନନୀ ସଂସ୍କୃତ। ଏହାକୁ କୌଣସି ନିର୍ଦ୍ଦିଷ୍ଟ ଧର୍ମର ଗଣ୍ଡି ମଧ୍ୟରେ ସୀମାବଦ୍ଧ କରାଯାଇପାରିବ ନାହିଁ। ସବୁ ଧର୍ମର ସଂକୀର୍ଣ୍ଣତାର ଊର୍ଦ୍ଧ୍ୱରେ ସଂସ୍କୃତର ସ୍ଥାନ। ପ୍ରଫେସର ମାକ୍ସ ମୁଲରଙ୍କ ସଂସ୍କୃତ ଭାଷାକୁ ବ୍ୟାପକତା ପ୍ରଦାନ କରିବାର ଅବଦାନ ଚିରସ୍ମରଣୀୟ।

ପଣ୍ଡିତ ମଦନ ମୋହନ ମାଲବ୍ୟ ଯେତେବେଳେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଭିତ୍ତି ସ୍ଥାପନ କଲେ ସେତେବେଳେ ସେ ଆଶା କରିଥିଲେ ଯେ, ଉକ୍ତ ବିଶ୍ୱବିଦ୍ୟାଳୟ ଜାତିଧର୍ମର ସଂକୀର୍ଣ୍ଣତାର ଊର୍ଦ୍ଧ୍ୱରେ ରହି ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟର ଅନୁରୂପ ହୋଇ ଏକ ସମୟରେ ବିଜ୍ଞାନ ଓ ବୈଷୟିକ ଶିକ୍ଷାର କେନ୍ଦ୍ରବିନ୍ଦୁ ପାଲଟିବ। ତାଙ୍କ ମତରେ ଏ ପବିତ୍ର କାଶୀକ୍ଷେତ୍ର ଭଗବାନ ଶିବଙ୍କର ସ୍ଥାନ। ଭଗବାନ ଶିବ କେବେହେଲେ ସୁର ଓ ଅସୁର ମଧ୍ୟରେ ପ୍ରଭେଦ ନ ରଖି ସମସ୍ତଙ୍କ ପ୍ରାର୍ଥନା ଓ ତପସ୍ୟା ଗ୍ରହଣ କରି ସେମାନଙ୍କୁ ଈପ୍‌ସିତ ବର ପ୍ରଦାନ କରିଛନ୍ତି। ମାଲବ୍ୟଜୀଙ୍କ ଉଦ୍ଦେଶ୍ୟ ଥିଲା ଏ ଅନୁଷ୍ଠାନ କୌଣସି ଜାତିଧର୍ମ ମଧ୍ୟରେ ସୀମିତ ନ ରହି ଉଚ୍ଚତର ଶିକ୍ଷାଦାନର ଅଭୀପ୍‌ସା ପୋଷଣ କରିବ। ସଂସ୍କୃତ ଭାଷା ଜାତିଧର୍ମ ନିର୍ବିଶେଷରେ ଗ୍ରହଣୀୟ ହୋଇପାରିଲେ ଦେଶରେ ଏକ ଅପୂର୍ବ ଭାଇଚାରା ସୃଷ୍ଟି ହେବ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କରଣ ସିଂ ମତ ଦିଅନ୍ତି ଯେ, ଡ. ଫିରୋଜ ଖାନ୍ ଜଣେ ଯୋଗ୍ୟ ବ୍ୟକ୍ତି। ତାଙ୍କର ଉକ୍ତ ଅନୁଷ୍ଠାନରେ ଯୋଗଦାନ ଶିକ୍ଷା ଦୃଷ୍ଟିରୁ ତ ଅତ୍ୟନ୍ତ ଗ୍ରାହ୍ୟ। ଅଧିକନ୍ତୁ ଭାରତର ଧର୍ମନିରପେକ୍ଷତା ପ୍ରତି ଏକ ବିରାଟ ସମର୍ଥନ। ଭିନ୍ନତା ମଧ୍ୟରେ ଏକତା ହିଁ ଭାରତର ବୈଶିଷ୍ଟ୍ୟ। ଏହି ଉକ୍ତିର ଯଥାର୍ଥତା ଅଧିକ ତ୍ୱରାନ୍ୱିତ ହେବ।

ବାସ୍ତବତା ଦୃଷ୍ଟିରୁ ହିନ୍ଦୁ ଓ ମୁସଲମାନଙ୍କର ସଂସ୍କୃତ ଓ ଉର୍ଦ୍ଦୁ ଶିକ୍ଷା କରିବା ଏକ ସାଧାରଣ ଘଟଣା। ଓଡ଼ିଶାର ଦେବଗଡ଼ ଜିଲାରେ ଏକ ପ୍ରତିଷ୍ଠିତ ମାଧ୍ୟମିକ ବିଦ୍ୟାଳୟରେ ଜଣେ ମୁସଲମାନ ଶିକ୍ଷୟିତ୍ରୀ ଆଜକୁ ୨୭ ବର୍ଷ ହେଲା ନିରବଚ୍ଛିନ୍ନ ଭାବେ ସଂସ୍କୃତ ଶିକ୍ଷାଦାନ କରିଆସୁଛନ୍ତି। ତାଙ୍କ ଶିକ୍ଷା ପଦ୍ଧତି ଅତି ଉଚ୍ଚକୋଟୀର ଏବଂ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକ ମହଲରେ ତାଙ୍କ ଲୋକପ୍ରିୟତା ଅନ୍ୟ ହିନ୍ଦୁ ଶିକ୍ଷକଙ୍କ ତୁଳନାରେ ଯଥେଷ୍ଟ ଅଧିକ। ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ ସହରର ଅନତିଦୂରରେ ଅଛି ଏକ ଉର୍ଦ୍ଦୁ ବିଦ୍ୟାଳୟ, ଯାହାର ଶତକଡା ୭୫ ଭାଗ ଛାତ୍ରୀଛାତ୍ର ହିନ୍ଦୁ। ସେମାନଙ୍କ ମଧ୍ୟରେ ଅଛନ୍ତି ୧୦ ଜଣ ବାଳିକା। ରାଜସ୍ଥାନର ଟୋଙ୍କ ଜିଲାରେ ଏକ ପ୍ରତିଷ୍ଠିତ ମହିଳା ମହାବିଦ୍ୟାଳୟରେ ଛୋଟୁ ମୀନା ନାମକ ଜଣେ ଅଧ୍ୟାପିକା ଦୀର୍ଘଦିନ ଧରି ଉର୍ଦ୍ଦୁ ଭାଷା ଅଧ୍ୟାପନା କରୁଛନ୍ତି। ସେଠାରେ ୧୫ ଜଣ ହିନ୍ଦୁ ଛାତ୍ରୀ ମଧ୍ୟ ଉର୍ଦ୍ଦୁ ପଢୁଛନ୍ତି। ଅନ୍ୟତମ ଅଧ୍ୟାପିକା କୃଷ୍ଣକୁମାରୀ ମୀନା ରାଜସ୍ଥାନର ସେହି ଟୋଙ୍କର ଜିଲାର ଅନ୍ୟ ଏକ ପ୍ରସିଦ୍ଧ ମହାବିଦ୍ୟାଳୟର ଉର୍ଦ୍ଦୁ ଭାଷା ଅଧ୍ୟାପନା କରିଆସୁଛନ୍ତି। ସେଠାରେ ଉର୍ଦ୍ଦୁ ପଢୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶତକଡା ୪୦ ଭାଗ ହିନ୍ଦୁ। ରାଜସ୍ଥାନର କୋଟା ଜିଲାର ଏକ ସରକାରୀ ମହାବିଦ୍ୟାଳୟରେ ସୁନୀତା ଚାୱଲା ନାମ୍ନୀ ଜଣେ ୩୮ ବର୍ଷୀୟା ଅଧ୍ୟାପିକା ଦୀର୍ଘଦିନ ଧରି ଉର୍ଦ୍ଦୁ ଭାଷା ଶିକ୍ଷାଦାନ କରି ଆସୁଛନ୍ତି। ରାଜସ୍ଥାନ ବିଶ୍ୱବିଦ୍ୟାଳୟରେ ଆଉ ଜଣେ ଯୁବ ପ୍ରାଧ୍ୟାପକ ହେଉଛନ୍ତି ୩୨ ବର୍ଷୀୟ ମୁକେଶ କୁମାର। ସେ ଜଣେ ହିନ୍ଦୁ ଯୁବକ ହୋଇ ମଧ୍ୟ ଉର୍ଦ୍ଦୁ ଅଧ୍ୟାପନା କରୁଛନ୍ତି। ସେହି ରାଜସ୍ଥାନର ଜୟପୁର ସହର ଉପକଣ୍ଠରେ ଅଛି ଠାକୁର ହରିସିଂ ଶେଖାୱତ୍ ପ୍ରବେଶିକା ସଂସ୍କୃତ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୨୭୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶତକଡା ପ୍ରାୟ ୮୦ ଭାଗ ଅର୍ଥାତ୍ ୨୨୨ ଜଣ ହେଉଛନ୍ତି ମୁସଲମାନ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଦନିଧି ଶର୍ମା କହନ୍ତି, ଏହି ଛାତ୍ରୀଛାତ୍ରମାନେ ସଂସ୍କୃତ, ହିନ୍ଦୀ, ପାର୍ସୀ ଓ ଉର୍ଦ୍ଦୁ ଭାଷା ଭଲ ଭାବରେ ଜାଣନ୍ତି। ସେମାନେ ସଂସ୍କୃତରେ ସ୍ୱଚ୍ଛନ୍ଦରେ କଥା ହେବା ସହ ସୁନ୍ଦର ଭାବେ ଶ୍ଳୋକ ଆବୃତ୍ତି କରିପାରନ୍ତି।

ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ଅଧ୍ୟାପକ ଭାବେ ଯୋଗଦେଇଥିବା ଡ. ଫିରୋଜ ଖାନ୍ ଏପରି ଏକ ପରିବାରରୁ ଆସିଛନ୍ତି, ଯେଉଁ ପରିବାରରେ ସଂସ୍କୃତ ଶିକ୍ଷା ଓ ଭାଷାକୁ ଉର୍ଦ୍ଦୁ ସହ ସମାନ ଗୁରୁତ୍ୱ ଦିଆଯାଏ। ତାଙ୍କ ପିତା ଗ୍ରାମ ମନ୍ଦିରରେ ସଂସ୍କୃତ ସ୍ତୋତ୍ର ଓ ହିନ୍ଦୀ ଭଜନ ବଂଶାନୁକ୍ରମିକ ଭାବେ ପରିବେଷଣ କରିଆସୁଛନ୍ତି। ତାଙ୍କର ଅନ୍ୟ ଜଣେ ଭ୍ରାତା କଶ୍ମୀର ବିଶ୍ୱବିଦ୍ୟାଳୟରେ ସଂସ୍କୃତ ଅଧ୍ୟାପକ ରୂପେ କାର୍ଯ୍ୟରତ। ସଂସ୍କୃତ ଭଳି ଏକ ପ୍ରାଚୀନ ତଥା ସର୍ବଜନଗୃହୀତ ଭାଷାକୁ କୌଣସି ଧର୍ମ ବା ସମ୍ପ୍ରଦାୟ ମଧ୍ୟରେ ସୀମିତ ରଖିବାର ପ୍ରୟାସ କରା ନ ଯାଉ। ସଂସ୍କୃତ କେବଳ ଭାରତୀୟ ଭାଷାମାନଙ୍କର ଜନନୀ ନୁହେଁ, ବରଂ ଏହା ସମସ୍ତ ଶାସ୍ତ୍ରୀୟ ଭାଷା ମଧ୍ୟରେ ସର୍ବଶ୍ରେଷ୍ଠ। ଏହା ଭାରତରେ ଲୋକଭାଷାର ମାନ୍ୟତା ଲାଭ କରିଛି। ଓଡ଼ିଶା ଲୋକ ଭାଷା ପ୍ରଚାର ସମିତି ପକ୍ଷରୁ ଏକ ଲୋକପ୍ରିୟ ସ୍ଲୋଗାନ ଦିଆଯାଉଛି। ତାହା ହେଲା– ‘ପଠତୁ ସଂସ୍କୃତମ୍, ବଦତୁ ସଂସ୍କୃତମ୍ ଗୃହେ ଗୃହେ ଚ ପୁନରପି।’ ସଂସ୍କୃତ ଆଦୌ ଏକ ମୃତ ଭାଷା ନୁହେଁ। ଏହାର କ୍ରମବର୍ଦ୍ଧମାନ ବ୍ୟାପ୍ତି ଓ ଗ୍ରହଣୀୟତା ଏହାକୁ ଦିନେ ସର୍ବଶ୍ରେଷ୍ଠ ଭାଷାର ମର୍ଯ୍ୟାଦା ଦେବ– ଏହା ନିଃସନ୍ଦେହ। କୌଣସି ଭାଷାକୁ ଧର୍ମ ସହ ସଂଯୋଗ କରା ନ ଯାଇ ଜାତି, ଧର୍ମ, ଲିଙ୍ଗ ନିର୍ବିଶେଷରେ କଥନ, ଅଧ୍ୟୟନ ଓ ଅଧ୍ୟାପନା ମାଧ୍ୟମରେ ଏହାର ଉତ୍କର୍ଷ ପ୍ରତିପାଦନ କରାଯାଇପାରେ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ–୯୯୩୭୪୫୦୫୪୦

# ପୀରାହାଟ ଓ ପଞ୍ଚୁଟିକ୍ରିରେ ଗାନ୍ଧୀ



ଶ୍ରୀମନ୍ତ ଖୁଣ୍ଟିଆ

ମହାତ୍ମା ଗାନ୍ଧୀ ଓଡ଼ିଶାକୁ ୮ ଥର ଆସିଛନ୍ତି। ସେଥିମଧ୍ୟରୁ ଭଦ୍ରକ ଜିଲାକୁ ୩ ଥର ଆସିଛନ୍ତି। ତନ୍ମଧ୍ୟରୁ ହରିଜନ ପଦଯାତ୍ରା ଓ ଖଦିର ପ୍ରଚାର ପ୍ରସାର ପାଇଁ ଆସିଥିବା ଖବର ରହିଛି। ସେ ଯେତେବେଳେ ଦକ୍ଷିଣ ଆଫ୍ରିକାରୁ ଆସି ଭାରତରେ ପଦାର୍ପଣ କଲେ ଓଡ଼ିଶାର ଦୁର୍ଭିକ୍ଷ ବିଷୟରେ ଶୁଣିଥିଲେ। ଉକ୍ତ ଦୁର୍ଭିକ୍ଷ ପରବର୍ତ୍ତୀ ପରିସ୍ଥିତିକୁ ସାମ୍ନା କରିବା ପାଇଁ ଠକ୍କର ବାପାଙ୍କ ନେତୃତ୍ୱରେ ସେ ଏକ ପାଣ୍ଠି ଗଠନ କରିଥିଲେ। ଉକ୍ତ ପାଣ୍ଠି ମାଧ୍ୟମରେ ଭାରତବାସୀଙ୍କ ସହ ଓଡ଼ିଶାବାସୀଙ୍କ ସେବା କରିପାରିଲେ ସେ ଆତ୍ମସନ୍ତୋଷ ଲାଭ କରିପାରିବେ ବୋଲି କହୁଥିଲେ। ସେ କହୁଥିଲେ, ଓଡ଼ିଶା ମୋ ପ୍ରିୟ ଭୂମି। ଏଭଳି ଏକ ଗୌରବୋଜ୍ଜ୍ୱଳ ବୀରତ୍ୱପୂର୍ଣ୍ଣ ରାଜ୍ୟ ତଥାପି ଦାରିଦ୍ର୍ୟରେ ଉତ୍ପୀଡ଼ିତ। ଏହାର କର୍ମୀମାନେ ସର୍ବୋତ୍ତମ କର୍ମଠ ଅଥଚ ଅସହାୟ। ଓଡ଼ିଶାର ଏ ଦୁଃଖ ସମୟରେ ସମଭାଗୀ ହେବା ପାଇଁ ସେ ଦେଶବାସୀଙ୍କୁ ଆହ୍ୱାନ କରିଥିଲେ। ସେ କହିଥିଲେ କର୍ମୀମାନେ ଓଡ଼ିଶାର ଗାଁ ଗହଳିରେ ପଶି ଦେଖନ୍ତୁ, ସେଥିରୁ ବୁଝିପାରିବେ ଭାରତର ଅବସ୍ଥା କ’ଣ? ଯଦି ଲୋକେ ଖାଇବାକୁ ପାଇବେ ନାହିଁ, ତେବେ ସ୍ୱରାଜର ଅର୍ଥ କ’ଣ? ୧୯୨୭ ଡିସେମ୍ବର ୧୬ ତାରିଖର ଶୀତୁଆ ସକାଳ, ଡ. ହରେକୃଷ୍ଣ ମହତାବଙ୍କୁ ସାଙ୍ଗରେ ଧରି ପୂର୍ବ ନିର୍ଦ୍ଧାରିତ ସମୟରେ ଗାନ୍ଧୀ



ଭଦ୍ରକରୁ ୩୦ କି.ମି. ଦୂର ଚାନ୍ଦବାଲି ରାସ୍ତାର ପୀରାହାଟଠାରେ ପହଞ୍ଚିଥିଲେ। ଦୁର୍ଭିକ୍ଷ, ବନ୍ୟା, ବାତ୍ୟାର କ୍ଷତିଗ୍ରସ୍ତ ଜନସାଧାରଣଙ୍କ ରିଲିଫ କାର୍ଯ୍ୟର ତଦାରଖ, ଖଦିର ପ୍ରଚାର ପ୍ରସାର, କନିକା ପ୍ରଜାମେଳିର ଉତ୍ପୀଡ଼ିତ ଜନତାଙ୍କୁ ସାକ୍ଷାତ କରିବା ସହିତ ଚାନ୍ଦବାଲି ବ୍ଲକ୍‌ର ପଞ୍ଚୁଟିକ୍ରି ଓ ବାଲିଆପାଳ ପର୍ଯ୍ୟନ୍ତ ମନ୍ତେଇ ନଦୀରେ ମୋଟର ଲଞ୍ଚ ମାଧ୍ୟମରେ ଯାତ୍ରା କରିଥିଲେ ଏବଂ ସେଠାରୁ ଫେରି ଚାରବାଟିଆଠାରେ ରାତ୍ରିଯାପନ କରିଥିଲେ। ସେଠାରୁ ଫେରି କଟକ ଚାଲିଯାଇଥିଲେ। ଗାନ୍ଧୀଙ୍କ ଆଗମନ ସମୟରେ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରି ନିମନ୍ତ୍ରଣପତ୍ର ବଣ୍ଟନ କରାଯାଇଥିଲା ଏବଂ ସମସ୍ତେ ଉକ୍ତ ସଭାକୁ ଖଦିବସ୍ତ୍ର ପିନ୍ଧି ଆସିଥିଲେ। ଏଥିରୁ ଜଣାପଡୁଥିଲା, ଦେଶର କୌଣସି ପ୍ରାନ୍ତରେ କୌଣସି ସମସ୍ୟା ଦେଖାଦେଲେ ସେ କେତେ ଉଦ୍‌ବିଗ୍ନ ହୋଇପଡୁଥିଲେ, ନିଜ ମାଧ୍ୟମରେ ସମସ୍ୟା ସମାଧାନର ପନ୍ଥା ଖୋଜୁଥିଲେ।। ଏଥିରୁ ତାଙ୍କର ପ୍ରତିବଦ୍ଧତା ଜଣାପଡ଼େ। ସେ ସମସ୍ତ ସେବାକାର୍ଯ୍ୟ ନିଜ ତତ୍ତ୍ୱାବଧାନରେ କରୁଥିଲେ। ମଣିଷର ଅସମୟରେ ତା’ ଦୁଃଖରେ ସହଭାଗୀ ହେଉଥିଲେ। ଆଜକୁ ୯୨ ବର୍ଷ ବିତିଯାଇଥିଲେ ମଧ୍ୟ ଭଦ୍ରକ ଜିଲାର ପୀରାହାଟର ସେହି ଅପହଞ୍ଚ ଅବହେଳିତ ଇଲାକା ଗାନ୍ଧୀଙ୍କ ସ୍ମୃତିକୁ ଉଜ୍ଜୀବିତ କରିରଖିଛି। ଗାନ୍ଧୀ ପାଦରେ ଚାଲି ଚାଲି ଯାଇଥିବା ସେ ପଥ ସେହିଭଳି ଅବହେଳିତ ଅବସ୍ଥାରେ ଅଛି। ଗାନ୍ଧୀଙ୍କ ପରିକଳ୍ପିତ ସ୍ୱରାଜ୍ୟ ଓ ରାମରାଜ୍ୟ ଜନସାଧାରଣଙ୍କ ନିକଟରୁ ବହୁଦୂରକୁ ଚାଲିଯାଇଛି।

ମୋ– ୯୪୩୮୧୭୮୨୪୫

## ଏଇ ଭାରତରେ

ଭୋଟ ଅଧିକାର ଉପରେ ସଚେତନତା ଆଣିବାରେ ଛତିଶଗଡ଼ର ଯୁବକ ପ୍ରେମଲାଲ ସାହୁଙ୍କ ପ୍ରୟାସ ପ୍ରଶଂସନୀୟ। ସେ ଠେଲାଗାଡିରେ ବିଭିନ୍ନ ସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି କରୁଛନ୍ତି। ରାଜ୍ୟରେ ଡିସେମ୍ବର ୨୧ରେ ହେବାକୁ ଥିବା ପୌର ନିର୍ବାଚନରେ ଲୋକମାନେ କେମିତି ଅଧିକ ସଂଖ୍ୟାରେ ଭୋଟ ଦେବେ ସେଥିପାଇଁ ନିଜ ଅଞ୍ଚଳରେ ସେ ଏକ ନିଆରା ଘୋଷଣା କରିଛନ୍ତି। ଭୋଟ ଦେବା ପ୍ରତ୍ୟେକ ନାଗରିକଙ୍କ ଅଧିକାର ଓ କର୍ତ୍ତବ୍ୟ ବୋଲି ସେ ଲୋକଙ୍କୁ ନିବେଦନ କରିଛନ୍ତି। ପୌର ନିର୍ବାଚନରେ ଯିଏ ଭୋଟ ଦେଇ କାଳିଲଗା ଅଙ୍ଗୁଳି ଦେଖାଇବେ ତାଙ୍କୁ ଦୋକାନର ସବୁ ଜିନିଷରେ ୨୫ ପ୍ରତିଶତ ରିହାତି ମିଳିବ ବୋଲି ସେ କହିଛନ୍ତି। ରାୟପୁରରେ ଏନ୍‌ଆଇଟି ସାମ୍ନାରେ ଗଜା ବୁଟ, ମୁଗ ଓ ବିଭିନ୍ନ ଫଳରୁ ପ୍ରସ୍ତୁତ ସାଲାଡ ବିକ୍ରି କରୁଛନ୍ତି। ବେମେତରା ଜିଲା ସଦର ମହକୁମାଠାରୁ ପାଖାପାଖି ୨୫ କିଲୋମିଟର ଦୂର ଶ୍ୟାମପୁରକମ୍ପା ଭଳି ଛୋଟ ଗାଁରେ ତାଙ୍କ ଘର। ସାମ୍ବାଦିକତାରେ ପ୍ରେମଲାଲ୍ ସ୍ନାତକୋତ୍ତର ହାସଲ କରି ଗଣମାଧ୍ୟମରେ କିଛି ଦିନ କାର୍ଯ୍ୟ କରିବା ପରେ ଏବେ ଏହି ବ୍ୟବସାୟ କରୁଛନ୍ତି। ପ୍ରେମଲାଲ୍ ଭାରତୀୟ ସେନାକୁ ନେଇ ଗର୍ବ ଅନୁଭବ କରନ୍ତି। ତାଙ୍କ ଠେଲାଗାଡିରେ ବିକ୍ରି କରୁଥିବା ପ୍ରତିଟି ଜିନିଷ ଯବାନମାନଙ୍କୁ ପୂରା ମାଗଣାରେ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଡିସେମ୍ବର ୧୯୯୪**

- ପ୍ରତାପ ସିଂ ରାଣେ ଗୋଆର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ।
- ବିଶିଷ୍ଟ ସାହିତ୍ୟିକ ଗୁରୁଚରଣ ପଟ୍ଟନାୟକଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର।

## ପାଠକ ଶ୍ରେଷ୍ଠ ବିଚାରକ

### ନିଶା ନିବାରଣ କଡ଼ାକଡ଼ି ହେଉ

ମହାଶୟ,

ଗାନ୍ଧିଜୀଙ୍କ ସ୍ୱପ୍ନ ଥିଲା ନିଶାମୁକ୍ତ ଭାରତ। ଦୀର୍ଘ ଅବଧି ପରେ ବି ତାଙ୍କର ଏ ସ୍ୱପ୍ନ ସାକାର ହୋଇନାହିଁ। ନିଶା ରାକ୍ଷସ କବଳରେ ସମଗ୍ର ଦେଶ ଆଜି କବଳିତ। କେତେ ଯେ ପରିବାର ସୁଖଶାନ୍ତିବିବର୍ଜିତ, ଶ୍ରୀହୀନ। ରାଜ୍ୟରେ ରାହାଜାନି, ନରହତ୍ୟା ଭଳି ଘଟଣା ନିତିଦିନିଆ ହେଲାଣି। ଜନମଙ୍ଗଳକାରୀ ରାଷ୍ଟ୍ରରେ ଦେଶବାସୀଙ୍କ କଲ୍ୟାଣମୂଳକ କାର୍ଯ୍ୟ ସରକାରଙ୍କ ଧ୍ୟେୟ ହେବା ଉଚିତ। କିନ୍ତୁ ଅବକାରୀ ଟିକସ ବୃଦ୍ଧି ଲକ୍ଷ୍ୟରେ ମଦ ବିକ୍ରି ପାଇଁ ପ୍ରୋତ୍ସାହନ ଦେବା କେତେଦୂର ସମୀଚୀନ। କେତୋଟି ରାଜ୍ୟ ସମ୍ପୂର୍ଣ୍ଣ ନିଶାନିବାରଣ ଆଇନ ପ୍ରଣୟନ କରି ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ପଦକ୍ଷେପ ନେବା ସ୍ୱାଗତଯୋଗ୍ୟ। ଆମ ରାଜ୍ୟ ସରକାର ଅନୁରୂପ ପଦକ୍ଷେପ ନେଇ ରାଜ୍ୟବାସୀଙ୍କ ଆସ୍ଥାଭାଜନ ହୁଅନ୍ତୁ।

ଲକ୍ଷ୍ମୀଧର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଓଡଗାଁ

### ଦଣ୍ଡ ପୂର୍ବରୁ କାରଣ ଖୋଜାଯାଉ

ବର୍ତ୍ତମାନ ଗଣଶିକ୍ଷା ବିଭାଗ ପକ୍ଷରୁ ନୈରାଶ୍ୟଜନକ ମାଟ୍ରିକ ପରୀକ୍ଷା ଫଳ ପ୍ରଦର୍ଶନ କରିଥିବା (ଶୂନ କିମ୍ବା ୫୦%ରୁ କମ୍) ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକମାନଙ୍କ ବାର୍ଷିକ ବେତନ ବୃଦ୍ଧି ବନ୍ଦ କରିବାକୁ ଜିଲା ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଏ ଭଳି ପଦକ୍ଷେପ ନେବା ପୂର୍ବରୁ ସରକାର ନିମ୍ନଲିଖିତ ବିଷୟଗୁଡିକ ପ୍ରତି ଦୃଷ୍ଟିଦେବା ଉଚିତ ମନେହୁଏ। ୧–ସମ୍ପୃକ୍ତ ବିଦ୍ୟାଳୟଗୁଡିକରେ ସ୍ଥାୟୀ ପ୍ରଧାନଶିକ୍ଷକ ଅଛନ୍ତି ତ? ୨–ସମ୍ପୃକ୍ତ ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ଦେବା ପାଇଁ ଆବଶ୍ୟକ ସଂଖ୍ୟକ ବିଷୟଭିତ୍ତିକ ଶିକ୍ଷକ ଅଛନ୍ତି ତ? ୩–ରାଜ୍ୟ ସରକାର ପ୍ରଥମରୁ ନବମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଫେଲ୍ କରାଯିବ ନାହିଁ ବୋଲି ଘୋଷଣା କରିବା ପରେ ପିଲାଙ୍କର ପରୀକ୍ଷା ପାଇଁ ଡର ରହୁନାହିଁ। ଫଳରେ ପୂର୍ବ ଶ୍ରେଣୀଗୁଡିକର ଦୁର୍ବଳ ପିଲାମାନେ ଦଶମ ଶ୍ରେଣୀରେ କୃତକାର୍ଯ୍ୟ ହେବା ପ୍ରାୟ ସମ୍ଭବ ହେଉନାହିଁ। ୪–ସମାନ କାମକୁ ସମାନ ଦରମା ଦେବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଗୋଟିଏ ବିଦ୍ୟାଳୟରେ କାମ କରୁଥିବା ସମାନ ଯୋଗ୍ୟତା ଥିବା ଶିକ୍ଷକମାନେ ବିଭିନ୍ନ ହାରରେ (ମାସିକ ୧୮ ହଜାରରୁ ୭୦ ହଜାର) ଦରମା ପାଇବା ନ୍ୟାୟସଙ୍ଗତ କି? ଏହାଦ୍ୱାରା କମ୍ ଦରମା ପାଉଥିବା ଶିକ୍ଷକଙ୍କର ରୁଗ୍ଣ ମାନସିକ ସ୍ଥିତି ଶିକ୍ଷାଦାନ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିବ ନାହିଁ କି? ୫–ଶିକ୍ଷକମାନଙ୍କୁ ସରକାର ଜନଗଣନା, ଭୋଟର ତାଲିକା ସଂଶୋଧନ ଓ ମଧ୍ୟାହ୍ନଭୋଜନ ଆଦି କାର୍ଯ୍ୟରେ ଲଗାଉଥିବାରୁ ପାଠପଢ଼ାରେ ଅବହେଳା ହେଉନାହିଁ କି? ୬–କେବଳ ଗରିବ ଶ୍ରେଣୀର ପିଲାମାନେ ସରକାରୀ ବିଦ୍ୟାଳୟରେ ପଢୁଛନ୍ତି, ଯେଉଁମାନେ ଅଧିକାଂଶ ସମୟ ଗୃହକାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଫଳରେ ସେମାନେ ମାଟ୍ରିକ୍ ପରୀକ୍ଷାରେ ଭଲ କରୁନାହାନ୍ତି। ଏହି ସବୁ ବିଷୟ ପ୍ରତି ଆଖି ବୁଜି ନ ଦେଇ ବିଦ୍ୟାଳୟର ଭିତ୍ତିଭୂମି, ବିଷୟ ଭିତ୍ତିକ ଶିକ୍ଷକ ନିଯୁକ୍ତି, ସ୍ଥାୟୀ ପ୍ରଧାନଶିକ୍ଷକ ପଦ ପୂରଣ, ସମାନ କାମକୁ ସମାନ ଦରମା, ପାସ୍ ଫେଲ୍ ବ୍ୟବସ୍ଥା ଓ ଶିକ୍ଷକମାନଙ୍କୁ ପାଠପଢ଼ା ବ୍ୟତୀତ ଅନ୍ୟ କାମରେ ନ ଲଗାଇ ବିଭାଗୀୟ ଶିକ୍ଷା ଅଧିକାରୀମାନେ ସ୍କୁଲ ପରିଦର୍ଶନ କରି କାର୍ଯ୍ୟରେ ଅବହେଳା କରୁଥିବା ଶିକ୍ଷକମାନଙ୍କୁ ଦଣ୍ଡବିଧାନ କଲେ ସରକାରଙ୍କ ଉଦ୍ୟମ ସଫଳ ହେବ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସରକାରୀ ହିସାବ କମିଟିର ଷଷ୍ଠ ବୈଠକ ଅନୁଷ୍ଠିତ

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ):** ବିଧାନସଭାର ବିଭାଗୀୟ ସରକାରୀ ହିସାବ କମିଟିର ଷଷ୍ଠ ବୈଠକ ସୋମବାର ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାନସଭା ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଉପରେ ଆଲୋଚନା ହୋଇଛି। ଏହା ସମ୍ପର୍କରେ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ ୨୦୧୩-୧୪ବର୍ଷ ପାଇଁ ଦେଇଥିବା ରିପୋର୍ଟ ୨୦୧୪ର ରିପୋର୍ଟ ନଂ.-୭ର ପାରା-୩.୫କୁ ପରୀକ୍ଷା କରାଯିବା ସହ ଏହା ଉପରେ ପର୍ଯ୍ୟାଲୋଚନା କରାଯାଇଥିଲା । ବୈଠକରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ନରସିଂହ ମିଶ୍ର, ଦେବୀ ପ୍ରସାଦ ମିଶ୍ର ଏବଂ ମିଶନ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

### ■ କ୍ୟାପିଟାଲ ହସ୍ପିଟାଲ

# ଖୋଲିଲା ସ୍ୱତନ୍ତ୍ର ଅତ୍ୟାଧୁନିକ ହୃଦରୋଗ ଚିକିତ୍ସା କେନ୍ଦ୍ର

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**

- ■ ନିର୍ଦ୍ଦେଶକ ଭାବେ ଯୋଗଦେଲେ ଡା. ପ୍ରଭାତ କୁମାର ଦାସ
- ■ ହୃଦ୍‌ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର
- ■ ହୃଦ୍ ବିଭାଗକୁ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ପରିଣତ କରାଯିବ: ମନ୍ତ୍ରୀ

ଏଣିକି କ୍ୟାପିଟାଲ୍ ହସ୍ପିଟାଲରେ ମିଳିବ ଉନ୍ନତ ମାନର ହୃଦରୋଗ ଚିକିତ୍ସା ସେବା। ଏଥି ଲାଗି ରୋଗୀଙ୍କୁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଏଥିପାଇଁ ସୋମବାର ହସ୍ପିଟାଲରେ ଏକ ସ୍ୱତନ୍ତ୍ର ଅତ୍ୟାଧୁନିକ ହୃଦରୋଗ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ଏହାର ନିର୍ଦ୍ଦେଶକ ଭାବେ ବିଶିଷ୍ଟ ହୃଦ୍-ବିଶେଷଜ୍ଞ ଡା. ପ୍ରଭାତ କୁମାର ଦାସ ସୋମବାର କାର୍ଯ୍ୟରେ ଯୋଗଦେଇଛନ୍ତି। ପ୍ରଥମ ଥର ପାଇଁ ଏଠାରେ ଶିଶୁମାନଙ୍କ ହୃଦ୍-ଅସ୍ତ୍ରୋପଚାର ସୁବିଧା ମଧ୍ୟ ମିଳିପାରିବ। କ୍ୟାପିଟାଲ୍ ହସ୍ପିଟାଲରେ ପୂର୍ବରୁ ମାସକୁ ହାରାହାରି ୭ଟି ଆଞ୍ଜିଓପ୍ଲାଷ୍ଟ, ଷ୍ଟେଣ୍ଟିଂ ହେଉଥିଲା। ଏଣିକି ଦୈନିକ ୧୫ରୁ ୨୦ ରୋଗୀଙ୍କ ଆଞ୍ଜିଓପ୍ଲାଷ୍ଟ ହୋଇପାରିବ। ଏହାସହ ହୃଦରୋଗୀଙ୍କ ଅନ୍ୟାନ୍ୟ ଜଟିଳ ସମସ୍ୟାର ସହଜ ତଥା ଗୁଣାତ୍ମକ ଚିକିତ୍ସା ଏଠାରେ ସମ୍ଭବ ହୋଇପାରିବ।

ସୋମବାର ଡା. ଦାସ କାର୍ଯ୍ୟରେ ଯୋଗଦେବାବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ବିଭାଗୀୟ ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡା. ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ କ୍ରମାଗତ ହୃଦ୍‌ରୋଗରେ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସମ୍ପୃକ୍ତ ରୋଗୀମାନେ ଚିକିତ୍ସା ନିମନ୍ତେ ରାଜ୍ୟ ବାହାରକୁ ଯାଉଥିଲେ। ରାଜ୍ୟରୁ ହଜାର ହଜାର ହୃଦରୋଗୀ ବେଙ୍ଗାଲୁରୁ ଯାଇ ଡା. ଦାସଙ୍କ ନିକଟରେ ଚିକିତ୍ସିତ ହେଉଥିଲେ। ଏବେ ରୋଗୀଙ୍କୁ ଆଉ ବେଙ୍ଗାଲୁରୁ ଯିବାକୁ ପଡ଼ିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। କ୍ୟାପିଟାଲ ହସ୍ପିଟାଲର ହୃଦ୍ ବିଭାଗକୁ ଖୁବ୍‌ଶୀଘ୍ର ସେଣ୍ଟର ଅଫ୍ ଏକ୍ସିଲେନ୍ସି ଭାବେ ପରିଣତ କରାଯିବ। ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ କାର୍ଡିଓଲୋଜି ଚିକିତ୍ସା ଉପଲବ୍ଧ ହେବ। ଏଥିପାଇଁ ସରକାର ଖୁବ୍ ତତ୍ପର ଅଛନ୍ତି। ଫଳରେ ରାଜ୍ୟର ସମସ୍ତ ହୃଦ୍‌ରୋଗୀ ଉନ୍ନତ ମାନର ଚିକିତ୍ସା ସେବା ପାଇପାରିବେ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ସୂଚନାଯୋଗ୍ୟ, ଡା. ପ୍ରଭାତ କୁମାର ଦାସ, ଏମ୍.ଡି., ଡି.ଏମ୍ କାର୍ଡିଓଲୋଜି ଏଫ୍‌ଏସିସି, ଶ୍ରୀ ସତ୍ୟସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାୟର ମେଡିକାଲ୍ ସାଇନ୍ସ, ହ୍ୱାଇଟ୍ ଫିଲ୍ଡ ବେଙ୍ଗାଲୁରୁ ଓ ପୁଟପୂର୍ତ୍ତିଠାରେ ହେଡ୍ ଅଫ୍ ଦି ଡିପାର୍ଟମେଣ୍ଟ ଭାବେ କାର୍ଯ୍ୟକରି ଆସୁଥିଲେ। ସେ ଆଜି ପର୍ଯ୍ୟନ୍ତ ୨୨ ହଜାରରୁ ଅଧିକ ହୃଦରୋଗୀଙ୍କ ସଫଳ ଚିକିତ୍ସା କରିଛନ୍ତି।

## ଜିଲା ଚିଠି
## ସମ୍ବଲପୁର



### ବୁଢ଼ାରଜା ପାହାଡ଼

ସମ୍ବଲପୁର ସହର ମଝିରେ ରହିଛି ସଂରକ୍ଷିତ ବୁଢ଼ାରଜା ପାହାଡ। ଏହାର ଘଞ୍ଚ ଜଙ୍ଗଲ, ଶୀତଳ ଓ ଶାନ୍ତ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହି ପାହାଡ ଶୀର୍ଷରେ ରହିଛି ଏକ ଶିବ ମନ୍ଦିର। ପାହାଡିଆ ରାସ୍ତା ଓ ସବୁଜ ବନାନୀ ଭିତରେ ସେହି ମନ୍ଦିରକୁ ଶ୍ରଦ୍ଧାଳୁମାନେ ଯାଇଥାନ୍ତି। ସେହି ପାହାଡ ଉପରେ କିଛି ସମୟ ବିତାଇବାକୁ ପର୍ଯ୍ୟଟକମାନେ ଭଲ ପାଆନ୍ତି। ପିକ୍‌ନିକ୍ ଋତୁ ଆସିଲେ ଏହି ପାହାଡ଼ ଲୋକାରଣ୍ୟ ହୋଇପଡ଼େ। ହେଲେ କେତେକ ପରିବାର ଏହି ସଂରକ୍ଷିତ ଜଙ୍ଗଲ ଜମିକୁ ବହୁ ଦିନ ହେବ ଜବରଦଖଲ କରି ରଖିଛନ୍ତି। ଧୀରେ ଧୀରେ ସେହି ଅଞ୍ଚଳରେ ଜବରଦଖଲକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ବିରୋଧ କରି ସ୍ଥାନୀୟ ଲୋକେ ବନ ବିଭାଗକୁ ଅବଗତ କରିଥିଲେ। ୨୦୧୪ ମସିହାରେ ବନ ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ଉଚ୍ଛେଦ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। କେତେ ପରିବାର ଜବରଦଖଲ କରିଛନ୍ତି। ସେହି ପରିବାରର ସଦସ୍ୟ ସଂଖ୍ୟା କେତେ ସେ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ହେଲେ ରାଜନୈତିକ ହସ୍ତକ୍ଷେପ ହେଉ କି ବନ ବିଭାଗ ଅଧିକାରୀଙ୍କ ଅପାରଗତା ଯୋଗୁ ସେହି ପ୍ରକ୍ରିୟା ବନ୍ଦ ହୋଇଯାଇଥିଲା। ଏବେ ପୁଣି ସେହି ଦାବି ଉଠିଛି। ସହରବାସୀ ଜବରଦଖଲ ଉଚ୍ଛେଦ ପାଇଁ ଦାବି କରିଛନ୍ତି। ବନ ବିଭାଗ ପୁଣିଥରେ ଗତ ଅଗଷ୍ଟ ମାସରେ ସର୍ଭେ କରିଛି। ରିପୋର୍ଟ ପ୍ରସ୍ତୁତ ସରିଛି। ହେଲେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏହାକୁ ନେଇ ପରିବେଶବିତ୍ ଓ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବନ ବିଭାଗର କଡା ନିୟମ ଥିଲେ ମଧ୍ୟ କାହିଁକି ଜବରଦଖଲ ଉଚ୍ଛେଦ ହେଉନାହିଁ ସେ ନେଇ ବୁଢରାଜା ବନ ସୁରକ୍ଷା ସମିତି ଓ ପରିବେଶବିତ୍‌ମାନେ ପ୍ରଶ୍ନ କରିଛନ୍ତି। ୨୦୧୪ ମସିହାରେ ବନ ବିଭାଗ ସର୍ଭେ କରି ମୋଟ୍ ୨୫୨ ଛୋଟ ବଡ ଘର ଜବରଦଖଲରେ ଥିବା ଜାଣିବାକୁ ପାଇଥିଲା। ସେହି ପରିବାରର ୭ଶହ ସଦସ୍ୟଙ୍କୁ ଭୋଟର କାର୍ଡ ପ୍ରଦାନ କରାଯାଇଛି। ଏପରିକି ବିଦ୍ୟୁତ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେହି ଅଞ୍ଚଳରେ ବେଆଇନ ଭାବେ ପାଣି ଓ ବିଜୁଳି ସଂଯୋଗ ଦିଆଯାଇଛି, ଯାହାକୁ ନେଇ ବନ ବିଭାଗ ପକ୍ଷରୁ ଉଭୟ ବିଭାଗକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଅନୁମତି ନ ପାଇ ଜଙ୍ଗଲ ଜମିରେ ବିଦ୍ୟୁତ୍ ଓ ପାଣି ସଂଯୋଗ କାହିଁକି ଦିଆଯାଇଥିଲା ବୋଲି ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରାଯାଇଥିଲା। ହେଲେ ଉଭୟ ବିଭାଗ ପକ୍ଷରୁ କୌଣସି ଉତ୍ତର ମିଳିନାହିଁ। ଅନ୍ୟପଟେ ବୁଢ଼ାରଜା ପାହାଡର ପରିସୀମା ୧୩୩ ଏକର ସଂରକ୍ଷିତ ଜମିରେ ଥିଲା। କିଛି ସରକାରୀ କାମ ଓ ଜବରଦଖଲ ଯୋଗୁ ସେହି ପରିସୀମା ପ୍ରାୟ ୭୫ ଏକରକୁ କମି ଆସିଛି। ଏବେ ବି ସେହି ଜମି ଉପରେ ଜବରଦଖଲକାରୀଙ୍କ ଲୋଲୁପ ଦୃଷ୍ଟି ପଡିଛି। ବଡ ବଡ କୋଠା ନିର୍ମାଣ କାମ ଜାରି ରହିଛି। ଫଳରେ ଦିନକୁ ଦିନ ବୁଢ଼ାରଜା ପାହାଡ଼ର ସବୁଜବନାନୀ ନଷ୍ଟ ହେବାରେ ଲାଗିଛି। ବନ ବିଭାଗର ବାରମ୍ବାର ତାଗିଦ ଓ ନୋଟିସ ପରେ ମଧ୍ୟ ନୂତନ କୋଠା ନିର୍ମାଣ କାମ ବନ୍ଦ କରାଯାଉ ନାହିଁ। ଏବେଠୁ ଯଦି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ସବୁଜିମା ଭରା ବୁଢ଼ାରଜା କଂକ୍ରିଟ ପାହାଡରେ ପରିଣତ ହେବ ବୋଲି ପରିବେଶବିତ୍‌ମାନେ କହିଛନ୍ତି।

– ଶୁଭାଶିଷ ପାଢ଼ୀ

# ଖେଳୁଥିବାବେଳେ ମାଡ଼ିଗଲା ଟ୍ରାକ୍ଟର: ଜଣେ ଶିଶୁ ମୃତ, ଜଣେ ଗୁରୁତର

**ପଦ୍ମପୁର/ବାସୁଦେବପୁର, ୧୬।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କରଞ୍ଜଆଡ଼ିଆ ପଞ୍ଚାୟତ ମଲିକସାହି ବସ୍ତିରେ ସୋମବାର ପୂର୍ବାହ୍ନରେ ଏକ ଅଘଟଣ ଘଟିଛି। ୨ ଶିଶୁ ଗାଁ ଦାଣ୍ଡରେ ଖେଳୁଥିବା ସମୟରେ ଏକ ଟ୍ରାକ୍ଟର ମାଡ଼ିଯିବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ମୃତ ଶିଶୁ ହେଲେ ବସ୍ତିର ଅଭୟ ମଲିକଙ୍କ ପୁଅ ଅଂଶୁମାନ(୬) ଓ ଗୁରୁତର ଜଣଙ୍କ ଶରତ ମଲିକଙ୍କ ପୁଅ ଅନିରୁଦ୍ଧ(୮)।



ଦୁର୍ଘଟଣାସ୍ଥଳରେ ଲୋକଙ୍କ ଭିଡ଼।

ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଅଂଶୁମାନ ଓ ଅନିରୁଦ୍ଧ ଗାଁ ଦାଣ୍ଡରେ ଖେଳୁଥିଲେ। ଏହି ସମୟରେ ଧାନ କଳେଇ ବୋଝେଇ କରି ଆସୁଥିବା ଏକ ଟ୍ରାକ୍ଟର ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ସେମାନଙ୍କୁ ସଙ୍ଗେ ସଙ୍ଗେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଅଂଶୁମାନଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଥିବା ଅନିରୁଦ୍ଧଙ୍କୁ ପ୍ରଥମେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ନାୟକାଣିଡିହୀ ଥାନା ପାଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ନାୟକାଣିଡିହୀ ଥାନାରେ ଏକ ମାମଲା (ନଂ.୧୮୪/୧୯) ରୁଜୁ କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିବାବେଳେ ଗାଡ଼ିକୁ ଜବତ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ଥାନା ଏସ୍‌ଆଇ ବିଜୟ କୁମାର ଦାସ ମହାପାତ୍ର ସୂଚନା ଦେଇଛନ୍ତି।

### ସୁନାଥରରେ ଭୟାବହ ଅଗ୍ନିକାଣ୍ଡ

# ଜଳିଗଲା ୫୦ ବଖରା

**ପୁରୁଷୋତ୍ତମପୁର,୧୬।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ସୁନାଥର ଗ୍ରାମରେ ସୋମବାର ଭୋର ପ୍ରାୟ ୫ଟାରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫ ପରିବାରର ପ୍ରାୟ ୫୦ ବଖରା ଜଳିଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ି ନ ଥିବା ବେଳେ ଅଗ୍ନିକାଣ୍ଡରେ ଧାନ, ଚାଉଳ, ମୁଗ, ବିରି ସହ ଆସବାବପତ୍ର ସମ୍ପୂର୍ଣ୍ଣ ରୂପେ ପୋଡ଼ି ପାଉଁଶ ହୋଇଯାଇଛି। ତେବେ ଏଥିରେ କେହି ଆହତ ହୋଇନାହାନ୍ତି। ପୁରୁପୁରୁଷୋତ୍ତମପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। କ୍ଷତିଗ୍ରସ୍ତ ପରିବାର ହେଲେ ପରବାସି ନାହାକ, ଯମୁନା ନାହାକ, ଶୋଭା ନାୟକ, କୁନି ବେହେରା, ସଙ୍ଗିତା ମହାକ୍ଲୁଡ, ଲିଙ୍ଗରାଜ ନାୟକ, ସୁଜନ୍ତି ନାୟକ, ରାଜୁ ବେହେରା, ମନୋଜ ବେହେରା, ସୁରୁଜ ନାହାକ, କାଞ୍ଚନ ନାୟକ, ଝୁନୁ ନାହାକ, ଗୀତା ନାହାକ, ବିପ୍ର ମଲିକ, ଫକୀର ମଲିକ, ପୀତାମ୍ବର ମଲିକ, କଳା ମଲିକ, ଶିବରାମ ମଲିକ, ବାବୁଲି ମଲିକ, ଦେବରାଜ ମଲିକ, ବିଜୟ ମଲିକ, ବିପ୍ର ସେଠୀ, ଲକ୍ଷ୍ମୀ ସେଠୀ, ଦଣ୍ଡାସି ନାହାକ, ରାଜୁ ମହାକ୍ଲୁଡ। ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ପୁରୁଷୋତ୍ତମପୁର ବିଡିଓ ସୀମାଞ୍ଚଳ ମହାନ୍ତି ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସୁନାଥର ପଞ୍ଚାୟତ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା ଚାଲିଛି। ପୁରୁଷୋତ୍ତମପୁର ତହସିଲଦାର ଅରୁଣ କୁମାର ନାୟକ ପହଞ୍ଚି କ୍ଷତିଗ୍ରସ୍ତଙ୍କୁ ପଲିଥିନ ସହ ଆର୍ଥିକ ସହାୟତା ପ୍ରଦାନ କରି କ୍ଷୟକ୍ଷତିର ଆକଳନ ଲାଗି ଆରଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିଗ୍ରସ୍ତଙ୍କୁ ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପୂର୍ବତନ ସମିତିସଭ୍ୟ ଭୀମ ନାହାକଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।



ଅଗ୍ନିକାଣ୍ଡରେ ଜଳିଯାଇଥିବା ଘର।

FORM NO. 13
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7, CDA, CUTTACK, ODISHA**
**O.A. NO. 426 of 2019**

**Andhra Bank, Bolangir Branch,**
**At/P.O.: Bolangir, Dist.: Bolangir** ...Applicant
-Versus-
**M/s. Green Palm Facility Services & another** ...Defendants
1. **M/s. Green Palm Facility Services,** TIN No. of Firm-21303504783, Proprietor- Miss. Lipsa Acharya, PAN of Proprietor: BMAPA6939H, At: Amala Para, Near First Flight Office, NH-55, 7th Lane, Angul, Dist.: Angul, PIN Code No.: 759122.
2. **Miss. Lipsa Acharya,** aged about 31 years, C/o- Raghunath Acharya, PAN- BMAPA6939H, At: Bajpayee Nagar, Behind Civil Court, At/P.O.: Bolangir, Dist.: Bolangir, Pin Code No.: 767001.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 426 of 2019** in the Court of the Debts of Recovery Tribunal, Cuttack for recovery of **Rs.12,16,708/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **27.01.2020 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

**DATE: 29.11.2019** Sd/- (Manoj Kumar Patnaik) REGISTRAR

DADLS-69



## ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ
## ୧୭ ଡିସେମ୍ବର, ୨୦୧୯

ସମୟ – ସକାଳ ଘ.୮ .୩୦ମି.

ପାୱାର ହାଉସ୍ ଛକସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

**ସାଧାରଣ ସଭା**

ସମୟ – ସନ୍ଧ୍ୟା ଘ.୫.୩୦ ମି. ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ରଘୁନନ୍ଦନ ଦାସ
ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ

ବିଶିଷ୍ଟ ଅତିଥି – ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡି
ମାନ୍ୟବର ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା

ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ
ଉପଦେଷ୍ଟା, ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)

ମୁଖ୍ୟ ବକ୍ତା – ଡ. ନାରାୟଣ ପଣ୍ଡା
ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍

ଧନ୍ୟବାଦ ଅର୍ପଣ – ଡ. ରଜନୀକାନ୍ତ ବିଶ୍ୱାଳ, (ଓ.ଏ.ଏସ୍.)
ସମ୍ପାଦକ, ମୟୂରଭଞ୍ଜ ସାଂସ୍କୃତିକ ସଂସଦ ଓ ଉପଜିଲ୍ଲାପାଳ, ଆଠମଲ୍ଲିକ

ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସଭା ପରେ ଗୁରୁ ଗୌର ମୋହନ ମହାନ୍ତ ଏବଂ ସାଥି କଳାକାରମାନଙ୍କ ଦ୍ୱାରା ଛଉ ନୃତ୍ୟ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0101/1920

## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)
ଚନ୍ଦ୍ରଶେଖରପୁର ଶାଖା, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ, ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୫, ଓଡ଼ିଶା
ଫୋନ୍ ନଂ.- ୦୬୭୪ ୨୩୦୩୪୪୬/୨୩୦୩୪୨୧, ଇ-ମେଲ୍: iob1476@iob.in

## ଡିମାଣ୍ଡ ନୋଟିସ୍

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ସରଫେଶୀ ଆକ୍ଟ)ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩(୧) ଅନୁଯାୟୀ)

୧) ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ ଏବଂ ଧାରା ୧୩(୧୨) ସହିତ ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କୁ (ନିମ୍ନରେ ଦର୍ଶଯାଇଥିବା ଋଣଗ୍ରହିତାମାନଙ୍କ ନିମନ୍ତେ) କଥିତ ନିୟମର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରି ନୋଟିସ୍ ଦର୍ଶିତ ଅର୍ଥରାଶି ନିମ୍ନରେ ବର୍ଣ୍ଣନା କରାଯାଇଥିବା ଅନୁସାରେ ନୋଟିସ୍ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
୨) ଋଣଗ୍ରହତା/ବନ୍ଧକଦାତା/ଜାମିନଦାରମାନଙ୍କୁ ଡାକ ବିଭାଗ ଦ୍ୱାରା ପଠାଯାଇଥିବା ନୋଟିସ୍ ପ୍ରାପ୍ତି ସ୍ୱୀକାର ନ ହୋଇ ଫେରସ୍ତ ଆସିଅଛି। ତେଣୁ ବ୍ୟାଙ୍କ ଏହି ଡିମାଣ୍ଡ ନୋଟିସ୍ ପ୍ରକାଶନ ମାଧ୍ୟମରେ ସମ୍ପୂର୍ଣ୍ଣ ଭାବରେ ସତର୍କ କରାଇଦେଉଛନ୍ତି। ଉପରୋକ୍ତ ସରଫେଶୀ ଆକ୍ଟ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ଦର୍ଶିତ ଋଣଗ୍ରହତା/ବନ୍ଧକଦାତା/ଜାମିନଦାରମାନଙ୍କ ଜଣାଥିବା ଶେଷ ଠିକଣାର ଗୃହରେ ନୋଟିସ୍‌କୁ ଲଗାଯାଇଛି। ଏହି ନୋଟିସ୍ ଗୁଡ଼ିକର ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ମହଜୁଦ ଅଛି ଏବଂ ଯଦି ଦର୍ଶିତ ଋଣଗ୍ରହତା/ବନ୍ଧକଦାତା/ଜାମିନଦାରମାନେ ଚାହାନ୍ତି ତେବେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରୁ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ କପିର ନକଲ ଗୁଡ଼ିକ ସଂଗ୍ରହ କରିପାରିବେ।
୩) ଉପରୋକ୍ତ ପୃଷ୍ଠଭୂମି ପରିପେକ୍ଷୀରେ ଦର୍ଶିତ ଋଣଗ୍ରହତା/ବନ୍ଧକଦାତା/ଜାମିନଦାରମାନଙ୍କୁ ପୁଣି ଏହି ଖବର କାଗଜ ପ୍ରକାଶନ ମାଧ୍ୟମରେ ଜଣାଇଦିଆଯାଉଛି ଯେ ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ସମସ୍ତ ବକେୟା ରାଶି **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**କୁ ପଇଠ କରିବେ। ଋଣ ଅନୁସାରେ ପଇଠ କରିବାକୁ ଥିବା ବକେୟା ପରିମାଣ ଏବଂ ଅନ୍ୟାନ୍ୟ କାଗଜ ପତ୍ର ସମ୍ବନ୍ଧରେ ନିମ୍ନରେ ବର୍ଣ୍ଣନା କରାଗଲା। ଋଣ ଗ୍ରହଣ କରାଯାଇଥିବା ସମୟରେ ପାର୍ଟିମାନଙ୍କ ଦ୍ୱାରା **ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ**କୁ ସିକ୍ୟୁରିଟି ହିସାବରେ ପ୍ରଦାନ କରାଯାଇଥିବା ସମ୍ପତ୍ତି ଗୁଡ଼ିକର ବିବରଣୀ ନିମ୍ନରେ ବର୍ଣ୍ଣନା କରାଗଲା।

| ଚନ୍ଦ୍ରଶେଖରପୁର ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ବକେୟା ଦେୟ* | ଡିମାଣ୍ଡ ନୋଟିସ୍ ତାରିଖ | ସମ୍ପତ୍ତିର ଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଅମୀୟ ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ସୁବ୍ରତ କୁମାର ମହାନ୍ତି (ବନ୍ଧକଦାତା), ପିତା: ଚକ୍ରଧର ମହାନ୍ତି, ଏନ୍-୧/୧୪, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୧୭, ବାସସ୍ଥାନ ଠିକଣା- ସା: ପ୍ଲଟ୍ ନଂ.: ୧୦୫୩, ଇ ବ୍ଲକ୍ ପ୍ରଶାନ୍ତି ବିହାର, ଶତାବ୍ଦି ନଗର, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶା / ଜାମିନ୍‌ଦାର: ୧) ଶ୍ରୀ ସନତ ମହାନ୍ତି, ପିତା: ଚକ୍ରଧର ମହାନ୍ତି, ସା/ପୋ: ବରଗଡ, ଆରଟିଓ ଅଫିସ୍ ବରଗଡ ନିକଟ, ଏନ୍‌ଏଚ୍-୬, ଜିଲ୍ଲା: ବରଗଡ, ପିନ୍-୭୬୮୦୨୮, ୨) ଶ୍ରୀମତୀ ଇତିଶ୍ରୀ ମହାନ୍ତି, ସ୍ୱାମୀ: ସୁବ୍ରତ କୁମାର ମହାନ୍ତି, ସା: ପ୍ଲଟ୍ ନଂ.: ୧୦୫୩, ଇ ବ୍ଲକ୍ ପ୍ରଶାନ୍ତି ବିହାର, ଶତାବ୍ଦୀ ନଗର, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶା | ୧୦.୧୨.୨୦୧୯ ସୁଦ୍ଧା ଟ.୩୨,୦୧,୩୭୧/- + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ୧୦.୧୨.୨୦୧୯ | ଶ୍ରୀ ସୁବ୍ରତ କୁମାର ମହାନ୍ତିଙ୍କ ନାମରେ ରେକର୍ଡଭୁକ୍ତ ଥିବା ବାସପୋଯୋଗୀ, ଫ୍ରିହୋଲ୍ଡ ଖାଲି ଜମି ଯାହାର ମୌଜା: ବଡ଼ ରଘୁନାଥପୁର, ଥାନା: ଜଟଣୀ ନଂ. ୬୫, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଖାତା ନଂ.: ୨୭୦/୧୧୧୪, ପ୍ଲଟ୍ ନଂ.: ୫୪୭/୧୯୬୭, କ୍ଷେତ୍ର: ଏକର୦.୦୫୮ଡିସିମିଲି, ଆଦିତ୍ୟ ହ୍ୟୁଣ୍ଡାଇ କାର୍ ସୋରୁମ ନିକଟ, ତମାଣ୍ଡୋ, ଭୁବନେଶ୍ୱର, ଏହାର ଚାରିପାର୍ଶ୍ୱରେ- ପୂର୍ବ: ସବ୍ ପ୍ଲଟ୍ ନଂ. ୬୨, ପଶ୍ଚିମ: ୨୩ ଫୁଟିଆ ଚୌଡା ରାସ୍ତା, ଉତ୍ତର: ସବ୍ ପ୍ଲଟ୍ ନଂ. ୭୨, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୭୪। |

* ଉପର ଦର୍ଶିତ ତାରିଖ ଠାରୁ ଟଙ୍କା ପଇଠ ତାରିଖ ପର୍ଯ୍ୟନ୍ତ ଚୁକ୍ତିବଦ୍ଧ ମୂଲ୍ୟ / ବଳକା ଋଣ ପରିମାଣ ସହିତ ପରବର୍ତ୍ତି ସୁଧ ପଇଠ କରିବେ।
୪) ଯଦି ଋଣଗ୍ରହିତା/ବନ୍ଧକଦାତା/ଜାମିନ୍‌ଦାରମାନେ ଉପର ବର୍ଣ୍ଣିତ ଅନୁସାରେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ଋଣ ପରିମାଣ ପଇଠ କରିବାରେ ବିଫଳ ହୁଅନ୍ତି ତେବେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ଋଣଗ୍ରହିତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କର ସୁରକ୍ଷିତ ସମ୍ପତ୍ତିଗୁଡ଼ିକ ଉପରେ ପଦକ୍ଷେପ ନେବେ ଓ ତତ୍‌ପରବର୍ତ୍ତି ଖର୍ଚ୍ଚ ଓ ଫଳାଫଳ ପାଇଁ ସେମାନେ ଦାୟୀ ରହିବେ।
୫) ପୁଣି ଋଣଗ୍ରହିତା/ବନ୍ଧକଦାତା/ଜାମିନଦାରମାନଙ୍କୁ ସୂଚାଇ ଦିଆଯାଉଛି ଯେ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁସାରେ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ ଋଣ ଟଙ୍କା ସୁଝି ସୁରକ୍ଷିତ ସମ୍ପତ୍ତିଗୁଡିକର ପୁନରୁଦ୍ଧାର କରିପାରିବେ।
୬) ଋଣଗ୍ରହିତା/ବନ୍ଧକଦାତା/ଜାମିନଦାରମାନଙ୍କୁ ନିଷିଦ୍ଧ କରାଯାଉଛି କି ସେମାନେ ଉପର ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ ଉପାୟରେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ବିନା ଲିଖିତ ଅନୁମତିରେ କାହାରିକୁ ହସ୍ତାନ୍ତର କରିପାରିବେ ନାହିଁ। ଯଦି କୌଣସି ବ୍ୟକ୍ତି ସରଫେଶୀ ଆକ୍ଟ ଧାରା ଓ ନିୟମରେ ଉଲଙ୍ଘନ କରନ୍ତି କିମ୍ବା ଉଲଙ୍ଘନ କରୁଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରୁଥାଆନ୍ତି ତେବେ ଧାରା ୨୯ ଅନୁସାରେ ଦଣ୍ଡିତ ହେବା ସହିତ ଜୋରିମାନା ଦେବେ।

ତାରିଖ : ୧୬.୧୨.୨୦୧୯
ସ୍ଥାନ: ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

# ‘ଭାଜପାର ପରାଜୟ ଏକ ରହସ୍ୟ’

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନରେ ରାଜ୍ୟରେ ପୂର୍ବାପେକ୍ଷା ଭାଜପା ଭଲ ପ୍ରଦର୍ଶନ କରି ପ୍ରଥମ ଥର ଲାଗି ମୁଖ୍ୟ ବିରୋଧୀ ଦଳ ଆସନ ହାସଲ କରିଛି। ସେହିପରି ଲୋକ ସଭା କ୍ଷେତ୍ରରେ ମଧ୍ୟ ଦଳ ଏଥର ୮ଟି ଆସନରେ ସଫଳତା ପାଇଛି। ବାଲେଶ୍ୱର ଲୋକ ସଭା ଆସନରୁ ପ୍ରତାପ ଷଡ଼ଙ୍ଗୀ ପ୍ରଥମ ଥର ପାଇଁ ଏମ୍‌ପିଭାବେ ନିର୍ବାଚିତ ହେବାସହ କେନ୍ଦ୍ରମନ୍ତ୍ରୀ ଦାୟିତ୍ୱ ପାଇଛନ୍ତି। ତେବେ ତାଙ୍କ ସାଧାରଣ ଜୀବନଶୈଳୀ, ନିରଡାମ୍ବର ଜୀବନ ଯାପନ ଯୋଗୁ ଏବଂ ସଂସ୍କୃତରେ ପାର୍ଲାମେଣ୍ଟରେ ଦେଉଥିବା ଓଜସ୍ୱିନୀ ଭାଷଣ ପାଇଁ ସେ ବର୍ତ୍ତମାନ ଦେଶର ଜଣେ ଚର୍ଚ୍ଚିତ ନେତା ହୋଇପାରିଛନ୍ତି। କେନ୍ଦ୍ରମନ୍ତ୍ରୀ ହେବାପରେ ଷଡଙ୍ଗୀଙ୍କ ସହ ଧରିତ୍ରୀ ପକ୍ଷରୁ ଏକ ସ୍ୱତନ୍ତ୍ର ସାକ୍ଷାତକାର।



**ପ୍ରଶ୍ନ: ଶିକ୍ଷା ବିଭାଗରେ ନିଯୁକ୍ତି ପାଇଥିବାବେଳେ ହଠାତ୍ ରାଜନୀତି ପାଇଁ ମନ ବଳାଇବାର ରହସ୍ୟ କ’ଣ?**

**ଉତ୍ତର:** ମନ ବଳାଇ ନ ଥିଲି ବରଂ ରାଜନୀତି ମୋ ପାଖକୁ ଆସି ମୋତେ ଟାଣିଟାଣି ନେଇଥିଲା। ଶତାଧିକ ଲୋକ ମୋ ପାଖକୁ ଆସି ରାଜନୀତିରେ ଯୋଗଦେବାକୁ କହିଥିଲେ। ପ୍ରଥମେ ମନା କରିଦେଇଥିଲି ପରବର୍ତ୍ତୀ ସମୟରେ ଚାପ ବଢିବାପରେ ରାଜନୀତି କ୍ଷେତ୍ରରେ ମଧ୍ୟ ଜନସେବା କରିହେବ ବୋଲି ବିଚାର କରିଲି। ଯାହା ଛୋଟ ସ୍କେଲରେ କରୁଛି କ୍ଷମତାର ସଦୁପଯୋଗ କରି ବଡ ସ୍କେଲରେ କେମିତି କରିହେବ ଚିନ୍ତା କଲି।

**ପ୍ରଶ୍ନ: ଭାଜପା ଭଳି ଜାତୀୟ ଦଳରେ ଆପଣ ହେଉଛନ୍ତି ଜଣେ ସରଳ ଜୀବନ ଯାପନ କଟାଉଥିବା ବ୍ୟକ୍ତି। ଏ ପର୍ଯ୍ୟନ୍ତ ଅବିବାହିତ ରହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟକ୍କର ଦେବା ଲାଗି ଭାଜପାର ସର୍ବୋଚ୍ଚ ନେତୃତ୍ୱ ଆପଣଙ୍କୁ କୁଆଡେ ପ୍ରୋଜେକ୍ଟ କରୁଥିବା ଚର୍ଚ୍ଚା ହେଉଛି। ଯଦି ଆପଣଙ୍କୁ ଏହି ଦାୟିତ୍ୱ ମିଳେ ଏହାକୁ ଆପଣ ବିନମ୍ରତାର ସହ ଗ୍ରହଣ କରିବେ ନା ଆହ୍ୱାନ ସହକାରେ ନେବେ?**

**ଉତ୍ତର:** ନିଜକୁ ଅନ୍ୟମାନଙ୍କ ତୁଳନାରେ ନିରହଙ୍କାରୀ ବୋଲି କହିବା ମଧ୍ୟ ଏକ ଅହଙ୍କାର। କେନ୍ଦ୍ରମନ୍ତ୍ରୀ ହେବାପରେ ଯେତେବେଳେ ମୁଁ ଓଡିଶା ଆସିଲି ବହୁତ ଜଣ ଦଳବଳ ଧରି ଆସି ପହଞ୍ଚୁଥିଲେ। ସେମାନଙ୍କୁ କାମଧନ୍ଦା ବନ୍ଦ କରି ଆସିବା ପାଇଁ ମନା କଲି। ଏଥିରେ ମୋର ରୁଚି ନ ଥାଏ। ଭାଜପା ଏକ ରାଷ୍ଟ୍ରୀୟ ଦଳ ଏଥିରେ ବହୁ ଅନୁଭବୀ ନେତା ଅଛନ୍ତି, ନେତାଙ୍କ ଏଠାରେ ଅଭାବନାହିଁ। ଦଳରେ କିଏ ମୁଖ୍ୟମନ୍ତ୍ରୀ ହେବ ନିର୍ବାଚନ ଆସିଲେ ଏ ବିଷୟରେ ବିଚାର କରାଯିବ। କେନ୍ଦ୍ରୀୟ ନେତୃତ୍ୱ ଯାହାକୁ ସ୍ଥିର କରିବ ସେ ଏହି ଦାୟିତ୍ୱ ତୁଲାଇବ, ଏବେଠାରୁ ବ୍ୟାକୁଳ ହେବାର ଆବଶ୍ୟକତା ନାହିଁ।

**ପ୍ରଶ୍ନ: ଗତ ସାଧାରଣ ନିର୍ବାଚନରେ ପୂର୍ବାପେକ୍ଷା ରାଜ୍ୟରେ ଏକ ସରକାର ବିରୋଧୀ ଜନମତ ରହିଥିବା କୁହାଯାଉଥିଲା। କିନ୍ତୁ ଏହାର ସେମିତି କିଛି ଫାଇଦା କାହିଁକି ଭାଜପାକୁ ମିଳିଲାନାହିଁ?**

**ଉତ୍ତର:** ଏହା ଆଜି ପର୍ଯ୍ୟନ୍ତ ମଧ୍ୟ ଏକ ରହସ୍ୟ ବୋଲି ଅନେକ ଲୋକ ମନେ କରୁଛନ୍ତି। ଅସଲ କଥା ହେଉଛି, ନବୀନ ପଟ୍ଟନାୟକଙ୍କ ଏକ ଭାବମୂର୍ତ୍ତି ଜନସନସରେ ତିଆରି ହୋଇଛି ବୋଲି ମୋତେ ଲାଗୁଛି। ଏହି ଭାବମୂର୍ତ୍ତିର ସତ୍ୟତା ଯାଞ୍ଚ କରିବା ପାଇଁ ଅନେକଙ୍କର ସେତିକି ସାମର୍ଥ୍ୟ ହୁଏତ ନାହିଁ। ତାଙ୍କ ଦଳରେ ସେ ଜଣେ ନିର୍ବିବାଦୀୟ ବ୍ୟକ୍ତିତ୍ୱ ଯାହାକି ସମ୍ଭବତଃ ଜନତାଙ୍କ ମନରେ ଏକ ଧାରଣା ହୋଇଯାଇଥିବ। କଂଗ୍ରେସ ପ୍ରତି ଲୋକଙ୍କ ଯେଉଁ ତୀବ୍ର ଘୃଣାଭାବ ରହିଛି ସେହି ଭୋଟଗୁଡିକ ଅକ୍ତିଆର କରିବା ପାଇଁ ବିଜେଡିହିଁ ସାମର୍ଥ୍ୟ ଏହିପରି ଏକ ଧାରଣା ନିର୍ମାଣ ହୋଇଯାଇଥିବ। ପଞ୍ଚାୟତ ନିର୍ବାଚନରେ ଭାଜପାର ସଙ୍ଗଠନ ଆଶାତୀତ ବୃଦ୍ଧି ପାଇବାରୁ ଭଲ ପ୍ରଦର୍ଶନ ଆମ ଦଳ କରିପାରିଥିଲା। ଏହାପରେ ମଧ୍ୟ ଆମେ ଆଶା ରଖିଥିଲୁ ସାଧାରଣ ନିର୍ବାଚନରେ ଭଲ ଫଳାଫଳ ହେବ ବୋଲି ଆମକୁ ଲାଗୁଥିଲା। କିନ୍ତୁ ଧୀରେଧୀରେ ଭୟ, ଲୋଭ, ପ୍ରଲୋଭନ କାରଣରୁ ଏଥିରେ ପରିବର୍ତ୍ତନ ହେବାରେ ଲାଗିଲା। ସେମାନଙ୍କ ଖଣି, ଚିଟ୍‌ଫଣ୍ଡ ଏବଂ ବିଜୁ ଯୁବ ବାହିନୀ ନାଁରେ ଟଙ୍କା ଦେଇ ପ୍ରଲୋଭନ ଦେଖାଇ ଭୋଟ ନେଇପାରିଛନ୍ତି।

**ପ୍ରଶ୍ନ: ନିର୍ବାଚନରେ ବିଜେଡି ବିପୁଳ ଅର୍ଥ କରିଥିବା ଆପଣ ଦାବି କରୁଥିବା ସତ୍ତ୍ୱେ, ବାସ୍ତବରେ ଯେଉଁମାନେ ନିର୍ବାଚନ ଦେଖିଛନ୍ତି ଆପଣଙ୍କ ଜାତୀୟ ଦଳ ଖର୍ଚ୍ଚ ଦିଗରୁ ପଛରେ ନ ଥିଲା ବୋଲି କୁହନ୍ତି, ଏନେଇ ଆପଣ କ’ଣ କହିବେ?**

**ଉତ୍ତର:** ମୋ ଅନୁଭବ ଅନୁଯାୟୀ ସେମାନଙ୍କ ଖର୍ଚ୍ଚର ୧୦ ଭାଗରୁ ଭାଗେ ମୁଁ କରିନାହିଁ। ଆମେ ବହୁ ସଙ୍କୁଚିତ ଖର୍ଚ୍ଚ କରିଛୁ। ପ୍ରଧାନମନ୍ତ୍ରୀଙ୍କ ସଭା ସମିତି ଯାହା ହୋଇଥିଲା ସେଥିଲାଗି ଅଲଗା ବ୍ୟବସ୍ଥା ହୋଇଥିଲା। ନ ହେଲେ ବହୁ ହିସାବ କରି ଏଥର ଖର୍ଚ୍ଚ କରାଯାଇଥିଲା। ଯାହାର ସାମର୍ଥ୍ୟ ଥିଲା ସେମାନେ ଅଧିକ ଖର୍ଚ୍ଚ କରିଥିବେ କିନ୍ତୁ ବିଜେଡିଠାରୁ ବହୁତ ପଛରେ ଅଛୁ। ଖର୍ଚ୍ଚ ଆମର ନିର୍ବାଚନ ସମୟରେ ହେଲା ସେମାନେ ୫ ବର୍ଷ ହେଲା ଖର୍ଚ୍ଚ କରୁଥିଲେ।

**ପ୍ରଶ୍ନ: ଭାଜପାର ବୈଚାରିକ ଭଣ୍ଡାର କୁହାଯାଉଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରୁ ଆପଣ ଆସିଛନ୍ତି। ଓଡିଶାରେ ଦଳର ଯେତେବେଳେ କିଛି ନ ଥିଲା ସେତେବେଳେ ଆପଣ ଦଳ ପାଇଁ ବହୁତ ଖଟିଛନ୍ତି। ଭାଜପା ହେଉଛି ଭିନ୍ନ ଆଦର୍ଶ ମୂଲ୍ୟ ବୋଧର ଦଳ। କିନ୍ତୁ ନିର୍ବାଚନ ପୂର୍ବରୁ ଅନ୍ୟ ଦଳର ନେତାମାନଙ୍କୁ ଭାଜପା ଆମଦାନୀ କରି ରାତାରାତି ଟିକେଟ ବଣ୍ଟିଲା। ତଥାପି ବିଧାନସଭାରେ ବିଫଳତା କାହିଁକି ଘଟିଲା?**

**ଉତ୍ତର:** ବିଜ୍ଞାନରେ ବିଭିନ୍ନ ଗବେଷଣା ହୋଇଥାଏ। ଏହା ମଧ୍ୟ ସେମିତି କିଛି ଥିଲା। ଏହା ରାଜନୀତିର ଗୋଟିଏ ପରୀକ୍ଷା ଥିଲା। ଅନ୍ୟ ଦଳରୁ ଆସିଲେ କାହାକୁ ବାରଣ କରାଯାଇପାରିବ ନାହିଁ। ବିଜୟ ସମ୍ଭାବନା ଥିବା ଦଳକୁ ଯେତେବେଳେ କିଏ ଆସେ ତାଙ୍କୁ ପରୀକ୍ଷା କରାଯାଇ ନିଆଯାଏ, କେତେବେଳେ ପରୀକ୍ଷା ମଧ୍ୟ କରିହୁଏନାହିଁ। ଏହାପରେ କିଛି ଲୋକ ଧୋକା ଦିଅନ୍ତି କେତଜଣ ରହିଯାଆନ୍ତି। ବୈଜୟନ୍ତ ପଣ୍ଡା ଅନ୍ୟ ଦଳରୁ ଆସିଛନ୍ତି, ସେ ଆମ ଦଳରେ ବର୍ତ୍ତମାନ ଜଣେ ପ୍ରଭାବୀ ନେତା, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ହୋଇଛନ୍ତି। ଦଳରେ ବହୁତ ବିଶ୍ୱସ୍ତ ଭାଜପା ବିଚାରଧାରାକୁ ସ୍ୱୀକାର କରିଛନ୍ତି। ସେହିପରି ଦାମ ରାଉତ ଆସିଥିଲେ ରହିପାରିଲେନାହିଁ। ପୂର୍ବରୁ ଆମ ଦଳ ନେତାଙ୍କୁ ତାଚ୍ଛଲ୍ୟ କରି କହୁଥିଲେ ତାପରେ ପୁଣି ଭାଜପାରେ ମିଶିଲେ। କିନ୍ତୁ ତାଙ୍କ ନିହିତ ସ୍ୱାର୍ଥ ଲାଗି ହଠାତ୍ ଚାଲିଗଲେ। ଆମ ଦଳ ଯେଉଁମାନଙ୍କୁ ମିଶାଇଛି ସେମାନଙ୍କୁ ଆଣି ଡ୍ରାଇଭର ଆସନରେ ନୁହେଁ ବରଂ ପାସେଞ୍ଜର ସିଟ୍‌ରେ ନେଇଯାଇଛୁ। ଏହାଦ୍ୱାରା ଦଳୀୟ ଆଦର୍ଶର ସେମିତି କିଛି କ୍ଷତି ଘଟିନାହିଁ।

**ପ୍ରଶ୍ନ: ଭାଜପା ଓଡିଶାରେ ପ୍ରଥମ ଥର ଲାଗି ମୁଖ୍ୟ ବିରୋଧୀ ଦଳ ଆସନରେ ରହିଛି। ହେଲେ ପୂର୍ବାପେକ୍ଷା ଶାସକ ଦଳକୁ ବିରୋଧ କରିବା କ୍ଷେତ୍ରରେ ସେତେଟା ସକ୍ରିୟତା ଦେଖିବାକୁ ମିଳୁନାହିଁ ଅନ୍ୟପଟେ କେନ୍ଦ୍ରରେ ଭାଜପା ଏକକ ସଂଖ୍ୟା ଗରିଷ୍ଠତା ପାଇବା ସତ୍ତ୍ୱେ ବିଜେଡି ସହ ବୁଝାମଣା କରି ଗୋଟିଏ ରାଜ୍ୟ ସଭା ଆସନ ନେଇଛି। ଏପରି ହେବାଦ୍ୱାରା ତୃଣମୂଳସ୍ତରରେ କର୍ମୀ ଯେଉଁମାନେ ଦଳ ପାଇଁ ଖଟୁଛନ୍ତି ସେମାନଙ୍କ ଉପରେ ପ୍ରଭାବ ପଡୁନାହିଁ କି?**

**ଉତ୍ତର:** ଭାଜପାର ଦୃଶ୍ୟମାନ ଦିଗଗୁଡିକ ଦେଖାଯାଉଛି ହେଲେ ସଙ୍ଗଠନର ଯେଉଁଗୁଡିକ ଅଦୃଶ୍ୟ ଦିଗ ଯାହା ଉପରେ ଆମେ ଠିଆ ହୋଇଛୁ ଯଥା, ଆମ ସଦସ୍ୟତା ଅଭିଯାନ କେମିତି ଚାଲିଲା, ବୁଥ୍ କମିଟି କିପରି ହେଲା ତାହା ଦେଖାଯାଉନାହିଁ। ସେଦିଗରେ ପ୍ରକୃତ ଶକ୍ତି ତିଆରି ହେଉଛି। ବର୍ତ୍ତମାନ ସାଙ୍ଗଠନିକ ପର୍ବ ଚାଲିଛି। ବ୍ୟାପକ ସ୍ତରରେ ସାରା ଦେଶରେ ସାଙ୍ଗଠନିକ ପ୍ରକ୍ରିୟା ଚାଲିଛି ସେଥିଲାଗି ଆନ୍ଦୋଳନାତ୍ମକ କାର୍ଯ୍ୟ ବନ୍ଦ ଅଛି। ବିଜେଡି–ଭାଜପା ମଧ୍ୟରେ ଯେଉଁ ବୁଝାମଣା କଥା ଉଠୁଛି, ବୁଝାମଣା କମ୍ ଥିଲେ ଲୋକଙ୍କ ଉପରେ ନିଶ୍ଚୟ ପ୍ରଭାବ ପକାଇବ। ଆମ କାର୍ଯ୍ୟକର୍ତ୍ତାମାନେ ବାସ୍ତବିକ କଥା ସମସ୍ତଙ୍କୁ ବୁଝାଇବା କଥା। ଅଶ୍ୱିନୀ ବୈଷ୍ଣବ ଜଣେ ଦକ୍ଷ ପ୍ରଶାସକ ଥିଲେ। ତାଙ୍କ ପ୍ରାର୍ଥିତ୍ୱକୁ ନେଇ କ’ଣ ହୋଇଥିଲା ସେକଥା ଜାଣିନାହିଁ। ରାଜ୍ୟ ସ୍ୱାର୍ଥ ପାଇଁ ସମର୍ଥନ କରିବାରେ କିଛି ଅସୁବିଧା ନାହିଁ। ବିଧାନସଭା ସମୟ ପୂର୍ବରୁ ବନ୍ଦ ହେବାବେଳେ ଆମେ କଂଗ୍ରେସ ସହ ମିଶି ମଧ୍ୟ ଆନ୍ଦୋଳନ କରିଛୁ। ଯେମିତି ବାଚସ୍ପତି ନିର୍ବାଚନରେ ବିରୋଧୀ ଦଳର ସମର୍ଥନ ଲୋଡି ଗୋଟିଏ ଭଲ ପରମ୍ପରା ସୃଷ୍ଟି ପାଇଁ ଚେଷ୍ଟା କରାଯାଏ, ସେହିଭଳି ଏକ କଥା। ସେହିପରି ବିଜେଡି ଠାରୁ ରାଜ୍ୟ ସଭା ଆସନ ନେବା ମଧ୍ୟ ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରୀୟ ଅଧ୍ୟକ୍ଷ ବ୍ୟକ୍ତିଗତ ସ୍ତରରେ ଗୋଟିଏ ନିବେଦନ କରିଛନ୍ତି। ମିଳିମିଶି ଓଡିଶାର ସ୍ୱାର୍ଥ ପାଇଁ କାମ କରିହେବ ଏବଂ ପ୍ରସଙ୍ଗ ଭିତ୍ତିକ କାର୍ଯ୍ୟକ୍ରମ ହୋଇପାରିବ ଏଥିରେ କିଛି ଯାଏଆସେ ନାହିଁ।

**ପ୍ରଶ୍ନ: ନାଗରିକତା ସଂଶୋଧନ ବିଲ୍‌କୁ ଆଇନରେ ପରିଣତ କରିବାପରେ ଦେଶର ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ହିଂସା ଦେଖିବାକୁ ମିଳୁଛି। ଏହାଦ୍ୱାରା ସାଧାରଣ ଲୋକ ହଇରାଣ ହେଉଛନ୍ତି ବୋଲି ଭାବୁନାହାନ୍ତି କି?**

**ଉତ୍ତର:** ସିଟିଜେନଶିପ୍ ବିଲ୍ ଲାଗୁ ହେବାଦ୍ୱାରା ଉତ୍ତର ପୂର୍ବାଞ୍ଚଳକୁ ନୂଆ ଶରଣାର୍ଥୀ ଆସିଲେନାହିଁ ଯାହା ଥିଲେ ସେତିକି। ଏବେ ଆମକୁ ଧାରା ୩୭୦ ଲାଗୁ ହେବାପରେ ଯେମିତି ଦେଶରେ ସଭା ସମିତି କରି ସମସ୍ତଙ୍କୁ ବୁଝାଇବାକୁ ପଡିଲା ପ୍ରକୃତ କଥା ଏବେ ମଧ୍ୟ ଆମକୁ ସେମିତି କରିବାକୁ ପଡିବ। ଯେଉଁମାନେ ନିଆଁ ଲଗାଇ ହିଂସା ସୃଷ୍ଟି କରୁଛନ୍ତି ଏଥିରେ ଦୁଇଟି ପ୍ରକାର ଲୋକ ଅଛନ୍ତି। ଯିଏ ଏହାକୁ ମୋଟେ ବୁଝି ନାହାନ୍ତି ନଚେତ୍ ଯେଉଁମାନେ ଶରଣାର୍ଥୀ।

**ପ୍ରଶ୍ନ: ଆପଣ ଯଦି ଓଡିଶାର ମଙ୍ଗ ଧରନ୍ତି ତେବେ କେଉଁ କଥାକୁ ବିଶେଷ ପ୍ରାଧାନ୍ୟ ଦେବେ?**

**ଉତ୍ତର:** କଳ୍ପନାଜଗତରେ ଭାସିବା ଠିକ୍ ହେବନାହିଁ। ପ୍ରଥମେ ଭାଜପା ବିଜୟୀ ହେଉ ତା’ପରେ ଦଳ ଯାହାକୁ ଦାୟିତ୍ୱ ଦେବ। କେନ୍ଦ୍ରମନ୍ତ୍ରୀ ହେବାପରେ କୋଷ୍ଟ କେନାଲର ପୁନରୁଦ୍ଧାର ପାଇଁ ବିଭାଗୀୟ ମନ୍ତ୍ରୀ, ସଚିବଙ୍କୁ ଚିଠି ଲେଖିସାରିଛି। ମାଛ ଚାଷୀଙ୍କ ଏକ କର୍ମଶାଳା କରୁଛି। ଏଥିରେ ୧୨ରୁ ଅଧିକ ବୈଜ୍ଞାନିକଙ୍କୁ ମଧ୍ୟ ଡାକିଛି। ପାନରୁ ଏକ ଭଲ ପର୍ଫ୍ୟୁମ କରିବା ନେଇ ଆଲୋଚନା କରିଛି। ଚାଷ ଉପରେ ଗୁରୁତ୍ୱ ଦେବାକୁ ବିଭିନ୍ନ ପଦକ୍ଷେପ ନେଇଛି।

**ସାକ୍ଷାତ୍: ସୁନୀତ ମିଶ୍ର**

## ୭ ବର୍ଷ ଜେଲ୍ ଦଣ୍ଡ

**ବାଲେଶ୍ୱର ଅଫିସ,୧୬।୧୨:** ଏକ ବଳାତ୍କାର ମାମଲାର ବିଚାର କରି ସୋମବାର ବାଲେଶ୍ୱର ସ୍ପେଶାଲ ଟ୍ରାକ୍ କୋର୍ଟ କମ୍ ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ଆରାଧନା ଷଡ଼ଙ୍ଗୀ ଅଭିଯୁକ୍ତଙ୍କୁ ୭ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହାସହ ୫ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଆଉ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ୨୦୧୨ ଜୁଲାଇ ୧୮ ତାରିଖରେ ସଦର ଥାନା ଅଞ୍ଚଳର ଜଣେ ନାବାଳିକା ତାଙ୍କ ବାପାଙ୍କ ସାଙ୍ଗ ରାମଚନ୍ଦ୍ରଙ୍କ ଘରକୁ ମାଛଧରା ଜାଲ ଆଣିବା ପାଇଁ ଯାଇଥିଲେ। ସେହିପରି ସମୟରେ ଘରେ କେହି ନ ଥିବାର ସୁଯୋଗ ନେଇ ରାମଚନ୍ଦ୍ର ଉକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ବିଷୟରେ ନାବାଳିକା ଜଣକ ଘରେ ଆସି ଜଣାଇଥିଲେ। ତାଙ୍କ ପରିବାର ପକ୍ଷରୁ ସଦର ଥାନାରେ ଅଭିଯୋଗ କରାଯିବା ପରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ବିଚାର କରାଯାଇ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଦିଆଯାଇଛି। ସରକାରଙ୍କ ତରଫରୁ ଆଇନଜୀବୀ ଉତ୍ପଳ ମହାନ୍ତି ମାମଲାକୁ ପରିଚାଳନା କରୁଥିଲେ।

## ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟ– ୨୦୧୯ | ନୂଆପଡା ଏକାଦଶକୁ ହରାଇ ବରପାଲି ଏକାଦଶ ବିଜୟୀ

ସିନାପାଲି,୧୬।୧୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକସ୍ଥିତ ସିଙ୍ଗଝରରାଜୀବନାଏକ ଖେଳପଡିଆରେ ଚାଲିଥିବା ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟ–୨୦୧୯ର ପଞ୍ଚମ ଦିବସରେ ସୋମବାର ନୂଆପଡା ଏକାଦଶ ଓ ବରପାଲି ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ନୂଆପଡା ଏକାଦଶ ଟସ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୧୨ ରନ ସଂଗ୍ରହ କରିଥିଲା। ଜବାବରେ ବରପାଲି ଏକାଦଶ କେବଳ ୧୬.୨ ଓଭରରେ ୫ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରି ବିଜୟୀ ଲାଭ କରିଥିଲା। ଏହି ମ୍ୟାଚରେ ବରପାଲି ଏକାଦଶର ସୁଶାନ୍ତ କୁମାର ବିଶି ୪ ଓଭର ବିନିମୟରେ ୪ ଉଇକେଟ ଅକ୍ତିଆର କରି ୮ ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚରେ ମୁଖ୍ୟଅତିଥି ଭାବେ ସିନାପାଲି ବ୍ଲକ ଉପାଧ୍ୟକ୍ଷ ସୁବାଶ ଚନ୍ଦ୍ର ଅଗ୍ରୱାଲ ମୁଖ୍ୟଅତିଥି, ସମ୍ମାନିତ ଅତିଥି ସିନାପାଲି ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ମାଝି, ଲୋକେଶ୍ୱର ମାଝି, ଜୟତିରାମ ନାଏକ, ଦେବାର୍ଚ୍ଚନ ବୈଠାରୁ ପ୍ରମୁଖ ମଞ୍ଚାସୀନ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚର ଅମ୍ପାୟାର ଭାବେ ମାନସରଞ୍ଜନ କସ୍ୟପ ଓ ରାହୁଲ ଯାଦବ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ପୟୋଜ କସ୍ୟପ ଦାୟୀତ୍ୱ ନିର୍ବାହ କରିଥିଲେ।

## ଆଜି କ’ଣ କେଉଁଠି

**ବୌଦ୍ଧ**

- ମଦନମୋହନ ନାଟ୍ୟ କଳା ପରିଷଦ ପକ୍ଷରୁ ଧନୁଯାତ୍ରା ଓ କଂସବଧ ନାଟ୍ୟୋତ୍ସବ ଉଦ୍‌ଯାପିତ, ଭୈରବୀ ପଡିଆ, ସନ୍ଧ୍ୟା ୬ଟା।
- ତୃତୀୟ ଗଡଜାତ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା, ବୀରନରସିଂହପୁର ଉଚ୍ଚ ବିଦ୍ୟାଳୟ ପଡିଆ, ଅପରାହ୍ନ ୫ଟା।

**ନୂଆପଡ଼ା**

- ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଏବଂ ପ୍ରକଳ୍ପ ପ୍ରତିଯୋଗିତା, ଡୁମେରପାଣି ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।

**ମୁରିବାହାଲ**

- ବ୍ଲକସ୍ତରୀୟ ଲୋକ ମହୋତ୍ସବ, ବ୍ଲକ ପରିସର, ପୂର୍ବାହ୍ନ ୧୦ଟା।

**କୁଆଁରମୁଣ୍ଡା**

- ଜିଲାସ୍ତରୀୟ ଜୁନିୟର ରେଡକ୍ରସର ଷ୍ଟଡି କମ୍ ଟ୍ରେନିଂ କ୍ୟାମ୍ପ, ହରିହର ସରକାରୀ ଉଚ୍ଚବିଦ୍ୟାଳୟ, ପୂର୍ବାହ୍ନ ସାଢେ ୧୦ଟା।

**ଲୋଇସିଂହା**

- ଝାରମୁଣ୍ଡା ଧନୁଯାତ୍ରା ଉଦ୍‌ଘାଟନ, ଝାରମୁଣ୍ଡା, ସନ୍ଧ୍ୟା ୬ଟା।

**ସମ୍ବଲପୁର**

- ବୁଢ଼ାରଜା ହାଇସ୍କୁଲର କ୍ରୀଡା ପ୍ରତିଯୋଗିତା, ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା।
- ଶ୍ରୀଅରବିନ୍ଦ ସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା, ନାରୀ ସେବା ସଦନ ପଡିଆ, ପୂର୍ବାହ୍ନ ୧୦ଟା।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍‌ଚର, ଦୁଇ ଚକିଆ, ଗ୍ରୁପ୍ ଋଣ
ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ଗଣପତି ଫାଇନାନ୍ସ
8929119958
7289935297
M.P. Nagar, Zone-1, Bhopal, Madhya Pradesh.

ନବବର୍ଷର ଶୁଭ ଅବସରରେ
ଗ୍ଲୋବାଲ ଫାଇନାନ୍ସ ଲି.
ISO: 9001:2011 Regd. Company
2% ସୁଧ 40% ରିହାତି
9415725066
H.No. 12, Sohana Distt. Mohali

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : ridhifinanceonlinem.p@gmail.com
9911473748
Add : 41/14, Sec-1 Pushp Vihar, Delhi

FINANCE
ବାଲାଜୀ ଫାଇନାନ୍ସ
Mahaveer Nagar, Lewis Road, Bangalore
7325861595

ASTROLOGY

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1% ସୁଧ | 40% ରିହାତି
9518852216, 9548270863
ADDRESS: T-51, GAUTAMPURI, DELHI

ନବବର୍ଷର ଶୁଭ ଅବସରରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି.
REG. NO. BG3274CH1122
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

BUSINESS

ଗୁରୁ ସାହି ଖାନ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

JAMUNA FINANCE
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ,୧୬।୧୯(ଡି.ଏନ.ଏ): ଦେବଗଡ ଜିଲା ବାରକୋଟ ବ୍ଲକ କଣ୍ଟାପାଲି ପଞ୍ଚାୟତ ପରିସରରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା ୬୫ଟି ଦରଖାସ୍ତର ଶୁଣାଣି କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ୨୯ଟି ବ୍ୟକ୍ତିଗତ ଓ ୩୬ଟି ସାମୂହିକ ସମସ୍ୟା ଉପରେ ଆଧାରିତ ଥିଲା। ଶିବିରରେ ୩ଟି ଦରଖାସ୍ତର ତୁରନ୍ତ ଶୁଣାଣି କରାଯାଇ ସମସ୍ୟାର ସମାଧାନ କରାଯାଇଥିଲା। ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚୁନୁ ମେହେରଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ, କଣ୍ଟାପାଲି ଗ୍ରାମପଞ୍ଚାୟତ ସରପଞ୍ଚ ଉପସ୍ଥିତ ଥିଲେ।

### ଦେବଗଡ଼ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା

ଦେବଗଡ,୧୬।୧୨(ଡି.ଏନ.ଏ): ଦେବଗଡ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଦେବଗଡ ମହାବିଦ୍ୟାଳୟର ୫୫ତମ ବାର୍ଷିକ କ୍ରୀଡା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ କ୍ରୀଡା ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇଦିନିଆ କ୍ରୀଡା ଉତ୍ସବକୁ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ଅଧକ୍ଷା ସନ୍ତୋଷିନୀ ଶତପଥୀ ଉଦ୍‌ଘାଟନ କରିଥିଲା। ଏହି କ୍ରୀଡା ଉତ୍ସବକୁ ମହାବିଦ୍ୟାଳୟ କ୍ରୀଡା ସଂସଦର ଉପସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଅଧାପିକା ଡ. ମିନି ପ୍ରଧାନ, ମନୋରଞ୍ଜନ ମାରାଣ୍ଡି, ପ୍ରମୋଦ ଡୁଙ୍ଗଡୁଙ୍ଗ ଏବଂ କ୍ରୀଡା ଶିକ୍ଷକ ପ୍ରଭାତ କୁମାର ପ୍ରଧାନଙ୍କ ସମେତ ଆମନ୍ତ୍ରିତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ମାନେ ପରିଚାଳନା କରିଥିଲେ। ପ୍ରଥମ ଦିବସରେ ଛାତ୍ରୀଛାତ୍ରଙ୍କ ମଧରେ ୨୨ଟି ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ଚାରି ଦିନ ହେଲା ଗାଁରେ ଅଗ୍ନିକାଣ୍ଡ, ଲୋକେ ଆତଙ୍କିତ

ତଳଗାଁ,୧୬।୧୨(ଡି.ଏନ.ଏ) ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ବଡଭୁର୍ଣ୍ଡା ଗ୍ରାମରେ ଚାରିଦିନ ଧରି ଅଗ୍ନିକାଣ୍ଡ ଘଟିଥିବାରୁ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ଶୁକ୍ରବାର ହରିଜନ ସାହିର ଶଙ୍କର୍ଷଣ ବେହେରାଙ୍କ ଘରେ ନିଆଁ ଲାଗିଥିବା ବେଳେ ଶନିବାର ଲକ୍ଷ୍ମୀଧର ବେହେରାଙ୍କ ଘରେ ନିଆଁ ଲାଗି ସମସ୍ତ ଜିନିଷ ପୋଡି ପାଉଁଶ ହୋଇଯାଇଛି। ସେହିପରି ରବିବାର ଶମ୍ଭୁ ନାଏକଙ୍କ ଘରେ ନିଆଁ ଲାଗିଥିଲା। ସୋମବାର ପୂର୍ବାହ୍ନ ୧୧ଟା ବେଳେ ଗ୍ରାମର ନକୁଳ ବେହେରା, ଗୋକୁଳ ବେହେରାଙ୍କ ଘରେ ନିଆଁ ଲାଗି ସମସ୍ତ ଜିନିଷ ପୋଡି ପାଉଁଶ ହୋଇଛି। ଗ୍ରାମରେ ଲଗାତାର ୪ ଦିନ ଧରି ଅଗ୍ନିକାଣ୍ଡ ଯୋଗୁ ଲୋକମାନେ ଭୟରେ ଅଛନ୍ତି। ଏପେଟ ଶୀତଦିନ ଯୋଗୁ ଅଗ୍ନିବିପନ୍ନ ପରିବାର ଗୁଡିକ ଖୋଲା ଆକାଶ ତଳେ ଶୀତ କାକରେ ପଡିରହିଛନ୍ତି। ପ୍ରଶାସନ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି।

■ ଖରିଫ ଧାନ ଶସ୍ୟ ବୀମା ପ୍ରଦାନ ଦାବି

# ପଞ୍ଚାୟତରେ ତାଲା ପକାଇଲେ ଚାଷୀ

ଜମନକିରା,୧୬।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ମିଳିତ ଚାଷୀ ସଙ୍ଗଠନ ପକ୍ଷରୁ ଶସ୍ୟବୀମା ରାଶି ପ୍ରଦାନ ଦାବିରେ କୁଚିଣ୍ଡା ଉପଖଣ୍ଡରେ ଥିବା ୫୫ଟି ପଞ୍ଚାୟତରେ ତାଲା ପକାଇବା ନିଷ୍ପତ୍ତି ନିଆଯାଇଛି। ଏହିକ୍ରମରେ ଚାଷୀମାନେ ଗତ ୧୧ ତାରିଖରେ ମହଦା ଓ କେନାଢ଼ିପା ପଞ୍ଚାୟତରେ ତାଲା ପଡ଼ିଥିବା ବେଳେ ୧୨ ତାରିଖରେ ଧୁଡ଼ିପାଲି ଏବଂ ୧୬ ତାରିଖ (ସୋମବାର) କଟଙ୍ଗପାଣି ପଞ୍ଚାୟତରେ ତାଲା ପକାଇବା ସହ ଆଇନ ଅମାନ୍ୟ ଆନ୍ଦୋଳନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୮-୧୯ କୃଷି ଆର୍ଥିକ ବର୍ଷରେ ଜମନକିରା ତଥା କୁଚିଣ୍ଡା ଉପଖଣ୍ଡ ଚାଷୀ ଭୟାଭୟ ମରୁଡ଼ିର ଶିକାର ହୋଇଥିଲେ। ସରକାରଙ୍କ ପକ୍ଷରୁ ୨୦୧୮-୧୯ର ବୀମାରାଶି ପ୍ରଦାନ କରାଯାଇ ନ ଥିଲା। ଏ ନେଇ ସରକାର ଓ ପ୍ରଶାସନକୁ ବାରମ୍ବାର ଜଣାଇ ଆସୁଥିବା ସତ୍ତ୍ୱେ ବୀମା ସହାୟତା ପ୍ରଦାନ କରାଗଲାନାହିଁ। କିଛି ଦିନ ପୂର୍ବରୁ କୁଚିଣ୍ଡା ଉପଖଣ୍ଡ ଚାଷୀ ମିଳିତ ହୋଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩୩ ଦିନ ଧରି ଧାରଣାରେ ବସିଥିଲେ। ମାତ୍ର ସରକାରୀ ତଥା ପ୍ରଶାସନ ପକ୍ଷରୁ ପ୍ରତିକାର ନ ନେବାରୁ ଗତ ଅକ୍ଟୋବର ୧୧ ତାରିଖରେ ମହାବନ୍ଦ କରାଯାଇଥିଲା। ଶେଷରେ ବାମରାରେ ରେଳ ରୋକୋ କରିଥିଲେ। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪୨ ଦିନ ୨୪ ଘଣ୍ଟିଆ ରିଲେ ଅନସନ କରାଗଲା। ଏହା ସତ୍ତ୍ୱେ କେନ୍ଦ୍ର, ରାଜ୍ୟ ତଥା ବୀମା କମ୍ପାନୀ ଚାଷୀଙ୍କ ଦୁଃଖ ଶୁଣିଲାନି। ବାଧ୍ୟ ହୋଇ ମିଳିତ ଚାଷୀ ସଙ୍ଗଠନର ନିଷ୍ପତ୍ତିକ୍ରମେ ଗତ ୧୧ କେନାଢ଼ିପା ଓ ମହଦା ପଞ୍ଚାୟତ କାର୍ଯ୍ୟାଳୟରେ ଚାଷୀମାନେ ତାଲା ପକାଇଥିବା ବେଳେ ୧୨ ତାରିଖରେ ଜମନକିରା ବ୍ଲକ୍ ଧୁଡ଼ିପାଲି ଏବଂ ସୋମବାର କଟଙ୍ଗପାଣି ପଞ୍ଚାୟରେ ତାଲା ପକାଇଛନ୍ତି। ସୋମବାର ଆନ୍ଦୋଳନରେ ଚୁଡ଼ାମଣୀ ପଟେଲ, ଗୁରୁଚରଣ ପଟେଲ, ଭୁବନ ପଟେଲ, ଚନ୍ଦ୍ରଭାନୁ ପଟେଲ, ମୋତିଲାଲ ପଟେଲ, ପ୍ରମୋଦ ପଟେଲ, ଖୀରୋଦ ପଟେଲ, ଜୟନ୍ତ ବନିଚୁଲ, ପ୍ରଶାନ୍ତ ମୋଟାରୀ, ରଶି ସନାନୀ, ସୁଶାନ୍ତ ମୋଟାରୀ, ନବୀନ ମୋଟାରୀ, ଅଭି ମୋଟାରୀ, ସୁରେଶ କୁଅଁର, ବନ ମଟାରୀ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଚାଷୀ ସାମିଲ ଥିଲେ।



କଟଙ୍ଗପାଣି ପଞ୍ଚାୟତରେ ତାଲା ପକାଇବା ସହ ଚାଷୀଙ୍କ ଆଇନ ଅମାନ୍ୟ ଆନ୍ଦୋଳନ ।

■ ଗୋହିରା ଡ୍ୟାମ ଡଙ୍ଗା ବୁଡି ଘଟଣା

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ଦେବଗଡ,୧୬।୧୨(ଡି.ଏନ.ଏ)

ଦେବଗଡ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ଗୋହୀରା ଡ୍ୟାମରେ ଶୁକ୍ରବାର ହୁଲିଡଙ୍ଗା ବୁଡି ଘଟଣାରେ ନିଖୋଜ ଥିବା ଯୁବକ ଜଗନ୍ନାଥ ସିଂ(୪୫)ଙ୍କର ମୃତଦେହ ବମ୍ପରଡା ଓଡ୍ରାଫ ଟିମ ଓ ଦେବଗଡ ଅଗ୍ନିଶମ ବାହିନୀ ମିଳିତଭାବେ ଉଦ୍ଧାର କରିଛନ୍ତି। ରିଆମାଳ ଥାନା ପୋଲିସ ଏକ ମାମଲା ରଜୁ କରିବା ସହ ଜଗନ୍ନାଥଙ୍କ ମୃତଦେହ ବ୍ୟବଚ୍ଛେଦ କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଶୁକ୍ରବାର ରାତି ପ୍ରାୟ ୯ଟାରେ ତିଲେଇବଣି ବରଘାଟର ଜଗନ୍ନାଥ ସିଂ, ନାରାୟଣ ଜାମକିଆଲ, ହରେନ ଜାମକିଆଲ, ବିଜୟ ସାହୁ, ମିଲୁ ସାହୁ ଓ ସମ୍ବଲପୁର ଜିଲା ଅର୍ଡାବାହାଳ ଗ୍ରାମର ପଦୁ ନନ୍ଦନ ନାଳ ଆରପାରିରେ ଥିବା ଠେଲକୋଗୁଡି ଗ୍ରାମରେ ଚାଲିଥିବା ଲକ୍ଷ୍ମୀ ଯାତ୍ରା ଦେଖିବା ପାଇଁ ଏକ ହୁଲିଡଙ୍ଗାରେ ଗୋହୀରା ଡ୍ୟାମ ଜଳଭଣ୍ଡାରର ବହିଦାରପାଳ ନାଳଦେଇ ଠେଲକୋଗୁଡି ଯାଉଥିଲେ । ତେବେ ଜଳଭଣ୍ଡାର ମଝିରେ ଡଙ୍ଗାଟି ହଠାତ ବୁଡିଯିବାରୁ ଜଗନ୍ନାଥ ସିଂ(୪୫)ପାଣିରେ ପଡି ନିଖୋଜ ହୋଇଯାଇଥିଲେ। ୩ଜଣ ପାଣିରେ ପହଁରି ଜୀବନ ବଂଚାଇବାସହ ଠେଲକୋଗୁଡି ଗ୍ରାମକୁ ଚାଲିଯାଇଥିଲେ । ଅନ୍ୟ ୨ଜଣ ଜଳଭଣ୍ଡାର ମଧ୍ୟରେ ଥିବା ଏକ ଗଛକୁ ଧରି ଦୀର୍ଘ ସମୟ ପର୍ଯ୍ୟନ୍ତ ଲାଖି ରହିଥିବା ବେଳେ ପଛପଟୁ ଅନ୍ୟଏକ ଡଙ୍ଗାରେ ଆସୁଥିବା ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରିଥିଲେ । ଦେବଗଡ ଅଗ୍ନିଶମ ବାହୀନୀ ଓ ଓଡ୍ରାଫ ଟିମ ଦ୍ୱାରା ଉଦ୍ଧାର ପ୍ରକ୍ରୀୟା ଅରମ୍ଭ ହୋଇଥିଲା।

# ବ୍ରାହ୍ମଣ ସମାଜର ବୈଠକ

ଦେବଗଡ,୧୬।୧୨(ଡି.ଏନ.ଏ)

ଦେବଗଡ ବସନ୍ତ ନିବାସ ଡାକବଙ୍ଗଳାରେ ରେଙ୍ଗାଲି ବହୁମୁଖୀ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ଜଡାଗୋଳା ଗାଁ ବ୍ରାହ୍ମଣ ସମାଜର ଏକ ବୈଠକ ସଭାପତି ଡ. ଧିରେନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବ୍ରାହ୍ମଣ ସମାଜର ସମ୍ପାଦକ ଶଙ୍କର୍ଷଣ ନନ୍ଦ, ସହ ସମ୍ପାଦକ ଟିକେଶ୍ୱର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ପଦ୍ମଚରଣ ନନ୍ଦ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭବାନୀକାନ୍ତ ଦେବତା, ଶଙ୍କର ପ୍ରସାଦ ଦେବତା, ସୁଦର୍ଶନ ଦାଶ, ଯୁଧିଷ୍ଠିର ଦାଶ, ବୁଦ୍ଧଦେବ ମିଶ୍ର, ସଦସ୍ୟ ମାନସ ରଞ୍ଜନ ଦ୍ୱିବେଦୀ, ସୁରେଶ ଚନ୍ଦ୍ର ଦାଶ, ନବୀନ କୁମାର ମିଶ୍ର ଉପସ୍ଥିତ ରହି ବିସ୍ଥାପିତ ମାନଙ୍କର ବିଭିନ୍ନ ସମସ୍ୟା ଓ ଏଗୁଡିକର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଜଡାଗୋଳା ବ୍ରାହ୍ମଣ ସମାଜର ପୁରୁଣା ରୀତିନୀତି ଓ ସଂସ୍କୃତିର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବ୍ରାହ୍ମଣ ସମାଜର ଗରିବ ତଥା ମେଧାବୀ ଛାତ୍ରୀଛାତ୍ର ମାନଙ୍କ ଉଚ୍ଚ ଶିକ୍ଷା ନିମନ୍ତେ ଆର୍ଥୀକ ସହଯୋଗ ପ୍ରଦାନ ନିମନ୍ତେ ମଧ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହି ଅବସରରେ ୨୫ ଜଣଙ୍କର ଲେଖା ସମ୍ବଳିତ ପୁସ୍ତକ 'ସ୍ମୃତିରେ ଜଡାଗୋଳା' ଉନ୍ମୋଚିତ ହୋଇଥିଲା।



ପୁସ୍ତକ 'ସ୍ମୃତିରେ ଜଡାଗୋଳା'ର ଉନ୍ମୋଚନ କରାଯାଉଛି।

### ୧୯ରୁ ବୁଲିବ କ୍ଷମତା ଏକ୍ସପ୍ରେସ ମୋବାଇଲ ଭ୍ୟାନ

ଦେବଗଡ,୧୬।୧୯(ଡି.ଏନ.ଏ.)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭିନ୍ନକ୍ଷମ ବ୍ୟକ୍ତିଙ୍କର ଅଧିକାର ଆଇନ-୧୬ ପରିପ୍ରେକ୍ଷୀରେ ସେମାନଙ୍କ ନିକଟରେ ଆବଶ୍ୟକ ସୁବିଧା ସୁଯୋଗ ପହଞ୍ଚାଇବା ଉଦ୍ଦେଶ୍ୟରେ କ୍ଷମତା ଏକ୍ସପ୍ରେସ ମୋବାଇଲ ଭ୍ୟାନ ବିଭିନ୍ନ ଜିଲା ଗସ୍ତ କରୁଛି । ସିଆରଏସଆର ଭଦ୍ରକର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଭ୍ୟାନ ଡିସେମ୍ବର ୧୯ତାରିଖ ଦିନ ଦେବଗଡ ଜିଲାରେ ପହଞ୍ଚିବ। ୨୮ତାରିଖ ପର୍ଯ୍ୟନ୍ତ ଜିଲାର ୩ଟି ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରିବ । ଭିନ୍ନକ୍ଷମ ବ୍ୟକ୍ତି, ବରିଷ୍ଠ ନାଗରିକ, ୩୦ବର୍ଷରୁ ଉର୍ଦ୍ଧ୍ୱ ଅବିବାହିତ ମହିଳା, ବିଧବା, କିନ୍ନର, ଭିକ୍ଷୁକ ଏବଂ ସମାଜର ଅନ୍ୟ ଅବହେଳିତ ଶ୍ରେଣୀର ଲୋକମାନେ ଏହି କାର୍ଯ୍ୟକ୍ରମ ଦ୍ୱାରା ବିଭିନ୍ନ ସମସ୍ୟାର ସମାଧାନ ସହିତ ଆବଶ୍ୟକ ସହାୟତା ପାଇ ପାରିବେ । ଏହି ମୋବାଇଲ ଭ୍ୟାନରେ ବିଭିନ୍ନ ପ୍ରକାର ଯନ୍ତ୍ରପାତି ସହିତ ବିଶେଷଜ୍ଞମାନେ ଉପସ୍ଥିତ ରହି ସେ ପ୍ରକାର ହିତାଧିକାରୀଙ୍କୁ ଡାକ୍ତରୀ ପରୀକ୍ଷା ସହିତ ପରାମର୍ଶ ଦେବେ। ଆବଶ୍ୟକସ୍ଥଳେ ସେମାନଙ୍କୁ ନିର୍ଦ୍ଦିଷ୍ଟ ଉପକରଣ ମଧ ଯୋଗାଇ ଦିଆଯିବ।

# ହୀରାକୁଦ ହାଇସ୍କୁଲରେ ହୀରକ ଜୟନ୍ତୀ ଉଦ୍‌ଯାପିତ



ହୀରକ ଜୟନ୍ତୀ ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ଅତିଥି ।

ହୀରାକୁଦ,୧୬।୧୨(ଡି.ଏନ.ଏ.)

ହୀରାକୁଦ ହାଇସ୍କୁଲ ହୀରକ ଜୟନ୍ତୀ ଉଦ୍‌ଯାପନ ଉତ୍ସବ ସୋମବାର ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ବରଗଡ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି, ହୀରାକୁଦ ହାଇସ୍କୁଲ ପୂର୍ବତନ ଶିକ୍ଷକ କ୍ଷିତିଶ କୁମାର ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦଯାପନୀ ସମାରୋହରେ ରାଜ୍ୟର ବିଭିନ୍ନ ପ୍ରାନ୍ତର ୩୦୦ରୁ ଉର୍ଦ୍ଧ୍ୱ ପୂର୍ବତନ ଛାତ୍ର ଯୋଗଦେଇଥିଲେ । ହୀରକ ଜୟନ୍ତୀ ଉତ୍ସବ ସଭାପତି ଡା. ରାଜକୁମାର ବଡପଣ୍ଡା, ସମ୍ପାଦକ ଶାନ୍ତନୁ କୁମାର ବଡପଣ୍ଡା, ସ୍ୱାଗତ କମିଟି ସଭାପତି ଆର୍ତ୍ତତ୍ରାଣ ମିଶ୍ର, ହୀରାକୁଦ ହାଇସ୍କୁଲ ପ୍ରଧାନଶିକ୍ଷକ ହୀରାଧର ଖମାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ସମାରୋହରେ ପୂର୍ବତନ ଶିକ୍ଷକମାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ହୀରାକୁଦ ହାଇସ୍କୁଲ ୧୯୫୯ରେ ଘରୋଇ ଉଚ୍ଚ ବିଦ୍ୟାଳୟ ଭାବେ ସ୍ଥାପିତ ହୋଇ ୧୯୯୧ରେ ସରକାରୀ ହାଇସ୍କୁଲରେ ପରିଣତ ହୋଇଥିଲା। ସରୋଜ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ହୀରାକୁଦ ହାଇସ୍କୁଲର ପୁରାତନ ଛାତ୍ର ସଂସଦ ସମ୍ପାଦକ ସୁରେଶ କୁମାର ଚୌବେ ଧନ୍ୟବାଦ ଅର୍ପଣ କରିଥିଲେ ।

# ରୋଟାରୀ କ୍ଲବର ୫୦ତମ ପ୍ରତିଷ୍ଠା ଦିବସ

ସମ୍ବଲପୁର, ୧୬।୧୨ (ବ୍ୟୁରୋ)

ରୋଟାରୀ କ୍ଲବ ଅଫ୍ ସମ୍ବଲପୁରର ୫୦ତମ ପ୍ରତିଷ୍ଠା ଦିବସ ଚେପଟିପୁଲିଆ ନିକଟସ୍ଥ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ପ୍ରଫେସର ଅଶୋକ କୁମାର ଶତପଥୀଙ୍କ ପୌରୋହିତ୍ୟରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ନରେନ୍ଦ୍ର କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ଲବର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଅଶୋକ କୁମାର ସିଂ, ପୂର୍ବତନ ଅଧ୍ୟକ୍ଷ ରାଜକିଶୋର ଦାଶ ସମ୍ମାନୀତ ଅତିଥି ଥିଲେ। କ୍ଲବ ସମ୍ପାଦକ ଚିନ୍ମୟ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



ରୋଟାରୀ କ୍ଲବ ଅଫ୍ ସମ୍ବଲପୁରର ୫୦ତମ ପ୍ରତିଷ୍ଠା ଦିବସରେ ଅତିଥିଙ୍କ ସହ କର୍ମକର୍ତ୍ତା।

**ସ୍ୱଚ୍ଛ, ସୁନ୍ଦର ଦେବଗଡ ଅଭିଯାନ**

# ସଫେଇରେ ସାମିଲ ହେଲେ ପର୍ଯ୍ୟଟକ

ଦେବଗଡ,୧୬।୧୨(ଡି.ଏନ.ଏ.)

ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ଦେବଗଡ ଅଭିଯାନର ପ୍ରତ୍ୟେକ ମାସର ତୃତୀୟ ରବିବାରରେ ଜିଲାର ସମସ୍ତ ଅଞ୍ଚଳରେ କରାଯାଉଥିବା ସ୍ୱଚ୍ଛତା କାର୍ଯ୍ୟକ୍ରମ ପଞ୍ଚମ ରବିବାରରେ ପହଞ୍ଚିଛି। ଏହି ଅଭିଯାନର ପ୍ରଧାନପାଟ ଓ କୁରଡକୋଟ ଜଳପ୍ରପାତକୁ ବିଭିନ୍ନ ଜିଲାରୁ ଆସିଥିବା ପର୍ଯ୍ୟଟକମାନେ ମଧ ଆଗ୍ରହର ସହ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଆୟୋଜିତ ଏହି ଅଭିଯାନରେ 'ମୋ ଗାଁର ସ୍ୱଚ୍ଛତା ମୋ ଦାୟିତ୍ୱ ଓ କର୍ତ୍ତବ୍ୟ' ମନୋଭାବ ନେଇ ଜିଲାର ବହୁ ସାମାଜିକ ଅନୁଷ୍ଠାନ, ବିଜୁ ଯୁବ ବାହିନୀ ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସରକାରୀ କର୍ମଚାରୀ ସ୍ୱତଃପ୍ରବୃତ୍ତ ଭାବେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ସମେତ ମନ୍ଦିର, ଶିକ୍ଷାନୁଷ୍ଠାନ, କ୍ଲବଘର, କୋଠଘର, ପୋଖରୀ, ଅଙ୍ଗନବାଡି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର, ରାସ୍ତାଘାଟ,ଖେଳପଡିଆ ଏବଂ ବଜାର ପ୍ରାଙ୍ଗଣ ସଫେଇ କରିଥିଲେ । ଜିଲାର ସହରାଞ୍ଚଳର ୨୩ଟି ସ୍ଥାନ ସମେତ ଜିଲାର ତିଲେଇବଣି, ରିଆମାଳ ଓ ବାରକୋଟ ବ୍ଲକର ସମସ୍ତ ୭୦ଟି ଯାକ ପଞ୍ଚାୟତର ସମସ୍ତ ଗ୍ରାମରେ ଏକକାଳୀନ ସମୂହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ପ୍ରଧାନପାଟ ଜଳପ୍ରପାତରେ ସଫେଇ କରାଯାଉଛି।

# ଜିଲାସ୍ତରୀୟ ବିଜ୍ଞାନ,ଗଣିତ ଓ ପରିବେଶ ମେଳା

ଦେବଗଡ,୧୬।୧୨(ଡି.ଏନ.ଏ)

ଦେବଗଡ ଟାଉନ ଉଚ୍ଚ ବିଦ୍ୟାଳୟରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୋମବାର ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ସହ ଇନ୍ସପାୟାର ଆୱାର୍ଡ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏହି ମେଳାକୁ ଏଡିଓ ଶକୁନ୍ତଳା ଟେଟେ ଉଦ୍‌ଘାଟନ କରିଥିଲେ। ଜିଲା ସଦର ମହକୁମା ସମେତ ତିନୋଟି ଯାକ ବ୍ଲକର ବିଭିନ୍ନ ବିଦ୍ୟାଳୟର ବିଜ୍ଞାନ, ଗଣିତ ଓ ପରିବେଶ ସମ୍ପର୍କିତ ୪୯ଟି ପ୍ରକଳ୍ପ ଓ ୨୮ଟି ଇନ୍ସପାୟାର ଷ୍ଟଲକୁ ମିଶାଇ ମୋଟ ୭୭ଟି ଷ୍ଟଲ ସ୍ଥାନ ପାଇଥିଲା । ଗୌଡସୁଗୁଡା ହାଇସ୍କୁଲ ଛାତ୍ର ରୋହିତାଶ୍ୱ ସାହୁ,ନୂଆଁଗାଁ ଆବାସିକ ହାଇସ୍କୁଲର ଅମରେଶ କୁମାର ସାହୁ, ରେଙ୍ଗାଲବେଡା ସରକାରୀ ହାଇସ୍କୁଲର ରାହୁଳ କୁମାର ମହାପାତ୍ର, କରଲଗା ଅଞ୍ଚଳିକ ପଞ୍ଚାୟତ ହାଇସ୍କୁଲର ମିତଲ କୁମାର ସାହୁ, ଦୁଧିଆନାଳୀ ହାଇସ୍କୁଲର ଅଜୟ ଖିଲାର ଓ ସଡୋ ଗ୍ରାମ ପଞ୍ଚାୟତ ହାଇସ୍କୁଲର ଛାତ୍ର ସ୍ୱସ୍ତିଜ କୁମାର ସାହୁଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପଗୁଡିକୁ ଆଗାମୀ ୨୧ ତାରିଖରେ ଅନୁଗୋଳ ସରକାରୀ ହାଇସ୍କୁଲରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ମେଳାରେ ଅଂଶଗ୍ରହଣ ନିମନ୍ତେ ମନୋନୀତ କରାଯାଇଥିଲା। ସେହିପରି ସୁନାମୁଣ୍ଡା ସରକାରୀ ଉନ୍ନିତ ବିଦ୍ୟାଳୟର ମିତାଲି ପୋଢ, ଆଉଁଳି ଟି.ଓ.ୟୁ.ପି. ସ୍କୁଲର ପାୟଲ ପ୍ରଧାନ ଓ ରାଇତାବାହାଳ ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ସୋନାଲୀ ପ୍ରଧାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ରାଜ୍ୟସ୍ତରୀୟ ଇନ୍ସପାୟାର ପ୍ରତଯୋଗିତାରେ ଅଂଶଗ୍ରହଣ ନିମନ୍ତେ ମନୋନୀତ ହୋଇଥିଲା। ମନୋନୀତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରକଳ୍ପଗୁଡିକର ପ୍ରସ୍ତୁତ କର୍ତ୍ତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ହାଇସ୍କୁଲ ପରିସରରେ ବିଦ୍ୟାଳୟ ପକ୍ଷରୁ ନିର୍ମିତ ଶ୍ରୀଗଣେଶଙ୍କ ପ୍ରତିମୂର୍ତ୍ତୀ ଓ ଅଶୋକ ସ୍ତମ୍ଭ ଉଦଘାଟିତ ହୋଇଥିଲା। ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉପରୋକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ତିଲେଇବଣୀ ବ୍ଲକ ଶିକ୍ଷା ଅଧିକାରୀ ଶିକରେନ୍ଦ୍ର ଛତ୍ରିଆ, ରିଆମାଳ ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ଜିଲା ବିଷାନ ନିରୀକ୍ଷକ ସୁଶୀଲ କୁମାର ପରିଡା,ଜିଲା ଶାରୀରୀକ ଶିକ୍ଷା ନିରୀକ୍ଷକ ବାତ୍ସଲ୍ୟ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।



ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରଙ୍କ ଷ୍ଟଲକୁ ବିଚାରକମାନେ ବୁଲି ଦେଖୁଛନ୍ତି ।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ନବଜାତ ଶିଶୁକନ୍ୟା ଉଦ୍ଧାର, ଚାଇଲ୍ଡ ଲାଇନକୁ ହସ୍ତାନ୍ତର

ରେଢ଼ାଖୋଲ,୧୬।୧୨(ଡି.ଏନ.ଏ): ସମ୍ବଲପୁର ଜିଲା ରେଢ଼ାଖୋଲ ସହରର ଭୀମଭୋଇ କଲେଜ ନିକଟରେ ଥିବା ଏକ ଢାବା ପଛପଟରୁ ସୋମବାର ଭୋର ସାଢେ ୩ଟାବେଳେ ଏକ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ଉକ୍ତ ଶିଶୁକନ୍ୟାକୁ ଡାକ୍ତରଖାନାରେ ଆବଶ୍ୟକ ଚିକିତ୍ସା କରାଯିବା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡିଛି । ଖବର ପାଇ ଚାରମାଲ ଚାଇଲ୍ଡ ଲାଇନର କର୍ମକର୍ତ୍ତା ସଞ୍ଜୟ ସାଗର ଓ ରେଢ଼ାଖୋଲ ଡାକ୍ତରଖାନା ହେଲ୍ପ ଡେସ୍କର ସୁଜାତା ମହାକୁଡ, କିଶୋର ଚନ୍ଦ୍ର କର୍ଣ୍ଣ ଉକ୍ତ ଶିଶୁକୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାରୁ ନେଇ ସମ୍ବଲପୁର ଶିଶୁକଲ୍ୟାଣ ସମିତିକୁ ହସ୍ତାନ୍ତର କରଛନ୍ତି । ଏ ଘଟଣା ରେଢ଼ାଖୋଲ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

ସୂଚନା ଅନୁସାରେ, ରେଢ଼ାକୋଲ ଭୀମଭୋଇ କଲେଜ ନିକଟରେ ଥିବା ଏହି ଢାବା କର୍ମଚାରୀମାନେ ରାତି ପ୍ରାୟ ସାଢେ ୩ଟା ବେଳେ ଏହି ଶିଶୁକନ୍ୟା କାନ୍ଦୁଥିବା ଶୁଣିଥିଲେ। ସେମାନେ ଢାବା ପଛପଟକୁ ଯାଇ ଖୋଜାଖୋଜି କରିବା ପରେ ଏକ କାଗଜ ପେଟିରେ ସଦ୍ୟ ଜନ୍ମିତ ଓ ନାଭି ଲାଗିଥିବା ଶିଶୁକନ୍ୟା ଥିବା ଜଣାପଡିଥିଲା। ପରେ ଢାବା କର୍ମଚାରୀମାନେ ପୋଲିସକୁ ଖବର ଦେଇଥିଲେ। ଶିଶୁକନ୍ୟା ଉଦ୍ଧାର ହୋଇଥିବା ନେଇ ଜଣାପଡିବା ପରେ ବିଭିନ୍ନ ଅଞ୍ଚଳରୁ ଦମ୍ପତିମାନେ ପୋଷ୍ୟକନ୍ୟା ଭାବେ ଗ୍ରହଣ କରିବାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିଥିଲେ। ତେବେ ଶିଶୁକନ୍ୟାକୁ ନେବାକୁ ଚାହୁଁଥିବା ଦମ୍ପତିମାନଙ୍କୁ ସମ୍ବଲପୁର ଶିଶୁ କଲ୍ୟାଣ ସମିତି ସହ ଯୋଗାଯୋଗ କରିବାକୁ କୁହାଯାଇଛି ।

### ସ୍ପୋର୍ଟିଂ ୟୁନିୟନର ବାର୍ଷିକ ଅଧିବେଶନ

ସମ୍ବଲପୁର, ୧୬।୧୨ (ବ୍ୟୁରୋ): ସ୍ପୋର୍ଟିଂ ୟୁନିୟନ କ୍ଲବର ବାର୍ଷିକ ଅଧିବେଶନ ଗୋବିନ୍ଦଟୋଲା ନିକଟସ୍ଥ ନିଜସ୍ୱ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ସୁରେନ୍ଦ୍ର ଦୀକ୍ଷିତଙ୍କ ଅଧକ୍ଷତାରେ ସଭା ହୋଇଥିଲା । ପ୍ରାରମ୍ଭରେ କ୍ଲବର ସଭାପତି ଗୋପାଳପ୍ରସାଦ ପଣ୍ଡାଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା। ଏଥିସହ ସପ୍ତମ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସମେତ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଏହାପରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ବିକାଶ ମିଶ୍ର ସଭାପତି, ଭାଗୀରଥି ସିଂଦେଓ ଉପସଭାପତି, ସଞ୍ଜୀବ କୁମାର ନାୟକ ସମ୍ପାଦକ, ଶିବାନନ୍ଦ ମିଶ୍ର ଯୁଗ୍ମସମ୍ପାଦକ, ସୌରଭ ଚନ୍ଦ୍ର ପଣ୍ଡା କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିପରି କରୁଣାକର ଚନ୍ଦନ କ୍ରିକେଟ ଅଧିନାୟକ, ଅମିତ ହୋତା ଉପ ଅଧିନାୟକ, ଡିଲୁ ଦେଶଭାୟାଙ୍କୁ ପଡିଆ ଅଧିନାୟକ ଭାବେ ଚୟନ କରାଯାଇଛି।

### ନୂଆଁରମ୍ଭେଲା ହାଇସ୍କୁଲ ପୂର୍ବତନ ପ୍ରଧାନଶିକ୍ଷକ ଆଦର୍ଶ ଶିକ୍ଷକ ଦିଲୀପ ପୂଜାରୀଙ୍କ ଦେହାନ୍ତ

ରେଙ୍ଗାଲି,୧୬।୧୨(ଡି.ଏନ.ଏ.): ନୂଆଁରମ୍ଭେଲା ହାଇସ୍କୁଲ ପୂର୍ବତନ ପ୍ରଧାନଶିକ୍ଷକ ଦିଲୀପ ପୂଜାରୀ (୬୭)ଙ୍କ ପରଲୋକ ହୋଇଛି। ବହୁଦିନ ହେଲା ସେ ଶ୍ୱାସରୋଗରେ ପୀଡିତ ଥିଲେ। ରବିବାର ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବିଳମ୍ବିତ ରାତିରେ ତାଙ୍କର ପରଲୋକ ଘଟିଥିଲା। ସୋମବାର ରେଙ୍ଗାଲି ଶ୍ମଶାନରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଥିଲା । ପୁଅ ଡା. ଲିଙ୍କନ ପୂଜାରୀ ମୁଖାଗ୍ନି ଦେଇଥିଲେ।

# ମରାମତି ନାହିଁ, ଦୁର୍ଘଟଣା ବଢୁଛି

ସମ୍ବଲପୁର,୧୬।୧୨(ବ୍ୟୁରୋ)



ଭବାନୀପାଲିଠାରେ ରାସ୍ତା ଶୋଚନୀୟ ହୋଇପଡିଛି ।

- ଶୋଚନୀୟ ୫୫ ନଂ. ଜାତୀୟ ରାପଜପଥ
- ଠକୁଛି ରାସ୍ତା କାମ କରୁଥିବା ଠିକା କମ୍ପାନୀ
- ସଡକ ସୁରକ୍ଷା ନିୟମ ପାଳନ କରୁନାହିଁ

ସମ୍ବଲପୁର-ଅନୁଗୋଳ ୫୫ ଦମ୍ବର ଜାତୀୟ ରାଜପଥର ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ରାସ୍ତାକୁ ୪ ଥାକିଆ ରାସ୍ତାରେ ପରିଥର କରିବାକୁ ୨ଟି ପର୍ଯ୍ୟାୟରେ କାମ ଚାଲିଛି। ଗୋଟିଏ ପର୍ଯ୍ୟାୟରେ କଟକ ମଙ୍ଗୁଳିରୁ ଅନୁଗୋଳ ପର୍ଯ୍ୟନ୍ତ କାମ ହେଉଛି। ସେହିଭଳି ଅନ୍ୟପକ୍ଷେ ଅନୁଗୋଳରୁ ସମ୍ବଲପୁର ପର୍ଯ୍ୟନ୍ତ ଆଉ ଗୋଟିଏ ପର୍ଯ୍ୟାୟରେ କାମ ହେଉଛି। ନୂଆ ରାସ୍ତା କାମ ଚାଲିଥିବାରୁ ଠିକା କମ୍ପାନୀ ପୁରୁଣା ରାସ୍ତା ମରାମତି ଉପରେ ଗୁରୁତ୍ୱ ଦେଉ ନାହିଁ। ଫଳରେ ଦୁର୍ଘଟଣା ବଢୁଛି। ସ୍ଥାନୀୟ ଲୋକେ କାମ କରୁଥିବା କମ୍ପାନୀ କର୍ମଚାରୀଙ୍କୁ ଅଭିଯୋଗ କଲେ ସେମାନେ ମରାମତି କାମ କରିବା ଆମର ଦାୟିତ୍ୱ ନୁହେଁ ବୋଲି କହୁଛନ୍ତି। ଦୁର୍ଘଟଣାରେ ଆହତ ଲୋକମାନଙ୍କୁ ଡାକ୍ତରଖାନା ନେବାରେ ମଧ୍ୟ ଠିକା କମ୍ପାନୀ କୌଣସି ସହଯୋଗ କରୁନାହିଁ। ସେହିଭଳି ସଡକ ସୁରକ୍ଷା ପାଇଁ କଡା ନିୟମ ରହିଥିଲେ ମଧ୍ୟ ପାଳନ କରାଯାଉ ନାହିଁ । ରାସ୍ତା କାମ ଓ ବ୍ରିଜ କାମ ଚାଲିଥିବା ସମୟରେ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉ ନାହିଁ। ବ୍ରିଜ ଓ ରାସ୍ତା ପାଇଁ ଗାତ ଖୋଳା ଯାଇଛି। ହେଲେ ତାହାକୁ ସୁରକ୍ଷା ବାଡ ଦେଇ ଘୋଡାଇ ରଖା ଯାଉ ନାହିଁ । ଫଳରେ କିଛି ଦିନ ତଳେ ଏକ ହାଇୱା ବ୍ରିଜ ତଳକୁ ଖସି ପଡିଥିଲା। ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ଭୁବନେଶ୍ୱର, କଟକ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ଫୁଲବାଣୀ ଭଳି ଜିଲାକୁ ଲୋକମାନେ ଯିବା ଆସିବା କରୁଛନ୍ତି । ସ୍କୁଲ, କଲେଜ, ଅଫିସକୁ ଲୋକମାନେ ଆସୁଛନ୍ତି। ବୁର୍ଲା ଭିମ୍‌ସାରକୁ ରେଢ଼ାଖୋଲ, ନାକଟିଦେଉଳ, ଯୁଯୁମୁରା ବ୍ଲକ ସମେତ ବୌଦ୍ଧ ଜିଲାରୁ ଜିଲାରୁ ନିତିଦିନ ରୋଗୀମାନଙ୍କୁ ନେଇ ଆମ୍ବୁଲାନ୍ସ ଯିବା ଆସିବା କରୁଛି। ଅନ୍ୟପଟେ ସମ୍ବଲପୁର ଜିଲାରୁ ମଧ୍ୟ ଭୁବନେଶ୍ୱର ଓ କଟକ ବଡ ମେଡିକାଲକୁ ଆମ୍ବୁଲାନ୍ସ ଯିବା ଆସବା କରୁଛି । ରାସ୍ତା ଖରାପ ଯୋଗୁ ବିଳମ୍ବ ହେଉଥିବା ଆମ୍ବୁଲାନ୍ସ ଡ୍ରାଇଭରମାନେ ଅଭିଯୋଗ କରୁଛନ୍ତି। ତେବେ ନୂଆ ରାସ୍ତା ନିର୍ମାଣ ହେଉଥିଲେ ବି ପୁରୁଣା ରାସ୍ତାକୁ ମରାମତି କରିବାର ନିୟମ ରହିଛି। ଏହା ଠିକା କମ୍ପାନୀର ଦାୟିତ୍ୱ। ଏଥିପାଇଁ ସ୍ୱତନ୍ତ୍ର ଭାବେ ଟଙ୍କା ମଧ୍ୟ ଦିଆଯାଇଥାଏ । ହେଲେ କମ୍ପାନୀ ମରାମତି କରୁନାହିଁ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ହାଲିପାଲୀ ଗ୍ରାମ ଛକରୁ ଯୁଯୁମୁରା ପର୍ଯ୍ୟନ୍ତ ରାସ୍ତା ମରାମତି କରା ନ ଗଲେ ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତବାନୀ ଦେଇଛନ୍ତି। ତେବେ ରାସ୍ତା ମରାମତି ନେଇ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଏସ. ଭେଙ୍କଟେଶ୍ୱରଙ୍କୁ ସେ କହିଛନ୍ତି ଯେ, ଯେଉଁଠି ଯେଉଁଠି ରାସ୍ତା ଖରାପ ଅଛି ତୁରନ୍ତ ତାହାକୁ ମରାମତି କରିବାକୁ ଠିକା କମ୍ପାନୀକୁ ବାରମ୍ବାର ତାଗିଦ କରାଯାଉଛି। ମରାମତି କାମ ମଧ୍ୟ କେତେକ ସ୍ଥାନରେ ଚାଲୁଛି। ହେଲେ କିଛି ସ୍ଥାନରେ ରାସ୍ତା ଅବସ୍ଥା କଦର୍ଯ୍ୟ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏକ ଟିମ୍ ପରିଦର୍ଶନ କରି ମରାମତି କରାଯିବ ବୋଲି କହିଛନ୍ତି।



ସମ୍ବଲପୁର ନନ୍ଦପଡା ବାଲୁଙ୍କେଶ୍ୱର ମଣ୍ଡପଠାରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ।

## ଜିଲାସ୍ତରୀୟ ପ୍ରତିଭା ସଙ୍ଗମ

ସମ୍ବଲପୁର, ୧୬।୧୨ (ବ୍ୟୁରୋ)

ଜିଲାସ୍ତରୀୟ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ ନନ୍ଦପଡା ବାଲୁଙ୍କେଶ୍ୱର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ୨୫୦ଜଣ ପ୍ରତିଯୋଗୀ ତବଲା, ରଙ୍ଗୋଲି, ଏକକନୃତ୍ୟ, ଚିତ୍ରାଙ୍କନ, କ୍ଷୁଦ୍ରନାଟକ, ଦଳଗତ ନୃତ୍ୟ, କବିତା ଆବୃତ୍ତି, ସଂଗୀତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ରାଷ୍ଟ୍ରୀୟ କଳାମଞ୍ଚ ଓଡିଶା ପ୍ରମୁଖ ସୌମ୍ୟରଞ୍ଜନ ବଡପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ରାଷ୍ଟ୍ରୀୟ କଳାମଞ୍ଚ ଜିଲା ସଂଯୋଜକ ଛନ୍ଦାଚରଣ ଦଳପତ, ଜିଲା ସଂଗଠନ ସମ୍ପାଦକ ମାନସ କୁମାର ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଅର୍କ କୁମାର ଦାସମହାପାତ୍ର, ସମ୍ବଲପୁର ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ।

## କଏଦୀଙ୍କୁ ଆତିଥେୟତା, ଅନୁକମ୍ପା

ସମ୍ବଲପୁର,୧୬।୧୨ (ବ୍ୟୁରୋ)

**ସମ୍ବଲପୁର ଜେଲ୍**
- ଅୟସ, ଆରାମ କରୁଛନ୍ତି ପ୍ରଭାବଶାଳୀବନ୍ଦୀ
- ଜେଲ୍ ଭିତରେ ପ୍ରସ୍ତୁତ ଖାଦ୍ୟ ପାଟିକୁ ରୁଚୁନି
- ବାହାରୁ ଖାଦ୍ୟ, ମଦ, ଆମିଷ ମିଳୁଛି
- ଟଙ୍କା ନେଉଛନ୍ତି ଅସାଧୁ କର୍ମଚାରୀ

ଆପରାଧିକ ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ ଜେଲ ହାଜତକୁ ପଠାଇ ଦେଉଛି। ହେଲେ ବାହାରେ ଯେମିତି ଭୋଗ ବିଳାସରେ ଅପରାଧୀମାନେ ରହନ୍ତି, ଜେଲ ଭିତରେ ମଧ୍ୟ ସେଭଳି ରହୁଛନ୍ତି। ତେଣୁ ସେମାନଙ୍କୁ ଜେଲଦଣ୍ଡରେ କୌଣସି ଫରକ ପଡୁ ନାହିଁ । ଜେଲରେ ବିଚାରାଧୀନ କଏଦୀ ଭାବେ ହତ୍ୟା, ଡକାୟତି, ସଟ୍ଟା ଖେଳ ଭଳି ଅପରାଧରେ ଅଭିଯୁକ୍ତ ଥିବା କୁଖ୍ୟାତ ଅପରାଧୀମାନଙ୍କୁ ସବୁ ସୁବିଧା ମିଳୁଛି। ସକାଳେ ବାହାରୁ ଜଳଖିଆ, ମଧ୍ୟାହ୍ନରେ ବାହାରୁ ପସନ୍ଦଯୋଗ୍ୟ ଭୋଜନ, ସନ୍ଧ୍ୟାରେ ବିଦେଶୀ ମଦ ଆଉ ଆମିଷ ଜେଲ୍ ଭିତରକୁ ଯାଉଛି। ଗେଟ୍‌ରେ କାର୍ଯ୍ୟରତ କର୍ମଚାରୀ ଏହି ସାମଗ୍ରୀ ନେଇ ଭିତରେ ଦେଇ ଆସୁଛନ୍ତି। ଏଥିପାଇଁ ସେମାନଙ୍କୁ କିଛି ଟଙ୍କା ଦିଆଯାଉଛି। ଅନେକ ସମୟରେ ମଦ, ଗଞ୍ଜେଇ ଓ ଟଙ୍କା ଜେଲ ଭିତରୁ ଜବତ କରାଯାଉଛି, ଯାହା ପ୍ରମାଣ କରୁଛି ଯେ, ଗେଟ୍‌ରେ ସୁରକ୍ଷା ଓ ଯାଞ୍ଚ ବ୍ୟବସ୍ଥାରେ ଢିଲା ରହୁଥିବାରୁ ଏଭଳି ସାମଗ୍ରୀ ଭିତରକୁ ଯାଇ ପାରୁଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଡିସେମ୍ବର ୧୨ ତାରିଖ ସଟ୍ଟା ଖେଳାଉଥିବା ଅଭିଯୋଗରେ ପୋଲିସ ୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ପୋଲିସ କିଙ୍ଗପିନ ଅର୍ଥାତ ସଟ୍ଟା ଡନ୍ ଭାବେ ଚିହ୍ନଟ କରିଛି। ସେମାନେ ଏବେ ଜେଲ ରେ ବିଚାରାଧୀନ କଏଦୀ ଭାବେ ରହୁଛନ୍ତି। ହେଲେ ସେମାନଙ୍କ ଭିତରୁ ଜଣେ ଅଭିଯୁକ୍ତଙ୍କୁ ଜେଲ କର୍ମଚାରୀ ବାହାରର ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ତାଙ୍କୁ ଆମିଷ ସହିତ ବିଦେଶୀ ମଦ ଯୋଗାଇ ଦିଆଯାଇଛି। ଶନିବାର ସକାଳେ ଏକ ବ୍ୟାଗ୍‌ରେ ଉତ୍ତମ ମାନର ଖାଦ୍ୟ ବାହାରୁ ଜେଲ ଭିତରକୁ ତାଙ୍କ ଲାଗି ଯାଇଥିଲା। ଜଣେ ଜେଲ କର୍ମଚାରୀ ଖାଦ୍ୟ ବ୍ୟାଗ ନେଇ ସିଧା ଜେଲ ଭିତରକୁ ଯାଇଥିଲେ। ତେବେ ଜେଲ ଭିତରକୁ ବାହାରୁ ଜିନିଷ ନେବା ଉପରେ କଟକଣା ରହିଛି । ହେଲେ ସଟ୍ଟା ଖେଳାଉଥିବା ସେହି ଡନ୍‌ଙ୍କ ପାଇଁ ନିୟମକୁ ଉଲ୍ଲଂଘନ କରାଯାଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ସମ୍ବଲପୁର ଜେଲରେ କଏଦୀମାନଙ୍କ ସହ ଜେଲ କର୍ତ୍ତୃପକ୍ଷ ତଥା କର୍ମଚାରୀଙ୍କ ମଧୁର ସମ୍ପର୍କ ରହୁଛି। ନୀତି ନିୟମକୁ ବେଖାତିର କରି ସେମାନଙ୍କୁ ସ୍ୱତନ୍ତ୍ର ସୁବିଧା ଦିଆଯାଉଛି। ଅବଶ୍ୟ ଏହାଦ୍ୱାରା ତଳଠୁ ଉପର ପର୍ଯ୍ୟନ୍ତ କର୍ମଚାରୀଙ୍କ ପକେଟ ଉଷ୍ମ ହେଉଛି। ସବୁ କଏଦୀଙ୍କ ପାଇଁ ଏଭଳି ସୁବିଧା ସୁଯୋଗ ମିଳୁ ନ ଥିଲେ ବି ପ୍ରଭାବଶାଳୀ କଏଦୀଙ୍କ ପାଇଁ ଜେଲ କର୍ମଚାରୀ ଆତିଥେୟତା ଯୋଗାଇ ଦେଇ ଅନୁକମ୍ପା ଦେଖାଉଛନ୍ତି। ଏ ସମ୍ପର୍କରେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଅମିୟ ପଟ୍ଟନାୟକଙ୍କୁ ପଚାରିବାରୁ ଚିଟରିତ ଢଙ୍ଗରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଅଖିଳ ଭାରତୀୟ ଡାକ କର୍ମଚାରୀ ସଂଘ ସମାବେଶ

ସମ୍ବଲପୁର, ୧୬।୧୨ (ବ୍ୟୁରୋ)

ଅଖିଳଭାରତୀୟ ଡାକ କର୍ମଚାରୀ ସଂଘର ସମାବେଶ ସମ୍ବଲପୁର ଡାକଘର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମାବେଶରେ ସୁନ୍ଦରଗଡ, ସମ୍ବଲପୁର, ବରଗଡ, ଦେବଗଡ, ଝାରସୁଗୁଡା ଜିଲାର ବିଭିନ୍ନ ଅଞ୍ଚଳରୁ ତୃତୀୟ ଶ୍ରେଣୀ ପୋଷ୍ଟମ୍ୟାନ, ଏଟିଏସ ଓ ଗ୍ରାମୀଣ ଡାକ କର୍ମଚାରୀମାନେ ଯୋଗ ଦେଇଥିଲେ । ସୁଶୀଲ ସେନାପତିଙ୍କ ସଭାପତିତ୍ୱରେ ସମାବେଶ ହୋଇଥିଲା । ମଣ୍ଡଳ ସମ୍ପାଦକ ବୃହସ୍ପତି ସାମଲ, ଏଟିଏସ ମଣ୍ଡଳ ସମ୍ପାଦକ ଏମସିଏସ ରାଓ, ଜିଡିଏସ ମଣ୍ଡଳ ସମ୍ପାଦକ ଏନସି ସିଂ, ସହାୟକ ମଣ୍ଡଳ ସମ୍ପାଦକ ଦୀପ୍ତିରଞ୍ଜନ ମହାନ୍ତି, ଏନଆଇପିଇନିସିଓଇଏ ସଭାପତି ସିଏଚକ୍ୟୁ ଶ୍ରୀକାନ୍ତ ମଲ୍ଲିକ, ତୃତୀୟ ଶ୍ରେଣୀ ମଣ୍ଡଳ ସଭାପତି ପ୍ରଦୀପ ଚନ୍ଦ୍ର ରାଉତ ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମ ଆଇନର ସଂଶୋଧନ ପ୍ରକ୍ରିୟାକୁ ବିରୋଧ, ପୁରୁଣା ପେନସନ କାର୍ଯ୍ୟକାରୀ, ଖାଲିଥିବା ପଦବୀରେ ନିଯୁକ୍ତି, ମୂଲ୍ୟବୃଦ୍ଧି ଓ ଘରୋଇ କରଣ ପ୍ରଭୃତି ବିଷୟରେ ଆଲୋଚନା କରିଥିଲେ । ସଂଘ ସମ୍ପାଦକ ଏସ. ରାଜା ପ୍ରାରମ୍ଭିକ ସୂଚନା ଦେଇଥିଲେ। ସେହିପରି ତୃତୀୟ ଶ୍ରେଣୀ ମଣ୍ଡଳ ଡିଭିଜନ ଖାଲିପଡିଥିବା ପଦବୀରେ ରମେଶ ଚନ୍ଦ୍ର ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଆସନ୍ତା ଜାନୁୟାରୀ ୮ ତାରିଖ ବିଭିନ୍ନ ଦାବି ନେଇ ଦେଶବ୍ୟାପି ଧର୍ମଘଟରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା ।



ବାଉଁଶଲଗା ପଞ୍ଚାୟତ ଯାଦବ ସାଙ୍ଗଠାନିକ ସଭାରେ ମଞ୍ଚାସୀନ ଅତିଥି।

### ବାଉଁଶଲଗା ପଞ୍ଚାୟତ ଯାଦବ ସାଙ୍ଗଠନିକ ସଭା

## ଏକତା ରକ୍ଷା ପାଇଁ ଆହ୍ୱାନ

ବାମରା, ୧୬।୧୨ (ଡି.ଏନ.ଏ.)

ସମ୍ବଲପୁର ଜିଲା ଯାଦବ କଲ୍ୟାଣ କମିଟି ଆନୁକୂଲ୍ୟରେ ବାଉଁଶଲଗା ପଞ୍ଚାୟତସ୍ତରୀୟ ଏକ ଯାଦବ ସାଙ୍ଗଠନିକ ସଭା ବାରଗାଡଠାରେ ଅନୁଷ୍ଠିତ ହୋଇଯାଇଛି। ଖଗେଶ୍ୱର ମାକର ଏଥିରେ ସଭାପତିତ୍ୱ କରିଥିଲେ। ସମ୍ବଲପୁର ଜିଲା ସଭାପତି ତଥା ଉତ୍କଳ ଯାଦବ ମହାସଭାର ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ଦର୍ଜୀ ମୁଖ୍ୟଅତିଥି ଏବଂ ଜିଲା ସାଧାରଣ ସମ୍ପାଦକ ଦେବାନନ୍ଦ କର୍ସେଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜର ସଂଗଠନ, ସଂସ୍କୃତି, ପରମ୍ପରା, ଶିକ୍ଷା, ଅର୍ଥନୈତିକ ବିକାଶ ସମ୍ପର୍କରେ ଆଲୋଚନା କରି ସମସ୍ତଙ୍କୁ ଏକ ହେବାକୁ ଆହ୍ୱାନ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଜିଲା ଉପସଭାପତି କିଶୋର ଭଇଁଷା, ସମ୍ପାଦକ ସରୋଜ ପରୁଆ, ଯୁବ ସଂଗଠକ ଡୋଳାମଣି ଷଣ୍ଢ, ତପନ ଖର୍ସେଲ, ସମିତି ସଭ୍ୟା ବନବାସୀ ଗୋପାଳ ବ୍ଲକ ସମ୍ପାଦକ ଶଶି ଗୌଡ, ମୁକ୍ତେଶ୍ୱର ପରୁଆ, ମହେଶ୍ୱର ମାକର ପ୍ରମୁଖ ଯୋଗଦେଇ ଯାଦବ ସମାଜର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ସଭାକୁ ଲେଲିନ ସେନ ଗୋପାଳ ପରିଚାଳନା କରିଥିଲେ । ପରେ ପଞ୍ଚାୟତସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସର୍ବସମ୍ମତିକ୍ରମେ ଜିତୁ ଗୋପାଳ ସଭାପତି, ସବିତା ଖର୍ସେଲ, କାଞ୍ଚନ ମାକର, ଶତ୍ରୁଘ୍ନ ଖର୍ସେଲ ଉପସଭାପତି, ରଶ୍ମିକାନ୍ତ ଖର୍ସେଲ ସମ୍ପାଦକ, ଈଶ୍ୱର ଚନ୍ଦ୍ର ମାକର, ବୈଜୟନ୍ତୀ ରଲ୍ଲା ସମ୍ପାଦକ ଏବଂ ଗୁଣନିଧି ଗୋପାଳ କୋଷାଧକ୍ଷ, ଗୋପାଳ କୃଷ୍ଣ କଉଡି ମନୋନୀତ ହୋଇଛନ୍ତି । ଏହି ଅବସରରେ ଜିଲା କମିଟି ପକ୍ଷରୁ ଯାଦବ ଛାତ୍ରୀଛାତ୍ରଙ୍କୁ ଖାତା ଓ କଲମ ବଣ୍ଟନ କରାଯାଇଥିଲା । ଏଥିରେ ହରବନ୍ଧୁ ଗୋପାଳ, ଚନ୍ଦ୍ରମଣୀ କାହାରି, ମୁକୁନ୍ଦ କଉଡି, ପ୍ରଫୁଲ୍ଲ କଉଡି, ଦେବେନ୍ଦ୍ର ଗୋପାଳ, ଗଜେନ ଗୋପାଳ, ଦାଶରଥି ରକ୍ଷା, ସନ୍ତୋଷ ଖଣ୍ଡ ପ୍ରମୁଖ ସହଯୋଗ କରିଥିଲେ। ପରେ ଯାଦବ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଗ୍ରାମ୍ୟ କମିଟି ବୈଠକରେ ଉନ୍ମତ୍ତ କାଣ୍ଡ

ସମ୍ବଲପୁର,୧୬।୧୨ (ବ୍ୟୁରୋ)

ସମ୍ବଲପୁର ଜିଲା ଠେଲକୋଲି ଥାନା ତଲାବିରା ଗ୍ରାମ୍ୟ କମିଟି ବୈଠକରେ ୨ ଜଣ ଯୁବକ ଉନ୍ମତ୍ତ କାଣ୍ଡ କରିଥିବା ଅଭିଯୋଗ ହୋଇଛି । ଗ୍ରାମର ପ୍ରମୋଦ ଦାସ ଓ ଅନ୍ୟମାନେ ଅଭିଯୋଗ କଲାପରେ ପୋଲିସ ଥାନାରେ ଏକ ମାମଲା (ନଂ୧୮୬/୧୯) ରୁଜୁ କରିଛି। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ତଲାବିରା-୨ କୋଇଲା ଖଣିକୁ ନେଇ ଗ୍ରାମାବସୀ ଆଲୋଚନା କରୁଥିଲେ। ଏହି ଅବସରରେ ଦୁଇ ଜଣ ଅତିଥି ମଧ୍ୟ ରହିଥିଲେ । ହେଲେ ବୈଠକ ଚାଲୁଥିବା ସମୟରେ ଦୁଇ ଯୁବକ ସରୋଜ ଭୋଇ ଓ ବିଜୟ ଭୋଇ ପହଞ୍ଚି ଥିଲେ। ସେମାନେ ମୋବାଇଲରେ ଫଟୋ ଓ ଭିଡିଓ ଉତ୍ତୋଳନ କରିବା ସହ ଗାଳିଗୁଲଜ କରିଥିଲେ। ଏରୁ ବାଧ ହୋଇ ବୈଠକକୁ ଅଧାରୁ ବାତିଲ କରାଯାଇଥିଲା।

## ବାମରାର ସୌରଭ ଖଣ୍ଡେଲୱାଲ ଜାଗୃତି ଯାତ୍ରା ପାଇଁ ମନୋନୀତ

ବାମରା, ୧୬।୧୨ (ଡି.ଏନ.ଏ.)



- ହୋଟେଲ ମ୍ୟାନେଜମେଣ୍ଟକୁ ନୂଆ ପରିଚୟ ଦେଇଛନ୍ତି
- ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ରୋଜଗାର ଯୋଗାଇଛନ୍ତି

ସମ୍ବଲପୁର ଜିଲା ବାମରାର ସୌରଭ ଖଣ୍ଡେଲୱାଲ ହେଟେଲ ମ୍ୟାନେଜମେଣ୍ଟକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଜାଗୃତି ଯାତ୍ରା ପାଇଁ ମନୋନୀତ ହୋଇଛନ୍ତି । ଦେଶର ଯୁବ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ ରହିଛି ଜାଗୃତି ଯାତ୍ରା । ଦେଶକୁ ଉଦ୍ୟୋଗ କ୍ଷେତ୍ରରେ ଠିକ୍ ଭାବରେ ଦେଖିବା, ବୁଝିବା ଏବଂ ଉଦ୍ୟୋଗ ଜରିଆରେ ଦେଶକୁ ଗଢ଼ିବାର ଲକ୍ଷ୍ୟ ନେଇ ୧୫ ଦିନ ଧରି ୮ ହଜାର କିଲୋମିଟର ସୁଦୀର୍ଘ ଟ୍ରେନ ଯାତ୍ରାକୁ ଜାଗୃତି ଯାତ୍ରାର ସ୍ୱରୂପ ଦିଆଯାଇଛି । କିଛି ନୂଆ କରି ଦେଖାଇବାର ସଂକଳ୍ପ ନେଇଥିବା ଉତ୍ସାହିଥିବା ଯୁବକମାନଙ୍କୁ ଦେଶର ବିଭିନ୍ନ ସ୍ଥାନ ଓ କ୍ଷେତ୍ରରୁ ମନୋନୀତ କରାଯାଇଛି । ଏଥିରେ ମୋଟ ୩୫୦ଜଣ ଯୁବ ଉଦ୍ୟୋଗୀ ଓ ୫୦ଜଣ ସଫଳ ଉଦ୍ୟୋଗୀ ସାମିଲ ହେବେ। ଏଥିପାଇଁ ଓଡିଶାରୁ ୧୦ଜଣ ଉତ୍ସାହୀ ଯୁବ ଉଦ୍ୟୋଗୀ ସାମିଲ ହେବା ପାଇଁ ମନୋନୀତ ହୋଇଛନ୍ତି। ସେଥିରେ ବାମରା ଗୋବିନ୍ଦପୁରର ସ୍ୱର୍ଗତ ଅରୁଣ ଅଗ୍ରୱାଲଙ୍କ ପୁଅ ସୌରଭ ରହିଛନ୍ତି । ସେ ଭୁବନେଶ୍ୱରଠାରେ ଟ୍ରେଗ୍ ସେଲ୍ସ ଫର ୟୁ ନାମରେ ଏକ କମ୍ପାନୀ ଖୋଲି ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟକୁ ବିଭିନ୍ନ ପ୍ରକାରର ହୋଟେଲ ମ୍ୟାନେଜମେଣ୍ଟ ସେବା ଯୋଗାଉଛନ୍ତି। ଫଳରେ କ୍ଷତିରେ ଥିବା ହୋଟେଲ ମାଲିକ ଓ ତାଙ୍କ କର୍ମଚାରୀ ମଧ୍ୟ ଲାଭବାନ ହୋଇପାରିଛନ୍ତି। ଏହା ସହ ସେ ଉକ୍ତ କ୍ଷେତ୍ରରେ ୨୦୦ରୁ ଉର୍ଦ୍ଧ୍ୱ ଯୁବତୀ, ଯୁବକଙ୍କୁ ରୋଜଗାରକ୍ଷମ ମଧ୍ୟ କରାଇଛନ୍ତି। ଜଣେ ଯୁବ ଉଦ୍ୟୋଗୀ ଭାବେ ନିଜ ପରିଚୟ ସୃଷ୍ଟି କରିଥିବାରୁ ତାଙ୍କୁ ମନୋନୀତ କରାଯାଇଥିବା ବେଳେ ଷ୍ଟାର୍ଟ ଅପ୍ ଓଡିଶା ପକ୍ଷରୁ ତାଙ୍କ ସମସ୍ତ ଖର୍ଚ୍ଚ ବହନ କରାଯିବ। ଉକ୍ତ ଜାଗୃତି ଯାତ୍ରା ଦ୍ୱାରା ସେ ଦେଶର ବିଭିନ୍ନ ସଫଳ ଉଦ୍ୟୋଗୀଙ୍କ ସହ ସାକ୍ଷାତ କରିବା ସହ ନିଜ ବ୍ୟବସାୟକୁ ଦେଶର କୋଣ ଅନୁକୋଣରେ କିପରି ପହଞ୍ଚିବା ସହ ଏଥିରେ ଅଧିକ ଯୁବତୀ ଯୁବକଙ୍କୁ ରୋଜଗାର ଯୋଗାଇ ପାରିବେ ବୋଲି ସେ କହିଛନ୍ତି । ପ୍ରକାଶଯୋଗ୍ୟ, ଏହି ଯାତ୍ରା ଆସନ୍ତା ଡିସେମ୍ବର ୨୪ରୁ ଟ୍ରେନ୍ ଯୋଗେ ମୁମ୍ବାଇଠାରୁ ଆରମ୍ଭ ହେବ। ଦେଶର ବିଭିନ୍ନ ସ୍ଥାନରେ ୮ ହଜାର କିଲୋମିଟର ବୁଲିବା ପରେ ଜାନୁୟାରୀ ୮ରେ ମୁମ୍ବାଇଠାରେ ଶେଷ ହେବ।

### ବଦ୍ରିନାରାୟଣ ହୋତା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଫୋରସି ଚାମ୍ପିୟନ, ଜେସିସି ରନର୍ସଅପ୍

ସମ୍ବଲପୁର, ୧୬।୧୨ (ବ୍ୟୁରୋ)



ସମ୍ବଲପୁର ହାୱା ମଇଦାନଠାରେ ଅତିଥିଙ୍କଠାରୁ ଫୋରସି ଖେଳାଳିମାନେ ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି ।

ବଦ୍ରିନାରାୟଣ ହୋତା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କମିଶନର୍ସ କଲୋନୀ କ୍ରିକେଟ କ୍ଲବ (ଫୋରସି) ଚାମ୍ପିୟନ ଓ ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ (ଜେସିସି) ରନର୍ସଅପ୍ ଟ୍ରଫି ହାସଲ କରିଛି । ହାୱା ମଇଦାନଠାରେ ଫାଇନାଲ ମ୍ୟାଚ ରୋମାଞ୍ଚକର ହୋଇଥିଲା । ଟସ୍ ଜିଣି ଫୋରସି ବିପକ୍ଷ ଜେସିସିକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ଜେସିସି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୯୫ ରନ ସଂଗ୍ରହ କରିଥିଲା। ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଅଜିତ ହୋତା ୬୯ ବଲରେ ୧୧୫ ରନ ସଂଗ୍ରହ କରି ଅପରାଜିତ ରହିଥିଲେ । ଅନ୍ୟତମ ବ୍ୟାଟ୍ସମ୍ୟାନ ଅବିନାଶ ନନ୍ଦ ୨୪ ବଲରେ ୨୯ ରନ କରିଥିଲେ। ଫୋରସି ବୋଲର ରୋଶନ ମହାପାତ୍ର ୪ ଓଭରରେ ୪୪ ରନ ଦେଇ ୨ ଉଇକେଟ ଓ ସୁମିତ ବର୍ଗର୍ତ୍ତି ୨ ଓଭରରେ ୨୫ ରନ୍ ଦେଇ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ । ୧୯୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଫୋରସି ଖେଳାଳତ ପଡିଆକୁ ଓହ୍ଲାଇଥିଲେ । ୧୯.୩ ଓଭରରେ ୫ ଉଇକେଟ ହରାଇ ଦଳ ୧୯୮ ରନ୍ କରି ବିଜୟୀ ହୋଇଥିଲା। ବ୍ୟାଟ୍ସମ୍ୟାନ ଆୟୁଷ ନାୟକ ୪୦ ବଲରେ ୭୧ ଓ ପ୍ରିୟରଞ୍ଜନ ନାଥ ୩୪ ବଲରେ ୫୦ ରନ ସଂଗ୍ରହ କରିଥିଲେ। ଜେସିସି ବୋଲର ପ୍ରଶାନ୍ତ ଦାଶ ୪ ଓଭରରେ ୨୮ ରନ୍ ଦେଇ ୨ଟି ଓ ଅଭିଶେକ ପଣ୍ଡା ୪ ଓଭରରେ ୪୧ ରନ ଦେଇ ୨ଟି ଉଇକେଟ ହାସଲ କରିଥିଲେ। ଅମ୍ପାୟାର ସଞ୍ଜୟ ନାୟକ ଓ ବିକାଶ ମେହେର ମ୍ୟାଚ ପରିଚାଳନା କରିଥିଲେ । ଅଜିତ ହୋତା ମ୍ୟାନ ଅଫ୍ ଦ ମ୍ୟାଚ ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଆୟୁଷ ନାୟକ ମ୍ୟାନ ଅଫ୍ ଦ ସିରିଜ, ଅଭିଷେକ ପଣ୍ଡା ଶ୍ରେଷ୍ଠ ବୋଲର, ଶୁଭ୍ରାଂଶୁ ବେହେରା ଶ୍ରେଷ୍ଠ କ୍ଷେତ୍ର ରକ୍ଷକ ଭାବେ ପୁରସ୍କୃତ ହୋଇଥିଲେ । ସମ୍ବଲପୁର ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ଓ ଓଡିଶା କ୍ରିକେଟ ସମ୍ପାଦକ ମେହେତାଫ ଖାନ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

କୋଲ କପ୍ ଦିବାରାତ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ମେକ୍‌ଡୁଏଲ ସମ୍ବଲପୁର ଚାମ୍ପିୟନ



କୋଲ କପ୍ ଦିବାରାତ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ ମେକଡୁଏଲ ସମ୍ବଲପୁର ଦଳ।

**ସମ୍ବଲପୁର,୧୬।୧୨(ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ଦ୍ୱାରା ଆୟୋଜିତ କୋଲ କପ୍ ଦିବାରାତ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆନନ୍ଦବିହାର ପଡିଆରେ ଉଦ୍‌ଯାପିତ ହୋଇଯାଇଛି । ମେକଡୁଏଲ ସମ୍ବଲପୁର ଚାମ୍ପିୟନ ହୋଇଥିବା ବେଳେ ବୁର୍ଲା ଆନନ୍ଦବିହାର କ୍ଲବ ରନର୍ସ ଅପ୍ ଟ୍ରଫି ହାସଲ କରିଛି । କମ୍ପାନୀ କଲ୍ୟାଣ ବିଭାଗ ମହାପ୍ରବନ୍ଧକ ଆର.ଏଲ. ଖଟିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମେକଡୁଏଲ ଟିମ୍‌ର ପ୍ରଶାନ୍ତଙ୍କୁ ମ୍ୟାନ ଅଫ୍ ଦ ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା । ସତ୍ୟମ ସିଂ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିବା ବେଳେ ମହମ୍ମଦ ଜିଲାନି ସ୍କୋରର ଥିଲେ । ଆନନ୍ଦବିହାର କ୍ଲବ ସଚିବ ମଧୁସୂଦନ ସ୍ୱାଇଁ, ବିଶ୍ୱନାଥ ଗଉଡ, ଦେବରାଜ ଦାଶ, ଆର.କେ. ବାବୁ, ବିଜୟ କୁମାର ଦାଶ, ରାମଚନ୍ଦ୍ର ପାତ୍ର, ଅନନ୍ତ ନାୟକ, ଉମାକାନ୍ତ ପଣ୍ଡା ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଅତିରିକ୍ତ ଏସ୍‌ପି, ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ମହିଳା

# ଛତୁ ଚାଷ ଆଳରେ ୫୦ ଲକ୍ଷ ଟଙ୍କା ଠକେଇ

ସମ୍ବଲପୁର, ୧୬।୧୨ (ବ୍ୟୁରୋ)

ସମ୍ବଲପୁର ଜିଲା ମହୁଲପାଲି ଥାନା ଅଞ୍ଚଳରେ ଏକ ମାଇକ୍ରୋ ଫାଇନାନ୍ସ କମ୍ପାନୀ ମହିଳାଙ୍କଠାରୁ ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଅଧିକ ଠକେଇ ନେଇଥିବା ଅଭିଯୋଗ ହୋଇଛି । ଠକାମିର ଶିକାର ମହିଳାମାନେ ଏ ନେଇ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହାପାତ୍ର ଓ ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗକ୍ରମେ ୨ବର୍ଷ ହେଲା ମହୁଲପାଲି ଥାନା ଅଞ୍ଚଳରେ ଆରୋହଣ ନାମକ ଏକ ମାଇକ୍ରୋ ଫାଇନାନ୍ସ କମ୍ପାନୀ କାମ କରି ଆସୁଛି । କୁସୁମି ଫାଣ୍ଡି ଅଧୀନ କେନ୍ଦୁଖୁଣ୍ଟି ଗ୍ରାମର ଅମରେଶ ଆଚାର୍ଯ୍ୟ, ସାନମୁଣ୍ଡୁଲାଇ ଗ୍ରାମର ଭକ୍ତ ମୁଣ୍ଡା, ବଡମୁଣ୍ଡେଲେ ଗ୍ରାମର ବାଲେଶ୍ୱର ମୁଣ୍ଡା ଓ ବାସୁଦେବ ମୁଣ୍ଡା ଏହି କମ୍ପାନୀର କର୍ମଚାରୀ ବୋଲି ନିଜକୁ ପରିଚୟ ଦେଇ ୧୪ଟି ଏସଏଚଜି ଗ୍ରୁପରୁ ପ୍ରାୟ ୫୦ ଲକ୍ଷ ଟଙ୍କା ଋଣ ଉଠାଇଥିଲେ। ପରେ କୃଷ୍ଣ ସୁଦାମ ନାମକ ଏକ ଘରୋଇ ସଂସ୍ଥାରେ ଏହି ଟଙ୍କା ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ । କୃଷ୍ଣ ସୁଦାମ ସଂସ୍ଥା ଛତୁ ଚାଷ କରି ଅଧିକ ଲାଭ କରୁଛି । ଉକ୍ତ ସଂସ୍ଥାକୁ ଟଙ୍କା ଦେଲେ ମାସିକ ହିସାବରେ ଲାଭ ଟଙ୍କା ମିଳିବ ବୋଲି କହି ଅମରେଶ ଆଚାର୍ଯ୍ୟ ଏହାର ଜିମା ନେଇଥିଲେ। ୬ ମାସ ପର୍ଯ୍ୟନ୍ତ ମହିଳାମାନଙ୍କୁ ଟଙ୍କା ଠିକ୍ ଠାକ୍ ଭାବେ ପ୍ରଦାନ କରିଥିଲେ । ହେଲେ ଗତ ୮ ମାସ ହେଲା ଟଙ୍କା ନ ଦେଇ ସେ ଅଞ୍ଚଳରୁ ଫେରାର ହୋଇଯାଇଛନ୍ତି । ଏ ନେଇ ଅକ୍ଟୋବର ୧୭ ତାରିଖ ମହୁଲପାଲି ଥାନାରେ ଅଭିଯୋଗ କରାଯାଇଥିଲା । ପୋଲିସ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନ କରି ଅଭହେଳା ପ୍ରଦର୍ଶନ କରିଛି ବୋଲି



ସମ୍ବଲପୁର ଜିଲା ମହୁଲପାଲି ଥାନା ଅଞ୍ଚଳର ମହିଳାମାନେ ଟଙ୍କା ଠକେଇ ଅଭିଯୋଗରେ ଜିଲାପାଳଙ୍କ ଅଫିସ ଆସିଛନ୍ତି ।

ମହିଳାମାନେ ଅଭିଯୋଗ କରିଥିଛନ୍ତିତ। ଅନ୍ୟପକ୍ଷେ ଏଥିରେ ସରକାରୀ କର୍ମଚାରୀଙ୍କ ମଧ କାର୍ଯ୍ୟକୁ ନେଇ ସନ୍ଦେହ କରାଯାଉଛି । ମହିଳାମାନଙ୍କ ବିଶ୍ୱାସ ଭାଜନ ହେବା ପାଇଁ ଅମରେଶ କୃଷି ଅଧିକାରୀଙ୍କୁ ନେଇ ସାଙ୍ଗରେ ଆସୁଥିଲେ । ଫଳରେ ସେମାନେ ବିଶ୍ୱାସ କରି ଟଙ୍କା ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି । ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଗୀତା ମୁଣ୍ଡା, ବିମଳା ମୁଣ୍ଡା, ଲଳିତା ମୁଣ୍ଡା, ସଞ୍ଜୁ ମୁଣ୍ଡା, ପାର୍ବତୀ ମୁଣ୍ଡା, ସୁଜାତା ମୁଣ୍ଡା, ରୁକ୍ମିଣୀ ମୁଣ୍ଡା, ତପସ୍ୱିନୀ ମୁଣ୍ଡା, ସରୋଜିନୀ ମୁଣ୍ଡା, ସେବତି କିଶାନ, ପିରୋବତୀ ନାୟକ, ସୁଶୀଲ ମୁଣ୍ଡା, ସୁଲୋଚନା ମୁଣ୍ଡା, ଦ୍ରୌପଦୀ ମୁଣ୍ଡା ପ୍ରମୁଖ ସେମାନେ ଦାବି କରିଛନ୍ତି।





ସମ୍ବଲପୁର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ପରିସରରେ ଆୟୋଜିତ ଏକ କର୍ମଶାଳାରେ ଅତିଥିମାନେ।





ସମ୍ବଲପୁର ଭୁତାପଡା ରେଡକ୍ରସ୍ ଭବନଠାରେ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି।

# ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବିଶ୍ୱବିଦ୍ୟାଳୟର ଅବମାନନା

ପ୍ରତିବାଦରେ ସିଣ୍ଡିକେଟ ସମ୍ମୁଖରେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କଲେ ତୃତୀୟ ଶ୍ରେଣୀ କର୍ମଚାରୀ

**ସମ୍ବଲପୁର,୧୬।୧୨ (ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ସମ୍ମୁଖରେ ବିଶ୍ୱବିଦ୍ୟାଳୟର ତୃତୀୟ ଶ୍ରେଣୀ କର୍ମଚାରୀମାନେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ସରକାରଙ୍କ ନିୟମ ପାଳନ କରି ୪୮ ଶହ ଟଙ୍କା ଗ୍ରେଡ୍ ପେ ନ ଦେବାରୁ ଏହି ଆନ୍ଦୋଳନ ହୋଇଥିଲା । ଦାବି ଅନୁସାରେ ୩୦ ବର୍ଷରୁ ଅଧିକ କାମ କରିଥିଲେ ୪୮ ଶହ ଗ୍ରେଡ୍ ପେ, ୨୦ ବର୍ଷରୁ ଅଧିକ କାମ କରିଥିଲେ ୪୬ ଶହ ଟଙ୍କା ଓ ୧୦ବର୍ଷରୁ ଅଧିକ କାମ କରିଥିଲେ ୪୨ ଶହ ଟଙ୍କା ଗ୍ରେଡ୍ ପେ ରହିବା କଥା। ରାଜ୍ୟର ଅନ୍ୟ ବିଶ୍ୱ ବିଦ୍ୟାଳୟରେ ଏହା ଲାଗୁ କରାଯାଇଛି । ହେଲେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ନିୟମ ପାଳନ କରାଯିବ ନାହିଁ ବୋଲି ରୋକ୍ ଠୋକ୍ ମନା କରି ଦେଇଥିଲେ । ତେଣୁ ଏହାକୁ ନେଇ ହାଇକୋର୍ଟରେ ୧୧୭୩୬/୧୯ରେ ଆବେଦନ କରାଯାଇଥିଲା । ହାଇକୋର୍ଟ ମଧ ମାମଲାର ଶୁଣାଣି କରି ୩ ମାସ ଭିତରେ ସମାଧାନ କରି ନିୟମ ଅନୁସାରେ ଗ୍ରେଡ ପେ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମଧ ପାଳନ କରାଯାଉ ନାହିଁ। ଏ ନେଇ ଆନ୍ଦୋଳନକାରୀ କୁଳପତି ଦୀପକ ବେହେରାଙ୍କ ସହ ଆଲୋଚନା କରିଛନ୍ତି। ୪ ଜଣିଆ ପ୍ରତିନିଧି ଦଳ ଗଠନ କରାଯିବ। ସେମାନେ ଶିକ୍ଷା ବିଭାଗ ସହ ଆସନ୍ତା ୧୮ ତାରିଖ ଆଲୋଚନା କରିବେ। ସେଥିରେ ଯାହ ନିଷ୍ପତ୍ତି ହେବ ପାଳନ କରାଯିବ ବୋଲି କୁଳପତି ଏମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ।

# ଏଟିଏମ୍ ଅବ୍ୟବସ୍ଥା, ଉପଭୋକ୍ତା ହନ୍ତସନ୍ତ

**ଜମନକିରା,୧୬।୧୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସଦର ମହକୁମାରେ ଥିବା ଏସ୍‌ବିଆଇ, ଆନ୍ଧ୍ରା ଓ ପିଏନ୍‌ବି ଭଳି ରାଷ୍ଟ୍ରୟତା ବ୍ୟାଙ୍କଗୁଡ଼ିକ ଏଟିଏମ୍ କାଉଣ୍ଟରଗୁଡ଼ିକ ଅବ୍ୟବସ୍ଥାରେ ଚାଲିଛି। ଏଥିଯୋଗୁ ବହୁ ଦୂରଦୂରାନ୍ତରୁ ଆସୁଥିବା ଉପଭୋକ୍ତାମାନେ ନାହିଁ ନ ଥିବା ସମସ୍ୟାରେ ପଡୁଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ ଯେ, ଜମନକିରାରେ ୩ଟି ରାଷ୍ଟ୍ରୟତ୍ତା ବ୍ୟାଙ୍କ ଏଟିଏମ୍ କାଉଣ୍ଟର ରହିଛି। ସେଥିମଧ୍ୟରୁ ଷ୍ଟେଟ ବ୍ୟାଙ୍କ ଶାଖାର ୨ଟି ଏଟିଏମ୍ ଗୋଟିଏ କୋଠରିରେ ଅବସ୍ଥାପିତ ଅଛି। ସେଥିମଧ୍ୟରୁ ଗୋଟିଏ ଏଟିଏମ୍ ବହୁଦିନ ଧରି ଅକାମୀ ହୋଇ ପଡ଼ିରହିଥିବା ବେଳେ ଅନ୍ୟଟି କାର୍ଯ୍ୟକାରୀ ହେଉଛି। କାର୍ଯ୍ୟକାରୀ ହେଉଥିବା ଏଟିଏମ୍‌ରେ ବ୍ୟାଙ୍କ ପକ୍ଷରୁ ନିୟମିତ ଭାବେ ଟଙ୍କା ତଥା କମ ପରିମାଣ ଟଙ୍କା ଜମା କରାଯାଉଥିବାରୁ ନାହିଁ ନ ଥିବା ଅସୁବିଧା ଉପଭୋକ୍ତା ଭୋଗୁଛନ୍ତି। ସାଧାରଣ ଲୋକେ ଟଙ୍କା ପାଇଁ ଆସି ନିରାଶରେ ଫେରୁଛନ୍ତି । ସେହିପରି ପିଏନ୍‌ବି ଶାଖାର





ବନ୍ଦ ହୋଇପଡ଼ିଥିବା ଏଟିଏମ୍ କାଉଣ୍ଟର ।

ଏକ ଏଟିଏମ୍ କାଉଣ୍ଟର ପୁରୁଣା ଥାନା ନିକଟରେ ରହିଛି। ସେହି କାଉଣ୍ଟର ପ୍ରାୟ ସମୟରେ ବନ୍ଦ ରହୁଥିବାରୁ ଉପଭୋକ୍ତାମାନଙ୍କୁ ସମ ଦଶା ଭୋଗିବାକୁ ପଡୁଛି। ଆନ୍ଧ୍ରା ବ୍ୟାଙ୍କରେ ମଧ୍ୟ ଅନୁରୂପ ଭାବେ ଟଙ୍କା ସମସ୍ୟା ଦେଖାଯାଉଛି। ଆଗାମୀ ଦିନରେ ଏଭଳି ଅସୁବିଧା ନ ହେବା ପାଇଁ ସାଧାରଣରେ ଦାବି ହେଉଛି।

# ବୁର୍ଲା ସରକାରୀ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ବାର୍ଷିକ ଉତ୍ସବ





ବୁର୍ଲା ସରକାରୀ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ବାର୍ଷିକ ଉତ୍ସବରେ ଅତିଥି, ଆୟୋଜକ, ଶିକ୍ଷୟିତ୍ରୀ,ଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ର ।

**ଟିପିଲିମା,୧୬।୧୨(ଡି.ଏନ.ଏ.)**

ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ତଥା ଆଲୁମିନିର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ଇଂ. ଏସଏସ କାବଲିଙ୍କ ସଭାପତିତ୍ୱ ଓ ସମ୍ପାଦକ ନିରଞ୍ଜନ ପଟ୍ଟନାୟକଙ୍କ ସମ୍ପାଦନାରେ ପ୍ରଥମେ ପୁରାତନ ଛାତ୍ର ଇଂ. ଦୟାନିଧି ଦେହୁରୀ, ସଙ୍ଗୀତଜ୍ଞ କାଳିଚରଣ ପାଢ଼ୀ, ଗଜେନ୍ଦ୍ର ବଘାର ଓ ରଶ୍ମିରଞ୍ଜନ ଶତପଥିଙ୍କ ବାଦ୍ୟଯନ୍ତ୍ର ସହାୟତାରେ ପ୍ରାଥମିକ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବିଭିନ୍ନ ଅସୁବିଧା ବିଷୟ ଦୃଷ୍ଟି ଆକର୍ଷଣ କରି ପୂର୍ଣ୍ଣକାଳୀନ ପ୍ରଧାନଶିକ୍ଷକ ଅଭାବ ସହ ଛାତ୍ର ହାରରେ ସହକାରୀ ଶିକ୍ଷକଙ୍କ ଅଭାବ ଦୂର କରିବାକୁ ସରକାରଙ୍କ ପାଖରେ ଦାବି ଉପସ୍ଥାପନ ପାଇଁ ସହଯୋଗ ଲୋଡିଥିଲେ। ବରିଷ୍ଠ ସଭ୍ୟ ପୂର୍ବତନ ପ୍ରସାରଭାରତୀ ଏଡିଜି ଅଭୟ କୁମାର ପାଢ଼ୀ, ପୂର୍ବତନ ସାଂସଦ ତଥା ବିଧାନସଭା ଚିଫ୍ ହୁଇପ ରବିନାରାୟଣ ପାଣି ନିଜ ମତରଖି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସହ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଡ. ବିଜୟ କ୍ରିଷ୍ଣା ତ୍ରିପାଠୀ, ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ, ଇଂ. ବିଭୂତିଭୂଷଣ ପଣ୍ଡା, ଏସ ପାଣ୍ଡେ, ପର୍ଶୁରାମ ମିଶ୍ର ସମେତ ନିକୁଞ୍ଜ ନାୟକ, ସୁରେଶ ପଣ୍ଡା, ହରିଶ ବାଲି, ରବିନ୍ଦ୍ର ନାୟକ, ସନ୍ତୋଷ କୁମାର ଭୋଇ ପ୍ରମୁଖ ଅନେକ ଅଂଶ ଗ୍ରହଣ କରିଥିଲେ। ମୋ ସ୍କୁଲ ଅଭିଯାନରେ ଜମାଖାତାରେ ଅଧିକ ଅର୍ଥ ଜମା ରଖିବା ପାଇଁ ସମ୍ମତି ପ୍ରଦାନ କଲେ। ପ୍ରାରମ୍ଭରୁ ପରଲୋକଗତ ପୁରାତନ ଛାତ୍ରମାନଙ୍କ ଆତ୍ମାର ସଦଗତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବିଦ୍ୟାଳୟ ପୂର୍ବତନ ବରିଷ୍ଠ ଶିକ୍ଷୟିତ୍ରୀ, ଶିକ୍ଷକ ଯଥାକ୍ରମେ ଗଗନ ବିହାରୀ ଗଡନାୟକ ଓ ସୁଜାତା ଦେବୀଙ୍କୁ ସମ୍ମାନିତ କରାଯାଇଥିଲା। ମାନପତ୍ର ପାଠ କରି ଶୁଣାଇଥିଲେ ପ୍ରମୋଦ କୁମାର ଦାଶ ଓ ରଶ୍ମିରଞ୍ଜନ ଶତପଥି । ସହସମ୍ପାଦକ ରଶ୍ମିରଞ୍ଜନ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତ ବିକାଶ ପରିଷଦର ସମାବେଶ

**ସମ୍ବଲପୁର, ୧୬।୧୨ (ବ୍ୟୁରୋ)**

ଭାରତ ବିକାଶ ପରିଷଦର ବାର୍ଷିକ ସମାବେଶ ସିନ୍ଦୂରପଙ୍କ ନିକଟସ୍ଥ ଶ୍ରୀରାମ ବାଟିକାଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡା. ବିନୋଦ ବିହାରୀ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ସମ୍ପାଦକ ସତ୍ୟବ୍ରତ ପତି ସୂଚନା ପ୍ରଦାନ କରିଥିଲେ । ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ଡିକେନ ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଫେସର ନନ୍ଦକିଶୋର ପୂଜାରୀ ଓ ପ୍ରଫେସର ସୁଦର୍ଶନ ପୂଜାରୀ, ପ୍ରଫେସର ସୁରୁବାବୁ ମେହେର ଓ ନନ୍ଦଲାଲ ଅଗ୍ରୱାଲ ଅତିଥି ସ୍ୱାଗତ କରିଥିଲେ । ଉପସଭାପତି ବେଣୁମାଧବ ପଣ୍ଡାଙ୍କ ସଂଯୋଜନାରେ ଭଜନ, ସଂଗୀତ, ଓଡିଶୀ ନୃତ୍ୟ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ବିନୋଦ ଅଗ୍ରୱାଲ, ବିଶାଳ ବନଶଂଳ, ପୁରଣ ଦଧିଚ, ରବି ରତବା, ମକରଧ୍ୱଜ ଯୋଶୀ, ଶ୍ୟାମସୁନ୍ଦର ଶର୍ମା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



ସମ୍ବଲପୁର ଭାରତ ବିକାଶ ପରିଷଦର ସମାବେଶରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ।

# ପୂର୍ବତନ ଆୟକର କମିଶନର ବିଭୂତିଭୂଷଣ ଦାଶଙ୍କ ପରଲୋକ



ସମ୍ବଲପୁର, ୧୬।୧୨ (ବ୍ୟୁରୋ) ପୂର୍ବତନ ଆୟକର କମିଶନର ବିଭୂତି ଭୂଷଣ ଦାଶ (୭୦)ଙ୍କ ହୃଦ୍‌ଘାତରେ ସମ୍ବଲପୁର ପ୍ରଧାନପଡ଼ାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ରବିବାର ରାଜଘାଟଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ୧୯୭୮ରେ ସେ ଆୟକର ବିଭାଗରେ ଯୋଗ ଦେଇ ୨୦୦୯ରେ ଓଡ଼ିଶାର ମୁଖ୍ୟ ଆୟକର କମିଶନର ପଦବୀରୁ ଅବସର ଗ୍ରହଣ କରିଥିଲେ।

# ଦୟାମଣି ବୃଦ୍ଧାଶ୍ରମ କାର୍ଯ୍ୟକାରିଣୀ ବୈଠକ

**ସମ୍ବଲପୁର, ୧୬।୧୨ (ବ୍ୟୁରୋ)**

ଦୟାମଣୀ ବୃଦ୍ଧାଶ୍ରମର କାର୍ଯ୍ୟକାରିଣୀ ବୈଠକ ଦୁର୍ଗାପାଲିଠାରେ ଅନୁଷ୍ଠିତ ହୋଇଯାଇଛି । ବୃଦ୍ଧାଶ୍ରମ ସଭାନେତ୍ରୀ ପ୍ରମିଳା ବହିଦାରଙ୍କ ଅଧକ୍ଷତାରେ ସଭା ହୋଇଥିଲା । ଆଶ୍ରମ ଘର ମରାମତି, ରକ୍ଷଣାବେକ୍ଷଣ ସମେତ ବିଭିନ୍ନ ବିଷୟରେ ସଭ୍ୟମାନେ ଆଲୋଚନା କରିଥିଲେ । ଆରତ ପଟ୍ଟନାୟକ, ଡା. ନାରାୟଣୀ ପଣ୍ଡା, ଡା. ଲକ୍ଷ୍ମନାରାୟଣ ରଥ, ଡା. ଜ୍ଞାନ ଦାଶ, କଲ୍ୟାଣୀ ମିଶ୍ର, ସ୍ନିଗ୍ଧାଶ୍ରୀ ବହିଦାର, ମନୋବଧ ତ୍ରିପାଠୀ, ସିପ୍ରା ମହାନ୍ତି ଆଲୋଚନାରେ ଭାଗ ନେଇଥିଲେ । ସମ୍ପାଦକ ରାଜେନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସୁଭଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଫସଲବୀମା ଦାବି ତେଜିଲା

# ପଞ୍ଚାୟତ ଅଫିସ୍‌ରେ ତାଲା ପକାଇଲେ ଚାଷୀ

**ବାମରା, ୧୬।୧୨ (ଡି.ଏନ.ଏ)**

୨୦୧୮-୧୯ ଖରିଫ ଫସଲବୀମା ଦାବି ନେଇ ପୂର୍ବରୁ ଆନ୍ଦୋଳନ ହେବା ସତ୍ତ୍ୱେ ସରକାର ଏହାକୁ ଅଣଦେଖା କରି ଆସୁଥିବା ଅଭିଯୋଗ କରିଆସୁଛନ୍ତି । ଏାର ପ୍ରତିବାଦରେ ବର୍ତ୍ତମାନ କୁଚିଣ୍ଡା ଉପଖଣ୍ଡ ସ୍ତରୀୟ କୃଷକ ସୁରକ୍ଷା ସଙ୍ଗଠନ ଡାକରାରେ ସୋମବାର ଚାଷୀମାନେ ତୁରେଇ ଓ ବାବୁନିକ୍ତିମାଲ ପଞ୍ଚାୟତ ଅଫିସ୍‌ରେ ତାଲା ପକାଇ ଦେଇଛନ୍ତି ।

ସୂଚନା ଅନୁସାରେ, ଗତ ୨୦୧୮-୧୯ ଖରିଫ ଋତୁରେ କୁଚିଣ୍ଡା ଉପଖଣ୍ଡ ଅଞ୍ଚଳରେ ମରୁଡି ପରିସ୍ଥିତି ଦେଖାଯାଇଥିଲା । ତେଣୁ ଫସଲ ବୀମା ପ୍ରଦାନ ଦାବିରେ ବିଭିନ୍ନ ଚାଷୀ ସଙ୍ଗଠନ ଆନ୍ଦୋଳନ କରିଆସୁଛନ୍ତି । କିନ୍ତୁ ଆଇନ ସମ୍ମତ ଆନ୍ଦୋଳନକୁ ରାଜ୍ୟ ଓ କେନ୍ଦ୍ର ସରକାର ଅଣଦେଖା କରିବା ଏବଂ ବୀମା କ୍ଷତିପୂରଣ ଦିଆ ନ ଯିବା ପ୍ରତିବାଦରେ କୁଚିଣ୍ଡା ଉପଖଣ୍ଡ ସ୍ତରୀୟ କୃଷକ ସୁରକ୍ଷା ସଙ୍ଗଠନର ଆହ୍ୱାନକ୍ରମେ ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ପରିପେକ୍ଷୀରେ ବାମରା ବ୍ଲକ ତୁରେଇ ପଞ୍ଚାୟତରେ ସୋମବାର ମାଁ ସମଲେଶ୍ୱରୀ କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଲା ପକାଯାଇଛି । ଏଥିରେ ସରପଞ୍ଚ ଗୁଲାପୀ ଧୁରବା, ନାଏବ ସରପଞ୍ଚ ଆଦିତ୍ୟ କୁମାର ଦାସ, ସମିତି ସଭ୍ୟ ସୁଦାନ ରୋହିବାଦ, ପୀତବାସ ପଟେଲ ସୁବୋଧ ପଟେଲ, ସୁବ୍ରତ ନାୟକ, ଅମରେଶ ଚନ୍ଦ୍ର ପଟେଲ, ଆନନ୍ଦ ବିହାରୀ ପଟେଲ, ଭେଷଜ ପଟ୍ଟା ଓ ଫକୀର ମୋହନ ନାୟକ ପ୍ରମୁଖ ଚାଷୀନେତା ଉପସ୍ଥିତ ଥିଲେ । ସେହିପରି ବାବୁନିକ୍ତିମାଲ ପଞ୍ଚାୟତ ଅଫିସ୍‌ରେ ସମିତି ସଭ୍ୟ ରାଜେନ୍ଦ୍ର ନାଏକ, ମେଘନାଥ ଡୁଡୁମ, ସୁନୀଲ ଦାଶ, ମୋହନ ସିଂ ମହାପାତ୍ର, ପ୍ରଶାନ୍ତ ସାହୁ, ଦୀପକ ନାୟକ, ମମତା ଚୌଧରୀ, ସୁରଭି ଚୌଧରୀ ଓ ନିଶାମଣି ପଟେଲ ପ୍ରମୁଖ ଚାଷୀ ନେତାଙ୍କ ଉପସ୍ଥିତିରେ ତାଲା ପକାଯାଇଥିଲା। ପର୍ଯ୍ୟାୟକ୍ରମେ ବାମରା ବ୍ଲକର ୧୭ଟି ଯାକ ପଞ୍ଚାୟତରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ଚାଷୀ ନେତା ଯୋଗବିହାରୀ ପରିଡା ଚେତାବନୀ ଦେଇଛନ୍ତି ।





ଚାଷୀମାନେ ପଞ୍ଚାୟତ ଅଫିସ୍‌ରେ ତାଲା ପକାଇଛନ୍ତି ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ପଦ୍ମପୁର, ୧୬।୧୨ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଦର୍ଲିଗୁଡା ପାଖରେ ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରୂପଧର ବରିହା (୨୩) । ଦର୍ଲିଗୁଡା ଗ୍ରାମର ରୂପଧର ବରିହା, ଭବାନୀ ଜେନା, ସଞ୍ଜୟ ବରିହା ଏକ ବାଇକ ଯୋଗେ ଦର୍ଲିଗୁଡାରୁ ନିଜଗାଁ ଦହିଗାଁକୁ ଆସୁଥିଲେ । ଦର୍ଲିଗୁଡା ନିକଟ ଏକ ପୋଲରେ ବାଇକ ଭାରସାମ୍ୟ ହରାଇ ପିଟି ହୋଇଯିବାରୁ ଘଟଣାସ୍ଥଳରେ ରୂପଧରଙ୍କ ମୃତ୍ୟୁ ହୋଇଥିଲା । ଅନ୍ୟ ୨ଜଣ ଆହତ ହୋଇ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ବୋଡେନ ଥାନାରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

### ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ସୋହେଲା,୧୬।୧୨(ଡି.ଏନ.ଏ)

ସୋହେଲା ପୋଲିସ ସୋମବାର ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରିଛି । ତାଙ୍କ ପରିଚୟ ଜଣାପଡି ନ ଥିଲେ ମଧ ବୟସ ପ୍ରାୟ ୬୫ ବର୍ଷ ହେବ । ଏହି ମହିଳାଙ୍କ ବର୍ଣ୍ଣ ଗୋରା, ଉଚ୍ଚତା ପ୍ରାୟ ୫ଫୁଟ ହେବ। ସେ ଗୋଟିଏ ହଳଦିଆ ଗୋଲାପୀ ରଙ୍ଗର ପ୍ରିଣ୍ଟ ଶାଢ଼ି ପିନ୍ଧିଥିଲେ। ଆଜକୁ ପ୍ରାୟ ୭/୮ ଦିନ ହେବ ସେ ବୁଲାବୁଲି କରି ଗ୍ରୀଞ୍ଜେଲ ଗ୍ରାମର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଗୋଟିଏ ଘର ପିଣ୍ଡାରେ ଶୋଉଥିଲେ। ଗ୍ରାମବାସୀ ସକାଳେ ବୃଦ୍ଧାଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏ ନେଇ ପୂର୍ବତନ ସରପଞ୍ଚ ଯାଦବ ବେହେରା ଥାନାକୁ ଲିଖିତ ଭାବେ ଜଣାଇବା ପରେ ପୋଲିସ ମୃତଦେହ ମାଇନା କରି ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି। ଏ ନେଇ ସୋହେଲା ଥାନାରେ ଏକ ମାମଲା(ନଂ.୧୭/୧୯) ରୁଜୁ ହୋଇଛି ।

### ପଞ୍ଜୀକୃତ ହେଲା ୧୪୩ ଅଭିଯୋଗ

ଗାଇସିଲେଟ, ୧୬।୧୨(ଡି.ଏନ.ଏ)

ଗାଇସିଲେଟ ପଞ୍ଚାୟତ ସମିତି ରାଜୀବ ଗାନ୍ଧୀ ସଭା ଗୃହରେ ଜିଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡିଓ ନିରଞ୍ଜନ ସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବରଗଡ ଏଡିଏମ ମିର୍ଦ୍ଧା ଟପ୍ପୋ, ଏସପି ପଦ୍ମିନୀ ସାହୁ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ ଓ ପଦ୍ମପୁର ଉପ ଜିଲାପାଳ ତନ୍ମୟ ଦରୱାନ ପ୍ରମୁଖ ମଞ୍ଚାସୀନ ରହି ଅଭିଯୋଗ ଶୁଣିଥିଲେ। ଶିବିରରେ ସାମୂହିକ ଭାବେ ୨୦ଟି, ରେଡକ୍ରସ ସମ୍ବନ୍ଧିତ ୨ଟି ଓ ବ୍ୟକ୍ତିଗତ ୧୨୧ଟି ଅଭିଯୋଗ ପଞ୍ଜୀକଣ ହୋଇଥିଲା । ଏଥିରେ ଲାଇନ ବିଭାଗ, ଜିଲା ଓ ସବଡିଭିଜନ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଶାଗୁଆନ କାଠ ସହ ଗାଡ଼ି ଜବତ, ୨ ଗିରଫ

ପଦ୍ମପୁର, ୧୬।୧୨ (ଡି.ଏନ.ଏ)

ପଦ୍ମପୁର ବନାଞ୍ଚଳ ବେହେରାଟାଲ-ଜମରତଲା ରାସ୍ତାରେ ବନ ବିଭାଗ ଚଢ଼ାଉ କରି ୩୯ ଖଣ୍ଡ ଶାଗୁଆନ ପଟା ବୋଝେଇ ଗାଡି ଜବତ କରିଛି । ଜବତ କାଠ ମୂଲ୍ୟ ୨୫ ହଜା ଟଙ୍କା ହେବ । ଏହି ଘଟଣାରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁରେନ୍ଦ୍ର ମହାନନ୍ଦ ଓ ରୋହିତ ନାଗ। ଅଭିଯୁକ୍ତ ଦ୍ୱୟ ଏକ ଗାଡି (ନଂ.ଓଆର୦୩ଏଚ/୭୪୮୨) ଶାଗୁଆନ ପଟା ବୋଝେଇ କରି ପାଟଣାଗଡ ପଟରୁ ପଦ୍ମପୁର ଆଡକୁ ଆସୁଥିଲେ । ଖବର ପାଇ ପଦ୍ମପୁର ବନାଞ୍ଚଳ ଅଧିକାରୀ ପ୍ରମୋଦ ସାହୁ, ବନପାଳ ସୁଶାନ୍ତ ଦାଶ, ବନରକ୍ଷୀ ତରଣୀସେନ ପ୍ରଧାନ, ବସନ ବାଗ ପ୍ରମୁଖ ଚଢ଼ାଉ କରିଥିଲେ । ଏ ନେଇ ଏକ ମାମଲା (ନଂ.୧୭୪/୧୯) ରୁଜୁ ହୋଇଛି ।

### କେନ୍ଦୁପତ୍ର ଶ୍ରମିକଙ୍କ ଚକ୍ଷୁ ପରୀକ୍ଷା ଶିବିର

ପଦ୍ମପୁର, ୧୬।୧୨ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ବୋଡେନରେ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିମାନଙ୍କ ପାଇଁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ସୋମବାର ଅନୁଷ୍ଠିତ ହୋଇଛି । ପଦ୍ମପୁର କେନ୍ଦୁପତ୍ର ବନାଞ୍ଚଳ ଓ ଭୁବନେଶ୍ୱର ଜେନିଥ ଆଇ କେୟାରର ମିଳିତ ସହଯୋଗରେ ଏହି ଶିବିର ହୋଇଥିଲା। କେନ୍ଦୁପତ୍ର ଡିଭିଜନ ଏସିଏଫ ମାନଗୋବିନ୍ଦ ଦଳାଇ ଓ କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ସାହୁ ଶିବିରକୁ ଉଦଘାଟନ କରିଥିଲେ । ଶିବିରରେ ୧୯୮ ଜଣ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି ଚକ୍ଷୁ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୧୫୫ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ଡା. ଶକ୍ତି ସୌରବ ପ୍ରଧାନ, ଡା. ସମ୍ବିତ ଆଚାର୍ଯ୍ୟ, ଡା. ସୌମେନ ମଣ୍ଡଳ, ଅସିତ କୁମାର ନାୟକ, ମଧୁସୂଦନ ବେହେରା, ପ୍ରତାପ ସାହୁ, କିଶୋର ବୈକାର, ବାସୁଦେବ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ପ୍ରତିଶ୍ରୁତି ପାଳନ କଲେ ନାହିଁ ସରକାର

# ଯୋଗାଣ ଅଫିସରେ ହୋ ହାଲ୍ଲା କଲେ ଚାଷୀ

ସମ୍ବଲପୁର,୧୬।୧୨ (ବ୍ୟୁରୋ)

ଟୋକନ ବ୍ୟବସ୍ଥା ବିରୋଧରେ ରାସ୍ତାରୋକୋ ସମୟରେ ସରକାରଙ୍କ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଓ ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଦେଇଥିବା ପ୍ରତିଶ୍ରୁତି ପାଳନ କରାଯାଉ ନାହିଁ । ଆଜି ମଧ ଚାଷୀମାନେ ମଣ୍ଡି ଓ କ୍ରୟ କେନ୍ଦ୍ରରେ ଟୋକନ ପାଇଁ ଧାନ ବିକ୍ରି କରି ପାରୁନାହାନ୍ତି । ଟୋକନ ନ ଥିଲେ ମଧ ସଙ୍ଗେ ସଙ୍ଗେ ଟୋକନ ଜେନେରେଟ କରାଯାଇ ଧାନ କିଣାବିକା କରାଯିବ ବୋଲି କୁହାଯାଇଥିଲା। ସେହିପରି ଏକର ପିଛା ଧାନ ବିକ୍ରି ପରିମାଣ ବୃଦ୍ଧି କରିବା ଉପରେ ଏଫସିଆଇକୁ ଚିଠି ଲେଖି ସମାଧାନ କରିବାକୁ ମଧ କୁହା ଯାଇଥିଲା। ମିଲର୍ସଙ୍କ କଟନୀ ଛଟନୀ ସମସ୍ୟା ଦୂର ହେବ। ଠିକ ସମୟରେ ଚାଷୀଙ୍କୁ ବିକ୍ରି ଟଙ୍କା ମିଳିଯିବା ନେଇ ମଧ ପ୍ରତିଶ୍ରୁତି ମିଳିଥିଲା। ହେଲେ ପ୍ରାୟ ୩ ସପ୍ତାହ ବିତିଯିବା ପରେ ମଧ କୌଣସି ପ୍ରତିଶ୍ରୁତି ପାଳନ କରାଯାଇ ନାହିଁ। ଓଲଟା ଚାଷୀଙ୍କ ସମସ୍ୟା ବଢିଛି। ସୋମବାର ଚାଷୀମାନେ ଯୋଗାଣ ଅଫିସ ପରିସରରେ ଧାରଣାରେ ବସି ସରକାରଙ୍କ ଉପରେ ଏଭଳି ଗର୍ଜିଥିଲେ । ଅପରାହ୍ନ ୧୨ଟା ସମୟ ପର୍ଯ୍ୟନ୍ତ ଟୋକନ ଆସିବା ଆଶା ନେଇ ଚାଷୀମାନେ ମାର୍କେଟ ଗୁଡିକରେ ଅପେକ୍ଷା କରିଥିଲେ । ପରେ ଏକତ୍ରିତ ହୋଇ ଯୋଗାଣ ବିଭାଗ ଅଫିସକୁ ଆସିଥିଲେ । ସେଠାରେ ଜିଲା ଯୋଗାଣ ଅଧିକାରୀ ରଞ୍ଜନ ସେଠ, ସମବାୟ ବିଭାଗ ଡିଆରସିଏସ ଲିଙ୍ଗରାଜ ନାଏକଙ୍କ ସହ ଆଲୋଚନା କରିଥିଲେ । ଚାଷୀ ପ୍ରଶ୍ନ ପଚାରି ହୋ ହାଲ୍ଲା କରିଥିଲେ। ପରେ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ନିର୍ଦ୍ଦେଶ କ୍ରମେ



ସମ୍ବଲପୁର ଜିଲା ଯୋଗାଣ ଅଫିସ ପରିସରରେ ଧାରଣାରେ ବସିଥିବା ଚାଷୀମାନଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ ଆସି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ସବୁ ଦାବି ସରକାରଙ୍କୁ ଜଣାଇ ଦିଆଯିବ। ଶୀଘ୍ର ଏସବୁ ସମସ୍ୟାର ଯେଭଳି ସମାଧାନ ହେବ ସେନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ । କୁଚିଣ୍ଡା ଉପଖଣ୍ଡରେ ମଧ ଚାଷୀଙ୍କୁ ଟୋକନ ଦେଇ ଧାନ କିଣାବିକା ସ୍ୱାଭାବିକ କରାଯିବ ବୋଲି କହିଥିଲେ । ଜିଲା କୃଷକ ସଂଗଠନ ଉପସଭାପତି ଉମେଶ ମିଶ୍ର, ହରିଶଙ୍କର ମିଶ୍ର, ଚନ୍ଦ୍ର ଶେଖର ପଣ୍ଡା, କୁଶଧ୍ୱଜ ଚୈଧୁରୀ, ଗୋବିନ୍ଦ ମିଶ୍ର, ସୁଶାନ୍ତ ପଣ୍ଡା, ବ୍ୟୋମକେଶ ଠାକୁର, ମୃତ୍ୟୁଞ୍ଜୟ ପାଣିଗ୍ରାହୀ ପ୍ରମୁଖ ଶତାଧିକ ଚାଷୀ ଏଥିରେ ସାମିଲ ହୋଇଥିଲେ। ତେବେ ଯଦି ଏସବୁ ସମସ୍ୟା ସମାଧାନ କରା ନ ଯିବ ଚାଷୀମାନେ ସମସ୍ତ ମାର୍କେଟ ଗୁଡିକରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବ୍ଲକସ୍ତରୀୟ ଶିଶୁ ଉତ୍ସବ ସମ୍ପନ୍ନ

ପଦ୍ମପୁର, ୧୬।୧୨ (ଡି.ଏନ.ଏ)

ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମେଳା ଟାଉନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ବ୍ଲକର ୧୩ଟି ଉଚ୍ଚ ବିଦ୍ୟାଳୟରୁ ମୋଟ ୧୫୧ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଡଙ୍ଗାଘାଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିଶଙ୍କର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପ୍ରସନ୍ନ କୁମାର ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରାଜ୍ୟ ଓଷ୍ଟା କାର୍ଯ୍ୟକାରୀ ସଭାପତି ସତ୍ୟ ନାରାୟଣ ତ୍ରିପାଠୀ ମୁଖ୍ୟଅତିଥି, ଜିଲା ଓଷ୍ଟା ସଭାପତି ପ୍ରୀତିରଞ୍ଜନ ପ୍ରଧାନ, ଶେଷଦେବ ମେହେର, ଟାଉନ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ତରଣୀସେନ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଓଷ୍ଟା ଉପସଭାପତି ଶୁକ୍ଲୁତା ସୁନା ଉଦଘାଟନୀ ଓ ଉପଦେଷ୍ଟା ସଦସ୍ୟ। ଦ୍ୱାଦଶ କୁମାର ପ୍ରଧାନ ଉଦଯାପନୀ ଉତ୍ସବ ପରିଚାଳନା କରିଥିଲେ। ଏହି ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ପଟେଲ, ପ୍ରୀତିରଞ୍ଜନ ପ୍ରଧାନ, ଧରମାନନ୍ଦ ମହାପାତ୍ର, ଦୀନବନ୍ଧୁ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଓଷ୍ଟା ଯୁଗ୍ମ ସମ୍ପାଦକ ମାର୍ତ୍ତଣ୍ଡଦେବ ସାହୁ, ସରୋଜ ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ଅଶ୍ୱିନୀ କୁମାର ବେହେରା, ରାଜ୍ୟ ପରିଷଦ ସଦସ୍ୟ ସଞ୍ଜୀବ କୁମାର ସାହୁ, ଉଜ୍ଜ୍ୱଳ ପଟେଲ ସହଯୋଗ କରିଥିବା ବେଳେ ଚୂଳସୁନ୍ଦର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ଦେଶୀ ବିହନ ପରବ ଉଦ୍‌ଯାପିତ

ପାଇକମାଳ, ୧୬।୧୨ (ଡି.ଏନ.ଏ)

ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଖରାମାଲ ଗ୍ରାମରେ ଦୁଇ ଦିନ ଧରି ଚାଲିଥିବା ଦେଶୀ ବିହନ ପରବ ସୋମବାର ଉଦ୍‌ଯାପିତ ହୋଇଛି । ବିଷମୁକ୍ତ ଖାଦ୍ୟ, ଋଣମୁକ୍ତ ଚାଷ ଓ ଆତ୍ମନିର୍ଭରଶୀଳ କୃଷିକୁ ଗୁରୁତ୍ୱ ଦେଇ ଖରାମାଲ ଗାଁ ସହିତ ୧୦ଟି ପଞ୍ଚାୟତର ଚାଷୀମାନେ ଏହି ପରବ ପାଳନ କରିଥିଲେ । ସକାଳେ ବିହନ ପୂଜା କରି ସମସ୍ତ ଚାଷୀ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ। ଅହିଂସା କ୍ଲବର ସମ୍ପାଦକ ଶିବ ପ୍ରସାଦ ସାହୁଙ୍କ ପରିଚାଳିତ ସଭାରେ ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ ପ୍ରଧାନ ମୁଖ୍ୟଅତିଥି, ପ୍ରଶାନ୍ତ ସାହୁ, ଚିନ୍ତାମଣି ମହାପାତ୍ର, ବିଡିଓ ଶମ୍ଭୁ ସାହୁ, ବ୍ଲକ ଅଧ୍ୟକ୍ଷ ଅଲତାଫ ମହମ୍ମଦ, ଶରତ ତାଣ୍ଡି, ଦେଶୀ ଚାଷୀ ଶାନ୍ତନୁ ସିଂ, ମହିଳା ଚାଷୀ ବେଟିଖାଇ ବରିହା, ସିଡିଏଓ ଦୀନବନ୍ଧୁ ଗାନ୍ଧୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ୧୦ଜଣ ଜୈବିକ ଚାଷୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଷ୍ଟଲରେ ବିଭିନ୍ନ ଦେଶୀ ବିହନ ପ୍ରଦର୍ଶନ କରାଯାଇଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶେଷରେ ଈଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ ।



ଚାଷୀମାନେ ଦେଶୀ ବିହନ ଧରି ଶୋଭାଯାତ୍ରାରେ ଯାଉଛନ୍ତି ।

### ଆଲୁମିନିୟମ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ପଦ୍ମପୁର, ୧୬।୧୨ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଚର୍ଦାପାଲି-ଗୁଣ୍ଡିଚାଡିହି ରାସ୍ତାରେ ଏକ ଆଲୁମିନିୟମ ଭର୍ତ୍ତି ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ କେହି ମୃତାହତ ହୋଇନାହାନ୍ତି। ରବିବାର ବିଳମ୍ବିତ ରାତ୍ରିରେ ଏକ ଟ୍ରକ୍ (ନଂ.ସିଜି ୦୪ଏଚକ୍ୟୁ/୦୨୬୫) ଛତିଶଗଡ ରାଜ୍ୟ କୋର୍ବା ଠାରୁ ୨୫ ଟନ ଆଲୁମିନିୟମ ନେଇ ବିଶାଖାପାଟନମ୍ ଅଭିମୁଖେ ଯାତ୍ରା କରିବା ବେଳେ ଏହି ଦୁର୍ଘଟଣା ଘଟିଛି ।

### ଅଜଣା ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

ବିଜେପୁର, ୧୬।୧୨ (ଡି.ଏନ.ଏ)

ବିଜେପୁର ଥାନା ରେଙ୍ଗାଲିପାଲି ନାଳରୁ ପୋଲିସ ସୋମବାର ଜଣେ ମହିଳାଙ୍କ ଗଳିତ ମୃତଦେହକୁ ଉଦ୍ଧାର କରିଛି । ଖବରଲେଖା ହେବା ସୁଦ୍ଧା (ସନ୍ଧ୍ୟା ସାଢ଼େ ୭ଟା) ମହିଳାଙ୍କ ପରିଚୟ ମିଳିପାରିନାହିଁ । ପଡା ସରପଞ୍ଚ ବିନୋଦ ବିଶ୍ୱାଳ ରେଙ୍ଗାଲିପାଲି ନାଳରେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ବିଷୟରେ ସୋମବାର ଅପରାହ୍ନରେ ପୋଲିସକୁ ଖବର ଦେଇଥିଲେ । ତୁରନ୍ତ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ପାଣିରୁ ମୃତଦେହକୁ ଉଦ୍ଧାର କରିଥିଲା । ମହିଳାଙ୍କ ଦେହରେ ବସ୍ତ୍ର ନ ଥିବା ବେଳେ ମୃତଦେହ ପଚି ଯାଇଥିଲା । ପୋଲିସ ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି । ଏ ନେଇ ବିଜେପୁର ଥାନାରେ ଏକ ମାମଲା (ନଂ.୧୧/୧୯) ରୁଜୁ କରି ଅଧିକ ତଦନ୍ତ ଚାଲିଛି । ମୃତ ମହିଳାଙ୍କ ବୟସ ୫୦ରୁ ୫୫ ମଧ୍ୟରେ ହେବ। ପରିଚୟ ଜାଣିବା ପାଇଁ ମୃତଦେହକୁ ବରଗଡ ଶବାଗାରରେ ଗଚ୍ଛିତ ରଖାହେବ ବୋଲି ପୋଲିସ କହିଛି ।

### ଶିକ୍ଷା ନିରୀକ୍ଷକଙ୍କ ଅଶାଳୀନ ଆଚରଣ ଘଟଣା

## ଅବଧି ପୂରିଲା, ସରିଲାନି ତଦନ୍ତ

ବରଗଡ଼ ଅଫିସ୍,୧୬।୧୨

ବରଗଡ଼ ଜିଲାର ୨ଟି ସ୍କୁଲର କେତେକ ଛାତ୍ରୀଛାତ୍ରଙ୍କ ପ୍ରତି ଜିଲାରେ କାର୍ଯ୍ୟରତ ଜଣେ ଶିକ୍ଷା ନିରୀକ୍ଷକ ଅଶାଳୀନ ଆଚରଣ ପ୍ରଦର୍ଶନ ଅଭିଯୋଗ ଘଟଣାକୁ ନେଇ ଚର୍ଚ୍ଚା ଥମୁନାହିଁ। ଏହି ଘଟଣା ଉପରେ ସମ୍ପୃକ୍ତ ଶିକ୍ଷା ନିରୀକ୍ଷକଙ୍କ ବିରୋଧରେ ଜିଲା ଶିକ୍ଷା ବିଭାଗ କିଭଳି କାର୍ଯ୍ୟାନୁଷ୍ଠାନ ନେଉଛି, ତାହା ଉପରେ ସଭିଁଙ୍କ ନଜର ରହିଛି। ତେବେ ଘଟଣାକୁ ନେଇ ବିଭାଗୀୟ ତଦନ୍ତ ବ୍ୟତୀତ ଅନ୍ୟ କିଛି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଅନ୍ୟପଟେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ଦେଇଥିବା ତଦନ୍ତ ନିର୍ଦ୍ଦେଶର ଅବଧି ସୋମବାର ପର୍ଯ୍ୟନ୍ତ ରହିଥିଲା। ଏହାସତ୍ତ୍ୱେ ଏପର୍ଯ୍ୟନ୍ତ ଏଭଳି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ସରିନାହିଁ । ଏ ନେଇ ଜିଲା ଶିକ୍ଷା ଅଧିକାରୀ ଯୋଶୀଙ୍କୁ ପଚାରିବାରୁ ସେ କହିଥିଲେ, ତଦନ୍ତକାରୀ ଟିମ୍ ତଦନ୍ତ ପାଇଁ ଆଉ କିଛିଦିନ ସମୟ ଦେବାକୁ ଅନୁରୋଧ କରିଥିଲେ । ଫଳରେ ଆସନ୍ତା ୨/୩ଦିନ ମଧ୍ୟରେ ତଦନ୍ତ ସାରି ରିପୋର୍ଟ ଦେବାକୁ ସେହି ଟିମ୍‌କୁ ପୁଣି ନିର୍ଦ୍ଦେଶ ଦିଆଯାଇଛି ଏବଂ ରିପୋର୍ଟ ମିଳିବା ପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି ।

ପ୍ରକାଶଥାଉକି, ଜିଲାର ଜଣେ ଶିକ୍ଷା ନିରୀକ୍ଷକ କିଛି ମାସ ତଳେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଭୁବନେଶ୍ୱରର ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନେଇଥିଲେ । ସେଠାରୁ ଫେରିବା ବାଟରେ ବସ୍ ମଧ୍ୟରେ କିଛି ଛାତ୍ରୀଙ୍କ ପ୍ରତି ସମ୍ପୃକ୍ତ ଶିକ୍ଷା ନିରୀକ୍ଷକ ଅଶାଳୀନ ଆଚରଣ ପ୍ରଦର୍ଶନ କରିଥିଲେ ଏବଂ ଘଟଣା ଉପରେ ମୁହଁ ନ ଖୋଲିବା ପାଇଁ ଛାତ୍ରୀଙ୍କୁ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି । ସେହିପରି ଅତାବିରା ବ୍ଲକର ଏକ ଘରୋଇ ଅନୁଷ୍ଠାନରେ ଚାଲିଥିବା ଅନ୍ୟ ଏକ କାର୍ଯ୍ୟକ୍ରମରେ କିଛି ଛାତ୍ରଙ୍କ ପ୍ରତି ମଧ୍ୟ ସେ ଅନୁରୂପ ବ୍ୟବହାର ଦେଖାଇଥିବା ଅଭିଯୋଗ ହୋଇଛି । ଏ ନେଇ ସ୍କୁଲ ପରିଚାଳନା କମିଟି ସଭାପତି ଜିଲାପାଳ, ଜିଲା ଶିକ୍ଷା ଅଧିକାରୀକୁ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ଗୁରୁତ୍ୱର ସହିତ ନେଇ ଜିଲା ଶିଶୁ କଲ୍ୟାଣ ସମିତି ମଧ୍ୟ ଏଥିରେ ହସ୍ତକ୍ଷେପ କରିଥିଲେ ଏବଂ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଜିଲା ଶିକ୍ଷା ଅଧିକାରୀଙ୍କୁ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତଦନ୍ତ ଆଳରେ ସମୟ ଗଡ଼ି ଚାଲିବା ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଛି ।

### ସ୍ୱତନ୍ତ୍ର ପୋଷ୍ୟ ଗ୍ରହଣ କେନ୍ଦ୍ରକୁ ଆସିଲା ଶିଶୁକନ୍ୟା

ବରଗଡ଼ ଅଫିସ୍,୧୬।୧୨

ବରଗଡ଼ ଜିଲା ପଦ୍ମପୁରର ଏକ ଡ୍ରେନରୁ ଶନିବାର ଉଦ୍ଧାର ହୋଇଥିବା ନବଜାତ ଶିଶୁକନ୍ୟାକୁ କସ୍ତୁରବା ଗାନ୍ଧୀ ମାତୃ ନିକେତନ (କେଜିଏମଏନ) ପରିଚାଳିତ ବରଗଡ଼ ସହର ଉପକଣ୍ଠ ଅମ୍ବାପାଲିସ୍ଥିତ ସ୍ୱତନ୍ତ୍ର ପୋଷ୍ୟଗ୍ରହଣ କେନ୍ଦ୍ରକୁ ଅଣାଯାଇଛି। ଏଠାରେ ଶିଶୁର ଯତ୍ନ ନିଆଯାଉ ଥିବାବେଳେ ସେ ସୁସ୍ଥ ଥିବା ଜଣାପଡ଼ିଛି । ଶିଶୁକନ୍ୟାଟି ପଦ୍ମପୁର ଏନଏସି ୱାର୍ଡ଼ ନଂ-୬ ଅଧୀନ ଶାସ୍ତ୍ରୀଛକ ନିକଟ ସାହିର ଏକ ଡ୍ରେନରୁ ଉଦ୍ଧାର ହୋଇଥିଲା । ଜଣେ ଲୋକ ଭୋର୍‌ରୁ ଉଠି ନିତ୍ୟକର୍ମ ପାଇଁ ଯାଉଥିବାବେଳେ ଡ୍ରେନରୁ ଶିଶୁର କାନ୍ଦ ଶୁଣି ସେଠାକୁ ପହଞ୍ଚିଥିଲେ । ଏକ ଅଖାରେ ଭର୍ତ୍ତି ହୋଇଥିବା ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରି ସେ ପଦ୍ମପୁର ଡାକ୍ତରଖାନାକୁ ଆଣିଥିଲେ। ରବିବାର ଚାଇଲ୍ଡ ଲାଇନର ସ୍ୱେଚ୍ଛାସେବୀମାନେ ଶିଶୁକନ୍ୟାକୁ ପଦ୍ମପୁରରୁ ବରଗଡ଼ ଜିଲା ଶିଶୁ ମଙ୍ଗଳ ସମିତିକୁ ଆଣିଥିଲେ । ଜିଲା ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶକ୍ରମେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଶିଶୁକନ୍ୟାକୁ ସ୍ୱତନ୍ତ୍ର ପୋଷ୍ୟ ଗ୍ରହଣ କେନ୍ଦ୍ରକୁ ନିଆଯାଇଥିଲା।

## କୃଷ୍ଣ ଜନ୍ମ, ପୁତନା ପ୍ରେରଣ ମଞ୍ଚସ୍ଥ

ଭେଡ଼େନ, ୧୬।୧୨(ଡ଼ି.ଏନ.ଏ)

**ଥୁଆପାଲି ଧନୁଯାତ୍ରା**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଥୁଆପାଲି ନିକଟସ୍ଥ କପାବାରି ପଡ଼ିଆରେ ଚାଲିଥିବା ଧନୁଯାତ୍ରା ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ଦେବକୀ ବସୁଦେବଙ୍କ ଷଡ଼ସନ୍ତାନ ଦର୍ପଣ ଶିଳାରେ ବିନାଶ, ସପ୍ତମ ଗର୍ଭ ଅନ୍ତର୍ଦ୍ଧାନ, କୃଷ୍ଣ ଜନ୍ମ, ବସୁଦେବଙ୍କ ଗୋପପୁର ଗମନ, ବିଜୁଳି କନ୍ୟାର ଶୁନ୍ୟବାଣୀ, ବିବ୍ରତ କଂସଙ୍କ ବିଚାର ବିମର୍ଶ, ପୁତନା ରାକ୍ଷସୀ ଆହ୍ୱାନ, ଗୋପପୁରକୁ ପ୍ରେରଣ ଆଦି କଥାବସ୍ତୁ ପରିବେଷିତ ହୋଇଥିଲା । କଂସ ଭୂମିକାରେ ଗୋପାଳ ପଣ୍ଡା ଅଭିନୟ କରୁଥିବା ବେଳେ ଅନ୍ୟ ଭୂମିକାରେ ତେଜରାଜ ସେଠ, ପାର୍ଥ ଭାଟି, ଦମୟନ୍ତୀ ବାରିକ, ଲଖିନ୍ଦ୍ର ଭୁଏ, ସଂଖ୍ୟାକାରୀ ପୋଡ଼, ଅଶ୍ୱିନୀ ଡ଼ନସନା ପ୍ରମୁଖ ଅଭିନୟ କରୁଛନ୍ତି।



ଥୁଆପାଲି କଂସ ଦରବାରର ଏକ ଦୃଶ୍ୟ ।

## ଇଲେକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁ ସୁପରିଚାଳନା ଜରୁରୀ

ବରଗଡ଼ ଅଫିସ୍,୧୬।୧୨

ସମାଜରେ ବର୍ତ୍ତମାନ ଇଲେକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରତିକୂଳ ପ୍ରଭାବ ଆଶଙ୍କା ପ୍ରକାଶ ପାଇଛି । ଏଭଳିସ୍ଥଳେ ସୁପରିଚାଳନା ସମାଜ ପାଇଁ ଏକ ଆହ୍ୱାନ ହୋଇଛି । ବରଗଡ଼ ଜିଲାସ୍ତରୀୟ ବିଜ୍ଞାନମେଳାର ସୋମବାର ଦ୍ୱିତୀୟ ଦିବସରେ ଆୟୋଜିତ ବିଜ୍ଞାନ ଆଲୋଚନାଚକ୍ର (ସେମିନାର)ରେ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ ଇଲେକ୍ଟ୍ରୋନିକ୍ସ ଓ ଇନଫର୍ମେଶନ ଟେକ୍ନୋଲୋଜି, ଓଡ଼ିଶା ଜୋନର ନିର୍ଦ୍ଦେଶକ ଭି. କ୍ରିଷ୍ଣମୂର୍ତ୍ତି ଏଭଳି ମତପ୍ରକାଶ କରିଛନ୍ତି। ଏହାସହିତ ମୋବାଇଲ ଫୋନ ବ୍ୟବହାର ସମୟରେ କିଭଳି ବିଭିନ୍ନ ଆପ୍ସ ଗୁଡ଼ିକୁ ସୁରକ୍ଷିତ ଭାବେ ବ୍ୟବହାର କରାଯାଇପାରିବ ସେ ବିଷୟରେ କ୍ରିଷ୍ଣମୂର୍ତ୍ତି ବିସ୍ତୃତ ଆଲୋଚନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ପ୍ରାଣୀବିଜ୍ଞାନ ବିଭାଗର ଆସୋସିଏଟ ପ୍ରଫେସର ଡଃ ପ୍ରଶାନ୍ତ କୁମାର ନନ୍ଦ ଯୋଗଦାନ କରି କାଗଜକୁ ବ୍ୟବହାର କରି ମାଇକ୍ରୋସ୍କୋପ ଦ୍ୱାରା ବିକାଶଠାରୁ ଅପହଞ୍ଚ ଗାଁ ଗହଳିରେ କିଭଳି ମ୍ୟାଲେରିଆ ଜୀବାଣୁ ଚିହ୍ନଟ କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏନଆଇଏରୁ ଆସିଥିବା ଅବିନାଶ ସାମଲ ବିଜ୍ଞାନ ମଡ଼େଲ ପ୍ରସ୍ତୁତରେ ଅବଲମ୍ବନୀୟ କୌଶଳ ଉପରେ ଆଲୋକପାତ କରିଥିଲେ। ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷକ ଅମୃତା ସାହୁ, ଆର.ବି ହାଇସ୍କୁଲର ପ୍ରଧାନଶିକ୍ଷକ ସରୋଜ କୁମାର ଭୋଇ, ଏ.ଇ ମିଶନ ସ୍କୁଲର ଚେୟାରମ୍ୟାନ ଡଃ ଯଶବୀର ସିଂ, ସରକାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ନାରାୟଣ ବିଶ୍ୱାଳ ପରିଚାଳନା କରିଥିଲେ ।




ଆଲୋଚନାଚକ୍ରରେ ଆଲୋଚକ ନିଜ ମତ ରଖୁଛନ୍ତି ।



ମୋ ଡିଏନ୍ଏରେ କେବଳ କମର୍ସିଆଲ ଫିଲ୍ମ ଲେଖାଅଛି, ଏହା କେବେହେଲେ ପରିବର୍ତ୍ତନ ହୋଇପାରିବ ନାହିଁ।
- କରୀନା କପୁର, ବଲିଉଡ୍ ଅଭିନେତ୍ରୀ



କିୟାରା ଆଡ୍ଭାନୀ

# 'କବୀର ସିଂ'କୁ ନେଇ କିୟାରାଙ୍କ ଖୁଲାସା

**ମୁମ୍ବାଇ:** ଶାହୀଦ୍ କପୁର ଏବଂ କିୟାରା ଆଡ୍ଭାନୀ ଅଭିନୀତ ବଲିଉଡ୍ ଫିଲ୍ମ 'କବୀର ସିଂ' ସୁପରହିଟ୍ ହୋଇଥିଲେ ମଧ୍ୟ ବିବାଦରେ ରହିଥିଲା। ଫିଲ୍ମର କିଛି ଦୃଶ୍ୟକୁ ନେଇ ବିଭିନ୍ନ ମହଲରେ ଆପତ୍ତି ସୃଷ୍ଟି ହୋଇଥିଲା। କିନ୍ତୁ ସବୁ ପରେ ବି ଫିଲ୍ମକୁ ଦର୍ଶକେ ପସନ୍ଦ କରିଥିଲେ। ଉଭୟ ଶାହୀଦ୍ ଏବଂ କିୟାରା ନିଜର ଦମ୍‌ଦାର ଅଭିନୟ ପାଇଁ ଖୁବ୍ ପ୍ରଶଂସା ସାଉଁଟିଥିଲେ। ତେବେ କିୟାରା ନିଜେ ମଧ୍ୟ ଫିଲ୍ମର କିଛି ଦୃଶ୍ୟକୁ ନେଇ ଅସହଜ ଅନୁଭବ କରିଥିବା ଖୁଲାସା କରିଛନ୍ତି।

କିୟାରା ନିଜ ଅପ୍‌କମିଂ ଫିଲ୍ମ 'ଗୁଡ୍ ନ୍ୟୁଜ୍'ର ରିଲିଜ୍‌କୁ ଅପେକ୍ଷା କରିଛନ୍ତି। ଫିଲ୍ମଟି ଡିସେମ୍ବର ୨୭ରେ ରିଲିଜ୍ ହେବ। ଏନେଇ ସେ ଫିଲ୍ମ ପ୍ରମୋଶନ ପାଇଁ ଖୁବ୍ ବ୍ୟସ୍ତ ଅଛନ୍ତି। ଏହାରି ଭିତରେ ସେ ଫିଲ୍ମ 'କବୀର ସିଂ'ର ବିବାଦକୁ ନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଫିଲ୍ମର କିଛି ଦୃଶ୍ୟକୁ ନେଇ ତାଙ୍କର ଆପତ୍ତି ଥିଲା। କିଛି ଦୃଶ୍ୟ ତାଙ୍କୁ ବିଲ୍‌କୁଲ୍ ପସନ୍ଦ ନ ଥିଲା। ଏଣୁ ସେ ଅଭିନୟ କରିବା ସମୟରେ ଅସହଜ ଅନୁଭବ କରୁଥିଲେ। ତଥାପି ସେ ଏଥିରେ ଅଭିନୟ କରିଥିଲେ। ହେଲେ ସେହି ସବୁ ଦୃଶ୍ୟ ପାଇଁ ଅନ୍ୟ ଲୋକ ମଧ୍ୟ ଅସହଜ ଅନୁଭବ କଲେ। କାରଣ 'କବୀର ସିଂ'ର ହିଂସ୍ରକ ରୂପକୁ ସେମାନେ ସହଜରେ ଗ୍ରହଣ କରିପାରିଲେ ନାହିଁ। କିୟାରା ପୁଣି କହିଛନ୍ତି, ଏଭଳି ଫିଲ୍ମରେ ଅଭିନୟ କରିବାରୁ ଲୋକେ ଉଭୟ ଫିଲ୍ମ ଏବଂ ତାଙ୍କ ଅଭିନୟକୁ ନେଇ ଆଲୋଚନା କଲେ। ଆଉ ଏଥିପାଇଁ ସେ ଖୁବ୍ ଖୁସି। ହେଲେ ଆଗକୁ ଏ ନେଇ ଅଧିକ ଆଲୋଚନା ଚାହୁଁ ନାହାନ୍ତି ବୋଲି କିୟାରା କହିଛନ୍ତି। ଫିଲ୍ମ 'କବୀର ସିଂ' ତେଲୁଗୁ ଫିଲ୍ମ 'ଅର୍ଜୁନ୍ ରେଡ୍ଡୀ'ର ହିନ୍ଦୀ ରିମେକ୍ ଥିଲା। ଅନ୍ୟପକ୍ଷରେ କିୟାରା 'ଗୁଡ୍ ନ୍ୟୁଜ୍' ବ୍ୟତୀତ 'ଭୁଲ୍ ଭୁଲୈୟା-୨', 'ଲକ୍ଷ୍ମୀ ବମ୍ବ', 'ଶେରଶାହ' ଏବଂ 'ଇନ୍ଦୁ କି ଜୱାନୀ' ଫିଲ୍ମରେ ନଜରକୁ ଆସିବେ।




ITBP Matrimonial Portal

# ଆଇଟିବିପିର ମାଟ୍ରିମନି ସାଇଟ୍

**ନୂଆଦିଲ୍ଲୀ:** ଇଣ୍ଡୋ-ଟିବେଟାନ ବର୍ଡର ପୋଲିସ (ଆଇଟିବିପି) ପକ୍ଷରୁ ମାଟ୍ରିମନି ସାଇଟ୍ ଆରମ୍ଭ କରାଯାଇଛି। ଏହି ପୋର୍ଟାଲ ଅବିବାହିତ, ବିଧବା, ବିପତ୍ନୀକ, ଛାଡ଼ପତ୍ର ହୋଇସାରିଥିବା ଯବାନ ଏବଂ କର୍ମଚାରୀଙ୍କ ପାଇଁ ନୂତନ ଜୀବନସାଥୀ ଖୋଜିବାରେ ସହାୟକ ହେବ।

ଅନ୍ତଃରାଷ୍ଟ୍ରୀୟ ସୀମା ଏବଂ ପାହାଡ଼ିଆ ଇଲାକାରେ ସୁରକ୍ଷା ଲାଗି ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ନେଇଥାନ୍ତି ଆଇଟିବିପି ଯବାନ। ମୁଖ୍ୟତଃ ଭାରତ-ତିବ୍ବତ, ଭାରତ-ଚାଇନା ସୀମାନ୍ତରେ ଏହି ଅର୍ଦ୍ଧ ସାମରିକ ବଳ ନିୟୋଜିତ ଅଛନ୍ତି। ଆଇଟିବିପିରେ ବିଭିନ୍ନ ର୍‍ୟାଙ୍କ୍‌ର ୨୫୦୦୦ ଅବିବାହିତ ପୁରୁଷ ଏବଂ ୧୦୦୦ ମହିଳା ଅଛନ୍ତି। ଯବାନମାନେ ଅଧିକାଂଶ ସମୟ ପରିବାରଠାରୁ ଦୂରରେ ଦେଶର ସୁରକ୍ଷାରେ ନିୟୋଜିତ ହୋଇଥାନ୍ତି। ଏହି କାରଣରୁ ସେମାନଙ୍କ ଲାଗି ଉପଯୁକ୍ତ ଜୀବନସାଥୀ ଖୋଜିବା ପରିବାର ପକ୍ଷେ କଷ୍ଟକର ହେଉଛି। ଆରମ୍ଭ ହୋଇଥିବା ମାଟ୍ରିମନି ସାଇଟ୍ ଏହାର ସମାଧାନ କରିପାରିବ ବୋଲି ଆଶାବ୍ୟକ୍ତ କରାଯାଉଛି।

ଆଇଟିପିବିରେ କାର୍ଯ୍ୟରତ ଅଧିକାଂଶ ଯବାନ ଏବଂ କର୍ମଚାରୀ ନିଜ କାର୍ଯ୍ୟକ୍ଷେତ୍ର ଭିତରେ ଜୀବନସାଥୀ ଚାହୁଁଛନ୍ତି। ଏପରି ହେଲେ ସରକାରୀ ନିୟମ ଅନୁଯାୟୀ ସେମାନଙ୍କୁ ଗୋଟିଏ ସ୍ଥାନରେ ରହିବାର ସୁଯୋଗ ମିଳିବ। ଅନ୍ୟପଟେ ଆଇଟିବିପିରେ କାର୍ଯ୍ୟ କରୁଥିବାରୁ ଜଣେ ଅନ୍ୟଜଣଙ୍କ ଆବଶ୍ୟକତାକୁ ସହଜରେ ବୁଝିପାରିବେ। ଏହାକୁ ନଜରରେ ରଖି ସଙ୍ଗଠନ ମହାନିର୍ଦ୍ଦେଶକ ସୁରଜିତ ସିଂ ଦେଶୱାଲ ଆଇଟିବିପିର ଏକ ସ୍ୱତନ୍ତ୍ର ମାଟ୍ରିମୋନିଆଲ ସାଇଟ୍‌ର ବିକାଶ କରିବାକୁ ଆଇଟି ବିଭାଗକୁ କହିଥିଲେ।

ଆଇଟିବିପି ପ୍ରବକ୍ତା ବିବେକ କୁମାର ପାଣ୍ଡେ କୁହନ୍ତି, ପୋର୍ଟାଲରେ ଅଦ୍ୟାବଧି ୧୫୦ ଯବାନ ଏବଂ କର୍ମଚାରୀ ନାମ ପଞ୍ଜୀକରଣ କରିସାରିଲେଣି। ଏହି ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସୌରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ଅଧିକାରୀଙ୍କ କହିବା କଥା, ୧୯୬୨ ଅକ୍ଟୋବର ୨୪ରେ ସ୍ଥାପନ ହୋଇଥିଲା ଆଇଟିବିପି। ଏହି ଅର୍ଦ୍ଧ ସାମରିକ ବଳରେ ୫୬ ବାଟାଲିୟନ କାର୍ଯ୍ୟରତ। ଏଥିସହ ୪ ସ୍ୱତନ୍ତ୍ର ବାଟାଲିୟନ ରହିଛି। ମୋଟ ୯୦ ହଜାର କର୍ମଚାରୀ ଆଇଟିବିପିରେ କାର୍ଯ୍ୟରତ ଅଛନ୍ତି।

# ବନାଞ୍ଚଳର ସ୍ମାର୍ଟସ୍କୁଲ୍



**ବିଲାସପୁର:** ବନାଞ୍ଚଳର ସରକାରୀ ସ୍କୁଲ୍, ପୁଣି ସ୍ମାର୍ଟସ୍କୁଲ୍। ଏକଥା ଭାବିବାବେଳକୁ ଆଶ୍ଚର୍ଯ୍ୟ ଲାଗୁଛି। କିନ୍ତୁ ଏମିତି ଏକ ସରକାରୀ ସ୍କୁଲ୍ ରହିଛି ଛତିଶଗଡ଼ର ବିଳାଶପୁର ଜିଲାରେ। ମରବାହି ବ୍ଲକ୍‌ର ବନାଞ୍ଚଳ ଅନ୍ତର୍ଗତ ନାକା ଗାଁରେ ରହିଛି ଏହି ସ୍କୁଲ୍। ଆଦିବାସୀ ପିଲାମାନେ ଏଠାରେ ପଢନ୍ତି। ଦେଖିବାକୁ ଗଲେ ସରକାରୀ ସ୍କୁଲ , କିନ୍ତୁ ଏହାର ବ୍ୟବସ୍ଥା କୌଣସି ଆଗୁଆ ବେସରକାରୀ ସ୍କୁଲ୍‌ଠାରୁ କିଛି କମ୍ ନାହିଁ। ଏହି ସ୍ମାର୍ଟସ୍କୁଲର ମିଡିଲ୍ କ୍ଲାସ୍‌ର ପିଲାମାନଙ୍କ ପାଇଁ ଇ-କ୍ଲାସ୍ ବ୍ୟବସ୍ଥା କରାଯାଇଛି ଓ ସେମାନେ ହାଇଟେକ୍ କମ୍ପ୍ୟୁଟର ଲ୍ୟାବ୍‌ରେ ପଢୁଛନ୍ତି। ମଡେଲ ସ୍କୁଲ୍ ଭାବେ ପରିଚୟ ପାଇଥିବା ଏହି ସ୍କୁଲ୍‌ରେ ଶିକ୍ଷାର ଜ୍ୟୋତି ପ୍ରଜ୍ୱଳିତ ହେଉଛି। ସ୍କୁଲ୍‌ର ଦୁଇଜଣ ଶିକ୍ଷକ ଉତ୍ସର୍ଗୀକୃତ ମନୋଭାବ ନେଇ ପିଲାମାନଙ୍କୁ ପଢାଉଛନ୍ତି।

# ଗାଈକୁ କମ୍ବଳ ଦାନକଲେ ମିଳିବ ବନ୍ଧୁକ ଲାଇସେନ୍ସ



**ଗ୍ୱାଲିୟର:** ମଧ୍ୟପ୍ରଦେଶର ଗ୍ୱାଲିୟର ପ୍ରଶାସନ ଏକ ଅଜବ ନିର୍ଦ୍ଦେଶ ଜାରି କରିଛି। ବନ୍ଧୁକ ଲାଇସେନ୍ସ ଲାଗି ଆବେଦନ କରିଥିବା ବ୍ୟକ୍ତି ୧୦ଟି ଗାଈକୁ କମ୍ବଳ ଦାନ କଲେ ତାଙ୍କୁ ଲାଇସେନ୍ସ ଦିଆଯିବ ବୋଲି ସର୍ତ୍ତ ରଖାଯାଇଛି। ଜିଲା ଅଧିକାରୀ ଅନୁରାଗ ଚୌଧୁରୀ ଗ୍ୱାଲିୟରର ଏକ ସରକାରୀ ଗୋଶାଳାରେ ୬ଟି ଗାଈ ପ୍ରବଳ ଥଣ୍ଡାରେ ମରିଯିବା ଦେଖିଥିଲେ। ପରେ ଗ୍ୱାଲିୟର ନଗରନିଗମ ଅଧୀନରେ ଗୋଲାମନ୍ଦିର ଓ ଲାଲ ଟିପାରାରେ ଦୁଇଟି ଗୋଶାଳାରେ ଥିବା ୮ ହଜାରରୁ ଅଧିକ ଗାଈଙ୍କୁ ଥଣ୍ଡାରୁ ସୁରକ୍ଷା ଦେବା ପାଇଁ ସେ ଏହି ସର୍ତ୍ତ ରଖିଛନ୍ତି। ଚମ୍ବଲ ଅଞ୍ଚଳରେ ଲୋକମାନଙ୍କ ବନ୍ଧୁକ ରଖିବାର ସଉକ ବେଶି। ଗ୍ୱାଲିୟର ଚମ୍ବଲ ଅଞ୍ଚଳରେ ଆସୁଥିବାରୁ ଲୋକମାନେ କମ୍ବଳ ଦାନ କରି ବନ୍ଧୁକ ଲାଇସେନ୍ସ ନେବା ଲାଗି କୁହାଯାଇଛି। ଏହା ପୂର୍ବରୁ ଜୁନ୍‌ମାସରେ ବନ୍ଧୁକ ଲାଇସେନ୍ସ ଆବେଦନକାରୀମାନଙ୍କ ପାଇଁ ଏଭଳି ଆଉ ଏକ ସର୍ତ୍ତ ରଖାଯାଇଥିଲା। ଆବେଦନକାରୀ ଗୋଟିଏ ଗଛ ଲଗାଇ ତା'ସହ ସେଲ୍‌ଫି ନେଇ ଆବେଦନ ପତ୍ରରେ ସଂଲଗ୍ନ କରି ପଠାଇବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। କେବଳ ଏତିକି ନୁହେଁ ଚମ୍ବଲ ଅନ୍ତର୍ଗତ ମୁରୋନାର ସରକାରୀ ବିଦ୍ୟୁତ୍ କମ୍ପାନୀ ଲୋକମାନଙ୍କୁ ବିଦ୍ୟୁତ ବିଲ୍ ଜମା କରିବା ଲାଗି କହିଲେ ଉପଭୋକ୍ତାମାନେ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥାନ୍ତି। ଏଣୁ ଯିଏ ବିଦ୍ୟୁତ ବିଲ୍ ଜମା କରିବେନି ସେମାନଙ୍କର ବନ୍ଧୁକ ଲାଇସେନ୍ସ ରଦ୍ଦ କରାଯିବା ଲାଗି ବିଦ୍ୟୁତ କମ୍ପାନୀ ଜିଲା ପ୍ରଶାସନକୁ ଅନୁରୋଧ କରିଛି।

# ପାଞ୍ଚଜଣଙ୍କୁ ନୂଆ ଜୀବନ ଦେଇଗଲେ ଶିଳା



**ସୁରଟ୍:** ନିଜ ଜୀବନ ତ ବଞ୍ଚାଇପାରିଲେନି, କିନ୍ତୁ ୫ ଜଣଙ୍କୁ ନୂଆ ଜୀବନ ଦେଇଯାଇଛନ୍ତି ଜଣେ ମହିଳା। ଆମେରିକାର ଗ୍ରୀନଉଡ୍ ସାଉଥ୍ କାରୋଲିନାରେ ରହୁଥିବା ଏହି ମହିଳା ହେଉଛନ୍ତି ଶିଳା ଅନିମେଶ ଦେଶାଇ। ସ୍ୱାମୀ ଅନିମେଶଭାଇ, ଗୋଟିଏ ପୁଅ ଓ ଝିଅଙ୍କୁ ନେଇ ତାଙ୍କ ସଂସାର। ତାଙ୍କ ଭଣଜାଙ୍କ ବାହାଘର ଲାଗି ୨୧ ନଭେମ୍ବରରେ ସେ ଆମେରିକାରୁ ସପରିବାର ସୁରଟ୍ ଆସିଥିଲେ। ଶପିଂ ପାଇଁ ତାଙ୍କ ଭଉଣୀଙ୍କ ସହ ଆକ୍ଟିଭାରେ ଯାଉଥିବାବେଳେ ଶିଳା ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଡାକ୍ତର ତାଙ୍କୁ ବ୍ରେନ ଡେଡ୍ ଘୋଷଣା କରିଥିଲେ। ଏହାପରେ ତାଙ୍କ ଆତ୍ମୀୟମାନେ ଶିଳାଙ୍କ କିଡ୍‌ନୀ, ଲିଭର ଓ ଦୁଇ ଆଖି ଦାନ କରିଦେଇଛନ୍ତି। ଶିଳା ଆମେରିକାରେ ଡ୍ରାଇଭିଂ ଲାଇସେନ୍ସ କରିବା ସମୟରେ ଅଙ୍ଗଦାନ କରିବା ଲାଗି ପଞ୍ଜିକରଣ କରିଥିଲେ। ଅହମଦାବାଦ୍‌ର ଆଇକେଡିଆର୍‌ସିକୁ କିଡ୍‌ନୀ ଓ ଲିଭର୍ ଦିଆଯାଇଛି। ଆଖିକୁ ଲୋକଦୃଷ୍ଟି ଆଇବ୍ୟାଙ୍କ୍‌କୁ ପ୍ରଦାନ କରାଯାଇଛି।

# ମା'ଙ୍କ ଅଭାବ ପୂରଣ କରୁଛି ଫଟୋ

ମା'କୁ ଗୋଟିଏ ମୁହୂର୍ତ୍ତ ପାଖରେ ନ ପାଇ ଛୁଆ ଅସମ୍ଭାଳ ହୋଇଥାଏ। ତା' ବିନା ଦୁନିଆରେ କେହି ମଧ୍ୟ ଛୁଆଟିକୁ ବୁଝାଇବା କଷ୍ଟକର ହୋଇଥାଏ। ସେ ପାଖରେ ଥିଲେ ସତେ ଯେମିତି ଶିଶୁଟି ଦୁନିଆର ସବୁ ଶକ୍ତି ପାଇଯାଇଥାଏ। ମା' ମଧ୍ୟ ନିଜ ସନ୍ତାନକୁ ଖୁସିରେ ରଖିବାପାଇଁ ସବୁ କିଛି କରିପାରେ। ହେଲେ ଜାପାନରେ ଜଣେ ମହିଳା ନିଜ ଅନୁପସ୍ଥିତିରେ ବର୍ଷକର ପୁଅ କିପରି ନ କାନ୍ଦି ଶାନ୍ତ ରହିବ ସେଥିପାଇଁ ଏକ ଅଭିନବ ଉପାୟ ଖୋଜିଛନ୍ତି। ସେ ନିଜର ଫଟୋ ଘରର ବିଭିନ୍ନ ସ୍ଥାନରେ ରଖିଛନ୍ତି। ଏହାକୁ ଦେଖି ଶିଶୁଟି ମଧ୍ୟ ବେଶ୍ ଖୁସିରେ ଖେଳୁଥିବା ଦେଖିବାକୁ ମିଳିଛି। ଜଣେ ଟୁଇଟର୍ ବ୍ୟବହାରକାରୀ ଏହାର ଏକ ଫଟୋ ଏବଂ ଭିଡିଓ ଶେୟାର କରିଛନ୍ତି। ଏଥିରେ ଶିଶୁଟି ଫଟୋକୁ ନିଜର ମା' ଭାବି ତାହା ସାମ୍ନାରେ ଖେଳୁଥିବା ନଜରକୁ ଆସିଛି। ଏହାକୁ ଟୁଇଟରରେ କେତେକେ ଭଲ ଉପାୟ ବୋଲି କହିଥିବାବେଳେ ଅନେକେ ଏହା ଶିଶୁଟି ଉପରେ ଖରାପ ପ୍ରଭାବ ପକାଇବ ବୋଲି ମଧ୍ୟ କହିଛନ୍ତି।



# ସିନେପ୍ରେମୀଙ୍କ ଡିମାଣ୍ଡ 'ଦୀପିକା-ହ୍ରିତିକ୍'

**ମୁମ୍ବାଇ:** ଡିସେମ୍ବର ୧୪ରେ ବଲିଉଡ୍ ଆକ୍ଟର ତଥା କରୀନା କପୁର ଖାନ୍‌ଙ୍କ କଜିନ୍ ଅର୍‌ମାନ ଜୈନ୍‌ଙ୍କ ନିର୍ବନ୍ଧ ଥିଲା। ଏହି ଅବସରରେ କପୁର ପରିବାର ବ୍ୟତୀତ ବହୁ ବଲିଉଡ୍ ତାରକା ଉପସ୍ଥିତ ଥିଲେ। ସେରିମୋନିରେ କରୀନା, ସୈଫ୍ ଅଲୀ ଖାନ୍, ଦୀପିକା ପାଦୁକୋନ୍, ହ୍ରିତିକ୍ ରୋଶନ୍, ଅନିଲ କପୁର, ଅନନ୍ୟା ପାଣ୍ଡେ, ଭୂମି ପାଡନେକର୍, ରବିନା ଟେଣ୍ଡନ୍, ତବ୍ବୁ, ତାପସୀ ପନ୍ନୁ ଏବଂ ରାଧିକା ଆପଟେ ପ୍ରମୁଖ ଯୋଗଦେଇଥିଲେ। ବି-ଟାଉନ୍‌ର ତାରକାମାନେ ସେରିମୋନିରେ ଖୁବ୍ ମଜାମସ୍ତି କରିବା ସହ ସେଲ୍‌ଫି ନେଇଥିଲେ। ତେବେ ଏହିସବୁ ସେଲ୍‌ଫି ଫଟୋ ଭିତରୁ ଗୋଟିଏ ଫଟୋକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି। ସୋସିଆଲ ମିଡିଆରେ ଚର୍ଚ୍ଚିତ ଫଟୋଟି ହେଲା ଦୀପିକା-ହ୍ରିତିକ୍‌ଙ୍କର। ଉଭୟଙ୍କ ଏକ କ୍ଲୋଜ୍-ଅପ୍ ସେଲ୍‌ଫି ଦେଖି ଦର୍ଶକ ଖୁବ୍ ଖୁସି ହୋଇଯାଇଛନ୍ତି। ଫଟୋଟିକୁ ଅନେକ ମାତ୍ରାରେ ସୋସିଆଲ ମିଡିଆରେ ଲାଇକ୍ ଆଉ କମେଣ୍ଟ ମିଳୁଛି। ଦର୍ଶକେ ଏହାକୁ ଏତେ ପସନ୍ଦ କରିଛନ୍ତି ଯେ, ଉଭୟଙ୍କୁ ଏକାଠି ଦେଖିବାକୁ ଅନୁରୋଧ ମଧ୍ୟ କରୁଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଦୀପିକା ଏବଂ ହ୍ରିତିକ୍ କୌଣସି ଫିଲ୍ମରେ ଏକାଠି ଅଭିନୟ କରିବାର ସୁଯୋଗ ପାଇନାହାନ୍ତି। ହ୍ରିତିକ୍‌ଙ୍କ ପାଇଁ ୨୦୧୯ କ୍ୟାରିୟର୍‌ର ସବୁଠାରୁ ସଫଳ ବର୍ଷ କୁହାଯାଉଥିବାବେଳେ ଫିଲ୍ମ 'ଛପାକ୍'ର କେବଳ ଟ୍ରେଲର ହିଁ ବର୍ଷର ଶେଷ ସମୟରେ ଦୀପିକାଙ୍କୁ ଚର୍ଚ୍ଚାର ଶୀର୍ଷରେ ପହଞ୍ଚାଇଛି। ଏପଟେ ଉଭୟଙ୍କ ସେଲ୍‌ଫି ଦେଖିଲା ପରେ ସିନେପ୍ରେମୀଙ୍କ କେବଳ ଗୋଟିଏ ଡିମାଣ୍ଡ ହେଲା ଦୀପିକା-ହ୍ରିତିକ୍‌ଙ୍କୁ ବଡ଼ପରଦାରେ ଏକାଠି ଦେଖିବା। ଆମେ ବି ଆଗାମୀ ଦିନରେ ଉଭୟ ଏକ ଦମ୍‌ଦାର ପ୍ରୋଜେକ୍ଟରେ ଏକାଠି ଅଭିନୟ କରିବେ ବୋଲି ଆଶା କରୁଛୁ।





ଭଲ କାମଟିଏ କଲେ ବିଳମ୍ବରେ ହେଉ
ପଛକେ ନିଶ୍ଚୟ ପୁରସ୍କାର ମିଳେ।
- ଭଲଟାୟାର

# ଓଡ଼ିଶା ଫେରିବ ଡାକୋଟା ବିମାନ

■ ଭାରତୀୟ ବିମାନବନ୍ଦର ପ୍ରାଧିକରଣ କର୍ତ୍ତୃପକ୍ଷଙ୍କଠାରୁ ଆସିଲା ଚିଠି
■ ରାଜ୍ୟ ସରକାର ନ ଆଣିଲେ ବିମାନ ଆଣିବ ଜଗନ୍ନାଥ ସେନା
■ ଅର୍ବାନ ହାଟରେ ବିଜୁବାବୁଙ୍କ ସମାଧି, ବିମାନ ସ୍ଥାପନ ଦାବି

ପୁରୀ ଅଫିସ,୧୬।୧୨:
ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତି ସହ ଜଡ଼ିତ ଡାକୋଟା ବିମାନ ଓଡ଼ିଶା ଫେରିବା ସମ୍ଭାବନା ସୃଷ୍ଟି ହୋଇଛି। ଏହି ବିମାନକୁ ଓଡ଼ିଶାକୁ ଫେରାଇବା ଲାଗି ଶ୍ରୀଜଗନ୍ନାଥ ସେନା ଗତ ଅକ୍ଟୋବର ୧୦ରେ ନୂଆଦିଲ୍ଲୀରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଥିଲା। ଭାରତୀୟ ବିମାନବନ୍ଦର ପ୍ରାଧିକରଣ କର୍ତ୍ତୃପକ୍ଷ ଏଥିପାଇଁ ଅନୁମତି ଦେଇଛନ୍ତି। ଶ୍ରୀଜଗନ୍ନାଥ ସେନା ପାଖକୁ ଆସିଥିବା ଏ ସଂକ୍ରାନ୍ତ ଚିଠିରେ ଦର୍ଶାଯାଇଛି, ବିଜୁବାବୁଙ୍କ ବୀରତ୍ୱର ଗାଥା ବହନ କରୁଥିବା ଏହି ବିମାନକୁ ନେବା ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି କୌଣସି ସମ୍ମାନଜନକ ସ୍ଥାନରେ ସ୍ଥାପନ କରାଇପାରିଲେ ଏହା ହିଁ ତାଙ୍କ ପ୍ରତି ପ୍ରକୃତ ସମ୍ମାନ ହେବ। ସେହିପରି ୨୦୧୭ ଡିସେମ୍ବରରେ ଭାରତୀୟ ବିମାନବନ୍ଦର ପ୍ରାଧିକରଣଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି କରାଯାଇଥିଲା। ଏହି ବିମାନକୁ ନେଇ ବିଜୁ ପଟ୍ଟନାୟକ ବିମାନବନ୍ଦର କିମ୍ବା ସଂଗ୍ରହାଳୟରେ ପ୍ରଦର୍ଶନ କରିବାକୁ କୁହାଯାଇଥିଲା। କିନ୍ତୁ ଏ ଦିଗରେ ରାଜ୍ୟ ସରକାର କାହିଁକି ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଶ୍ରୀଜଗନ୍ନାଥ ସେନା ପ୍ରଶ୍ନ କରିଛି।

ସୋମବାର ଅର୍ବାନ ହାଟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଏହି ବିମାନ ଓଡ଼ିଶାକୁ ଫେରାଇ ଆଣିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ସେ କହିଛନ୍ତି, କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିଜୁବାବୁଙ୍କ ପ୍ରିୟ ଡାକୋଟା ଡିସି-୩ ବିମାନ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏହି ବିମାନ ପାଇଁ ଓଡ଼ିଆ ପୁଅ ତଥା ଦୁର୍ଦ୍ଧର୍ଷ ପାଇଲଟ ବିଜୁବାବୁ ଦିନେ ବିଶ୍ୱବାସୀଙ୍କୁ ଚମକାଇ ନିଜ ଦୁଃସାହସିକତାର ପ୍ରମାଣ ଦେଇଥିଲେ। ସେ ଡାକୋଟା ବିମାନରେ ୧୯୪୭ ଜୁଲାଇ ୨୨ରେ ଇଣ୍ଡୋନେସିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁଲତାନ ସାହରିରଙ୍କୁ ଜାଭା ଦ୍ୱୀପରୁ ଡଚ୍ ସେନା କବଳରୁ ମୁକ୍ତ କରି ନେଇଆସିଥିଲେ। ତେବେ ବିଜୁବାବୁଙ୍କ ସ୍ମୃତି ସହ ଜଡ଼ିତ ଏହି ବିମାନକୁ ସ୍କ୍ରାପ୍ ଦରରେ ବିକ୍ରି ପାଇଁ ମସୁଧା ହେଉଥିବା ଜଣାପଡ଼ିବା ପରେ ଶ୍ରୀଜଗନ୍ନାଥ ସେନା ଏହାକୁ ଓଡ଼ିଶା ଫେରାଇ ଆଣିବାକୁ ଅଣ୍ଟାଭିଡ଼ିଛି। ଏ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ରାଜ୍ୟ ସରକାର ୧୫ଦିନ ମଧ୍ୟରେ ଏହାକୁ ଆଣିବା ପାଇଁ ପଦକ୍ଷେପ ନିଅନ୍ତୁ, ନଚେତ୍ ଟଙ୍କାଏ ଟଙ୍କାଏ ଭିକ୍ଷା ମାଗି ଶ୍ରୀ ଜଗନ୍ନାଥ ସେନା କୋଲକାତାରୁ ଏହି ବିମାନ ଆଣିବ। ସ୍ୱର୍ଗଦ୍ୱାରରୁ ବିଜୁବାବୁଙ୍କ ସମାଧି ହଟିବା ପରେ ସେହି ସମାଧି, ଡାକୋଟା ବିମାନ ଏବଂ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଅର୍ବାନ ହାଟରେ ସ୍ଥାପନ କରାଯାଉ। ଏହାଦ୍ୱାରା ପର୍ଯ୍ୟଟକମାନେ ଓଡ଼ିଆ ପୁଅର ବୀରତ୍ୱ ଏବଂ ଜୀବନୀ ସମ୍ପର୍କରେ ଜାଣିପାରିବେ ବୋଲି ପଟ୍ଟନାୟକ କହିଛନ୍ତି।

# ପ୍ଲାଷ୍ଟିକ ଦେଇ ‘ଆହାର’ ଖାଇଲେ



ବର୍ଜ୍ୟ ପ୍ଲାଷ୍ଟିକ୍ ଦେଇ ଆହାର କେନ୍ଦ୍ରରେ ଲୋକମାନେ ଖାଦ୍ୟ ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)- ସ୍ମାର୍ଟସିଟି ଭୁବନେଶ୍ୱରକୁ ଦେଶର ସ୍ୱଚ୍ଛ ସର୍ବେକ୍ଷଣ ତାଲିକାର ଶୀର୍ଷରେ ପହଞ୍ଚାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଉଦ୍ୟମ ଜାରି ରଖିଛି। ଇତିମଧ୍ୟରେ ଅନେକ ବୃହତ୍ ଯୋଜନା ହାତକୁ ନିଆଯାଇଥିବାବେଳେ ଏବେ ଆଉଏକ ଅଭିନବ ପ୍ରୟାସ କରିଛି ବିଏମ୍‌ସି। ସୋମବାରଠାରୁ ବିଏମ୍‌ସି ଅଧୀନରେ ଥିବା ୧୧ ଆହାର କେନ୍ଦ୍ରରେ ଆରମ୍ଭ ହୋଇଛି ବର୍ଜ୍ୟ ପ୍ଲାଷ୍ଟିକ ବଦଳରେ ମିଲ୍ ବ୍ୟବସ୍ଥା। କଳ୍ପନା ଛକସ୍ଥିତ ଆହାର କେନ୍ଦ୍ରରେ ପ୍ରଥମେ ଜଣେ ସାଧାରଣ ନାଗରିକ ଫିତାକାଟି ଯୋଜନାର ଶୁଭାରମ୍ଭ କରିଥିଲେ। ପରେ ଏହା ଅନ୍ୟସବୁଠି କାର୍ଯ୍ୟକାରୀ କରାଯାଇଥିଲା। ଲୋକେ ଅଧକେଜି ପ୍ଲାଷ୍ଟିକ ବର୍ଜ୍ୟ ଦେଇ ଗୋଟିଏ ‘ଆହାର’ ମିଲ୍ ଖାଇଥିଲେ।

ଯୋଜନାର ଶୁଭାରମ୍ଭ ଅବସରରେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ, ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ, ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ଡେପୁଟି କମିଶନର ଶ୍ୟାମସୁନ୍ଦର ସେଠୀ ଓ ବିଏମ୍‌ସିର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ଏହି ଅବସରରେ କମିଶନର ଚୌଧାରୀ କହିଲେ, ସହର ଯେତେ ସ୍ୱଚ୍ଛ ରହିବ, ଲୋକେ ସେତେ ସୁସ୍ଥ ରହିବେ। ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ସହ ବର୍ଜ୍ୟ ସୁପରିଚାଳନାର ଆବଶ୍ୟକତା ରହିଛି। ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ ପାଇଲେ ଭୁବନେଶ୍ୱର ଦେଶର ନଂ.୧ ସ୍ମାର୍ଟସିଟି ଭଳି ନଂ.୧ ସ୍ୱଚ୍ଛସିଟିରେ ପରିଣତ ହେବ। ସହରକୁ ସ୍ୱଚ୍ଛ ରଖିବା ନାଗରିକଙ୍କ ଦାୟିତ୍ୱ। ଯେଉଁମାନେ ରାସ୍ତା କିମ୍ବା ଅନ୍ୟ ଯେକୌଣସି ସ୍ଥାନରେ ପଲିଥିନ ବା ପ୍ଲାଷ୍ଟିକ ସାମଗ୍ରୀ ପାଉଛନ୍ତି ତାହାକୁ ନିକଟ ଆହାର କେନ୍ଦ୍ରକୁ ଆଣିଲେ ୫ଶହ ଗ୍ରାମ ପାଇଁ ଗୋଟିଏ କୁପନ ଦିଆଯିବ। ଉକ୍ତ କୁପନରେ ଯେକେହି ବି ଯେକୌଣସି ଆହାର କେନ୍ଦ୍ରରୁ ମିଲ୍ ଖାଇପାରିବେ। ଉକ୍ତ ପ୍ଲାଷ୍ଟିକ ରଖିବା ପାଇଁ ସହରର ସମସ୍ତ ଆହାର କେନ୍ଦ୍ରରେ ବଡ଼ ଡଷ୍ଟବିନ୍ ରଖାଯିବ। ପ୍ରତିଦିନ ବିଏମ୍‌ସି ସେଠାରୁ ତାହାକୁ ସଂଗ୍ରହ କରି ଆଣିବ। ଏସବୁ ପ୍ଲାଷ୍ଟିକକୁ ପୁନଃ ବ୍ୟବହାରକ୍ଷମ କରାଯିବ। ଏଥିପାଇଁ ମ୍ୟାଟେରିଆଲ ରିକଭରି ଫାସିଲିଟି ସେଣ୍ଟର (ଏମ୍‌ଆର୍‌ଏଫ୍) ଓ ପାରାଲାଇସିସ୍ ପ୍ଲାଣ୍ଟ ସ୍ଥାପନ ହେବ। ପ୍ଲାଷ୍ଟିକ୍‌ରୁ ଗ୍ରୀସ୍ ଭଳି ଅଏଲ୍ ବାହାରିବ, ଯାହା ବିଭିନ୍ନ ଅଟୋ ମୋବାଇଲ୍‌ରେ ବ୍ୟବହାର କରାଯାଇପାରିବ। ଏସବୁ ପ୍ଲାଣ୍ଟ ପାଇଁ ଟେଣ୍ଡର ସରିଛି, ଖୁବ୍‌ଶୀଘ୍ର ଆରମ୍ଭ ହେବ। ବାରମ୍ବାର ଚଢ଼ାଉ ଓ ପଦକ୍ଷେପ ସତ୍ତ୍ୱେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ ହୋଇପାରୁନି କି ସହରରୁ ବର୍ଜ୍ୟ ହଟିପାରୁନି। ତେଣୁ ବିଏମ୍‌ସି ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ ପାଇଁ ଆହାର କେନ୍ଦ୍ରର ସହାୟତା ଲୋଡ଼ିଛି। ୟୁଏନ୍‌ଡିପି ଓ ଟଚ୍ ଷ୍ଟୋନ୍ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଏହି ଯୋଜନା ହାତକୁ ନିଆଯାଇଛି ବୋଲି କମିଶନର ଚୌଧାରୀ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ସୁଜିତ



ଉଦୟ



ଶୁଭଙ୍କର



ଚନ୍ଦନ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

## ୨୦୨୦-୨୧ ବଜେଟ ପ୍ରସ୍ତୁତି
# ଡିସେମ୍ବର ୨୧ ସୁଦ୍ଧା ଚୂଡ଼ାନ୍ତ ପ୍ରସ୍ତାବ ଦେବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)
୨୦୨୦ ଫେବୃୟାରୀରେ କେନ୍ଦ୍ର ସରକାର ୨୦୨୦-୨୧ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରିବେ। ରାଜ୍ୟ ସରକାର ମଧ୍ୟ କେନ୍ଦ୍ର ବଜେଟ ଅନୁଯାୟୀ ଆସନ୍ତା ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବଜେଟ ପ୍ରସ୍ତୁତ କରିବେ। ଏଥିସହିତ ୨୦୨୧-୨୬ ପାଇଁ ପଞ୍ଚଦଶ ଅର୍ଥ କମିଶନଙ୍କ ଅନ୍ତରୀଣ ରିପୋର୍ଟ କେନ୍ଦ୍ର ସରକାର ପ୍ରକାଶ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୯-୨୦ ପାଇଁ ସଂଶୋଧିତ ଖର୍ଚ୍ଚ ଏବଂ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବିଭାଗଗୁଡ଼ିକ ନିଜ ନିଜ ବିଭାଗର ଖର୍ଚ୍ଚ ସମ୍ପର୍କରେ ଚୂଡ଼ାନ୍ତ ପ୍ରସ୍ତାବ ଦେବାକୁ ୨୦୧୯ ଡିସେମ୍ବର ୧୫ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏହି ସମୟ ସୁଦ୍ଧା ବିଭାଗୁଡ଼ିକ ଚୂଡ଼ାନ୍ତ ପ୍ରସ୍ତାବ ଦେଇ ପାରି ନାହାନ୍ତି। ଏଥିପାଇଁ ଚୂଡ଼ାନ୍ତ ପ୍ରସ୍ତାବ ଦାଖଲ ସମୟକୁ ଆଉ ୬ ଦିନ ବୃଦ୍ଧି କରାଯାଇ ୨୧ ତାରିଖ ଧାର୍ଯ୍ୟ କରାଯାଇଛି। ଏହି ସମୟ ସୀମା ମଧ୍ୟରେ ବିଭାଗଗୁଡ଼ିକ ନିଜର ଖର୍ଚ୍ଚ ସମ୍ପର୍କରେ ବିଭିନ୍ନ ସଂସ୍ଥା ସହ ଆଲୋଚନା କରି ଚୂଡ଼ାନ୍ତ କରିବାକୁ ଅର୍ଥ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିସହିତ ଡିସେମ୍ବର ୨୧ ତାରିଖ ସୁଦ୍ଧା ଆସନ୍ତା ବଜେଟ ପାଇଁ ଚୂଡ଼ାନ୍ତ ଖର୍ଚ୍ଚ ଦାବି ରିପୋର୍ଟ ଅର୍ଥ ବିଭାଗକୁ ‘ବେଟା’ ସଫ୍ଟୱେର ଜରିଆରେ ପ୍ରଦାନ କରିବାକୁ ସୋମବାର ଅର୍ଥ ବିଭାଗ ସଚିବ ଅଶୋକ କୁମାର ମୀନା ରାଜ୍ୟ ସରକାରଙ୍କ ସମସ୍ତ ବିଭାଗକୁ ଚିଠି ଲେଖି ଜଣାଇଛନ୍ତି।

# ହାଇକୋର୍ଟର ନୂଆ ୱେବ୍‌ସାଇଟ୍ ଉଦ୍‌ଘାଟିତ

କଟକ ଅଫିସ,୧୬।୧୨- ଓଡ଼ିଶା ହାଇକୋର୍ଟର ନୂତନ ୱେବ୍‌ସାଇଟ୍ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଅନ୍ୟ ବିଚାରପତିଙ୍କ ଉପସ୍ଥିତିରେ ଏହି ୱେବ୍‌ସାଇଟ୍‌କୁ ଉଦ୍‌ଘାଟନ କରିଥିଲେ। ଏହାର ନାମ ଜଷ୍ଟିସ୍ କ୍ଲକ୍ ରଖାଯାଇଛି। ୱେବ୍‌ସାଇଟ୍‌ରୁ ହାଇକୋର୍ଟରେ କାର୍ଯ୍ୟରତ ଆଇନଜୀବୀ, ମାମଲା, ବିଚାର ତାରିଖ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରିବ। ସେହିପରି ଦୃଷ୍ଟିହୀନ ବ୍ୟକ୍ତିଙ୍କ ପାଇଁ ଏହି ୱେବ୍‌ସାଇଟ୍‌ରେ ସ୍ୱତନ୍ତ୍ର ସୁବିଧା ରହିଛି। ୱେବ୍‌ସାଇଟ୍‌ରୁ ହାଇକୋର୍ଟ ସମେତ ଜିଲା କୋର୍ଟ ଏବଂ ଅନ୍ୟ ତଳ କୋର୍ଟରେ ବିଚାର ହେବାକୁ ଥିବା ବିଭିନ୍ନ ମାମଲା ସମ୍ପର୍କରେ ତଥ୍ୟ ମିଳିପାରିବ ବୋଲି ଜଣାପଡିଛି।

# ବିଷ୍ଣୁଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)
କୋରାପୁଟ ଜିଲା ଜୟପୁର ସ୍ଥିତ ଲାଠିଗୁଡା ଗ୍ରାମର ନକୁଳ ପେଣ୍ଡିଆଙ୍କ ପୁତ୍ର ବିଷ୍ଣୁ ପେଣ୍ଡିଆଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ‘ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ’ର ଜୟପୁର ଅଧିକାରୀମାନେ ତୁରନ୍ତ ନକୁଳଙ୍କ ଘରେ ପହଞ୍ଚିଥିଲେ। ବିଷ୍ଣୁଙ୍କ ମାଆ ଓ ବାପା ମୂଲ ଲାଗିବାକୁ ଯାଇଥିବାରୁ ସେମାନେ ଆସିବା ଯାଏ ଅଧିକାରୀମାନେ ଅପେକ୍ଷା କରିଥିଲେ। ସେମାନେ ଆସିବା ପରେ ଆଲୋଚନା କରି ବିଷ୍ଣୁଙ୍କୁ ଅଧିକାରୀମାନେ ପ୍ରଥମେ ବୋରିଗୁମ୍ମା ହସ୍ପିଟାଲକୁ ନେଇଥିଲେ। ପରେ କୋରାପୁଟ ମେଡିକାଲରେ ଆବଶ୍ୟକୀୟ ପରୀକ୍ଷା କରାଯାଇଥିଲା। ସେଠାରୁ ବିଷ୍ଣୁଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ କଟକ ମେଡିକାଲ ଅଣାଯାଇ ପ୍ରାଥମିକ ଚିକିତ୍ସା ପରେ ପ୍ଲାଷ୍ଟିକ ସର୍ଜରି ବିଭାଗକୁ ପଠାଯାଇଥିଲା। ବିଭାଗୀୟ ମୁଖ୍ୟ ଡାକ୍ତର ଅନ୍ନଦା ପ୍ରସାଦ ପଟ୍ଟନାୟକ ଚିକିତ୍ସା କରୁଛନ୍ତି।

ନକୁଳ ପେଣ୍ଡିଆଙ୍କର ଦୁଇଟି ପୁଅ ଓ ଗୋଟିଏ ଝିଅକୁ ନେଇ ପାଞ୍ଚ ଜଣ କୁଟୁମ୍ବ। ଆର୍ଥିକ ଦୁରବସ୍ଥାରେ ରହୁଥିବା ନକୁଳ ପରଘରେ ମୂଲ ଲାଗି ପରିବାର ପ୍ରତିପୋଷଣ କରନ୍ତି। ବଡ଼ପୁଅ ବିଷ୍ଣୁ ପେଣ୍ଡିଆଙ୍କ ଗୋଡ଼ରେ ଏକ ମାଂସ ପିଣ୍ଡୁଳା ଅସ୍ୱାଭାବିକ ଭାବେ ବୃଦ୍ଧି ହେଉଥିଲା। ପୁଅର ଏହି ଦୁର୍ଦ୍ଦଶା ନକୁଳଙ୍କ ଚିନ୍ତାକୁ ବଢ଼ାଇ ଦେଇଥିଲା। ପାଖରେ ଅର୍ଥ ନ ଥାଇ ମଧ୍ୟ ସେ ପୁଅକୁ ବୋରିଗୁମ୍ମା, ଜୟପୁର ଏବଂ କୋରାପୁଟ ମେଡିକାଲରେ ଦେଖାଇଥିଲେ। ସେଠାରେ ଡାକ୍ତରମାନେ ତାଙ୍କୁ କଟକ କିମ୍ବା ବ୍ରହ୍ମପୁରରେ ଚିକିତ୍ସା କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ବିଷ୍ଣୁ ପେଣ୍ଡିଆଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ସହାୟତାର ହାତ ବଢ଼ାଇଥିଲେ।


**ODISHA SUB-ORDINATE STAFF SELECTION COMMISSION**
**ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ**
ବ୍ଲକ୍ ନଂ.-3 ଏବଂ 5, ୟୁନିଟ୍-1, ଭୁବନେଶ୍ୱର-751009
ଦୂରଭାଷ: 0674-2597149, 2597152 (ଅଫିସ୍), ଫାକ୍ସ: 0674-2597155
ୱେବ୍‌ସାଇଟ୍: www.osssc.gov.in
No.: IIE-23/2019- 400 (C)/ OSSSC, Dt.13.12.2019

**NOTICE**

**Written Test for the posts of Junior Clerk / Junior Assistants under General and Special Drive for ST/SC-2018 of different Departments of Government of Odisha**

**No. T-129:-** Pursuant to Advertisement No.IIE-11/2018-1100(C)/ OSSSC, dt.28.12.2018 and Notice No. 364 (C)/ OSSSC, dated 21.11.2019 for recruitment to the posts of Junior Clerk / Junior Assistant including Special Drive-2018, the Written Test will be conducted on 22.12.2019 (Sunday) from 10.00 AM to 5.00 PM in the approved centre of the district concerned. The provisional list of eligible candidates has been published in the Commission's website: www.osssc.gov.in. The admission letters available online may be downloaded from the OSSSC website from 15.12.2019 onwards by the eligible candidates using their User ID and Password to appear in the examination. No hard-copy of Admission Letter will be sent to any candidate by post.

*By order of the Commission*
***Sd./- Secretary***
09007/11/0006/1920

**THE ODISHA MINING CORPORATION LIMITED** OMC | ODISHA NEW OPPORTUNITIES
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**REQUEST FOR PROPOSAL FOR SELECTION OF MINE OPERATOR for BANGUR CHROMITE MINES IN THE DISTRICT OF KEONJHAR, ODISHA**
(RfP No-157/OMC/P&T/2019 dated-13.12.2019)

**No. CAD-694:-** The Odisha Mining Corporation Limited (OMC) invites bids from experienced Mine Operators for Underground mine development, breaking of ground, construction, equipping, excavation, transport, handling of broken materials and all other incidental work for production of cleaned chrome ore of 15,000 MT during the 1st year, 50,000MT during 2nd year and thereafter @60,000MT per year (at OMC's option). It will involve excavation/removal of ROM of approx. double the quantity of cleaned chrome ore from underground and transportation of waste, chrome ore to respective yards.

| | |
|---|---|
| Peak Rated Capacity | : 60,000MT of finished product. |
| Period of Contract | : 10 (Ten) years. |
| Last date of Online submission of Bid | : 30.01.2020 up to 04.00PM |
| Last date of Physical Submission of Original Documents related to Bid | : 31.01.2020 up to 04.00PM |
| Bid document cost | : INR 1,18,000.00 (Rupees One lakh Eighteen thousand) only including GST @18% |

The executive summary of the Bidding Process as well as the Bidding Documents have been uploaded on the portal of the MSTC Ltd (www.mstcecommerce.com/eprochome/omc) and on the website of the Odisha Mining Corporation Limited (http://www.omcltd.in). The Documents can be downloaded from the above sites from dtd.17.12.2019 Any further communications, corrigendum/addendum, etc. will be uploaded on the website of MSTC and OMC. OMC reserves the right to reject any or all bids/proposals without assigning any reasons whatsoever.

Nodal officer for this bidding process:
**Abhiram Sahoo, Addl. General Manager (Mining), OMC**
Email: sahooabhiram740@gmail.com
Phone: +91 674 2377439/ +91 94377 94740

***Addl. General Manager (Mining), OMC***
30005/11/0106/1920

**GOVT. OF ODISHA**
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, BALANGIR**
**AT/PO :- BALANGIR, DIST.- BALANGIR**
**MOBILE NO:- 9437435924, E-Mail- mid_balangir@yahoo.co.in**
**No.2806** **Date:12.12.2019**

**e-PROCUREMENT NOTICE**
**IDENTIFICATION No.Online/04/BGR MID/2019-20**

No.A-478 :- Bid documents consisting of works, estimated cost, cost of bid documents, time of completion, Class of Contractor, terms and conditions of contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Civil construction works.
2. No. of works : 03 (Three) Nos.
3. Estimated Cost : Varies Approximately from Rs.19.20 Lakhs to Rs.40.54 Lakhs
4. Period of completion : 02 (Two) Calendar Months.
5. Date and time of availability of bid documents in the portal : From 18.12.2019 (10.00 A.M.) to 27.12.2019 (5.00 P.M.)
6. Last date/time for receipt of bids in the portal : 27.12.2019 (5.00 P.M)
7. Date of opening of Bid : On dated.28.12.2019 at 10.00 A.M. onwards in the office of the Executive Engineer Minor Irrigation Division, Balangir
8. Date of receipt of Bid Cost and Bid Security : 18.12.2019 (10.00 A.M.) to 27.12.2019 (5.00 P.M.)
9. Date of the Lottery (if cases arise) for the works on dated : 02.01.2020 at 11.00 A.M. onwards in the Office of the Executive Engineer Minor Irrigation Division, Balangir.
10. Mode of Payment of Bid Cost & Bid Security : Online
11. Name of the Officer inviting tender : Executive Engineer Minor Irrigation Division, Balangir.

Further details can be seen from the e-procurement portal https://tendersodisha.gov.in

**Sd./- Executive Engineer**
**32118/11/0004/1920** **Minor Irrigation Division, Balangir.**

See Career Appointment on every Wednesday & Saturday

**RAMA DEVI WOMEN'S UNIVERSITY, BHUBANESWAR**

**No.2326** **QUOTATION CALL NOTICE** **Dt.16.12.19**

Sealed quotations are invited from the reputed firms / Press / order suppliers having valid DIC registration, TIN / PAN, GST registration and up-to-date Tax Clearance for printing of the University Magazine "ARUNDHATI" of Rama Devi Women's University, Bhubaneswar. The quotation will remain open from 17.12.2019 to 23.12.2019 (up to 02.00 P.M.). The Authority reserves the right to accept or reject any one or all quotations without assigning any reason thereof at any stage. For the details please visit our website www.rdwuniversity.nic.in

**Sd./-**
**CHAIRPERSON,**
**P.G. Council**

**ODISHA TOURISM DEVELOPMENT CORPORATION LIMITED**
**(A Government of Odisha Undertaking)**
**Panthanivas [Old Block], Lewis Road, Bhubaneswar-751014**
**Tender Call Notice No – BP-I/21/2019-20 Dtd. 11.12.2019**
**for Organization of Mukteswar Dance Festival & Rajarani Music Festival -2020.**

No.CAD-695 :- Odisha Tourism Development Corporation Limited on behalf of Department of Tourism, Govt. of Odisha going to organize Mukteswar Dance Festival & Rajarani Music Festival -2020. Offers are invited from reputed firms/ agencies and Event Managers for different arrangements having past experience and expertise in relevant field. The tenderer shall submit the bid in the prescribed format in separate seal covers for each event separately. Details can be downloaded from our website www.panthanivas.com. The bid should reach the office of the undersigned up to 02.00PM of 24.12.2019.

**Sd./- Superintending Engineer**
**37002/11/0020/1920** **OTDC Ltd.**

**OFFICE OF THE EXECUTIVE ENGINEER**
**DHENKANAL (R&B) DIVISION, DHENKANAL**
Email – eedklpwd@gmail.com B-430

***Government of Odisha "e" procurement Notice.***

OFFICE OF THE EXECUTIVE ENGINEER
DHENKANAL (R&B) DIVISION DHENKANAL.
***Bid Identification No. – 19 of 2019-2020***

| | | |
|---|---|---|
| 1. | Name of the work: | Building Work – 3 Nos |
| 2. | Estimate cost: | Rs. 22,41,336.00 to Rs. 45,79,686.00 |
| 3. | Period of completion: | 04 (Four Colander Months) |
| 4. | Date & time of availability of the Bid documents in the portal | 10.00 AM of 19.12.2019 to 5.00 PM of 02.01.2020 |
| 5. | Last date / Time of receipt of the bid in Portal. | 02.01.2020 up to 5.00 PM. |
| 6. | Date of Opening | 03.01.2020 at 11.00 AM. |
| 7. | Name and Address of the Office. | Office of the Executive Engineer Dhenkanal (R&B) Division, Dhenkanal. |

***Further details can be seen from the e – procurement Portal "https://tendersorissa.gov.in***

Executive Engineer
**34016/11/0011/1920** Dhenkanal (R&B) Division.

**No. C-387**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**P.H. DIVISION, SAMBALPUR.**
**Email ID : eephdsbp@gmail.com**

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. EEPHSBP-17/2019-20 Dt. 13.12.2019**

| | | |
|---|---|---|
| 01. | Name of the Work | : 3 nos. Works. |
| 02. | Type of Bid. | : Two Bid Systems |
| 03. | Estimated Cost | : Rs. 54.02 lakhs to Rs. 127.91 lakhs |
| 04. | Period of Completion | : 90 (Ninety) days. |
| 05. | Date & Time of availability of bid document in the portal | : From 11.00 AM of dt. 20.12.2019 to 5.00 PM of 04.01.2020. |
| 06. | Last date / time of receipt of bids in the portal | : 5.00 PM of 04.01.2019 |
| 07. | Date & Time of opening of technical bids | : At 11.00 AM of 06.01.2019 |
| 08. | Name and Address of the Officer Inviting Bid | : Executive Engineer, P.H. Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

**Further details can be seen from the web site http://tenders.ori.nic.in or www.tendersorissa.gov.in**

**Sd/-**Executive Engineer
**13026/11/0019/1920** P.H. Division, Sambalpur

# ଚର୍ଚ୍ଚିତ ଉତ୍ତର ଓଡ଼ିଶା

ବିଦାୟ ନେଉଛି ୨୦୧୯। ପଛରେ ଅନେକ ସ୍ମୃତିର ପଦଚିହ୍ନ। ଏହି ବର୍ଷରେ ସାଧାରଣ ନିର୍ବାଚନ ପରେ ଜାତୀୟ ଦୃଶ୍ୟପଟରେ ଅଧିକ ଚର୍ଚ୍ଚାକୁ ଆସିଛି ଉତ୍ତର ଓଡ଼ିଶା। ପ୍ରଥମଥର ବାଲେଶ୍ୱର ଆସନରୁ ଲୋକ ସଭାକୁ ନିର୍ବାଚିତ ହୋଇ ପ୍ରତାପ ଚନ୍ଦ୍ର ଷଡଙ୍ଗୀ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ହୋଇଥିବା ବେଳେ କେନ୍ଦୁଝର ଆସନରୁ ନିର୍ବାଚନ ଜିତି ଚନ୍ଦ୍ରାଣୀ ମୁର୍ମୁ ପାର୍ଲାମେଣ୍ଟ ଇତିହାସରେ ସର୍ବକନିଷ୍ଠା ସଦସ୍ୟା ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଓଡ଼ିଆ ଆଇଏଏସ୍ ଅଫିସର ଗିରୀଶ ମୁର୍ମୁ ନବଗଠିତ ଜମ୍ମୁକଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ପ୍ରଥମ ଉପରାଜ୍ୟପାଳ ହୋଇଛନ୍ତି। ବାଲେଶ୍ୱରର ଝିଅ ଜାତୀୟ ସମ୍ମାନ ପାଇବା ଭଳି ଅନେକ ଚର୍ଚ୍ଚିତ ଘଟଣା ସାଙ୍ଗକୁ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରେ ଇଣ୍ଟରସେପ୍ଟର ପରୀକ୍ଷଣ ସଫଳତା ଆଣିଦେଇଛି। ମେ' ୩ରେ ଫନୀ ଏବଂ ନଭେମ୍ବର ୮ ଓ ୯ରେ ବୁଲ୍‌ବୁଲ୍ ବାତ୍ୟା ଉଜାଡିଛି ପରିବେଶ, ଥରାଇଛି ଦେହ। ନିଶା ସାମ୍ରାଜ୍ୟର ସୌଦାଗର ଗିରଫ ହେବା ଭଳି ନାନା ଘଟଣାପ୍ରବାହ ମଧ୍ୟରେ କିଛି ହଜାଇବା ଓ ପାଇବାର ଏକ ଫେଣ୍ଟାଫେଣ୍ଟି ଅନୁଭବ ଦେଇଛି ଏହି ବିଦାୟୀ ବର୍ଷ.....।



ପ୍ରତ୍ୟାଶା ପରିଜା

## ପ୍ରଥମଥର ଲୋକ ସଭାକୁ ଯାଇ କେନ୍ଦ୍ରମନ୍ତ୍ରୀ



ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

ଏପ୍ରିଲରେ ଅନୁଷ୍ଠିତ ସାଧାରଣ ନିର୍ବାଚନର ଫଳାଫଳ ଗତ ମେ' ୨୪ ତାରିଖରେ ପ୍ରକାଶିତ ହୋଇଥିଲା। ବାଲେଶ୍ୱର ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୨୯୫୬ ଖଣ୍ଡ ଭୋଟ୍‌ରେ ହରାଇ ପ୍ରଥମଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ପରେ ସେ କେନ୍ଦ୍ରରେ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ, ପ୍ରାଣୀ ସମ୍ପଦ, ଦୁଗ୍ଧ ଉତ୍ପାଦନ ଓ ମତ୍ସ୍ୟପାଳନ ରାଷ୍ଟ୍ରମନ୍ତ୍ରୀ ପଦ ପାଇପାରିଛନ୍ତି। ନିର୍ବାଚନରେ ବିଜୟ ଓ ମନ୍ତ୍ରୀପଦ ତାଙ୍କୁ ଯେତିକି ଗୌରବ ଦେଇଥିଲା, ତା'ଠାରୁ ଅଧିକ ଚର୍ଚ୍ଚାକୁ ଆସିଥିଲା ତାଙ୍କ ସରଳ ଜୀବନଧାରା। ସେ ରହୁଥିବା ମାଟିକାନ୍ଥ ତିଆରି ପୁରୁଣା ଘର ଓ ସରଳ ଚଳଣି ରାଜ୍ୟ ଓ ଜାତୀୟ ଗଣମାଧ୍ୟମରେ ପ୍ରଚାରିତ ହେବାରୁ ସେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଥିଲେ।

## ଗିରୀଶ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ



ଅବସରପ୍ରାପ୍ତ ଓଡ଼ିଆ ଆଇଏଏସ ଅଫିସର ଗିରୀଶ ମୁର୍ମୁ ଗତ ଅକ୍ଟୋବର ୩୧ରେ ନୂତନ ଭାବେ କେନ୍ଦ୍ରଶାସିତ ଅଞ୍ଚଳ ଘୋଷିତ ଜମ୍ମୁ-କଶ୍ମୀରର ଉପରାଜ୍ୟପାଳ ନିଯୁକ୍ତି ପାଇଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘନିଷ୍ଠ ସହଯୋଗୀ ଭାବେ ପରିଚିତ। ୧୯୮୫ ଗୁଜୁରାଟ ବ୍ୟାଚର ଏହି ଅଫିସରଙ୍କ ଘର ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଖଡିଶୋଳ ପଞ୍ଚାୟତର କଞ୍ଚିଶୋଳ ଗ୍ରାମରେ। ୧୯୫୯ ନଭେମ୍ବର ୨୧ରେ ତାଙ୍କର ଜନ୍ମ। ତାଙ୍କ ପିତା ସ୍ୱର୍ଗତ ଭାଗବତ ମୁର୍ମୁ ଥିଲେ ଜଣେ ସାହିତ୍ୟିକ।

## ସର୍ବକନିଷ୍ଠା ଏମ୍‌ପି ଚନ୍ଦ୍ରାଣୀ



ଚଳିତ ବର୍ଷ ଏପ୍ରିଲ ମାସରେ ସାଧାରଣ ନିର୍ବାଚନ ବେଳେ ସବୁଠି ଦେଖା ଦେଇଥିଲା ଛକାପଞ୍ଝା ସାଙ୍ଗକୁ ଦଳବଦଳ ଜନିତ ରାଜନୈତିକ ଉଷ୍ମତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ଷ୍ଟାର ପ୍ରଚାରକ ମଇଦାନକୁ ଓହ୍ଲାଇଥିଲେ। ଅଧିକାଂଶ ଦଳ ନିର୍ବାଚନରେ ନୂଆ ମୁହଁକୁ ଗୁରୁତ୍ୱ ଦେଇଥିଲେ। ଏପ୍ରିଲ ୨୩ରେ କେନ୍ଦୁଝର ଓ ୨୯ରେ ଉତ୍ତର ଓଡ଼ିଶାର ଭଦ୍ରକ, ମୟୂରଭଞ୍ଜ, ବାଲେଶ୍ୱର ଜିଲାରେ ଭୋଟ ହୋଇ ମେ' ୨୩ରେ ଫଳାଫଳ ପ୍ରକାଶ ପାଇଥିଲା। ଉତ୍ତରଓଡ଼ିଶାରୁ ୪ ଲୋକସଭା ଆସନ ମଧ୍ୟରୁ ଏଥର ଦୁଇଟିରେ ୨ଜଣ ମହିଳା ନିର୍ବାଚିତ ହୋଇଥିଲେ। ସେମାନେ ହେଲେ ଭଦ୍ରକର ମଞ୍ଜୁଲତା ମଣ୍ଡଳ (ବିଜେଡି) ଏବଂ କେନ୍ଦୁଝର ଆସନର ଚନ୍ଦ୍ରାଣୀ ମୁର୍ମୁ (ବିଜେଡି)। ଚନ୍ଦ୍ରାଣୀ ସର୍ବକନିଷ୍ଠ ଏମ୍‌ପି ଭାବେ ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ଘର କେନ୍ଦୁଝର ଟାଉନ୍‌ରେ।

### ଲୋକ ସଭାରେ ଉତ୍ତରଓଡ଼ିଶାରୁ ୨ ମହିଳା

ସେ ଇଞ୍ଜିନିୟରିଂ ପାସ୍ କରି ୨୫ ବର୍ଷରେ ନିର୍ବାଚନ ମଇଦାନରେ ପାଦ ରଖିଥିଲେ। ଉତ୍ତରଓଡ଼ିଶାର ୪ ଲୋକସଭା ଆସନରୁ ବିଜେଡି ୨ଟି ଆସନ ପାଇଥିବା ବେଳେ ଭାଜପାକୁ ମିଳିଥିଲା ୨ ଆସନ। ଏହି ୪ ଜିଲାର ୨୮ ବିଧାନସଭା ଆସନ ମଧ୍ୟରୁ ୧୩ଟିରେ ନୂଆ ମୁହଁ ନିର୍ବାଚିତ ହୋଇଥିଲେ। ଏମାନଙ୍କ ମଧ୍ୟରେ ଚମ୍ପୁଆରୁ ମହିଳା ପ୍ରାର୍ଥୀ ମୀନାକ୍ଷୀ ମହାନ୍ତ (ବିଜେଡି) ଏବଂ କରଞ୍ଜିଆରୁ ବାସନ୍ତୀ ହେମ୍ବ୍ରମ (ବିଜେଡି)ରହିଛନ୍ତି।

## ମିସ୍ ଚନ୍ଦ୍ରଭାଗା ପ୍ରତ୍ୟାଶା

ବାଲେଶ୍ୱର ଝିଅ ପ୍ରତ୍ୟାଶା ପରିଜା। ବୟସ ୧୨। ଷଷ୍ଠ ଶ୍ରେଣୀରେ ପଢୁଥିବା ପ୍ରତ୍ୟାଶା ରାଜ୍ୟସ୍ତରୀୟ ମିସ୍ ଚନ୍ଦ୍ରଭାଗା ମଡେଲିଂ ପ୍ରତିଯୋଗିତାରେ ଟାଇଟଲ ଜିତି ଜିଲା ପାଇଁ ଗୌରବ ଆଣିଦେଇଛନ୍ତି। ଚଳିତବର୍ଷ ମଡ଼େଲିଂରେ ସେ ଶ୍ରେଷ୍ଠ ବିବେଚିତ ହୋଇ ଭୁବନେଶ୍ୱରରେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ଆଗରେ ରହିଥିଲେ। 'ଓଡ଼ିଶା ଜୁନିୟର ଟପ୍ ମଡ଼େଲ ପ୍ରତିଯୋଗିତା' ସମେତ କେରଳରେ ଜୁନିୟର ମଡ଼େଲ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସେ ମଧ୍ୟ ମନୋନୀତ ହୋଇଛନ୍ତି। ମଡ଼େଲିଂ ସାଙ୍ଗକୁ ଡ୍ୟାନ୍ସ, ଚିତ୍ରାଙ୍କନ, ବକ୍ତୃତା ଓ ରଚନା ପ୍ରତିଯୋଗିତାରେ ଭାଗ ନେଇ ସେ ସାଇଁଟିଛନ୍ତ ଅନେକ ପୁରସ୍କାର।

## ରାସ୍ତା ପାର ବେଳେ ୩ ହାତୀଙ୍କ ଜୀବନ ଗଲା



ଖଣିଖାଦାନ ଭରା କେନ୍ଦୁଝର ଜିଲାରେ ଜଙ୍ଗଲ କ୍ଷୟ ସାଙ୍ଗକୁ ହାତୀଙ୍କ ପାରମ୍ପାରିକ ଚଲାପଥ ଉଜୁଡ଼ିଯାଇଥିବାରୁ ସେମାନେ ଏବେ ବାଟବଣା ହୋଇ ଘୂରି ବୁଲୁଛନ୍ତି। ଗତ ଅଗଷ୍ଟ ୨୨ ତାରିଖ ଭୋର ସମୟରେ ୧୦ଟି ହାତୀ ୨୦ ନମ୍ବର ଜାତୀୟ ରାଜପଥ ପାର ହେଉଥିବାବେଳେ ଘଟଗାଁ ବ୍ଲକ ବାଲିଯୋଡି ଗ୍ରାମ ନିକଟରେ ବସ ଓ ଟ୍ରକ ଧକ୍କାରେ ୨ ମାଈ ହାତୀ ଓ ଏକ ଶିଶୁ ହାତୀର ମୃତ୍ୟୁ ଘଟିଥିଲା। କେବଳ ଏହି ଘଟଣା ନୁହେଁ ଜିଲାର ହାତୀ-ମଣିଷ ସଂଘର୍ଷ ସବୁବେଳେ ଲାଗିରହିଛି। ଝାଡ଼ଖଣ୍ଡ ଅଞ୍ଚଳରୁ ହାତୀପଲ ବାରମ୍ବାର ପଶି ଆସି ଉତ୍ତରଓଡ଼ିଶାର ବିଭିନ୍ନ ଜିଲାରେ ଆତଙ୍କ ଖେଳାଉଛନ୍ତି। ହାଟଡିହୀ ବ୍ଲକ ଅଞ୍ଚଳରେ ଗତ ମେ' ମାସରେ ହାତୀ ଆକ୍ରମଣରେ ୧୩ ଦିନରେ ୩ଜଣଙ୍କର ମୃତ୍ୟୁ ଘଟିଥିଲା।

### ପୁରସ୍କୃତ ପ୍ରତିଭା

## ଶ୍ରୀତମ୍‌ଙ୍କୁ ଅନ୍ତର୍ଜାତୀୟ ଫଟୋଗ୍ରାଫି ଆୱାର୍ଡ଼




ବାଲେଶ୍ୱର ଜିଲା ଶୋଭାରାମପୁର ଅଞ୍ଚଳର ଶ୍ରୀତମ୍ କୁମାର ସେଠୀ ସ୍ମାର୍ଟଫୋନ୍‌ର ଉପଯୁକ୍ତ ବ୍ୟବହାର କରି ବିରଳ ଚିତ୍ର ଉତ୍ତୋଳନ କରିଆସୁଛନ୍ତି। ଏଥର ହୋଲି ସମୟରେ ଉଠାଇଥିବା ଏକ ଫଟୋ ଲାଗି ସେ ଚଳିତବର୍ଷ ଅନ୍ତର୍ଜାତୀୟ ଫଟୋଗ୍ରାଫି ଆୱାର୍ଡ଼ ପାଇଛନ୍ତି। ରୋମାନିଆ ଦେଶର ମର୍ ଆର୍ଟ ପ୍ଲସ୍ ଗ୍ୟାଲେରିରେ ଏହି ଫଟୋ ସ୍ଥାନିତ ହୋଇପାରିଛି। ହୋଲି ସମୟର କେତେକ ଫଟୋକୁ ନେଇ ଡକ୍ୟୁମେଣ୍ଟାରି ପ୍ରସ୍ତୁତ କରି ସେ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର କରିବା ସହ ନ୍ୟାଶନାଲ୍ ଜିଓଗ୍ରାଫିରେ ଦେଇଥିଲେ। ଉକ୍ତ ଫଟୋ ଭାଇରାଲ୍ ହୋଇ ଏପ୍ରିଲ ୧୨ ତାରିଖରେ ଇୟରସଟ୍ କମ୍ୟୁନିଟିରେ ପ୍ରକାଶ ପାଇଥିଲା। ଗତ ମେ'ରେ କଲିକତାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଫଟୋଗ୍ରାଫି ଓ ପେଣ୍ଟିଂ ପ୍ରତିଯୋଗିତାରେ ମଧ୍ୟ ଏହା ସ୍ଥାନ ପାଇ ପୁରସ୍କୃତ ହୋଇଥିଲା।

## ଦୁର୍ଯ୍ୟୋଧନ, ରାଖାଲ ଆଣିଲେ ଗୌରବ

ଆଲୋଚ୍ୟ ବର୍ଷରେ ବିଭିନ୍ନ କ୍ରୀଡ଼ାବିତ୍ ଜିଲା ପାଇଁ ଆଣିଛନ୍ତି ଗୌରବ। ଭଦ୍ରକ ବ୍ଲକ ଲାଙ୍ଗୁଡ଼ିସ୍ଥିତ ଚାନ୍ଦିଆପଦା ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିରର ୧୦ମ ଶ୍ରେଣୀ ଛାତ୍ର ଦୁର୍ଯ୍ୟୋଧନ ବିରୁଆ ଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମରେ ଅନୁଷ୍ଠିତ 'ହୋସଲା' ପ୍ରତିଯୋଗିତାର ଲମ୍ବଡିଆଁ ଓ ଦୌଡ଼ରେ ଲଗାତାର ଦୁଇବର୍ଷ ଧରି ସ୍ୱର୍ଣ୍ଣପଦକ ହାସଲ କରିଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ନଭେମ୍ବର ୬ରେ ପୁରସ୍କୃତ କରାଯାଇଥିଲା। ଡିସେମ୍ବର ୪ରେ ବିଶ୍ୱ ଭିନ୍ନକ୍ଷମ ଦିବସରେ ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ଗ୍ରାମର ଭିନ୍ନକ୍ଷମ କ୍ରୀଡାବିତ୍ ରାଖାଲ କୁମାର ସେଠୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଭିନ୍ନକ୍ଷମ କ୍ରୀଡ଼ାବିତ୍ ଭାବେ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରିଥିଲେ। ସେ ଆନ୍ତର୍ଜାତିକ ପାରାକ୍ରୀଡ଼ାରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ।



ଦୁର୍ଯ୍ୟୋଧନ



ରାଖାଲ

## ନିର୍ବାଚନ ବେଳେ ବିଷାକ୍ତ ମଦ ବିଭୀଷିକା



୨୦୧୯ ଏପ୍ରିଲରେ ସାଧାରଣ ନିର୍ବାଚନ ବେଳେ କର୍ମୀଙ୍କୁ ବଣ୍ଟା ଯାଇଥିବା ବିଷାକ୍ତ ମଦ ପିଇ ଏପ୍ରିଲ ୩୦ରେ ଭଦ୍ରକ ଜିଲାର ତିହିଡ଼ି ଓ ଚାନ୍ଦବାଲି ଅଞ୍ଚଳରେ ଶତାଧିକ ଲୋକ ଅସୁସ୍ଥ ହୋଇପଡ଼ିଥିଲେ। ପରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ମଦମୃତ୍ୟୁ ବିଭୀଷିକା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ଭାଜପାର ଏକ ରାଜ୍ୟସ୍ତରୀୟ ଟିମ୍ ଆସି ଏହି ଘଟଣାରେ ସମ୍ପୃକ୍ତ ନିର୍ଦ୍ଦିଷ୍ଟ ଏକ ଦଳର ରାଜନେତାଙ୍କୁ ଦାୟୀ କରିଥିଲେ। ନିର୍ବାଚନ ସମୟରେ ମଦ ଦୋକାନ ବନ୍ଦ ରଖାଯାଉଥିବାବେଳେ କର୍ମୀଙ୍କୁ ଖୁସି କରିବା ପାଇଁ ମଦ ବଣ୍ଟାଯିବା ଘଟଣା ନାନା ବାଦବିବାଦ ସୃଷ୍ଟି କରିଥିଲା। ଏହି ମଦମୃତ୍ୟୁର ଶିକାର ହୋଇଥିବା ଯୁବକମାନଙ୍କ ପରିବାର ଲୋକଙ୍କ ଆଖିରୁ ଆଜି ବି ଶୁଖିନି ଲୁହ।

## ପରଲୋକରେ ଚୈତନ୍ୟ ମାଝୀ



ମୟୂରଭଞ୍ଜର ବରିଷ୍ଠ ଆଦିବାସୀ ନେତା ତଥା ପୂର୍ବତନ ମନ୍ତ୍ରୀ ଚୈତନ୍ୟ ପ୍ରସାଦ ମାଝୀ(୯୦)ଙ୍କର ଗତ ଜାନୁୟାରୀ ୨୮ ତାରିଖରେ ପରଲୋକ ଘଟିଥିଲା। ତାଙ୍କର ଜନ୍ମ ତିରିଂ ବ୍ଲକ ଚାଙ୍ଗୁଆ ଗ୍ରାମରେ। ସେ କଂଗ୍ରେସରେ ଯୋଗଦେଇ ୧୯୭୨ରୁ ୧୯୭୮ ପର୍ଯ୍ୟନ୍ତ ରାଜ୍ୟ ସଭା ସଦସ୍ୟ ରହି କେନ୍ଦ୍ରରେ ପେଟ୍ରୋଲିୟମ ଉପମନ୍ତ୍ରୀ ରହିଥିଲେ। ୧୯୮୬ରେ ଜନତା ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକଙ୍କ ସରକାରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ୨୦୦୬ରୁ ୨୦୦୯ ପର୍ଯ୍ୟନ୍ତ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ଆଦିବାସୀ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଥିଲେ।

## ପୋଲିସ ଜାଲରେ ଡ୍ରଗ୍ସ ବେପାରୀ

ହୋଟେଲ ବୟ ଭାବରେ କାର୍ଯ୍ୟ କରୁଥିବା ସେକ୍ ରାଜା ବ୍ରାଉନ୍‌ସୁଗାର ବେପାରୀ ସାଜି ଏବେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସମ୍ପତ୍ତିର ମାଲିକ। ତାଙ୍କ ଘର ବାଲେଶ୍ୱର ସହର ଅରଡବଜାରସ୍ଥିତ ମସ୍‌ଜିଦ୍ ଗଳିରେ। ଅନ୍ତରାଷ୍ଟ୍ରୀୟ ବ୍ରାଉନ୍‌ସୁଗାର ବେପାରୀ ସେକ୍ ରାଜା ଗତ ସେପ୍ଟେମ୍ବର ୧୬ରେ ଭୁବନେଶ୍ୱର ନିକଟରୁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ହାତରେ ଧରାପଡ଼ିବା ଉଲ୍ଲେଖନୀୟ ଘଟଣା। ଏଥିରେ ଜଣେ କନଷ୍ଟେବଳ ଗିରଫ ହେବା ସହ ରାଜାଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଜବତ ହୋଇଛି। ଡିସେମ୍ବର ୧୧ରେ ଅନ୍ୟତମ ଡ୍ରଗ୍ସ ବେପାରୀ ମୀର ରାହାତ ଅଲ୍ଲୀ ଖାଁ ପୋଲିସ ଆଖିରେ ଧୂଳି ଦେଇ ଖସି ଯାଇଥିଲେ ବି ତାଙ୍କ ମା'ଙ୍କୁ ଗିରଫ କରାଯାଇଛି।

## ବାତ୍ୟା ଥରାଇଲା ଦେହ

ମେ ମାସର ଫନୀ ବାତ୍ୟା ପରେ ନଭେମ୍ବର ୯ରେ ବୁଲ୍‌ବୁଲ୍ ବାତ୍ୟା ଭଦ୍ରକ ଓ ବାଲେଶ୍ୱର ଜିଲାର ଉପକୂଳରେ ତାଣ୍ଡବ ରଚିଥିଲା। ବୁଲ୍‌ବୁଲ୍ ବାତ୍ୟା ଓଡ଼ିଶା ଉପକୂଳ ଅତିକ୍ରମ କଲାବେଳେ ଅଶାନ୍ତ ସମୁଦ୍ରର ଜୁଆର ମାଡ଼, ବର୍ଷା ପବନର ପ୍ରକୋପ ଆତଙ୍କ ଖେଳାଇଥିଲା। ଭଦ୍ରକର ଧାମରା, ଚାନ୍ଦବାଲି ଓ ବାସୁଦେବପୁର ସମେତ ବାଲେଶ୍ୱର ଜିଲାର ଭୋଗରାଇ, ବାଲିଆପାଳ, ଜଳେଶ୍ୱର, ବସ୍ତା, ସଦର ବ୍ଲକ ଅଞ୍ଚଳ ବିଶେଷ ପ୍ରଭାବିତ ହୋଇଥିଲା। ସମୁଦ୍ର କୂଳରେ ପ୍ରାୟ ୧୦୦ କି.ମି. ଏବଂ ଜିଲାର ଆଭ୍ୟନ୍ତରୀଣ ବ୍ଲକରେ ୬୦ କି.ମି. ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହେବାରୁ ୪ ହଜାର ୪୯୪ ଘର ଭାଙ୍ଗିବା ସହ ୧୦୦ ଟି ୧୧ କେଭି ଓ ୮ଟି ୩୩ କେଭି ଖୁଣ୍ଟ, ୩୦ଟି ଟ୍ରାନ୍ସଫର୍ମର ଭାଙ୍ଗି ପଡ଼ିଥିଲା। ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଭଦ୍ରକ ଜିଲାରେ ବ୍ୟାପକ ଧାନ ଫସଲ ନଷ୍ଟ ହେବା ସହ ୭ଟି ବ୍ଲକର ୯୮୦ ଗାଁର ୫ ଲକ୍ଷ ୫୦ ହଜାର ଲୋକ ପ୍ରଭାବିତ ହୋଇଥିଲେ। ବାଲେଶ୍ୱର ଜିଲାର ଉପକୂଳରେ ବର୍ଷା ସହିତ ୬୦ରୁ ୭୦କି.ମି. ବେଗରେ ପବନ ବହିବା ଯୋଗୁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଭାଙ୍ଗି ରାସ୍ତା ଅବରୋଧ ହେବା ସହ ଘର ଭାଙ୍ଗିଥିଲା। ପ୍ରଶାସନ ପକ୍ଷରୁ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟ କରିଥିଲେ। ପ୍ରଭାବିତ ଅଞ୍ଚଳର ଲକ୍ଷାଧିକ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯାଇଥିଲା।



ବୁଲ୍‌ବୁଲ୍ ବାତ୍ୟା ପ୍ରଭାବରେ ନଭେମ୍ବର ୮ ରାତିରେ ସମୁଦ୍ର ଅଶାନ୍ତ ରହିଥିବାବେଳେ ପଶ୍ଚିମବଙ୍ଗର ୩୭ଟି ମାଛଧରା ବୋଟ୍ ଭାସି ଆସି ଭଦ୍ରକ ଜିଲାର ଧାମରା ମୁହାଣରେ ଲାଗିଥିଲା। ସେହିପରି ବାଲେଶ୍ୱର ଉପକୂଳରେ ଶତାଧିକ ବୋଟ୍ ଭାସିଆସି ଲାଗିଥିଲା। ଧାମରାରେ ଲଙ୍ଗର ପକାଇଥିବା ମାଛଧରା ବୋଟ୍ 'ସୁନା ଦରିଆ' ଜୁଆରମାଡ଼ରେ ବୁଡ଼ି ଯାଇଥିଲା। ସେଥିରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇପାରିଥିଲା।

## 'ସୁନା ଦରିଆ' ବୁଡ଼ିଲା, ଭାସି ଆସିଲା ଶତାଧିକ ବୋଟ୍



ଦକ୍ଷିଣ ଆଫ୍ରିକାରେ ଖେଳାଯିବାକୁ ଥିବା ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ପାଇଁ ପୃଥ୍ୱୀ ଶ'ଙ୍କଠାରୁ ମୁଁ ପରାମର୍ଶ ନେଇଛି।

–ପ୍ରିୟମ ଗର୍ଗ
୧୯ ବର୍ଷରୁ କମ୍ ଭାରତୀୟ ଦଳର ଅଧିନାୟକ



ମୁଁ ନିଜକୁ ବିରାଟ କୋହଲିଙ୍କ ସହିତ ତୁଳନା କରେନି, ତାଙ୍କ ଭଳି ଜଣେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ହେବାକୁ ଚାହେଁ।

–ବାବର ଆଜାମ, ପାକିସ୍ତାନ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ଶୀର୍ଷ ସ୍ଥାନ ବଜାୟ ରଖିଲେ କୋହଲି



**ଦୁବାଇ,୧୬।୧୨(ପି.ଟି.):** ଭାରତୀୟ ଅଧିନାୟକ ବିରାଟ କୋହଲି ଟେଷ୍ଟ ବ୍ୟାଟ୍ସମ୍ୟାନଙ୍କ ର୍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ବୋଲରଙ୍କ ମଧ୍ୟରେ ଯଶପ୍ରୀତ ବୁମରା ତଳକୁ ଖସି ୬ଷ୍ଠ ସ୍ଥାନରେ ଥିବା ସୋମବାର ପ୍ରକାଶ ପାଇଥିବା ନୂଆ ଆଇସିସି ର୍ୟାଙ୍କିଙ୍ଗ୍ ଦର୍ଶାଇଛି। କୋହଲି (୯୨୮ ପଏଣ୍ଟ)ଙ୍କଠାରୁ ୧୭ ପଏଣ୍ଟ ପଛରେ ଅଛନ୍ତି ଦ୍ୱିତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ। ଚେତେଶ୍ୱର ପୂଜାରା (୭୯୧) ଓ ଅଜିଙ୍କ୍ୟ ରାହାନେ (୭୫୯) ଯଥାକ୍ରମେ ୪ର୍ଥ ଓ ୬ଷ୍ଠ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ମାର୍ନୁସ ଲାସାନେ ଟପ୍ ୫ରେ ପ୍ରବେଶ କରିଛନ୍ତି। ସେ ପର୍ଥ ଟେଷ୍ଟରେ ୧୪୩ ଓ ୫୦ କରିଥିଲେ। ବାବର ଆଜାମ ପ୍ରଥମ ଥର ପାଇଁ ଟପ୍ ୧୦ରେ ସ୍ଥାନ ପାଇଛନ୍ତି। ସେ ୧୩ତମ ସ୍ଥାନରୁ ୯ମ ସ୍ଥାନକୁ ଡେଇଁଛନ୍ତି। ବାବର ଟି୨୦ ଫର୍ମାଟରେ ଶୀର୍ଷ ଓ ଦିନିକିଆରେ ଦ୍ୱିତୀୟ ର୍ୟାଙ୍କରେ ଅଛନ୍ତି। ବୋଲରଙ୍କ ମଧ୍ୟରେ ଆହତ ସମସ୍ୟା ଯୋଗୁ ଜାତୀୟ ଦଳରୁ ବାଦ୍ ପଡ଼ିଥିବା ବୁମରା ୬ଷ୍ଠ ସ୍ଥାନକୁ ଖସିଛନ୍ତି। ଅଷ୍ଟ୍ରେଲିଆର ପାଟ କୁମିନ୍ସ (୧ମ) ତାଙ୍କ ସ୍ଥାନ ନେଇଛନ୍ତି। ୭ ଉଇକେଟ ନେଇଥିବା ନ୍ୟୁଜିଲାଣ୍ଡ ପେସର ନିଲ ୱାଗନର ୩ୟ ସ୍ଥାନକୁ ଫେରିଥିବାବେଳେ ଟିମ୍ ସୌଦି ଟପ୍ ୧୦ରେ ରହିଛନ୍ତି। ମିଚେଲ ଷ୍ଟାର୍କ କ୍ୟାରିୟରରେ ପ୍ରଥମ ଥର ପାଇଁ ଟପ୍ ୫ରେ ସ୍ଥାନ ପାଇଛନ୍ତି।

### ଟ୍ରେନରଙ୍କ ସହ ସମ୍ପର୍କ ଛିନ୍ନ କଲେ ଟାଇସନ ଫ୍ୟୁରି

**ଲଣ୍ଡନ,୧୬।୧୨:** ବ୍ରିଟିଶ୍ ବକ୍ସର ଟାଇସନ ଫ୍ୟୁରି ଆସନ୍ତା ଫେବୃୟାରୀରେ ଡେଓଣ୍ଟି ୱାଇଲ୍ଡରଙ୍କ ବିପକ୍ଷରେ ଡବ୍ଲ୍ୟୁସି ହେଭିୱେଟ ଚାମ୍ପିୟନଶିପ ମ୍ୟାଚ୍ ଖେଳିବେ। ଏଥିପୂର୍ବରୁ ସେ ଟ୍ରେନର ବେନ୍ ଡାଭିସନଙ୍କ ସହ ସମ୍ପର୍କ ଛିନ୍ନ କରିଛନ୍ତି। ଜାଭାନ ସୁଗାର ହିଲ୍‌ଙ୍କ ସହ ଯୋଡ଼ିହୋଇ ଫାଇଟ ପାଇଁ ଟ୍ରେନିଂ କରିବେ। ଇନ୍‌ଷ୍ଟାଗ୍ରାମ ଜରିଆରେ ଡାଭିସନ ଏ ନେଇ ସୂଚନା ଦେଇଛନ୍ତି। ଆମେ ଉଭୟେ ନିଜ କ୍ୟାରିୟର ଲାଗି ଏହି ନିଷ୍ପତ୍ତି ନେଇଛୁ। ମାତ୍ର ପୂର୍ବଭଳି ଆମେ ଭଲ ବନ୍ଧୁ ହୋଇ ରହିବୁ। ଟାଇସନ ତାଙ୍କର ପରବର୍ତ୍ତୀ ମ୍ୟାଚ୍‌ରେ ପ୍ରତିପକ୍ଷ ବକ୍ସର ୱାଇଲ୍ଡରଙ୍କୁ ହରାଇଦେବେ ବୋଲି ଲେଖିଛନ୍ତି। ଡାଭିସନ ଓ ଟାଇସନ ୨୦୧୭ରୁ ଏକତ୍ର ହୋଇ କାର୍ଯ୍ୟ କରୁଛନ୍ତି। ନୂଆ ଟ୍ରେନର ସୁଗାର ହେଉଛନ୍ତି ଇମାନୁଏଲ ଷ୍ଟେୱାର୍ଡଙ୍କ ପୁତୁରା, ଯାହାଙ୍କ ସହ ପୂର୍ବରୁ ଟାଇସନ କାର୍ଯ୍ୟ କରିଛନ୍ତି।

ଚିଟ୍‌ଚାଟରେ ଟି.ଏ. ଶେଖର

# 'ପ୍ରଚେଷ୍ଟା ପ୍ରତିଭାକୁ ପରିଚୟ ଦେଇଥାଏ'

**କଟକ ଅଫିସ, ୧୬।୧୨:**
ଭାରତୀୟ କ୍ରିକେଟ ଦଳର ପୂର୍ବତନ ଖେଳାଳି ତଥା ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ ଡେୟାର ଡେଭିଲ୍ସର ବୋଲିଂ କୋଚ୍ ରହିଥିବା ଥିରୁମାଲାଇ ଶେଖର ସୋମବାର କଟକ ଆସିଥିଲେ। ୟୁନିୟନ ସ୍ପୋର୍ଟିଂ ଆନୁକୂଲ୍ୟରେ ବୋଷ ଗ୍ରାଉଣ୍ଡରେ ଅନୁଷ୍ଠିତ ପିଭିଆର ମୂର୍ତ୍ତି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଶେଖରଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ଏହି ଅବସରରେ ଶେଖରଙ୍କ ସହ ସାକ୍ଷାତକାର...

**▸▸ ଏଠାରେ ଏକ ଟୁର୍ନାମେଣ୍ଟର ବିଦ୍ୟାଳୟସ୍ତରୀୟ ମ୍ୟାଚ୍ ଦେଖିବା ପରେ ପ୍ରତିଭାମାନଙ୍କ ସମ୍ପର୍କରେ କଣ କହିବେ ?**

▸ ଦ୍ୱିତୀୟ ଇନିଂସ୍ ବ୍ୟାଟିଂରେ ୨ଟି ଚମତ୍କାର କ୍ୟାଚ୍ ଦେଖିଲି। ପ୍ରତ୍ୟେକ ଖେଳାଳିଙ୍କ ଶାରୀରିକ ପରିଭାଷା ଉତ୍କୃଷ୍ଟମାନର ଥିଲା। ଏହା ନିଶ୍ଚିତ ଯେ, ଏହି ଖେଳାଳିମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ। ଏମାନେ ନିୟମିତ ଭାବେ କ୍ରିକେଟ ସହ ଜଡ଼ିତ ଅଛନ୍ତି। ଯେଉଁ ଦୁଇଟି କ୍ୟାଚ୍ ଆଉଟ୍ ଦେଖିଲି, ସେଥିରେ ଅନ୍ତର୍ଜାତୀୟ ସ୍ତରର ଛାପ ଦେଖିବାକୁ ମିଳିଲା। କ୍ୟାଚ୍ ଧରିବାର ଆଡଭାନ୍ସ କୌଶଳ ଏମାନେ ଜାଣନ୍ତି। ପ୍ରଚେଷ୍ଟା ଜାରି ରଖିଲେ ଓଡ଼ିଶାର ପ୍ରତିଭାମାନଙ୍କୁ ପରିଚୟ ମିଳିପାରିବ।

**▸▸ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିବାରେ ଓଡ଼ିଶା ପଛରେ ରହୁଛି। କଣ ପରାମର୍ଶ ଦେବେ ?**

▸ ଖେଳାଳିମାନେ ନିଜର ଟାର୍ଗେଟ ନିରୂପଣ କରିବା ଦରକାର। ସେମାନଙ୍କ ପ୍ରକୃତ ଲକ୍ଷ୍ୟ କଣ ? ଆଜିକାଲି କ୍ରିକେଟ ଖେଳାଳିମାନଙ୍କ ଭବିଷ୍ୟତ ବହୁତ ଭଲ ରହୁଛି। ଚାକିରି ମଧ୍ୟ ମିଳୁଛି। କେବଳ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିବା ଲକ୍ଷ୍ୟ ନ ରହୁ। ଭାରତୀୟ ଜର୍ସି ପିନ୍ଧିବାକୁ ଚେଷ୍ଟା କରନ୍ତୁ। ତୃଣମୂଳ ସ୍ତରରୁ ଯେଉଁଠାରେ ଭଲ କ୍ରିକେଟ ଖେଳାଳି ବାହାରିବେ, ସେ ରାଜ୍ୟର ଖେଳାଳି ନିଶ୍ଚିତ ଭାବେ ଜାତୀୟ ସ୍ତରରେ ସ୍ଥାନ ପାଇବେ।



**▸▸ ଆପଣ ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନରେ ଓ ଆଇପିଏଲ ଦଳରେ ବୋଲିଂ କୋଚ୍ ଦାୟିତ୍ୱ ତୁଲାଇଛନ୍ତି। ଦୁଇଟିଯାକ ସ୍ଥାନରେ କିଛି ନବାଗତଙ୍କୁ ଦେଖିବାକୁ ମିଳେ। ଉଭୟ ସ୍ଥାନରେ ଖେଳାଳିଙ୍କ ସ୍ଥିତିକୁ କିପରି ପରଖନ୍ତି ?**

▸ ଦୁଇଟିଯାକ ସମ୍ପୂର୍ଣ୍ଣ ଭିନ୍ନ ସ୍ଥାନ। ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନରେ ପେସ୍ ବୋଲରମାନଙ୍କୁ ଟିପ୍ସ ଦେବାକୁ ଅଧିକ ସମୟ ମିଳେ। ସେମାନଙ୍କ ଦକ୍ଷତା ମାପିବା ସହଜ ହୁଏ। ଯାହା ତ୍ରୁଟି ଥାଏ ତାହାକୁ ସୁଧାରିବା ବି ସହଜ। ହେଲେ ଆଇପିଏଲ ସମୟରେ ନବାଗତଙ୍କୁ ଟିପ୍ସ ଦେବା ପାଇଁ ଅଧିକ ସମୟ ମିଳେନି। ମ୍ୟାଚ୍ ପୂର୍ବରୁ ନେଟ୍ସରେ ଯିଏ ଭଲ ବୋଲିଂ କରେ ତା ଉପରେ ସମସ୍ତଙ୍କ ନଜର ରୁହେ। ନେଟ୍ସରେ ଭଲ ବୋଲିଂ କରି ଅନେକ ଖେଳାଳି ଆଇପିଏଲ ସମେତ ଅନ୍ତର୍ଜାତୀୟ ସ୍ତରରେ ନାଁ କମାଇ ସାରିଲେଣି। ଯେଉଁମାନେ ମ୍ୟାଚ୍ ଖେଳିବାର ସୁଯୋଗ ପାଆନ୍ତି ସେମାନେ ନିଜ ଦକ୍ଷତା ଅନୁସାରେ ପ୍ରଦର୍ଶନ କରନ୍ତି। ତେବେ ଆଇପିଏଲରେ ନବାଗତ ମାନଙ୍କୁ ନିଶ୍ଚିତ ଭାବେ ସଂଘର୍ଷ କରିବାକୁ ପଡ଼େ।

**▸▸ ଓଡ଼ିଶା ସହ କିଛି ସ୍ମୃତି ଜଡ଼ିତ ଅଛି କି ?**

▸ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ପୂର୍ବ ଘଟଣା। ବାରବାଟୀରେ ଦେଓଧର ଟ୍ରଫିର ଦକ୍ଷିଣାଞ୍ଚଳ–ପଶ୍ଚିମାଞ୍ଚଳ ମଧ୍ୟରେ ଏକ ମ୍ୟାଚ୍ ଚାଲିଥାଏ। ଏହି ମ୍ୟାଚ୍‌ରେ ମୋର ବୋଲିଂ ବହୁତ ଭଲ ରହିଥିଲା। ପିଚ୍ ପେସ୍ ବୋଲିଂକୁ ସୁହାଉଥିଲା। ମ୍ୟାଚ୍ ପରେ ସୁନୀଲ ଗାଭାସ୍କର ମୋ ବୋଲିଂକୁ ପ୍ରଶଂସା କରିଥିଲେ।

–ସାକ୍ଷାତ: କୁମାରଶ୍ରୀ

### ପେସ୍ ବୋଲର ହେବାକୁ ସଚିନଙ୍କ ଇଚ୍ଛାଥିଲା

ସଚିନ ୧୯୮୮ରେ ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନରେ ପ୍ରଶିକ୍ଷଣ ନେବା ପାଇଁ ଆସିଥିଲେ। ପ୍ରଥମେ ପେସ୍ ବୋଲରହେବାକୁ ସଚିନଙ୍କ ଇଚ୍ଛା ଥିଲା। ଏପରିକି ସେ ନେଟ୍ସରେ ବୋଲିଂ ମଧ୍ୟ କରିଥିଲେ। କିମ୍ବଦନ୍ତୀ ପେସ୍ ବୋଲର ଡେନିସ୍ ଲିଲି ଫାଉଣ୍ଡେଶନର ମୁଖ୍ୟ ପ୍ରଶିକ୍ଷକ ଥାଆନ୍ତି। ସଚିନ ବ୍ୟାଟିଂ କରିବା ବେଳେ ଡେନିସ ଓ ମୁଁ ନେଟ୍ସରେ ତାଙ୍କୁ ଯେଉଁଭଳି ଭାବେ ବୋଲିଂ କଲେ ବି ସେ ଚମତ୍କାର ଶଟ୍ ମାରିଥିଲେ। ପରେ ଏକ ଖବରଦାତା ସମ୍ମିଳନୀରେ ଡେନିସ ସଚିନଙ୍କୁ ପ୍ରଶଂସା କରି କହିଥିଲେ ଯେ, ସେ ବ୍ୟାଟିଂରେ ଏକାଗ୍ରତା କରିବା ଉଚିତ। ବ୍ୟାଟିଂରେ ଏହି ଯୁବକ(ସଚିନ୍ ତେନ୍ଦୁଲକର) ଜଣଙ୍କର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେ କହିଥିଲେ।

### ଟେନିସ ବେଟିଂ ସ୍କାଣ୍ଡାଲରେ ଟପ୍ ୩୦ର ଜଣେ ଖେଳାଳି ଜଡ଼ିତ

**ବର୍ଲିନ, ୧୬।୧୨ (ଏଏଫ୍‌ପି):** ଏଟିପି ମାନ୍ୟତାର ଶ୍ରେଷ୍ଠ–୩୦ ମଧ୍ୟରେ ରହିଥିବା ଜଣେ ଖେଳାଳିଙ୍କ ସମେତ ମୋଟ୍ ୧୩୫ ଜଣ ଟେନିସ ଖେଳାଳି ଅନ୍ତର୍ଜାତୀୟ ବେଟିଂ ସ୍କାଣ୍ଡାଲରେ ଜଡ଼ିତ ରହିଛନ୍ତି ବୋଲି ଜର୍ମାନ ମିଡିଆ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ଦୈନିକ ଖବରକାଗଜ 'ଡାଇ ୱେଲ୍ଟ' ଓ ବ୍ରଡ୍‌କାଷ୍ଟର ଜେଡିଏଫ୍ ପକ୍ଷରୁ ପ୍ରକାଶିତ ମିଳିତ ରିପୋର୍ଟ ଅନୁଯାୟୀ ବିଶ୍ୱ ପୁରୁଷ ସିଙ୍ଗଲ୍ସର ଶ୍ରେଷ୍ଠ–୩୦ରେ ରହିଥିବା ଜଣେ ଖେଳାଳି ଏଥିରେ ସଂପୃକ୍ତ ରହିଛନ୍ତି। ଏହି ଖେଳାଳି ଜଣଙ୍କ ମଧ୍ୟ ୩ଟି ଏଟିପି ଟାଇଟଲ୍ ଜିତିଛନ୍ତି। 'ଆମେ ଆର୍ମେନିଆର ଏକ ବେଟିଂ ମାଫିଆ ନେଟ୍‌ୱର୍କ ବିଷୟରେ କହୁଛୁ, ଯାହାକି ୟୁରୋପର ୭ଟି ଦେଶକୁ ବିସ୍ତାରିତ ହୋଇଛି ଏବଂ ବଡ଼ ଧରଣର ହେରଫେର୍ କରୁଛି' ବୋଲି ବେଲଜିୟମର ଷ୍ଟେଟ୍ ପ୍ରୋସିକ୍ୟୁଟର ଏରିକ୍ ବିସ୍‌ଚପ୍ କହିଛନ୍ତି। ଏହି ସ୍କାଣ୍ଡାଲ ମ୍ୟାଚ୍ ଫିକ୍ସ ଭଳି ଶହ ଶହ ଛୋଟ ବେଟ୍‌ରେ ଜଡ଼ିତ ରହି ପ୍ରତି କେସ୍‌ରେ ୧୦ ଲକ୍ଷ ୟୁରୋ ଲାଭ କରିଥାନ୍ତି। ଆର୍ଜେଣ୍ଟିନାର ପୂର୍ବତନ ଖେଳାଳି ମାର୍କୋ ଟ୍ରୁଙ୍ଗେଲିଟି ଜେଡିଏଫ୍ ଓ ଡାଏ ୱେଲ୍ଟକୁ ସାକ୍ଷାତକାର ଅବସରରେ କହିଛନ୍ତି, ତାଙ୍କୁ ମଧ୍ୟ ମ୍ୟାଚ୍ ଫିକ୍ସର ପକ୍ଷରୁ ଯୋଗଯୋଗ କରାଯାଇଥିଲା।

## ଷ୍ଟୋକ୍ସ ବିବିସି ସ୍ପୋର୍ଟ୍ସ ପର୍ସନାଲିଟି ଅଫ୍ ଦ ଇୟର



ସ୍ତ୍ରୀ କ୍ଲାରେଙ୍କ ସହ ବେନ୍ ଷ୍ଟୋକ୍ସ।

**ଲଣ୍ଡନ,୧୬।୧୨:** ବିବିସି ସ୍ପୋର୍ଟ୍ସ ପର୍ସନାଲିଟି ଅଫ୍ ଦ ଇୟର ପୁରସ୍କାରରେ ଇଂଲଣ୍ଡ କ୍ରିକେଟ ହ୍ୟାଟ୍ରିକ କରିଛି। ବିଶ୍ୱକପ୍ ଚାମ୍ପିୟନ ଇଂଲଣ୍ଡକୁ ବର୍ଷର ଶ୍ରେଷ୍ଠ ଦଳ ଓ ମ୍ୟାନ୍ ଅଫ୍ ଦ ଫାଇନାଲ୍ ଭାବେ ବେନ୍ ଷ୍ଟୋକ୍ସଙ୍କୁ ବର୍ଷର ଶ୍ରେଷ୍ଠ କ୍ରୀଡ଼ା ବ୍ୟକ୍ତିତ୍ୱ ପୁରସ୍କାର ମିଳିଛି। ବିଶ୍ୱକପ୍ ଫାଇନାଲରେ ମାର୍ଟିନ ଗୁପ୍‌ଟିଲଙ୍କ ଦ୍ୱାରା ଜୋସ୍ ବଟଲର ରନ୍‌ଆଉଟ୍ ହେବା ସମୟକୁ ଚଳିତବର୍ଷ କ୍ରୀଡ଼ାର ଶ୍ରେଷ୍ଠ ମୁହୂର୍ତ୍ତ ଭାବେ ଚୟନ କରାଯାଇଛି। ମୁଖ୍ୟ କ୍ରୀଡ଼ା ବ୍ୟକ୍ତିତ୍ୱ ପୁରସ୍କାର ପାଇଁ ବର୍ଷରେ କେଉଁ ଖେଳାଳିଙ୍କ ପ୍ରଦର୍ଶନ ସବୁଠୁ ଆକର୍ଷଣୀୟ ଥିଲା, ତାହା କ୍ରିକେଟ ପ୍ରଶଂସକଙ୍କ ଦ୍ୱାରା ଚୟନ କରାଯାଏ। ପୂର୍ବରୁ ଟେନିସ୍ ଖେଳାଳି ଆଣ୍ଡି ମୁରେ, ଜନି ୱିଲ୍କିନ୍‌ସନ ଓ ଷ୍ଟିଭ ରେଡ୍‌ଗ୍ରେଭଙ୍କୁ ଏହି ପୁରସ୍କାର ମିଳିଥିଲା। ଚଳିତବର୍ଷ ଫର୍ମୁଲା ୱାନ୍ ଷ୍ଟାର ଲୁଇସ୍ ହାମିଲଟନ ଓ ଆଥ୍‌ଲେଟ ଡାଇନା ଆଶର ସ୍ମିଥ୍‌ଙ୍କୁ ପଛରେ ପକାଇ ଷ୍ଟୋକ୍ସ ଏହି ସଫଳତା ପାଇଛନ୍ତି। ଉଲ୍ଲେଖଥାଉ କି, ଷ୍ଟୋକ୍ସଙ୍କ ଯୋଗୁ ବିଶ୍ୱକପ୍ ଫାଇନାଲ ସୁପର ଓଭରରେ ଦଳ ପ୍ରବେଶ କରିଥିଲା। ଏହାର ମାସକ ପରେ ତାଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଆଶେସ୍ ସିରିଜ୍‌କୁ ଇଂଲଣ୍ଡ ଡ୍ର' ରଖିପାରିଥିଲା।

## ରେଫରି ଖେଳାଳିଙ୍କୁ ମାଙ୍କଡ଼ ଡାକିବା ଅଭିଯୋଗ

**ବେଙ୍ଗାଲୁରୁ, ୧୬।୧୨ (ପି.ଟି.):** ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଦଳ ମୁମ୍ବାଇ ସିଟି ଏଫ୍‌ସିର ମୁଖ୍ୟକୋଚ୍ ଜର୍ଜ କୋଷ୍ଟା ଅଭିଯୋଗ କରିଛନ୍ତି ଯେ, ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷ ମ୍ୟାଚ୍ ସମୟରେ ରେଫରି ତାଙ୍କ ଦଳର ଜଣେ ଖେଳାଳିଙ୍କୁ ମାଙ୍କଡ ବୋଲି ସମ୍ବୋଧନ କରିଛନ୍ତି। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଏହି ଘଟଣାର ତଦନ୍ତ କରିବ ବୋଲି ଜଣାପଡ଼ିଛି। ରବିବାର ସ୍ଥାନୀୟ କ୍ରାନ୍ତିବୀର ଷ୍ଟାଡିୟମରେ ଘରୋଇ ବେଙ୍ଗାଲୁରୁ ବିପକ୍ଷରେ ମୁମ୍ବାଇ ୩–୨ ଗୋଲରେ ବିଜୟୀ ହେବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ମ୍ୟାଚ୍ ଶେଷ ହେବାପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁମ୍ବାଇ କୋଚ୍ କୋଷ୍ଟା ଏହି ଅଭିଯୋଗ ଆଣିଥିଲେ। ସେ କହିଛନ୍ତି, ସାଉଦୀଆରବ ରେଫରି ତୁର୍କି ଅଲ୍‌ଖୁଧାୟର ମ୍ୟାଚ୍ ସମୟରେ ମୁମ୍ବାଇ ଏଫ୍‌ସି ସର୍ଗେ କେଭିନଙ୍କୁ ମାଙ୍କଡ଼ ଡାକିଥିଲେ ଏବଂ କିଛି ଅପମାନଜନକ ଇସାରା କରିଥିଲେ। ଲିଗ୍ ଆୟୋଜକର ଜଣେ ମୁଖପାତ୍ର କହିଛନ୍ତି, ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଏହି ଘଟଣାର ତଦନ୍ତ ପାଇଁ ଆଗ୍ରହ ପ୍ରକାଶ କରିଛି। ଆଇଏସ୍‌ଏଲ୍ ନିୟମ ଅନୁଯାୟୀ ଏହିଭଳି ଘଟଣାର ବିଚାର କରିଥାଏ। କେଭିନ ସେଣ୍ଟ୍ରାଲ ଆଫ୍ରିକା ଦେଶ ଗାବନର ଖେଳାଳି। ସେ ମୁମ୍ବାଇ ପକ୍ଷରୁ ମିଡ୍‌ଫିଲ୍ଡର ଭାବେ ଖେଳିଥାନ୍ତି।

ଓଡ଼ିଶା ଟ୍ୟାଲେଣ୍ଟ ଆଡପ୍ସନ ପ୍ରୋଗ୍ରାମ୍

## ଭୁବନେଶ୍ୱରର ୧୫୦୦ ପିଲା ସାମିଲ




ଟ୍ୟାଲେଣ୍ଟ ଆଡପ୍ସନ ପ୍ରୋଗ୍ରାମ୍‌ରେ ସାମିଲ ହୋଇଥିବା ପିଲାମାନେ।

**ଭୁବନେଶ୍ୱର,୧୬।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ରାଜ୍ୟ କ୍ରୀଡ଼ା, ଯୁବସେବା ବିଭାଗ ଓ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ମିଳିତ ସହଯୋଗରେ ଗଗନ ନାରଙ୍ଗ ସ୍ପୋର୍ଟ୍ସ ପ୍ରମୋଶନ ଫାଉଣ୍ଡେଶନ ତରଫରୁ ଭୁବନେଶ୍ୱରର ବିଭିନ୍ନ ସ୍କୁଲରେ ଓଡ଼ିଶା ଟ୍ୟାଲେଣ୍ଟ ଆଡପ୍ସନ ପ୍ରୋଗ୍ରାମ (ଓଟିଏପି) କାର୍ଯ୍ୟକାରୀ କରାଯାଉଛି। ଏହାର ୨୦୧୯ ନଭେମ୍ବରରୁ ଆରମ୍ଭ କରାଯାଇଛି। ଏଥିରେ ୧୧ରୁ ୧୪ ବୟସ ବର୍ଗ ପିଲାଙ୍କ ମଧ୍ୟରୁ ଶୁଟିଂ ସ୍ପୋର୍ଟ୍ସ ପାଇଁ ପ୍ରତିଭା ଚିହ୍ନଟ କରାଯିବ। ଶୁଟିଂ କ୍ରୀଡ଼ାପ୍ରତି ଆଗ୍ରହୀ ପିଲାଙ୍କର ବିଭିନ୍ନ ପରୀକ୍ଷା କରାଯିବ ଯଥା ବିଏମ୍‌ଆଇ ୩ଡି କୋର୍ଡିନେଶନ, ମସଲ ଷ୍ଟ୍ରେଣ୍ଥ, ଫିଙ୍ଗର ଡେକ୍ସରିଟି, ଫିଙ୍ଗର ଟ୍ୟାପିଂ, ରିଆକ୍ସନ ଟାଇମ୍, ଆଡପ୍‌ଟିଭ ମେଟ୍ରିକ୍ସ ଟେଷ୍ଟ, ରିଆକ୍ଟିଭ ଷ୍ଟ୍ରେସ୍ ଟଲରାନ୍ସ ଏବଂ ଟୁ ହ୍ୟାଣ୍ଡ କୋର୍ଡିନେଶନ ଅନ୍ୟତମ। ଓଟିଏପିରେ ଭୁବନେଶ୍ୱରର ବିଭିନ୍ନ ସ୍କୁଲରୁ ମୋଟ ୪୦୦୦ ପିଲାଙ୍କୁ ସାମିଲ କରିବା ଲାଗି ଯୋଜନା ରହିଛି। ତେବେ ଇତିମଧ୍ୟରେ ୧୫୦୦ ପିଲାଙ୍କୁ ସାମିଲ କରାଯାଇସାରିଛି। କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍), ଆଦିତ୍ୟ ବିର୍ଲା ସ୍କୁଲରେ ସାଇଣ୍ଟିଫିକ୍ ଟେଷ୍ଟ ହୋଇସାରିଛି। ବର୍ତ୍ତମାନ ମଦର୍ସ ପବ୍ଲିକ ସ୍କୁଲରେ ଏହି ଟେଷ୍ଟ ଚାଲିଛି। ଓଟିଏପିରୁ ୨୦୦ ପିଲାଙ୍କୁ ଚିହ୍ନଟ କରାଯିବ। ସେମାନଙ୍କୁ କଳିଙ୍ଗ ଷ୍ଟାଡିୟମରେ ନବ ନିର୍ମିତ ୧୦ ଏମ୍. ଶୁଟିଂ ରେଞ୍ଜ୍‌ରେ ଟ୍ରେନିଂ ଦିଆଯାଇ ୨୦୨୦ ରାଜ୍ୟ ଏବଂ ଜାତୀୟ ଚାମ୍ପିୟନଶିପ୍ ପାଇଁ ପ୍ରସ୍ତୁତ କରାଯିବ। ଆମର ପରବର୍ତ୍ତୀ ଟାର୍ଗେଟ ୨୦୨୮ ଅଲିମ୍ପିକ୍ସ ବୋଲି ଗଗନ ନାରଙ୍ଗ ପ୍ରମୋଶନ ଫାଉଣ୍ଡେଶନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଗଗନ ନାରଙ୍ଗ ପ୍ରକାଶ କରିଛନ୍ତି। ବିଶ୍ୱର ନମ୍ବର ୱାନ ର୍ୟାଙ୍କିଙ୍ଗ ମହିଳା ଏୟାର ରାଇଫଲ ଶୁଟର ଇଲାଭେନିଲ ଭାଲାରିଭାନ୍‌ଙ୍କୁ ଏହି ଭଳି ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ ଜରିଆରେ ଆବିଷ୍କାର କରାଯାଇଥିଲା। ଶୁଟିଂ ହାଇପରଫର୍ମାନ୍ସ ସେଣ୍ଟର ସହିତ ସମ୍ପୃକ୍ତ ଆଦିତ୍ୟ ବିର୍ଲା ଗ୍ରୁପ୍ ଅନ୍ତର୍ଗତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ଚେୟାରମ୍ୟାନ ସୂର୍ଯ୍ୟକାନ୍ତ ମିଶ୍ର କହିଛନ୍ତି, ଆଗାମି ବର୍ଷଗୁଡ଼ିକରେ ସର୍ବଭାରତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ବହୁ ଶୁଟରଙ୍କୁ ସଫଳତା ତାଲିକାରେ ଦେଖିବାକୁ ମିଳିବ।

## ଇଷ୍ଟ ଇଣ୍ଡିଆ ସ୍ନୁକର: ସୁବ୍ରତ ଚାମ୍ପିୟନ

**ଭୁବନେଶ୍ୱର,୧୬।୧୨ (କ୍ରୀଡ଼ା ପ୍ରତିନିଧି):**

ଓଡ଼ିଶାର ତାରକା କ୍ୟୁସ୍ପୋର୍ଟ୍ସ ସ୍ପେଶାଲିଷ୍ଟ ତଥା ବର୍ତ୍ତମାନର ରାଜ୍ୟ ଚାମ୍ପିୟନ ସୁବ୍ରତ ଦାସ ୨୫ ଦିନ ମଧ୍ୟରେ ୩ଟି ଟାଇଟଲ ଜିତି ରେକର୍ଡ ସୃଷ୍ଟି କରିଛନ୍ତି। ପାଟଣାରେ ଅନୁଷ୍ଠିତ ଇଷ୍ଟ ଇଣ୍ଡିଆ ଓପନ ସ୍ନୁକର ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି ଓଡ଼ିଶାର ଓଡ଼ିଶାର ସୁବ୍ରତ ଦାସ। ସୋମବାର ଅନୁଷ୍ଠିତ ଫାଇନାଲରେ ସେ ଝାଡ଼ଖଣ୍ଡର ନମ୍ବର ୱାନ ଖେଳାଳି ଆଦର୍ଶ ବର୍ମାଙ୍କୁ ୫–୪ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଟାଇଟଲ ମୁକାବିଲା ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ଶେଷରେ ସୁବ୍ରତ ୭୦–୨୫, ୪୦–୬୫, ୬୪–୨୩, ୫୩–୧୨, ୨୩–୬୪, ୭୧–୩୦, ୫୯–୫୯, ୬୧–୪୩ ପଏଣ୍ଟରେ ବାଜି ମାରିଥିଲେ। ପୂର୍ବରୁ ସୁବ୍ରତ ନଭେମ୍ବର ୩୦ରେ ରାଜ୍ୟ ସ୍ନୁକର ଫାଇନାଲରେ ପୂର୍ବତନ ଜାତୀୟ ଚାମ୍ପିୟନ ଆଶୁତୋଷ ପାଢ଼ୀଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ଏହାପରେ ଡିସେମ୍ବର ୮ରେ ସେ ୫ମ ଗୋଲ୍ଡେନ କିଙ୍ଗ୍ ଓପନ ସ୍ନୁକର ଟାଇଟଲ ଜିତିଥିଲେ। ଏବେ ଇଷ୍ଟଇଣ୍ଡିଆ ସ୍ନୁକର ଚାମ୍ପିୟନ ହୋଇ ସେ ଟାଇଟଲ ହାସଲରେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ଓଡ଼ିଶାରେ ସ୍ଥିର ପ୍ରଦର୍ଶନ କରୁଥିବା କ୍ୟୁ ସ୍ପୋର୍ଟ୍ସ ତାରକାଙ୍କ ମଧ୍ୟରେ ଶୀର୍ଷରେ ଥିବା ସୁବ୍ରତ ଏହାକୁ ମିଶାଇ କ୍ୟାରିୟରରେ ୨୮ଟି ଓପନ ଟାଇଟଲ



ଜିତିଛନ୍ତି। ବିହାର ବିଲିୟାର୍ଡ୍ସ ଆସୋସିଏଶନ ସମ୍ପାଦକ ଶ୍ୟାମଲ ଶର୍ମା ଓ ଆଡିକ୍‌ଶନ ସ୍ନୁକର ସେଣ୍ଟର ଅଧ୍ୟକ୍ଷ ସକେତ ତିୱାରୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ରଣଜୀ ଟ୍ରଫି**

# ଡ୍ରିମ୍ସରେ ଓଡ଼ିଶାର ବିଜୟ ଲକ୍ଷ୍ୟ

**କଟକ ଅଫିସ,୧୬।୧୨**

ଚଳିତ ରଣଜୀ ଟ୍ରଫିର ପ୍ରଥମ ମ୍ୟାଚରେ ଛତିଶଗଡ଼କୁ ପରାସ୍ତ କରିବା ପରେ ଓଡ଼ିଶା ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଘରୋଇ ପରିବେଶରେ ଦ୍ୱିତୀୟ ମ୍ୟାଚ୍ ସର୍ଭିସେସ୍ ବିପକ୍ଷରେ ଖେଳିବ। ମଙ୍ଗଳବାର ଠାରୁ ଏହି ମ୍ୟାଚ୍ ଖେଳାଯିବ। ଡ୍ରିମ୍ସର ପିଚ୍ ପେସ୍ ବୋଲିଂକୁ ସୁହାଇବ ବୋଲି ପୂର୍ବାନୁମାନ କରାଯାଉଛି। ଏହାକୁ ଲକ୍ଷ୍ୟ ରଖି ଟସ୍ ଜିତିଲେ ଓଡ଼ିଶା ବୋଲିଂକୁ ଓହ୍ଲାଇବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଗତ ମ୍ୟାଚ୍‌ରେ ହାତରେ ଆଘାତ ପାଇଥିବା ଓପନର ସନ୍ଦୀପ ପଟ୍ଟନାୟକଙ୍କୁ ଦଳରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଶାନ୍ତନୁ ମିଶ୍ର ଓପନିଂ ଭାର ସମ୍ଭାଳିବେ ବୋଲି ଜଣାପଡ଼ିଛି।

ନକୁଲ ବର୍ମାଙ୍କ ନେତୃତ୍ୱାଧୀନ ସର୍ଭିସେସ୍ ଚଳିତ ସଂସ୍କରଣର ପ୍ରଥମ ମ୍ୟାଚ୍ ଆସାମ ବିପକ୍ଷରେ ଡ୍ର ରଖିଥିଲେ ସୁଦ୍ଧା ଦଳର ପେସ୍ ବୋଲିଂ ବହୁତ ଭଲ ଥିଲା। ମ୍ୟାଚ୍‌ରେ ଦିୱେଶ ପଠାନିଆ, ସାଦବ ନଜରଙ୍କ ଘାତକ ବୋଲିଂ ଦେଖିବାକୁ ମିଳିଥିଲା। ଏଣୁ ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ସର୍ଭିସେସ୍‌ର ଉତ୍କୃଷ୍ଟ ପେସ୍ ଆଟାକ୍ ଦେଖିବାକୁ ମିଳିବ। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ବସନ୍ତ ମହାନ୍ତି, ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଭଳି ପ୍ରଭାବଶାଳୀ ପେସ୍ ବୋଲରଙ୍କ ଉପରେ ଭରସା କରିବ। ଛତିଶଗଡ଼ ବିପକ୍ଷ ମ୍ୟାଚ୍‌ରେ ଗ୍ରାଉଣ୍ଡକୁ ଓହ୍ଲାଇଥିବା ଚୂଡ଼ାନ୍ତ ଏକାଦଶ ଦଳରେ ଅଧିକ ପରିବର୍ତ୍ତନ କରାଯିବନି ବୋଲି ବିଶେଷସୂତ୍ରରୁ ଜଣାପଡ଼ିଛି। କେବଳ ଓପନର ସନ୍ଦୀପ ପଟ୍ଟନାୟକଙ୍କ ସ୍ଥାନରେ ଶାନ୍ତନୁ ମିଶ୍ର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବେ। ଅଧିନାୟକ ଶୁଭ୍ରାଂଶୁ କୁହନ୍ତି, ଡ୍ରିମସରେ ଓଡ଼ିଶାର ବିଜୟ ସମ୍ଭାବନା ବେଶୀ ରହିଛି। ଘରୋଇ ମାଟିରେ ଆମେ ଜିତିବାକୁ ଚେଷ୍ଟା କରିବୁ। ପ୍ରଥମ ମ୍ୟାଚ୍ ଜିତିବା ପରେ ଖେଳାଳିଙ୍କ ମନୋବଳ ଦୃଢ଼ ରହିଛି। ଏହି ମ୍ୟାଚ୍ ଜିତି ଓଡ଼ିଶାର ବିଜୟ ଅଭିଯାନ ଜାରି ରହିବ ବୋଲି ଶୁଭ୍ରାଂଶୁ କହିଥିଲେ।

### ଡ୍ର'ରେ ସରିଛି ମୁକାବିଲା

ଉଭୟ ଦଳ ମଧ୍ୟରେ ୩ଟି ମ୍ୟାଚ ଖେଳାଯାଇଥିବା ବେଳେ ୩ଟି ଯାକ ମ୍ୟାଚ୍ ଡ୍ର ରହିଛି। ୨୦୦୩ ଡିସେମ୍ବର ୨୫ରେ ସଞ୍ଜୟ ରାଉଳଙ୍କ ନେତୃତ୍ୱାଧୀନ ଓଡ଼ିଶାର ମୁକାବିଲା ପ୍ରଥମଥର ନିମନ୍ତେ ସର୍ଭିସେସ ବିପକ୍ଷରେ ହୋଇଥିଲା। ଦିଲ୍ଲୀରେ ଖେଳାଯାଉଥିବା ଉକ୍ତ ମ୍ୟାଚ୍ ଡ୍ର ରହିଥିଲା। ପରେ ୨୦୦୬ରେ ଅନୁଷ୍ଠିତ ମ୍ୟାଚ୍ ମଧ୍ୟ ଫଳଶୂନ୍ୟ ରହିଥିଲା। ଗତ ସିଜନ୍‌ରେ ଓଡ଼ିଶା–ସର୍ଭିସେସ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚ ଡ୍ର ରହିଥିଲେ ସୁଦ୍ଧା ପ୍ରଥମ ଇନିଂସ ଅଗ୍ରଣୀ କରି ସର୍ଭିସେସ୍ ଅଧିକ ପଏଣ୍ଟ ପାଇଥିଲା।



ଅଭ୍ୟାସ ସେସନ ଅବସରରେ ଓଡ଼ିଶାର ଅନୁରାଗ ଷଡ଼ଙ୍ଗୀ ଓ ପପୁ ରାୟ।

### ସନ୍ଦୀପ ବାଦ୍, ଓପନିଂ କରିବେ ଶାନ୍ତନୁ

**ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ବିପ୍ଳବ ସାମନ୍ତରାୟ (ଉପଅଧିନାୟକ), ଗୋବିନ୍ଦ ପୋଦ୍ଦାର, ଦେବାଶିଷ ସାମନ୍ତରାୟ, ଅନୁରାଗ ଷଡ଼ଙ୍ଗୀ, ଅଭିଷେକ ରାଉତ, ଶାନ୍ତନୁ ମିଶ୍ର, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୁଜିତ ଲେଙ୍କା(ଉଇକେଟ କିପର), ରାଜେଶ ଧୂପର(ଉଇକେଟ କିପର), ଅଙ୍କିତ ଯାଦବ, ପପୁ ରାୟ। ରଶ୍ମୀ ରଞ୍ଜନ ପରିଡ଼ା–କୋଚ୍, ଶୁଭକାନ୍ତ ସାହୁ–ଫିଜିଓ, ମନୋଜ କୁମାର ବିଶ୍ୱାଳ–ଟ୍ରେନର।

“ଅନ୍ତର୍ଜାତୀୟ କ୍ରିକେଟରେ ସ୍ୱାଭାବିକ ଖେଳିବା ପରିବର୍ତ୍ତେ ମ୍ୟାଚର ଗତିପଥ ଅନୁସାରେ ପ୍ରଦର୍ଶନ କରିବା ଶ୍ରେୟସ୍କର ।

–ରିଷଭ ପନ୍ତ, ଭାରତୀୟ ବ୍ୟାଟ୍ସମ୍ୟାନ



“ଭାରତ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚରେ ୧୩୯ ରନର ମ୍ୟାଚ ବିଜୟୀ ଇନିଂସ ଏପର୍ଯ୍ୟନ୍ତ ମୋ କ୍ୟାରିୟରର ଶ୍ରେଷ୍ଠ ।

–ଶିମରନ ହେଟମେର, ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ



## ମାରପିଟ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କଲେ ପ୍ରବୀଣ

**ନୂଆଦିଲ୍ଲୀ,୧୬।୧୨(ପି.ଟି.):** ପୂର୍ବତନ ଭାରତୀୟ କ୍ରିକେଟର ପ୍ରବୀଣ କୁମାରଙ୍କ ବିରୋଧରେ ଫ୍ୟାକ୍ଟ୍ରି ମାଲିକଙ୍କୁ ମାରପିଟ୍ କରିଥିବା ପୋଲିସରେ ଅଭିଯୋଗ ହୋଇଛି। କିନ୍ତୁ ସୋମବାର ଏହାକୁ ଅସ୍ୱୀକାର କରିଛନ୍ତି ପ୍ରବୀଣ। ତାଙ୍କ ସମ୍ମାନରେ ଆଞ୍ଚ ଆଣିବା ପାଇଁ ସ୍ଥାନୀୟ ରାଜନେତାଙ୍କର ଏହା ଏକ ପ୍ରୟାସ। ଗତ ଶନିବାର ମିରଟର ମୁଲତାନ ନଗରରେ ସ୍କୁଲ ବସରୁ ଛୁଆମାନେ ଓହ୍ଲାଉଥିବାବେଳେ କାର ପାଇଁ ରାସ୍ତା ନ ଥିବାରୁ ଫ୍ୟାକ୍ଟ୍ରି ମାଲିକ ଦୀପକଙ୍କ ସହ ଯୁକ୍ତିତର୍କ ଓ ପରେ ମାରପିଟ କରିଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ସେ ମୋ ଚେନ୍ ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ। ଏହି ଘଟଣାରେ ସ୍ଥାନୀୟ ରାଜନେତାଙ୍କ ହାତ ରହିଛି। ମୁଁ ସେହି ଅଞ୍ଚଳରେ ରହେ ନାହିଁ। ମାତ୍ର ସେଠାରେ ମୋର ଦୁଇରୁ ୩ଟି ଘର ଅଛି। ସେ ସବୁରେ ଚାଲିଥିବା ରଙ୍ଗ କାମ ତଦାରଖ ପାଇଁ ସେଠାକୁ ଯାଇଥିଲି ବୋଲି ଅନ୍ତର୍ଜାତୀୟ ସ୍ତରରେ ୬ ଟେଷ୍ଟ ଓ ୬୮ ଦିନିକିଆ ଖେଳି ୧୦୪ ଉଇକେଟ ହାତେଇଥିବା ପ୍ରବୀଣ କହିଛନ୍ତି। ଏଠାରେ କିଛି ଲୋକ ଅଛନ୍ତି, ଯେଉଁମାନେ ଅନ୍ୟର ସଫଳତା ଦେଖିପାରୁ ନାହାନ୍ତି। ଶସ୍ତା ଲୋକପ୍ରିୟତା ପାଇବା ପାଇଁ ଉଦ୍ୟମ କରୁଛନ୍ତି। ଜଣେ କ୍ରିକେଟରଙ୍କ ସମ୍ମାନହାନି କରିବା ପାଇଁ ମିଛ କୁହାଯାଉଛି। ମୁଁ ମଧ୍ୟ ତାଙ୍କୁ ନେଇ ଏକ ଅଭିଯୋଗ କରିଛି। ତେବେ ପ୍ରବୀଣଙ୍କ ନାମରେ ଏଭଳି ଅଭିଯୋଗ ପ୍ରଥମ ଘଟଣା ନୁହେଁ। ୨୦୦୮ରେ ସେ ସାଙ୍ଗଙ୍କ ସହ ମିଶି ଜଣେ ଡାକ୍ତରଙ୍କୁ ପିଟିଥିବା ଅଭିଯୋଗ ହୋଇଥିଲା।

# ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଆଜିଠାରୁ

**ଭୁବନେଶ୍ୱର, ୧୬।୧୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ଓଏସବିଏ) ଆନୁକୂଲ୍ୟରେ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ (୧୫ ଏବଂ ୧୭ ବର୍ଷରୁ କମ୍) ପ୍ରତିଯୋଗିତାର ୩୩ତମ ସଂସ୍କରଣ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ମ୍ୟାଚ ଗୁଡ଼ିକ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମ ଏବଂ

- ୧୦ଟି ବିଭାଗରେ ହେବ ପ୍ରତିଯୋଗିତା
- ୨୬୦ ବାଳିକାଙ୍କ ସମେତ ଭାଗନେବେ ୫୪୦ ପ୍ରତିଯୋଗୀ

ସହିଦ ନଗରସ୍ଥିତ ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତା ୧୦ଟି ବିଭାଗରେ ଅନୁଷ୍ଠିତ ହେବ। ଏଥିରେ ୩୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୨୬୦ ବାଳିକାଙ୍କୁ ମିଶାଇ ପାଖାପାଖି ୫୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ସୋମବାର ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆ ଯାଇଛି। “ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ଭାରତର କ୍ରୀଡ଼ା ରାଜଧାନୀ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ଏଥିରେ ଅନୁପ୍ରାଣିତ ହୋଇ ଆମେ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାକୁ ସଫଳଭାବେ ଆୟୋଜନ କରିବାକୁ ଚ୍ୟାଲେଞ୍ଜଭାବେ ନେଇଛୁ” ବୋଲି ଓଏସବିଏ ଅଧ୍ୟକ୍ଷ ରୋହିତ ପୂଜାରି ପ୍ରକାଶ କରିଛନ୍ତି। “୬ ଦିନ ବିଶିଷ୍ଟ ପ୍ରତିଯୋଗିତାରେ ଦେଶର ପ୍ରମୁଖ ୧୫ ଓ ୧୭ ବର୍ଷରୁ କମ୍ ଖେଳାଳିଙ୍କୁ ଦେଖିବାକୁ ମିଳିବ। ବାଳିକା ଓ ବାଳକ ବିଭାଗ ପାଇଁ ଉଭୟ ବୟସ ବର୍ଗରେ ହେବାକୁଥିବା ପ୍ରତିଯୋଗିତାର ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ଇଭେଣ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମ ଓ ସହିଦ ନଗର ଇନ୍‌ଡୋର ହଲ୍‌ର ସିନ୍ଥେଟିକ୍ କୋର୍ଟରେ ଆୟୋଜିତ ହେବ” ବୋଲି ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ(ବିଆଇଏ) ସଚିବ(ଇଭେଣ୍ଟ)ଓମାର ରସିଦ କହିଛନ୍ତି।



ଅଭ୍ୟାସରତ ବ୍ୟାଡ୍‌ମିଣ୍ଟନ ଖେଳାଳି।

ଏହି ପ୍ରତିଯୋଗିତାରେ ଉଦୀୟମାନ ଖେଳାଳିମାନେ ଅନ୍ୟ ଅଭିଜ୍ଞ ଖେଳାଳିଙ୍କ ସହିତ ଖେଳିବାର ସୁଯୋଗ ପାଇବେ। ଫଳରେ ସେମାନେ ମୂଲ୍ୟବାନ ଅଭିଜ୍ଞତା ହାସଲ କରିପାରିବେ। ଇଣ୍ଡୋନେସିଆର ସୁରାବାୟାରେ ଅନୁଷ୍ଠିତ ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ଚାମ୍ପିୟନଶିପ୍‌ର ୧୫ ବର୍ଷରୁ କମ୍ ସିଙ୍ଗଲ୍ସ ଚାମ୍ପିୟନ ତସ୍‌ମିନ୍ ମୀର୍ ଓ ରନର୍ସଅପ୍ ତାରା ଶାହ ଏଠାରେ ଆକ୍ସନରେ ଦେଖିବାକୁ ମିଳିବେ। ପ୍ରତିଯୋଗିତା ପାଇଁ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି। ଅତିକମ୍‌ରେ ଯେଉଁ ଖେଳାଳିମାନେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ ସେମାନଙ୍କୁ ମଧ୍ୟ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ୧୭ ବର୍ଷରୁ କମ୍ ବିଭାଗର ଉଭୟ ବାଳିକା ଓ ବାଳକ ସିଙ୍ଗଲ୍ସ ଟାଇଟଲ ବିଜେତାଙ୍କୁ ୪୪,୦୦୦ଟଙ୍କା ଲେଖାଏ ପୁରସ୍କାର ରାଶି ମିଳିବ। ସେହିପରି ଡବଲ୍ସ ଓ ମିକ୍ସଡ ଡବଲ୍ସ ବିଜେତାଙ୍କୁ ୪୬,୦୦୦ ଟଙ୍କା ଲେଖାଏ ପୁରସ୍କାର ଦିଆଯିବ। ୧୫ ବର୍ଷରୁ କମ୍ ସିଙ୍ଗଲ୍ସ ଟାଇଟଲ ବିଜେତାଙ୍କୁ ୪୨,୦୦୦ଟଙ୍କା ଲେଖାଏ ଏବଂ ଡବଲ୍ସ ଓ ମିକ୍ସଡ ଡବଲ୍ସ ବିଜେତାଙ୍କୁ ୪୪,୦୦୦ଟଙ୍କା ଲେଖାଏ ପୁରସ୍କାର ରାଶି ମିଳିବ ବୋଲି ପ୍ରକାଶ କରାଯାଇଛି।

### ପଦକ ଆଶାରେ ଓଡ଼ିଶା

ଆୟୋଜକ ଓଡ଼ିଶା ପ୍ରତିଯୋଗିତାରେ ୨୨ ପ୍ରତିଯୋଗୀଙ୍କୁ ଖେଳାଇବ। ସେମାନଙ୍କ ମଧ୍ୟରୁ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ନମ୍ବର ୱାନ ଆୟୁଷ ପଟ୍ଟନାୟକ ଏବଂ ୧୫ ବର୍ଷରୁ କମ୍ ବାଳିକା ବିଭାଗର ଶ୍ୱେତପର୍ଣ୍ଣା ପଣ୍ଡାଙ୍କଠାରୁ ପଦକ ଆଶା ରହିଛି। ଉଭୟ ଖେଳାଳିଙ୍କୁ ଡବଲ୍ସ ଓ ମିକ୍ସଡ ଡବଲ୍ସ ଇଭେଣ୍ଟ ପାଇଁ ସିଧାସଳଖ ଏଣ୍ଟ୍ରି ମିଳିଛି।

ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



ଅନୁଷ୍କା ପ୍ରିୟଦର୍ଶିନୀ (ଗୁନୁ)
କୋରଙ୍ଗା, ତରାବୋଇ, ଜଟଣୀ, ଖୋର୍ଦ୍ଧା
ଆଜି ତୋର ଅଷ୍ଟମ ଜନ୍ମବାର୍ଷିକୀ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ଯେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଓ ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।
–:ଶୁଭେଚ୍ଛା ସହ:–
ବାବା: ସୁକାନ୍ତ, ମାମା: ରାଜଶ୍ରୀ, ମିମି, ବା, ବୋଉ, ମାଉସୀ, ମାମୁ, ମାଇଁ, ଜେଜେବାପା, ଜେଜେମା', ବଡବାପା, ବଡମାମା, ଦାଦା, ଖୁଡ଼ୀ, ରଷି, ପିଣ୍ଟୁ, ଚିଣ୍ଟୁ, ପ୍ରିୟା, ଶ୍ରୀୟା, ଗେହ୍ଲି, ବେବି ଏବଂ ସମସ୍ତ ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୭୬୮

## ନୂଆ ରୂପ ନେବ ରାଉରକେଲା

**ଭୁବନେଶ୍ୱର,୧୬।୧୨:** ହକି ବିଶ୍ୱକପ୍‌ର ୨୦୨୩ ସଂସ୍କରଣ ପୁଣିଥରେ ଓଡ଼ିଶାରେ ଅନୁଷ୍ଠିତ ହେବ। ଭୁବନେଶ୍ୱର ସହ ରାଉରକେଲାରେ ବିଶ୍ୱକପ୍‌ର କେତୋଟି ମ୍ୟାଚ୍ ଖେଳାଯିବ। ଏଥିନେଇ ନୂଆ ରୂପରେ ସଜେଇ ହେବାକୁ ଯାଉଛି ରାଉରକେଲା ସିଟି। ଏଥିପାଇଁ ରାଜ୍ୟ ସରକାର ୬୩୦ କୋଟି ଟଙ୍କାର ବ୍ୟୟ ଅଟକଳ କରିଛନ୍ତି। ଆଗାମୀ ୪ ବର୍ଷ ମଧ୍ୟରେ ଏହି ଅର୍ଥ ସହରର ବିମାନବନ୍ଦର, ରାସ୍ତା, ବସ୍ ଟର୍ମିନାଲ, ମ୍ୟୁଜିୟମ, ପାର୍କ, ଆଧୁନିକ କାର ପାର୍କିଂ ସହ ବର୍ତ୍ତମାନ ସହରରେ ଥିବା ଷ୍ଟାଡିୟମର ଉନ୍ନତୀକରଣ କରାଯିବା ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ସରକାରଙ୍କ ସ୍ମାର୍ଟ ସିଟି ଯୋଜନା ଅନୁଯାୟୀ ଓଡ଼ିଶା ସରକାର ଏହି ଉନ୍ନତୀକରଣ କାର୍ଯ୍ୟ କରିବେ।

# ଡିକାଙ୍କ ଗୋଲ ଆରୋଜକୁ ହରାଇଲା

**ଲୁଧିଆନା, ୧୬।୧୨**

ସ୍ଥାନୀୟ ଗୁରୁ ନାନକ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଆଇ-ଲିଗ୍ ଫୁଟବଲ ମ୍ୟାଚରେ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଇଣ୍ଡିଆନ ଆରୋଜ ୦-୧ ଗୋଲରେ ପଞ୍ଜାବ ଏଫସି ନିକଟରୁ ହାରି ଯାଇଛି। ପୂରା ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରିଥିବା ଆରୋଜ ୮୦ତମ ମିନିଟରେ ପଞ୍ଜାବ ଫରୱାର୍ଡ ଆସେର ପେରିକ୍ ଦିପନ୍ଦା ଡିକାଙ୍କ ଗୋଲ ଯୋଗୁ ପରାଜୟ ସ୍ୱାଦ ଚାଖିଛି। ଡିକା ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଏହାକୁ ମିଶାଇ ଘରୋଇ ପରିବେଶରେ ପଞ୍ଜାବ ଏଫସି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଆରୋଜ ବିପକ୍ଷରେ ବିଜୟ ଫଳରେ ପଞ୍ଜାବ ଏଫସି ପଏଣ୍ଟ ଟେବୁଲର ଦ୍ୱିତୀୟକୁ ଉନ୍ନୀତ ହୋଇଥିବାବେଳେ ଏବେ ମଧ୍ୟ ବିଜୟ ସନ୍ଧାନରେ ଥିବା ଆରୋଜ ୧୦ମ ସ୍ଥାନରେ ରହିଛି।

ମନେ ପଡ଼ନ୍ତି

ଷଷ୍ଠ ଶ୍ରାଦ୍ଧବାର୍ଷିକୀ
“ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ”



ଓ ଅନୁପମା ସାହୁ
ସ୍ୱାମୀ - ଓ ମଦନମୋହନ ସାହୁ
ସହଯୋଗନଗର, ବୁଢ଼ାରଜା, ସମ୍ବଲପୁର
ତିରୋଧାନ : ୧୭.୧୨.୨୦୧୩
ମାଆ,
ଜୀବନର ଋଣ ଶୁଝି ଆରପାରିକୁ ଚାଲିଗଲ । ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ଆମର ପାଥେୟ ହେଉ ।
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲାଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ପରିଜନ
ଧ-୧୫୭୬୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଗୀତାଞ୍ଜଳି ଖୁଣ୍ଟିଆ
ବଡ଼ଗଡ଼, ଭୁବନେଶ୍ୱର
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ସର୍ବଦା ଦିଗ୍‌ଦର୍ଶନ ଦେଉଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ଦେବେନ୍ଦ୍ର ଖୁଣ୍ଟିଆ, ହରିହର ସ୍ୱାଇଁ, ସୁରେନ୍ଦ୍ର ଖୁଣ୍ଟିଆ, ପୁଅ: ପ୍ରିୟବ୍ରତ ଖୁଣ୍ଟିଆ (ପିଣ୍ଟୁ), ବନ୍ଧୁ ଓ ପରିବାରବର୍ଗ।
ଧ-୪୬୨୭୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଓ ଶଶୀରେଖା ସେନାପତି
ଆବିର୍ଭାବ : ୩୦ ଅକ୍ଟୋବର ୧୯୬୦
ତିରୋଧାନ : ୨୭ ଡିସେମ୍ବର ୨୦୧୮
ତୁମ ସ୍ମୃତି କେବେ ନୁହେଁ ଭୁଲିବାର,
ଅହରହ କରେ ହୃଦୟ ଅଧୀର
ତୁମ ହାତଗଢ଼ା ତୁମରି ସଂସାର,
ତୁମ ଆଶିଷରେ ହୁଏ ଅଗ୍ରସର
ଶାନ୍ତିରେ ତୁମେ ରୁହ ସର୍ଗଧାମେ,
ଏତିକି ପ୍ରାର୍ଥନା ପ୍ରଭୁଙ୍କ ଚରଣେ।
-: ଶୋକସନ୍ତପ୍ତ :-
Shreemandir
ଶ୍ରୀମନ୍ଦିର ପରିବାର ଏବଂ ଆତ୍ମୀୟସ୍ୱଜନ
ଧ-୫୩୬୪୬

ଦଶାହ ଉପଲକ୍ଷେ



ସ୍ୱର୍ଗତ ଭାଗବତ ବେହେରା
କଣ୍ଟିଲୋ, ସୁନ୍ଦରପଦା, ଭୁବନେଶ୍ୱର
ଆବିର୍ଭାବ: ୧୮।୧୧।୧୯୩୦
ତିରୋଧାନ: ୦୮।୧୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ
ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୬୭୨୬୫

ପଞ୍ଚମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଚକ୍ରଧର ନନ୍ଦ
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ୧୬।୦୩।୧୯୩୪
ତିରୋଧାନ: ୧୨।୧୨।୨୦୧୪
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରଣାମ ଜଣାଉଛୁ ।
ଶ୍ରଦ୍ଧାଞ୍ଜଳି ସହ:
ବନ୍ଧୁ ଓ ପରିବାରବର୍ଗ।
ଧ-୧୫୭୭୦

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଓ ଅନୁପମା ସାହୁ
ଆବିର୍ଭାବ: ୧୭.୧୨.୧୯୪୨
ତିରୋଧାନ: ୧୭.୧୨.୨୦୧୩
ମାଆ, ତୋର ସପ୍ତମ ଶ୍ରାଦ୍ଧ ବାର୍ଷିକୀରେ ମୋର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି । ଈଶ୍ୱରଙ୍କ ଠାରେ ପ୍ରାର୍ଥନା ତୁ ଓ ବାପା ଯେଉଁଠିବି ଥାଅ ଭଲରେ ଥାଅ ।
ତୋର ହତଭାଗା ବାବୁ (ପୁତ୍ର)
ଧ-୧୫୭୬୯

# ୫ ହଜାର ଟିକେଟ୍ କିଣିଲେ ଅନୁବନ୍ଧିତ ସଂଘ

**କଟକ ଅଫିସ,୧୬।୧୨**

ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ସୋମବାରଠାରୁ ଓସିଏ ସହ ଅନୁବନ୍ଧିତ ୟୁନିଟ ଗୁଡ଼ିକୁ ଟିକେଟ୍ ବିକ୍ରି କରାଯାଇଛି। ଦୁଇ ଦିନ ଧରି ହେବାକୁ ଥିବା ଏହି ପ୍ରକ୍ରିୟାର ପ୍ରଥମ ଦିନରେ ପ୍ରାୟ ୫ହଜାର ଟିକେଟ୍ ବିକ୍ରି ହୋଇଥିବା ଜଣାପଡ଼ିଛି। ୧୬ଟି ଜିଲା, ୧୪ଟି କ୍ଲବ, ୧୩ଟି ସ୍କୁଲ ଓ କଲେଜ ଟିକେଟ କିଣି ସାରିଛନ୍ତି। ବଳକା ଅନୁବନ୍ଧିତ ୟୁନିଟ୍ ଗୁଡ଼ିକ ପାଇଁ ମଙ୍ଗଳବାର ରହିଛି ଅନ୍ତିମ ଦିବସ। ଅନୁବନ୍ଧିତ ୟୁନିଟ ଗୁଡ଼ିକ ମୋଟ୍ ୮୯୪୬ଟି ଟିକେଟ ରଖାଯାଇଛି। ଜିଲା ଗୁଡ଼ିକୁ ୧୦୮ଟି ଟିକେଟ ବିକ୍ରି କରାଯାଉଥିବା ବେଳେ କ୍ଲବ, ସ୍କୁଲ, କଲେଜକୁ ୮୮ଟି ଲେଖାଏ ଟିକେଟ୍ ବିକ୍ରି କରାଯାଉଛି। ଅନ୍ୟପକ୍ଷରେ ବିସିସିଆଇର ମୁଖ୍ୟ ପିଚ୍ କ୍ୟୁରେଟର ଆଶିଷ ଭୌମିକ୍ ସୋମବାର ଷ୍ଟାଡିୟମ ପରିଦର୍ଶନ କରିବା ସହ ପିଚ୍‌ର ସ୍ଥିତି ପରଖିଛନ୍ତି। ପିଚ୍ କ୍ୟୁରେଟର ପଙ୍କଜ ପଟ୍ଟନାୟକ ଉପସ୍ଥିତ ଥିଲେ।

**ବାରବାଟୀ ଦିନିକିଆ ଆଉ ୫ ଦିନ**

### ସବୁଠି ଟିକେଟ୍ ସଙ୍କଟ

ଟିକେଟ୍ ସଙ୍କଟ ସବୁଠି ଦେଖିବାକୁ ମିଳିଛି। ଗ୍ୟାଲେରି ନଂ-୭ ବାଦ୍ ପଡ଼ିବା ପରେ ୫ହଜାର ଟିକେଟ୍ କମିଛି। ଯାହା ଫଳରେ ସମସ୍ତ ସ୍ତରରେ ଟିକେଟକୁ ନେଇ ଟଣାଓଟରା ଚାଲିଛି। ପୂର୍ବରୁ ଅନଲାଇନ ଟିକେଟ ମାତ୍ର ଏକ ଘଣ୍ଟାରେ ଶେଷ ହୋଇ ଯାଇଥିଲା। ଏବେ ଅନୁବନ୍ଧିତ ୟୁନିଟ ଗୁଡ଼ିକ ମଧ୍ୟ ଅଧିକ ଟିକେଟ କିଣିବା ନିମନ୍ତେ ନିବେଦନ କରୁଥିବା ଦେଖିବାକୁ ମିଳିଥିଲା। ଆବଶ୍ୟକ ଠାରୁ କମ୍ ପରିମାଣର ଟିକେଟ ଦିଆଯାଉଛି ବୋଲି ଏକ ଜିଲା ସଂଘର ସଦସ୍ୟ କହିଛନ୍ତି। ଆଗାମୀ ଦିନରେ କାଉଣ୍ଟରରେ ହେବାକୁଥିବା ଟିକେଟ୍ ବିକ୍ରିରେ ଏହି ସଙ୍କଟ ବଳବତ୍ତର ରହିବ ବୋଲି ଆଶଙ୍କା କରାଯାଉଛି।



ସୋମବାର ପିଚ୍ ପରିଦର୍ଶନ ଅବସରରେ ବିସିସିଆଇର ମୁଖ୍ୟ ପିଚ୍ କ୍ୟୁରେଟର ଆଶିଷ ଭୌମିକ୍ (ଡାହାଣ)।

### ଗ୍ୟାଲେରିରେ ପୋଲିସ ଟିମ୍

ପ୍ରତ୍ୟେକ ଗ୍ୟାଲେରିରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ଜଗିବ ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ବିଶୃଙ୍ଖଳିତ ଦର୍ଶକଙ୍କ ଉପରେ ପୋଲିସର କଡ଼ା ଆଭିମୁଖ୍ୟ ରହିବ। ଏହାଛଡ଼ା ମହିଳା ଓ ନାବାଳିକା, ନାବାଳକମାନଙ୍କ ପ୍ରତି ବିଶେଷ ଦୃଷ୍ଟି ଦିଆଯିବ ବୋଲି ଡିସିପି ସିଂ କହିଛନ୍ତି। ଟଏଲେଟ୍ ବ୍ୟବସ୍ଥା ପ୍ରତି ମଧ୍ୟ ଡିସିପି ଗୁରୁତ୍ୱାରୋପ କରିଛନ୍ତି। ଦର୍ଶକ କିପରି କୌଣସି ସମସ୍ୟା ନଭୋଗିବେ ସେଥି ନିମନ୍ତେ ପୋଲିସ ସଜାଗ ରହିବ ବୋଲି ଡିସିପି କହିଛନ୍ତି।

### ପ୍ରସ୍ତୁତି ସମୀକ୍ଷା କଲେ ଆର୍‌ଡିସି

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଅନିଲ କୁମାର ସାମଲ ଷ୍ଟାଡିୟମ ପରିଦର୍ଶନ କରି ପ୍ରସ୍ତୁତି ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଆସନ୍ତା ମ୍ୟାଚ ପାଇଁ ସିଏମ୍‌ସି ପକ୍ଷରୁ ଷ୍ଟାଡିୟମ ନିକଟସ୍ଥ ରାସ୍ତା ଘାଟ ସଫାସୁତୁରା ରଖିବା, ଆଲୋକ ସଜା ବ୍ୟବସ୍ଥା କରାଯିବା ସହିତ ପାର୍କିଂ ସ୍ଥଳରେ ଆବଶ୍ୟକ ଲାଇଟ ଓ ଫ୍ଲଡ୍ ଲାଇଟ ବ୍ୟବସ୍ଥା କରିବାକୁ କୁହାଯାଇଛି। ସେହିପରି ଷ୍ଟାଡିୟମର ସୌନ୍ଦର୍ଯ୍ୟୀକରଣ, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପିଇବା ପାଣିର ବ୍ୟବସ୍ଥା ସହ ବାୟୋ ଶୌଚାଳୟ ଓ ମ୍ୟାଚ ସମୟରେ ଗ୍ୟାଲେରିରେ ଓସିଏ ପକ୍ଷରୁ ବିଶୋଧିତ ପିଇବା ପାଣିର ବ୍ୟବସ୍ଥା କରାଯିବା ନେଇ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଆରଡିସି ନିର୍ଦ୍ଦେଶ ଦେଇଛନ୍ତି । ଷ୍ଟାଡିୟମକୁ ଯାଉଥିବା ରାସ୍ତାର ଆବଶ୍ୟକ ମରାମତି ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେବା ସହ ଉପରୋକ୍ତ ସମସ୍ତ ବ୍ୟବସ୍ଥାର ଅଗ୍ରଗତି ସମ୍ବନ୍ଧରେ ଆର୍‌ଡିସି ସମୀକ୍ଷା କରିଛନ୍ତି ।



ଅନୁବନ୍ଧିତ ୟୁନିଟ୍‌କୁ ଟିକେଟ ବିକ୍ରି କରାଯାଉଛି।

# ସ୍ପିନରଙ୍କ ଅଲୋଡ଼ା ରେକର୍ଡ

**ଚେନ୍ନାଇ, ୧୬।୧୨:** ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମର ପିଚ୍ ସାଧାରଣତଃ ସ୍ପିନ ଅନୁକୂଳ। ତିନିଥର ଆଇପିଏଲ୍ ଚାମ୍ପିୟନ ଚେନ୍ନାଇ ସୁପର୍ କିଙ୍ଗ୍ସ ସେଥିପାଇଁ ଘରୋଇ ମ୍ୟାଚ୍‌ରେ ସଫଳତା ପାଇବା ଲାଗି ଏହାର ଦଳରେ ସ୍ପିନରଙ୍କୁ ସର୍ବଦା ପ୍ରାଧାନ୍ୟ ଦେଇଥାଏ। କିନ୍ତୁ ରବିବାର ଏଠାରେ ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଦଳ ମଧ୍ୟରେ ଅନୁଷ୍ଠିତ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌ରେ ଚେପକ୍ ପିଚ୍ ସ୍ପିନରଙ୍କୁ ନିରାଶ କରିଥିଲା। ମ୍ୟାଚ୍‌ରେ ଉଭୟ ଦଳର ସ୍ପିନର ମିଳିତ ଭାବେ ୩୩ ଓଭର (୧୯୮ ବଲ୍) ବୋଲିଂ କରିଥିଲେ ମଧ୍ୟ ଜଣେ ହେଲେ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇବାରେ ସଫଳ ହୋଇପାରି ନ ଥିଲେ।



କୁଲଦୀପ ଯାଦବ

ଏହି ମ୍ୟାଚ୍‌ରେ ମୋଟ୍ ୧୦ ଉଇକେଟ୍ ପଡ଼ିଥିଲା। ସେଥିରୁ ଭାରତର ୮ ଓ ୱେଷ୍ଟଇଣ୍ଡିଜର ୨ଜଣ ବ୍ୟାଟ୍ସମ୍ୟାନ ଆଉଟ୍ ହୋଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଦ୍ରୁତ ବୋଲର ଶେଲଡନ୍ କଟ୍ରେଲ, ଅଲ୍‌ଜାରୀ ଜୋସେଫ୍ ଓ କିମୋ ପଲ୍ ୨ଟି ଲେଖାଏ ଓ ଅଧିନାୟକ କିରନ ପୋଲାର୍ଡଙ୍କୁ ଗୋଟିଏ ଉଇକେଟ୍ ମିଳିଥିଲା। ରବୀନ୍ଦ୍ର ଜାଡେଜା ରନ୍ ଆଉଟ୍ ହୋଇଥିଲେ। ଭ୍ରମଣକାରୀ ଦଳର ଦୁଇ ସ୍ପିନର ହେଡେନ ୱାଲ୍ସ ଓ ରୋଷ୍ଟନ ଚେଜ୍ ଯଥାକ୍ରମେ ୫ ଓ ୭ ଓଭର ବୋଲିଂ କରିଥିଲେ ମଧ୍ୟ ଉଇକେଟଶୂନ୍ୟ ରହିଥିଲେ। ଅପରପକ୍ଷରେ ଭାରତ ପକ୍ଷରୁ ଦୀପକ ଚହର ଓ ମହମ୍ମଦ ସାମି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। କିନ୍ତୁ କୁଲଦୀପ ଯାଦବ ଓ ଜାଡେଜା ୧୦ ଓଭର ଲେଖାଏ ଏବଂ କେଦାର ଯାଦବ ଗୋଟିଏ ଓଭର ବୋଲିଂ କରିଥିଲେ ମଧ୍ୟ ଗୋଟିଏ ବି ଉଇକେଟ୍ ସଫଳତା ପାଇ ନ ଥିଲେ। ମ୍ୟାଚ୍‌ରେ ଭାରତ (୧୨୬ ବଲ୍) ଓ ୱେଷ୍ଟଇଣ୍ଡିଜ (୭୨) ବୋଲର ମିଳିତ ଭାବେ ୧୯୮ ବଲ୍ ପକାଇଥିଲେ।

ସ୍ପିନରଙ୍କ ଦ୍ୱାରା ଭାରତ ମାଟିରେ ଏହା ସବୁଠାରୁ ଖରାପ ପ୍ରଦର୍ଶନ ହୋଇଛି। ଏଥିପୂର୍ବରୁ ୨୦୦୦ ମସିହାରେ ପୁନେଠାରେ ଭାରତ ଓ ଅଷ୍ଟ୍ରେଲିଆ ମ୍ୟାଚ୍‌ରେ ସ୍ପିନର ୧୭୫ ବଲ୍ ପକାଇଥିଲେ ମଧ୍ୟ ଉଇକେଟ୍ ପାଇ ନ ଥିଲେ। ସେହିଭଳି ୧୯୮୯ରେ ମୁମ୍ବାଇଠାରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯାଇଥିବା ମୁକାବିଲାରେ ସ୍ପିନର ୧୬୨ ବଲ୍ ବୋଲିଂ କରି ନିରାଶ ହୋଇଥିଲେ। କିନ୍ତୁ ୨୦୦୧ରେ ଢାକାଠାରେ ଘରୋଇ ବାଂଲାଦେଶ ଓ ଜିମ୍ବାୱେ ମଧ୍ୟରେ ଅନୁଷ୍ଠିତ ଦିନିକିଆ ମ୍ୟାଚ୍ ସ୍ପିନରଙ୍କ ପାଇଁ ସବୁଠାରୁ ଖରାପ ରହିଥିଲା। ଏହି ମ୍ୟାଚ୍‌ରେ ଉଭୟ ଦଳର ସ୍ପିନର ମିଳିତ ଭାବେ କୌଣସି ଉଇକେଟ୍ ନ ପାଇ ୨୨୮ ବଲ୍ ପକାଇଥିଲେ। ସେହିଭଳି ୨୦୧୧ରେ ହରାରେଠାରେ ଜିମ୍ବାୱେ ଓ ପାକିସ୍ତାନ ମ୍ୟାଚ୍‌ରେ ମଧ୍ୟ ୨୨୨ ବଲ ପକାଇ ସ୍ପିନର ଉଇକେଟ୍‌ଶୂନ୍ୟ ରହିଥିଲେ।







# ଚଳନ୍ତା ଟ୍ରେନ୍‌ରୁ ଡେଇଁ ପଡିଲେ ୨ ଯୁବତୀ

- ଗୁରୁତର ଅବସ୍ଥାରେ ଭୀମସାରରେ ଭର୍ତ୍ତି
- ରେଲୱେକୁ ଦାୟୀ କଲେ ସ୍ଥାନୀୟ ଲୋକେ
- ବାଗଡିହି ରେଳ ଷ୍ଟେଶନର ଘଟଣା

**ଝାରସୁଗୁଡ଼ା ଅଫିସ/ ଲଖନପୁର/ ବାମରା, ୧୬।୧୨ (ଡି.ଏନ୍.ଏ.)**

ଚଳନ୍ତା ଟ୍ରେନରୁ ଡେଇଁ ୨ ଯୁବତୀ ଗୁରୁତର ହୋଇଛନ୍ତି । ଝାରସୁଗୁଡ଼ା ଜିଲା ବାଗଡିହି ରେଳ ଷ୍ଟେଶନ ନିକଟରେ ଏହି ଅଭାବନୀୟ ଘଟଣା ଘଟିଛି। ସଂପୃକ୍ତା ୨ଯୁବତୀଙ୍କୁ ରେଳ ଲାଇନ୍‌ରୁ ସ୍ଥାନୀୟ ସାମାଜିକ କର୍ମୀ ଓ ଷ୍ଟେଶନ୍ କର୍ତ୍ତୃପକ୍ଷ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରିଛନ୍ତି। ଆହତ ଯୁବତୀଦ୍ୱୟ ହେଲେ ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନା ଗୋଏଲଝୁମ୍ପା ଗ୍ରାମର ଧନମତୀ ମାଝି(୧୭) ଓ ଜ୍ୟୋତ୍ସ୍ନା ନାୟକ(୧୮) । ଧନମତୀଙ୍କ ବାମଗୋଡ ପାଦ କଟିଯାଇଥିବାବେଳେ ଜ୍ୟୋତ୍ସ୍ନାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ଏହି ଦୁର୍ଘଟଣା ପାଇଁ ରେଳ ବିଭାଗକୁ ଦାୟୀ କରିଛନ୍ତି।

ରେଳଲାଇନ୍ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ଏହି ରୁଟ୍‌ରେ କେତେକ ଯାତ୍ରାବାହୀ ଟ୍ରେନ୍‌କୁ ରେଲୱେ କର୍ତ୍ତୃପକ୍ଷ ଅସ୍ଥାୟୀ ଭାବେ ବାତିଲ୍ କରିଛନ୍ତି। ଯାହାଫଳରେ ଯୁବତୀଦ୍ୱୟ ପାସେଞ୍ଜର ଟ୍ରେନ୍ ଭାବି ବାମରା ଷ୍ଟେଶନରୁ ଉତ୍କଳ ଏକ୍ସପ୍ରେସ୍‌ରେ ଚଢିଯାଇଥିଲେ । ସେମାନେ ବାଗଡିହି ମହାକାଳ ମନ୍ଦିରକୁ ଆସୁଥିଲେ। ତେବେ ଉକ୍ତ ଟ୍ରେନ୍ ବାଗଡିହି ଷ୍ଟେଶନରେ ଅଟକି ନ ଥିଲା। ଏଥିରେ ଭୟଭୀତ ହୋଇ ଯୁବତୀଦ୍ୱୟ ଚଳନ୍ତା ଟ୍ରେନ୍‌ରୁ ଡେଇଁ ପଡିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ବାଗଡିହି ଷ୍ଟେଶନ ମାଷ୍ଟରଙ୍କ କହିବା ମୁତାବକ ସୋମବାର ପୂର୍ବାହ୍ନ ୧୦ଟା୫୪ରେ ଉତ୍କଳ ଏକ୍ସପ୍ରେସ୍ ଷ୍ଟେଶନ ଅତିକ୍ରମ କରିଥିଲା । ଏହାର କିଛି ସମୟ ପରେ ସ୍ଥାନୀୟ ଅଞ୍ଚଳର କେତେକ ସାମାଜିକ କର୍ମୀ ଷ୍ଟେଶନ ନିକଟ ରେଳଲାଇନ୍‌ରେ ୨ଜଣ ଯୁବତୀ କ୍ଷତବିକ୍ଷତ ଅବସ୍ଥାରେ ପଡିଥିବା ନେଇ ତାଙ୍କୁ ଜଣାଇଥିଲେ । ୧୦୮ ଆମ୍ବୁଲାନ୍ସରେ ତୁରନ୍ତ ଉଭୟଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନାକୁ ପଠାଯାଇଥିଲା। ଯୁବତୀଙ୍କ ନିକଟରୁ ମିଳିଥିବା ମୋବାଇଲ୍‌ରୁ ପରିଚୟ ମିଳିବା ପରେ ସେମାନଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । ଏବେ ଆହତ ଯୁବତୀଦ୍ୱୟ ବୁର୍ଲା ବଡ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି ।

## ସରକାରୀ ଯୋଜନା ବାଟ୍‌ବନା

# ଦୁରଦିନ୍‌ରେ ଦମୟନ୍ତୀଙ୍କର ପରିବାର

**କେସିଙ୍ଗା, ୧୬।୧୨ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉତ୍କେଲା ପଁଚେତ୍ ଅଧୀନ ରିଗିଡ଼ିମାଲ ପଡ଼ର ବିଧବା ମହିଲା ଦମୟନ୍ତୀ ଜାନୀ। ସେ ୨ ବଛର ତଲେ ଆପ୍‌ନେ ଅଜିତ ଜାନୀଙ୍କୁଁ ହରେଇଛନ୍। ଏନ୍‌ତାଥି ସେ ଦୁଇ ପୁଓକୁ ଧରି ବଡ଼ା ଗୁଲ୍‌ଗୁଲା ହେଇ ଦିନ୍ ବିତଉଛନ୍। ଇଆଡ଼େ ସବୁ ପରକାର ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ଥିବାର ସେ ଅଭିଯୋଗ କରିଛନ୍।



ସାନ ପୁଓ ସଂଗେ ବିଧବା ଦମୟନ୍ତୀ।

- ଆପ୍‌ନେ ଆରପାରକେ ଚାଲିଯାଇଛନ୍
- ଜମିବାଡ଼ି, ସଁପତି ବଲି କିଛି ନାଇଁ
- ବିଧବା ଭତାରୁ ବଁଚିତ୍ ଦମୟନ୍ତୀ
- ପିଡିଏସ୍ ଚାଉଲ ବଁଦ୍ ହେଇଯାଇଛେ

ସୂଚନା ଅନ୍‌ସାରେ ରିଗିଡ଼ିମାଲ ପଡ଼ାର ବିଧବା ମହିଲା ଦମୟନ୍ତୀ ଜାନୀ(୨୯)ଙ୍କର ପରିବାର କହେଲେ ପୁଓ ଧର୍ମାନନ୍ଦ(୭) ଆର ଓମପ୍ରକାଶ(୪)କେ ନେଇ ସଁସାର। ୨ ବଛର ତଲେ ଆପ୍‌ନେ ଅଜିତ ଜାନୀ କିଡ୍‌ନୀ ରୋଗ୍‌ରେ ପଡ଼ି ଆରପାରକେ ଚାଲିଯାଇଛନ୍। ପରିବାରଟା ନିହାତି ଗରିବ୍, ଜମିବାଡ଼ି ବଲି କିଛି ନାଇଁ। ସଖାଲ ପାଏଲେ ଦମୟନ୍ତୀ ପରହର ଗୁତି କରି ଯାହା ଆନୁଛନ୍ ସେଥିରେ ଛୁଆକୁ ପାଲପୋଷ କରବାର ସଂଗେ ପାଠ୍ ପଢ଼ଉଛନ୍। ବଡ଼ ପୁଓ ଧର୍ମାନନ୍ଦ ଗାଁରୁ ଏକ କି.ମି. ଦୂରିଆ କନ୍ଦେଇମାଲ ପ୍ରାଥମିକ ସ୍କୁଲକେ ପଢ଼ି ଯାଉଛନ୍। ସେନ୍‌ତା ସାନ୍‌ପୁଓକେ ଧରି ଦମୟନ୍ତୀ ପରହର କାମ୍‌ବୁତା କରୁଛନ୍। ହେଲେ ଦମୟନ୍ତୀ ଆଏଜ୍‌ତକ ହରିଶ୍ଚନ୍ଦ୍ର ଯୋଜନାର ସାହାଯ୍ ନାଇଁପାଇ। ସେନ୍‌ତା ବିଧବା ଭତାର ଲାଗି ପଁଚେତ୍‌କେ ଦଉଡ଼ି ଦଉଡ଼ି ନିରାଶ ହେଇଥିବାର ସେ ଅଭିଯୋଗ କହିଛନ୍। ସବୁଥିରୁ ଦୁଖର କଥା ଗଲା ମାସୁ ଉତ୍କେଲା ପଁଚେତ୍‌ରୁ ପରିବାର ପାଉଥିବାର ୧୦ କେ.ଜି. ଚାଉଲ ବି ବଁଦ୍ ହେଇଯାଇଛେ। ଏନ୍‌ତାଥି ୩ ପରାନୀ କୁଟୁମ ବଡ଼ା ଗୁଲ୍‌ଗୁଲା ହେଇ ଦିନ୍ ବିତଉଛନ୍। ଯେନ୍‌ମାନକର ପକାଘର ଅଛେ ସେମାନକୁ ଆବାସ ଯୋଜନାରେ ସାମିଲ କରାଯାଉଛେ, ପିଡିଏସ୍ ଚାଉଲ ଆର କାଳିଆ ଟଁକା ଦିଆଯାଉଛେ। ହେଲେ ଆମର ଲେଖେଁ ନିହାତି ଗରିବ୍ ଦୁଖିକୁ ରାଏଜ୍ ସରକାର, ପରଶାସନ ଅନ୍‌ଦେଖା କରୁଛେ ବଲି ଦମୟନ୍ତୀ ଅଭିଯୋଗ କରିଛନ୍। ଇ ବାବ୍‌ଦେ ଉତ୍କେଲା ପଁଚେତ୍ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁଁ ପଚ୍‌ରାଲାରୁ ଜାନୁୟାରୀରୁ ଦମୟନ୍ତୀଙ୍କୁଁ ବିଧବା ଭତା ମିଲବା, ପିଡିଏସ୍ ଚାଉଲ ବାବ୍‌ଦେ ଯୋଗାଣ ବିଭାଗକେ ପଚ୍‌ରାବାକେ ପଡ଼ବା ବଲି ସେ କହିଥିଲେ। ଜିଲା ପରଶାସନ ଇ ଦୁଖି ପରିବାର ଉପରେ ଦୃଷ୍ଟି ଦେଇ ଆବାସ ଯୋଜନାରେ ସାମିଲ କରବାର ସଂଗେ ମାସିକ ୩୫ କେ.ଜି. ଚାଉଲ ଆର ଦମୟନ୍ତୀଙ୍କୁ ବିଧବା ଭତା ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।

# କୋଶଲୀ-ଓଡ଼ିଆ ଚଳଚ୍ଚିତ୍ର ଝରନ୍‌ର ପ୍ରିମିୟର ଶୋ

**ବଲାଙ୍ଗୀର ଅଫିସ, ୧୬।୧୨**

ବଲାଙ୍ଗୀର ରମାଇଁ ଟକିଜରେ ବହୁ ପ୍ରତୀକ୍ଷିତ କୋଶଲୀ-ଓଡିଆ ଚଳଚ୍ଚିତ୍ର ଝରନ୍‌ର ପ୍ରିମିୟର ଶୋ ସୋମବାର ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଚଳଚ୍ଚିତ୍ରର ସମସ୍ତ ଅଭିନେତା ଓ ଅଭିନେତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଲୁପ୍ତପ୍ରାୟ ଲୋକକଳା ଘୁବୁକୁଡୁକୁ ନେଇ ବଞ୍ଚି ଆସିଥିବା ଗୋଟିଏ କଳାକାର ପରିବାରର ସମର୍ପିତ ଆଦର୍ଶ ଓ ସଂଘର୍ଷକୁ ନେଇ ଗତିଶୀଳ ଏହି ଚଳଚ୍ଚିତ୍ରରେ ପଶ୍ଚିମ ଓଡିଶାର କଳା ଓ ସଂସ୍କୃତିର ମହକ ପରିଲକ୍ଷିତ ହୋଇଛି । ପ୍ରିମିୟର ଶୋ ଦେଖିବା ପରେ ମୁଖ୍ୟଅତିଥି ଚୌହାନ୍ ଚଳଚ୍ଚିତ୍ରକୁ ଭୂୟସୀ ପ୍ରଶଂସା କରିଛନ୍ତି । ଏଭଳି ଉଦ୍ୟମ ଫଳରେ ଲୁପ୍ତପ୍ରାୟ କଳା ଓ ସଂସ୍କୃତି ବଞ୍ଚିବା ସହ ନୂଆ କଳାକାର ସୃଷ୍ଟି ହୋଇପାରିବେ ବୋଲି ସେ କହିଥିଲେ । ଏହି ଅବସରରେ ସେ ଚଳଚ୍ଚିତ୍ର ପ୍ରୟୋଜକ, ନିର୍ଦ୍ଦେଶକ, ସମସ୍ତ ଅଭିନେତା ଓ ଅଭିନେତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ । ଚଳଚ୍ଚିତ୍ରର ପ୍ରୟୋଜକ ତଥା ମୁଖ୍ୟ ଚରିତ୍ର ଅଭିନେତା ଭାବେ ଅଭିନୟ କରିଥିବା ଶ୍ରୀକର ମିଶ୍ର ସମସ୍ତ ଅଭିନେତା ଓ ପ୍ରଡକସନ୍ ଟିମ୍ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇ ସମସ୍ତଙ୍କ ପରିଶ୍ରମରେ ପ୍ରସ୍ତୁତ ଝରନ୍ ଚଳଚ୍ଚିତ୍ର ଦର୍ଶକଙ୍କ ମନ ଜିଣିବ ବୋଲି କହିଥିଲେ ।



ଝରନ୍ ଚଳଚ୍ଚିତ୍ରର ପ୍ରିମିୟର ଶୋ'କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନ ଉଦ୍‌ଘାଟନ କରୁଛନ୍ତି ।

- ଲୁପ୍ତପ୍ରାୟ ଲୋକକଳା ଘୁବୁକୁଡୁକୁ ନେଇ ମାର୍ମିକ କାହାଣୀ
- ଉଦ୍‌ଘାଟନ କଲେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ

ଆମ ଅଞ୍ଚଳର ଲୋକକଳା, ସଂସ୍କୃତିକୁ ବଞ୍ଚାଇ ରଖିବାରେ କଳାକାରମାନଙ୍କ ଅସୀମ ଅବଦାନକୁ ସ୍ମରଣ କରି ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଛି ବୋଲି ସେ କହିଥିଲେ । ଏହି ଚଳଚ୍ଚିତ୍ରଟି ଆଉ ତିନିଦିନ ଧରି ରମାଇଁ ଟକିଜରେ ପ୍ରଦର୍ଶିତ ହେବ ବୋଲି ସେ ସୂଚନା ଦେଇଥିଲେ । ଏହି ପ୍ରିମିୟର ଶୋ ଦେଖିବା ପାଇଁ ଦର୍ଶକଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ଚଳଚ୍ଚିତ୍ରରେ ଚରିତ୍ର ଅଭିନେତା ଶ୍ରୀକର ମିଶ୍ର, ହିରୋ ସୁରଜ ପଟ୍ଟନାୟକ, ହିରୋଇନ ରେଶମା ସୋନା, ଭିଲିଏନ ଧୀରଜ ବେଜ୍, ଆରୁଷି ପଟେଲ, ସତ୍ୟ ନାଏକ, ବନୀତା ନାଗ, ଲଳିତ ପୂଜାରୀ, ଚିତ୍ତରଞ୍ଜନ ଦାଶ, ତୁଷାରକାନ୍ତ ସାହୁ ଓ ଦିଲୀପ ଷଡଙ୍ଗୀଙ୍କ ଅଭିନୟକୁ ଦର୍ଶକମାନେ ପ୍ରଶଂସା କରିଛନ୍ତି । ଏହି ଚଳଚ୍ଚିତ୍ରର କାହାଣୀ ପ୍ରଶାନ୍ତ ଖମାରୀ ଲେଖିଥିବାବେଳେ ସଂଳାପ ଲେଖିଛନ୍ତି ଦେବରାଜ ସାହୁ । ଚଳଚ୍ଚିତ୍ରକୁ ନିର୍ଦ୍ଦେଶନା ଦେଇଛନ୍ତି କଟକର ଆଶିଷ ଭଟ୍ଟାଚାର୍ଯ୍ୟ। ସୁମଧୁର ସଙ୍ଗୀତରେ ଚଳଚ୍ଚିତ୍ରକୁ ଲୋକପ୍ରିୟ କରିଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ପଙ୍କଜ ଜାଲ । ଏହି ଚଳଚ୍ଚିତ୍ରରେ ସ୍ଥାନୀୟ କଳାକାରଙ୍କ ଅଭିନୟ ପ୍ରତିଭା ଝଲସିଛି । ଏହାର ମଜା ଉଠାଇବାକୁ ସଂଯୋଜକ ପ୍ରହଲ୍ଲାଦ ଦର୍ଜୀ ଅନୁରୋଧ କରିଛନ୍ତି ।

# ମାମୁ ଘର ଗାଁରେ ଭଣଜାର ମୃତ୍ୟୁ

**ବ୍ରଜରାଜନଗର, ୧୬।୧୨ (ଡି.ଏନ.ଏ.)**

ଝାରସୁଗୁଡା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଆମଦରହ ଗ୍ରାମରେ ମାମୁଁ ଘରକୁ ବୁଲିବାକୁ ଆସିଥିବା ଜଣେ ଯୁବକ ଗାଧୋଇବାକୁ ଯାଇ ପାଣିରେ ବୁଡି ଯିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ ପଡୋଶୀ ହସାଂମୁରା କଟାପାଲି ଗାଁର ବିଦେଶୀ ଖଡିଆ (୨୫)। ଅମଦରହ ଗ୍ରାମରେ ଥିବା ମାମୁଁ ଘରକୁ ସେ ୪ ଦିନ ହେବ ବୁଲି ଆସିଥିଲେ। ପ୍ରତ୍ୟେକ ଦିନ ସେ ମାମୁଁ ଘର ଗାଁ ପାଖରେ ଥିବା ଏକ ଖାଲକୁ ଗାଧୋଇବାକୁ ଯାଆନ୍ତି। ସୋମବାର ଉକ୍ତ ଖାଲକୁ ସେ ଅପରାହ୍ନ ୨ଟାରେ ଗାଧୋଇବାକୁ ଯାଇଥିଲେ। ହେଲେ ଗାଧୋଇବା ପୂର୍ବରୁ ଖାଲ ଭିତରକୁ ଲମ୍ଫ ଦେବାରୁ ଗଭୀର ପାଣିରେ ବୁଡି ଯାଇଥିଲେ। ଖବର ପାଇ ଗାନ୍ଧିଛକ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦମକଳ ବାହିନୀ ସହାୟତାରେ ଉକ୍ତ ଖାଲରୁ ମୃତଦେହ ବାହାର କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ଲାଗି ମୃତଦେହକୁ ପଠାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଟ୍ରାକ୍ଟରରୁ ଖସି ବାଳକ ମୃତ

- ଚାଳକ ମୃତଦେହକୁ ଘରେ ଛାଡ଼ି ଛୁ

**ପଦ୍ମପୁର, ୧୬।୧୨(ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଥାନା ଅନ୍ତର୍ଗତ ସର୍ଗିବାହାଲ ପଞ୍ଚାୟତ ଅଧୀନ ପଞ୍ଚଭାୟା ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି । ଟ୍ରାକ୍ଟର ଉପରୁ ଖସି ହରିଜନପଡ଼ାର କିଶୋର କୁମ୍ଭାରଙ୍କ ପୁଅ ଆନନ୍ଦ(୧୨)ଙ୍କ ମୃତ୍ୟୁ ହୋଇଛି। ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି । ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି ।

ପ୍ରକାଶ ଯେ, କିଶୋର ସକାଳୁ ଇଟା ଗଢ଼ିବାକୁ ଗ୍ରାମ ବାହାରକୁ ଯାଇଥିବା ବେଳେ ତାଙ୍କ ପୁଅ ଆନନ୍ଦ ଘରେ ଏକାକୀ ଥିଲେ । ଏହି ସମୟରେ ଗ୍ରାମର ଜଣେ ଯୁବକ ଆନନ୍ଦଙ୍କୁ ଡାକି ନିଜ ଟ୍ରାକ୍ଟରରେ ବସାଇ କୁଆଡ଼େ ନେଉଥିଲେ । ଟ୍ରାକ୍ଟରରେ ବସି ଯାଉଥିବା ଆନନ୍ଦ ହଠାତ୍ ଖସି ପଡିବାରୁ ତାଙ୍କ ଉପରେ ଚକ ଚଢ଼ି ଯାଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ହେଲେ ଟ୍ରାକ୍ଟର ଚାଳକ ତାଙ୍କୁ ଡାକ୍ତରଖାନା ନେବା ବଦଳରେ ଘରେ ଛାଡ଼ି ଚାଲି ଯାଇଥିଲେ। ଖବର ପାଇ କିଶୋର ଘରେ ପହଞ୍ଚି ଥିଲେ। ପରେ ମୃତ ପୁଅକୁ ଡାକ୍ତରଖାନାକୁ ନେଇଥିଲେ । ସେଠାକୁ ପୋଲିସ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା । ପୋଲିସ ଟ୍ରାକ୍ଟରକୁ ଜବତ କରିଥିବାବେଳେ ଚାଳକଙ୍କୁ ଧରିବା ପାଇଁ ତନାଘନା ଚଳାଇଛି ।

# ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ମ୍ୟାଚ୍ ଫି' କଟିଲା

**ଚେନ୍ନାଇ,୧୬।୧୨(ପି.ଟି.)**

ଏଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଦଳ ସହଜରେ ଘରୋଇ ଭାରତୀୟ ଦଳକୁ ହରାଇ ଦେଇଛି। ମାତ୍ର ଧୀମା ବୋଲିଂ ହାର ପାଇଁ ଭ୍ରମଣକାରୀ ଦଳର ଖେଳାଳିଙ୍କ ମ୍ୟାଚ୍ ଫି' ୮୦ ପ୍ରତିଶତ କାଟ୍ କରାଯାଇଛି। ଆଇସିସି ମ୍ୟାଚ୍ ରେଫରିଙ୍କ ଏଲିଟ ପ୍ୟାନେଲ ସଦସ୍ୟ ଡେଭିଡ ବୁନ ଏହି ଦଣ୍ଡାଦେଶ ଲଗାଇଛନ୍ତି। କିରନ ପୋଲାର୍ଡଙ୍କ ନେତୃତ୍ୱାଧୀନ ଦଳ ଧାର୍ଯ୍ୟ ସମୟ ସୁଦ୍ଧା ୪ ଓଭର କମ୍ ବୋଲିଂ କରିଥିଲେ। ପୋଲାର୍ଡ ଦୋଷ ସ୍ୱୀକାର କରି ନେଇଥିବାରୁ କୌଣସି ଶୁଣାଣିର ଆବଶ୍ୟକତା ନାହିଁ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।
- ଗୀତା



## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ପଦ୍ମପୁର, ୧୬।୧୨ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡ ଦର୍ଲିଗୁଡା ପାଖରେ ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରୂପଧର ବରିହା (୨୩) । ଦର୍ଲିଗୁଡା ଗ୍ରାମର ରୂପଧର ବରିହା, ଭବାନୀ ଜେନା, ସଞ୍ଜୟ ବରିହା ଏକ ବାଇକ ଯୋଗେ ଦର୍ଲିଗୁଡାରୁ ନିଜଗାଁ ଦହିଗାଁକୁ ଆସୁଥିଲେ । ଦର୍ଲିଗୁଡା ନିକଟ ଏକ ପୋଲରେ ବାଇକ ଭାରସାମ୍ୟ ହରାଇ ପିଟି ହୋଇଯିବାରୁ ଘଟଣାସ୍ଥଳରେ ରୂପଧରଙ୍କ ମୃତ୍ୟୁ ହୋଇଥିଲା । ଅନ୍ୟ ୨ଜଣ ଆହତ ହୋଇ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ବୋଡେନ ଥାନାରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

### ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ସୋହେଲା,୧୬।୧୨(ଡି.ଏନ.ଏ)
ସୋହେଲା ପୋଲିସ ସୋମବାର ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରିଛି । ତାଙ୍କ ପରିଚୟ ଜଣାପଡି ନ ଥିଲେ ମଧ ବୟସ ପ୍ରାୟ ୬୫ ବର୍ଷ ହେବ । ଏହି ମହିଳାଙ୍କ ବର୍ଣ୍ଣ ଗୋରା, ଉଚ୍ଚତା ପ୍ରାୟ ୫ଫୁଟ ହେବ। ସେ ଗୋଟିଏ ହଳଦିଆ ଗୋଲାପୀ ରଙ୍ଗର ପ୍ରିଣ୍ଟ ଶାଢ଼ି ପିନ୍ଧିଥିଲେ। ଆଜକୁ ପ୍ରାୟ ୭/୮ ଦିନ ହେବ ସେ ବୁଲାବୁଲି କରି ଗ୍ରୀଞ୍ଜେଲ ଗ୍ରାମର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଗୋଟିଏ ଘର ପିଣ୍ଡାରେ ଶୋଉଥିଲେ। ଗ୍ରାମବାସୀ ସକାଳେ ବୃଦ୍ଧାଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏ ନେଇ ପୂର୍ବତନ ସରପଞ୍ଚ ଯାଦବ ବେହେରା ଥାନାକୁ ଲିଖିତ ଭାବେ ଜଣାଇବା ପରେ ପୋଲିସ ମୃତଦେହ ମାଇନା କରି ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି। ଏ ନେଇ ସୋହେଲା ଥାନାରେ ଏକ ମାମଲା(ନଂ.୧୭/୧୯) ରୁଜୁ ହୋଇଛି ।

### ପଞ୍ଜୀକୃତ ହେଲା ୧୪୩ ଅଭିଯୋଗ

ଗାଇସିଲେଟ, ୧୬।୧୨(ଡି.ଏନ.ଏ)
ଗାଇସିଲେଟ ପଞ୍ଚାୟତ ସମିତି ରାଜୀବ ଗାନ୍ଧୀ ସଭା ଗୃହରେ ଜିଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡିଓ ନିରଞ୍ଜନ ସାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ବରଗଡ ଏଡିଏମ ମିର୍ଦ୍ଧା ଟପ୍ପୋ, ଏସପି ପଦ୍ମିନୀ ସାହୁ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ ଓ ପଦ୍ମପୁର ଉପ ଜିଲାପାଳ ତନ୍ମୟ ଦରୱାନ ପ୍ରମୁଖ ମଞ୍ଚାସୀନ ରହି ଅଭିଯୋଗ ଶୁଣିଥିଲେ। ଶିବିରରେ ସାମୂହିକ ଭାବେ ୨୦ଟି, ରେଡକ୍ରସ ସମ୍ବନ୍ଧିତ ୨ଟି ଓ ବ୍ୟକ୍ତିଗତ ୧୨୧ଟି ଅଭିଯୋଗ ପଞ୍ଜୀକଣ ହୋଇଥିଲା । ଏଥିରେ ଲାଇନ ବିଭାଗ, ଜିଲା ଓ ସବଡିଭିଜନ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଶାଗୁଆନ କାଠ ସହ ଗାଡ଼ି ଜବତ, ୨ ଗିରଫ

ପଦ୍ମପୁର, ୧୬।୧୨ (ଡି.ଏନ.ଏ)
ପଦ୍ମପୁର ବନାଞ୍ଚଳ ବେହେରାଟାଲ-ଜମରତଲା ରାସ୍ତାରେ ବନ ବିଭାଗ ଚଢ଼ାଉ କରି ୩୯ ଖଣ୍ଡ ଶାଗୁଆନ ପଟା ବୋଝେଇ ଗାଡି ଜବତ କରିଛି । ଜବତ କାଠ ମୂଲ୍ୟ ୨୫ ହଜା ଟଙ୍କା ହେବ । ଏହି ଘଟଣାରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁରେନ୍ଦ୍ର ମହାନନ୍ଦ ଓ ରୋହିତ ନାଗ। ଅଭିଯୁକ୍ତ ଦ୍ୱୟ ଏକ ଗାଡି (ନଂ.ଓଆର୦୩ଏଚ/୭୪୮୨) ଶାଗୁଆନ ପଟା ବୋଝେଇ କରି ପାଟଣାଗଡ ପଟରୁ ପଦ୍ମପୁର ଆଡକୁ ଆସୁଥିଲେ । ଖବର ପାଇ ପଦ୍ମପୁର ବନାଞ୍ଚଳ ଅଧିକାରୀ ପ୍ରମୋଦ ସାହୁ, ବନପାଳ ସୁଶାନ୍ତ ଦାଶ, ବନରକ୍ଷୀ ତରଣୀସେନ ପ୍ରଧାନ, ବସନ ବାଗ ପ୍ରମୁଖ ଚଢ଼ାଉ କରିଥିଲେ । ଏ ନେଇ ଏକ ମାମଲା (ନଂ.୧୭୪/୧୯) ରୁଜୁ ହୋଇଛି ।

### କେନ୍ଦୁପତ୍ର ଶ୍ରମିକଙ୍କ ଚକ୍ଷୁ ପରୀକ୍ଷା ଶିବିର

ପଦ୍ମପୁର, ୧୬।୧୨ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡ ବୋଡେନରେ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିମାନଙ୍କ ପାଇଁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ସୋମବାର ଅନୁଷ୍ଠିତ ହୋଇଛି । ପଦ୍ମପୁର କେନ୍ଦୁପତ୍ର ବନାଞ୍ଚଳ ଓ ଭୁବେନଶ୍ୱର ଜେନିଥ ଆଇ କେୟାରର ମିଳିତ ସହଯୋଗରେ ଏହି ଶିବିର ହୋଇଥିଲା। କେନ୍ଦୁପତ୍ର ଡିଭିଜନ ଏସିଏଫ ମାନଗୋବିନ୍ଦ ଦଳାଇ ଓ କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ସାହୁ ଶିବିରକୁ ଉଦଘାଟନ କରିଥିଲେ । ଶିବିରରେ ୧୯୮ ଜଣ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି ଚକ୍ଷୁ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୧୫୫ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ଡା. ଶକ୍ତି ସୌରଵ ପ୍ରଧାନ, ଡା. ସମ୍ବିତ ଆଚାର୍ଯ୍ୟ, ଡା. ସୌମେନ ମଣ୍ଡଳ, ଅସିତ କୁମାର ନାୟକ, ମଧୁସୂଦନ ବେହେରା, ପ୍ରତାପ ସାହୁ, କିଶୋର ବୈକାର, ବାସୁଦେବ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

■ କାଳିଆ ଯୋଜନାରେ ଚଞ୍ଚକତା ଅଭିଯୋଗ

# ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ

ବରଗଡ଼ ଅଫିସ୍,୧୬।୧୨

ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ଚଞ୍ଚକତା ଅଭିଯୋଗ ନେଇ ସୋମବାର ନବ ନିର୍ମାଣ କୃଷକ ସଙ୍ଗଠନ ବରଗଡ଼ ଜିଲା ଶାଖା ଏସ୍‌ପିଙ୍କୁ ଫେରାଦ ହୋଇଛି। ଏସ୍‌ପି ପଦ୍ମିନୀ ସାହୁଙ୍କ ଅନୁପସ୍ଥିତିରେ ତାଙ୍କ ଅଫିସରେ ସଙ୍ଗଠନ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କାଳିଆ ଯୋଜନାରେ ରାଜ୍ୟ ସରକାର ପ୍ରାକୃତିକ ଦୁର୍ବିପାକ ପାଇଁ ରହିଥିବା ଆପାଦକାଳୀନ ଅର୍ଥକୁ ବିନିଯୋଗ କରିଥିବା ସେମାନେ ଅଭିଯୋଗ କରିଛନ୍ତି । ସେହିପରି ଅର୍ଥ ବିନିଯୋଗ ଅସାମ୍ବିଧାନିକ ଏବଂ କାଳିଆ ଯୋଜନାରେ ଚଞ୍ଚକତା ହୋଇଥିବା ଅଭିଯୋଗ କରି ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରିବା ପାଇଁ ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନବେଳେ ସଙ୍ଗଠନର ବରଗଡ଼ ଜିଲା ଶାଖାର ରଞ୍ଜନ ପଟେଲ, ଦିନେଶ ଶର୍ମା, ପୀତବାସ ସାହୁ, ଟଙ୍କଧର ସାହୁ, ଧନେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ଏସପିଙ୍କୁ ଫେରାଦ ହୋଇଥିବା ନବ ନିର୍ମାଣ କୃଷକ ସଂଗଠନର ପ୍ରତିନିଧିବୃନ୍ଦ ।

## ବ୍ଲକସ୍ତରୀୟ ଶିଶୁ ଉତ୍ସବ ସମ୍ପନ୍ନ

ପଦ୍ମପୁର, ୧୬।୧୨ (ଡି.ଏନ.ଏ)

ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମେଳା ଟାଉନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ବ୍ଲକର ୧୩ଟି ଉଚ୍ଚ ବିଦ୍ୟାଳୟରୁ ମୋଟ ୧୫୧ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଡଙ୍ଗାଘାଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିଶଙ୍କର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପ୍ରସନ୍ନ କୁମାର ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରାଜ୍ୟ ଓଷ୍ଟା କାର୍ଯ୍ୟକାରୀ ସଭାପତି ସତ୍ୟ ନାରାୟଣ ତ୍ରିପାଠୀ ମୁଖ୍ୟଅତିଥି, ଜିଲା ଓଷ୍ଟା ସଭାପତି ପ୍ରୀତିରଞ୍ଜନ ପ୍ରଧାନ, ଶେଷଦେବ ମେହେର, ଟାଉନ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ତରଣୀସେନ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଓଷ୍ଟା ଉପସଭାପତି ଶୁକ୍ଲୁତା ସୁନା ଉଦଘାଟନୀ ଓ ଉପଦେଷ୍ଟା ସଦସ୍ୟା ଦ୍ୱାଦଶ କୁମାର ପ୍ରଧାନ ଉଦଯାପନୀ ଉତ୍ସବ ପରିଚାଳନା କରିଥିଲେ। ଏହି ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ପଟେଲ, ପ୍ରୀତିରଞ୍ଜନ ପ୍ରଧାନ, ଧରମାନନ୍ଦ ମହାପାତ୍ର, ଦୀନବନ୍ଧୁ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଓଷ୍ଟା ଯୁଗ୍ମ ସମ୍ପାଦକ ମାର୍ତ୍ତଣ୍ଡଦେବ ସାହୁ, ସରୋଜ ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ଅଶ୍ୱିନୀ କୁମାର ବେହେରା, ରାଜ୍ୟ ପରିଷଦ ସଦସ୍ୟ ସଞ୍ଜୀବ କୁମାର ସାହୁ, ଉଜ୍ଜ୍ୱଳ ପଟେଲ ସହଯୋଗ କରିଥିବା ବେଳେ ଚୂଳସୁନ୍ଦର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

### ଆଲୁମିନିୟମ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ପଦ୍ମପୁର, ୧୬।୧୨ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଚର୍ଦାପାଲି–ଗୁଣ୍ଡିଚାଡିହି ରାସ୍ତାରେ ଏକ ଆଲୁମିନିୟମ ଭର୍ତ୍ତି ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ କେହି ମୃତାହତ ହୋଇନାହାନ୍ତି। ରବିବାର ବିଳମ୍ବିତ ରାତ୍ରିରେ ଏକ ଟ୍ରକ୍ (ନଂ.ସିଜି ୦୪ଏଚକ୍ୟୁ/୦୨୬୫) ଛତିଶଗଡ ରାଜ୍ୟ କୋର୍ବା ଠାରୁ ୨୫ ଟନ ଆଲୁମିନିୟମ ନେଇ ବିଶାଖାପାଟନମ୍ ଅଭିମୁଖେ ଯାତ୍ରା କରିବା ବେଳେ ଏହି ଦୁର୍ଘଟଣା ଘଟିଛି ।

## ଦେଶୀ ବିହନ ପରବ ଉଦ୍‌ଯାପିତ

ପାଇକମାଳ, ୧୬।୧୨ (ଡି.ଏନ.ଏ)

ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଖରାମାଲ ଗ୍ରାମରେ ଦୁଇ ଦିନ ଧରି ଚାଲିଥିବା ଦେଶୀ ବିହନ ପରବ ସୋମବାର ଉଦ୍‌ଯାପିତ ହୋଇଛି । ବିଷମୁକ୍ତ ଖାଦ୍ୟ, ଋଣମୁକ୍ତ ଚାଷ ଓ ଆତ୍ମନିର୍ଭରଶୀଳ କୃଷିକୁ ଗୁରୁତ୍ୱ ଦେଇ ଖରାମାଲ ଗାଁ ସହିତ ୧୦ଟି ପଞ୍ଚାୟତର ଚାଷୀମାନେ ଏହି ପରବ ପାଳନ କରିଥିଲେ । ସକାଳେ ବିହନ ପୂଜା କରି ସମସ୍ତ ଚାଷୀ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ। ଅହିଂସା କ୍ଲବର ସମ୍ପାଦକ ଶିବ ପ୍ରସାଦ ସାହୁଙ୍କ ପରିଚାଳିତ ସଭାରେ ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ ପ୍ରଧାନ ମୁଖ୍ୟଅତିଥି, ପ୍ରଶାନ୍ତ ସାହୁ, ଚିନ୍ତାମଣି ମହାପାତ୍ର, ବିଡିଓ ଶମ୍ଭୁ ସାହୁ, ବ୍ଲକ ଅଧକ୍ଷ ଅଲତାଫ ମହମ୍ମଦ, ଶରତ ତାଣ୍ଡି, ଦେଶୀ ଚାଷୀ ଶାନ୍ତନୁ ସିଂ, ମହିଳା ଚାଷୀ ବେଟିଖାଇ ବରିହା, ସିଡିଏଓ ଦୀନବନ୍ଧୁ ଗାନ୍ଧୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ୧୦ଜଣ ଜୈବିକ ଚାଷୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଷ୍ଟଲରେ ବିଭିନ୍ନ ଦେଶୀ ବିହନ ପ୍ରଦର୍ଶନ କରାଯାଇଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶେଷରେ ଈଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ ।


ଚାଷୀମାନେ ଦେଶୀ ବିହନ ଧରି ଶୋଭାଯାତ୍ରାରେ ଯାଉଛନ୍ତି ।

### ଅଜଣା ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

ବିଜେପୁର, ୧୬।୧୨ (ଡି.ଏନ.ଏ)

ବିଜେପୁର ଥାନା ରେଙ୍ଗାଲିପାଲି ନାଳରୁ ପୋଲିସ ସୋମବାର ଜଣେ ମହିଳାଙ୍କ ଗଳିତ ମୃତଦେହକୁ ଉଦ୍ଧାର କରିଛି । ଖବରଲେଖା ହେବା ସୁଦ୍ଧା (ସନ୍ଧ୍ୟା ସାଢ଼େ ୭ଟା) ମହିଳାଙ୍କ ପରିଚୟ ମିଳିପାରିନାହିଁ । ପଡା ସରପଞ୍ଚ ବିନୋଦ ବିଶ୍ୱାଳ ରେଙ୍ଗାଲିପାଲି ନାଳରେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ବିଷୟରେ ସୋମବାର ଅପରାହ୍ଣରେ ପୋଲିସକୁ ଖବର ଦେଇଥିଲେ । ତୁରନ୍ତ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ପାଣିରୁ ମୃତଦେହକୁ ଉଦ୍ଧାର କରିଥିଲା । ମହିଳାଙ୍କ ଦେହରେ ବସ୍ତ୍ର ନ ଥିବା ବେଳେ ମୃତଦେହ ପଚି ଯାଇଥିଲା । ପୋଲିସ ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି । ଏ ନେଇ ବିଜେପୁର ଥାନାରେ ଏକ ମାମଲା (ନଂ.୧୧/୧୯) ରୁଜୁ କରି ଅଧିକ ତଦନ୍ତ ଚାଲିଛି । ମୃତ ମହିଳାଙ୍କ ବୟସ ୫୦ରୁ ୫୫ ମଧ୍ୟରେ ହେବ। ପରିଚୟ ଜାଣିବା ପାଇଁ ମୃତଦେହକୁ ବରଗଡ ଶବାଗାରରେ ଗଚ୍ଛିତ ରଖାହେବ ବୋଲି ପୋଲିସ କହିଛି ।

■ ଶିକ୍ଷା ନିରୀକ୍ଷକଙ୍କ ଅଶାଳୀନ ଆଚରଣ ଘଟଣା

## ଅବଧି ପୂରିଲା, ସରିଲାନି ତଦନ୍ତ

ବରଗଡ଼ ଅଫିସ୍,୧୬।୧୨

ବରଗଡ଼ ଜିଲାର ୨ଟି ସ୍କୁଲର କେତେକ ଛାତ୍ରୀଛାତ୍ରଙ୍କ ପ୍ରତି ଜିଲାରେ କାର୍ଯ୍ୟରତ ଜଣେ ଶିକ୍ଷା ନିରୀକ୍ଷକ ଅଶାଳୀନ ଆଚରଣ ପ୍ରଦର୍ଶନ ଅଭିଯୋଗ ଘଟଣାକୁ ନେଇ ଚର୍ଚ୍ଚା ଥମୁନାହିଁ। ଏହି ଘଟଣା ଉପରେ ସମ୍ପୃକ୍ତ ଶିକ୍ଷା ନିରୀକ୍ଷକଙ୍କ ବିରୋଧରେ ଜିଲା ଶିକ୍ଷା ବିଭାଗ କିଭଳି କାର୍ଯ୍ୟାନୁଷ୍ଠାନ ନେଉଛି, ତାହା ଉପରେ ସଭିଙ୍କ ନଜର ରହିଛି। ତେବେ ଘଟଣାକୁ ନେଇ ବିଭାଗୀୟ ତଦନ୍ତ ବ୍ୟତୀତ ଅନ୍ୟ କିଛି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଅନ୍ୟପଟେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ଦେଇଥିବା ତଦନ୍ତ ନିର୍ଦ୍ଦେଶର ଅବଧି ସୋମବାର ପର୍ଯ୍ୟନ୍ତ ରହିଥିଲା। ଏହାସତ୍ତ୍ୱେ ଏପର୍ଯ୍ୟନ୍ତ ଏଭଳି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ସରିନାହିଁ । ଏ ନେଇ ଜିଲା ଶିକ୍ଷା ଅଧିକାରୀ ଯୋଶୀଙ୍କୁ ପଚାରିବାରୁ ସେ କହିଥିଲେ, ତଦନ୍ତକାରୀ ଟିମ୍ ତଦନ୍ତ ପାଇଁ ଆଉ କିଛିଦିନ ସମୟ ଦେବାକୁ ଅନୁରୋଧ କରିଥିଲେ । ଫଳରେ ଆସନ୍ତା ୨/୩ଦିନ ମଧ୍ୟରେ ତଦନ୍ତ ସାରି ରିପୋର୍ଟ ଦେବାକୁ ସେହି ଟିମ୍‌କୁ ପୁଣି ନିର୍ଦ୍ଦେଶ ଦିଆଯାଇଛି ଏବଂ ରିପୋର୍ଟ ମିଳିବା ପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି ।

ପ୍ରକାଶଥାଉକି, ଜିଲାର ଜଣେ ଶିକ୍ଷା ନିରୀକ୍ଷକ କିଛି ମାସ ତଳେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଭୁବନେଶ୍ୱରର ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନେଇଥିଲେ । ସେଠାରୁ ଫେରିବା ବାଟରେ ବସ୍ ମଧ୍ୟରେ କିଛି ଛାତ୍ରୀଙ୍କ ପ୍ରତି ସମ୍ପୃକ୍ତ ଶିକ୍ଷା ନିରୀକ୍ଷକ ଅଶାଳୀନ ଆଚରଣ ପ୍ରଦର୍ଶନ କରିଥିଲେ ଏବଂ ଘଟଣା ଉପରେ ମୁହଁ ନ ଖୋଲିବା ପାଇଁ ଛାତ୍ରୀଙ୍କୁ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି । ସେହିପରି ଅତାବିରା ବ୍ଲକର ଏକ ଘରୋଇ ଅନୁଷ୍ଠାନରେ ଚାଲିଥିବା ଅନ୍ୟ ଏକ କାର୍ଯ୍ୟକ୍ରମରେ କିଛି ଛାତ୍ରଙ୍କ ପ୍ରତି ମଧ୍ୟ ସେ ଅନୁରୂପ ବ୍ୟବହାର ଦେଖାଇଥିବା ଅଭିଯୋଗ ହୋଇଛି । ଏ ନେଇ ସ୍କୁଲ ପରିଚାଳନା କମିଟି ସଭାପତି ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ଗୁରୁତ୍ୱର ସହିତ ନେଇ ଜିଲା ଶିଶୁ କଲ୍ୟାଣ ସମିତି ମଧ୍ୟ ଏଥିରେ ହସ୍ତକ୍ଷେପ କରିଥିଲେ ଏବଂ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଜିଲା ଶିକ୍ଷା ଅଧିକାରୀଙ୍କୁ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତଦନ୍ତ ଆଳରେ ସମୟ ଗଡ଼ି ଚାଲିବା ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଛି ।

## ୭୧ ଛାତ୍ରୀ ନେଲେ ଆତ୍ମସୁରକ୍ଷା ତାଲିମ


ଛାତ୍ରୀମାନେ ଆତ୍ମସୁରକ୍ଷା ତାଲିମ ନେଉଛନ୍ତି ।

ପାଇକମାଳ, ୧୬।୧୨ (ଡି.ଏନ.ଏ)

ପାଇକମାଳ ବ୍ଲକ ମାଣ୍ଡୋସିଲ ଜୁନିୟର କଲେଜରେ ଅଧ୍ୟାପିକା ସୁଲୋଚନା ସାହୁ ଓ ପିଇଟି ବୈବସ୍ୱତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ପ୍ରଶିକ୍ଷକ ଖୁଲଣା ସିଦାର ଓ ନନ୍ଦିନୀ ରାଉତ ତାଲିମ ଦେଇଥିଲେ । ଏଥିରେ ୭୧ ଜଣ ଛାତ୍ରୀଙ୍କୁ ତାଲିମ ଦିଆଯାଇଥିଲା । ଶେଷରେ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ । କଲେଜର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିବା ବେଳେ ଅଧ୍ୟାପିକା ଅନାମିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱତନ୍ତ୍ର ପୋଷ୍ୟ ଗ୍ରହଣ କେନ୍ଦ୍ରକୁ ଆସିଲା ଶିଶୁକନ୍ୟା

ବରଗଡ଼ ଅଫିସ୍,୧୬।୧୨

ବରଗଡ଼ ଜିଲା ପଦ୍ମପୁରର ଏକ ଡ୍ରେନରୁ ଶନିବାର ଉଦ୍ଧାର ହୋଇଥିବା ନବଜାତ ଶିଶୁକନ୍ୟାକୁ କସ୍ତୁରବା ଗାନ୍ଧୀ ମାତୃ ନିକେତନ (କେଜିଏମଏନ) ପରିଚାଳିତ ବରଗଡ଼ ସହର ଉପକଣ୍ଠ ଅମ୍ବାପାଲିସ୍ଥିତ ସ୍ୱତନ୍ତ୍ର ପୋଷ୍ୟଗ୍ରହଣ କେନ୍ଦ୍ରକୁ ଅଣାଯାଇଛି। ଏଠାରେ ଶିଶୁର ଯତ୍ନ ନିଆଯାଉ ଥିବାବେଳେ ସେ ସୁସ୍ଥ ଥିବା ଜଣାପଡ଼ିଛି । ଶିଶୁକନ୍ୟାଟି ପଦ୍ମପୁର ଏନଏସି ୱାର୍ଡ଼ ନଂ–୬ ଅଧୀନ ଶାସ୍ତ୍ରୀଛକ ନିକଟ ସାହିର ଏକ ଡ୍ରେନରୁ ଉଦ୍ଧାର ହୋଇଥିଲା । ଜଣେ ଲୋକ ଭୋର୍‌ରୁ ଉଠି ନିତ୍ୟକର୍ମ ପାଇଁ ଯାଉଥିବାବେଳେ ଡ୍ରେନରୁ ଶିଶୁର କାନ୍ଦ ଶୁଣି ସେଠାକୁ ପହଞ୍ଚିଥିଲେ । ଏକ ଅଖାରେ ଭର୍ତ୍ତି ହୋଇଥିବା ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରି ସେ ପଦ୍ମପୁର ଡାକ୍ତରଖାନାକୁ ଆଣିଥିଲେ। ରବିବାର ଚାଇଲ୍ଡ ଲାଇନର ସ୍ୱେଚ୍ଛାସେବୀମାନେ ଶିଶୁକନ୍ୟାକୁ ପଦ୍ମପୁରରୁ ବରଗଡ଼ ଜିଲା ଶିଶୁ ମଙ୍ଗଳ ସମିତିକୁ ଆଣିଥିଲେ । ଜିଲା ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶକ୍ରମେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଶିଶୁକନ୍ୟାକୁ ସ୍ୱତନ୍ତ୍ର ପୋଷ୍ୟ ଗ୍ରହଣ କେନ୍ଦ୍ରକୁ ନିଆଯାଇଥିଲା।

## କୃଷ୍ଣ ଜନ୍ମ, ପୁତନା ପ୍ରେରଣ ମଞ୍ଚସ୍ଥ

**ଥୁଆପାଲି ଧନୁଯାତ୍ରା**

ଭେଡ଼େନ, ୧୬।୧୨(ଡି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଥୁଆପାଲି ନିକଟସ୍ଥ କପାବାରି ପଡ଼ିଆରେ ଚାଲିଥିବା ଧନୁଯାତ୍ରା ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ଦେବକୀ ବସୁଦେବଙ୍କ ଷଡ଼ସନ୍ତାନ ଦର୍ପଣ ଶିଳାରେ ବିନାଶ, ସପ୍ତମ ଗର୍ଭ ଅନ୍ତର୍ଦ୍ଧାନ, କୃଷ୍ଣ ଜନ୍ମ, ବସୁଦେବଙ୍କ ଗୋପପୁର ଗମନ, ବିଜୁଳି କନ୍ୟାର ଶୂନ୍ୟବାଣୀ, ବିବ୍ରତ କଂସଙ୍କ ବିଚାର ବିମର୍ଶ, ପୁତନା ରାକ୍ଷସୀ ଆହ୍ୱାନ, ଗୋପପୁରକୁ ପ୍ରେରଣ ଆଦି କଥାବସ୍ତୁ ପରିବେଷିତ ହୋଇଥିଲା । କଂସ ଭୂମିକାରେ ଗୋପାଳ ପଣ୍ଡା ଅଭିନୟ କରୁଥିବା ବେଳେ ଅନ୍ୟ ଭୂମିକାରେ ତେଜରାଜ ସେଠ, ପାର୍ଥ ଭାଟି, ଦମୟନ୍ତୀ ବାରିକ, ଲକ୍ଷ୍ମୀନ୍ଦ୍ର ଭୁଏ, ସଂଖ୍ୟାକାରୀ ପୋଡ଼, ଅଶ୍ୱିନୀ ଡ଼ନସନା ପ୍ରମୁଖ ଅଭିନୟ କରୁଛନ୍ତି।


ଥୁଆପାଲି କଂସ ଦରବାରର ଏକ ଦୃଶ୍ୟ ।

## ଇଲେକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁ ସୁପରିଚାଳନା ଜରୁରୀ

ବରଗଡ଼ ଅଫିସ୍,୧୬।୧୨

ସମାଜରେ ବର୍ତ୍ତମାନ ଇଲେକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରତିକୂଳ ପ୍ରଭାବ ଆଶଙ୍କା ପ୍ରକାଶ ପାଇଛି । ଏଭଳିସ୍ଥଳେ ସୁପରିଚାଳନା ସମାଜ ପାଇଁ ଏକ ଆହ୍ୱାନ ହୋଇଛି । ବରଗଡ଼ ଜିଲାସ୍ତରୀୟ ବିଜ୍ଞାନମେଳାର ସୋମବାର ଦ୍ୱିତୀୟ ଦିବସରେ ଆୟୋଜିତ ବିଜ୍ଞାନ ଆଲୋଚନାଚକ୍ର (ସେମିନାର)ରେ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ ଇଲେକ୍ଟ୍ରୋନିକ୍ସ ଓ ଇନଫର୍ମେଶନ ଟେକ୍ନୋଲୋଜି, ଓଡ଼ିଶା ଜୋନର ନିର୍ଦ୍ଦେଶକ ଭି. କ୍ରିଷ୍ଣମୂର୍ତ୍ତି ଏଭଳି ମତପ୍ରକାଶ କରିଛନ୍ତି। ଏହାସହିତ ମୋବାଇଲ ଫୋନ ବ୍ୟବହାର ସମୟରେ କିଭଳି ବିଭିନ୍ନ ଆପ୍ସ ଗୁଡ଼ିକୁ ସୁରକ୍ଷିତ ଭାବେ ବ୍ୟବହାର କରାଯାଇପାରିବ ସେ ବିଷୟରେ କ୍ରିଷ୍ଣମୂର୍ତ୍ତି ବିସ୍ତୃତ ଆଲୋଚନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ପ୍ରାଣୀବିଜ୍ଞାନ ବିଭାଗର ଆସୋସିଏଟ ପ୍ରଫେସର ଡଃ ପ୍ରଶାନ୍ତ କୁମାର ନନ୍ଦ ଯୋଗଦାନ କରି କାଗଜକୁ ବ୍ୟବହାର କରି ମାଇକ୍ରୋସ୍କୋପ ଦ୍ୱାରା ବିକାଶଠାରୁ ଅପହଞ୍ଚ ଗାଁ ଗହଳିରେ କିଭଳି ମ୍ୟାଲେରିଆ ଜୀବାଣୁ ଚିହ୍ନଟ କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏନଆଇଏରୁ ଆସିଥିବା ଅବିନାଶ ସାମଲ ବିଜ୍ଞାନ ମଡ଼େଲ ପ୍ରସ୍ତୁତରେ ଅବଲମ୍ବନୀୟ କୌଶଳ ଉପରେ ଆଲୋକପାତ କରିଥିଲେ। ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷକ ଅମୃତା ସାହୁ, ଆର.ବି ହାଇସ୍କୁଲର ପ୍ରଧାନଶିକ୍ଷକ ସରୋଜ କୁମାର ଭୋଇ, ଏ.ଇ ମିଶନ ସ୍କୁଲର ଚେୟାରମ୍ୟାନ ଡଃ ଯଶବୀର ସିଂ, ସରକାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ନାରାୟଣ ବିଶ୍ୱାଳ ପରିଚାଳନା କରିଥିଲେ ।



ଆଲୋଚନାଚକ୍ରରେ ଆଲୋଚକ ନିଜ ମତ ରଖୁଛନ୍ତି ।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।
- ଏଡ୍‌ୱର୍ଡ



## ସଂକ୍ଷେପରେ

### ପୋଲତଳୁ ଯୁବକଙ୍କ ମୃତଦେହ ଉଦ୍ଧାର

ବଙ୍ଗୋମୁଣ୍ଡା, ୧୬।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା-ଭାଲୁମୁଣ୍ଡା ରାସ୍ତାର ଫୁଗୁଡା ଛକ ନିକଟରେ ଥିବା ଏକ ପୋଲତଳୁ ସୋମବାର ଜଣେ ଯୁବକଙ୍କ ମୃତଦେହ ବଙ୍ଗୋମୁଣ୍ଡା ଥାନା ପୋଲିସ ଜବତ କରିଛି। ମୃତକ ଜଣକ ହେଲେ ଖୁଜନ୍ତି ଛତ୍ରିଆ(୪୫)। ଘଟଣାରୁ ପ୍ରକାଶ ଯେ, ଖୁଜନ୍ତି ଗତରାତିରେ କୌଣସି କାମରେ ବାହାରିଥିଲେ। ରାତିରେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ହେଁ ପାଇ ନ ଥିଲେ। ସକାଳୁ ପୋଲ ତଳେ ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଖୁଜନ୍ତି ଗନ୍ଦରାବନ୍ଧ ପଞ୍ଚାୟତର ଜୁଉରପଡା ଗ୍ରାମର। ଜଣେ ଶ୍ରମିକଭାବେ କାମ କରୁଥିବା ଖଜାନ୍ତିଙ୍କର ସ୍ତ୍ରୀ ଓ ଜଣେ ପୁଅ ଅଛନ୍ତି। ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯିବ ବୋଲି ସ୍ଥାନୀୟ ସରପଞ୍ଚ ଭଗବାନ ଦାସ ଛୁରା କହିଛନ୍ତି।

ଉଲୁଣ୍ଡା ଧନୁଯାତ୍ରାର ତୃତୀୟ ରଜନୀ

# କଂସଙ୍କ ସିଂହାସନ ଆରୋହଣ

**ଉଲୁଣ୍ଡା, ୧୬।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ତ୍ରୟୋଦଶତମ ବିରାଟ ଧନୁଯାତ୍ରା ମହୋତ୍ସବର ସୋମବାର ଥିଲା ତୃତୀୟ ରଜନୀ। ହରିବଂଶ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଏହି ମହୋତ୍ସବର ସାନ୍ଧ୍ୟ କାର୍ଯ୍ୟକ୍ରମରେ ମଥୁରାପୁରରେ ମହାରାଜ ଉଗ୍ରସେନ ଏକମାତ୍ର କନ୍ୟା ଦେବକୀଙ୍କ ବିବାହ ସୁଦେବନଗର ରାଜା ବସୁଦେବଙ୍କ ସହିତ କରିବାକୁ ଯାଉଥିଲେ। ତେବେ ବିବାହ ଉତ୍ସବରେ ଅନୁପସ୍ଥିତ ଥିବା ଯୁବରାଜ କଂସ ହଠାତ ମୃଗୟାରୁ ରାଜନଗରକୁ ଫେରି କ୍ରୋଧିତ ହୋଇଥିଲେ। ପରେ ରାଜପରିଷଦ ଏବଂ ପିତା ଉଗ୍ରସେନଙ୍କ ନିର୍ଦ୍ଦେଶକ୍ରମେ ଭଉଣୀର ବିବାହ ସମ୍ପନ୍ନ କରି ନବ ବିବାହିତ ଦମ୍ପତିଙ୍କୁ ପାଟ ପାଲିଙ୍କିରେ ବିଦାୟ ଦେଉଥିଲେ। ଏହି ସମୟରେ ଏକ ଶୂନ୍ୟବାଣୀ 'ରେ ରେ କଂସ ତୁ ଯାହାକୁ ନେଉଛୁ ପାଟ ପାଲିଙ୍କିରେ, ତାହାରି ଅଷ୍ଟମ ଗର୍ଭର ସନ୍ତାନ ହେବ ତୋ ମୃତ୍ୟୁର କାରଣ' ଶୂନ୍ୟବାଣୀ ଶୁଣି ଥିଲେ। ବ୍ୟସ୍ତବିବ୍ରତ ହୋଇ କଂସ ଦେବକୀଙ୍କୁ ସନ୍ତାନହୀନ କରିବା ପାଇଁ ରାଜା ଉଗ୍ରସେନଙ୍କୁ ଗାଦିଚ୍ୟୁତ କରିବା ସହ ନିଜେ ମଥୁରାଧିପତି ଆସନ ଆରୋହଣ କରିଛନ୍ତି। ରାଜ ମକୁଟ ପରିଧାନ କଳାପରେ ପାତ୍ରମନ୍ତ୍ରୀଙ୍କ ସହ ଆଲୋଚନା କରି ଭଉଣୀ ଦେବକୀ, ବସୁଦେବ ଏବଂ ମହାମନ୍ତ୍ରୀ ଅକ୍ରୁରଙ୍କୁ କାରାରୁଦ୍ଧ କରିବା ପାଇଁ ନିର୍ଦ୍ଦେଶ କରିଛନ୍ତି। ମଥୁରାପୁର ରାଜଦରବାରରେ ଏହି କଥାବସ୍ତୁ ଉପରେ ଆଧାରିତ ନାଟ୍ୟାଭିନୟ ଦର୍ଶକଙ୍କୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଦରବାରରେ ଆଲବମ କଳାକାରଙ୍କ ନୃତ୍ୟ ସମେତ ଆଞ୍ଚଳିକ ଲୋକନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ସେହିପରି ଗୋପପୁର ମଣ୍ଡପରେ ଝାରତରଭାର ସୁବାସିନୀ ମିଶ୍ରଙ୍କ ସଙ୍ଗୀତମୟ ସୁନ୍ଦରାକାଣ୍ଡ ପାରାୟଣରେ ଆଧ୍ୟାତ୍ମିକ ଲାଭ ଶ୍ରଦ୍ଧାଳୁମାନେ ଉଠାଇଥିଲେ।



ବିବାହ ପରେ ଦେବକୀ, ବସୁଦେବ ।



ବରଗଡ଼ ଜିଲା ଶିକ୍ଷା ଅଧିକାରୀ ରକ୍ତଦାନ କରୁଛନ୍ତି ।

## ଶିକ୍ଷୟିତ୍ରୀ, ଶିକ୍ଷକ କଲେ ରକ୍ତଦାନ

**ବରଗଡ଼ ଅଫିସ୍, ୧୬।୧୨**

ବରଗଡ଼ ଜିଲାସ୍ତରୀୟ ବିଜ୍ଞାନମେଳାରେ ଜିଲା ଶିକ୍ଷା ବିଭାଗ ଓ ବରଗଡ଼ ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠାର ମିଳିତ ଆନୁକୂଲ୍ୟରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ପ୍ରଥମେ ରକ୍ତଦାନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ଡିଇଓଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଗାଇଡ ଶିକ୍ଷୟିତ୍ରୀ, ଶିକ୍ଷକମାନେ ୧୧୫ୟୁନିଟ୍ ରକ୍ତଦାନ କରିଥିଲେ । ସେଥିରେ ୩ ଦମ୍ପତି ରହିଥିଲେ । ବରଗଡ଼ ରକ୍ତ ଭଣ୍ଡାର ଅଧିକାରୀ ଡା. ଦିବ୍ୟ କିଶୋର ପତି, ଅମରଜିତ ମହାନ୍ତି, ଭୁବନାନନ୍ଦ ସାହୁ, ନିଷ୍ଠାର ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ନିଷ୍ଠା ପରିବାର ପକ୍ଷରୁ ଡିଇଓ ଯୋଶୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ବରପାଲି ସାମ୍ବାଦିକ ସଂଘର ବାର୍ଷିକୋତ୍ସବ

**ବରପାଲି, ୧୬।୧୨ (ଡି.ଏନ.ଏ)**

ବରପାଲି ସାମ୍ବାଦିକ ସଂଘର ୩୩ତମ ବାର୍ଷିକୋତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଆୟୋଜିତ ଉତ୍ସବରେ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ଖବରଦାତା ରକ୍ଷାକାରୀ ବିଶି ସମ୍ମାନିତ ଅତିଥି, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତପସ୍ୱିନୀ ଗୁରୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱଚ୍ଛ ଓ ନିରପେକ୍ଷ ସାମ୍ବାଦିକତା ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ଖବରଦାତା ମେଘନାଦ ସାହୁ, ପଦ୍ମଲୋଚନ ସାହୁ ଓ ଯାଦୁଗର ବାଲକିଶୋର ଷଡଙ୍ଗୀ, ସାମାଜିକ କର୍ମୀ ଅକ୍ଷୟ ଭୋଇଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ପୂର୍ବରୁ ଆଶୁତୋଷ ରଥ ଅତିଥି ପରିଚୟ ଓ ହର୍ଷ ବେହେରା ବିବରଣୀ ପାଠ କରିଥିବା ବେଳେ ଆଇନଜୀବୀ ଜୟରାମ ବାଗ ଧନ୍ୟବାଦ ଅର୍ପ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ସ୍ୱତନ୍ତ୍ର ସ୍କ୍ୱାଡ୍‌ର ଜୁଆ ଆଡ୍ଡା ଉପରେ ଚଢାଉ

**ବିନ୍ଦିକା, ୧୬।୧୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାଶଙ୍କ ନିର୍ଦ୍ଦେଶକ୍ରମେ ରବିବାର ରାତିରେ ବିନ୍ଦିକା ବ୍ଲକ ଅଞ୍ଚଳରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢାଉ କରାଯାଇଥିଲା। ହୁଡୁମା ଗ୍ରାମ ନିକଟ ଜୀରାନଦୀ କୂଳରେ ଚାଲିଥିବା ଜୁଆଆଡ୍ଡା ( ଘୁଡୁଘୁଡୁ ପଟ୍ଟି ଖେଳ) ଉପରେ କରାଯାଇଥିବା ଚଢାଉର ନେତୃତ୍ୱ ନେଇଥିଲେ ସ୍ୱତନ୍ତ୍ର ସ୍କ୍ୱାଡ ଏସ୍‌ଆଇ ଅବିନାଶ ପ୍ରଧାନ। ବିନ୍ଦିକା ଆଇଆଇସି କୁଶ ପାଣିଗ୍ରାହୀ, ରାମପୁର ଆଇଆଇସି ଭାନୁ ପ୍ରସାଦ ଯାଦବ ତାଙ୍କୁ ସହଯୋଗ କରିଥିଲେ । ଜୁଆ ଆଡ୍ଡାରୁ ୧୨ଜଣ ଯୁବକଙ୍କୁ ଗିରଫ କରାଯାଇଥିଲା। ଏଥିସହିତ ୪ଟି କାର୍, ୨୨ଟି ବାଇକ୍,





ଜୁଆ ଆଡ୍ଡାରୁ ଜବତ କାର୍ ଓ ବାଇକ୍ ।

**ଧରିତ୍ରୀ ପ୍ରଭାବ**

- ୧୨ ଯୁବକ ଗିରଫ
- ୪ କାର, ୨୨ ବାଇକ୍ , ୯ ମୋବାଇଲ ଜବତ
- ଆଡ୍ଡାରୁ ନଗଦ ୧୧୩୫୦ ଟଙ୍କା ଧରାପଡିଲା

୯ଟି ମୋବାଇଲ୍, ୧୧୩୫୦ ନଗଦ ଟଙ୍କା, ଗୋଟିଏ ଘୁଡୁଘୁଡୁ ପଟ୍ଟି ସହ ୧୨ଟି ଗୋଟି, ଗୋଟିଏ ବାସ୍କେଟ୍ ଓ ଏକ ଗ୍ୟାସ ଲାଇଟ୍ ସ୍କ୍ୱାଡ ଜବତ କରିଥିଲା । ଏ ନେଇ ବିନ୍ଦିକା ଥାନାରେ ଏକ ମାମଲା (ନଂ.୨୨୦/୧୯) ରୁଜୁ ହୋଇଛି। ପ୍ରକାଶଥାଉକି ବେଆଇନ ଘୁଡୁଘୁଡୁ ପଟ୍ଟି ଖେଳ ଚାଲିଥିବା ନେଇ ଗତ ୯ତାରିଖରେ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା ।

## ଲୋଇସିଂହାରେ ଖୋଲିଲା ଆରଟିଓ କ୍ୟାମ୍ପ

**ଲୋଇସିଂହା, ୧୬।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପରିସରରେ ଆରଟିଓ କ୍ୟାମ୍ପ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ୟାମ୍ପରେ ୩ ଶହରୁ ଅଧିକ ଲୋକ ଲର୍ଣ୍ଣିଂ ଲାଇସେନ୍ସ ପାଇଁ ଅବେଦନ କରିଥିଲେ । ବଲାଙ୍ଗୀର ଆରଟିଓ ଅଫିସର କର୍ମଚାରୀ ମଳୟ ପାଣିଗ୍ରାହୀ, ବିଜୟ ପଧାନ, ସତ୍ୟ ବାରିକ ଓ ସରୋଜ ଦେହୁରୀ ଉପସ୍ଥିତ ରହି ଡ୍ରାଇଭିଂ ଲାଇସେନ୍ସ କ୍ୟାମ୍ପ ପରିଚାଳନା କରିଥିଲେ । ଆଇଆଇସି ଲଳିତା ଲେକ୍ରା କ୍ୟାମ୍ପ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ୨୭ ନଭେମ୍ବରରେ ସରୁଛି ଅବଧି,ଖୋଲିଲାନି କ୍ୟାମ୍ପ ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ବିଧାୟକ ମୁକେଶ ମହାଲିଙ୍ଗଙ୍କ ନିର୍ଦ୍ଦେଶ କ୍ରମେ ଏଠାରେ କ୍ୟାମ୍ପ ଅନୁଷ୍ଠିତ ହୋଇଛି।

ଜମୁଛି ଡୁମେରତଲିଏନ୍ ମହୋତ୍ସବ

## କଂସ ଦରବାରରେ ମଞ୍ଚସ୍ଥ ହେଲା ରଙ୍ଗସଭା

**ଖପ୍ରାଖୋଲ, ୧୬।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲଠାରେ ଆୟୋଜିତ ପ୍ରଥମ ଡୁମେରତଲିଏନ୍ ମହୋତ୍ସବ ସୋମବାର ପଞ୍ଚମ ଦିନରେ ପହଞ୍ଚିଛି। ବିଭିନ୍ନ ପ୍ରକାର ଦୋଳିରେ ପିଲାମାନେ ମଜା ନେଉଥିବାବେଳେ ଭଳିକି ଭଳି ଖାଦ୍ୟ ବି ଆକର୍ଷଣୀୟ ହୋଇଛି । ଓ୍ୱାଇସିଡିଏ ଓ ମହିଳା ସ୍ୱୟଂ ସହାୟକ ଦଳ ଦ୍ୱାରା ଖୋଲାଯାଇଥିବା ଷ୍ଟଲରେ ପ୍ରବଳ ଭିଡ ଦେଖିବାକୁ ମିଳୁଛି। ମାଣ୍ଡିଆରେ ପ୍ରସ୍ତୁତ ବରା, ଲଡୁ, ମାଲପୁଆ, ବିଭିନ୍ନ ପ୍ରକାରର ମିଠା ଓ ମାଣ୍ଡିଆ ଚାର ମଜା ନେଉଛନ୍ତି ଲୋକେ। ଖୋଲା ରଙ୍ଗ ମଞ୍ଚରେ କଂସ ଦରବାର ଦର୍ଶକଙ୍କୁ ଆକର୍ଷିତ କରୁଛି। ପୁତନା ବଧ ସହ ମନ୍ତ୍ରୀଙ୍କ ସହ କଂସଙ୍କ ମନ୍ତ୍ରଣା ଓ ରଙ୍ଗ ସଭା ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା।। କଂସ ଦରବାରରେ ଡୁମେତଲିଏନ୍ ପୂଜକ ଯୁକ୍ତେଶ୍ୱର ବରିହା ଓ ରଷି ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡୁମେତଲିଏନ୍ ଯୁବକ ସଂଘ ଦ୍ୱାରା ପ୍ରଥମ ଥର ଲାଗି ଏପରି ମହୋତ୍ସବ ଓ କଂସ ଦରବାର ଆୟୋଜିତ ହେଉଛି।



ଦରବାରରେ ପାତ୍ରମନ୍ତ୍ରୀଙ୍କ ସହ ମହାରାଜା କଂସ।

ତହଁକ୍ ସାହିତ୍ୟ କୁଟୁମ୍ବ୍‌ର ବାର୍ଷିକ ସମ୍ମିଳନୀ

# ମୁନୁଷର୍ ଜୀବନ୍ ଭାବ୍‌ଥି ବଁଧା

**ବଲାଙ୍ଗୀର ଅଫିସ, ୧୬।୧୨**

ମଣିଷର ଜୀବନ ଭାବବୋଧରେ ବାନ୍ଧି ହୋଇଥାଏ । ଭାବର ଅଭାବରୁ ଜୀବନ ହୋଇଯାଏ ଦୁର୍ବିସହ । ଏଣୁ ମଣିଷ ଜୀବନରେ ଭାବବୋଧକୁ ଅଧିକ ଗୁରୁତ୍ୱ ଦିଆଯିବା କଥା । ଆଜିର ବ୍ୟସ୍ତବହୁଳ ଜୀବନ ଓ ଛୋଟ ପରିବାର ଭିତରେ ରହିଲେ ମଧ ମଣିଷ ନିଜର ଭାବବୋଧରେ ଅନ୍ୟମାନଙ୍କୁ ବାନ୍ଧିଦେଲେ ସମାଜ ସମୃଦ୍ଧ ହେବ ବୋଲି ତହଁକ୍ ସାହିତ୍ୟ କୁଟୁମ୍ବ୍‌ର ବାର୍ଷିକ ସମ୍ମିଳନୀରେ ବକ୍ତା, କବିମାନେ ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ କଦଳୀମୁଣ୍ଡା ସର୍ନରୀଠାରେ ଶିଶୁ ସାହିତ୍ୟିକ ଗୋପୀନାଥ ଦଣ୍ଡସେନାଙ୍କ ସଂଯୋଜନାକ୍ରମେ ଏବଂ କବି ନିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ସମ୍ମିଳନୀରେ ମୁଖ୍ୟଅତିଥିଭାବେ ପୁଇଁତଲା ବ୍ଲକ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ ଓ ମୁଖ୍ୟବକ୍ତାଭାବେ ବୀରେନ୍ଦ୍ର କୁମାର ଝାଙ୍କର ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଗୀତିକାର ରାଜୀବ ଭୋଇ, କବି, ଗୀତିକାର ଦିଲୀପ ମହାନ୍ତି, ପ୍ରଦୀପ୍ତ ମିଶ୍ର, ଘଟେଶ୍ୱର ମିଶ୍ର, ବିଭୁକଲ୍ୟାଣ ଗଡତ୍ୟା, ତେଜସ୍କର ମହାପାତ୍ର, ଶ୍ରୀବାସ ନାୟକ, ପ୍ରଶାନ୍ତ ମହାକୁର, ରାଧାକ୍ରିଷ୍ଣ ମିଶ୍ର ଯୋଗଦାନ କରିଥିଲେ । ତହଁକ୍ କୁଟୁମ୍ବ୍‌ର ସମ୍ପାଦକ ରାଜେଶ ଦଣ୍ଡସେନା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ସମ୍ପାଦକ ଅର୍ଜୁନ୍ ସାହୁ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ନାଟ୍ୟକାର ଅରବିନ୍ଦ ବାଗ ଧନ୍ୟବାଦ୍ ଅର୍ପଣ କରିଥିଲେ । ସଭା ପରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହାକୁ ରାମପ୍ରସାଦ ବାଗ, ନିମାଇଁ ପ୍ରଧାନ, ଜ୍ୟୋତିପ୍ରକାଶ ସାହୁ ଏବଂ ବିନୋଦ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, ବରଗଡ ଜିଲାର କବି, ଲେଖକ, କଥାକାର ଓ ସାହିତ୍ୟିକ ଯୋଗଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମରେ ଶାନ୍ତନୁ କୁମାର ପଣ୍ଡା, ଶ୍ରୀୟାକାନ୍ତ ଦାସ, ଭରତ ମେହେର, ରୁକ୍ମଣ ବିଶ୍ୱାଳ, ଘନଶ୍ୟାମ ମେହେର, କିଶୋର ବରିହା, ଅକ୍ରୁର ବାଗ, ଦୁର୍ବାଦଳ କ୍ଷେତୀ, ଘନଶ୍ୟାମ ଭୋଇ, ବିବେକ ଧରୁଆ ଓ ଅନ୍ୟ ବହୁ କବି ଯୋଗଦାନ କରିଥିଲେ । କବିତା ଆସରା ପରେ ଭାବର୍ ଭୁଜି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା ।



ତହଁକ ସାହିତ୍ୟ କୁଟୁମ୍ବ୍‌ର ବାର୍ଷିକ ସମ୍ମିଳନୀରେ ଅନୁଷ୍ଠିତ କବିତା ଆସର ।

## ପୌର ପରିଷଦ ପକ୍ଷରୁ ଜୈବ ବିବିଧତା ପରିଚାଳନା କମିଟି ଗଠନ

**ବଲାଙ୍ଗୀର ଅଫିସ, ୧୬।୧୨**

ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗୀର ପୌର ପରିଷଦ ପକ୍ଷରୁ କାର୍ଯ୍ୟାଳୟ ସଭାଗୃହରେ ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପୌରାଞ୍ଚଳର ଜୈବିକ ସମ୍ବଳ ସମୂହକୁ କିଭଳି ସଂରକ୍ଷିତ କରିବା ସହ ସେସବୁକୁ କିପରି ଉପଯୋଗ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ବୈଠକରେ ଉପସ୍ଥିତ ସଭ୍ୟମାନେ ସର୍ବସମ୍ମତିକ୍ରମେ ଏକ ଜୈବ ବିବିଧତା ପରିଚାଳନା କମିଟି ଗଠନ କରିଥିଲେ। ଏହି କମିଟି ଅଧ୍ୟକ୍ଷ ଭାବେ ଆଭା ଆର୍ଯ୍ୟଙ୍କୁ ମନୋନୀତ କରାଯାଇଥିଲା । ଉକ୍ତ ସଭାରେ ପଦାର୍ଥ ବୁଡେକ, ସସ୍ମିତା ମେହେର, ରୋଜମେରୀ ନାଗ, ସବିତା ମୁଣ୍ଡା ତଥା ସତ୍ୟନାରାୟଣ ବେହେରା ଉପସ୍ଥିତ ଥିଲେ । ପୌରାଞ୍ଚଳର ଜୈବିକ ସମ୍ବଳକୁ କିଭଳି ସଦ୍‌ଉପଯୋଗ କରାଯାଇପାରିବ ସେ ଉପରେ ମତାମତ ପ୍ରଦାନ କରିଥିଲେ।

## କେନ୍ଦ୍ର ସରକାରଙ୍କ ଛାତ୍ରମାରଣ ନୀତି ବିରୋଧରେ ବିକ୍ଷୋଭ

**ବଲାଙ୍ଗୀର ଅଫିସ, ୧୬।୧୨**

ମୋଦି ସରକାରଙ୍କ ଦ୍ୱିତୀୟ ପାଳିରେ ଛାତ୍ର ଓ ଯୁବକମାନଙ୍କ ପ୍ରତି ଅତ୍ୟାଚାର ଦିନକୁ ଦିନ ବଢି ଚାଲିଛି। ୨୦୧୪ରେ ପାଠ ପଢୁଥିବା ଛାତ୍ରମାନେ ୨୦୧୯ରେ ଆଜି ଚାକିରି ନ ପାଇ ବେକାର ବୁଲୁଛନ୍ତି। କେନ୍ଦ୍ର ସରକାରଙ୍କ ଭୁଲ ଶିକ୍ଷାନୀତି ଏବଂ ମିଥ୍ୟା ପ୍ରତିଶ୍ରୁତି ବିରୋଧରେ ଛାତ୍ରମାନେ ରାସ୍ତାକୁ ଓହ୍ଲାଇଛନ୍ତି। ସରକାର ଛାତ୍ର ଓ ଯୁବକମାନଙ୍କର ଏଭଳି ବିକ୍ଷୋଭ ପ୍ରତିବାଦକୁ ହିଟଲରୀ ଷ୍ଟାଇଲରେ ଦମନ କରୁଛନ୍ତି । ପୋଲିସ ଏଥିରେ ଗୁଣ୍ଡା ସାଜିଛି। ବଲାଙ୍ଗୀର ଯୁବ କଂଗ୍ରେସ ଓ ଜିଲ୍ଲା ଛାତ୍ର କଂଗ୍ରେସ ତରଫରୁ କେନ୍ଦ୍ର ସରକାରଙ୍କ ଏଭଳି ଛାତ୍ରମାରଣ ନୀତି ବିରୁଦ୍ଧରେ ସ୍ଥାନୀୟ ଜିଲାପାଳ ଅଫିସ ସମ୍ମୁଖରେ ସୋମବାର ସନ୍ଧ୍ୟାରେ ଏକ ବିକ୍ଷୋଭ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଯୁବ କଂଗ୍ରେସ ସଭାପତି ପ୍ରେମ ପ୍ରକାଶ ମିଶ୍ର କେନ୍ଦ୍ର ସରକାରଙ୍କୁ ଚେତାବନୀ ଦେଇଥିଲେ । ଛାତ୍ର, ଯୁବକମାନଙ୍କ ଉପରେ ହେଉଥିବା ଅମାନୁଷିକ ଅତ୍ୟାଚାର ଯଦି ବନ୍ଦ ନ ହୁଏ ତେବେ ଏହି ଆନ୍ଦୋଳନ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ବ୍ୟାପିବାକୁ ଆଉ ସମୟ ଲାଗିବ ନାହିଁ ବୋଲି କହିଥିଲେ । ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ ।




କଂଗ୍ରେସ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ।

ରୋଟାରୀ କ୍ଲବ୍ ଅଫ୍ ଇଲିଟ୍ ପକ୍ଷରୁ ଆଲୋଚନାଚକ୍ର

# ବ୍ୟକ୍ତି ବଦଳିଲେ ସମାଜ ବଦଳେ

**ବଲାଙ୍ଗୀର ଅଫିସ, ୧୬।୧୨**

ବାସ୍ତବରେ ସମାଜ ବୋଲି କିଛି ନାହିଁ । ବ୍ୟକ୍ତି ସମଷ୍ଟିକୁ ହିଁ ସମାଜ କୁହାଯାଏ । ସମାଜ ବଦଳେ ନାହିଁ। ବ୍ୟକ୍ତି ବଦଳିଲେ ସମାଜ ବଦଳେ। ଆଚରଣରୁ ହିଁ ଜ୍ଞାନର ପରିଚୟ ମିଳେ । ବିଶ୍ୱାସ ଓ ଆଦର୍ଶରୁ ସଂସ୍କୃତି ବିକଶିତ ହୁଏ। ସମାଜ ସୁରକ୍ଷାର ଅର୍ଥ ସଂସ୍କୃତିର ସୁରକ୍ଷା । ସଂସ୍କୃତିର ସୁରକ୍ଷା ଅର୍ଥ ଭାବବୋଧର ସୁରକ୍ଷା । ଭାବବୋଧ ସଂକୀର୍ଣ୍ଣତା ଦୂର କରେ ଓ ଗୋଷ୍ଠୀଗତ ଜୀବନକୁ ପ୍ରେରଣାପ୍ରଦ କରିଦିଏ । ସଂସ୍କାରର ଅସଲ ଅର୍ଥ ସଂକୀର୍ଣ୍ଣତାରୁ ମୁକ୍ତି ବୋଲି ଆଲୋଚକ ପ୍ରଫେସର ଡ ମଧୁସୂଦନ ପତି ରୋଟାରୀ କ୍ଲବ୍ ଅଫ୍ ଇଲିଟ୍ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମତବ୍ୟକ୍ତ କରିଥିଲେ। ରବିବାର ସନ୍ଧ୍ୟାରେ କ୍ଲବ ସଭାପତି ପ୍ରଶାନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ନୈତିକତା ଓ ସଂସ୍କାର ବିହୀନ ଶିକ୍ଷା ସମାଜ ପାଇଁ ବିପଦ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଆଲୋଚକ ଭାବେ ପ୍ରଫେସର ପତି ଓ ଆର୍ଯ୍ୟ ସମାଜ ପୂର୍ବତନ ସଭାପତି ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦାନ କରିଥିଲେ । ଆଲୋଚନାଚକ୍ରରେ ଅନ୍ୟତମ ଆଲୋଚକ ପଣ୍ଡିତ ପଣ୍ଡା ଯୋଜନାବଦ୍ଧ ଜୀବନର ଅଭାବରୁ ସାମାଜିକ ଅବକ୍ଷୟ ସୃଷ୍ଟ ବୋଲି କହିଥିଲେ। ନିଜେ କରିପାରିନଥିବା କଠିନ କାମଟି ନିଜର ସନ୍ତାନ ସନ୍ତତି କରନ୍ତୁ ବୋଲି ମାତାପିତା, ଅଭିଭାବକ ଚାହୁଛନ୍ତି। ସେମାନଙ୍କୁ ଏଭଳି ଏକ ପ୍ରତିଯୋଗିତାକୁ ଠେଲୁଛନ୍ତି ଯେଉଁଠାରେ ମଣିଷର ସମାଜିକ ମୂଲ୍ୟବୋଧ ନଷ୍ଟ ହୋଇଯାଉଛି। ଏହାଦ୍ୱାରା ସମାଜର ଅବକ୍ଷୟ ଆରମ୍ଭ ହୋଇଛି ବୋଲି ସେ କହିଥିଲେ। ଏଣୁ ବ୍ୟକ୍ତିଗତ ସ୍ତରରୁ ସଂସ୍କାର ହେଲେ ସମାଜ ସଂସ୍କାରିତ ହେବ ବୋଲି ସେ କହିଥିଲେ । ଏହି ଆଲୋଚନାଚକ୍ରକୁ କ୍ଲବ୍‌ର ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ସଂଯୋଜନା କରିଥିଲେ । ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।




ରୋଟାରୀ କ୍ଲବ୍ ଅଫ୍ ଇଲିଟ୍ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ ଓ ଆୟୋଜକ।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ

## ସଂକ୍ଷେପରେ

### ୧୩୨ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ବିନିକା,୧୬।୧୨(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଭବିଷ୍ୟ ଇଂଲିଶ ମାଧ୍ୟମ ସ୍କୁଲରେ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ବିନିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଶୀ ଭୂଷଣ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସାହୁ ଓ ବିଦ୍ୟାଳୟ ପରିଚାଳନା ସମିତି ନିର୍ଦ୍ଦେଶକ ସୁଧାଂଶୁ ଶେଖର ଦାଶ,ଏକାଡେମିକ ଆଡଭାଇଜର ଭବାନୀ ଶଙ୍କର ମେହେର,ସ୍କୁଲ ଅଧକ୍ଷ ଶିବ ସୁବୁଦ୍ଧି, ଉପାଧକ୍ଷ ସଞ୍ଜୀବ ପାତ୍ର, ସହକାରୀ ପରିଚାଳନା ସମିତି ନିର୍ଦ୍ଦେଶକ ସୁନୀଲ କୁମାର ମେହେର ଅତିଥି ଭାବେ ଯୋଗ ଦେଇଥିଲେ। ଜୁନିୟର ଗ୍ରୁପରେ ୯୪ ଓ ସିନିୟରରେ ୩୮ଟି ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ମିଲର୍ସଙ୍କ ମର୍ଜିରେ ଧାନକିଣା

- ମଣ୍ଡିରେ ପଡି ରହିଛି ଧାନ
- କଟ୍‌ନୀ ଛଟ୍‌ନୀ ନ ହେଲେ ଧାନ ଉଠୁନି

**ସୋନପୁର,୧୬।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ଗତ ନଭେମ୍ବର ୧୫ତାରିଖରୁ ଖରିଫ ଧାନକିଣା ଆରମ୍ଭ ହୋଇଛି। ନଭେମ୍ବର ୧ ତାରିଖରେ ଖରିଫ ଧାନ ସଂଗ୍ରହ ନେଇ ଜିଲାସ୍ତରୀୟ ଧାନ ସଂଗ୍ରହ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ବୀରମହାରାଜପୁର ବିଧାୟକ ତଥା ବାଣିଜ୍ୟ ଓ ପରିବହନ, ଯୋଜନା ଏବଂ ସମନ୍ୱୟ ବିଭାଗର ମନ୍ତ୍ରୀ ପଦ୍ମନାଭ ବେହେରା ଉପସ୍ଥିତ ଥିଲେ। ଚାଷୀ ଯେମିତି କଟ୍‌ନି ଛଟ୍‌ନିର ଶିକାର ନ ହୋଇ ସୁରୁଖୁରୁରେ ଧାନ ବିକ୍ରି କରିପାରିବେ ସେଥିପ୍ରତି ପ୍ରଶାସନ ଯତ୍ନବାନ ହେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଧାନକ୍ରୟରେ ସ୍ୱଚ୍ଛତା ପାଇଁ ଠିକ୍ ଭାବେ ପ୍ୟାକ୍ସସ୍ତରୀୟ କମିଟି ଗଠନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବରିଷ୍ଠ ଅଧିକାରୀମାନେ ମଣ୍ଡି ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ୟାକ୍ସ କମିଟିର ରିପୋର୍ଟ ଅଧାରରେ ହିଁ ମିଲର୍ସ କିମ୍ବା ପ୍ୟାକ୍ସକୁ ମଣ୍ଡି ହ୍ୟାଣ୍ଡେଲିଂ ଚାର୍ଜ ଦିଆଯିବ ତାହା ସ୍ଥିର ହେବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପ୍ୟାକ୍ସ କମିଟି ରିପୋର୍ଟକୁ ଅଣଦେଖା କରାଯାଇ ବନ୍ଦ କୋଠରି ମଧ୍ୟରେ ନିଷ୍ପତ୍ତି ନିଆଗଲା। ଜିଲାରେ ଚଳିତ ବର୍ଷ ଖରିଫ ଧାନବିକ୍ରି ପାଇଁ ୪୭ ହଜାର ୯୯୦ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଜିଲାର ୪୧ଟି ମିଲର୍ସ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ସେହିପରି ୬୫ଟି ପ୍ୟାକ୍ସ ଓ ୧୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କ ଦ୍ୱାରା ଧାନ କ୍ରୟ ହେଉଛି। ଚାଷୀଙ୍କୁ ଅନଲାଇନ ଟୋକନ ବ୍ୟବସ୍ଥା ଅନୁଯାୟୀ ସୋମବାର ସନ୍ଧ୍ୟା ସୁଦ୍ଧା ୧୦ହଜାର ୪୦୮ଜଣ ଚାଷୀଙ୍କଠାରୁ ୮ଲକ୍ଷ ୬୨ହଜାର ୩୫୨କୁଇଣ୍ଟାଲ ୧୧କିଲୋ ଧାନକ୍ରୟ କରାଗଲାଣି। ତେବେ ପୂର୍ବବର୍ଷ ଭଳି ଜିଲାରେ ମିଲର୍ସଙ୍କ ମର୍ଜିରେ ଚାଲିଛି ଧାନକ୍ରୟ। ଇଛା ଅନୁସାରେ ସେମାନେ ମଣ୍ଡି ଚୟନ କରୁଛନ୍ତି। ଏଫଏକ୍ୟୁ ଆଳ ଦେଖାଇ ମିଲର୍ସମାନେ କୁଇଣ୍ଟାଲ ପ୍ରତି ୩ରୁ ୪କେଜି ଧାନ କାଟି ନେଉଥିବାର ଚାଷୀମାନେ ଅଭିଯୋଗ କରିଛନ୍ତି। କଟ୍‌ନି ଛଟ୍‌ନିରେ ମିଲର୍ସଙ୍କ ଖାତାକୁ ଚାଲିଗଲାଣି ହଜାର ହଜାର କୁଇଣ୍ଟାଲ ଧାନ। ଏହି ଧାନ ମିଲର୍ସଙ୍କ ଖାତାକୁ ଯାଉଥିଲେ ମଧ୍ୟ ଏହାର ତଦନ୍ତ ହେଉନାହିଁ। ମିଲର୍ସଙ୍କ ଉପରେ ପ୍ରଶାସନ ନିୟନ୍ତ୍ରଣ ହରାଇଥିବାରୁ କଟ୍‌ନି ଛଟ୍‌ନି ଜାରି ରହିଛି। ଏଥିରେ ମିଲର୍ସ, ପ୍ୟାକ୍ସ କର୍ମଚାରୀ ଓ ଯୋଗାଣ ବିଭାଗ ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି। ପ୍ରତିବର୍ଷ ଧାନ ସଂଗ୍ରହ ବୈଠକରେ କଟ୍‌ନି ଛଟ୍‌ନି ଉପରେ ରୋକ ଲଗାଇବାକୁ ନିଷ୍ପତ୍ତି ହୋଇଥାଏ। କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହୁଏନି। ଯାହାର ପୁନରାବୃତ୍ତି ଚଳିତ ଖରିଫ ଧାନ ସଂଗ୍ରହରେ ଦେଖିବାକୁ ମିଳିଛି। ଉଲୁଣ୍ଡା ଜିଲା କଳାପଥର ପ୍ୟାକ୍ସରେ ୬୧୨ କୁଇଣ୍ଟାଲ ୧୮ କିଲୋ ଧାନ ବିକ୍ରି କରିବା ପାଇଁ ୧୦ ଜଣ ଚାଷୀଙ୍କୁ ଟୋକନ ଇସ୍ୟୁ ହୋଇଛି। ତଦନୁଯାୟୀ ଟୋକନ ପାଇଥିବା ଚାଷୀ ୧୨୦୦ ବସ୍ତା ଧାନ ଗତ ୧୧ ତାରିଖରୁ ମଣ୍ଡିକୁ ଆଣିଛନ୍ତି। ମାତ୍ର ଧାନର ମାନ ଠିକ୍ ନଥିବା ଦର୍ଶାଇ ମିଲର୍ସ ଧାନ ଉଠାଉ ନାହାନ୍ତି। ତେଣୁ ୫ ରାତି ହେବ ଚାଷୀ ଶୀତ କାକରରେ ପଲିଥିନ ତଳେ ଧାନ ବସ୍ତାକୁ ଜଗି ରହିଛନ୍ତି। କୁଇଣ୍ଟାଲ ପ୍ରତି ୫କିଲୋ ଧାନ କାଟିବାକୁ ଚାଷୀଙ୍କ ଉପରେ ଚାପ ପଡୁଥିବା ଅଭିଯୋଗ ହେଉଛି। ସେହିପରି ବିନିକା ବ୍ଲକର ଶଙ୍କରା ମଣ୍ଡିରୁ ୮ ଦିନ ହେଲା ଧାନ ଉଠୁ ନଥିବାରୁ ଚାଷୀ ହଇରାଣ ହେଉଛି। ଜିଲା ପ୍ରଶାସନ ତଦନ୍ତ କରି କୌଣସି ମିଲର୍ସ କିମ୍ବା ପ୍ୟାକ୍ସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀମାନେ କଟ୍‌ନି ଛଟ୍‌ନି ଯୋଗୁଁ କ୍ଷତି ସହୁଥିବା ବେଳେ ମିଲର୍ସ ମାଲାମାଲ ହେଉଥିବା ଅଭିଯୋଗ ହେଉଛି। ଏ ନେଇ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକରାଙ୍କୁ ପଚାରିବାରୁ କଳାପଥର ପ୍ୟାକ୍ସରେ ଏଫଏକ୍ୟୁ ମାନର ଧାନ ନ ଥିବାରୁ ମିଲର୍ସମାନେ ଉଠାଇବାକୁ ଅମଙ୍ଗ ହେଉଛନ୍ତି। ମଙ୍ଗଳବାର ଧାନ ଉଠାଇବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।



କଳାପଥର ମଣ୍ଡିରୁ ଧାନ ଉଠୁ ନଥିବାରୁ ଚାଷୀ ରାତିରେ ଜଗି ରହିଛନ୍ତି।

## କୁଞ୍ଜାପାଲି ଆଶ୍ରମ ସ୍କୁଲରେ ବାର୍ଷିକ କ୍ରୀଡ଼ା

**ଅମରପାଲି, ୧୬।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଳା ପଞ୍ଚାୟତର କୁଞ୍ଜାପାଲି ଆଶ୍ରମ ସ୍କୁଲରେ ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ଦାଦରପାଲି ସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ ବିଶି ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବାଳିକା ଓ ବାଳକ ବର୍ଗରେ ଜୁନିୟର ଓ ସିନିୟର ବିଭାଗରେ ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ଡିସକସ ଥ୍ରୋ, ସଟପୁଟ ଥ୍ରୋ, ଅଖାଦୌଡ, ପଟାଟୋ ରେସ ଆଦି ପ୍ରତିଯୋଗୀତା ହୋଇଥିଲା। ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସିଆରସିସି ଅରୁଣ ରାଏ ଅତିଥିଭାବେ ଯୋଗଦେଇଥିଲେ। ବିକାଶ ମୁଣ୍ଡା, ଆକାଶ ଭୋଇ, ରୀତା ମୁଣ୍ଡା ଓ ବିନିତା ମିର୍ଦ୍ଧା ଯଥାକ୍ରମେ ବାଳକ ଓ ବାଳିକା ବର୍ଗର ସିନିୟର ଓ ଜୁନିୟର ବିଭାଗରେ ଚାମ୍ପିୟନ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ପଞ୍ଚଖଣ୍ଡା ନାଟ୍ୟ ସଂସଦର ବାର୍ଷିକ ଉତ୍ସବ

## ପରିବେଷଣ ହେଲା ଲକ୍ଷ୍ମୀପୁରାଣ ଲୀଳାନାଟକ

**ଅମରପାଲି, ୧୬।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ଭାଲୁଡୁଙ୍ଗୁରୀ ଗ୍ରାମରେ ପଞ୍ଚଖଣ୍ଡା ନାଟ୍ୟ ସଂସଦର ୧୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ହାତିଲିମୁଣ୍ଡା ବନପାଳ ସୁନୀଲ ତରିଆ, ବହଳପଦର ସେବା ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ନାଟ୍ୟ ସଂସଦର ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ର ମାଝୀ, ନାଟ୍ୟ ନିର୍ଦ୍ଦେଶକ ଚମରୁ ଶତପଥୀ, ଗଜାନନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବାର୍ଷିକ ଉତ୍ସବ ଅବସରରେ ପ୍ରତିବର୍ଷ ପରି ନାଟ୍ୟ ସଂସଦର ଯୁବକମାନଙ୍କ ଦ୍ୱାରା ଲକ୍ଷ୍ମୀପୁରାଣ ଲୀଳା ନାଟକ ପରିବେଷଣ କରାଯାଇଥିଲା। ଏଥିରେ ଜଗନ୍ନାଥ ଭୂମିକାରେ ସୁରେନ୍ଦ୍ର ସାହୁ, ବଳରାମ-ଦୟାନନ୍ଦ ସାହୁ, ଲକ୍ଷ୍ମୀ-କଲ୍ୟାଣୀଙ୍କ ସମେତ ବୃନ୍ଦାବନ ପ୍ରଧାନ, ପ୍ରତାପ ମଲ୍ଲିକ, ବୈଷ୍ଣବ ସାହୁ, ଗଦାଧର ସାହୁ, ସୌମିତ୍ରୀ ସାହୁ, ପ୍ରଶନ୍ନ ସାହୁ, ବିନୋଦ ସାହୁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଶଙ୍କର ସାହୁ, ହୃଷିକେଶ ଧଳ, ସେବକ ସାହୁ, ଗୋପୀନାଥ ସାହୁ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହାୟତା କରିଥିଲେ। ଏହା ସହିତ ସମ୍ବଲପୁରୀ, ଡାଲଖାଇ, ଆଧୁନିକ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକ ଏହାର ମଜା ନେଇଥିଲେ।



ଭାଲୁଡୁଙ୍ଗୁରୀରେ ପରିବେଷିତ ଲକ୍ଷ୍ମୀପୁରାଣ ଲୀଳା ନାଟକର କଳାକାରମାନେ।





ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ନବନିର୍ମାଣ କୃଷକ ସଂଗଠନର ବିକ୍ଷୋଭ

**ସୋନପୁର,୧୬।୧୨(ନି.ପ୍ର.)**

ଓଡିଶାର ଚାଷୀଙ୍କ ସହିତ ମୁଖ୍ୟମନ୍ତ୍ରୀ ବିଶ୍ୱାସଘାତକତା କରିଥିବା ନବ ନିର୍ମାଣ କୃଷକ ସଂଗଠନର ସୁବର୍ଣ୍ଣପୁର ଜିଲା ଶାଖା ଅଭିଯୋଗ କରିଛି। ସଂଗଠନ ନେତୃତ୍ୱରେ ଚାଷୀମାନେ ସରକାରୀ ବିରୋଧି ସ୍ଲୋଗାନ ଦେଇ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ନାମରେ ମୋକଦ୍ଦମା ରୁଜୁ କରିବା ପାଇଁ ଏସ୍‌ପି ଦେବୀପ୍ରସାଦ ଦାଶଙ୍କୁ ଏତଲା ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ଅଛି ଯେ, ରାଜ୍ୟ ସରକାର କାଳିଆ ଯୋଜନାରେ କ୍ଷୁଦ୍ର, ମଧ୍ୟମ, ନାମମାତ୍ର ଚାଷୀଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଓ ଭୂମିହୀନ ଚାଷୀଙ୍କୁ ବାର୍ଷିକ ୧୨ ହଜାର ୫୦୦ଟଙ୍କା ପ୍ରଦାନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ୩ ବର୍ଷ ପାଇଁ ୧୦ ହଜାର ୧୮୦ କୋଟି ଟଙ୍କାର ଯୋଜନା ଯାହା ଚାଷୀଙ୍କୁ ଦେବା ପାଇଁ ଆଇନ ହେଲା। ନିର୍ବାଚନ ଅବ୍ୟବହିତ ପୂର୍ବରୁ ଯୋଜନାକୁ କାର୍ଯ୍ୟକାରୀ କରାଗଲା। ପ୍ରଥମ କିସ୍ତିରେ ହାରାହାରି ୫୧ଲକ୍ଷ ଓ ଦ୍ୱିତୀୟ କିସ୍ତିରେ ୧୦ ଲକ୍ଷ ଚାଷୀଙ୍କୁ ୫ହଜାର ଟଙ୍କା ଲେଖାଏ ଦିଆଗଲା। ଚାଷୀମାନେ ସରକାରଙ୍କୁ ଭୋଟ ଦେଲେ। କିନ୍ତୁ ନିର୍ବାଚନ ସରିବାର ମାତ୍ର ୬ମାସ ପରେ ସରକାର ଚାଷୀଙ୍କୁ ଠକିବାକୁ ବସିଛନ୍ତି। ଗତ ୪ ତାରିଖରେ ସରକାର ଘୋଷଣା କରିଛନ୍ତି ଯେ, ୨୦୨୦-୨୧ରେ ରାଜ୍ୟ ସରକାର ବାର୍ଷିକ ୧୦ ହଜାର ବଦଳରେ ମାତ୍ର ୪ ହଜାର ଟଙ୍କା ଚାଷୀଙ୍କୁ ଦେବେ। ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ୬ ହଜାର ଟଙ୍କା ମିଶାଇ ୧୦ ହଜାର ଟଙ୍କା ଦେବେ ବୋଲି ଘୋଷଣା କରିଛନ୍ତି। ଏହାକୁ ଚାଷୀ ସଂଗଠନ ତୀବ୍ର ବିରୋଧ କରିଛି। ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଏକ ଭିନ୍ନ ଯୋଜନା। କେନ୍ଦ୍ର ବଜେଟ୍‌ରେ ଏହା ସାରା ଦେଶ ପାଇଁ ଘୋଷଣା କରାଯାଇଥିଲା। ତେଣୁ କାଳିଆ ଯୋଜନାକୁ ପିଏମ୍ କିଷାନରେ ମିଶାଇବା ଠକେଇ ସଦୃଶ। ଚାଷୀଙ୍କୁ ଠକିଥିବା ଯୋଗୁ ଆଇନଗତ ତଦନ୍ତ କରି ମକଦ୍ଦମା ରୁଜୁ ପାଇଁ ଚାଷୀ ନେତୃତ୍ୱ ଏତଲା ଦେଇଛନ୍ତି। କୃଷକ ସଂଗଠନର ଜିଲା ସଂଯୋଜକ ରାଜେନ୍ଦ୍ର ପ୍ରସାଦ ମିଶ୍ର, ସଂଗଠନର ଜିଲା ପ୍ରଭାରୀ ରଞ୍ଜିତ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଧଳ, ରମେଶ ଚନ୍ଦ୍ର ମିଶ୍ର, ବଳି ମିର୍ଦ୍ଧା, ଅଶୋକ ମହାକୁର, କିଶୋର ଚନ୍ଦ୍ର ନନ୍ଦ, ରାଜୀବ ଲୋଚନ କୁଅଁର, ଶଙ୍କର ମହାକୁର ଓ ପ୍ରଦ୍ୟୁମ୍ନ ମହାକୁର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

### ସୁଧୀର ସ୍ମାରକୀ କ୍ରିକେଟ

## ବୀରମହାରାଜପୁର-ସମ୍ବଲପୁର ଫାଇନାଲ

**ଅମରପାଲି, ୧୬।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରାଠାରେ ଚାଲିଥିବା ୬ଷ୍ଠ ସୁଧିର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଦୁଇଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ ଏମଏନସିସି ସମ୍ବଲପୁର ଓ ପାନସିଆଲି ମଧ୍ୟରେ ହୋଇଥିଲା। ପାନସିଆଲି ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୫୮ ରନ କରିଥିଲା। ଜବାବରେ ସମ୍ବଲପୁର ଦଳ ସଞ୍ଜୟଙ୍କ ୩୭ ରନ ସହାୟତାରେ ଗୋଟିଏ ଉଇକେଟ ହରାଇ ୫୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା ସମ୍ବଲପୁର ଓ ଉଲୁଣ୍ଡା ମଧ୍ୟରେ ଏହାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୬ ଉଇକେଟ ହରାଇ ୧୬୨ରନ କରିଥିଲା। ଦଳର ଆକାଶ ୧୯ ବଲରୁ ୫୫ ରନ ଓ ବନମାଳୀ ୨୯ ରନ କରିଥିଲେ। ଉଲୁଣ୍ଡା ପକ୍ଷରୁ ପାର୍ଥ ୩ଟି ଉଇକେଟ ନେଇଥିଲେ। ଜବାବରେ ଉଲୁଣ୍ଡା ଦଳ ୯ ଓଭରରେ ସମସ୍ତ ଉଇକେଟ ହରାଇ ୩୭ ରନ କରି ପରାସ୍ତ ହୋଇଥିଲା। ଉଲୁଣ୍ଡା ପକ୍ଷରୁ କୁନା ୧୦ ରନ କରିଥିଲେ। ବିପକ୍ଷ ଆକାଶ ୩ଟି ଉଇକେଟ ନେଇଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଗତ ନିର୍ବାଚନର ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା ଇଂ. ରଘୁନାଥ ଜଗଦଲା ମୁଖ୍ୟଅତିଥି ଓ କ୍ରୀଡାବିତ ଧରଣୀଧର ପାଢ଼ୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସମ୍ବଲପୁରର ଆକାଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରଷ୍କାର ପ୍ରଦାନ କରିଥିଲେ। ନିର୍ମଳ ମୁଦୁଲି ଓ ରାମାନନ୍ଦ ପଧାନ ଖେଳ ପରିଚାଳନା, ସୌମିତ୍ରୀ ସାହୁ ଓ ଶ୍ରୀବସ ବାରିକ ସ୍କୋରିଂ ଏବଂ ବାପୁନ ପାଢ଼ୀ ଓ ବବୁଲ ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବୀରମହାରାଜପୁର ବାଘାସ ଓ ଏମଏନସିସି ସମ୍ବଲପୁର ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ।



ସମ୍ବଲପୁରର ଆକାଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କୃତ କରାଯାଉଛି।

## ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

**ଡୁଙ୍ଗୁରିପାଲି, ୧୬।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ସ୍ଥାନୀୟ ରାଜୀବ ଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନିଷା ବାନାର୍ଜୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ୧୭୩ଟି ଅଭିଯୋଗ ଆସିଥିଲା। ଏଥିରେ ୧୫୫ ବ୍ୟକ୍ତିଗତ ଓ ୧୮ଟି ସାମୂହିକ ଅଭିଯୋଗ ହୋଇଥିଲା। ଶିବିରରେ ଆଦର୍ଶ ବିଦ୍ୟାଳୟ, ପାନୀୟ ଜଳ ସମସ୍ୟା, ଚାଷ ଜମିକୁ କେନାଲ ପାଣି ଯୋଗାଣ, ଅଙ୍ଗନବାଡି କେନ୍ଦ୍ର ନିର୍ମାଣ, ପ୍ରଧାନମନ୍ତ୍ରୀ ଇନ୍ଦିରା ଆବାସ ଯୋଜନା, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା, ଧାନକିଣା ସମସ୍ୟା ଉପରେ ତର୍ଜମା କରି ପଦକ୍ଷେପ ନେବାକୁ ଜିଲାପାଳ ବାନାର୍ଜୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲା ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାଶ, ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ସ୍ଥାନୀୟ ବିଡିଓ ସହଦେବ ସମାଧିଆ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ରାମପୁର ତହସିଲଦାର ଶ୍ୱେତପଦ୍ମା ଯୋଶୀ, ବିଇଓ ରାଧାକାନ୍ତ ଗଡତ୍ୟା, ପ୍ରାଣୀ ଚିକିତ୍ସା ଅଧିକାରୀ ଦେବରାଜ ନାଏକ, ଜିଲା କୃଷି ଅଧିକାରୀ ଶ୍ରୀନିବାସ ମଲ୍ଲିକ, ଜଳଯୋଗାଣ ଯନ୍ତ୍ରୀ ରଞ୍ଜନ କୁମାର ପୁଟେଲ ଓ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳ ଓ ଏସ୍‌ପି ଜନ ଅଭିଯୋଗର ଶୁଣାଣି କରୁଛନ୍ତି।

### ଆନ୍ତଃ ମହାବିଦ୍ୟାଳୟ ବାଳକ କ୍ରିକେଟ ଟୁର୍ନାମେଣ୍ଟ

## ବିକାଶ କଲେଜ ବରଗଡ଼ ଚାମ୍ପିୟନ

**ଉଲୁଣ୍ଡା, ୧୬।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସିଣ୍ଢୋଲ ଆଞ୍ଚଳିକ ମହାବିଦ୍ୟାଳୟରେ ଆନ୍ତଃ ମହାବିଦ୍ୟାଳୟ ବାଳକ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତଦୁଇ ପରିଷଦ ଓଡିଶା ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟର ଫାଇନାଲ ଖେଳରେ କେଭି କଲେଜ କଣ୍ଟାବାଞ୍ଜିକୁ ହରାଇ ବିକାଶ କଲେଜ ବରଗଡ ଚାମ୍ପିୟନ ହୋଇଛି। ସିଣ୍ଢୋଲ କଲେଜ ପରିଚାଳନା ପରିଷଦ ସଭାପତି ଶିବଚରଣ ସାହୁ ଏବଂ ସମ୍ପାଦକ ଛନ୍ଦାଚରଣ ଦାସ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ସେମିଫାଇନାଲରେ ବିକାଶ କଲେଜ ବରଗଡ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୯୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସଙ୍ଗମ ୩୫ ବଲରେ ୯୩ ରନ କରିଥିଲେ। ଜବାବରେ ଆଞ୍ଚଳିକ କଲେଜ ସିଣ୍ଢୋଲ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୯୨ ରନ କରି ପରାଜିତ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ କେଭି କଲେଜ କଣ୍ଟାବାଞ୍ଜି ନିର୍ଦ୍ଧାରିତ ୧୫ ଓଭରରେ ୧୨୬ ରନ କରିଥିଲା। ୧୨୭ ରନର ବିଜୟ ଲକ୍ଷ ନେଇ ବୀରମହାରାଜପୁର କଲେଜ ଖେଳ ଆରମ୍ଭ କରି ମାତ୍ର ୮୮ ରନ କରି ପରାଜୟ ବରଣ କରିଥିଲା। ଫାଇନାଲ ଖେଳରେ ବିକାଶ କଲେଜ ବରଗଡ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୧୪ ରନ ସଂଗ୍ରହ କରିଥିଲା। ଜବାବରେ କେଭି କଲେଜ ନିର୍ଦ୍ଧାରିତ ଓଭରରେ ମାତ୍ର ୧୦୨ ରନ କରି ପରାଜିତ ହୋଇଥିଲା। ଖେଳକୁ ଓସିଏ ସମ୍ବଲପୁରର ପ୍ରଭଞ୍ଜନ ବଳ, ମହମ୍ମଦ ଇସ୍ରଦ, ସମ୍ବଲପୁର ସମଲେଶ୍ୱରୀ କଲେଜର ଖେଳ ଶିକ୍ଷକ ଆନନ୍ଦ ଚନ୍ଦ୍ର ପତି, ସଶୀନ୍ଦ୍ର ପତି ପରିଚାଳନା କରିଥିଲେ। ସଞ୍ଜୟ ପଟ୍ଟନାୟକ ଧାରା ବିବରଣୀ ଏବଂ ଆଲୋକ ଶର୍ମା ଏବଂ ରଘୁନାଥ ପଟ୍ଟନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଅଧ୍ୟକ୍ଷ ଶିରିଶ କୁମାର ଦାସଙ୍କ ଅଧ୍ୟକ୍ଷତା ଏବଂ ଖେଳ ଶିକ୍ଷକ ସମୀର କୁମାର ସାହୁଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ସିଣ୍ଢୋଲ ଆଞ୍ଚଳିକ ମହାବିଦ୍ୟାଳୟର ସମ୍ପାଦକ ଦାସ ଏବଂ ଉପଦେଷ୍ଟା ରାମକୁମାର ସାହୁ ଅତିଥି ଭାବେ ଯୋଗଦେଇ ବିଜେତା ବିକାଶ କଲେଜ ବରଗଡ ଏବଂ ଉପବିଜେତା କେଭି କଲେଜ କଣ୍ଟାବାଞ୍ଜିକୁ ଟ୍ରଫିସହ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ନାରାୟଣ ବଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ବରଗଡ ବିକାଶ ଦଳର ଖେଳାଳିମାନେ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୭ ଡିସେମ୍ବର, ୨୦୧୯



ଆଖି ଅନ୍ୟସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ଚାରି ଦିନ ହେଲା ଗାଁରେ ଅଗ୍ନିକାଣ୍ଡ, ଲୋକେ ଆତଙ୍କିତ

ତଳଗାଁ,୧୬।୧୨(ଡି.ଏନ.ଏ)
ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ବଡଭୁର୍ଣ୍ଡା ଗ୍ରାମରେ ଚାରିଦିନ ଧରି ଅଗ୍ନିକାଣ୍ଡ ଘଟିଥିବାରୁ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି । ଶୁକ୍ରବାର ହରିଜନ ସାହିର ଶଙ୍କର୍ଷଣ ବେହେରାଙ୍କ ଘରେ ନିଆଁ ଲାଗିଥିବା ବେଳେ ଶନିବାର ଲକ୍ଷ୍ମୀଧର ବେହେରାଙ୍କ ଘରେ ନିଆଁ ଲାଗି ସମସ୍ତ ଜିନିଷ ପୋଡି ପାଉଁଶ ହୋଇଯାଇଛି । ସେହିପରି ରବିବାର ଶମ୍ଭୁ ନାଏକଙ୍କ ଘରେ ନିଆଁ ଲାଗିଥିଲା। ସୋମବାର ପୂର୍ବାହ୍ନ ୧୧ଟା ବେଳେ ଗ୍ରାମର ନକୁଳ ବେହେରା, ଗୋକୁଳ ବେହେରାଙ୍କ ଘରେ ନିଆଁ ଲାଗି ସମସ୍ତ ଜିନିଷ ପୋଡି ପାଉଁଶ ହୋଇଛି । ଗ୍ରାମରେ ଲଗାତାର ୪ ଦିନ ଧରି ଅଗ୍ନିକାଣ୍ଡ ଯୋଗୁ ଲୋକମାନେ ଭୟରେ ଅଛନ୍ତି। ଏପେଟ ଶୀତଦିନ ଯୋଗୁ ଅଗ୍ନିବିପନ୍ନ ପରିବାର ଗୁଡିକ ଖୋଲା ଆକାଶ ତଳେ ଶୀତ କାକରେ ପଡିରହିଛନ୍ତି । ପ୍ରଶାସନ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି ।

### ଟାଏକୋଣ୍ଡୋ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବୌଦ୍ଧ,୧୬।୧୨(ସ୍ୱ.ପ୍ର)
ବୌଦ୍ଧ ଇନଡୋର ଷ୍ଟାଡିୟମ ପରିସରରେ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ୪ର୍ଥ ସୋପାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଓଡିଶା ଟାଏକୋଣ୍ଡୋ ଆସୋସିଏଶନର ସାଧାରଣ ସମ୍ପାଦକ ସମନମୋହନ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ସଭାପତି ଯଜ୍ଞେଶ୍ୱର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ କ୍ରୀଡାବିତ୍ ଶିବ ନାରାୟଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳର ବିଶେଷତ୍ୱ ଉପରେ ଆଲୋଚନା କରିଥିଲେ। ଭାରତ ସ୍ୱାଭିମାନ ଟ୍ରଷ୍ଟର ପ୍ରଭାରୀ ଦେବାଶିଷ ପୁରୋହିତ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳଦ୍ୱାରା ଶରୀର କିପରି ସୁସ୍ଥ ରହିଥାଏ ପ୍ରକାଶ କରିଥିଲେ। ସମ୍ପାଦକ ଅଜିତ କୁମାର ସାହୁ ବିବରଣୀ ପାଠ କରିଥିବା ବେଳେ ବିଜୟ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜାତୀୟ ସ୍ତର ବିହାର ରାଞ୍ଚିର ବିର୍ସାମୁଣ୍ଡା ଷ୍ଟାଡିୟମରେ ବୌଦ୍ଧର ଛାତ୍ର ନରସିଂହ ପାଲ ଓ ସିମିତ ଦେହୁରୀ ଅଂଶଗ୍ରହଣ କରିଥିବା ବେଳେ ରାଜ୍ୟସ୍ତର କଟକରେ ଶ୍ରୀରାମ ସେଠୀ ଖେଳରେ ଅଂଶଗ୍ରହଣ କରିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥଲା। ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଅମନ କୁମାର ସାହୁ ବ୍ଲୁ ଓ୍ୱାନ ବେଲ୍ଟ ହାସଲ କରିଥିବା ବେଳେ ୨୧ ଜଣ ଛାତ୍ରୀଛାତ୍ର ବ୍ଲୁ ବେଲ୍ଟ, ୧୧ ଜଣ ଗ୍ରୀନ୍ ବ୍ଲୁ ବେଲ୍ଟ, ୪ ଜଣ ଗ୍ରୀନ୍ ବେଲ୍ଟ ଓ ୧୨ଜଣ ୟେଲୋ ବେଲ୍ଟକୁ ଉନ୍ନୀତ ହୋଇଥିଲେ । ଏହି ଉତ୍ସବରେ ଅଭିଭାବକ, ଖେଳାଳି ଓ ବୁଦ୍ଧିଜୀବୀମାନେ ଯୋଗଦାନ କରିଥିଲେ ।

# ଆଜିଠୁ ଧନୁଯାତ୍ରା ରିହର୍ସାଲ

**ବରଗଡ଼ ଅଫିସ୍,୧୬।୧୨**

ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଆଉ ମାତ୍ର ୧୫ଦିନ ବାକି ରହିଲା। ଆସନ୍ତା ୩୧ତାରିଖରୁ ଆରମ୍ଭ ହୋଇ ୨୦୨୦ ଜାନୁୟାରୀ ୧୦ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ । ଏଥିପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇ ଯାଇଛି। ହେଲେ ଆଗଭଳି ଏଥର ସେ କ୍ଷେତ୍ରରେ ତତ୍ପରତା ପରିଲକ୍ଷିତ ନ ହେବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ମହୋତ୍ସବ ପାଇଁ ବରଗଡ଼ ସହର (ମଥୁରା ନଗରୀ)ର ହାଟପଦା ସଞ୍ଚାର ମଣ୍ଡଳୀ ଏବଂ ଅମ୍ବାପାଲି (ଗୋପପୁର) ସନ୍ନିକଟରେ ବହି ଯାଇଥିବା ଜିରା ନଦୀ(ଯମୁନା) କୂଳ ବୃନ୍ଦାବନ ପଡ଼ିଆରେ ଶୁଭସ୍ତମ୍ଭ ସ୍ଥାପନ ହୋଇଛି । ମାତ୍ର ପୂର୍ବବର୍ଷ ଭଳି ସାଜସଜ୍ଜା ପ୍ରସ୍ତୁତି ପଛରେ ପଡ଼ି ଯାଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି ।

ସେହିପରି ଏଥର ଧନୁଯାତ୍ରା ମହୋତ୍ସବ ସମିତିକୁ ହାତୀ ଚିନ୍ତା ଘାରିଛି। ବରଗଡ଼ ଧନୁଯାତ୍ରାରେ ୨ଟି ହାତୀ ନିୟୋଜିତ ହୋଇଥାନ୍ତି। ବନାରସରୁ ସେହି ହାତୀ ଦୁଇଟି ଆସିଥାନ୍ତି । ମାତ୍ର ଏଥର ଏପର୍ଯ୍ୟନ୍ତ କେବଳ ଗୋଟିଏ ହାତୀ ସହିତ ଯୋଗାଯୋଗ ସରିଛି ଏବଂ ସେହି ହାତୀ ଏଠାକୁ ଆସିବା ନିଶ୍ଚିତ ହୋଇଥିବାବେଳେ ଆଉ ଗୋଟିଏ ହାତୀ ଠିକ୍ ହୋଇ ପାରିନାହିଁ । ଏ ନେଇ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀଙ୍କୁ ପଚାରିବାରୁ ଗୋଟିଏ ହାତୀ ଠିକ୍ ହୋଇ ସାରିଛି ଏବଂ ଆଉ ଗୋଟିଏ ହାତୀ ପାଇଁ ଉଦ୍ୟମ ଚାଲିଥିବା କହିଥିଲେ । ଅପରପକ୍ଷେ ଧନୁଯାତ୍ରା କଳାକାରଙ୍କ ବେଶଭୂଷା ତିଆରି ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଏହି କାମ କରି ଆସୁଥିବା ବରଗଡ଼ ଗଙ୍ଗାଧର ନଗର ନିବାସୀ ଦେବାନନ୍ଦ ସାହୁ କହିଛନ୍ତି ।

ଅନ୍ୟପକ୍ଷେ ମଙ୍ଗଳବାରଠାରୁ ଧନୁଯାତ୍ରା କଳାକାରଙ୍କ ଅଭ୍ୟାସ (ରିହର୍ସାଲ) ଆରମ୍ଭ ହେବ । ବରଗଡ଼ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରେ ଏହା ଚାଲିବ ବୋଲି ଧନୁଯାତ୍ରା କଳାକାର ଉପଦେଷ୍ଟା ସମନ୍ୱୟ କମିଟିର ସହ ଆବାହକ ଅଶୋକ ବେହେରା ସୂଚନା ଦେଇଛନ୍ତି। କଳକାର ଉପଦେଷ୍ଟା ସମନ୍ୱୟ କମିଟିର ଆବାହକ ତଥା ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ଉକ୍ତ ରିହର୍ସାଲ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ଏବଂ ଏଥିରେ କଂସ ସମେତ ଅନ୍ୟ ଚରିତ୍ରର କଳାକାରମାନେ ଯୋଗଦେବେ । ଏଥର କଳାକାରଙ୍କ ଅଭିନୟ ପୂର୍ବବର୍ଷ ତୁଳନାରେ ଯେଉଁଳି ଅଧିକ ଭଲ ହେବ, ତାର ପ୍ରତିଟି ଦିଗ ଉପରେ ନଜର ରଖି କଳାକାରଙ୍କୁ ଦିଗଦର୍ଶନ ଦିଆଯିବ ଏବଂ ଏଥର ମଧ୍ୟ କଳାକାରଙ୍କ ଅଭିନୟ ଉଚ୍ଚକୋଟୀର ରହିବ ବୋଲି ସେ ଆଶାବାଦୀ ଥିବା କଳାକାର ଉପଦେଷ୍ଟା ସମନ୍ୱୟ କମିଟିର ସହ ଆବାହକ ବେହେରା କହିଛନ୍ତି ।


ଜଣେ କାରିଗର ଧନୁଯାତ୍ରା କଳାକାରଙ୍କ ବେଶଭୂଷା ତିଆରି କରୁଛନ୍ତି ।

- ସମିତିକୁ ଘାରିଛି ହାତୀ ଯୋଗାଡ଼ ଚିନ୍ତା
- ପଛରେ ପଡ଼ି ଯାଇଛି ସାଜସଜ୍ଜା କାମ
- ବେଶଭୂଷା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

ଗଡଜାତ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ବାଦ୍ୟରେ ଦୁଲୁକିଲା ମଞ୍ଚ

**ବୌଦ୍ଧ,୧୬।୧୨(ସ୍ୱ.ପ୍ର)**

ବୌଦ୍ଧ ଜିଲାର କଳା, ସଂସ୍କୃତି ଓ ଐତିହ୍ୟକୁ ନେଇ ହରଭଙ୍ଗା ବ୍ଲକ ବୀରନରସିଂହପୁର ଠାରେ ଚାଲିଥିବା ତୃତୀୟ ରାଜ୍ୟସ୍ତରୀୟ ଗଡଜାତ ଲୋକ ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଏହି ସନ୍ଧ୍ୟାରେ ଗଡଜାତ ସାଂସ୍କୃତିକ ପରିଷଦ ସଭାପତି ବିଶ୍ୱଜିତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ ସୁବାସ ଚୌହାନ ମୁଖ୍ୟଅତିଥି, ଜିଲା ପରିଷଦ ଉପାଧକ୍ଷ ଅକ୍ରୁର ସେଠୀ, ଓଡିଆ ସିନେ ତାରକା ଅଶୋକ ଦାସ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ଓ ଅଧ୍ୟାପକ ପ୍ରବୀର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଲୋକ ମହୋତ୍ସବ ଦ୍ୱାରା ଲୋପ ପାଇଯାଉଥିବା ପାରମ୍ପରିକ ନୃତ୍ୟ ପୁନରୁଦ୍ଧାର ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ସୁବର୍ଣ୍ଣପୁର ନାଟ୍ୟଚକ୍ରର ଅଷ୍ଟଚଣ୍ଡି ନୃତ୍ୟ, ସମ୍ବଲପୁରର ଆଲୋକପଣ୍ଡା ଗ୍ରୁପର ସମ୍ବଲପୁରୀ ନୃତ୍ୟ, ବରଗଡର କଳାଜୀବୀର ପାରମ୍ପରିକ ନାଚ ଦର୍ଶକଙ୍କୁ ବିଭୋର କରିଥିଲା । ବାଲାଜୀ ବିଭୁରଞ୍ଜନ ତରାସିଆ ଓ ବିଜୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ସେହିପରି ମହୋତ୍ସବରେ ଶହେଟି ଷ୍ଟଲରେ ସରକାରଙ୍କ ସଫଳତା, ମହିଳା ସ୍ୱୟଂ ସହାୟକ ଦଳ ଗୁଡିକର ସାମଗ୍ରୀ, ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ ହେଉଛି । ସମ୍ବଲପୁରି ନାଚ, ଗୀତ, ବାଜା ଢୋଲ, ନିଶାନ, ତାସା ଓ ଦୁଲଦୁଲିରେ ପୁରା ମଞ୍ଚ ଫାଟି ଦୁଲୁକି ଉଠିଥିଲା ।


ଲୋକ ମହୋତ୍ସବ ମଞ୍ଚରେ ମଞ୍ଚାସୀନ ଅତିଥି ।

## ଶିକ୍ଷକ ଏକାଦଶ କ୍ରିକେଟ : ଗାଇସିଲେଟ ବ୍ଲକ ଚାମ୍ପିୟନ

**ପଦ୍ମପୁର, ୧୬।୧୨ (ଡି.ଏନ.ଏ)**

ପଦ୍ମପୁର ଉପଖଣ୍ଡ ସାପଲହର ଗାୟତ୍ରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଶିକ୍ଷକ ଏକାଦଶ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାଇକମାଳ, ପଦ୍ମପୁର, ଗାଇସିଲେଟ, ଝାରବନ୍ଧ, ନୂଆପଡା ବ୍ଲକ ଶିକ୍ଷକ ଏକାଦଶ ଯୋଗଦାନ କରିଥିଲେ । ଫାଇନାଲ ମ୍ୟାଚ ପଦ୍ମପୁର ବ୍ଲକ ଶିକ୍ଷକ ଏକାଦଶ (ବି) ବନାମ ଗାଇସିଲେଟ ବ୍ଲକ ଶିକ୍ଷକ ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ ଗାଇସିଲେଟ ବ୍ଲକ ଶିକ୍ଷକ ଏକାଦଶ ୧୦ ଉଇକେଟରେ ବିଜୟୀ ହୋଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ବିନନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଚାମ୍ପିୟନ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ନରେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଆୟୋଜନ ହୋଇଥିଲା । ଲିଙ୍ଗରାଜ ପ୍ରଧାନ ସ୍କୋରର ଥିଲେ। ଶେଷରେ ନରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୮୫ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

## ୩୫ବର୍ଷ ତଳର ସ୍ମୃତିକୁ ମନେ ପକାଇଲେ

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ୧୯୮୩-୮୫ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ସମାରୋହ ଭୁବନେଶ୍ୱରସ୍ଥ ଜୟଦେବ ବାଟିକାଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଡ. ଶାନ୍ତନୁ ଦାସ ଅଧକ୍ଷତା କରି ପାଠପଢ଼ା ସମୟର ସ୍ମୃତିଚାରଣ କରିଥିଲେ। ୩୫ବର୍ଷ ପରେ ପ୍ରଥମଥର ପାଇଁ ଏକାଠି ହୋଇଥିବାରୁ ଛାତ୍ରୀଛାତ୍ରମାନେ ପରସ୍ପର ସହ ଭାବ ବିନିମୟ କରି ପୁରୁଣା ଅନୁଭୂତି ବାଣ୍ଟିଥିଲେ। ଏବେ ବହୁ ଉଚ୍ଚ ପଦପଦବୀରେ ରହି ସୁନାମ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନେ ମଧ୍ୟ ସେତେବେଳ ଓ ବର୍ତ୍ତମାନର ଅନୁଭବକୁ ସାଉଣ୍ଟିଥିଲେ। ଏଥିରେ ଡ. ପ୍ରମୋଦ ମଲ୍ଲିକ, ସୁଧିର କର, ପ୍ରଭଞ୍ଜନ ପତି, ସୁରେଶ କର, ପର୍ଶୁରାମ ରାଉତରାୟ, ସୁରେଶ ଜେନା, କୁନ୍ତଳା ମଲ୍ଲିକ, ରବୀନ୍ଦ୍ର ଜେନା, ଗଦାଧର ସାହୁ, ଜିତେନ୍ଦ୍ର କୁମାର ପାଢୀ, ପ୍ରଫୁଲ୍ଲ ଦେ, ପ୍ରଫୁଲ୍ଲ କୁମାର ପଣ୍ଡା, ରମାକାନ୍ତ ଲେଙ୍କା, ମିନାକ୍ଷୀ ମହାନ୍ତି, ରମେନ୍ଦ୍ର ବେହେରା, ଲକ୍ଷ୍ମୀଧର ତ୍ରିପାଠୀ ଯୋଗଦେଇ ଛାତ୍ର ଜୀବନର ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଧାଂଶୁବାଳା ମିଶ୍ର , କବିତା ପଣ୍ଡା, ସୁଜାତା ତ୍ରିପାଠୀ, ଲିପିକା ଦାସ, ଶିଶିର ଜେନା, ରବି ନାରାୟଣ ସାହୁ, ରଙ୍କନିଧି ବିଲୟାରସିଂ, ସୂର୍ଯ୍ୟ ବେହେରା, ଧୀରା ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିବର୍ଷ ଡିସେମ୍ବର ମାସରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରି ଏକାଠି ହେବାକୁ ନିଷ୍ପତ୍ତି ନିଆଯାଇଥିଲା।

# ବୌଦ୍ଧ ଧନୁଯାତ୍ରା: କଂସବଧ ନାଟକ ମଞ୍ଚସ୍ଥ

**ବୌଦ୍ଧ,୧୬।୧୨(ସ୍ୱ.ପ୍ର)**

ବୌଦ୍ଧ ଭୈରବୀ ପଡିଆରେ ମଦନମୋହନ ନାଟ୍ୟ କଳାପରିଷଦ ପକ୍ଷରୁ ଚାଲିଥିବା ଧନୁଯାତ୍ରା ନାଟ୍ୟୋତ୍ସବରେ ସୋମବାର କଂସବଧ ନାଟକ ମଞ୍ଚସ୍ଥ ହୋଇଛି। ଏହି ନାଟକରେ ଅକ୍ରୁର କୃଷ୍ଣ ବଳରାମଙ୍କୁ ରଥରେ ବସାଇ ମଥୁରା ଅଭିମୁଖେ ନେଇଛନ୍ତି । କୃଷ୍ଣ ବଳରାମଙ୍କ ଶୋଭାଯାତ୍ରା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଭକ୍ତମାନେ ରହି ଦର୍ଶନ କରିଥିଲେ । ଆତସବାଜି ଓ ଦୁଲଦୁଲି ବାଜାରେ ସହର କମ୍ପି ଉଠିଥିଲା । ଗୋଟିଏ ପଟେ କୃଷ୍ଣ ବଳରାମଙ୍କ ଶୋଭାଯାତ୍ରା ଚାଲିଥିବା ବେଳେ ଅନ୍ୟପଟେ କଂସ ମହାରାଜ ବାଣାସୁର, ଶିଶୁପାଳ, ଜରାସନ୍ଧଙ୍କ ସହିତ ଏକ ବିରାଟ ପଟୁଆରରେ ନଗର ପରିଭ୍ରମଣ କରିଥିଲେ। ଉଭୟଙ୍କ ରଥ ଯାତ୍ରା ପଡିଆକୁ ଆସିବା ପରେ ନାଟକ ଆରମ୍ଭ ହୋଇଥିଲା। ନାଟକରେ ସୁଦାମା ମାଳିର ଫୁଲ ବେଶ, ମଲ୍ଲ ଯୁଦ୍ଧ, କୁବୁଜା ଉଦ୍ଧାର, ରଜକ ଦର୍ପ ଦଳନ ଓ କଂସ ବଧ ଆଦି ନାଟକ ପରିବେଷିତ ହୋଇଥିଲା। ଏହି ନାଟ୍ୟୋତ୍ସବରେ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚିତ ଓ ଦେବାଙ୍ଗନ ମେହେରଙ୍କ ନିର୍ଦ୍ଦେଶନାରେ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ବା ପୌରାଣିକ କଥାବସ୍ତୁକୁ ଯାତ୍ରା ନାଟକ ଶୈଳୀରେ ପ୍ରତିଦିନ ପରିବେଷଣ କରାଯାଇଥିଲା। ଉଦଯାପନୀ ସନ୍ଧ୍ୟାରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟ ଅତିଥି, ପଶ୍ଚିମ ଓଡିଶାର ବରିଷ୍ଠ ସିନେ କଳାକାର ଡଃ ଅଟଳ ବିହାରୀ ପଣ୍ଡା, ଉପଦେଷ୍ଟା ଚନ୍ଦ୍ର ଶେଖର ପାଢୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।


କୃଷ୍ଣ ବଳରାମ ଶୋଭାଯାତ୍ରାରେ ବାହାରିଛନ୍ତି ।


କଂସ ଏକ ବିରାଟ ପଟୁଆରରେ ନଗର ପରିକ୍ରମା କରୁଛନ୍ତି ।

ହରଭଙ୍ଗା ବ୍ଲକରେ ସରକାରୀ ଯୋଜନା ବାଟ୍‌ବନା

# ୧୫ ବଛର ହେଲା ଖୁଲା ଆକାଶ ତଲେ ଉର୍ମିଳା

**ତଳଗାଁ, ୧୬।୧୨ (ଡି.ଏନ୍.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଅନେକ ସରକାରୀ ଯୋଜନା ବାଟ୍‌ବନା ହେଉଥିବାର ଦେଖିବାକେ ମିଲିଛେ। ଅଧିକାରୀ, କରମ୍‌ଚାରୀଙ୍କର ଆଁତରିକତା ଅଭାବୁ ଅନେକ ଗରିବ୍ ଦୁଖି, ହକ୍‌ଦାର ହିତାଧିକାରୀ ସରକାରୀ ଯୋଜନାରୁ ବଁଚିତ୍ ହେଇ ବଡ଼ା ଗୁଲ୍‌ଗୁଲାରେ ଜୀବନ୍ ବିତଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ହରଭଙ୍ଗା ବ୍ଲକ ଆଡ଼େଣୀଗଡ଼ ପଁଚେତ୍‌ର ମାଧପୁରରେ।

ସୂଚନା ଅନ୍‌ସାରେ ଆଡ଼େଣୀଗଡ ପଁଚେତ୍ ଅଧୀନ ମାଧପୁରଠାନେ ଜାତୀୟ ରାଜପଥ ତରେ ଆଏଜ୍‌କେ ୧୫ ବଛର ହେଲା ୩ ଛୁଆକୁ ଧରି ଉର୍ମିଳା ଖୁଲା ଆକାଶ ତଲେ ଜୀବନ୍ ବିତଉଛନ୍। ଇ ଘଟନାକେ ନେଇ ଅନେକ ଥର ଗଣମାଧମରେ ଖବର ବାହାରିଥିଲେ ବି ପରଶାସନ ସବୁ ଜାନିଶୁନି ନାଇଁଜାନ୍‌ଲା ଲେଖେଁ ଅଭିନଏ କରୁଥିବାର ଥାନୀଅ ଲୋକ୍ ଅଭିଯୋଗ କରିଛନ୍। ଉର୍ମିଳାର ଘରଦୁଆର ନାଇଁଥିବାର ଲାଗି ସେ ଆଏଜ୍ ଇତାର ବାରନ୍‌ଡା ତ କାଏଲ୍ ସେତାର ପିଁଢ଼ାରେ ଦିନ୍ ବିତଉଛନ୍। ସେନ୍‌ତା ଆଏଜ୍‌କେ ୧୫ ବଛର ହେଲା ଥାନୀଅ ହାଟ୍‌ପଦାରେ ଉର୍ମିଳା ଏନ୍‌ଥେଇ ଦିନ୍ ବିତଉଛନ୍। ପରଶାସନ ଉର୍ମିଳାକୁଁ ଭତା ଆର କିଛି ଚାଉଲ ଦେଉଛେ ସତ୍। ହେଲେ ଉର୍ମିଳା ସରକାରୀ ଯୋଜନାରେ ଘରଡିହ ଆର ଆବାସ ଘରଖଁଡ଼େ ପାଏବାରୁ ବଁଚିତ୍ ହେଇ ରହିଛନ୍। ଇଆଡ଼େ ପରଶାସନ ଅନେକ ଜାଗାରେ ଥିଲାବାଲାକୁ ସରକାରୀ ଯୋଜନାରେ ସାମିଲ କରି ବାହାଦୁରି ନେଉଛେ। ଜିଲାପାଳ ଇ ଦିଗେ ଖାସ୍ ଦୁରୁଷ୍‌ଟି ଦେଇ ଉର୍ମିଳାକୁଁ ଯେତେ ଜଲ୍‌ଦି ହେବା ସରକାରୀ ଯୋଜନାରେ ଘରଡିହ ଆର ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ଥାନୀଅ ବୁଧିଜୀବୀ ଦାବି କରିଛନ୍।


ଗୁଟେ ସରକାରୀ କୁଠା ବାରନ୍‌ଡାରେ ଉର୍ମିଳା ଆଶ୍ରେ ନେଇଛନ୍।

# ମନମୁଣ୍ଡାରେ ବିଶାଳ ଚାଷୀ ସମାବେଶ

**ମନମୁଣ୍ଡା, ୧୬।୧୨ (ଡି.ଏନ.ଏ)**

ବୌଦ୍ଧ ଜିଲା ମନମୁଣ୍ଡାଠାରେ ସୋମବାର ବିଶାଳ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଚାଷୀମାନେ ସ୍ଥାନୀୟ ସହକାରୀ କୃଷି ଅଫିସ୍‌ରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।

ସୂଚନା ଅନୁସାରେ, କାଳିଆ ଓ ପିଏମ କିଶାନ ଯୋଜନା ପାଇଁ ଏହି ଅଞ୍ଚଳର ଅନେକ ଯୋଗ୍ୟ ଚାଷୀ ନିର୍ଦ୍ଧାରିତ ଫର୍ମରେ ଯଥା ସମୟରେ ଆବେଦନ କରିଥିବା ବେଳେ ସେମାନଙ୍କ ନାମ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଅନେକ ଅଯୋଗ୍ୟ ହିତାଧିକାରୀ ଟଙ୍କା ପାଇଛନ୍ତି । ଯୋଗ୍ୟ ଚାଷୀମାନଙ୍କ ନାମ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଦାବି ନେଇ ସୋମବାର ମନମୁଣ୍ଡା ମଣ୍ଡଳ ଭାଜପା ସଭାପତି ନିରଞ୍ଜନ କର୍ଣ୍ଣଙ୍କ ନେତୃତ୍ୱରେ ଶତାଧିକ ଚାଷୀ ବିକ୍ଷୋଭ କରିଥିଲେ। ମନମୁଣ୍ଡା, ଗୁଡଭେଲିପଦର, ବିଲାସପୁର, ଶୁଣ୍ଠିପଦର, ବରଗୋଛା, ଯୋଗୀନ୍ଦ୍ରପୁର, ଖଟଖଟିଆ, ଘିକୁଣ୍ଡି, ପଲସାଗୋରା, ଦପଲା, ରୁଣ୍ଡିମହୁଲ, ଶିମିଳିପଦର ୧୨ଟି ପଞ୍ଚାୟତର ଚାଷୀ ବ୍ୟାନର ଧରି ବିଭିନ୍ନ ସ୍ଲୋଗାନ ଦେଇ ଦେଉଳିଠାରୁ ଏନଏଚ- ୫୭ ସୁବର୍ଣ୍ଣପାଲି, ଦୈନିକ ବଜାର, ବସଷ୍ଟାଣ୍ଡ ଦେଇ ଏକ ବିରାଟ ରାଲିରେ ଆରଆଇ ଅଫିସକୁ ଯାଇଥିଲେ ଏବଂ ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଥିଲେ । ସେହିପରି ଚାଷୀମାନେ ଡାକ୍ତରଖାନା ଛକରୁ ବାସୁଦେବପାଲି ପର୍ଯ୍ୟନ୍ତ ଯାଇ କୃଷି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିଜ ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମସେବକମାନଙ୍କୁ ଅନ୍ୟତ୍ର ବଦଳି ସହ ୧୧ଟି ବିଷୟକୁ ନେଇ ଏକ ଦାବିପତ୍ର ଜିଲା କୃଷି ଅଧିକାରୀଙ୍କ ଉଦ୍ଦେଶ୍ୟରେ ସହକାରୀ କୃଷି ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଦାବି ପୂରଣ କରା ନ ଗଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚାଷୀ ନେତାମାନେ ପ୍ରକାଶ କରିଥିଲେ ।



ଚାଷୀମାନେ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।



ନିଜକୁ ଖୋଜିବାର ସବୁଠୁ ସହଜ ଓ ସରଳ କୌଶଳ ହେଉଛି, ନିଜକୁ ଅନ୍ୟମାନଙ୍କ ସେବାରେ ନିୟୋଜନ କରିବା।

- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ୧୫୦ ଲିଟର ଦେଶୀ ମଦ ଜବତ: ୨ ଗିରଫ, ଦୁଇ ଫେରାର

**ଗୁଡଭେଲା/ଦେଓଗାଁ,,୧୦।୧୨ (ଡି.ଏନ.ଏ.):** ବଲାଙ୍ଗୀର ତୁଷୁରା ଅବକାରୀ ବିଭାଗ ପକ୍ଷରୁ ସୋମବାର ପାଟ୍ରୋଲିଂ ବେଳେ ୧୫୦ ଲିଟର ଦେଶୀ ମଦ ସହ ଦୁଇଟି ସାଇକେଲ ଜବତ କରାଯାଇଛି। ଦୁଇ ଜଣ ଫେରାର ହୋଇଯାଇଥିବା ବେଳେ ଅନ୍ୟ ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସ୍ଥାନୀୟ ଅବକାରୀ ଅଧିକାରୀ ଅରୁଣ କୁମାର ଯୋଶୀ ପ୍ରକାଶ କରିଛନ୍ତି । ତୁଷୁରା ଅବକାରୀ ବିଭାଗ ଅଧିନ ଦେଓଗାଁ ବ୍ଲକ ଉଡାର-ସାଲେପାଲି ରାସ୍ତାରେ ଦୁଇ ଜଣ ସାଇକେଲରେ ମଦ ନେଉଥିବା ବେଳେ ଅବକାରୀ ବିଭାଗର ନଜରକୁ ଆସିଥିଲା । ତାଙ୍କୁ ଅଟକାଇବାକୁ ବିଭାଗୀୟ କର୍ମଚାରୀମାନେ ପ୍ରୟାସ କରିଥିଲେ। ଦୁଇ ଜଣ ତାଙ୍କ ସାଇକେଲ ଓ ପ୍ରାୟ ଶହେ ଲିଟର ଦେଶୀ ମଦ ଛାଡି ଫେରାର ହୋଇଯାଇଥିଲେ। ଏନେଇ ଅବକାରୀ ବିଭାଗ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି ।

ସେହିପରି ମୁରସିଂଙ୍ଗ-ଦେଓଗାଁ ରାସ୍ତାରେ ମୁରସିଂର ଚୂଡାମଣୀ ଭୋଇଙ୍କଠାରୁ ୨୫ ଓ ମାଧବ ପ୍ରଧାନଙ୍କଠାରୁ ୨୫ ଲିଟର ଲେଖାଏ ଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ। ଏନେଇ ବିଭାଗ ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ପାଟ୍ରୋଲିଂରେ ଏଏସଆଇ ଜୟନାରାୟଣ ଯୋଷୀ, ଦେବାର୍ଚ୍ଚନ ଭୋଇ, ସୁରେଶ ଭୋଇ ପ୍ରମୁଖ ସାମିଲ ଥିଲେ ।

### ବିପଦସଙ୍କୁଳ ଅବସ୍ଥାରେ ସିଡିପିଓ କାର୍ଯ୍ୟାଳୟ

**ବଙ୍ଗୋମୁଣ୍ଡା, ୧୬।୧୨(ଡି.ଏନ.ଏ.):** ବଙ୍ଗୋମୁଣ୍ଡା ବ୍ଲକ ପରିସର ଅନ୍ତର୍ଗତ ସମ୍ମନ୍ୱୟ ଶିଶୁ ବିକାଶ ଅଧିକାରୀ(ସିଡିପିଓ)ଙ୍କ କାର୍ଯ୍ୟାଳୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବହୁ ବର୍ଷ ଧରି ଏହି କୋଠାର ମରାମତି କରାଯାଇନାହିଁ। ଅତି ପୁରୁଣା କୋଠା ହୋଇଥିବାରୁ ଛାତରୁ ପାଣି ଝରୁଛି, ପଲସ୍ତରା ଛାଡି କଂକ୍ରିଟ ଖସୁଛି। ପ୍ରତି ମାସରେ ଏଠାକୁ ଜିଲାସ୍ତରୀୟ ଅଧିକାରୀମାନେ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। ହେଲେ କାର୍ଯ୍ୟାଳୟର ଏହି ଶୋଚନୀୟ ଅବସ୍ଥା ପ୍ରତି କାହାରି ନଜର ପଡିନାହିଁ। ଏନେଇ ବିଡିଓ ଦୀକ୍ଷିତ ବେହେରାଙ୍କୁ ପଚାରିବାରୁ କାର୍ଯାଳୟର ନିର୍ମାଣ କିମ୍ବା ମରାମତି ପାଇଁ ବ୍ୟବସ୍ଥା କରାଯାଉଛି। ଖୁବ୍‌ଶୀଘ୍ର କାମ ହେବ ବୋଲି ସେ କହିଛନ୍ତି।

### ସଚେତନତାଧର୍ମୀ ନାଟକ ପରିବେଷଣ କଲେ ଛାତ୍ରୀଛାତ୍ର

**ଲୋଇସିଂହା,୧୬।୧୨(ଡି.ଏନ.ଏ):** ଆଗଲପୁର ବ୍ଲକ ବାଇଗଣଖାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ମନୋଜ କୁମାର ବହିଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଏବିଓ ଦିଲୀପ ବେହେରା, ବରିଷ୍ଠ ଶିକ୍ଷକ ଜୟଦେବ ମହାକୁର, କ୍ଷୀରେଶ୍ୱର ଦୀପ, ପରେଶ କୁମାର ସାହୁ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକାର୍ଯ୍ୟ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବାଲ୍ୟ ବିବାହ, ଯୌତୁକ ପ୍ରଥା ଓ ନିଶା ନିବାରଣ ଭଳି ସମାଜ ସଂସ୍କାର ଧର୍ମୀ ସଚେତନତା ନାଟକ ପରିବେଷଣ କରାଯାଇଥିଲା।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରି ପ୍ରାପ୍ୟ ମିଳିନି

## ଜବକାର୍ଡଧାରୀ ଶ୍ରମିକ ପରିବାର ବ୍ଲକ ପ୍ରଶାସନ ଦ୍ୱାରସ୍ଥ

**ଲୋଇସିଂହା, ୧୬।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର କେତେକ ଜବକାର୍ଡଧାରୀ ଶ୍ରମିକ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରି ସେମାନଙ୍କ ପ୍ରାପ୍ୟ ପାଇନାହାନ୍ତି। ଉକ୍ତ ଶ୍ରମିକ ପରିବାର ପ୍ରାପ୍ୟ ନପାଇ ପରିବାର ଚଳଣିରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ସୋମବାର ସେମାନେ ପ୍ରାପ୍ୟ ଦାବିରେ ଲୋଇସିଂହା ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ଏବିଡିଓ ବିଜୟ କୁମାର ହୋତାଙ୍କୁ ଭେଟି ସମସ୍ୟା ଜଣାଇଥିଲେ । ହେଲେ ଅନୁଦାନ ଆସି ନ ଥିବାରୁ ପ୍ରପ୍ୟ ପୈଠରେ ଅସୁବିଧା ହୋଇଥିବା କହିଥିଲେ । ଶ୍ରମିକଙ୍କ ଦାବି ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାକୁ ପ୍ରତିଶ୍ରୁତି ଦେଇଥିଲେ ।



କାମର ପ୍ରାପ୍ୟ ପାଇଁ ଏବିଡିଓଙ୍କ ନିକଟରେ ଶ୍ରମିକମାନେ ଫେରାଦ ହେଉଛନ୍ତି।

ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷରେ ଏମ୍‌ଜିଏନଆରଇଜିଏସ୍ ଯୋଜାନରେ ୫ ଲକ୍ଷ୍ୟ ବ୍ୟୟ ଅଟକଳରେ ବେହେରାତଲଠାରୁ ଆରଡି ରୋଡ ସଲତରପାଲିକୁ ସଂଯୋଗୀକରଣ ପାଇଁ ନୂତନମାଟି ରାସ୍ତା ହାତକୁ ନିଆଯାଇଛି। ପଞ୍ଚାୟତ ପକ୍ଷରୁ ମାଷ୍ଟରରୋଲ ବାହାରିବା ପରେ ରକ୍ଷିକ ଦୀପ, ଅମର ଦୀପ, ଝରିଆ ଦୀପ, ଶିବ ଦୀପ, ଜୟଦେବ ଦୀପ, ରକ୍ଷିକ ଦୀପ, ବିଭୀଷଣ ଦୀପ ଓ ହରିହର ଭାଇନା ଏପରି ୯ ଟି ପରିବାରର ୧୮ ଜଣ ଶ୍ରମିକ ଗତ ୪ ନଭେମ୍ବରରୁ କାମ ଆରମ୍ଭ କରିଥିଲେ । ଦେଢମାସ ହେଲା ଉକ୍ତ ପ୍ରକଳ୍ପରେ ଶ୍ରମିକ ଭାବେ ନିୟୋଜିତ ହୋଇ କାମ କରୁଛନ୍ତି। ଆରମ୍ଭରୁ ଟଙ୍କା ପାଇ ନ ଥିବାରୁ ଶ୍ରମିକ ପରିବାର ଆର୍ଥିକ ପରିସ୍ଥିତିର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ସରକାରୀଭାବେ କାମର ୧୫ଦିନ ମଧ୍ୟରେ ପ୍ରାପ୍ୟ ପୈଠ କରିବାର ବିଧି ରହିଛି । ହେଲେ ଦେଢମାସ ବିତି ଯାଇଥିବାରୁ ସରକାରୀ ନିୟମ ମୁତାବକ ୫ ପ୍ରତିଶତ ସୁଧରେ ପ୍ରାପ୍ୟ ଦେବାକୁ ଏବିଡିଓଙ୍କ ନିକଟରେ ଶ୍ରମିକମାନେ ଦାବି କରିଥିଲେ ।

**ଧରିତ୍ରୀ ପ୍ରଭାବ**

### ଲୋଇସିଂହାରେ ଖୋଲିଲା ଆରଟିଓ କ୍ୟାମ୍ପ

**ଲୋଇସିଂହା,୧୬।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପରିସରରେ ଆରଟିଓ କ୍ୟାମ୍ପ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ୟାମ୍ପରେ ୩ ଶହରୁ ଅଧିକ ଲୋକ ଲର୍ଣ୍ଣିଂ ଲାଇସେନ୍ସ ପାଇଁ ଅବେଦନ କରିଥିଲେ । ବଲାଙ୍ଗୀର ଆରଟିଓ ଅଫିସର କର୍ମଚାରୀ ମଳୟ ପାଣିଗ୍ରାହୀ, ବିଜୟ ପଧାନ, ସତ୍ୟ ବାରିକ ଓ ସରୋଜ ଦେହୁରୀ ଉପସ୍ଥିତ ରହି ଡ୍ରାଇଭିଂ ଲାଇସେନ୍ସ କ୍ୟାମ୍ପ ପରିଚାଳନା କରିଥିଲେ । ଆଇଆଇସି ଲଳିତା ଲେକ୍ରା କ୍ୟାମ୍ପ କାର୍ଯ୍ୟକ୍ରମର ତଦାରଖ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଗତ ୨୭ ନଭେମ୍ବରରେ ସରୁଛି ଅବଧି,ଖୋଲିଲାନି କ୍ୟାମ୍ପ ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ବିଧାୟକ ମୁକେଶ ମହାଲିଙ୍ଗଙ୍କ ନିର୍ଦ୍ଦେଶ କ୍ରମେ ଏଠାରେ କ୍ୟାମ୍ପ ଅନୁଷ୍ଠିତ ହୋଇଛି ।

୧୭ବର୍ଷରୁ କମ ବର୍ଷ ଖେଳାଳିଙ୍କୁ ନେଇ ଫୁଟବଲ ଟୁର୍ନାମେଣ୍ଟ

## ବୁର୍ଡା ରନର୍ସ ଅପ, ବାଦିବାହାଲ ଚାମ୍ପିୟନ

**ଲୋଇସିଂହା,୧୬।୧୨(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ବୁର୍ଡା ହାଇସ୍କୁଲ ଖେଳ ପଡିଆରେ ୧୭ ବର୍ଷରୁ କମ୍ ଖେଳାଳିଙ୍କୁ ନେଇ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ଖେଳରେ ବୁର୍ଡା ୟୁଏଫଏକୁ ହରାଇ ବାଦିବାହାଲ ଚାମ୍ପିୟନ ହୋଇଛି। ଜୟ ମା ଦୁର୍ଗା କ୍ଲବ ଆନୁକୂଲ୍ୟରେ ୟୁନାଇଟେଡ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏଥିରେ ବାଦିବାହାଲ ଜଡାମୁଣ୍ଡା, ଲୋଇସିଂହା, ବୁଦେଲବାହାଲି, ୟୁଏଫଏ ବୁର୍ଡା, ଦୁମଦୁମି, ତେନ୍ତୁଲିଖୁଣ୍ଟି ଓ ନଅଗାଁ(ଖ) ଦଳ ଅଂଶଗ୍ରହଣ କରିଥିଲେ। ଏ ଗ୍ରୁପରୁ ବାଦିବାହାଲ ଓ ବି ଗ୍ରୁପରୁ ବୁର୍ଡା ୟୁଏଫଏ ଦଳ ଫାଇନାଲରେ ପ୍ରବେଶ କରିଥିଲେ। ମାନସ ବାଗ, ଜୟପ୍ରକାଶ ସାହୁ ଓ ବିଟୁ ଦୁଦୁଲି ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସୁଶାନ୍ତ ବାରିକ ମୁଖ୍ୟଅତିଥି, ସନୁ ଚିନ୍ଦ୍ରା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ ।



ରେଫରିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସ ଅପ ଦଳର ଖେଳାଳିମାନେ।

### ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ବୈଠକ

**ଗୁଡ଼ଭେଲା,୧୬।୧୨(ଡି.ଏନ.ଏ.)**

ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ବୈଠକ ବିଡିଓ ସୂର୍ଯ୍ୟକୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉପ ଜିଲାପାଳ ସଞ୍ଜୟ ମିଶ୍ର, ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା ଯୋଗ ଦେଇ ଉପସ୍ଥିତ ଶ୍ରମିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଠିକ୍ ସମୟରେ ଶ୍ରମିକମାନେ ପାଉଣା ପାଉ ନ ଥିବାରୁ ଅସନ୍ତୋଷ ଦେଖା ଦେଇଥିଲା। ଉକ୍ତ ବୈଠକକୁ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ହିମାଂଶୁ ଶେଖର ମିଶ୍ର ପରିଚାଳନା କରିଥିଲେ। ବ୍ଲକ ସାମାଜିକ ସମୀକ୍ଷକ ସତ୍ୟନାରାୟଣ କର୍ମୀ ଏଥିରେ ସହଯୋଗ କରିଥିଲେ । ଏପିଓ ଦାୟିତ୍ୱରେ ଥିବା ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ, ଭିଆରପି ଓ ବ୍ଲକର ବିଭିନ୍ନ କର୍ମଚାରୀ ଉପସ୍ଥିତ ଥିଲେ ।



ସମ୍ମିଳନୀ ଅବସରରେ ବ୍ଲକ କ୍ରୀଡା ଶିକ୍ଷକ ସଂଘ କର୍ମକର୍ତ୍ତା।

## ବ୍ଲକ କ୍ରୀଡ଼ା ଶିକ୍ଷକ ସଂଘର ସମ୍ମିଳନୀ ୩ ଅବସର ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ଲୋଇସିଂହା, ୧୬।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ନୋଡାଲ ହାଇସ୍କୁଲରେ ବ୍ଲକ କ୍ରୀଡା ଶିକ୍ଷକଙ୍କ ସଂଘର ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ବରିଷ୍ଠ କ୍ରୀଡା ଶିକ୍ଷକ ଦୁର୍ବାଦଳ ବାଗ ଅଧ୍ୟକ୍ଷତା କରିଥିଲେ। ବାଦିବାହାଲ ହାଇସ୍କୁଲ କ୍ରୀଡା ଶିକ୍ଷକ ସମ୍ପତି ପଧାନ, ଲୋଇସିଂହା ବାଳିକା ହାଇସ୍କୁଲର କରବି ଚାଟାର୍ଜୀ ଓ ବୁର୍ଡା ହାଇସ୍କୁଲର ଷଡାନନ ରାଉତ ନିକଟରେ ଅବସର ନେଇଥିବାରୁ ସେମାନଙ୍କୁ ଏହି ଅବସରରେ ବ୍ଲକ ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘ ବ୍ଲକ ସମ୍ପାଦକ ଶ୍ୟାମସୁନ୍ଦର ମେହେର ସଭା ସଂଯୋଜନା କରିଥିଲେ ।

## ବିନା ସୂଚନା ଫଳକରେ ଚାଲିଛି କେନାଲ କାମ

**ଲୋଇସିଂହା,୧୬।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ନାରାୟଣ ସାଗର ତଳି ଅଞ୍ଚଳରେ କେନାଲ କାମ ଚାଲିଛି । ହେଲେ ଏଠାରେ କୌଣସି ସୂଚନା ଫଳକ ନାହିଁ। ଲୋଇସିଂହା ନାରାୟଣସାଗରବଲାଙ୍ଗୀରଏମଆଇପି ଅଧୀନରେ ରହିଛି । ୨୦୧୯-୨୦ ଆର୍ଥିକ ବର୍ଷରେ ଏହାର ପୁନରୁଦ୍ଧାର କାର୍ଯ୍ୟ କରାଯାଇଥିଲା । ହେଲେ କାମକୁ ନେଇ ଲୋଇସିଂହାବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଚଳିତ ମାସ ପ୍ରାରମ୍ଭରୁ ସାଗର ତଳଭାଗ ତଥା ଫେର ଘାଇ ଅଞ୍ଚଳରେ କେନାଲ କାମ କରାଯାଉଛି । କାମର ଦୁଇ ସପ୍ତାହ ବିତି ଯାଇଥିଲେ ସୁଦ୍ଧା ସେଠାରେ ସୂଚନା ଫଳକ ଲଗାଯାଇ ନାହିଁ । ତେବେ କେଉଁ ବିଭାଗ କାମ କରୁଛି, କେତେ ଅନୁଦାନ ଓ ବ୍ୟୟବରାଦ କେତେ ହୋଇଛି ଏହା ସାଧାରଣ ଜନତା ଜାଣି ପାରୁନାହାନ୍ତି। ପାଣି ପଞ୍ଚାୟତର ଅଜ୍ଞାତରେ ମଧ୍ୟ କାମ ହେଉଥିବା ଓ ହାଲକା କାମ ହେଉଥିବାରୁ ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ବଲାଙ୍ଗୀର ଏମଆଇପି ଯନ୍ତ୍ରୀ ଗୋଲକ ବେହେରାଙ୍କୁ ପଚାରିବାରୁ ଏହା ଏକ ପୁରୁଣା କାମ। ବଳକା ଟଙ୍କାରେ କାମ ଚାଲିଛି ବୋଲି କହିଛନ୍ତି।



ବ୍ୟାସ ତୁଳସୀ ରାମାୟଣ ପାରାୟଣ କରୁଛନ୍ତି।

### ତୁଳସୀ ରାମାୟଣ ପାରାୟଣ

**ଲୋଇସିଂହା,୧୬।୧୨(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ବୁର୍ଡା ରାଧାକୃଷ୍ଣ ମନ୍ଦିର ପରିସରରେ ମାସିକ ସଂକ୍ରାନ୍ତି ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ପୂଜାର୍ଚ୍ଚନା ଓ ତୁଳସୀ ରାମାୟଣ ପରାୟଣ କରାଯାଇଥିଲା। ମନୋଜ ଦାସ ପୂଜା କାର୍ଯ୍ୟ କରିଥିବାବେଳେ ଶେଷଦେବ ଦାନି ତୁଳସୀ ରାମାୟଣ ପାରାୟଣ କରିଥିଲେ। ଯଶୋବନ୍ତ ଗଡୁଆ, ସୁବାଷ ଚିନ୍ଦ୍ରା, ଘନଶ୍ୟାମ ସାହୁ, ଜଗତପତି ଦାନି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଜେଏମ୍‌ଆଇ ବିଶ୍ୱବିଦ୍ୟାଳୟରେ ପୋଲିସ ଗୁଳିଚାଳନାର ପ୍ରତିବାଦ

## କଲେଜ ଛକରେ ଏଆଇଡିଏସ୍‌ଓର ବିକ୍ଷୋଭ

**ବଲାଙ୍ଗୀର ଅଫିସ,୧୬।୧୨**

ଦିଲ୍ଲୀସ୍ଥିତ ଜେଏମ୍‌ଆଇ ବିଶ୍ୱବିଦ୍ୟାଳୟରେ ପୋଲିସ ପକ୍ଷରୁ ଗୁଳିଚାଳନା ଓ ଲାଠିଚାର୍ଜ ପ୍ରତିବାଦରେ ସୋମବାର ସନ୍ଧ୍ୟାରେ ଅଲଇଣ୍ଡିଆ ଡେମୋକ୍ରେଟିକ୍ ଷ୍ଟୁଡେଣ୍ଟ ଅର୍ଗାନାଇଜେସନ୍ (ଏଆଇଡିଏସ୍‌ଓ) ବଲାଙ୍ଗୀର ଜିଲା କମିଟି ପକ୍ଷରୁ ସ୍ଥାନୀୟ କଲେଜ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଶ୍ୱବିଦ୍ୟାଳୟରେ ଶାନ୍ତିପୂର୍ଣ୍ଣ ଭାବେ ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରୁଥିବାବେଳେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରି କ୍ୟାମ୍ପସ ଭିତରକୁ ପୋଲିସର ଧସେଇ ପଶିଥିଲା। ସେଠାରେ ଛାତ୍ରୀଛାତ୍ରଙ୍କ ଉପରେ ଲାଠିଚାର୍ଜ୍ୟ ଓ ଗୁଳିଚାଳନା କରିବା ଅଗଣତାନ୍ତ୍ରିକ ଓ ନିନ୍ଦନୀୟ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହା ବରୋଧରେ ସାରା ଦେଶରେ ଗଣତାନ୍ତ୍ରିକ ଆନ୍ଦୋଳନ କରିବା ପାଇଁ ଛାତ୍ରୀଛାତ୍ର ତଥା ଜନସାଧାରଣଙ୍କୁ ସଙ୍ଗଠନ ତରଫରୁ ଆହ୍ୱାନ ଦିଆଯାଇଛି । ଆଜିର ପ୍ରତିବାଦ ସଭାରେ ଏଆଇଡିଏସ୍‌ଓ ସର୍ବଭାରତୀୟ କାଉନ୍‌ସିଲ ସଭ୍ୟ ସୁନୀଲ ଭୋଇ, ଜିଲା ସଭାପତି ରାଜେନ୍ଦ୍ର ରଣା, ଉପସଭାପତି ଲକ୍ଷ୍ମୀଧର ସାମଲ, କୁଶପୃଷ୍ଟି ବାଗ, ବିକାଶ ଜେନା, ମମତା ନାୟକ, ମଳୟ କୁଅଁର, ଖୁସିରାମ ସୁନାଙ୍କ ସହ ବହୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ ।




ଏଆଇଡିଏସ୍‌ଓ ପକ୍ଷରୁ ବଲାଙ୍ଗୀର କଲେଜ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ତହଁକ୍ ସାହିତ୍ୟ କୁଟୁମ୍‌ର ବାର୍ଷିକ ସମ୍ମିଳନୀ

## ମୁନୁଷର୍ ଜୀବନ୍ ଭାବ୍‌ଥି ବନ୍ଧା

**ବଲାଙ୍ଗୀର ଅଫିସ, ୧୬।୧୨**

ମଣିଷର ଜୀବନ ଭାବବୋଧରେ ବାନ୍ଧି ହୋଇଥାଏ । ଭାବର ଅଭାବରୁ ଜୀବନ ହୋଇଯାଏ ଦୁର୍ବିସହ । ଏଣୁ ମଣିଷ ଜୀବନରେ ଭାବବୋଧକୁ ଅଧିକ ଗୁରୁତ୍ୱ ଦିଆଯିବା କଥା । ଆଜିର ବ୍ୟସ୍ତବହୁଳ ଜୀବନ ଓ ଛୋଟ ପରିବାର ଭିତରେ ରହିଲେ ମଧ ମଣିଷ ନିଜର ଭାବବୋଧରେ ଅନ୍ୟମାନଙ୍କୁ ବାନ୍ଧିଦେଲେ ସମାଜ ସମୃଦ୍ଧ ହେବ ବୋଲି ତହଁକ୍ ସାହିତ୍ୟ କୁଟୁମ୍‌ର ବାର୍ଷିକ ସମ୍ମିଳନୀରେ ବକ୍ତା, କବିମାନେ ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ କଦଳୀମୁଣ୍ଡା ସର୍ନରୀଠାରେ ଶିଶୁ ସାହିତ୍ୟିକ ଗୋପୀନାଥ ଦଣ୍ଡସେନାଙ୍କ ସଂଯୋଜନାକ୍ରମେ ଏବଂ କବି ନିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ସମ୍ମିଳନୀରେ ମୁଖ୍ୟଅତିଥିଭାବେ ପୁଇଁତଲା ବ୍ଲକ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ ଓ ମୁଖ୍ୟବକ୍ତାଭାବେ ବୀରେନ୍ଦ୍ର କୁମାର ଝାଙ୍କର ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଗୀତିକାର ରାଜୀବ ଭୋଇ, କବି, ଗୀତିକାର ଦିଲୀପ ମହାନ୍ତି, ପ୍ରଦୀପ୍ତ ମିଶ୍ର, ଘଟେଶ୍ୱର ମିଶ୍ର, ବିଭୁକଲ୍ୟାଣ ଗଡତ୍ୟା, ତେଜସ୍କର ମହାପାତ୍ର, ଶ୍ରୀବାସ ନାୟକ, ପ୍ରଶାନ୍ତ ମହାକୁର, ରାଧାକ୍ରିଷ୍ଣ ମିଶ୍ର ଯୋଗଦାନ କରିଥିଲେ । ତହଁକ୍ କୁଟୁମ୍‌ର ସମ୍ପାଦକ ରାଜେଶ ଦଣ୍ଡସେନା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ସମ୍ପାଦକ ଅର୍ଜୁନ୍ ସାହୁ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ନାଟ୍ୟକାର ଅରବିନ୍ଦ ବାଗ ଧନ୍ୟବାଦ୍ ଅର୍ପଣ କରିଥିଲେ । ସଭା ପରେ କବିତା ଆସର ଅନୁଷ୍ଠିତ ହୋଇଥିଲା । ଏହାକୁ ରାମପ୍ରସାଦ ବାଗ, ନିମାଇଁ ପ୍ରଧାନ, ଜ୍ୟୋତିପ୍ରକାଶ ସାହୁ ଏବଂ ବିନୋଦ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, ବରଗଡ ଜିଲାର କବି, ଲେଖକ, କଥାକାର ଓ ସାହିତ୍ୟିକ ଯୋଗଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଶାନ୍ତନୁ କୁମାର ପଣ୍ଡା, ଶ୍ରୀୟାକାନ୍ତ ଦାସ, ଭରତ ମେହେର, ରୁକ୍ମଣ ବିଶ୍ୱାଳ, ଘନଶ୍ୟାମ ମେହେର, କିଶୋର ବରିହା, ଅକ୍ରୁର ବାଗ, ଦୁର୍ବାଦଳ କ୍ଷେତୀ, ଘନଶ୍ୟାମ ଭୋଇ, ବିବେକ ଧରୁଆ ଓ ଅନ୍ୟ ବହୁ କବି ଯୋଗଦାନ କରିଥିଲେ । କବିତା ଆସରା ପରେ ଭାବର୍ ଭୁଜି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା ।



ତହଁକ ସାହିତ୍ୟ କୁଟୁମ୍‌ର ବାର୍ଷିକ ସମ୍ମିଳନୀରେ ଅନୁଷ୍ଠିତ କବିତା ଆସର ।

- ସମ୍ମିଳିତ ହେଲେ ୪ ଜିଲାର କବି, କଥାକାର
- କବିତା ଆସର୍, ହସି ମଜାରେ କଟିଲା ସମୟ



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରା



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ୨ ଯୁବକ ମୃତ

**ଭବାନୀପାଟଣା,୧୬।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୟପାଟଣା ଥାନା ସର୍ଗିଗୁଡା ପଞ୍ଚାୟତ ପ୍ରଜା ନାଗଫେଣୀ ଗାଁରେ ଗତ ରବିବାର ସକାଳେ ଏକ ଅଜଣା ଗାଡି ଧକ୍କାରେ ୨ ଜଣଙ୍କ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ମଧୁ ମାଝି (୩୬) ଓ ହୀରାଲାଲ ଦିସାରୀ (୪୦) । ସୂଚନା ଯେ, ମଧୁ ଓ ହୀରାଲାଲ ରବିବାର ସକାଳେ ଝରିଗାଁ ବ୍ଲକ ଚଚାଗାଁରୁ ବାଇକ (ନଂ. ଓଆର୍୦୮ଏଚ୍-୬୩୫୨)ରେ ନିଜ ଗାଁକୁ ଫେରୁଥିଲେ। ପାପଡାହାଣ୍ଡି ଥାନା ମଇଦଲପୁର ପଞ୍ଚାୟତ ଖଡକା ନିକଟରେ ଏକ ଅଜଣା ଗାଡି ଏମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମଧୁଙ୍କ ମୃତ୍ୟୁ ହୋଇଥିଲା। ହୀରାଲାଲଙ୍କୁ ଗୁରୁତର ଅବସ୍ଥାରେ ପାପଡାହାଣ୍ଡି ଏଏସ୍ଆଇ ମନୋରଞ୍ଜନ ସ୍ୱାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡାହାଣ୍ଡି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଉଭୟଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଉଭୟଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

### ବେଆଇନ ମଦ କୋଠିରେ ଚଢ଼ାଉ ଘଟଣା, ୪ କୋର୍ଟ ଚାଲାଣ

**ଭବାନୀପାଟଣା,୧୬।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୟପାଟଣା ଥାନା ବଡକୁଟରୁ ଫାଣ୍ଡି ଅଞ୍ଚଳରେ ବେଆଇନ ମଦ କୋଠି ଉପରେ ପୋଲିସ ଚଢାଉ କରି ୨୩.୨ ଲିଟର ମଦ ଜବତ କରି ୪ ଜଣଙ୍କୁ ଅଟକ ରଖିଥିଲା। ରବିବାର ଉକ୍ତ ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଣିଗାଁର ତୀର୍ଥବାସୀ ସାହୁ, ଉପେନ୍ଦ୍ର ବେହେରା, ବନମାଳୀ ଭୋଇ ଏବଂ ବଡକୁଟରୁର ଚିତ୍ରଭାନୁ ବାରିକ। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ଶନିବାର ପୋଲିସ ପାଣିଗାଁର ୩ଟି ଏବଂ ବଡକୁଟରୁର ଗୋଟିଏ ମଦ କୋଠି ଉପରେ ଚଢାଉ କରିଥିଲା। ଚାରୋଟି କୋଠିରୁ ମୋଟ ୨୩.୨ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଥିଲା।

### ଶିକ୍ଷକଙ୍କ ପରଲୋକରେ ଶୋକସଭା

**ସିନାପାଲି,୧୬।୧୨( ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ପ୍ରାଥମିକ ଶିକ୍ଷକଙ୍କ ପକ୍ଷରୁ ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷକ ଯୁଧିଷ୍ଠିର ମେହେରଙ୍କ ଆକାଳ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ପ୍ରକାଶ ମେହେର ପ୍ରାରମ୍ଭିକ ସୂଚନା ଦେବା ପରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା ରକାଯାଇଥିଲା। ସ୍ୱର୍ଗତ ମେହେରଙ୍କ ଏକାଦଶାହ କ୍ରିୟାରେ ଶିକ୍ଷକଙ୍କ ଏକ ପ୍ରତିନିଧି ଦଳ ଉପସ୍ଥିତ ରହି ଶୋକାକୁଳ ପରିବାରକୁ ସାନ୍ତ୍ୱନା ଦେବାକୁ ସ୍ଥିର କରାଯାଇଛି । ଏଥିସହ ସ୍ୱର୍ଗତ ମେହେରଙ୍କ ବିଧବା ସ୍ତ୍ରୀଙ୍କୁ ସରକାରୀ ଚାକିରି ଯୋଗାଇ ଦେବାକୁ ଦାବି କରାଯାଇଛି। ସୂଚନାଯୋଗ୍ୟ ଯେ, ସିନାପାଲି ଜନ୍ମିତ ସ୍ୱର୍ଗତ ମେହେର ଖଡିଆଳ ବ୍ଲକ୍‌ରେ କନିଷ୍ଠ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ବେଳେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ଶୋକସଭାରେ କୁମୁଦବନ୍ଧୁ ଯୋଷୀ, ପ୍ରକାଶ ମେହେର, ଆୟୁବ ଖାଁ, ଦୈତାରୀ ମେହେର, ନିକୁଞ୍ଜ ବିହାରୀ ସା, ହୃଦାନନ୍ଦ ମେହେର, ବୈଷ୍ଣବ ମେହେର, କିଶୋର ସାହୁ, ଲୋଚନ ମେହେର, ଗଣେଶରାମ ମେହେର, ରାଜେନ୍ଦ୍ର ଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ।

# ୮ ମାସ ହେଲା ଜଳ ଯୋଗାଣ ବନ୍ଦ

**ସାହିପଲା ଗାଁ**
- ଖରାଦିନ ପୂର୍ବରୁ ପାଣି ଚିନ୍ତା
- ପଞ୍ଚାୟତ କର୍ତ୍ତୃପକ୍ଷ ଚେଇଁ ଶୋଇଛି

**ନୂଆପଡା ଅଫିସ,୧୬।୧୨**

ଆଗକୁ ୩/୪ ମାସ ଖରାଦିନ ଆସିବାକୁ ବାକି ରହିଥିବାବେଳେ ଲୋକଙ୍କୁ ଏବେଠୁ ପାଣି ଚିନ୍ତା ଘାରିଲାଣି। ନୂଆପଡ଼ା ଜିଲା ସଦର ବ୍ଲକ ସାହିପଲା ଗାଁରେ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଉଦାସୀନତା ଯୋଗୁ ଲୋକେ ଆଜିକୁ ୭ରୁ ୮ ମାସ ହେବ ପାନୀୟ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି । ବରଗଡ–ନୂଆପଡା ବିଜୁ ଏକ୍ସପ୍ରେସ ରାସ୍ତା ନିର୍ମାଣବେଳେ ପାଇପ ଫାଟିବା ଯୋଗୁ ଜଳ ଯୋଗାଣ ବନ୍ଦ ହୋଇପଡିଥିବା କୁହାଯାଉଛି। ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ପଞ୍ଚାୟତଠାରୁ ବ୍ଲକଯାଏଁ ଧାଁଦୌଡ କରୁଥିଲେ ହେଁ କୌଣସି ସୁଫଳ ମିଳି ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢି ଚାଲିଛି।

ସାହିପଲା ପଞ୍ଚାୟତ ସଦର ଗାଁରେ ପାନୀୟ ଜଳର କୌଣସି ବିକଳ୍ପ ନ ଥିବାବେଳେ ଲୋକେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଉପରେ ନିର୍ଭର କରି ଚଳିଥାନ୍ତି। ଏଥିପାଇଁ



ଅଚଳ ହୋଇପଡିଥିବା ପମ୍ପ ହାଉସ।

ବିଜୁ ଏକ୍ସପ୍ରେସ ରାସ୍ତାକଡରେ ନିର୍ମିତ ହୋଇଥିବା ପ୍ରକଳ୍ପ ହିଁ ସାହା ଭରସା। ଏଥିରୁ ସାହିପଲାର ୩, ୪ ଏବଂ ୫ନଂ. ୱାର୍ଡ ବାସିନ୍ଦା ପାଣି ପାଇଥାନ୍ତି। ହେଲେ ଏହି ରାସ୍ତା ନିର୍ମାଣ ବେଳେ ପାଇପ ଫାଟି ଯାଇଥିବାରୁ ପାଣି ଯୋଗାଣ ବନ୍ଦ ହୋଇଛି। ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇ ଆସୁଛନ୍ତି । ହେଲେ ଏହାର ମରାମତି କରାଯିବାର ନାଁ ଧରୁନାହାନ୍ତି । ଲୋକେ ବାଧ୍ୟ ହୋଇ ଗାଁ ପୋଖରୀରୁ ପାଣି ସଂଗ୍ରହ କରୁଥିବା ଦେଖାଯାଉଛି। ଏପରି କି କେନାଲ ପାଣିରେ ସ୍ନାନ ଶୌଚ କରିବାକୁ ବାଧ୍ୟ ହେଉଛନ୍ତି । ଏହା ଉପରେ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଗ୍ରାମବାସୀ ଜିଲା ଅଫିସକୁ ଦୌଡିବେ ବୋଲି କହୁଛନ୍ତି । ଏହାକୁ ନେଇ ଗାଁର ଜଣେ ସାମାଜିକ କର୍ମୀ ଗିରିଧାରୀ ବାଗ ବାରମ୍ବାର ପଞ୍ଚାୟତକୁ ଦୌଡୁଥିଲେ ମଧ୍ୟ ସରପଞ୍ଚ ନିରୁତ୍ତର ରହୁଥିବା କହିଛନ୍ତି । ସେହିଭଳି ୱାର୍ଡ ସଭ୍ୟା ଗୁଲମତିନ ପଟେଲ ମଧ୍ୟ ପାଣି ଭଳି ମୌଳିକ ସୁବିଧା ପ୍ରତି ହେଳା କରାଯାଉଥିବାରୁ ଏହାକୁ ନିନ୍ଦା କରିଛନ୍ତି। ଏହା ଉପରେ ପିଡବ୍ଲ୍ୟୁଡି ଏସଡିଓ କ୍ଷୀରଧର କନ୍ଦପାଣିଙ୍କୁ ଯୋଗାଯୋଗ କରିବାରୁ ଏହା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଦାୟିତ୍ୱ। ଦରକାର ହେଲେ ଆମେ ପାଣି ଯୋଗାଇଦେବୁ ବୋଲି କହିଛନ୍ତି । ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ ପଚାରିବାରୁ ଏଭଳି ଖବର ତାଙ୍କ ପାଖରେ ନାହିଁ । ସେ ଏହା ଉପରେ ତୁରନ୍ତ ଦୃଷ୍ଟି ଦେବେ ବୋଲି କହିଛନ୍ତି । ଏହା ଉପରେ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ଜିଲା କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସାମାଜିକ କର୍ମୀ ରବୀନ୍ଦ୍ର ମଙ୍ଗରାଜ ଚେତାବନୀ ଦେଇଛନ୍ତି ।

# ଅଜଣା ରୋଗରେ ଗୋରୁଙ୍କ ମୃତ୍ୟୁ

- ୩୦ ରୁ ୪୦ ମୃତ୍ୟୁ ଘଟିଲାଣି

**ଖଡିଆଳ,୧୬।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଖଇରପଦର ଗାଁରେ ଅଜଣା ରୋଗରେ ଗାଈ ଗୋରୁ ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁବରଣ କରୁଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଭାଲେଣି ଦେଖାଦେଇଛି । ପ୍ରଥମେ ଗାଈ ଗୋରୁଙ୍କ ଶରୀରରେ କେପ୍ରିକ୍ସ ରୋଗ ଭଳି ଲକ୍ଷଣ ଦେଖାଯାଉଥିବା ବେଳେ ଗାଈଙ୍କ ମୁହଁ ଓ ଗୋଡ ଫୁଲି ଯାଉଛି । ପରେ ଗାଈମାନଙ୍କୁ ପ୍ରବଳ ଜ୍ୱର ହେବା ସହ ମୃତ୍ୟୁବରଣ କରୁଛନ୍ତି। ଆଜି ପର୍ଯ୍ୟନ୍ତ ୩୦ ରୁ ୪୦ଟି ଗାଈ ଗୋରୁ ମୃତ୍ୟୁବରଣ କରିସାରିଛନ୍ତି । ସେହିଭଳି ଆକ୍ରାନ୍ତ ଗାଈ ଗୋରୁଙ୍କୁ ଚିକିତ୍ସା କଲେ ମଧ ଭଲ ହେଉ ନ ଥିବା ଚାଷୀମାନେ କହିଛନ୍ତି । ଗାଈ ଗୋରୁଙ୍କ ଅକାଳରେ ମୃତ୍ୟୁ ହେଉଥିବା କ୍ଷତିଗ୍ରସ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ରୋଗ ସମ୍ପର୍କରେ କ୍ଷତିଗ୍ରସ୍ତ



ଚାଷୀମାନେ ଖଡିଆଳ ପଶୁ ସମ୍ପଦ ବିଭାଗ କାର୍ଯ୍ୟାଳୟର ଅତିରିକ୍ତ ଚିକିତ୍ସାଧିକାରୀଙ୍କୁ ଜଣାଇବା ସହ ଅଜଣା ରୋଗରେ ଆକ୍ରାନ୍ତ ଗାଈ ଗୋରୁଙ୍କ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦେବାକୁ କ୍ଷତିଗ୍ରସ୍ତ ଚାଷୀ ଲକ୍ଷ୍ମଣ ମାଝି, ରାଜକିଶୋର ମାଝି ଏବଂ ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷେ ଖଇରପଦର ଗାଁରେ ଅଜଣା ରୋଗରେ ଆକ୍ରାନ୍ତ ହେଉଥିବା ଗାଈ ଗୋରୁଙ୍କ ପାଇଁ ପ୍ରତିଷେଧକ ମୂଳକ ଭେକସିନ ଏଯାଏଁ ଆସି ନ ଥିବା ବେଳେ କେବଳ ଚିକିତ୍ସା ମାଧ୍ୟମରେ ରୋଗର ଉପଚାର କରାଯାଇଛି ବୋଲି ଖଡିଆଳ ପଶୁ ସମ୍ପଦ ବିଭାଗ ଅତିରିକ୍ତ ଚିକିତ୍ସାଧିକାରୀ ହେମଲତା ମେହେର କହିଛନ୍ତି ।



ଅଭିଯୁକ୍ତଙ୍କ ସହ ଜୁନାଗଡ ଅବକାରୀ ବିଭାଗ ।

## ଅବକାରୀ ଚଢ଼ାଉ, ୨ କୋର୍ଟ ଚାଲାଣ

**ଜୁନାଗଡ,୧୬।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଅବକାରୀ ଅଧୀକ୍ଷକ ଡମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଜୁନାଗଡ ଅବକାରୀ ବିଭାଗ ପକ୍ଷରୁ ସୋମବାର କଲମପୁର ବ୍ଲକ ପାଣିଗାଁରେ ଦେଶୀ ହାତ ରନ୍ଧା ମଦ ତିଆରି କରାଯାଉଥିବା ସୂଚନା ପାଇ ଅତର୍କିତ ଚଢାଉ କରାଯାଇଥିଲା । ଏହି ସମୟରେ ଗ୍ରାମର ଭୀମ ବେହେରାଙ୍କଠାରୁ ୧୪ଲିଟର ଓ ଉପେନ୍ଦ୍ର ବେହାରଙ୍କଠାରୁ ୧୬ ଲିଟର ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଥିଲା । ପରେ ୨ଜଣଙ୍କୁ ଗିରଫ କରାଯାଇ ଜୟପାଟଣା ଜେଏମ୍‌ଏଫସି କୋର୍ଟ ଚାଲାଣ କରାଯାଇଥିଲା। ଏହି ଚଢାଉରେ ଜୁନାଗଡ ଅବକାରୀ ଉପନିରୀକ୍ଷକ ଦିଲୀପ କୁମାର ରଥ,ଏଏସ୍‌ଆଇ ବସନ୍ତ ବିଶି, କନଷ୍ଟେବଲ ପ୍ରତୀମା ଗହୀର, ବାଲେଶ୍ୱର ଧଙ୍ଗଡାମାଝି, ମହାଦେବ ମାଝି, ଈଶ୍ୱର ଚନ୍ଦ୍ର ଭୋଇ ପ୍ରମୁଖ ସାମିଲ ହୋଇଥିଲେ।



ବନ ବିଭାଗ କର୍ମଚାରୀଙ୍କ ଦ୍ୱାରା ଜବ୍ତ କାଠ ।

## ଉତ୍ତର ବନଖଣ୍ଡ କର୍ମଚାରୀଙ୍କ ଚଢ଼ାଉ, କାଠ ଜବତ

**ଭବାନୀପାଟଣା,୧୬।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ଡିଏଫ୍‌ଓ ନିତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ଭବାନୀପାଟଣା ସଦର ରେଞ୍ଜ କର୍ମଚାରୀମାନଙ୍କ ଦ୍ୱାରା ସୋମବାର ଭବାନୀପାଟଣାଠାରୁ ପ୍ରାୟ ୪ କିମି ଦୂରବର୍ତ୍ତୀ ଖାଇଙ୍ଗ ଗ୍ରାମରେ ଚଢାଉ କରାଯାଇ ୮ଟି ଶାଳଗଣ୍ଡି ଓ ୩ଟି କାଶି କାଠଗଣ୍ଡି ଜବତ୍ କରାଯାଇଛି। ସଦର ରେଞ୍ଜ ଅଫିସର ନୃତ୍ୟରାଜ ମାଝି ଏବଂ ଅନ୍ୟ ବନ କର୍ମଚାରୀମାନେ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ଗ୍ରାମ ଉପରେ ଚଢାଉ କରିଥିଲେ । ଚଢାଉ ବେଳେ କାଠ କାଟୁଥିବା ବ୍ୟକ୍ତିମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ବିଭାଗୀୟ କର୍ମଚାରୀମାନେ କାଠଗୁଡିକୁ ଜବତ୍ କରିଥିଲେ। ଏହି କାଠର ମୂଲ୍ୟ ପ୍ରାୟ ୩୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ ।

## ଉର୍ଦ୍ଦୁ ଲାଇବ୍ରେରୀରେ କମ୍ପ୍ୟୁଟର ପ୍ରଶିକ୍ଷଣ ସେଣ୍ଟର ଉଦ୍‌ଘାଟିତ

**ଭବାନୀପାଟଣା,୧୬।୧୨ (ଡି.ଏନ.ଏ.)**

ଭବାନୀପାଟଣା ସ୍ଥାନୀୟ ଉର୍ଦ୍ଦୁ ଲାଇବ୍ରେରୀରେ ସୋମବାର ଅନୁସୂଚିତ ଜାତି ଜନଜାତି ପଛୁଆବର୍ଗ ସଂଖ୍ୟାଲଘୁ ରାଜ୍ୟ ଅଧ୍ୟକ୍ଷ ମୁନା ଖାନ ଦ୍ୱାରା ମାଗଣା କମ୍ପ୍ୟୁଟର ପ୍ରଶିକ୍ଷଣ ସେଣ୍ଟର ଉଦ୍‌ଘାଟନ ହୋଇଯାଇଛି। ସମାଜର ସବୁ ବର୍ଗର ଗରିବ ଲୋକଙ୍କୁ ରାଜ୍ୟ ସରକାର ମାଗଣାରେ କମ୍ପ୍ୟୁଟର ପ୍ରଶିକ୍ଷଣ ଦେବା ସହ ସଂଖ୍ୟା ଲଘୁ ଗରିବ ପିଲାମାନଙ୍କୁ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଜ୍ଞାନ, ଗଣିତ ଶିକ୍ଷା ମାଗଣାରେ ଦିଆଯିବ ବୋଲି ଖାନ କହିଥିଲେ। ଉର୍ଦ୍ଦୁ ଲାଇବ୍ରେରୀ ଆବାହକ ସେଖ୍ ମନାନ୍ ସଭାପତିତ୍ୱ କରି ଅଧ୍ୟକ୍ଷ ମୁନା ଖାନଙ୍କୁ ଲାଇବ୍ରେରିର ଉନ୍ନତି କରିବା ସହ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ । ଉର୍ଦ୍ଦୁ ଲାଇବ୍ରେରି ସଭାପତି ସୟଦ୍ କରିମ୍, ମସ୍‌ଜିଦ୍ କମିଟି ସଭାପତି ହାଜି ସାହାଦତ୍, ସରିଫ୍ ଖାନ୍, ଅକବର ମହମ୍ମଦ, ଲୋକମାନ ଖାନ୍, ବିଜେଡି ନେତା ପ୍ରଦୀପ ମୁଣ୍ଡ, ଅଶେଶ୍ୱର ବାଗ, ପ୍ରସାନ୍ତ ନାଏକ, ଉଦିଆ ସୁନାନି, ସମାଜସେବୀ ବୁଲୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆୟୁବ ଅଲ୍ଲି ଖାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ, ହେଲମେଟ୍ ସୁରକ୍ଷା ଅଭିଯାନ ଶୋଭାଯାତ୍ରା

**ଭବାନୀପାଟଣା,୧୬।୧୨(ଡି.ଏନ.ଏ.)**

ସ୍ଥାନୀୟ ମା' ମାଣିକେଶ୍ୱରୀ ଦୁଇଚକିଆ ଯାନ ମୋଟରସାଇକେଲ ମେକାନିକ ସଂଘ ପକ୍ଷରୁ ରବିବାର ହେଲମେଟ୍ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିବହନ ଅଧିକାରୀ ଦିନବନ୍ଧୁ ସୁଣ୍ଢି ଯୋଗଦେଇଥିଲେ । ରାଲିରେ ସଂଘ ସଭାପତି ବସନ୍ତ ପାଣିଗ୍ରାହୀ, ସମ୍ପାଦକ ବିରଞ୍ଚି ତରାସ୍ୟା ଓ କୋଷାଧ୍ୟକ୍ଷ କୈଳାଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆର୍‌ଟିଓ କାର୍ଯ୍ୟାଳୟରୁ ରାଲି ବାହାରି ଥିଲା। ଏହି ରାଲିରେ କାର୍ଯ୍ୟକର୍ତ୍ତା ଶିବ ପ୍ରଧାନ, ଜଳନ୍ଧର ମେହେର, ରାମାଶିଷ ଠାକୁର ଏବଂ ମେକାନିକ ସଂଘ ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ।

# କଳାହାଣ୍ଡିର ବିକାଶ ପାଇଁ ଲଢ଼େଇ ହେବ

**ଭବାନୀପାଟଣା,୧୬।୧୨ (ଡି.ଏନ.ଏ.)**

ସ୍ୱାଧୀନୋତ୍ତର ଭାରତ ବର୍ଷରେ ପୂର୍ବତନ ଗଡଜାତ କଳାହାଣ୍ଡି ରାଜ୍ୟ ପ୍ରତି ଅବମାନନା କରାଯାଇଛି। ନିର୍ବାଚିତ ଏମ୍‌ପି ଓ ବିଧାୟକମାନେ କଳାହାଣ୍ଡିର ବିକାଶ ନିମନ୍ତେ ଯାହା ବି କରିଛନ୍ତି ତାହାକୁ ଆଗକୁ ନେବା ପାଇଁ ସମସ୍ତ ଜନସାଧାରଣ ଆଗେଇ ଆସିବାକୁ ହେବ। ଗତ ୧୫ ତାରିଖରେ ସ୍ଥାନୀୟ ଅମଲାଭବନଠାରେ କଳାହାଣ୍ଡି ଫୋରମ୍ ପକ୍ଷରୁ ଆୟୋଜିତ ସଭାରେ ମତ ପ୍ରକାଶ ପାଇଛି। କଳାହାଣ୍ଡି ଓକିଲ ସଂଘ ସଭାପତି ଭବେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ସଭାରେ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦ ଅଧ୍ୟକ୍ଷ ପ୍ରଫେସର ଗୋପବନ୍ଧୁ ବେହେରା, ଜିଲା ବଣିକ ସଂଘ କର୍ମକର୍ତ୍ତା, ଜିଲା ସାମ୍ବିକ ସଂଘ କର୍ମକର୍ତ୍ତା, ଜିଲା ବରିଷ୍ଠ ନାଗରିକ ସମିତି କର୍ମକର୍ତ୍ତା, କଳାହାଣ୍ଡି ସିଟିଜନ୍ ଫୋରମ୍ କର୍ମକର୍ତ୍ତା, ସଂସ୍କାର ଭାରତୀ ସମେତ ବହୁ ସାମାଜିକ ସଙ୍ଗଠନ ସଦସ୍ୟ ବୈଠକରେ ଯୋଗଦେଇଥିଲେ। କଳାହାଣ୍ଡି ଜିଲା ସାମାଜିକ, ଭୌଗୋଳିକ ଓ ପାରିପାର୍ଶ୍ୱିକ ଦୃଷ୍ଟିକୋଣରୁ ବିଭିନ୍ନ ସମସ୍ୟାକୁ ନେଇ ଆଜି ପର୍ଯ୍ୟନ୍ତ ଜିଲାରେ ସାମୂହିକ ଆନ୍ଦୋଳନ ହୋଇପାରି ନ ଥିବାରୁ କଳାହାଣ୍ଡି ଜିଲା ଆଜି ବହୁ ପଛରେ ରହିଛି। ଜିଲାର ସାମଗ୍ରୀକ ବିକାଶ ପାଇଁ ଯେଉଁ ପଦକ୍ଷେପ ନିଆଯିବ ସେଥିରେ ଜିଲାର ସମସ୍ତ ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ସହଯୋଗ କରିବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। କଳାହାଣ୍ଡି ଓକିଲ ସଂଘ ସଭାପତି ପଣ୍ଡା, ବରିଷ୍ଠ ଉମାଶଙ୍କର କର, ସଂସ୍କାର ଭାରତିର ଭାଗୀରଥି ଭୋଇ ପ୍ରମୁଖ ଜିଲାର ସାମୂହିକ ସ୍ୱାର୍ଥରେ ସମସ୍ତେ ଏକାଠି ଲଢେଇ କରିବା ପାଇଁ ଆହ୍ୱାନ ଦେଇଥିଲେ।



କଳାହାଣ୍ଡି ଫୋରମ୍ ପକ୍ଷରୁ ଆୟୋଜିତ ବୈଠକରେ ଯୋଗଦେଇଥିବା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଅନ୍ୟମାନେ ।

## ସପ୍ତମ ଫ୍ରେଣ୍ଡ୍‌ସ ପ୍ରିମିୟର ଲିଗ୍ : ବ୍ରଜେଶ ଇଲେଭେନ୍ ଚାମ୍ପିୟନ

**ଭବାନୀପାଟଣା,୧୬।୧୨ (ଡି.ଏନ.ଏ.)**

ଭବାନୀପାଟଣା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆରେ ସ୍ୱାମୀ ବିବେକାନନ୍ଦ ଫ୍ରେଣ୍ଡସ ଆସୋସିଏଶନ ପକ୍ଷରୁ ଚାଲିଥିବା ସପ୍ତମ ପ୍ରିମିୟର ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଭବାନୀପାଟଣା ବ୍ରିଜେଶ ଇଲେଭେନ ଓ ଭବାନୀପାଟଣା ଚାମ୍ପ ଇଲେଭେନ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଚାମ୍ପ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୧୭.୫ ଓଭରରେ ସମସ୍ତ ଉଇକେଟ ହରାଇ ୯୫ ରନ କରିଥିଲେ। ଜବାବରେ ବ୍ରିଜେଶ ଇଲେଭେନ ୧୦.୨ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ଚାମ୍ପିୟନ୍ ହୋଇଥିଲା। ରମେଶ ସାହୁ, ବୁଲୁ ସିଂ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଶିବରାମ ନାୟକ, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ମନିନ୍ଦର ମହାନ୍ତି, ଫ୍ରେଣ୍ଡସ ଆସୋସିଏଶନ ଉପଦେଷ୍ଟା ରବି ନାରାୟଣ ପରିଡା, ଶରତଚନ୍ଦ୍ର ନାୟକ, ସନ୍ତୋଷ ପାତ୍ର, ଅବଦୁଲ ଅଜିଜ ଖାନ, ବିଶିକେଶନ ନାଏକ, ହିମାଂଶୁ ପ୍ରଧାନ, ଜିତାମିତ୍ର ସାହୁ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ।



ଚାମ୍ପିୟନ ଟ୍ରଫି ସହ ଅତିଥିଙ୍କ ଗହଣରେ ଖେଳାଳିମାନେ ।

# ସିନାପାଲିରେ ମା' ମହାଲକ୍ଷ୍ମୀଙ୍କୁ ମେଲାଣି

**ସିନାପାଲି,୧୬।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ହାଇସ୍କୁଲପଡାଠାରେ ୪ଦିନ ବ୍ୟାପୀ ଚାଲିଥିବା ମା' ମହାଲକ୍ଷ୍ମୀଙ୍କ ପୂଜା ସହ ଭସାଣି ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏକ ବିରାଟ ଶୋଭାଯାତ୍ରାରେ ମହାଲକ୍ଷ୍ମୀ, ଗଣେଶ ଓ ସରସ୍ୱତୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ନଗର ପରିକ୍ରମା ପରେ ନିକଟସ୍ଥ ଉଦନ୍ତୀ ନଦୀରେ ବିସର୍ଜନ କରାଯାଇଥିଲା। ପ୍ରତ୍ୟହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ତିମ ଦିବସରେ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ପୂଜାରେ କର୍ତ୍ତା ଭାବେ ସୀତାରାମ ମେହେର ସପତ୍ନୀ ଦାୟିତ୍ୱ ନିର୍ବାହ କରିଥିବା ବେଳେ ମୁଖ୍ୟ ପୂଜକ ନିହାର ରଞ୍ଜନ ପାଣିଗ୍ରାହୀ ଓ ସାଥୀ ନିୟୋଜିତ ଥିଲେ। ପୂଜା ପରିଚାଳନା କମିଟି ସଭାପତି ଦୈତାରୀ ମେହେର, ସମ୍ପାଦକ ସାନୁର୍ଯ୍ୟ ମେହେର ଓ କୋଷାଧ୍ୟକ୍ଷ ଚୈବେନ ମେହେର ଦାୟିତ୍ୱ ତୁଲାଇଥିବା ବେଳେ ଲିଙ୍ଗରାଜ ଘିଭେଲା, ଗିରିଧାରୀ ମେହେର, ସୁରଜୁ ଖାଁ, ଈଶ୍ୱର ବଘେଲ, ନୌକାନ୍ତ ମେହେର, ମୁନେଶ ଅଗ୍ରୱାଲ, ଜଗମୋହନ ମେହେର, ଶ୍ରୀକାନ୍ତ ମେହେର, ଭରତ ମେହେର, ବୀର ମେହେର ପ୍ରମୁଖ ସହଯୋଗ କରିଥିଲେ। ଭସାଣି ଶୋଭାଯାତ୍ରାରେ ସିନାପାଲି ଅଞ୍ଚଳର ବହୁ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ସହ ଭାଇରସ୍ ଗ୍ୟାଙ୍ଗ ଓ ଆଦର୍ଶ ୟୁଥ୍ କ୍ଲବ କର୍ମକର୍ତ୍ତା ସାମିଲ ଥିଲେ।



ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ ପାଇଁ ନିଆଯାଉଛି।

## ଗଙ୍ଗା କୁମାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ସିଙ୍ଗଝରକୁ ହରାଇ ବିଜେପୁର ଚାମ୍ପିୟନ

**ଖଡିଆଳ, ୧୬।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ମଣ୍ଡୋସିଲ ପଞ୍ଚାୟତ ବିଜେପୁର ଗ୍ରାମରେ ଅନୁଷ୍ଠିତ ୪ତମ ଗଙ୍ଗା କୁମାର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟ ଫାଇନାଲ ଖେଳ ବିଜେପୁର ଓ ସିଙ୍ଗଝର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଥମେ ଟସ ଜିଣି ବିଜେପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୮୨ ରନ କରିଥିଲା। ସିଙ୍ଗଝର ଦଳ ୧୭ ଓଭରରେ ୯୭ ରନ କରି ପରାଜିତ ହୋଇଥିଲେ। ଏଥିରେ ବିଜେପୁର ଦଳର ସରବେ ଶବର ୬୦ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ଶରତ ଶବର ଏହି ଖେଳରେ ୧୩ ଉଇକେଟ ନେଇ ମ୍ୟାନ ଅଫ୍ ଦି ସିରିଜରେ ଗୋଟିଏ ସାଇକେଲ ପୁରସ୍କୃତ ହୋଇଥିଲେ। ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ଭାବେ ପୂର୍ବତନ ଇନକମ୍ ଟ୍ୟାକ୍ସ କମିଶନ ଶ୍ରୀକାନ୍ତ ଚାଟାର୍ଜି, ସମ୍ମାନିତ ଅତିଥି ଲୋହିତାକ୍ଷ ଯୋଶୀ, ଶଶିକାନ୍ତ ଖମାରୀ, ବଜରଙ୍ଗ ଅଗ୍ରୱାଲ, ଅଭୟ ସୁନାନୀ, ଝରାମଣି ପାନ, ଗିରିଶ ପଣ୍ଡା ଯୋଗଦେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟ ଲମ୍ବୋଦର ନିଆଲ, ସମ୍ମାନିତ ଅତିଥି ଅମରେଶ ପଟ୍ଟନାୟକ, ଅନିଲ ମେହେର, ଗୋପାଳ ଚନ୍ଦ୍ର ଦାଶ, ଗିରିଶ ପଣ୍ଡା ସମସ୍ତ ଖେଳାଳିଙ୍କୁ ପୁରସ୍କାର ବିତରଣ କରିଥିଲେ। ବସନ୍ତ ଶବର ଓ ହିମାଂଶୁ ବେହେରା ଧାରା ବିବରଣୀ ଦେଇଥିଲେ। ସଂଘ ସଭାପତି ସୁରେନ୍ଦ୍ର କୁମାର, ଉପସଭାପତି ମୁକୁନ୍ଦ ନାଗ, ସମ୍ପାଦକ ଅର୍ଜୁନ ହରପାଲ ସହଯୋଗ କରିଥିବା ବେଳେ ସୋମନାଥ ଖର୍ସେଲ ଓ ନନ୍ଦୁ ଶବର ଧାରାବିବରଣୀ ଓ ପରିଚାଳନା କରିଥିଲେ ।




ଟ୍ରଫି ସହ ବିଜେପୁର ଦଳର ଖେଳାଳିମାନେ।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ



### କଲେଜ ଛାତ୍ରଙ୍କ ଅକାଳ ମୃତ୍ୟୁ

**ରିଷିଡା,୧୬।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଯୁକ୍ତ ୨ ଜେକେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ବର୍ଷର ଛାତ୍ର କଷାନ ଭୋଇଙ୍କ ସୋମବାର ଅକାଳ ମୃତ୍ୟୁ ହୋଇଯାଇଛି । ଜଣେ ପ୍ରିୟ ଛାତ୍ର ଭାବେ ସେ ବେଶ ପରିଚିତ ଥିଲେ । ତାଙ୍କର ଜନ୍ମ ସ୍ଥାନ ମ.ରାମପୁର ବ୍ଲକ ଗୋଛା ଡେଙ୍ଗେନ ପଞ୍ଚାୟତର ତାଲକୁନା ଗ୍ରାମ । ସେ ରବିବାର ଅସୁସ୍ଥ ହୋଇପଡ଼ିଥିଲେ। ଏହା ପରେ ତାଙ୍କୁ ବୁର୍ଲା ମେଡିକାଲ କଲେଜକୁ ନେଉଥିବା ବେଳେ ମୃତ୍ୟୁବରଣ କରିଥିଲେ । ତାଙ୍କର ମୃତ୍ୟୁ ଖବର ପାଇ କଲେଜରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । କଲେଜ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଫଟୋ: ମୃତ୍ୟୁବରଣ କରିଥିବା ଛାତ୍ର କିସାନ ଭୋଇ ।

### କ୍ୟାରିୟର କାଉନସେଲିଂ

**ରିଷିଡା,୧୬।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ଜେକେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧକ୍ଷ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ କାଉନସେଲିଂରେ ପ୍ରଧାପକ ଦିଲୀପ ଦାସ, ଅଧାପକ ହେମନ୍ତ ଚୌଧୁରୀ, ଗିରିରାଜ ଗହିର ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ନିଜ ପସନ୍ଦର କ୍ୟାରିୟର ଗଢ଼ିବା ପାଇଁ ପରାମର୍ଶ ଦେଇଥିଲେ ।

### ରାବଣ ଦରବାର ମହୋତ୍ସବ ଉଦ୍‌ଯାପିତ

**ଭବାନୀପାଟଣା,୧୬।୧୨(ଡି.ଏନ.ଏ.):** ଭବାନୀପାଟଣା ସଦର ବ୍ଲକ ମିଲକି ପ୍ରଗଣାର ବୋରଭଟ୍ଟାଠାରେ ଲକ୍ଷ୍ମୀ ପୂଜା ଉପଲକ୍ଷେ ଚାଲିଥିବା ରାବଣ ଦରବାର ମହୋତ୍ସବ ରାବଣ ବଧ ସହ ଉଦ୍‌ଯାପିତ ହୋଇଯାଇଛି। କମିଟି ସଭାପତି ସତ୍ୟନାରାୟଣ ଗହିରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବୋରଭଟ୍ଟା ସରପଞ୍ଚ ସ୍ୱରୂପାରାଣୀ ଗହିର ମୁଖ୍ୟଅତିଥି, ଉପଦେଷ୍ଟା ଜୟରାମ ଗହିର, ସମ୍ପାଦକ ତାଣ୍ଡବ ବାଗ, ଉପସଭାପତି ରୁବାଞ୍ଚ ଗହିର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କୋଷାଧକ୍ଷ ପ୍ରେମା ଗହିର, ଦିବ୍ୟ କୁମାରୀ କାଣ୍ଡ, ରାଜୁ ବାଗ, ସୁଧୀର ବାଗ, ହୃଦାନନ୍ଦ ବାଗ, ବିରଞ୍ଚି ବାଗ, କୁମୁଦ ବାଗ, ଦେବରାଜ ବାଗ, ସୁଦାମ ବାଗ, ଶିଶୁ ଗହିର, ବଳଦେବ ମାଝି, ଦେବ ମାଝି, ହରେନ୍ଦ୍ର ପ୍ରସାଦ ଗହିର, ରମା ବାଗ, ହିମାଂଶୁ ଗର, ହହରି ବାଗ, ଦାସନା ହରିଜନ, ଅଙ୍ଗ ହରିଜନ, ସୁଧୀର ଗହିର, ଭିକ ଗହିର, ଧ୍ରୁବ ଚରଣ ବାଗ, ବିପ୍ର ବାଗ, ଉଦ୍ଧବ ବାଗ, ଗୋପୀ ମାଝି, ଯୋଗେଶ୍ୱର ମାଝି ପ୍ରମୁଖ ସହଯୋଗ କରିଥିଲେ।

### ଅଙ୍ଗନୱାଡି କର୍ମୀ ଦୁର୍ନୀତି, ଅପବ୍ୟବହାର ହେଉଥିବା ଅଭିଯୋଗ

# ସିଡିପିଓଙ୍କଠାରେ ଗ୍ରାମବାସୀଙ୍କ ଫେରାଦ

**ଜୁନାଗଡ,୧୬।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଙ୍ଗୁଡିସର ପଞ୍ଚାୟତ ପାଣିଗାଁ ଗ୍ରାମର ଅଙ୍ଗନୱାଡି କର୍ମୀ ଦୁର୍ନୀତି କରୁଥିବା ଓ ସ୍ଥାନୀୟ ଲୋକଙ୍କୁ ଅପବ୍ୟବହାର ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାର ପାଣିଗାଁ ଗ୍ରାମବାସୀ ଜୁନାଗଡ ସିଡିପିଓ ସଂଯୁକ୍ତା ବେହେରାଙ୍କଠାରେ ଫେରାଦ ହୋଇଛନ୍ତି। ସେମାନେ ଏ ବିଷୟରେ ସିଡିପିଓ ବେହେରାଙ୍କୁ ଏକ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। ପାଣିଗାଁରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଗୋମତି ନାଏକ ପ୍ରତ୍ୟେକ ଏସଏଚ୍‌ଜି ଗ୍ରୁପଗୁଡ଼ିକଠାରୁ ଗ୍ରୁପ କରିଦେବା ନାଁରେ ହଜାରେ ଟଙ୍କା ମାଗୁଥିବା, ଗର୍ଭବତୀ ମା'ମାନଙ୍କୁ ଛତୁଆ ଓ ଅଣ୍ଡା ଦେଉ ନ ଥିବା, ୩୦ଜଣ ପିଲାଙ୍କ ଉପସ୍ଥାନ ପକାଇ ୧୦ ଜଣକୁ ଖାଦ୍ୟ ବାଣ୍ଟିବା, ଗର୍ଭବତୀମାନଙ୍କ ପାସବୁକ୍ ନିଜ ପାଖରେ ରଖିବା ଓ ମାଗିଲେ ପଇସା ମାଗିବା, ପ୍ରତ୍ୟେକ ବର୍ଷ ଗାଁ କଲ୍ୟାଣ ସମିତିର ପଇସା ଉଚିତ ଖର୍ଚ୍ଚ ନ କରିବା ଓ ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିବା ଆଦି ଅଭିଯୋଗ କରି ସେମାନେ ଲିଖିତ ଅଭିଯୋଗ କରିଛନ୍ତି। ଏପରିକି ପୂର୍ବରୁ ମଧ ଏହି ଘଟଣାକୁ ନେଇ ଗ୍ରାମବାସୀ ଥାନା ଦ୍ୱାରସ୍ଥ ହୋଇଥିଲେ। ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କୁ ବଦଳି କରି ତାଙ୍କ ସ୍ଥାନରେ ନିଯୁକ୍ତି କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସିଡିପିଓଙ୍କୁ ଲିଖିତ ଅଭିଯୋଗ ଦେବା ସମୟରେ ସ୍ଥାନୀୟ ନାଏବ ସରପଞ୍ଚ କୁନ୍ତି ବିଶ୍ୱାଳ, ୱାର୍ଡମେମ୍ବର ଶଙ୍କର ବିଶ୍ୱାଳ, ଭଗବାନ ଭୋଇ, ସତ୍ୟବାନ ବିଶ୍ୱାଳ, ଧ୍ରୁବ ପ୍ରସାଦ ବାଗ, ବିରେନ୍ଦ୍ର ରଣା, ସୁବର୍ଣ୍ଣୀ ବିଶ୍ୱାଳ ପ୍ରମୁଖଙ୍କ ସହ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ। ଏ ନେଇ ଜୁନାଗଡ ସିଡିପିଓ ସଂଯୁକ୍ତା ବେହେରାଙ୍କୁ ପଚାରିବାରୁ ଗ୍ରାମବାସୀଙ୍କୁ ଅଭିଯୋଗକୁ ଭିତ୍ତିକରି ପ୍ରଥମେ ସମ୍ପୃକ୍ତା ଅଙ୍ଗନୱାଡିଠାରୁ ତାଙ୍କ କାର୍ଯ୍ୟ ପରିଚାଳନା ଦାୟିତ୍ୱ ବଦଳାଇ ସ୍ଥାନୀୟ ସହାୟିକା ଓ ପରିଚାଳନା କମିଟିକୁ ଦିଆଯିବ। ଏହାପରେ ତଦନ୍ତ କରାଯାଇ ସମ୍ପୃକ୍ତା ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।




ପାଣିଗାଁ ଗ୍ରାମବାସୀ ଜୁନାଗଡ ସିଡିପିଓଙ୍କଠାରେ ଫେରାଦ ହେବାକୁ ଆସିଛନ୍ତି।

# ୭୦ତମ ମକରମେଳା ପ୍ରସ୍ତୁତି ବୈଠକ, ନୂତନ କର୍ମକର୍ତ୍ତା ଗଠିତ

**ପଲମ,୧୬।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ କୁର୍ଶୁଲା ନୀଳକଣ୍ଠେଶ୍ୱର ମହାଦେବଙ୍କ ଶୈବ ପୀଠରେ ୭୦ତମ ମକର ମେଳା ପ୍ରସ୍ତୁତି ବୈଠକ ଏବଂ ନୂତନ କର୍ମକର୍ତ୍ତା ଚୟନ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ନିରାକାର ସାହୁଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥରେ ମକରମେଳାର ପ୍ରତ୍ୟେକ ୩ ବର୍ଷରେ ଥରେ ନୂତନ କମିଟି ଗଠିତ ହୋଇଥାଏ। ଏହି ଅବସରରେ ପୂର୍ବରୁ ସଭାପତି ନିରାକାର ସାହୁ, ସମ୍ପାଦକ କଂସାସୁର ଜାନି ରହିଥିବା ବେଳେ ବର୍ତ୍ତମାନ କମିଟି ଭାବରେ ସଭାପତି ଜଗତରାମ ଭୋଇ, ସମ୍ପାଦକ କଂସାସୁର ଜାନି ରହିବା ପାଇଁ ସମସ୍ତ ସଭ୍ୟମାନଙ୍କ ଦ୍ୱାରା ଚୟନ କରାଯାଇଥିଲା। ପ୍ରସ୍ତୁତି ବୈଠକରେ ମକରମେଳା ଉପଲକ୍ଷେ ସଂସ୍କାର ଭାରତୀ କାର୍ଯ୍ୟକ୍ରମ କରାଯିବା ପାଇଁ ସମସ୍ତ ସଦସ୍ୟଙ୍କ ଦ୍ୱାରା ମତପ୍ରକାଶ ହୋଇଥିଲା। ୫୫ଖଣ୍ଡ ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ମକରମେଳା ଆୟୋଜନ କରାଯାଉଛି। ରାତି ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ ହେବା ପାଇଁ ସ୍ଥିର କରାଯାଇଛି। ଏହି ମେଳା ୭ଦିନ ଧରି ଚାଲିବ।



ନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠରେ ମକର ମେଳା ପାଇଁ ଆଲୋଚନା ଚାଲିଛି।



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ଆତ୍ମସୁରକ୍ଷା ତାଲିମ ଶିବିର

**ଲାଞ୍ଜିଗଡ଼,୧୬।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ମା' ହୀରାନୀଳା ଡିଗ୍ରୀ ମହାବିଦ୍ୟାଳୟଠାରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ସରକାରୀ ସ୍ୱଂୟ ଶାସିତ ମହାବିଦ୍ୟାଳୟ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଦଳେଇ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ସରକାରୀ ସ୍ୱଂୟ ଶାସିତ ମହାବିଦ୍ୟାଳୟ ଆତ୍ମସୁରକ୍ଷା ଜିଲା ସଂଯୋଜକ ତଥା ଇଂଲିଶ ବିଭାଗୀୟ ମୁଖ୍ୟ କ୍ୟାପଟେନ ଜୟଦେବ ସାହୁ, ଅଧାପକ ପଦ୍ମଲୋଚନ ଭୋଇ, ଅଧାପକ ମନୋଜ କୁମାର ମେହେର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସରକାରଙ୍କ ଦ୍ୱାରା ପ୍ରଚଳିତ ଆତ୍ମସୁରକ୍ଷା ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ମା' ହୀରାନୀଳା ଡିଗ୍ରୀ ମହାବିଦ୍ୟାଳୟ ଇଂଲିଶ ଅଧାପକ ପ୍ରସନ୍ନ କୁମାର ସାହୁ ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସରକାରଙ୍କ ଦ୍ୱାରା ଆତ୍ମ ସୁରକ୍ଷା କୌଶଳ ପ୍ରଶିକ୍ଷଣ ସମ୍ବଧିତ ପୁସ୍ତିକା ଛାତ୍ରୀମାନଙ୍କୁ ବଣ୍ଟନ କରାଯାଇଥିଲା। ଏଥିରେ ମାଷ୍ଟରଟ୍ରେନ ଭାବେ ବର୍ଷାରାଣୀ ଚୌଧରୀ ଓ ଜୋସ୍ନାରାଣୀ ନାଗ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। ଦୀର୍ଘ ୧୨ଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ମହାବିଦ୍ୟାଳୟ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଡିଗ୍ରୀ କଲେଜ ଖେଳ ଶିକ୍ଷକ ଶ୍ରୀନିବାସ ଦାସ ସହଯୋଗ କରିଥିଲେ।

## ପ୍ରଗତି ସ୍କୁଲ ଓ କଲେଜରେ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତିଭା ପୁରସ୍କାର ନୂତନ ମାଇଲ ଖୁଣ୍ଟ ସୃଷ୍ଟି କରିବ

**ଭବାନୀପାଟଣା,୧୬।୧୨(ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ପ୍ରଗତି ସ୍କୁଲ ଓ କଲେଜର ଉଦ୍ୟମ ମେଧାବି ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ଯୋଗାଇବ। ଶିକ୍ଷାର ବିକାଶ କ୍ଷେତ୍ରରେ ଜିଲାର ପ୍ରଗତି ସ୍କୁଲ ଓ କଲେଜ ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି କରିପାରିଛି। ଚଳିତଶିକ୍ଷା ବର୍ଷରେ ପ୍ରଗତି କଲେଜର ୪ ଜଣ ଛାତ୍ରୀଛାତ୍ର ଓଡିଶାର ଶ୍ରେଷ୍ଠ ୨୦ ଜଣରେ ସ୍ଥାନ ହାସଲ କରି ଗୌରବାନ୍ୱିତ କରିଛନ୍ତି। ୧୦୩ ଜଣ ଓଡିଶା ସରକାରଙ୍କ ପ୍ରଦତ୍ତ ମାଗଣା କମ୍ପ୍ୟୁଟର ପାଇଁ ଅନ୍ୟ ଏକ ରେକର୍ଡ ସୃଷ୍ଟି କରିଛନ୍ତି। ଓଡିଆ ଓ ଇଂଲିଶ ମାଧ୍ୟମରେ ପଢୁଥିବା ୧୦ମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ନେଇ ଆସନ୍ତା ଜାନୁୟାରୀ ୫ ତାରିଖରେ ପ୍ରଗତି ପ୍ରତିଭା ପରୀକ୍ଷା ଅନୁଷ୍ଠିତ ହେବ। ଏହି ପରୀକ୍ଷାରେ ପ୍ରଥମ ସ୍ଥାନ ରଖିଥିବା ଛାତ୍ରୀଛାତ୍ର ୨୦ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନରେ ଥିବା ପ୍ରତିଯୋଗୀ ୧୦ ହଜାର ଟଙ୍କା ଓ ତୃତୀୟ ସ୍ଥାନରେ ଥିବା ଛାତ୍ରୀଛାତ୍ର ୫ ହଜାର ଟଙ୍କା ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। ଏତଦ୍‌ବ୍ୟତୀତ କୃତି ଛାତ୍ରୀଛାତ୍ରମାନେ ପ୍ରଗତି ସ୍କୁଲ ଓ କଲେଜରେ ପଢିବା ପାଇଁ ଚାହୁଁଥିଲେ ସେମାନଙ୍କୁ ଟ୍ରଷ୍ଟ ପକ୍ଷରୁ ଶତପ୍ରତିଶତ ସ୍କୁଲ ଫିସ୍ ବୃତ୍ତି ଆକାରରେ ଦିଆଯିବ ବୋଲି କଲେଜର ପରିଚାଳନା ନିର୍ଦ୍ଦେଶକ ଅଜୟ ପଣ୍ଡା କହିଛନ୍ତି।

### ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ବିଭିନ୍ନ ସେବାଶ୍ରମ ପରିଦର୍ଶନ

# ଗୋଲାମୁଣ୍ଡା ସେବାଶ୍ରମକୁ ହାଇସ୍କୁଲ ମାନ୍ୟତା ପାଇଁ ଦାବିପତ୍ର

**ଜୁନାଗଡ,୧୬।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବିଭିନ୍ନ ଆଶ୍ରମ ବିଦ୍ୟାଳୟକୁ ରାଜ୍ୟ ସରକାରଙ୍କ ଅନୁସୁଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ସୋମବାର ପରିଦର୍ଶନ କରିଛନ୍ତି। ପ୍ରଥମେ ସେ ବ୍ଲକ ଗୋଲାମୁଣ୍ଡା ସେବାଶ୍ରମ ଓ ପରେ ଜୁନାଗଡ କନ୍ୟାଶ୍ରମ, କୁରୁଗୁଡା ଆଶ୍ରମକୁ ପରିଦର୍ଶନ କରିଥିଲେ। ସେଠାକୁ ଯାଇ ଅନୁସୁଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଛାତ୍ରୀଛାତ୍ର ରହୁଥିବା ହଷ୍ଟେଲ ମଧ ପରିଦର୍ଶନ କରିଥିଲେ। ଗୋଲାମୁଣ୍ଡା ସେବାଶ୍ରମରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବାରୁ ଏହି ସ୍କୁଲରେ ଦେଦର, ଦୁନ୍ଦେଲମାଲ, ବାଙ୍କପଲାସ ଆଦି ପଞ୍ଚାୟତର ଦୁର୍ଗମ ଅଞ୍ଚଳର ଗରୀବ ଅନୁସୁଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରମାନେ ଅଧ୍ୟୟନ କରିଥାନ୍ତି। ଅଷ୍ଟମ ପାଠ ଶେଷ ହେବା ପରେ ଏହି ଅଞ୍ଚଳରେ ୧୫ କି.ମି. ପରୀସୀମା ମଧରେ ମଧରେ ହାଇସ୍କୁଲ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ଛାତ୍ରୀଛାତ୍ରମାନେ ଜୁନାଗଡକୁ ପାଠ ପଢିବାକୁ ଅମଙ୍ଗ ହେଉଛନ୍ତି। ତେଣୁ ଏହି ସେବାଶ୍ରମ ସ୍କୁଲକୁ ହାଇସ୍କୁଲର ମାନ୍ୟତା ଦେବା ପାଇଁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ମନ୍ତ୍ରୀଙ୍କ ସହ ଭବାନୀପାଟଣା ପୂର୍ବତନ ପୌରାଧକ୍ଷ ଆଦିତ୍ୟ ପ୍ରସାଦ ନନ୍ଦ, ସ୍କୁଲ ପ୍ରଧାନଶିକ୍ଷକ ଜୋନ୍ସ ମହାରଣା, ସ୍କୁଲ ପରିଚାଳନା କମିଟି ସଭାପତି ବିଶମ୍ବର ନାଏକ, ଦିନେଶ ବରଗର୍ତ୍ତୀ, ରବି ପଟ୍ଟନାୟକ, ଦୁଷ୍ମନ୍ତ ନାଏକ, କାମାକ୍ଷ ପ୍ରସାଦ ପ୍ରଧାନୀ, ବେଣୁ ଦୀପ, ଭିଷ୍ମ ଦୀପ, ବାପି ରାଉତ, ପଣ୍ଡିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ଗୋଲାମୁଣ୍ଡା ସେବାଶ୍ରମରେ ମନ୍ତ୍ରୀଙ୍କ ସହ ଗ୍ରାମବାସୀ।

### ଜିଲାପାଳଙ୍କ ଅଭିଯୋଗ ଜନଶୁଣାଣି ଶିବିର

# ୨୫୪ ଅଭିଯୋଗ ପଞ୍ଜୀକରଣ, ୧୦ ଜଣଙ୍କୁ ବିଧବା ଭତ୍ତା ପ୍ରଦାନ

**କୋକସରା,୧୬।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କୋକସରା ବ୍ଲକ ଅଧକ୍ଷା ସବ୍ୟାରାଣୀ ବାଗଙ୍କ ଅଧକ୍ଷତାରେ ଜିଲାପାଳ ଡ. ଗାଭାଲି ପରାଗ ହର୍ଷବ, କଳାହାଣ୍ଡି ଏସପି ବାତୁଲା ଗଙ୍ଗାଧର, ଧର୍ମଗଡ ଉପଖଣ୍ଡ ଜିଲାପାଳ ପଦ୍ମନାଭ ବେହେରା, କଳାହାଣ୍ଡି ମୁଖ୍ୟଚିକିତ୍ସା ଅଧିକାରୀ ବନଲତା ଦେବି ପ୍ରମୁଖ ଉପସ୍ଥିତ ରହି ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଜନଶୁଣାଣି ଶିବିରରେ ୨୫୪ ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ମୁଖ୍ୟତଃ ଆବାସ ଯୋଜନା ବାର୍ଦ୍ଧକ୍ୟ ଭତ୍ତା, ସରକାରୀ ଚିକିତ୍ସା ପାଇଁ ସହାୟତା, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ କରି ପ୍ରାପ୍ୟ ପାଇ ନ ଥିବା ହିତାଧିକାରୀ, ରାସ୍ତାଘାଟ ସମସ୍ୟା ଭଳି ଆଦି ଅନେକ ସମସ୍ୟା ନେଇ ହିତାଧିକାରୀମାନେ ଅଭିଯୋଗ କରିଥିବା ଜଣାପଡିଛି । କୋକସ ସମିତସଭ୍ୟ ତ୍ରିଭୁବନ ନାଏକ, କୋକସରା ପଞ୍ଚାୟତ ନୂଆପଡାରେ ଦୀର୍ଘ ୩ ବର୍ଷ ହେବ ସ୍କୁଲ ଘର ଭାଙ୍ଗିଥିବା ବେଳେ ଗୋଟିଏ ଇନ୍ଦିରା ଆବାସ ଗୃହରେ ଶିକ୍ଷାଦାନ ଚାଲିଛି । ସ୍କୁଲ ଗୃହ ତୁରନ୍ତ ନିର୍ମାଣ କରିବାକୁ ଅଭିଯୋଗ କରିଥିଲେ। ଏହି ଜନଶୁଣାଣି ଶିବିରରେ କୋକସରା ବିଡିଓ ବସନ୍ତ କୁମାର ସେଠୀ, କୋକସରା ତହସିଲଦାର ମୌଷୁମୀ ନାୟକ, ସହକାରୀ ଯନ୍ତ୍ରୀ ତିଲୋତ୍ତମା ମାଝି, ସାମାଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଶିବିରରେ ମୋଟ ୧୦ ଜଣଙ୍କୁ ବ୍ଲକ ଅଧକ୍ଷା ବିଧବା ଭତ୍ତା ପ୍ରଦାନ କରିଥିଲେ। ଜିଲାର ବିଭିନ୍ନ ବିଭାଗ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କୋକସରା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ନେତୃତ୍ୱରେ ପୋଲିସ ଉପସ୍ଥିତ ରହିଥିଲେ। ବ୍ଲକ କର୍ମଚାରୀମାନେ ଅଭିଯୋଗକାରୀମାନଙ୍କୁ ସହଯୋଗ କରିବା ସହ ସେମାନଙ୍କ ଦରଖାସ୍ତ ପଞ୍ଜୀକରଣ କରିଥିଲେ।




ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

### ଅଲ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟ ୨୦୧୯

# କଳାହାଣ୍ଡି ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ

**ଭବାନୀପାଟଣା,୧୬।୧୨ (ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ମର୍ନିଂ ପ୍ରାକଷ୍ଟିସ୍ କ୍ଲବ ପକ୍ଷରୁ ଚାଲିଥିବା ଚତୁର୍ଥ ଅଲ ଓଡିଶା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏନ୍‌ଏଫ୍‌ଏ ନବରଙ୍ଗପୁର ଓ କଳାହାଣ୍ଡି ସ୍ପୋର୍ଟ୍ସ ହଷ୍ଟେଲ ମଧରେ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଏଫ୍‌ଏ ନବରଙ୍ଗପୁରକୁ ୧-୦ ଗୋଲରେ ପରାଜିତ କରି କଳାହାଣ୍ଡି ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପ୍ରଶାନ୍ତ ସ୍ୱାଇଁ, ଶ୍ରେଷ୍ଠ ଗୋଲ କିପର ଭାବେ ଅମିତ୍ ଲାକରା, ବେଷ୍ଟ ଡିଫେନ୍ସ ଭାବେ ମନୋଜ ଜାନି, ବେଷ୍ଟ ସ୍କୋର ଅଫ୍ ଦି ମ୍ୟାଚ୍ ପ୍ରଶାନ୍ତ ସ୍ୱାଇଁ, ବେଷ୍ଟ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଉସ୍ତା ଜାନି, ବେଷ୍ଟ କମେଣ୍ଟ୍ରି ଜିତେନ୍ଦ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଲାଇଫ୍ ଟାଇମ୍ ଏଚିପ୍‌ମେଣ୍ଟ ଇନ୍ ଫୁଟବଲ ଭାବେ ପ୍ରେମଚାନ୍ଦ ସିଂହ ଓ ବାଜିନାଥ ହେମ୍ବରମଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଫାଇନାଲ ମ୍ୟାଚ୍‌କୁ ହରପ୍ରସାଦ ପଟେଲ, ଉପେନ୍ଦ୍ର ଶବର, ଟୁକୁନା ସିଂ ଓ ମନୋଜ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ଏହି ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଓଡିଶା ଆଥେଲେଟିକ୍ ଆସୋସିଏଶନ୍ ସଭାପତି ତଥା କଳାହାଣ୍ଡି ଡିଷ୍ଟ୍ରିକ୍ ଆଥେଲେଟିକ୍ ଆସୋସିଏଶନ୍ ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ଜିଲା କ୍ରୀଡା ଅଧିକାରୀ ସୁବାଶୀଷ ନାୟକ, ମର୍ନିଂ ପ୍ରାକ୍‌ଟିସ୍ କ୍ଲବ ସଭାପତି ସନ୍ତୋଷ କୁମାର ପ୍ରଧାନ, ଆଥେଲେଟିକ୍ ଆସୋସିଏଶନ୍ ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।



ଫାଇନାଲ ମ୍ୟାଚ୍ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ ।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।

- ଏଡ୍‌ୱାର୍ଡ



## ସଂକ୍ଷେପରେ

### ପୋଲତଳୁ ଯୁବକଙ୍କ ମୃତଦେହ ଉଦ୍ଧାର

ବଙ୍ଗୋମୁଣ୍ଡା, ୧୬।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା-ଭାଲୁମୁଣ୍ଡା ରାସ୍ତାର ଫୁଂଗୁଡା ଛକ ନିକଟରେ ଥିବା ଏକ ପୋଲତଳୁ ସୋମବାର ଜଣେ ଯୁବକଙ୍କ ମୃତଦେହ ବଙ୍ଗୋମୁଣ୍ଡା ଥାନା ପୋଲିସ ଜବତ କରିଛି। ମୃତକ ଜଣକ ହେଲେ ଖୁଜନ୍ତି ଛତ୍ରିଆ(୪୫)। ଘଟଣାରୁ ପ୍ରକାଶ ଯେ, ଖୁଜନ୍ତି ଗତରାତିରେ କୌଣସି କାମରେ ବାହାରିଥିଲେ। ରାତିରେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ହେଁ ପାଇ ନ ଥିଲେ। ସକାଳୁ ପୋଲ ତଳେ ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଖୁଜନ୍ତି ଗନ୍ଧରାବନ୍ଧ ପଞ୍ଚାୟତର ଜୁଉରପଡା ଗ୍ରାମର। ଜଣେ ଶ୍ରମିକଭାବେ କାମ କରୁଥିବା ଖଜାନ୍ତିଙ୍କର ସ୍ତ୍ରୀ ଓ ଜଣେ ପୁଅ ଅଛନ୍ତି। ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯିବ ବୋଲି ସ୍ଥାନୀୟ ସରପଞ୍ଚ ଭଗବାନ ଦାସ ଛୁରା କହିଛନ୍ତି।

### ଅଙ୍ଗନୱାଡି କେନ୍ଦ୍ର ବନ୍ଦ ବିବାଦ

# ଉପଜିଲାପାଳଙ୍କ ଉପସ୍ଥିତିରେ ଭଙ୍ଗାହେଲା ତାଲା

## ଜିଦ୍‌ରେ ଅଟଳ କୁଠୁର୍ଲା ଗ୍ରାମବାସୀ

ଦେଓଗାଁ, ୧୬।୧୨(ଡି.ଏନ.ଏ.)

ବଲାଙ୍ଗୀର ସଦର ବ୍ଲକ ଭୂତିଆରବାହାଲ ପଞ୍ଚାୟତ କୁଠୁର୍ଲା ଅଙ୍ଗନୱାଡି 'କ'କେନ୍ଦ୍ରରେ କର୍ମୀଙ୍କ ଅସହଯୋଗ ଓ ଅନିୟମିତତା ଅଭିଯୋଗକୁ କେନ୍ଦ୍ରକରି ଆଜକୁ ୨ବର୍ଷହେଲା ତାଲା ବନ୍ଦ ହୋଇପଡିଛି। ଫଳରେ ଏହି କେନ୍ଦ୍ରର ପିଲାମାନେ 'ଖ' କେନ୍ଦ୍ରରେ ଅଧ୍ୟୟନ କରୁଛନ୍ତି । ସମାଧାନ ପାଇଁ ଅନେକ ପ୍ରୟାସ ବିଫଳ ହୋଇଛି। ତେବେ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସୋମବାର ଜିଲା ପ୍ରଶାସନ ତରଫରୁ ଗାଁରେ ଏକ ଗ୍ରାମସଭା ଡକାଯାଇଥିଲା। ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଅରୁଣ ସାହୁ, ଜିଲା ସଭାପତି ଅନଙ୍ଗ ଠାକୁର, ଉପସଭାପତି ତଥା ଆଇନ ସହାୟକ ସନ୍ତୋଷ ପ୍ରଧାନୀ, ପ୍ରଫୁଲ୍ଲ ବେହେରା ପ୍ରମୁଖ ଯୋଗଦେଇ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ । ହେଲେ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କ ଅସହଯୋଗ ଓ ଅନିୟମିତତା ଚରମସୀମାରେ ବୋଲି ଗ୍ରାମବାସୀ ଅଭିଯୋଗ ଉଠାଇଥିଲେ। ସମ୍ପୃକ୍ତ କର୍ମୀ ଦାୟିତ୍ୱରେ ରହିଲେ ନିଜ ପିଲାଙ୍କୁ କେନ୍ଦ୍ରକୁ ଛାଡିବୁ ନାହିଁ ବୋଲି ଗ୍ରାମବାସୀ ରୋକଠୋକ ମନା କରିଦେଇଥିଲେ । ସମସ୍ତ ଉଦ୍ୟମ ପରେ ମଧ ଆପୋଷ ସମାଧାନ ହୋଇ ନ ପାରିବା ପରେ ଉପଜିଲାପାଳ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ 'କ' କେନ୍ଦ୍ରରେ ୨ବର୍ଷ ହେଲା ପଡିଥିବା ତାଲାକୁ ଭଙ୍ଗା ଯାଇଥିଲା। ଏଥିସହ ସମ୍ପୃକ୍ତ କର୍ମୀଙ୍କୁ କେନ୍ଦ୍ର ପରିଚାଳିତ କରିବା ପାଇଁ ଆଦେଶ ଦେଇଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କେନ୍ଦ୍ରକୁ କୌଣସି ଶିଶୁଙ୍କୁ ପଠାଇବୁ ନାହିଁ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି।



ଅଙ୍ଗନୱାଡି 'କ' କେନ୍ଦ୍ର ବିବାଦର ସମାଧାନ ପାଇଁ ଉପଜିଲାପାଳଙ୍କ ଉପସ୍ଥିତିରେ ଗ୍ରାମସଭା ଚାଲିଛି।

### ସ୍କୁଲ ଛାତ୍ରୀଛାତ୍ରଙ୍କଠାରୁ ବେଆଇନ ଟଙ୍କା ଆଦାୟ ଘଟଣା ଜିଲାପାଳଙ୍କୁ ରିପୋର୍ଟ ଦେଲେ ତଦନ୍ତ ଅଧିକାରୀ

ସଇଁତଲା, ୧୬।୧୨(ଡି.ଏନ.ଏ.)

ସଇଁତଲା ବ୍ଲକ ଆମ୍ବପାଲି ପଞ୍ଚାୟତ ହାଇସ୍କୁଲରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ଫର୍ମ ପୂରଣ ସମୟରେ ଛାତ୍ରୀଛାତ୍ରଙ୍କଠାରୁ ସ୍କୁଲ କର୍ତ୍ତୃପକ୍ଷ ଅଧିକ ଟଙ୍କା ଅସୁଲି କରିଥିବା ଅଭିଯୋଗ ହୋଇଥିଲା । ଏହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ପୂର୍ବାହ୍ନରେ ସଇଁତଲା ବିଡ଼ିଓ ପ୍ରଦୀପ ପଟ୍ଟନାୟକ ଓ ବିଇଓ ଅଖିଳ ଦୀପ ଆମ୍ବପାଲି ପଞ୍ଚାୟତରେ ପହଞ୍ଚି ଅଭିଭାବକମାନଙ୍କଠାରୁ ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରିଥିଲେ। ଏ ସମ୍ପର୍କରେ ଏକ ରିପୋର୍ଟ ସେମାନେ ଜିଲାପାଳଙ୍କୁ ଦେଇଛନ୍ତି। ପ୍ରକାଶ ଯେ, ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ସରକାରଙ୍କ ସାଧାରଣ ବର୍ଗର ଛାତ୍ରୀଛାତ୍ରଙ୍କୁ ୪୨୦ଟଙ୍କା ଫର୍ମ ଫିଲପ ଦେୟ ଥିବାବେଳେ ଏସସି ଓ ଏସଟି ଛାତ୍ରୀଛାତ୍ରଙ୍କ ପାଇଁ କୌଣସି ଦେୟ ନଥିବା ନିୟମ ରହିଛି। ହେଲେ ଆମ୍ବପାଲି ହାଇସ୍କୁଲ କର୍ମକର୍ତ୍ତା ସମସ୍ତ ଛାତ୍ରୀଛାତ୍ରଙ୍କଠାରୁ ଆଠଶହ ଟଙ୍କା ଅସୁଲି କରି କୌଣସି ରସିଦ ଦେଇ ନ ଥିଲେ । ଘଟଣା ସମ୍ପର୍କରେ କେତେକ ଅଭିଭାବକ ଅଭିଯୋଗ ଆଣିଥିଲେ । ସ୍କୁଲର ପ୍ରଧାନଶିକ୍ଷକ ବିଜୟ ବାଗଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ ଟଙ୍କା ଅସୁଲିକୁ ଅସ୍ୱୀକାର କରିଥିଲେ। ସୋମବାର ବିଭାଗୀୟ ତଦନ୍ତ ସମୟରେ ବହୁ ଅଭିଭାବକ ଫର୍ମ ପୂରଣ ନାମରେ ହୋଇଥିବା ଅଧିକ ଟଙ୍କା ଅସୁଲି ଘଟଣାକୁ ସ୍ୱୀକାର କରିଥିଲେ। ଏସସି ଓ ଏସଟି ଛାତ୍ରୀଛାତ୍ରମାନଙ୍କୁ ସରକାର ବିଭିନ୍ନ ଯୋଜନାରେ ସହାୟତା ପ୍ରଦାନ କରୁଛନ୍ତି। ପରୀକ୍ଷା ପାଇଁ ଫର୍ମ ପୂରଣରେ ଟଙ୍କାଟିଏ ମଧ୍ୟ ଦେବାକୁ ପଡୁ ନ ଥିବାବେଳେ ଛାତ୍ରୀଛାତ୍ରଙ୍କଠାରୁ କେଉଁ ବାବଦକୁ ଆଠଶହ ଟଙ୍କା ଅସୁଲି କରାଯାଇଥିଲା ତାହାର ଅଧିକ ତଦନ୍ତ ସହ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।





କାଳିଆ ଯୋଜନାରେ ଚାଷୀଙ୍କୁ ବିଶ୍ୱାସଘାତକତା ଅଭିଯୋଗ ଆଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ମକଦ୍ଦମା ଦାଏର ଦାବି ନେଇ ବଲାଙ୍ଗୀର ଏସପି ଅଫିସ ସମ୍ମୁଖରେ ନବନିର୍ମାଣ କୃଷକ ସଙ୍ଗଠନ ବଲାଙ୍ଗୀର ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି । (ଫଟୋ-ସୁନୀଲ) ।

### ଦେବୋତ୍ତର ଅଧିକାରୀଙ୍କ ସହ ନରସିଂହଙ୍କ ଆଲୋଚନା

# 'ସୁପର ମାର୍କେଟ କାମ ଶୀଘ୍ର ଆରମ୍ଭ ହେବ'

ବଲାଙ୍ଗୀର ଅଫିସ, ୧୬।୧୨

ବଲାଙ୍ଗୀର ସର୍କିଟ ହାଉସଠାରେ ଦେବୋତ୍ତର ଅଧିକାରୀଙ୍କ ସହ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ନବେ ଦଶକରେ କାମ ଆରମ୍ଭ ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ଥିବା ସୁପର ମାର୍କେଟକୁ ପୁନଃନିର୍ମାଣ ପାଇଁ ବୈଠକରେ ଆଲୋଚନା ହୋଇଥିଲା । ବର୍ତ୍ତମାନ ଗୋପାଳଜୀ ମନ୍ଦିର ସମ୍ମୁଖ ଦେବୋତ୍ତର ଅଧିନରେ ଥିବା ବ୍ୟବସାୟିକ ଷ୍ଟଲଗୁଡିକର ସ୍ଥିତି, ଷ୍ଟଲମାଲିକମାନେ ଦେଉଥିବା ଭଡା, ଷ୍ଟଲଭଡା ବର୍ତ୍ତମାନର ବଜାର ଦର ସହିତ ଠିକ୍ ଅଛି ନା ନାହିଁ ସେ ଉପରେ ଆଲୋଚନା ହୋଇଥିଲା । ଆହୁରି ମଧ ଦେବୋତ୍ତ ବିଭାଗର ଜମାରାଶି ଏକାଧିକ ଏକାଉଣ୍ଟରେ ଜମା ହୋଇଥିବାରୁ ଏହା ଉପରେ ବିଧାୟକ ମିଶ୍ର ଉଦ୍‌ବେଗ ପ୍ରକାଶ କରିଥିଲେ । ସମସ୍ତ ରାଶିକୁ ଗୋଟିଏ ଆକାଉଣ୍ଟରେ ଜମା କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ସହର ମଧ୍ୟରେ ଥିବା ସମସ୍ତ ଅଞ୍ଚଳର ଷ୍ଟଲ ଯାହାକି ଦେବୋତ୍ତର ଅଧିନରେ ଅଛି ତାର ଏକ ସବିଶେଷ ବିବରଣୀ ଶୀଘ୍ର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ସୁପରମାର୍କେଟ କାମ ପୁଣିଥରେ ଆରମ୍ଭ କରିବା ପାଇଁ ତାର ସମସ୍ତ ରୂପରେଖ, ନକ୍ସା, ମାର୍କେଟ ଭିତରେ ଥିବା ସୁବିଧା ସୁଯୋଗ ଉପରେ ଏକ ସ୍ୱତନ୍ତ୍ର ଆର୍କିଟେକ୍‌ଙ୍କ ପରାମର୍ଶ ନେଇ ଶୀଘ୍ର କାମ ଆରମ୍ଭ କରିବାର ସ୍ଥିରୀକୃତ ହୋଇଥିଲା ।



ବିଧାୟକ ନରସିଂହ ମିଶ୍ର ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କ ସହ ଆଲୋଚନା କରୁଛନ୍ତି ।

ସ୍ଥାନୀୟ ମହାଦେବ ମନ୍ଦିର ଛକରେ ଥିବା ସର୍ବପୁରାତନ କଲ୍ୟାଣ ମଣ୍ଡପର ମରାମତି ଓ ଉନ୍ନତିକରଣ ମଧ ବହୁ ଶୀଘ୍ର ଆରମ୍ଭ ହେବ ବୋଲି ବିଧାୟକ ମିଶ୍ର ସୂଚନା ଦେଇଥିଲେ। ସୁପରମାର୍କେଟର କାମ ଯେପରି ସୁରୁଖୁରୁରେ ଆରମ୍ଭ ହୋଇ ଶୀଘ୍ର ସମ୍ପୂର୍ଣ୍ଣ ହେବ ତାହା ଉପରେ ବିଶେଷ ଯତ୍ନବାନ ହେବାକୁ ବୈଠକରେ ଉପସ୍ଥିତ ଥିବା ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଦେବୋତ୍ତର ମ୍ୟାନେଜର ସୁଧୀର ଦାଶ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଜମୁଛି ଡୁମେରତଲିଏନ୍ ମହୋତ୍ସବ

# କଂସ ଦରବାରରେ ମଞ୍ଚସ୍ଥ ହେଲା ରଙ୍ଗସଭା

ଖପ୍ରାଖୋଲ, ୧୬।୧୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲଠାରେ ଆୟୋଜିତ ପ୍ରଥମ ଡୁମେରତଲିଏନ୍ ମହୋତ୍ସବ ସୋମବାର ପଞ୍ଚମ ଦିନରେ ପହଞ୍ଚିଛି। ବିଭିନ୍ନ ପ୍ରକାର ଦୋଳିରେ ପିଲାମାନେ ମଜା ନେଉଥିବାବେଳେ ଭଳିକି ଭଳି ଖାଦ୍ୟ ବି ଆକର୍ଷଣୀୟ ହୋଇଛି । ୱାଇସିଡିଏ ଓ ମହିଳା ସ୍ୱୟଂ ସହାୟକ ଦଳ ଦ୍ୱାରା ଖୋଲାଯାଇଥିବା ଷ୍ଟଲରେ ପ୍ରବଳ ଭିଡ ଦେଖିବାକୁ ମିଳୁଛି। ମାଣ୍ଡିଆରେ ପ୍ରସ୍ତୁତ ବରା, ଲଡୁ, ମାଲପୁଆ, ବିଭିନ୍ନ ପ୍ରକାରର ମିଠା ଓ ମାଣ୍ଡିଆ ଚାର ମଜା ନେଉଛନ୍ତି ଲୋକେ। ଖୋଲା ରଙ୍ଗ ମଞ୍ଚରେ କଂସ ଦରବାର ଦର୍ଶକଙ୍କୁ ଆକର୍ଷିତ କରୁଛି। ପୁତନା ବଧ ସହ ମନ୍ତ୍ରୀଙ୍କ ସହ କଂସଙ୍କ ମନ୍ତ୍ରଣା ଓ ରଙ୍ଗ ସଭା ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା।। କଂସ ଦରବାରରେ ଡୁମେତଲିଏନ୍ ପୂଜକ ଯୁକ୍ତେଶ୍ୱର ବରିହା ଓ ଋଷି ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡୁମେତଲିଏନ୍ ଯୁବକ ସଂଘ ଦ୍ୱାରା ପ୍ରଥମ ଥର ଲାଗି ଏପରି ମହୋତ୍ସବ ଓ କଂସ ଦରବାର ଆୟୋଜିତ ହେଉଛି।



ଦରବାରରେ ପାତ୍ରମନ୍ତ୍ରୀଙ୍କ ସହ ମହାରାଜା କଂସ।

# ପୌରପରିଷଦର ମୋ ସରକାର ପ୍ରସ୍ତୁତି

ଟିଟିଲାଗଡ଼, ୧୬।୧୨ (ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ନୂତନ ବର୍ଷ ପ୍ରାରମ୍ଭରୁ ମୋ ସରକାର ଲାଗୁ ନେଇ ଟିଟିଲାଗଡ ପୌର ପରିଷଦ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ଥାନୀୟ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ସୋମବାର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏନେଇ କର୍ମଚାରୀଙ୍କୁ ମୋ ସରକାରର ନିୟମାବଳୀ ସମ୍ପର୍କରେ ଅବଗତ କରାଯାଇଥିଲା। ନିର୍ବାହୀ ଅଧିକାରୀ ବେହେରା, ପୌର ସ୍ୱାସ୍ଥ୍ୟ ଅଧିକାରୀ ଡା. ଶିଶିର ସାହୁ, ଊଡା ଟିମ ଲିଡର ବଲାଙ୍ଗୀରର ପ୍ରବୀର ଖୁଣ୍ଟିଆ ପ୍ରମୁଖ ଏ ନେଇ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରିଛନ୍ତି। ୨୦୨୦ ଜାନୁୟାରୀ ୧ରୁ ସ୍ୱତନ୍ତ୍ର ପ୍ରକୋଷ୍ଠରେ ମୋ ସରକାର କାର୍ଯ୍ୟ କରିବ। ସ୍ୱତନ୍ତ୍ର ଭାବରେ କର୍ମଚାରୀ, କମ୍ପ୍ୟୁଟର. ଆଗନ୍ତୁକଙ୍କ ବସିବା ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ ଆଦି ବ୍ୟବସ୍ଥାମାନ ପ୍ରସ୍ତୁତ ରହିବ। ପାନୀୟ ଜଳ ଯୋଗାଣ ସମସ୍ୟା, ଟ୍ରେଡ ଲାଇସେନ୍ସ, ହୋଲଡିଙ୍ଗ ଟେକ୍ସ, ସରକାରୀ ଆବାସ, ଘର ନକ୍ସା ଅନୁମତି ଆଦି କାର୍ଯ୍ୟ ପାଇଁ ପହଞ୍ଚୁଥିବା ଲୋକଙ୍କ ବିବରଣୀ ପଞ୍ଜୀକରଣ ସହ ରାଜ୍ୟ ସଚିବାଳୟ ସ୍ଥିତ ୫-ଟି ବିଭାଗକୁ ଅବଗତ କରାଯିବ। ପଞ୍ଜୀକୃତ ଆବେଦକଙ୍କୁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଭାଗୀୟ ସଚିବ ଫୋନ କରି ସେମାନଙ୍କ ସମସ୍ୟା ତଥା ସମାଧାନ ନେଇ ପୌରପରିଷଦର କାର୍ଯ୍ୟ ନେଇ ତଦନ୍ତ କରିବେ। କର୍ମଚାରୀମାନେ ଏନେଇ ପୂର୍ବାପେକ୍ଷା ଅଧିକ କ୍ରିୟାଶୀଳ ହେବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ପୌର ଆକାଉଣ୍ଟାଣ୍ଟ ବାବୁଲାଲ ମିସ୍ତ୍ରୀ, ବରିଷ୍ଠ ସହାୟକ ପଦ୍ମନାଭ ବେହେରା, ସିଓ ଶୁଭଶ୍ରୀ ସାହୁ, ଟ୍ୟାକ୍ସ କିରାଣୀ ସାଧୁପ୍ରସାଦ ବେହେରା, ସହାୟକ ନରୋତ୍ତମ ହୋତା, ନିରଞ୍ଜନ ଚନ୍ଦନ, ପୁଟେଲ ସିଂ ରଣା, ଉମାକାନ୍ତ ପୁଟେଲ, ଚିତ୍ତରଞ୍ଜନ ସାହୁ, ରାଣା ପ୍ରତାପ ଛତ୍ରିଆ, ବରୁଣ ବାନୁଆ, ପରିମଳ ନିରୀକ୍ଷକ ରତନ ଠାକୁର, ପରିମଳ ବିଶେଷଜ୍ଞ ସ୍ୱରୁପ ପଣ୍ଡା, ଜାଗା ମିଶନ ସହାୟକ ଆଦର୍ଶ କେଡିଆ, ଏମଆଇଏସ ଶୁକଦେବ ପଟେଲ, ଚତୁର୍ଥ ଶ୍ରେଣୀ କର୍ମଚାରୀ ସ୍ନେହଲତା ଆଡ଼ୟୁଆଡ, କିଶୋର ରଣା, ଗଣେଶ ନାଗ, ରାହୁଲ ଡୁଙ୍ଗରି ପ୍ରମୁଖ ଉପସ୍ଥିତ ଥିଲେ।





ଟିଟିଲାଗଡ ପୌର କାର୍ଯ୍ୟାଳୟରେ ମୋ ସରକାର ନେଇ ପ୍ରଶାସନିକ ପ୍ରସ୍ତୁତି।

# ପୌର ପରିଷଦ ପକ୍ଷରୁ ଜୈବ ବିବିଧତା ପରିଚାଳନା କମିଟି ଗଠନ

ବଲାଙ୍ଗୀର ଅଫିସ, ୧୬।୧୨

ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗୀର ପୌର ପରିଷଦ ପକ୍ଷରୁ କାର୍ଯ୍ୟାଳୟ ସଭାଗୃହରେ ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପୌରାଞ୍ଚଳର ଜୈବିକ ସମ୍ବଳ ସମୂହକୁ କିଭଳି ସଂରକ୍ଷିତ କରିବା ସହ ସେସବୁକୁ କିପରି ଉପଯୋଗ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ବୈଠକରେ ଉପସ୍ଥିତ ସଭ୍ୟମାନେ ସର୍ବସମ୍ମତିକ୍ରମେ ଏକ ଜୈବ ବିବିଧତା ପରିଚାଳନା କମିଟି ଗଠନ କରିଥିଲେ। ଏହି କମିଟି ଅଧକ୍ଷ ଭାବେ ଆଭା ଆର୍ଯ୍ୟଙ୍କୁ ମନୋନୀତ କରାଯାଇଥିଲା । ଉକ୍ତ ସଭାରେ ପଦାର୍ଥ ବୁଡେକ, ସସ୍ମିତା ମେହେର, ରୋଜମେରୀ ନାଗ, ସବିତା ମୁଣ୍ଡା ତଥା ସତ୍ୟନାରାୟଣ ବେହେରା ଉପସ୍ଥିତ ଥିଲେ । ପୌରାଞ୍ଚଳର ଜୈବିକ ସମ୍ବଳକୁ କିଭଳି ସଦ୍‌ଉପଯୋଗ କରାଯାଇପାରିବ ସେ ଉପରେ ମତାମତ ପ୍ରଦାନ କରିଥିଲେ । ଏଥି ସହିତ ଜୈବ ବିବିଧତା ନିୟମାବଳୀ ୨୦୦୪ ଅନୁଯାୟୀ ସରକାରଙ୍କ ବିଭିନ୍ନ ବିଭାଗ କୃଷି, ଉଦ୍ୟାନ, ମତ୍ସ୍ୟ, ପଶୁ, ଜଙ୍ଗଲ, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବିଭାଗ ପାଇଁ ୬ ଜଣ ନିମନ୍ତ୍ରିତ ବ୍ୟକ୍ତିଙ୍କୁ ମନୋନୀତ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।



ପୌର ପରିଷଦ ଜୈବ ବିବିଧତା ପରିଚାଳନା କମିଟି ବୈଠକ।

# କେନ୍ଦ୍ର ସରକାରଙ୍କ ଛାତ୍ରମାରଣ ନୀତି ବିରୋଧରେ ବିକ୍ଷୋଭ

ବଲାଙ୍ଗୀର ଅଫିସ, ୧୬।୧୨

ମୋଦି ସରକାରଙ୍କ ଦ୍ୱିତୀୟ ପାଳିରେ ଛାତ୍ର ଓ ଯୁବକମାନଙ୍କ ପ୍ରତି ଅତ୍ୟାଚାର ଦିନକୁ ଦିନ ବଢି ଚାଲିଛି। ୨୦୧୪ରେ ପାଠ ପଢୁଥିବା ଛାତ୍ରମାନେ ୨୦୧୯ରେ ଆଜି ଚାକିରି ନ ପାଇ ବେକାର ବୁଲୁଛନ୍ତି। କେନ୍ଦ୍ର ସରକାରଙ୍କ ଭୁଲ ଶିକ୍ଷାନୀତି ଏବଂ ମିଥ୍ୟା ପ୍ରତିଶ୍ରୁତି ବିରୋଧରେ ଛାତ୍ରମାନେ ରାସ୍ତାକୁ ଓହ୍ଲାଇଛନ୍ତି। ସରକାର ଛାତ୍ର ଓ ଯୁବକମାନଙ୍କର ଏଭଳି ବିକ୍ଷୋଭ ପ୍ରତିବାଦକୁ ହିଟଲରୀ ଷ୍ଟାଇଲରେ ଦମନ କରୁଛନ୍ତି । ପୋଲିସ ଏଥିରେ ଗୁଣ୍ଡା ସାଜିଛି। ବଲାଙ୍ଗୀର ଯୁବ କଂଗ୍ରେସ ଓ ଜିଲ୍ଲା ଛାତ୍ର କଂଗ୍ରେସ ତରଫରୁ କେନ୍ଦ୍ର ସରକାରଙ୍କ ଏଭଳି ଛାତ୍ରମାରଣ ନୀତି ବିରୁଦ୍ଧରେ ସ୍ଥାନୀୟ ଜିଲାପାଳ ଅଫିସ ସମ୍ମୁଖରେ ସୋମବାର ସନ୍ଧ୍ୟାରେ ଏକ ବିକ୍ଷୋଭ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଯୁବ କଂଗ୍ରେସ ସଭାପତି ପ୍ରେମ ପ୍ରକାଶ ମିଶ୍ର କେନ୍ଦ୍ର ସରକାରଙ୍କୁ ଚେତାବନୀ ଦେଇଥିଲେ । ଛାତ୍ର, ଯୁବକମାନଙ୍କ ଉପରେ ହେଉଥିବା ଅମାନୁଷିକ ଅତ୍ୟାଚାର ଯଦି ବନ୍ଦ ନ ହୁଏ ତେବେ ଏହି ଆନ୍ଦୋଳନ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ବ୍ୟାପିବାକୁ ଆଉ ସମୟ ଲାଗିବ ନାହିଁ ବୋଲି କହିଥିଲେ । ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।





କଂଗ୍ରେସ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ।

### ରୋଟାରୀ କ୍ଲବ୍ ଅଫ୍ ଇଲିଟ୍ ପକ୍ଷରୁ ଆଲୋଚନାଚକ୍ର

# ବ୍ୟକ୍ତି ବଦଳିଲେ ସମାଜ ବଦଳେ

ବଲାଙ୍ଗୀର ଅଫିସ, ୧୬।୧୨

ବାସ୍ତବରେ ସମାଜ ବୋଲି କିଛି ନାହିଁ । ବ୍ୟକ୍ତି ସମଷ୍ଟିକୁ ହିଁ ସମାଜ କୁହାଯାଏ । ସମାଜ ବଦଳେ ନାହିଁ। ବ୍ୟକ୍ତି ବଦଳିଲେ ସମାଜ ବଦଳେ। ଆଚରଣରୁ ହିଁ ଜ୍ଞାନର ପରିଚୟ ମିଳେ । ବିଶ୍ୱାସ ଓ ଆଦର୍ଶରୁ ସଂସ୍କୃତି ବିକଶିତ ହୁଏ। ସମାଜ ସୁରକ୍ଷାର ଅର୍ଥ ସଂସ୍କୃତିର ସୁରକ୍ଷା । ସଂସ୍କୃତିର ସୁରକ୍ଷା ଅର୍ଥ ଭାବବୋଧର ସୁରକ୍ଷା । ଭାବବୋଧ ସଂକୀର୍ଣ୍ଣତା ଦୂର କରେ ଓ ଗୋଷ୍ଠୀଗତ ଜୀବନକୁ ପ୍ରେରଣାପ୍ରଦ କରିଦିଏ । ସଂସ୍କାରର ଅସଲ ଅର୍ଥ ସଂକୀର୍ଣ୍ଣତାରୁ ମୁକ୍ତି ବୋଲି ଆଲୋଚକ ପ୍ରଫେସର ଡ ମଧୁସୂଦନ ପତି ରୋଟାରୀ କ୍ଲବ୍ ଅଫ୍ ଇଲିଟ୍ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମତବ୍ୟକ୍ତ କରିଥିଲେ। ରବିବାର ସନ୍ଧ୍ୟାରେ କ୍ଲବ ସଭାପତି ପ୍ରଶାନ୍ତ ବିଶ୍ୱାଳଙ୍କ ଅଧକ୍ଷତାରେ ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ନୈତିକତା ଓ ସଂସ୍କାର ବିହୀନ ଶିକ୍ଷା ସମାଜ ପାଇଁ ବିପଦ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଆଲୋଚକ ଭାବେ ପ୍ରଫେସର ପତି ଓ ଆର୍ଯ୍ୟ ସମାଜ ପୂର୍ବତନ ସଭାପତି ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦାନ କରିଥିଲେ । ଆଲୋଚନାଚକ୍ରରେ ଅନ୍ୟତମ ଆଲୋଚକ ପଣ୍ଡିତ ପଣ୍ଡା ଯୋଜନାବଦ୍ଧ ଜୀବନର ଅଭାବରୁ ସାମାଜିକ ଅବକ୍ଷୟ ସୃଷ୍ଟ ବୋଲି କହିଥିଲେ । ନିଜେ କରିପାରିନଥିବା କଠିନ କାମଟି ନିଜର ସନ୍ତାନ ସନ୍ତତି କରନ୍ତୁ ବୋଲି ମାତାପିତା, ଅଭିଭାବକ ଚାହୁଁଛନ୍ତି। ସେମାନଙ୍କୁ ଏଭଳି ଏକ ପ୍ରତିଯୋଗିତାକୁ ଠେଲୁଛନ୍ତି ଯେଉଁଠାରେ ମଣିଷର ସମାଜିକ ମୂଲ୍ୟବୋଧ ନଷ୍ଟ ହୋଇଯାଉଛି। ଏହାଦ୍ୱାରା ସମାଜର ଅବକ୍ଷୟ ଆରମ୍ଭ ହୋଇଛି ବୋଲି ସେ କହିଥିଲେ । ଏଣୁ ବ୍ୟକ୍ତିଗତ ସ୍ତରରୁ ସଂସ୍କାର ହେଲେ ସମାଜ ସଂସ୍କାରିତ ହେବ ବୋଲି ସେ କହିଥିଲେ । ଏହି ଆଲୋଚନାଚକ୍ରକୁ କ୍ଲବ୍‌ର ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ସଂଯୋଜନା କରିଥିଲେ । ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।





ରୋଟାରୀ କ୍ଲବ୍ ଅଫ୍ ଇଲିଟ୍ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ ଓ ଆୟୋଜକ।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରା



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ୨ ଯୁବକ ମୃତ

**ଭବାନୀପାଟଣା,୧୬।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୟପାଟଣା ଥାନା ସର୍ଗିଗୁଡା ପଞ୍ଚାୟତ ପ୍ରଜା ନାଗଫେଣୀ ଗାଁରେ ଗତ ରବିବାର ସକାଳେ ଏକ ଅଜଣା ଗାଡି ଧକ୍କାରେ ୨ ଜଣଙ୍କ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ମଧୁ ମାଝି (୩୬) ଓ ହୀରାଲାଲ ଦିସାରୀ (୪୦) । ସୂଚନା ଯେ, ମଧୁ ଓ ହୀରାଲାଲ ରବିବାର ସକାଳେ ଝରିଗାଁ ବ୍ଲକ ଚଚାଗାଁରୁ ବାଇକ (ନଂ. ଓଆର୍୦୮ଏଚ୍-୬୩୫୨)ରେ ନିଜ ଗାଁକୁ ଫେରୁଥିଲେ। ପାପଡାହାଣ୍ଡି ଥାନା ମଇଦଲପୁର ପଞ୍ଚାୟତ ଖଡକା ନିକଟରେ ଏକ ଅଜଣା ଗାଡି ଏମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମଧୁଙ୍କ ମୃତ୍ୟୁ ହୋଇଥିଲା। ହୀରାଲାଲଙ୍କୁ ଗୁରୁତର ଅବସ୍ଥାରେ ପାପଡାହାଣ୍ଡି ଏଏସ୍ଆଇ ମନୋରଞ୍ଜନ ସ୍ୱାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡାହାଣ୍ଡି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା।

### ବେଆଇନ ମଦ କୋଠିରେ ଚଢ଼ାଉ ଘଟଣା, ୪ କୋର୍ଟ ଚାଲାଣ

**ଭବାନୀପାଟଣା,୧୬।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୟପାଟଣା ଥାନା ବଡକୁଟରୁ ଫାଣ୍ଡି ଅଞ୍ଚଳରେ ବେଆଇନ ମଦ କୋଠି ଉପରେ ପୋଲିସ ଚଢାଉ କରି ୨୩.୨ ଲିଟର ମଦ ଜବତ କରି ୪ ଜଣଙ୍କୁ ଅଟକ ରଖିଥିଲା। ସେମାନେ ହେଲେ ପାଣିଗାଁର ତୀର୍ଥବାସୀ ସାହୁ, ଉପେନ୍ଦ୍ର ବେହେରା, ବନମାଳୀ ଭୋଇ ଏବଂ ବଡକୁଟରୁର ଚିତ୍ରଭାନୁ ବାରିକ।

# କ୍ରୀଡ଼ା ସାମଗ୍ରୀ କିଣାରେ ଅନିୟମିତତା

**ରାଉରକେଲା ଅଫିସ, ୧୬।୧୨**

ଶିକ୍ଷା ବିଭାଗ ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଛନ୍ତି ଦାୟିତ୍ୱରେ ଥିବା କେତେଜଣ ଅଧିକାରୀ। ବିଭିନ୍ନ ବିଦ୍ୟାଳୟରେ ଗଠନ କରାଯାଇଥିବା ଅଭିଭାବକ ସଂଘକୁ ଅଣଦେଖା କରାଯାଉଛି। ନାମକୁ ମାତ୍ର ଏହା କାଗଜ କଲମରେ ସୀମିତ ରହୁଛି। ପ୍ରଧାନଶିକ୍ଷକଙ୍କ ମତାମତ ନେବାକୁ ଉଚିତ ମଣୁ ନାହାଁନ୍ତି ବ୍ଲକ ଶିକ୍ଷାଧିକାରୀ। ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଆସୁଥିବା ଅନୁଦାନ ଖର୍ଚ୍ଚ କରିବାକୁ ପ୍ୟାରେଣ୍ଟ ଟିଚର୍ସ ଆସୋସିଏଶନକୁ ଅନୁମତି ମିଳୁନି। ଏଥିରେ ଶିକ୍ଷା ଅଧିକାରୀଙ୍କ ମନୋନୀତ ପ୍ରତିନିଧି ହୁକୁମାତି କରୁଛନ୍ତି। ବିଦ୍ୟାଳୟକୁ ପାଠାଗାର ବହି ହେଉ କି ଅଗ୍ନିଶମ ନିୟମ ନେଇ ଏୟାର ଏକ୍ସଟିଙ୍ଗ୍ୟୁସର ଲଗାଯିବା ଘଟଣା କିମ୍ବା କ୍ରୀଡା ସାମଗ୍ରୀ କିଣାଯିବା ପ୍ରସଙ୍ଗ ସବୁଥିରେ ହସ୍ତକ୍ଷେପ କରୁଛି ବିଇଓ ଅଫିସ ବୋଲି ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଲାଠିକଟା ବ୍ଲକର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ କ୍ରୀଡା ସାମଗ୍ରୀ କ୍ରୟ ନିମନ୍ତେ ଶିକ୍ଷା ବିଭାଗ ଯଥାକ୍ରମେ ୫ ଓ ୧୦ ହଜାର ଟଙ୍କା ଅନୁଦାନ ଯୋଗାଇ ଦେଇଥିଲା। ସେହି ଅନୁଦାନରେ ଅଭିଭାବକ କମିଟି ଓ ପ୍ରଧାନଶିକ୍ଷକ ମିଳିତ ଭାବେ ଆବଶ୍ୟକ ଅନୁସାରେ କ୍ରୀଡା ସାମଗ୍ରୀ କିଣିବା




କାର୍ଟୁନରେ ଭର୍ତ୍ତି ହୋଇ ରଖାଯାଇଥିବା କ୍ରୀଡ଼ା ସାମଗ୍ରୀ।

- ପ୍ରଧାନଶିକ୍ଷକ, ଅଭିଭାବକ ସଂଘର ମତାମତ ନିଆଗଲାନି
- ପ୍ରତି ସ୍କୁଲକୁ ଆସିଲା ୧୦ହଜାର ଟଙ୍କାର ସାମଗ୍ରୀ

କଥା। ସବୁଠୁ ଆଶ୍ଚର୍ଯ୍ୟ କଥା ଅଭିଭାବକ କମିଟି ଓ ପ୍ରଧାନଶିକ୍ଷକଙ୍କ ଅଗୋଚରରେ ପ୍ରତି ବିଦ୍ୟାଳୟକୁ ଏକ ସ୍ପୋର୍ଟସ କିଟ ଯୋଗାଇ ଦିଆଯାଇଛି। ପ୍ରାଥମିକ ବିଦ୍ୟାଳୟକୁ ପ୍ଲାଷ୍ଟିକ ଖେଳ ସାମଗ୍ରୀ ଦିଆଯାଇଥିବା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୨ ଫୁଟବଲ, ୨ କ୍ୟାରମ, ୬ ବ୍ୟାଡମିଣ୍ଟନ, ୬ ଲୁଡୁ ସେଟ, ୧୨ ଟାନି କୋର୍ଟ ରିଂ, ୨ ଡବା କର୍କ , ୬ ଫିଜବି ଫଲୟିଂ ଡିକ୍ସ, କ୍ୟାରମ ଡଟସ, ପାଉଡର ସହ ଷ୍ଟ୍ରାଇକର ଓ ୧୨ ସ୍କିପିଂ ରୋପ ପ୍ରଦାନ କରାଯାଇଛି। ଉପରୋକ୍ତ ସାମଗ୍ରୀର ମୂଲ୍ୟ ଜିଏସ୍‌ଟି ମିଶି ୧୦ ହଜାର ହୋଇଛି। ତା'ର ବିଲ୍ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ଉପରୋକ୍ତ ସାମଗ୍ରୀ କେଉଁ କମ୍ପାନୀର ସେନେଇ କିଛି ଉଲ୍ଲେଖ ନାହିଁ। ସାମଗ୍ରୀ ଯୋଗାଇ ଦେଇଥିବା ଏଜେନ୍ସିକୁ ପ୍ରଶ୍ନ କରିବାକୁ ମଧ୍ୟ ପ୍ରଧାନଶିକ୍ଷକଙ୍କ ସାହସ ନାହିଁ । ସମସ୍ତଙ୍କୁ କାର୍ଯ୍ୟାନୁଷ୍ଠାନ ଭୟ ଘାରୁଛି। ଏଣୁ ନୂଆ ପୁରୁଣା ବା ଭଙ୍ଗା ଦଦରା ଖେଳ ସାମଗ୍ରୀ ଦେଲେ ବି କେହି ପାଟି ଫିଟାଇବା ଅବସ୍ଥାରେ ନାହାଁନ୍ତି। ଖେଳ ସାମଗ୍ରୀ କିଣିବା ନେଇ ବିଦ୍ୟାଳୟ କମିଟିକୁ ଅନ୍ଧାରରେ ରଖାଯାଇଛି।

ଏଜେନ୍ସି ଯୋଗାଡ କରି ଆଗୁଆ ଚେକ୍‌ରେ ଟଙ୍କା ପୈଠ କରି ଦିଆଗଲା। କିଟସ ଖୋଲି ଦେଖିବାକୁ ସୁଯୋଗ ଦିଆଗଲାନି। କେଉଁ ସ୍କୁଲରେ କି ପ୍ରକାର କ୍ରୀଡା ସାମଗ୍ରୀ ଆବଶ୍ୟକ ତାକୁ ଠିକ କଲା ବିଇଓ ଅଫିସ। ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଠାରୁ ଆଗୁଆ ଚେକ ମାଗି ନିଆଗଲା। ତା'ପରେ ନିମ୍ନମାନର କ୍ରୀଡା ସାମଗ୍ରୀ ଜୋର ଜବରଦସ୍ତ ଦିଆଗଲା। କୁହାଗଲା ସମସ୍ତେ କହିବ ଏସବୁ ଆମେ କିଣିଛୁ। ମୁଣ୍ଡ ଟୁଙ୍ଗାରି ଚୁପ ବସିଲେ ବିଦ୍ୟାଳୟ କର୍ତ୍ତୃପକ୍ଷ। ଏହି ଅନିୟମିତତାକୁ ନେଇ ନାନା ଅଭିଯୋଗ ହୋଇଛି। କେବଳ ଲାଠିକଟା ବ୍ଲକର ୧୫୦ ସ୍କୁଲ ପାଇଁ କ୍ରୀଡ଼ା ସାମଗ୍ରୀ କଣିବାରେ ପ୍ରାୟ ୫ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା ସନ୍ଦେହ କରାଯାଉଛି। ଏମିତି ଅବସ୍ଥାରେ ଯଦି ସୁନ୍ଦରଗଡ଼ ଜିଲାର ୧୭ ବ୍ଲକରେ ଏଭଳି ଅନିୟମିତତା ହୋଇଥାଏ ସେଥିରୁ ବିଭାଗୀୟ କର୍ତ୍ତୃପକ୍ଷ କେତେ ଫାଇଦା ପାଇଥିବେ ତାହା ସହଜରେ ଅନୁମାନ କରାଯାଇପାରେ। ଗତ କିଛିଦିନ ତଳେ ନୂଆଗାଁ ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନ ଶୁଣାଣିରେ ଅଞ୍ଚଳବାସୀ ଏନେଇ ତଦନ୍ତ ଦାବି କରିଥିଲେ। ତଦନ୍ତ କରିବାକୁ ଜିଲାପାଳ ନିର୍ଦ୍ଦେଶ ବି ଦେଇଥିଲେ। ଯାହା ପରବର୍ତ୍ତୀ ସମୟରେ ଫୁସୁକି ଯାଇଛି। ଏନେଇ ଜିଲା ଶିକ୍ଷାଧିକାରୀ ରଞ୍ଜନ ଗିରିଙ୍କୁ ବାରମ୍ବାର ଫୋନ (ନଂ...)କରିବା ସତ୍ତ୍ୱେ ସେ ଉଠାଇ ନ ଥିଲେ। ଲାଠିକଟା ବ୍ଲକ ଶିକ୍ଷାଧିକାରୀ ପ୍ରଜ୍ଞାପାରମିତା ଜେନା କହିଛନ୍ତି, ଆମେ କାହାକୁ କିଟସ ଦେଉନୁ। ବିଦ୍ୟାଳୟ କର୍ତ୍ତୃପକ୍ଷ ନିଜେ କିଣୁଛନ୍ତି। ମିଛ କାହିଁକି କହୁଛନ୍ତି ବୋଲି ତାଙ୍କୁ ପ୍ରଶ୍ନ କରାଯିବାରୁ ମୁଁ ପରେ କଥା ହେବି କହି ଫୋନ୍ କାଟି ଦେଇଥିଲେ।

## ଧାମରା ସଂଘ ପକ୍ଷରୁ କାନ୍ତକବିଙ୍କ ଜୟନ୍ତୀ ସମାରୋହ

**ରାଉରକେଲା ଅଫିସ,୧୬।୧୨**

ଉତ୍କଳ ସଂଗୀତର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଜୟନ୍ତୀ ସମାରୋହ ରବିବାର ଧାମରା ସଂଘ ପକ୍ଷରୁ ପାଳିତ ହୋଇ ଯାଇଛି। ସଙ୍ଗଠନ ଉପସଭାପତି ରତ୍ନାକର ବଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଦୀର୍ଘ ଅର୍ଦ୍ଧଶତାବ୍ଦୀର ସାଧକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତିଚାରଣ କରାଯାଇ ତାଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରାଯାଇଥିଲା। ତାଙ୍କ ଦ୍ୱାରା ରଚିତ ମାର୍ମିକ ରଚନା ସର୍ବଦା କାଳ ଜୟୀ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ମା ମାଟି ଓ ମମତାରେ ଆତ୍ମହରା କବି ଲକ୍ଷ୍ମୀକାନ୍ତଙ୍କ ମାର୍ମିକ ପ୍ରତିବେଦନ ସବୁ ବେଳେ ଅପାଶୋରା ହୋଇ ରହିବ ବୋଲି ଏଥିରେ କୁହାଯାଇଥିଲା। ଉତ୍କଳ ପ୍ରଦେଶର ଏହି ବରେଣ୍ୟ କବିଙ୍କ ପାଇଁ ସମସ୍ତେ ଗୌରବାନ୍ୱିତ ବୋଲି ମଞ୍ଚାସୀନ ଅତିଥି ମତ ପ୍ରକାଶ କରିଥିଲେ। ଏଥିରେ ସଙ୍ଗଠନ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା କହିଥିଲେ ଏହି ସ୍ୱପ୍ନଦ୍ରଷ୍ଟା ବାସ୍ତବବାଦୀ କବିଙ୍କ ପାଇଁ ଏ ମାଟିର ମଣିଷ ଆଜି ଗର୍ବିତ। ଏଥିରେ ମହେନ୍ଦ୍ର ମହାନ୍ତି, ଉପେନ୍ଦ୍ର ନାୟକ, ରବିନ୍ଦ୍ର ନାୟକ, ଶ୍ରୀବତ୍ସ କୁଅଁର, ରମାକାନ୍ତ ପରିଡା, ଆଲୋକ ବେହେରା, ଭଗବାନ ନାୟକ, ସୁଶାନ୍ତ ନାୟକ, ନକୁଳ ସାମଲ, ବାଳକୃଷ୍ଣ ସ୍ୱାଇଁ, ଅମୂଲ୍ୟ ସେଠୀ,ବଳରାମ ମଲିକ, ସରୋଜ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



ମା' ତାରିଣୀଙ୍କ ବାର୍ଷିକ ଉତ୍ସବ ଅବସରରେ ବାହାରିଥିବା କଳସ ଶୋଭାଯାତ୍ରା।

## ମା' ତାରିଣୀଙ୍କ ୧୦ମ ବାର୍ଷିକୋତ୍ସବ

**ରାଉରକେଲା ଅଫିସ,୧୬। ୨**

ରେଲୱେ କଲୋନୀଠାରେ ଥିବା ମା'ତାରିଣୀଙ୍କ ୧୦ମ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି। ସେବକ ମଣ୍ଡଳୀଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ସକାଳ ୭ ଘଟିକାରେ ବିରାଟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ୧୦୮ ମହିଳା କଳସ ମୁଣ୍ଡରେ ଧରି ପବିତ୍ର ଜଳ ଉତୋଳନ ସକାଶେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା କଲୋନୀ ପରିକ୍ରମା କରିବା ପରେ ପବିତ୍ର ଜଳ ଆଣିବା ପରେ କଳସ ସ୍ଥାପନା କରାଯାଇ ଥିଲା। ପୂଜାର୍ଚ୍ଚନା ପରେ ଘଟ ପ୍ରତିଷ୍ଠା ଆଦି ପୂଜାବିଧି ଶେଷ କରାଯାଇ ଥିଲା। ସଂଧ୍ୟାରେ ପୂଜାପାଠାଦି ସାଙ୍ଗକୁ ଭଜନ କୀର୍ତ୍ତନରେ ଅଞ୍ଚଳବାସୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

# ଶିକ୍ଷା ଅଧିକାର ନିୟମ ଲାଗୁ କର

**ରାଉରକେଲା ଅଫିସ,୧୬।୧୨**

- ଅଭିଭାବକମାନେ ତାତିଲେ
- ଅତିରିକ୍ତ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କ ମନମାନି ନେଇ ତାତିଛି ଅଭିଭାବକ ସଂଘ। କର୍ତ୍ତୃପକ୍ଷଙ୍କ ଦ୍ୱାରା ମନ ଇଚ୍ଛା ନାମ ଲେଖା ଓ ମାସିକ ଫି ବୃଦ୍ଧି ସାଙ୍ଗକୁ ବହିଖାତା ବିକ୍ରି, ଅନଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ, ବାରମ୍ବାର ଶିକ୍ଷକ ଓ ଅଧ୍ୟକ୍ଷ ପରିବର୍ତ୍ତନ ନେଇ ସୋମବାର ଗର୍ଜିଛନ୍ତି ଅଭିଭାବକମାନେ। ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଶିକ୍ଷା ଅଧିକାର ଆଇନକୁ ବେଖାତିର କରୁଥିବା ସମ୍ପର୍କରେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯାଇଛି। ଏହା ପୂର୍ବରୁ ନାମ ଲେଖାରେ ଅନିୟମିତତା ହୋଇଥିବା ଇସ୍ପାତ୍ ଇଂଲିଶ ମାଧ୍ୟମ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ବିଭାଗୀୟ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ ଜିଲା ଅଭିବାକ ସଂଘ କର୍ମକର୍ତ୍ତା। ସଂଘ ଆବାହକ ଅଭୟ ମଲ୍ଲିକ କହିଛନ୍ତି, ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷ ସଂପୂର୍ଣ୍ଣ ଭାବେ ଶିକ୍ଷା ଅଧିକାର ଆଇନକୁ ଉଲ୍ଲଂଘନ କରି କାର୍ଯ୍ୟ ପରିଚାଳନା କରୁଛନ୍ତି। ଅଭିଭାବକ ସଂଘ ଗଠନ କରିବାକୁ ପଛଘୁଞ୍ଚା ଦେବା ଏହାର ପ୍ରକୃତ ଉଦାହରଣ। କୌଣସି ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କ ଉପରେ ସରକାରଙ୍କ ନିୟନ୍ତ୍ରଣ ଥିବା ଭଳି ମନେ ହେଉନି। ଏନେଇ ଆମେ ଅଭିଭାବକ ସଂଘ ପକ୍ଷରୁ ବିଭିନ୍ନ ସମୟରେ ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ଜିଲା ଓ ବ୍ଲକ ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ ହୋଇଛୁ। ତଥାପି ଜଣଙ୍କ ବିରୋଧ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନଜୀର ନାହିଁ। ବିଭିନ୍ନ ସମୟରେ ଆମକୁ ପ୍ରତିଶ୍ରୁତି ମିଳୁଛି ପିଲାଙ୍କ ବସ୍ତାନି ବୋଝ କମିବ, କ୍ୟାମ୍ପସରେ ବହି ବିକ୍ରି କରାଯିବନି, ଅଭିଭାବକ ସଂଘ ଗଠନ କରାଯିବ, ପାଣି ଘଣ୍ଟି ବାଜିବ ଏମିତି ଅନେକ କିଛି। ହେଲେ ଏଥିରୁ ଗୋଟିଏ ବି କାର୍ଯ୍ୟକାରୀ ହୋଇନି। ଶିକ୍ଷାଅଧିକାର ଆଇନ ଅନୁସାରେ ଏସବୁ ବିଦ୍ୟାଳୟ କର୍ତ୍ତୃପକ୍ଷ ୨୦ ପ୍ରତିଶତ ଗରିବ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ କରିବା କଥା। ଯାହାକୁ ସମସ୍ତେ ଉଲ୍ଲଂଘନ କରି ଚାଲିଛନ୍ତି। ଏ ନେଇ କର୍ତ୍ତୃପକ୍ଷ ସବୁ ଜାଣିଥିଲେ ବି କାର୍ଯ୍ୟାନୁଷ୍ଠାନ ନେଉ ନାହାଁନ୍ତି। ଅଭିଭାବକ ସଂଘ ଗତ ୫ ମାସ ହେଲା ଏନେଇ ବିଭିନ୍ନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛି। ତଥାପି ଫଳ ଶୂନ। ଘରୋଇ ବିଦ୍ୟାଳୟଗୁଡିକ ଅନାବାଦି, ଜଙ୍ଗଲ କିସମ ଓ ଆରଏସ୍‌ପି ଜମିରେ ଗଢି ଉଠିଥିବା ବେଳେ ସେମାନଙ୍କୁ ବିଭାଗୀୟ କର୍ତ୍ତୃପକ୍ଷ ଘଣ୍ଟ ଘୋଡାଉଛନ୍ତି। ଏପରି ଅବସ୍ଥାରେ ଆମେ ଶେଷ ଥର ପାଇଁ ଏଡିଏମ, ବିଇଓ ବିଶ୍ରାଙ୍କୁ ଅବଗତ କରାଇଛୁ। ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଅଭିଭାବକ ସଂଘ ପକ୍ଷରୁ ଧାରଣା ଦିଆଯିବ ବୋଲି ଆବାହକ ଅଭୟ ମଲ୍ଲିକ ପ୍ରକାଶ କରିଛନ୍ତି। ଏହି ପ୍ରତିନିଧି ଦଳରେ ବିଚିତ୍ର ଦାସ, ପ୍ରସନ୍ନ ଦାସ, ରାଜେନ୍ଦ୍ର ସାହୁ, ରାଜୀବ ସ୍ୱାଇଁ, ମଧୁସୂଦନ ସାହାଣୀ, ପ୍ରଭାତ ବାରିକ ଓ ଅଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ କଳା ମଞ୍ଚ ପକ୍ଷରୁ ଜିଲାସ୍ତରୀୟ ପ୍ରତିଭା ସଙ୍ଗମ

**ରାଉରକେଲା ଅଫିସ,୧୬।୧୨**

ଅଖିଳ ଭାରତୀୟ ଜିଲାସ୍ତରୀୟ ସାଂସ୍କୃତିକ ଆୟାମ ରାଷ୍ଟ୍ରୀୟ କଳା ମଞ୍ଚ ଆନୁକୂଲ୍ୟରେ ଶନିବାର ରାଉରକେଲା ସେକ୍ଟର- ୪ ବିଶ୍ୱକର୍ମା ଭବନ ଠାରେ ସୁନ୍ଦରଗଡ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକକ ସଙ୍ଗୀତ, ନୃତ୍ୟ, ଲୋକ ନୃତ୍ୟ, ଅଭିନୟ, ନାଟକ, ରଙ୍ଗୋଲି, ଚିତ୍ରାଙ୍କନ ଓ ସ୍ୱରଚିତ କବିତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ବିଶିଷ୍ଟ ଶ୍ରମିକ ନେତା ତଥା ଆରଆଇ କେକେଏସ(ବିଏମଏସ) ସାଧାରଣ ସମ୍ପାଦକ ହିମାଂଶୁ ବଳ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ରୂପେ ଅଲ ଇଣ୍ଡିଆ ରେଡିଓ କଳାକାର ପଦ୍ମିନୀ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ସଙ୍ଗଠନର ମହାନଗର ସଭାପତି ଡ. ମିହିରରଞ୍ଜନ ମିଶ୍ର ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଏଭଳି ନିଆରା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଧାରଣା ପ୍ରଦାନ କରିଥିଲେ। ଏହି ଅବସରରେ ସଫଳ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯାଇଥିଲା। କୃତୀ ପ୍ରତିଯୋଗୀ ଭୁବନେଶ୍ୱରଠାରେ ଆସନ୍ତା ୨୬ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ନିଜ ପାରଦର୍ଶିତା ପ୍ରଦର୍ଶନ କରିବେ। ଶେଷରେ ଏମାନଙ୍କୁ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମରେ ହେମାନନ୍ଦ ଦାସ, ଅମର ମହାପାତ୍ର, ସ୍ୱଦେଶ ପଣ୍ଡା, ରୂପାଲି ଗୋଚ୍ଛାୟତ, ସୋନାଲି ବାରିକ, ଇପସିତା ରାଉତ, ସୁସ୍ମିତା ରାଉତ, ଆକାଶ ଦୀପ, ଅମନ ଝା, ବିକି ବାଗ, ଆଶିଷ ଦାସ ଓ ଲଗ୍ନଜିତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଫର୍ଟିଲାଇଜର ଟାଉନଶିପ୍ ବାସିନ୍ଦାଙ୍କ ମୌଳିକ ସମସ୍ୟା ବଢୁଛି

**ରାଉରକେଲା ଅଫିସ,୧୬।୧୨**

ଦକ୍ଷିଣ ରାଉରକେଲା ଅବସରପ୍ରାପ୍ତ ସେଲ କର୍ମଚାରୀ ସଂଘ ପକ୍ଷରୁ ଏକ ବୈଠକ ସ୍ଥାନୀୟ କଳିଙ୍ଗ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରମୋଦ ବେହେରା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସଂଘ ସାଧାରଣ ସମ୍ପାଦକ ଗୌରାଙ୍ଗ ଦାସ ଦକ୍ଷିଣ ରାଉରକେଲା ତଥା ଫର୍ଟିଲାଇଜର ଟାଉନସିପ ବାସିନ୍ଦାଙ୍କ ମୌଳିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ସେ କହିଥିଲେ, ଦକ୍ଷିଣ ରାଉରକେଲା ସମେତ ଲାଠିକଟା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲକ୍ଷାଧିକ ବାସିନ୍ଦା ଦେଓଗାଁ କୁଷ୍ଠ କଲୋନୀ ତଥା ହେକେଟ ରୋଡ ଦେଇ ରାଉରକେଲାକୁ ଯାତାୟତ କରୁଛନ୍ତି। ସଂପ୍ରତି ଏହି ରାସ୍ତା ଅବସ୍ଥା କହିଲେ ନ ସରେ। ସାଧାରଣ ଭାବେ ଏହାକୁ ମରାମତି କରିବାକୁ କର୍ତ୍ତୃପକ୍ଷ ଉଚିତ ନ ମଣିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ସେ କହିଛନ୍ତି। କର୍ମକର୍ତ୍ତା ଚାନ୍ଦମଣି ନାୟକ ଓ ମୁରଲୀ ଗୌଡ ନିଜ ବକ୍ତବ୍ୟରେ ଫର୍ଟିଲାଜର ଟାଉନସିପର ରାସ୍ତା, ବିଜୁଳି ଓ ପାନୀୟ ଭଳି ମୌଳିକ ସମସ୍ୟା ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରିଥିଲେ। ସମଗ୍ର ଟାଉନସିପରେ ଡ୍ରେନେଜ ବ୍ୟବସ୍ଥା ଭୁଶୁଡି ପଡିଥିବା ବେଳେ ଏହାର ପୁନରୁଦ୍ଧାର ଦାବି କରାଯାଇଥିଲା। ଅନେକ କ୍ୱାର୍ଟର୍ସକୁ ପାଣି ନ ଉଠିବା ଓ ପାଇଖାନା ଅଚଳ ପଡିବା ନେଇ ଏଥିରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଉପଦେଷ୍ଟା ଡାକ୍ତର ରାହାସବିହାରୀ ମହାପାତ୍ର ଫର୍ଟିଲାଇଜର ଇସ୍ପାତ ହସ୍ପିଟାଲକୁ କିପରି ସ୍ପେଶାଲିଷ୍ଟ ଡାକ୍ତର ଆସିବେ ସେନେଇ ଧ୍ୟାନ ଆକର୍ଷଣ କରିଥିଲେ। ଏ ନେଇ ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ସହର ସେବା ପ୍ରଶାସକଙ୍କ ସମେତ ଆରଏସ୍‌ପି ସିଇଓଙ୍କୁ ଭେଟି ଦାବି ଜଣାଇବାକୁ ଏଥିରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ରାହାସବିହାରୀ ଧଳ, ଗଣେଶ ବେହେରା, ନିରଞ୍ଜନ ଦାସ, ସି ଗୌରାଙ୍ଗ ପାତ୍ର, ଗୋକୁଳାନନ୍ଦ ମଲ୍ଲିକ, ବିଜୟ ଜେନା, ଆରଏନ ମହାପାତ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ସଭ୍ୟ କ୍ଷେତ୍ରବାସୀ ପୋଥାଳଙ୍କ ବିୟୋଗରେ ନୀରବ ପ୍ରାର୍ଥନା କାରଯାଇଥିଲା।

**ଓପିଜିସି ପାଉଁଶ ପୋଖରୀ ନିର୍ମାଣକୁ ବିରୋଧ**

# ବିରୋଧ ପରେ କାମ ବନ୍ଦ

**ଲଖନପୁର,୧୬।୧୨ (ଡି.ଏନ୍.ଏ.)**

- ୧୮ରେ ଗ୍ରାମବାସୀଙ୍କ ସହିତ ଜିଲାପାଳଙ୍କ ଆଲୋଚନା
- ଏନ୍‌ଜିଟି କୋର୍ଟରେ ମାମଲା ସତ୍ତ୍ୱେ ପାଉଁଶ ପୋଖରୀ ନିର୍ମାଣ କାମ ଆରମ୍ଭ

ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି)ର ନିର୍ମାଣଧୀନ ପାଉଁଶ ପୋଖରୀକୁ ପ୍ରଥମରୁ ସଂସରାଟିକ୍ରା ଗ୍ରାମବାସୀ ବିରୋଧ କରିଆସୁଛନ୍ତି। ଗ୍ରାମବାସୀଙ୍କ ଦାବି ଗ୍ରାମପାର୍ଶ୍ୱରେ ପାଉଁଶ ପୋଖରୀ ନିର୍ମାଣ ଚାଲିଛି । ଏଥିରେ ଗ୍ରାମ ପ୍ରଭାବିତ ହେବ, ବସବାସ କରିବା ସମ୍ଭବପର ହେବନାହିଁ। ଏଥିପାଇଁ ପ୍ରଥମେ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମକୁ ବିସ୍ଥାପିତ କରି ଅନ୍ୟତ୍ର ଥଇଥାନ କରନ୍ତୁ, ତାପରେ ପାଉଁଶ ପୋଖରୀ ନିର୍ମାଣ କରିବ ବୋଲି ଗ୍ରାମବାସୀଙ୍କ ଏହା ମୁଖ୍ୟ ଦାବି ରହିଛି । ଏହାକୁ କମ୍ପାନୀ କର୍ତ୍ତୃପକ୍ଷ କର୍ଣ୍ଣପାତ ନ କରି ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ନିର୍ମାଣ କାମ ଜାରି ରଖିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଜିଲାପାଳ, କମ୍ପାନୀ କର୍ତ୍ତୃପକ୍ଷ, ଏମ୍‌ପି, ଏମ୍‌ଏଲ୍‌ଏ ପ୍ରମୁଖଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏନେଇ ଗ୍ରାମର ମା ଅମ୍ବିକା ଏସ୍‌ଏଚ୍‌ଜି ଗ୍ରୁପ୍ ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି)ରେ ମାମଲା ରୁଜୁ କରିଛି। ଏନ୍‌ଜିଟି ଖଣ୍ଡପୀଠ ଏହାର ତଦନ୍ତ ପାଇଁ ଜିଲାପାଳ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତ ରିପୋର୍ଟ ଆସନ୍ତା ୨୦ତାରିଖ ମଧ୍ୟରେ ଏନ୍‌ଜିଟିରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ରହିଛି। ଏନ୍‌ଜିଟି ନିର୍ଦ୍ଦେଶକ୍ରମେ ଗତ ୧୦ତାରିଖରେ ଉପଜିଲାପାଳ ଶିବ ଟପ୍ପୋ ଓ ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ନିରଞ୍ଜନ ମଲ୍ଲିକ ନିର୍ମାଣଧୀନ ପାଉଁଶ ପୋଖରୀ କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି। ଅଦ୍ୟାବଧି ଜିଲାପାଳ ଏହାର ତଦନ୍ତ ରିପୋର୍ଟ ଏନ୍‌ଜିଟି ନିକଟରେ ଦାଖଲ କରିନାହାନ୍ତି। ଏନ୍‌ଜିଟି କୋର୍ଟରେ ମାମଲା ବିଚାରଧୀନ ରହିଛି । ଏଭଳି ସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ସହିତ କୌଣସି ଆଲୋଚନା ନକରି ସଶସ୍ତ୍ର ପୋଲିସ୍ ବାହିନୀ ଉପସ୍ଥିତିରେ ସୋମବାର ପାଉଁଶ ପୋଖରୀ ନିର୍ମାଣ କାମ ଆରମ୍ଭ କରିଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ। ଏ ନେଇ ଉପଜିଲାପାଳ ଟପ୍ପୋ ଅଧ୍ୟକ୍ଷତାରେ ଗ୍ରାମରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଏସ୍‌ପି ଏନ୍.ସି.ଦଣ୍ଡସେନା,ଏସ୍‌ଡିପିଓ ଦିଲୀପ ଦାସ, ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁ, ଜିଲା ପରିଷଦ ସଭ୍ୟ ସାମଲ ନାଏକ, ସରପଞ୍ଚ ଠଣସୁନ୍ଦର ସାହୁ, ସମୀର ମିଶ୍ର, ଓପିଜିସି ଅଧିକାରୀ ପ୍ରଦୀପ ପାତ୍ର,ଏନ୍.ଏନ୍. ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ମା ଅମ୍ବିକା ଏସ୍‌ଏଚ୍‌ଜି ଗ୍ରୁପ୍ ସଭାପତି ଲିଲି ସେଠ୍, ସମ୍ପାଦିକା ତୁଳସୀ ସେଠ୍ ଓ ଗୌତମ ସେଠ୍ ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ବୈଠକରେ ଗ୍ରାମବାସୀ ପୂର୍ବଦାବିକୁ ପୁଣି ଦୋହରାଇ କହିଥିଲେ ଯେ, ପ୍ରଥମେ ଗ୍ରାମକୁ ବିସ୍ଥାପିତ କରି ଅନ୍ୟତ୍ର ଥଇଥାନ କରାଯାଉ, ତାପରେ ପାଉଁଶ ପୋଖରୀ ନିର୍ମାଣ କରାଯିବ । ଯଦି ଏହା କରା ନ ଯିବ ତାହାଲେ ଏନ୍‌ଜିଟି କୋର୍ଟର ରାୟ ପ୍ରକାଶ ପାଇବା ପରେ ଯାହା କିଛି ହେବ ବୋଲି ଗ୍ରାମବାସୀ କହିଥିଲେ । ଯଦି କମ୍ପାନୀ ବଳପୂର୍ବକ ନିର୍ମାଣ କାମ ଆରମ୍ଭ କରିବ ତହାଲେ କଡା ବିରୋଧ କରାଯିବ । ଏଥିପାଇଁ ଆବଶ୍ୟକତା ପଡିଲେ ଗ୍ରାମବାସୀ ଜେଲଯିବା ସହିତ ଜୀବନ ଦେବା ପାଇଁ ପ୍ରସ୍ତୁତ ରହିଛନ୍ତି ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ବୈଠକରେ ଉପଜିଲାପାଳ ଟପ୍ପୋ କହିଥିଲେ ଓପିଜିସି ହେଉଛି ସରକାରୀ ସଂସ୍ଥା । ସରକାରଙ୍କ ନିର୍ଦ୍ଦେଶ ରହିଛି ଲୋକଙ୍କ ବିରୋଧ ସତ୍ତ୍ୱେ ଏଠାରେ ପାଉଁଶ ପୋଖରୀ ନିର୍ମାଣ ହେବ। ଏହାକୁ କେହି ବନ୍ଦ କରିପାରିବେ ନାହିଁ। ଏନ୍‌ଜିଟିରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନ୍‌ଜିଟି ତରଫରୁ ନିର୍ମାଣ କାମ ବନ୍ଦ କରିବାପାଇଁ କୌଣସି ନିର୍ଦ୍ଦେଶ ନାହିଁ ବୋଲି ସେ କହିଥିଲେ। ଏନେଇ ଉପଜିଲାପାଳ ଗ୍ରାମବାସୀ ଦାବିକୁ ନେଇ ଜିଲାପାଳଙ୍କୁ ଜଣାଇଥିଲେ । ଆସନ୍ତା ୧୮ତାରିଖରେ ଗ୍ରାମବାସୀଙ୍କ ସହିତ ଜିଲାପାଳ ଆଲୋଚନା କରିବେ । ଆଲୋଚନା ପର୍ଯ୍ୟନ୍ତ ନିର୍ମାଣ କାମ ବନ୍ଦ ରଖିବାକୁ ଗ୍ରାମବାସୀ ଦାବି କରିଥିଲେ । ଏଥିରେ ଉପଜିଲାପାଳ ସହମତି ପ୍ରକାଶ କରି ନିର୍ମାଣ କାମକୁ ବନ୍ଦ କରିଛନ୍ତି।



ଗ୍ରାମରେ ଚାଲିଥିବା ତ୍ରିପାକ୍ଷିକ ବୈଠକ।




ସଶସ୍ତ୍ର ପୋଲିସ ଉପସ୍ଥିତିରେ ନିର୍ମାଣ କାମ ଚାଲିଛି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୭ ଡିସେମ୍ବର, ୨୦୧୯



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।
- ଗୀତା



## ସଂକ୍ଷେପରେ

### କ୍ଷମା ମାଗିଲେ ଦୁଇ ରୋଡ୍ ରୋମିଓ

ବ୍ରଜରାଜନଗର,୧୬।୧୨(ଡି.ଏନ.ଏ.) ଝାରସୁଗୁଡ଼ା ଜିଲା ଗାନ୍ଧିଛକ ଫାଣ୍ଡି ଅନ୍ତର୍ଗତ ଏକ ସ୍କୁଲ ପାଖରେ ଦୁଇ ଜଣ ଛାତ୍ରୀଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ଦୁଇ ଅଭିଯୁକ୍ତ ପୋଲିସକୁ କ୍ଷମା ମାଗିଛନ୍ତି। ଦୁଇ ଛାତ୍ର ସେମାନଙ୍କ ପରିବାର ଲୋକଙ୍କୁ କହିବା ପରେ ପରିବାର ଲୋକେ ଅଭିଯୁକ୍ତ ଦ୍ୱୟଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ଉଭୟ ପକ୍ଷକୁ ଡାକି ଘଟଣାର ସମାଧାନ କରିଛି। ଭବିଷ୍ୟତରେ ଆଉ ଏଭଳି ଭୁଲ୍ କରିବେ ନାହିଁ ବୋଲି ମଧ ଦୁଇ ଅଭିଯୁକ୍ତ ପୋଲିସକୁ ଲିଖିତ ପ୍ରତିଶ୍ରୁତି ଦେବା ସହିତ କ୍ଷମା ମାଗିଛନ୍ତି।

### ହେଲମେଟ୍ ପିନ୍ଧି ମଧ ଜୀବନ ଗଲା ଟ୍ରକ୍‌କୁ ପିଟିଲା ବାଇକ୍

କୋଲାବିରା,୧୬।୧୨(ଡି.ଏନ.ଏ.) ଝାରସୁଗୁଡା ଜିଲା କୋଲାବିରା-ସମାସିଂହା ରାସ୍ତାର ସମାସିଂହା କଲୋନିପଡା ନିକଟରେ ସୋମବାର ସନ୍ଧ୍ୟା ସାଢେ ୬ଟାରେ ଦୁଘଟଣା ଘଟିଛି। ରାସ୍ତା କଡରେ ଅଚଳ ହୋଇ ଠିଆ ହୋଇଥିବା ଏକ ଟ୍ରକ୍ ପଛରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ବକ୍ସମା ଅନ୍ତର୍ଗତ ଠାକୁରପଦା ନିକ୍ତିମାଲ ଗ୍ରାମର ରତଣୀ ନିଖଣ୍ଡଆ(୨୪)। ତେବେ ସେ ହେଲମେଟ ପିନ୍ଧିଥିଲେ ସୁଦ୍ଧା ବଞ୍ଚି ପାରି ନାହାନ୍ତି। ସେ ତାଙ୍କ ଶ୍ୱଶୁର ଘର ସୋଢାମାଲରେ ରହି ବେଦାନ୍ତ କମ୍ପାନୀରେ କାର୍ଯ୍ୟ କରନ୍ତି। ସବିଦିନ ପରି ସୋମବାର ଡ୍ୟୁଟି ସାରି ସୋଡାମାଲ ଫେରୁଥିବା ସମୟରେ ଏହି ଅଘଟଣ ଘଟିଛି। କୋଲାବିରା ପୋଲିସ ଏବଂ ଦମକଳ ବାହିନୀ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିବା ପରେ ଉଦ୍ଧାର କରି ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ କୋଲାବିରା ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଟ୍ରେଲର୍-ବାଇକ ଧକ୍କା, ୨ ଆହତ

ବେଲପାହାଡ଼,୧୬।୧୨ (ଡ଼ି.ଏନ୍.ଏ.) ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଧୀନ ଗୁମାଡ଼େରା ମଙ୍ଗଳାମନ୍ଦିର ନିକଟରେ ଗତ ରବିବାର ରାତିରେ ଏକ ଟ୍ରଲର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିଜୟ ସ୍ୱାଇଁ ଓ ଚିକନ ସ୍ୱାଇଁ । ଉଭୟେ ଓଡ଼ି ୨୩ଏ-୯୬୪୪ ନମ୍ବର ବିଶିଷ୍ଟ ବାଇକରେ ଟିଆର୍ଏଲ କଲୋନୀ ଆଡ଼କୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରଲର୍ ସେମାନଙ୍କୁ ଧକ୍କା ହୋଇଥିଲା । ଗୁରୁତର ବିଜୟ ଓ ଚିକନଙ୍କୁ ପୌରପରିଷଦ ଆମ୍ବୁଲାନ୍ସ ଯୋଗେ ବୁର୍ଲା ପଠାଯାଇଛି । ଦୁର୍ଘଟଣା ଖବର ପାଇଲା ପରେ ପୋଲିସ ସୋମବାର ସକାଳେ ରାସ୍ତାରେ ପଡ଼ିଥିବା ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି । ଦୁର୍ଘଟଣା ଘଟାଇଥିବା ଟ୍ରଲର୍ ଜବତ ହୋଇନାହିଁ । ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇନାହିଁ।

### ସମ୍ପନ୍ନ ହେଲା ନୃସିଂହ ପୂଜା ମହୋତ୍ସବ

ବେଲପାହାଡ଼,୧୬।୧୨ (ଡ଼ି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳ ୧୨ ନମ୍ବର ୱାର୍ଡ଼ ଛୁଆଲିବେର୍ଣ୍ଣା ଗାଁରେ ନୃସିଂହ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ଗୁରୁବାରରୁ ପୂଜା ମଣ୍ଡପରେ ନୃସିଂହ ଦେବତାଙ୍କ ପୂଜା ଆରମ୍ଭ ହୋଇଥିଲା। ରବିବାର ରାତିରେ ପୂଜା ସମାପନ ହୋଇଥିଲା । ପୂଜା ଅବସରରେ ଗତ ୩ଦିନ ଧରି ଦୈତ୍ୟ ରାଜା ହିରଣ୍ୟକଶ୍ୟପଙ୍କ ରାଜ ଦରବାର ବସିଥିଲା। ପ୍ରତ୍ୟହ ସନ୍ଧ୍ୟାରେ ଦରବାରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଯଜ୍ଞ ମଣ୍ଡପରେ ସଂଚାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ରବିବାର ସନ୍ଧ୍ୟାରେ ନୃସିଂହ ଭଗବାନଙ୍କ ହାତରେ ହିରଣ୍ୟକଶ୍ୟପଙ୍କ ବଧ ହୋଇଥିଲା । ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଇବ୍‌ଭ୍ୟାଲି କୋଇଲା କ୍ଷେତ୍ର ମହାପ୍ରବନ୍ଧକ ମଧୁସୂଦନ ଶର୍ମା ମୁଖ୍ୟ ଅତିଥି ଏବଂ ବେଲପାହାଡ଼ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ।

# ଜାନୁୟାରୀ ୨୭ରୁ ‘ଯତ୍‌ରା’

ସୁନ୍ଦରଗଡ,୧୬।୧୨(ଡି.ଏନ୍.ଏ.)

ଆସନ୍ତା ଜାନୁୟାରୀ ୨୭ରୁ ସୁନ୍ଦରଗଡ ଜିଲା ସାଂସ୍କୃତିକ ମହୋତ୍ସବ-ଯତ୍‌ରା ଅନୁଷ୍ଠିତ ହେବ। ଏହା ୩୧ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ସ୍ଥାନୀୟ ଭବାନୀ ଭବନ ପଡିଆଠାରେ ଚାଲିବ। ସୋମବାର ସ୍ଥାନୀୟ ପ୍ରଗତି ମଣ୍ଡପଠାରେ ଅନୁଷ୍ଠିତ ଜିଲା ସଂସ୍କୃତି ପରିଷଦର ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ଜିଲାପାଳ ନିଖିଲ ପବନ କଲ୍ୟାଣ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ସବୁବର୍ଷ ପରି ଚଳିତ ବର୍ଷ ମଧ ଏହି ମହୋତ୍ସବ ଯତରାକୁ ଯେଭଳି ଅଧିକ ଆକର୍ଷଣୀୟ କରାଯାଇପାରିବ ସେ ନେଇ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଯତ୍‌ରା ମହୋତ୍ସବରେ ହେବାକୁ ଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା, ଚିତ୍ରକଳା ପ୍ରଦର୍ଶନୀ, ସାହିତ୍ୟ ଆଲୋଚନା ଚକ୍ର, ସ୍ମରଣିକା ପ୍ରକାଶନ ନିମନ୍ତେ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଜିଲାପାଳ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଏଥି ସହିତ ଜିଲା ସମେତ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ବିଭିନ୍ନ କଳାକାର ଦଳ, ଅତିଥିମାନଙ୍କ ରହଣୀ ବ୍ୟବସ୍ଥା, ଖାଦ୍ୟପେୟ ଓ ଶାନ୍ତିଶୃଙ୍ଖଳା ତଥା ଟ୍ରାଫିକ ନିୟନ୍ତ୍ରଣ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚରେ ହେବାକୁ ଥିବା ଏହି ସାଂସ୍କୃତିକ ମହୋତ୍ସବରେ ଶିକ୍ଷା, ନାରୀ ସଶକ୍ତିକରଣ, ନାରୀ ସୁରକ୍ଷା, ପ୍ଲାଷ୍ଟିକ ବର୍ଜନ, ଜଙ୍ଗଲ ଓ ପରିବେଶର ସୁରକ୍ଷା, ଶିଶୁ ସୁରକ୍ଷା, ସଡକ ସୁରକ୍ଷା ଆଇନ୍ ସଂପର୍କୀତ ସଚେତନତାମୂଳକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ମହୋତ୍ସବରେ ୨ଶହ ଷ୍ଟଲ ଲାଗିବ।

ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ଅନୀଲ କେରକେଟା ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ବିବରଣୀ ପାଠ କରିଥିଲେ । ବୈଠକରେ ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ଡିଆର୍‌ଡିଏ ଅତିରିକ୍ତ ପିଡି ବିଶ୍ୱରଞ୍ଜନ ରଥ, ଓରମାସର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ସାମୁଏଲ ଟପ୍ପୋ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡଃ ସରୋଜ କୁମାର ମିଶ୍ର, ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ଜିଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ, ଜିଲା ପରିବହନ ଅଧିକାରୀ ରାମନିବାସ ସିରିକା, ସଦର ଏସ୍‌ଡିପିଓ ମଧୁଶିକ୍ତା ମିଶ୍ର, ଟାଉନ ଥାନା ଆଇଆଇସି ବିଭିସ ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ବରିଷ୍ଠ ସାହିତ୍ୟିକ ଗିରି ଦଣ୍ଡସେନା, ଡାଃ ଅନନ୍ତ ଆଚାର୍ଯ୍ୟ, ଚଳଚ୍ଚିତ୍ର ଓ ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ ଭୋଳ, କଳାୟତନ ଅଧ୍ୟକ୍ଷ ଶୀତଳ ମହାପାତ୍ରଙ୍କ ସମେତ ବିଭିନ୍ନ ବିବାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ସଂସ୍କୃତି ପରିଷଦର ସଦସ୍ୟମାନେ ଯୋଗ ଦେଇଥିଲେ।



ସ୍ଥାନୀୟ ପ୍ରଗତି ମଣ୍ଡପଠାରେ ଜିଲା ସାଂସ୍କୃତିକ ମହୋତ୍ସବ ଯତ୍‌ରା-୨୦୨୦ ପ୍ରସ୍ତୁତି ବୈଠକରେ ଜିଲାପାଳ ନିଖିଲ ପବନ କଲ୍ୟାଣ ଓ ଅନ୍ୟମାନେ।

## ୱେସ୍କୋ ଡିଭିଜନ ଅଫିସ ସମ୍ମୁଖରେ ଗଣଧାରଣା

ସୁନ୍ଦରଗଡ,୧୬।୧୨ (ଡି.ଏନ୍.ଏ.)

ବେଆଇନ ନିଯୁକ୍ତି ବନ୍ଦ କରିବା, କାର୍ଯ୍ୟରତ କର୍ମଚାରୀଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପଦୋନ୍ନତି ଓ ଅନ୍ୟାନ୍ୟ ୫ ଦଫା ଦାବି ନେଇ ଓଡିଶା ରାଜ୍ୟ କର୍ମଚାରୀ ସଂଘ ରାଉରକେଲା-ସୁନ୍ଦରଗଡ ଶାଖା ତରଫରୁ ସୋମବାର ସ୍ଥାନୀୟ ୱେସ୍କୋ ଡିଭିଜନ ଅଫିସ ସମ୍ମୁଖରେ ବିଦ୍ୟୁତ୍ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ଗଣଧାରଣା ଆରମ୍ଭ କରିଛନ୍ତି। ସଂଘର ସଭାପତି ରଜନୀକାନ୍ତ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ ଡିଭିଜନ ଶାଖାର ଜୋନାଲ ସଂପାଦକ ବିଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ କର୍ମଚାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ଏହି ଗଣଧାରଣାରେ ସାମିଲ ହୋଇଛନ୍ତି। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, କାର୍ଯ୍ୟରତ କର୍ମଚାରୀମାନଙ୍କୁ କୌଣସି ସୁରକ୍ଷା ସାମଗ୍ରୀ ପ୍ରଦାନ କରା ନ ଯିବା ଯୋଗୁ କର୍ମଚାରୀମାନେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଣୁ କର୍ମଚାରୀମାନଙ୍କୁ ସୁରକ୍ଷା ସାମଗ୍ରୀ ପ୍ରଦାନ କରାଯାଉ। ସିକ୍ୟୁରିଟି ଏଜେନ୍ସିର ସମସ୍ତ ବେଆଇନ୍ ନିଯୁକ୍ତି ବନ୍ଦ କରାଯାଉ। ସମସ୍ତ ବିଦ୍ୟୁତ୍ ସେକ୍ସନରେ ଡ୍ୟୁଟି ଚାର୍ଟ ପ୍ରଦାନ କରାଯାଉ। ଦୀର୍ଘ ଦିନରୁ ପଦୋନ୍ନତିରୁ ବଞ୍ଚିତ ବିଦ୍ୟୁତ କର୍ମଚାରୀମାନଙ୍କୁ ପଦୋନ୍ନତି ଦିଆଯାଉ। ଏହାସହ ଅସାଧୁ ଉପାୟରେ ହେଉଥିବା ନିଯୁକ୍ତିକୁ ବନ୍ଦ କରିବା ଆଦି ଦାବି କରାଯାଇଛି । ଦାବୀ ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଗଣଧାରଣା ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।





୫ଦଫା ଦାବି ନେଇ ସୁନ୍ଦରଗଡ଼ ୱେସ୍କୋ ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ଆଗରେ ଓଏସ୍‌ଇବି ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଗଣଧାରଣା ଦିଆଯାଇଛି।

## ୧୦୮ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ହରିଦ୍ୱାରରୁ ଅଣାଯାଇଥିବା କୁମ୍ଭକୁ ସ୍ୱାଗତ ସମ୍ବର୍ଦ୍ଧନା

ସୁନ୍ଦରଗଡ,୧୬।୧୨ (ଡି.ଏନ.ଏ.)

ସ୍ଥାନୀୟ ସରକାରୀ କଲେଜ ପଡିଆଠାରେ ଆସନ୍ତା ଏପ୍ରିଲ ୯ ତାରିଖଠାରୁ ୧୨ ତାରିଖ ପର୍ଯ୍ୟନ୍ତ ୧୦୮ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ହରିଦ୍ୱାର ଗାୟତ୍ରୀ ପୀଠରୁ ୪ଟି କୁମ୍ଭ ଅଣାଯାଇଛି। ସୋମବାର ସୁନ୍ଦରଗଡରେ ଏହା ପହଞ୍ଚିବା ପରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ହସ୍ପିଟାଲ ଛକଠାରେ ସ୍ଥାନୀୟ ଗାୟତ୍ରୀ ପରିବାରର ବରିଷ୍ଠ ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରଶାସକ ଯୋଗେଶ୍ୱର ମାଝି, ପତଞ୍ଜଳି ଯୋଗ ସମତି ଓ ଗାୟତ୍ରୀ ପରିବାରର ସଦସ୍ୟ ତଥା ନାଗରିକମାନେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

ସୁନ୍ଦରଗଡ ତଥା ପଡୋଶୀ ଝାରସୁଗୁଡା ଜିଲାର ୨ ଶହରୁ ଅଧିକ ଗାୟତ୍ରୀ ପରିବାରର ମହିଳା ଓ ପୁରୁଷ ସଦସ୍ୟ ହରିଦ୍ୱାର ଯାଇଥିଲେ। ସେଠାରୁ ଗଙ୍ଗାନଦୀରୁ ଗଙ୍ଗାଜଳରେ ପୂର୍ଣ୍ଣ ହୋଇଥିବା କଳସକୁ ଗାୟତ୍ରୀ ପୀଠରେ ପୂଜାର୍ଚ୍ଚନା ଓ ଅଭିମନ୍ତ୍ରିତ କରି ଅଣାଯାଇଥିଲା। ଏଥିରେ ସ୍ଥାନୀୟ ଗାୟତ୍ରୀ ପରିବାରର ସଂଯୋଜିକା ସ୍ନେହଲତା ପଟେଲ, ମୁଖ୍ୟ ଟ୍ରଷ୍ଟି ସଚ୍ଚିନ୍ଦ୍ର କୁମାର ଗୋଖରା, ଉପଦେଷ୍ଟା ଜନ୍ମେଜୟ ମହାପାତ୍ର, ଉପେନ୍ଦ୍ର ମିଶ୍ର, ଜ୍ଞାନେନ୍ଦ୍ର ନାଏକ, ବିଜୟା ନାଏକ, ସଂଯୁଲତା ନାଏକ ପ୍ରମୁଖ ଭାଗ ନେଇଥିଲେ।





ସୁନ୍ଦରଗଡ଼ ହସ୍ପିଟାଲ ଛକରେ ହରିଦ୍ୱାର ଗାୟତ୍ରୀ ପୀଠରୁ ଆସିଥିବା କୁମ୍ଭକୁ ସ୍ୱାଗତ କରାଯାଉଛି।

## ବିଶାଶହେ କୁଳିତା ସମାଜର ବାର୍ଷିକ ବୈଠକ

ହେମଗିର, ୧୬।୧୨ (ଡି.ଏନ.ଏ)

ବିଶାଶହେ କୁଳିତା ସମାଜର ତୁଲିଙ୍ଗାମ ଆଞ୍ଚଳିକ କମିଟି ପକ୍ଷରୁ କାଠଫାଲିଠାରେ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଇଷ୍ଟଦେବୀ ମାଁ ରାମଚଣ୍ଡୀଙ୍କର ପୂଜାର୍ଚ୍ଚନା ପରେ ବୈଠକ ଆରମ୍ଭ କରାଯାଇଥିଲା । ଏଥିରେ ଚକ୍ରା ପୀଠର କେନ୍ଦ୍ରୀୟ କମିଟି ପକ୍ଷରୁ ହୁକୁମଲାଲ ସା, ଲଳିତ ସାହୁ, ହରିଶ୍ଚନ୍ଦ୍ର ପଧାନ, ବିନୋଦ ବେହେରା, ରୁଦ୍ର ପଧାନ, କେଶବ ଖମାରୀ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ସୁରଥ କୁମାର ପଧାନ ସଭାପତିତ୍ୱ କରିଥିଲେ । ସଭାରେ ଆଞ୍ଚଳିକ କମିଟିର ସମ୍ପାଦକ ବଳରାମ ପଧାନ ବାର୍ଷିକ ବିବରଣୀ ପଠନ କରିଥିଲେ । ଏହି ଅବସରରେ ସାମାଜିକ ରୀତିନୀତି, ଚାଲିଚଳଣୀ, ବିବାହ, ଶୁଦ୍ଧିକ୍ରିୟା ଉପରେ ସୁଧାର ଆଣିବା ସଙ୍ଗେ ସଙ୍ଗେ ଏ ସବୁକୁ ପରିମାର୍ଜିତ କରିବା ଉପରେ ଆଲୋଚନା କରାଯାଇଥିଲା। ବିଶାଶହେ ସମାଜର ସଂସ୍କାର, ଶିକ୍ଷା ଓ ଅର୍ଥନୈତିକ କ୍ଷେତ୍ରରେ କିପରି ଅଭିବୃଦ୍ଧି ଘଟିବ ସେ ଦିଗରେ ଗୁରୁତ୍ୱ ଦିଅଯାଇଥିଲା। ଏହି ବୈଠକରେ କମିଟିର ଉପସଭାପତି ଡିଳେଶ୍ୱର ଭୋଇ, ହସ୍ତରାମ ପଧାନ, ଉମେଶ ପଧାନ, ଲିଙ୍ଗରାଜପଧାନ, ଆନନ୍ଦ ଭୋଏ, ଭାଗବତିଆ ଭୋଏ, ଅରୁଣ ବିଶ୍ୱାଳଙ୍କ ସମେତ ବିଶାଶହେ ସମାଜର ଲୋକେ ଉପସ୍ଥିତ ଥିଲେ ।

## ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ ଆନ୍ତଃ ଜିଲାକୁ ଗଲେ ୭୦ ଜଣ

ସୁନ୍ଦରଗଡ,୧୬।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏହି କ୍ରୀଡା ପ୍ରତିଯୋଗିତାରେ ଜିଲାର ବିଭିନ୍ନ ଅଞ୍ଚଳରୁ ୨୫୦ରୁ ଅଧିକ ଖେଳାଳି ଅଂଶ ଗ୍ରହଣ କରି ଦୌଡ, ଡିସ୍କସ୍, ସଟ୍‌ପୁଟ୍, ଜାଭେଲିନ୍ ଥ୍ରୋ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ ଓ ୧୧୦ ମିଟର ହର୍ଡଲସ୍ ରେସରେ ଭାଗ ନେଇଥିଲେ। ଏଥିରୁ ୭୦ ଜଣ ପ୍ରତିଯୋଗୀ କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୨୮ରୁ ୩୦ ତାରିଖ ଯାଏ ହେବାକୁ ଥିବା ଆନ୍ତଃ ଜିଲା ଖେଳକୁଦ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନିତ ହୋଇଛନ୍ତି ବୋଲି ଜିଲା କ୍ରୀଡା ସଂସଦର ଆଥ୍‌ଲେଟିକ ସଂପାଦକ ଅଜୟ କୁମାର ବହିଦାର ଜଣାଇଛନ୍ତି। ତେବେ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଆଥ୍‌ଲେଟିକ କୋଚ୍ ସୁସ୍ମିତା ଦତ୍ତ, ସାଇ କ୍ରୀଡା ଛାତ୍ରାବାସର ଇନଚାର୍ଜ ଉମାପ୍ରସାଦ ରାଓ, ରାଜେନ୍ଦ୍ର ସିଂ, ହିମାଂଶୁ ପଟେଲ, ଚିନ୍ତାମଣି ବନଛୋର, ବିଶ୍ୱରଂଜନ ପୁରୋହିତ, ସୁରେଶ ଗର୍ଡିଆ, ବିନୁଲତା ରାଉତ, ଅର୍ଜୁନ ପଟେଲ, ମଞ୍ଜୁ ପଟେଲ, ଦାମୋଦର ସା, ସୁନୀଲ ପଟେଲ, ଆଲେନା ଏକ୍କା ପ୍ରମୁଖ ପରିଚାଳନା କରିଥିଲେ। ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ।

## ରମେଶ ହାଁସଦା ଲେଫ୍ରିପଡ଼ା ବିଡିଓ

ଲେଫ୍ରିପଡା,୧୬।୧୨(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍‌ର ବିଡିଓ ଭାବେ ରମେଶ ହାଁସଦା ସୋମବାର ଯୋଗ ଦେଇଛନ୍ତି। ବ୍ଲକ୍ ଅଧ୍ୟକ୍ଷା କାମିନୀ କାଲୋ ଏବଂ ବ୍ଲକ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ତାଙ୍କୁ ଫୁଲତୋଡା ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ବିଡିଓ ସମସ୍ତଙ୍କୁ ଫିଟ୍‌ନେସ୍‌ର ସଫଳତାମନ୍ତ୍ର ପ୍ରଦାନ କରିଥିଲେ। ଖାଦ୍ୟପେୟରେ ସଂଯମତା ରକ୍ଷା କରି ନିଜର ସ୍ୱାସ୍ଥ୍ୟ ସୁସ୍ଥ ରହିଲେ ସମସ୍ତେ ଦେଶ ସେବା ଦିଗରେ ସୁଚାରୁ ରୂପେ କାମ କରିପାରିବା ବୋଲି କହିଥିଲେ। ଅନ୍ୟପକ୍ଷରେ ଏଠାରେ ତହସିଲଦାର ପଦବୀ ମଧ ଖାଲି ରହିଥିବାରୁ ସେ ନିଜ ପଦବୀ ସହ ଅତିରିକ୍ତ ଭାବେ ତହସିଲଦାର ଦାୟିତ୍ୱ ମଧ ତୁଲାଇବେ। ଏଣୁ ତହସିଲ କାର୍ଯ୍ୟାଳୟରେ ମଧ ସମସ୍ତ କର୍ମଚାରୀ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ କୋଇଡା ବ୍ଲକ୍‌ରେ ସେ କାର୍ଯ୍ୟରତ ଥିଲେ। ଏଠାରେ ବିଡିଓ ଥିବା ପଲ୍ଲବୀରାଣୀ ରାଜ୍‌ଙ୍କ କୋଇଡା ବ୍ଲକ୍‌କୁ ବିଡିଓ ଭାବେ ବଦଳି ହୋଇଛି।

## ବସ୍ ପଛରେ ପିଟି ହେଲା ବାଇକ୍ ଜଣେ ମୃତ, ୨ ଗୁରୁତର

ରାଜଗାଙ୍ଗପୁର, ୧୬।୧୨ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଦେଇ ଯାଇଥିବା ୧୦ ନମ୍ବର ରାଜ୍ୟ ରାଜପଥ ତଥା ବିଜୁ ଏକ୍ସପ୍ରେସ ୱେର ଜାମପାଲିରେ ସୋମବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ରାସ୍ତା କଡରେ ଛିଡା ହୋଇଥିବା ‘ଜୟମାତାଦୀ’ ନାମକ ଏକ ଯାତ୍ରୀବାହୀ ବସ୍ (ନଂ. ଓଡି ୧୬ ବି- ୯୫୫୦) ପଛରେ ଗୋଟିଏ ବାଇକ୍ (ନଂ. ଓଡି ୧୫ ଏନ-୩୬୫୪) ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣକର ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତ। ମୃତକ ହେଲେ ସମ୍ବଲପୁର ଜିଲା ବାମରା ନିକଟ ଡୁମେରମୁଣ୍ଡାର ରଜନିସ ଗୁଡିଆ। ସେହିଭଳି ଗୁରୁତର ଦ୍ୱୟ ମଧ ହେଉଛନ୍ତି ବାମରା ନିକଟ ବରିହା ଗଡ଼ପୋଷର ମଞ୍ଜିତ କାଣ୍ଡୁଲନା ଓ ଆନନ୍ଦ କାଣ୍ଡୁଲନା। ସୂଚନା ଅନୁସାରେ, ବସ୍‌ଟି ସୁନ୍ଦରଗଡରୁ ରାଉରକେଲା ଅଭିମୁଖେ ଯାଉଥିବା ବେଳେ ରାଜଗାଙ୍ଗପୁରର ପୂର୍ବ ବସଷ୍ଟାଣ୍ଡ ଜାମପାଲିଠାରେ ଛିଡା ହୋଇଥିଲା। ଏହି ସମୟରେ ବାଇକ୍‌ରେ ଯାଉଥିବା ରଜନିସ, ମଞ୍ଜିତ ଓ ଆନନ୍ଦ ବସ୍ ପଛରେ ପିଟି ହୋଇଯାଇଥିଲେ। ଫଳରେ ବାଇକ୍‌ଟି ବସ୍ ତଳେ ପଶି ଯାଇଥିଲା। ବାଇକ ଚାଳକ ରଜନିସଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହେବା ସାଙ୍ଗକୁ ଗୁରୁତର ହୋଇପଡିଥିଲେ। ତାଙ୍କ ସହ ବାଇକ୍‌ରେ ବସିଥିବା ମଞ୍ଜିତ ଓ ଆନନ୍ଦଙ୍କ ଅବସ୍ଥା ମଧ ଗୁରୁତର ହୋଇ ପଡିଥିଲା । ଖବର ପାଇ ରାଜଗାଙ୍ଗପୁର ଥାନାର ପୋଲିସ ଅଧିକାରୀ ଗୋକୁଳାନନ୍ଦ ସାହୁ ଘଟଣା ସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ । ସେଠାରୁ ସେମାନଙ୍କୁ ରାଉରକେଲା ଆର୍‌ଜିଏଚ୍‌କୁ ସ୍ଥାନାନ୍ତର କରାଯାଇଥିଲା।

## ବାଉଁସେନ ଗ୍ରାମ ଜଙ୍ଘା ମନ୍ଦିରରେ ବାର୍ଷିକ ପୂଜା ମହୋତ୍ସବ



ଜଙ୍ଘା ବଡଦେଓଙ୍କୁ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

ବଡଗାଁ, ୧୬।୧୨ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ତୁଡାଲଗା ପଞ୍ଚାୟତର ବାଉଁସେନ ଗ୍ରାମରେ ଥିବା ଜଙ୍ଘା ବଡଦେଓଙ୍କ ମନ୍ଦିରରେ ସୋମବାର ବାର୍ଷିକ ପୂଜା ମହୋତ୍ସବ ପାଳିତ ହୋଇଛି । ମଧ୍ୟାହ୍ନରେ ସମାଜ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସାମାଜିକ ପତାକା ଉତ୍ତୋଳନ କରାଗଲା ପରେ କଳସ ଶୋଭାଯାତ୍ରା ହୋଇଥିଲା। ଏହାପରେ ଜଙ୍ଘାବଡଦେଓଙ୍କ ବିଶେଷ ପୂଜାର୍ଚ୍ଚନା କରି ମଣ୍ଡପକୁ ଅଣାଯାଇଥିଲା । ସେଠାରେ ଶ୍ରଦ୍ଧାଳୁମାନେ ଦର୍ଶନ କରିବା ପରେ ବଡଦେଓଙ୍କୁ ନଗର ପରିକ୍ରମା କରାଯାଇଥିଲା । ଜଙ୍ଘା ମନ୍ଦିରର ପୂଜକ ଗୌତମ ନାଏକ ପୂଜା କାର୍ଯ୍ୟ କରିଥିଲା ବେଳେ ରଞ୍ଜନ ପ୍ରଧାନ ଓ ତାଙ୍କ ପତ୍ନୀ ହରିପ୍ରିୟା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଗୋକୁଳ ଭୋଇ, କ୍ଷେତ୍ରବର ନାଏକ, ପର୍ଶୁରାମ ଧରୁଆ, କେଶବ ନାଏକ, ଜ୍ୟୋତିବିହାରୀ ବରିହା, ଘନଶ୍ୟାମ ଭୋଇ, ଚୁଡାମଣୀ ଧରେଇ, ଉପେନ୍ଦ୍ର ବରିହାଙ୍କ ସମତେ ଗୋଁଡ ସମାଜର କର୍ମକର୍ତ୍ତା ବିଭିନ୍ନ କାର୍ଯ୍ୟଭାର ତୁଲାଇଥିଲେ । ଏହି କାର୍ଯ୍ୟକ୍ରମରେ ସମାଜର ଲୋକେ ଯୋଗଦେଇ ଆଶୀର୍ବାଦ ନେଇଥିଲେ।

## ନିର୍ଭୟରେ ରାସ୍ତାକଡ଼ରୁ ମୋରମ ଚୋରା ଚାଲାଣ

କୋଲାବିରା,୧୬।୧୨(ଡି.ଏନ.ଏ.)

- ସହଯୋଗ କରୁଛି ରାଜସ୍ୱ ବିଭାଗ
- ରାଜସ୍ୱ ହାନି ହେଉଛି
- ମୋରମ ଖୋଳି ଖୋଳି ପୋଖରୀ ସୃଷ୍ଟି ହେଲାଣି

ଝାରସୁଗୁଡା ଜିଲା କୋଲାବିରା ରାଜସ୍ୱ କ୍ଷେତ୍ରରେ ବିପୁଳ ପରିମାଣରେ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ହେଉଛି। ବିଭାଗୀୟ ଅଧିକାରୀଙ୍କ ଅଜାଣତରେ ମାଫିଆମାନେ ଏପରି କାର୍ଯ୍ୟରେ ଲିପ୍ତ ରହିଛନ୍ତି। ମୁଖ୍ୟ ରାସ୍ତା କଡରୁ ଶହ ଶହ ଟ୍ରିପ୍ ମୋରମ ଚୋରି ହେଉଛି। ହେଲେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏଣୁ ମାଫିଆମାନେ ଅଧିକ ସକ୍ରୀୟ ହୋଇପଡିଛନ୍ତି। ମେଶିନ ଲଗାଇ ଏମାନେ ମୋରମ ଖୋଳି ନେଉଛନ୍ତି। ଫଳରେ ସରକାରଙ୍କ ରାଜସ୍ୱ ହାନି ହେଉଛି। କୋଲାବିରା ଡେଙ୍ଗାବର ନିକଟସ୍ଥ ନାରାୟଣୀ ସ୍କୁଲ ନିକଟରେ ଏଭଳି ଚାଲିଛି। ଶନିବାର ଦିନତମାମ ଉକ୍ତ ସ୍ଥାନରୁ ମୋରମ ଉତ୍ତୋଳନ ହେଉଥିବା ଦେଖିବାକୁ ମିଳିଥିଲା। ରାତି ୯ଟା ପର୍ଯ୍ୟନ୍ତ ସ୍କୁଲ ନିକଟରୁ ମେଶିନ ଲଗାଇ ମୋରମ ଚୋରା ଚାଲାଣ ହେଉଥିବା କୌଣସି ସୂତ୍ରରୁ କୋଲାବିରା ତହସିଲଦାର ଖବର ପାଇଥିଲେ। ସେ କୋଲାବିରା ଥାନାକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ସରକାରୀ ଜମିରୁ ବେନିୟମ ଭାବରେ ମୋରମ ଖନନ କରୁଥିବା ଅଭିଯୋଗରେ ଓଆର୧୫ କ୍ୟୁ ୨୯୯୧ ନମ୍ବର ବିଶିଷ୍ଟ ଜେସିବି ମେଶିନ ସହ ଓଡି୧୫ଏ୍ ୨୨୫୬ ଏବଂ ଓଡି୧୫ଏନ୮୨୩୧ ନମ୍ବର ବିଶିଷ୍ଟ ୨ଟି ହାଇୱା ଗାଡିକୁ ଜବତ କରିଛି। ଡେଙ୍ଗାବର ଛକଠାରୁ ମାଲିଡିହି ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ରାସ୍ତାରେ ଏହି ମୋରମ ବ୍ୟବହାର କରାଯାଉଛି। ଅନୁମତି ବିନା ଏତେ ପରିମାଣରେ ମୋରମ ପରିବହନ କରାଯାଉଥିଲେ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ କରାଯାଉ ନାହିଁ। ଏ ସଂକ୍ରାନ୍ତରେ କୋଲାବିରା ତହସିଲଦାର ସଞ୍ଜୀବ କୁମାର ପଟେଲଙ୍କୁ ପଚାରିବାରୁ ସେ ଘଟଣାକୁ ଗୁରୁତର ସହିତ ବିଚାରି କରି ଜରିମାନା କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ସ୍ଥାନରୁ ଅନୁରୂପ ଭାବରେ ଗତ ଜାନୁୟାରୀ ୨୬ ତାରିଖରେ ମଧ ଚୋରାରେ ମୋରମ ଉତ୍ତୋଳନ ବେଳେ କୋଲାବିରା ରାଜସ୍ୱ ବିଭାଗ ଜେସିବି ମେଶିନ ଏବଂ ଟ୍ରାକ୍ଟର ଜବତ କରିଥିଲା। ମାତ୍ର ୮ ହଜାର ଟଙ୍କା ଜରିମାନା ଦେଇ ସେମାନେ ମୁକୁଳି ଯାଇଥିଲେ। ଉକ୍ତ ସ୍ଥାନରୁ ମୋରମ ଉତ୍ତୋଳନ ଫଳରେ ପୋଖରୀ ସୃଷ୍ଟି ହୋଇ ସାରିଲେଣି। ରାଜସ୍ୱ ବିଭାଗର କିନ୍ତୁ ଏଥିପ୍ରତି ଚିନ୍ତା ନାହିଁ।